ଶ୍ରୀମତୀ ତପସ୍ୱିନୀ ଗୁରୁ- ଲୋକକଳାର ବିଭିନ୍ନ ଦିଗ ମଧ୍ୟରୁ ଲୋକନୃତ୍ୟ ଏକ । ଲୋକନୃତ୍ୟର କିଛି ସମ୍ବିଧାନ ନାହିଁ । ସମ୍ବଲପୁରୀ କହିଲେ ଆମେ ରାଏଗଡ ସାରଙ୍ଗଗଡଠାରୁ ଆରମ୍ଭ କରି କଳାହାଣ୍ଡି ପର୍ଯ୍ୟନ୍ତ । ମାଦଲ ଆଶ୍ରିତ, ମୃଦଙ୍ଗ ଆଶ୍ରିତ, ଝାଞ୍ଜ ଆଶ୍ରିତ, ମର୍ଦଳ ଆଶ୍ରିତ, ଢୋଲ ଆଶ୍ରିତ ଭେଦରେ ପଶ୍ଚିମ ଓଡିଶାର ବିଭିନ୍ନ ନୃତ୍ୟର ଦୃଷ୍ଟାନ୍ତ ଦେଇ ସେ ବ୍ୟାପକ ଭାବରେ ଆଲୋଚନା କରିଥିଲେ । ତାଣ୍ଡବ ଓ ଲାସ୍ୟ ଭେଦରେ ଏକକ, ଦ୍ୱେତ ଓ ସାମୁହିକ ଭେଦରେ ପୁଣି ଲିଙ୍ଗ ଦୃଷ୍ଟିରୁ ଭେଦରେ ଏହି ଅଞ୍ଚଳର ଲୋକନୃତ୍ୟକୁ ବିବେଚନା କରାଯାଇପାରେ ବୋଲି ସେ ଆଲୋଚନା କରିବା ପୂର୍ବକ ବିଭିନ୍ନ ନୃତ୍ୟରେ ଗାୟନ ହେଉଥିବା ଗୀତର ପଦମାନ ଗାନକରି ଶୁଣାଇଥିଲେ । ବାଘ ଯେପରି ଜଙ୍ଗଲରୁ ଲୋପ ପାଇ ସଂରକ୍ଷିତ ଜଙ୍ଗଲ ବା ଚିଡିଆଖାନାରେ ରହିଛି ପିଲାମାନଙ୍କୁ ବାଘ ଦେଖାଇବାକୁ ହେଲେ ଆମେ ସେଠାକୁ ନେଉଛେ ଆଜି ଲୋକନୃତ୍ୟର ଅବସ୍ଥା ସେହିଭଳି ତାହା ଗ୍ରାମ ପ୍ରାଙ୍ଗଣରୁ ଉଭେଇଯାଇ ମଞ୍ଚରେ ନିଶ୍ୱାସ ନେଉଛି ।

ଡ. ପରମେଶ୍ୱର ମୁଣ୍ଡ- ପଶ୍ଚିମ ଓଡିଶାର ଲୋକନୃତ୍ୟ ପରମ୍ପରା ପନ୍ଦର ହଜାର ବର୍ଷ ପୁରୁଣା । ଯାହାର ପ୍ରମାଣ ଏହି ଅଞ୍ଚଳର କେତେକ ପ୍ରାଚୀନ ଗୁମ୍ଫାଚିତ୍ରରୁ ମିଳେ । ଆଜି ଘୁମୁରା ଘୁଡକା ଆଦି ନୃତ୍ୟ ବିଦେଶକୁ ଗଲାଣି କିନ୍ତୁ ଏହାର ସମ୍ବାହକମାନେ ସଂସ୍କୃତିର ସମ୍ବାହକ ହୋଇ ପାରନ୍ତି କିନ୍ତୁ ସେମାନେ କଳାର ସମ୍ବାହକ ନୁହଁନ୍ତି । ଆଜି ସେଗୁଡିକ ବ୍ୟବସାୟିକ ଭିତ୍ତିନେଇ ପରିବେଶିତ ହେଉଛି । ତେବେ ମାତ୍ର କେତେକ ଲୋକନୃତ୍ୟର ମହାଦ୍ରୁମ ତଳେ ବହୁ ଅନାଲୋଚିତ ଲୋକନୃତ୍ୟର ଗୁଳ୍ମ ବଢି ପାରୁନାହିଁ । ଆମକୁ ଓ ଆମ ନୃତ୍ୟଗୁରୁ, ସଂଗଠକ ଓ ଗବେଷକମାନଙ୍କୁ ସେ ଦିଗରେ ବିଚାର କରିବାକୁ ପଡିବ । ସମ୍ବଲପୁରୀ ଲୋକନୃତ୍ୟ ପ୍ରକାରର ସଂଖ୍ୟା ଭବିଷ୍ୟତରେ କମି ନଯାଉ, ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ହେବ ।

ଅଶୋକ କୁମାର ବହିଦାର – ଲୋକନାଟକକୁ ଦୁଇ ଭାଗରେ ବିଭକ୍ତ କରାଯାଏ ଧର୍ମୀୟ ଓ ସାମାଜିକ । ସୁଆଙ୍ଗ, ଲୀଳା, ଯାତ୍ରା ଆଦି ଭେଦରେ ସେ ସମ୍ବଲପୁରୀ ଲୋକନାଟକକୁ ବ୍ୟାପକ ଭାବରେ ସଦୃଷ୍ଟାନ୍ତ ବିବେଚନା କରିଥିଲେ ।ସରକାରଙ୍କ ପକ୍ଷରୁ ଲୋକକଳାର ସଂରକ୍ଷଣ ଓ ଲୋକ କଳାକାରମାନଙ୍କ ପ୍ରୋତ୍ସାହନ ନିମନ୍ତେ ଆହୁରି ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

ଚୂଡାମଣି ରଥ – ଧନୁଯାତ୍ରା ୧୯୧୫ରେ ପ୍ରଥମ କରି ସଂଚାର ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ପରେ ଲକ୍ଷପତି ଦାଶ ପ୍ରମୁଖଙ୍କ ପ୍ରୟାସରେ ଏହା ନୂଆଁ ରୂପନେଇ ଆଗେଇଥିଲା। ସଂସ୍କୃତିର ସଂରକ୍ଷଣ ଉତ୍ଥାନ ଓ ପ୍ରସାର କରିଥାଏ ଲୋକନାଟକ। ଲଡୁଖାଇ ଯାତ୍ରାର ଦୃଷ୍ଟାନ୍ତ ଦେଇ ସେ ଲୋକନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରି କହିଥିଲେ ଯେ ଥିଲେ ଯେ, ଲୋକ କିମ୍ବଦନ୍ତୀ ପରମ୍ପରାକୁ ଆଧାର କରି ନାଟକ କରାଯାଇପାରେ। ତେବେ ବାସ୍ତବତାକୁ ଆମେ ସବୁବେଳେ ଗୁରୁତ୍ୱଦେବା ଉଚିତ। ଯାହା ସମାଜପାଇଁ ଦରକାର ନୁହେଁ ସେଭଳି ଲୋକ ଉପାଦାନ ନାଟକରେ ରହିବା ଅନୁଚିତ।

ସଭାପତି – ଏହା ଏକ ଅସରନ୍ତି ପ୍ରସଂଗ। ଏହା ଉପରେ ଆହୁରି ଗବେଷଣା ଆବଶ୍ୟକ। ତେବେ ଗବେଷକମାନେ ମୂଳକୁ ଖୋଜି ଏହାର ମୌଳିକତାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିବା ଉଚିତ। ସମଲେଇ ମନ୍ଦିରର ପ୍ରାଙ୍ଗଣ ଆମେ ଯେତେ ବଦଳାଇଲେ ମଧ୍ୟ ମା'ଙ୍କୁ ଯେମିତି ବଦଳାଇ ପାରିବା ନାହିଁ ସେମିତି ସେଇ ମା'ଙ୍କ ମାଟିର ଲୋକସଂସ୍କୃତିର ମୌଳିକତା କେବେ ବଦଳି ପାରିବ ନାହିଁ।

ଆଲୋଚନାଚକ୍ର ପରେ ଲୁପ୍ତପ୍ରାୟ ଲୋକବାଦ୍ୟ ଓ ନୃତ୍ୟରେ ସୁନ୍ଦରଗଡ ଜିଲ୍ଲାର କିଷାନ ନାଚ ଓ କରମା ନାଚ ଏବଂ ସମ୍ବଲପୁର ଜିଲ୍ଲାର ଧୂନକେଲ ଓ ଘୁଡକା ପଡିଆ ପ୍ରାଙ୍ଗଣରେ ପରିବେଶିତ ହୋଇଥିଲା।

ମଞ୍ଚ କାର୍ଯ୍ୟକ୍ରମ :

ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହେଲା ଲୋକଗୀତରୁ। ଏଥିରେ ଈଶ୍ୱରୀ ବେହେରା କୃଷ୍ଣଗୁରୁ ଶୈଳୀରେ 'କାହ୍ନୁରେ କାହ୍ନୁରେ', ଡଣ୍ଡ ଶୈଳୀରେ ମାନସ ରଞ୍ଜନ ଷଡଙ୍ଗୀ 'କେନ ଛାଡି ଗଲୁରେ' ଶଶାଙ୍କ ଶେଖର ଦୁବେ ଚପକରାଟି ଶୈଳୀରେ 'ଉଡୁଛେ ପରଜାପତି' ପରିବେଷଣ କଲାପରେ ସମ୍ବଲପୁର ଉପରେ ଲୋକମହୋତ୍ସବ ନିମନ୍ତେ ଆଶିଷ କୁମାର ପ୍ରଧାନ, ଅଜୟ କୁମାର ନାଥ, ଲଳିତ ମୋହନ ବେବର୍ତ୍ତା ପ୍ରମୁଖଙ୍କ ପ୍ରୟାସରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ମହାନଗର ନିଗମ

ଆୟୁକ୍ତ ଓ ସଂଯୋଜକଙ୍କ ସହ ସେମାନେ ମଞ୍ଚକୁ ଆସି ଦର୍ଶକମାନଙ୍କ ଉଦ୍ଦେଶ୍ୟରେ ଏହା ଲୋକାର୍ପିତ କରିଥିଲେ। ଏହାପରେ ପୁନର୍ବାର ଲୋକଗୀତ କାର୍ଯ୍ୟକ୍ରମ କ୍ରମ ଆରମ୍ଭ ହେଲା ଏଥିରେ ପଦ୍ମିନୀ ଦୋରା 'ଝୁଲଇ ଝୁଲଇ ଦୁଲି' ଗୀତରେ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ଲୋକନୃତ୍ୟ ପର୍ଯ୍ୟାୟରେ ପ୍ରଥମେ ପଞ୍ଚବାଦ୍ୟରେ ମାଏଲାଜଡ ନାଚ ପରିବେଷଣ କଲେ ସମ୍ବଲପୁରୀ ସଂସ୍କୃତି ପରିଷଦର କଳାକାରମାନେ। ସେମାନେ ଢୋଲ ନିଶାନ ତାସା ଆଦି ବଜାଇବା ସହ ବିଭିନ୍ନ ବ୍ୟାୟାମ ଓ କଳାବାଜି ମଧ୍ୟ ପ୍ରଦର୍ଶିତ କରିଥିଲେ। ଏହାପରେ ଝାରଖଣ୍ଡରୁ ଆସିଥିବା କଳାକାରମାନେ ବୀରରସଯୁକ୍ତ ପାଇକ ନାଚ ମଞ୍ଚନ କରିଥିଲେ। ଏଥିରେ ନର୍ତ୍ତକମାନେ ହାତରେ ଖଣ୍ଡା ଢାଲ ଆଦି ଧରି ପାରମ୍ପରିକ ରଣ କୌଶଳର ନୃତ୍ୟରୂପ ପ୍ରଦର୍ଶନ କଲେ। ଏହାପରେ ଟିଟିଲାଗଡ ବଲାଙ୍ଗିରରୁ ଆସିଥିବା କଳାକାରମାନେ ଡାବ ନୃତ୍ୟ ମଞ୍ଚସ୍ଥ କଲେ। ଗୁଜୁରାଟରୁ ଆସିଥିବା ସିଦ୍ଧି ଜନଜାତିର କଳାକାରମାନେ ଏହାପରେ ସିଦ୍ଧି ଧମାଲ ନାଚ ପରିବେଷଣ କରିଥିଲେ। ତୋମ୍ବା, ନଗାଡା ଓ ସିଦ୍ଧି ଡ୍ରମ ବଜାଇ ସେମାନେ ତାଙ୍କ ଆଫ୍ରିକୀୟ ଓ ଭାରତୀୟ ନୃତ୍ୟର ସମ୍ମିଶ୍ରଣ ରହିଥିବା ଏହି ନୃତ୍ୟରେ ଦର୍ଶକଙ୍କୁ ଝୁମେଇ ଦେଇଥିଲେ। ଚୁଟକୁଚୁଟା ନାଚ ପ୍ରସ୍ତୁତ କରିଥିଲେ ସମ୍ବଲପୁରର କଳା ଓ କଳାକାରମାନେ।

ଦ୍ୱିତୀୟ ସନ୍ଧ୍ୟାର ସଭାରେ ସଂଯୋଜକ ପ୍ରଫୁଲ୍ଲ ହୋତା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ ଲୋକ ମହୋତ୍ସବ ପାଇଁ ସମସ୍ତ ଦର୍ଶକଙ୍କୁ ଶୁଭକାମନା ଦେବାସହ ମହାନ ଭାବନେଇ ଯେଉଁ ଉତ୍ସବ ହୁଏ ତାହା ମହୋତ୍ସବ ଅଟେ ବୋଲି କହିଥିଲେ। ସରକାର ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି ତଥା ସମ୍ବଲପୁରରେ କ୍ରିଡା ପରିସର ସକାଶେ ଜମି ଦେଖା ସରିଛି ବୋଲି ସୂଚିତ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଥିଲେ ଓଡିଶା ପାଇଁ ସମ୍ବଲପୁରର ବଳିଦାନ ଅବିସ୍ମରଣୀୟ। ହୀରାକୁଦ ବନ୍ଧ ପାଇଁ ଏଠାକାର ଲୋକେ ତ୍ୟାଗ କରି ନଥିଲେ ଓଡିଶାର ଅବସ୍ଥା ଆଜି କିଛି ଭିନ୍ନ ହୋଇଥା'ନ୍ତା। ଆଜି କୁଚିଣ୍ଡାର ଲଙ୍କା ଜିଆଇ ଟେଗ ପାଇଛି ଆଗକୁ ଏହି ଅଞ୍ଚଳର ଆହୁରି ବହୁତ ଉପାଦାନ ଜିଆଇ ଟେଗ ପାଇପାରେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନବବର୍ଷର

ମଙ୍ଗଳକାମନା କରି କହିଥିଲେ ଏହି ମହୋତ୍ସବର କାୟା ବର୍ଷକୁ ବର୍ଷ ବଢୁଛି ଓ ଭବିଷ୍ୟତରେ ଆହୁରି ବଢିବ ଏହା ଆନ୍ତର୍ଜାତିକ ସ୍ତରର ମହୋତ୍ସବ କିପରି ହେବ ସେଥିପାଇଁ ଆୟୋଜକମାନେ ପ୍ରସ୍ତୁତ ହୁଅନ୍ତୁ। ବିଧାୟକ ଜୟନାରାୟଣ ମିଶ୍ର ଲୋକ ମହୋତ୍ସବକୁ ସଭିଏ ମନଭରି ଉପଭୋଗ କରିବା ଉଚିତ ବୋଲି କହିଥିଲେ। ମଞ୍ଚରେ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ରେଳମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଓରମାସ ପକ୍ଷରୁ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ସହ ସଂଯୋଜକ ଲୋକ କଳାକାର ଖତୁନାଥ ପିଙ୍ଗ ଓ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସଭାକାର୍ଯ୍ୟ ସମାପନ ପରେ ପୁନଶ୍ଚ ଆରମ୍ଭ ହେଲା ଲୋକନୃତ୍ୟର କାର୍ଯ୍ୟକ୍ରମ ଏଥିରେ ମହାରାଷ୍ଟ୍ରର କଳାକାରମାନେ ପରିବେଷଣ କରିଥିଲେ ତାମସା ଶୈଳୀର ଲାବଣୀ ନାଚ। ମାଲକାନଗିରିର କଳାକାରମାନେ ଏହାପରେ ବଣ୍ଡା ନାଚ ମଞ୍ଚନ କରିଥିଲେ। ପୁଣି ଆସାମର ବଡୋ ନାଚ ପରେ ସମ୍ବଲପୁର ରଙ୍ଗ ଫରୁଆ ଅନୁଷ୍ଠାନର ସମ୍ବଲପୁରୀ ଝିରିରେ ଝରା, ହରିୟାଣାର ଫାଗ, ମୟୂରଭଞ୍ଜ ଛଉ, ଆସାମର ବିହୁ, ସୋନପୁରର ଦଣ୍ଡ ନୃତ୍ୟ ଓ ସିକ୍କିମର ତୋମାଙ୍ଗ ସେନୋ ନେପାଳି ନାଚ ମଞ୍ଚସ୍ଥ ହୋଇଥିଲା।

ଆଜି ଉଦଘୋଷଣାରେ ମାନସ ରଞ୍ଜନ ମିଶ୍ର, ମୀମାଂସା ପ୍ରିୟଦର୍ଶିନୀ ରଥ, ସ୍ୱାଗତିକା ପଣ୍ଡା, ଜ୍ୟୋତିରାଦିତ୍ୟ ମହାନ୍ତି, ଉମାଶଙ୍କର ଦାଶ, ଗଣେଶ ମେହେର, ସ୍ୱାଗତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପତି, ସ୍ମୃତିରେଖା ଆଚାର୍ଯ୍ୟ, ଗୀତାଞ୍ଜଳି ନାଏକ ରହିଥିଲେ।

ଶେଷରେ ସଂଯୋଜକ କାର୍ଯ୍ୟକ୍ରମ ସମାପନୀ ଘୋଷଣା କରିଥିଲେ।

ତା୦୬/୦୧/୨୦୨୫ (ସୋମବାର)

ଆଲୋଚନାଚକ୍ର ପ୍ରଥମ ଅଧିବେଶନ

ଆଜି ଆଲୋଚନାଚକ୍ରକୁ ନୋଡାଲ ଅଫିସର ରବିନ୍ଦ୍ର ଦଲାଇ ଏବଂ ଅଧିକାରୀ କିରନ ବେହେରା ଓ ଆବାହକ ଅତିଶ କୁମାର ଶତପଥୀଙ୍କ ଉଦଘାଟନ କରିଥିଲେ ।

ବିଷୟ- ପଶ୍ଚିମ ଓଡିଶା – ଲୋକ ସାହିତ୍ୟର ବିଭାବ

ସଭାପତିତ୍ୱ - ମୋହନ ସାହୁ

ଡ. ଗୋପୀନାଥ ବାଗ- ଲୋକଗୀତରେ ଶୃଙ୍ଗାର ଉପରେ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, ଶିଷ୍ଟ ଓ ଲୋକ ପ୍ରତ୍ୟେକ ସାହିତ୍ୟରେ ଶୃଙ୍ଗାରିକତା ରହିଛି । ତାହା କିପରି ପରିବେଷିତ ହେଉଛି ଗବେଷକମାନେ ଅନୁଧ୍ୟାନ କଲାବେଳେ ସେ ସମସ୍ତ ଦିଗ ପ୍ରତି ଧ୍ୟାନ ଦେଇଥା'ନ୍ତି । ସେ ଉଭୟ ଲୋକସାହିତ୍ୟରୁ ଏହାର ଅନେକ ଦୃଷ୍ଟାନ୍ତ ଉଦ୍ଧାର କରି ଆଲୋଚନାରେ ଉପସ୍ଥାପନ କରିଥିଲେ ।

ଡ. ପରୀକ୍ଷିତ ଭୋଇ – ଲୋକଗାଥା ଉପରେ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ,କାହାଣୀ ମୂଳକ ପଦ୍ୟକୁ ସାଧାରଣ ଭାବେ ଆମେ ଗାଥା ବୋଲି କହି ପାରିବା । ଗୀତ ଭିତରେ ଏଥିରେ କାହାଣୀ କୁହାଯାଏ । ସ୍ଥାନ ଭେଦରେ ଏଥିରେ ପରିବର୍ତ୍ତନ ଆସିପାରେ । ଲୋକସଂସ୍କୃତିର ଅନ୍ୟାନ୍ୟ ବିଭାବ ଯଥା ଗୀତ, କାହାଣୀ, ନୃତ୍ୟ ଭଳି ଏହା ବହୁମାତ୍ରାରେ ଆଲୋଚିତ ହୁଏନାହିଁ । ତେଣୁ ଗବେଷକଗଣଙ୍କ ବ୍ୟତିତ ଅନ୍ୟମାନେ ଏଥିପ୍ରତି ମନ ବଳାନ୍ତି ନାହିଁ । ସେ ବିଭିନ୍ନ ଗାଥା କାହାଣୀଗୁଡିକର ଦୃଷ୍ଟାନ୍ତ ଉଦ୍ଧାର କରି କହିଥିଲେ ଯେ, ପ୍ରାୟତଃ ସମସ୍ତ ଗାଥା ଗୁଡିକରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଚେତନତାର ବାର୍ତ୍ତା ରହିଥାଏ ।

ଅଖିଳ ବିଶ୍ୱାଳ – ଲୋକ ସାହିତ୍ୟରେ କୃଷି ବିଷୟ ଉପରେ ବକ୍ତବ୍ୟ ରଖି କହିଲେ ଯେ, ଇଂରାଜୀ ଶବ୍ଦ କଲଚର ଶବ୍ଦ ଲାଟିନର କଲଚ୍ୟୁରାରୁ ଆସିଛି ଏହାର ଅର୍ଥ ହେଉଛି ହଳ କରିବା ତେଣୁ ସଂସ୍କୃତି ଓ ପରେ ସଭ୍ୟତା ଉଭୟ କୃଷି ଦ୍ୱାରା ସୃଷ୍ଟ । କୃଷିକୁ ନେଇ ହିଁ ଅଧିକ ଲୋକ ସାହିତ୍ୟ ଓ ସାଂସ୍କୃତିକ ପର୍ବ ରହିଛି । ଲୋକସାହିତ୍ୟ ବ୍ୟତିତ କୃଷି ଉପରେ ଶିଷ୍ଟ ସାହିତ୍ୟର ମଧ୍ୟ ଅଭାବ ନାହିଁ । ଲୋକ ସାହିତ୍ୟରେ ବିଭିନ୍ନ କୃଷି ନିୟମ, କୃଷି ଉପାଦାନ ଏପରିକି ଗାଈ, ଗୋବର, ବଳଦ ଆଦି ଉପରେ ଲୋକ ସାହିତ୍ୟରେ ରହିଥିବା ଅନେକ ଦୃଷ୍ଟାନ୍ତ ସେ ଉପସ୍ଥାପନ କରିଥିଲେ ।

ସଭାପତି – ସାଂପ୍ରତିକ ପରିସ୍ଥିତିରେ ଲୋକର ସଂଜ୍ଞା ଆମେ ପରିବର୍ତ୍ତନ କରି ପାରିବା ନା ନାହିଁ, ଲୋକରେ ବର୍ଣ୍ଣିତ ସବୁ ଆମେ ଗ୍ରହଣ କରି ପାରିବା କି ଏଭଳି ଅନେକ ତଥ୍ୟ ବିତର୍କର ବିଷୟ ।

ଦ୍ୱିତୀୟ ଅଧିବେଶନ-

ଦ୍ୱିତୀୟ ଅଧିବେଶନରେ କବି ତଫିଜୁଲ ହୋସେନ ଓ କବି ବିଭୂତି ମିଶ୍ରଙ୍କ ସଂଯୋଜନାରେ କବି ସମ୍ମିଳନୀ ଆୟୋଜିତ ହୋଇଥିଲା ଏଥିରେ ଉଭୟ ସମ୍ବଲପୁରୀ ଓ ଓଡିଆରେ କବିତା ଗୁଡିକ ନେଇ ଶତାଧିକ ସଂଖ୍ୟାରେ ଉତ୍ସାହର ସହ କବିମାନେ ଅଂଶ ଗ୍ରହଣ କରିଥିଲେ।

ମଞ୍ଚ କାର୍ଯ୍ୟକ୍ରମ :

ଲୋକଗୀତ କାର୍ଯ୍ୟକ୍ରମରେ ପଥମ ଗୀତ ମର୍ଦଳ ଶୈଳୀରେ ମିତ୍ରଭାନୁ ଗୌନ୍ତିଆଙ୍କ 'କେନେ କାଟେ କାନ କୁଟୁରୁ' ପରିବେଷଣ କରିଥିଲେ ବିଭୂତି ପଟ୍ଟନାୟକ, ସୌମ୍ୟଜିତ ସୌମିତ୍ରି ବଡପଣ୍ଡା ଏହାପରେ ନେଇ ଆସିଲେ ଡଁଣ୍ ଶୈଳୀରେ 'ବଏଁଶୀ ମୋର କିଏ ଚୁରେଇ ନେଲା', ଲୋକଗୀତ ପର୍ଯ୍ୟାୟର ତୃତୀୟ ଅର୍ଘ୍ୟ ଥିଲା ଲିପିକା ବିଭାରଙ୍କ ମାଦଲ ଶୈଳୀର 'ମଲିଫୁଲ ଜହ୍ନକ ରାତି', 'ବନ୍ଧ ଖଁଡି' ଦୁଷ୍ମନ୍ତ ସୁନାଙ୍କ ଲିଖିତ ଓ ତାଙ୍କ ଦ୍ୱାରା ଗାନ କରାଯାଇଥିବା ଏହି ଗୀତଟି ଥିଲା ଚଳିତବର୍ଷ ଲୋକମହୋତ୍ସବ ଲୋକଗୀତ ପର୍ଯ୍ୟାୟର ଶେଷ ଗୀତ।ଏହି କାର୍ଯ୍ୟକ୍ରମର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରତନ କୁମାର ପୂଜାହାରୀ।

ସମ୍ବଲପୁରର ଐତିହ୍ୟ ଓ ପର୍ଯଟନ ଉପରେ ଲୋକମହୋତ୍ସବ ତଥ୍ୟ ସଂଗ୍ରହ ଉପସମିତି ପକ୍ଷରୁ ଆଶିଷ କୁମାର ପ୍ରଧାନଙ୍କ ଆବାହତ୍ୱରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ମଞ୍ଚରେ ପ୍ରଦର୍ଶିତ ହୋଇଥିଲା।

ଲୋକନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସମସ୍ତ ଉଦଘୋଷକମାନେ ମଞ୍ଚକୁ ଆସି ନିଜ ପରିଚୟ ଦେଇଥିଲେ। ବୀରୂପାକ୍ଷ ପ୍ରଧାନ, ଉମାଶଙ୍କର ଦାସ, ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା, ଗଣେଶ ମେହେର, ସ୍ୱାଗତିକା ପଣ୍ଡା, ସୁଶ୍ରୀ ପାଣିଗ୍ରାହୀ, ଜ୍ୟୋତିରାଦିତ୍ୟ ମହାନ୍ତି, ହରଲିନ କୌର, ମାନସ ରଞ୍ଜନ ମିଶ୍ର, ମୀମାଂସା ପ୍ରିୟଦର୍ଶିନୀ ରଥ, ସ୍ୱାଗତ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପତି, ସ୍ମୃତିରେଖା ଆଚାର୍ଯ୍ୟ, ଗୀତାଞ୍ଜଳି ନାଏକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

ଲୋକନୃତ୍ୟ ପର୍ଯ୍ୟାୟରେ ପ୍ରଥମେ ସମ୍ବଲପୁର କହର ଅନୁଷ୍ଠାନର କଳାକାରମାନେ ଚପକରାଟି ନାଚ ପ୍ରଦର୍ଶିତ କରିଥିଲେ। ଏହାପରେ ଆସାମର ବଡୋ ନାଚ, ଗଞ୍ଜାମର ଶଙ୍ଖ, ରଣପା ପରିବେଶିତ ହୋଇଥିଲା। ଏଥିରେ ନର୍ତ୍ତକମାନେ ଶଙ୍ଖ ବାୟନ ପୂର୍ବକ ଆନେକ ଶାରିରୀକ କଳାକୌଶଳମାନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ସନ୍ଧ୍ୟା ସଭାରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ,ଏଡିଏମ ଅଜାମ୍ବର ମହାନ୍ତି, ମାନେଶ୍ୱର ବ୍ଲକ ଅଧ୍ୟକ୍ଷା ରୁକ୍ମଣୀ ମହାନନ୍ଦ, ଜେ.ପି.ସିଂଙ୍କ ସହ ସଂଯୋଜକ ପ୍ରଫୁଲ୍ଲ ହୋତା ସହ ସଂଯୋଜକ ରଞ୍ଜନ ସାହୁ ମା ସମଲେଈଙ୍କଠାରେ ଦୀପ ପ୍ରଜ୍ୱଳନ କରିଥିଲେ। ସହ ସଂଯୋଜକ ଏହି ସଭା ସଂଯୋଜନା କରିଥିଲେ। ଏଡିଏମ ଶ୍ରୀ ମହାନ୍ତି ଏହି ମହୋତ୍ସବ ଲୁଚିଯାଉଥିବା ଲୋକକଳାକୁ ବଞ୍ଚାଇବାରେ ସହାୟକ ହେଉଛି ବୋଲି କହିଲେ, ଜେ.ଏସ.ଡବ୍ଲୁର ଏଚ ଆର ଶ୍ରୀ ସିଂ ତାଙ୍କ ବକ୍ତବ୍ୟରେ ସମ୍ବଲପୁରର ନାମ ଲୋକ ସଂସ୍କୃତିକୁ ନେଇ ସମଗ୍ର ଦେଶରେ ଜଣାଶୁଣା ବୋଲି କହିଥିଲେ। ଶ୍ରୀ ହରିପାଲ ତାଙ୍କ ବକ୍ତବ୍ୟରେ ଲୋକ କଳାକାରମାନେ ପ୍ରୋତ୍ସାହନ ଅଭାବରୁ ଆଜି ଦାଦନ ଖଟି ଯାଉଛନ୍ତି ବୋଲି କହିଥିଲେ। ଶ୍ରୀମତୀ ମହାନନ୍ଦ ମହାନ ସଂସ୍କୃତି ସମ୍ପନ୍ନ ସମ୍ବଲପୁରରେ ଜନ୍ମ ନେବା ଗର୍ବର ବିଷୟ ବୋଲି କହିଥିଲେ। ଏହି ଅବସରରେ ଲୋକନୃତ୍ୟ ଗୁରୁ ସୁରଥ ନାଏକ ଓ ଲୋକସାହିତ୍ୟ ସକାଶେ ସତ୍ୟନାରାୟଣ ବାଗଙ୍କୁ ସମ୍ବର୍ଦ୍ଧନା ଆବାହକ ଲଳିତ ମୋହନ ବେବର୍ତ୍ତା ଓ ସହ ଆବାହକ ଅଜୟ କୁମାର ନାଥଙ୍କ ଆବାହକତ୍ୱରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମସ୍ତ ଉପସମିତିର ଆବାହକ ଓ ସହ ଆବାହକଙ୍କୁ ଏବଂ ଉପଦେଷ୍ଟା ମଣ୍ଡଳିର ସଦସ୍ୟଙ୍କୁ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ମାମୁନି ଆଚାର୍ଯ୍ୟ, ଜିଲ୍ଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡିଙ୍କ ସମେତ ସଂଯୋଜକ ଓ ସହ ସଂଯୋଜକଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ସମ୍ମାନିତ କରାଯାଇଥିଲା ଏଥିରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ମଧ୍ୟ ଉପସ୍ଥିତ ଥିଲେ।

ଏହାପରେ ଝାରଖଣ୍ଡର ପୁରୁଲିଆ ଛଉ, ଭରନି କଳା ପରିଷଦ ସମ୍ବଲପୁରର ବଜନିଆ, ହରିୟାଣାର ଘୁମର, ସୁନ୍ଦରଗଡ କୁଡ୍ରାର କରମା ଓ ନାଦୋ କିଷାନ ନାଚ, ବଲାଙ୍ଗିରର ଘୁଡକା, ସିକ୍କିମର ନେପାଳି ନାଚ, ଭାରତୀ କଳା ବିକାଶ କେନ୍ଦ୍ରର ରସରକେଲୀ, ମହାରାଷ୍ଟ୍ରର ଲାବଣୀ, ଆସାମର ବିହୁ, ଗୁଜୁରାଟର ସିଦ୍ଧିଧମାଲ, ପରିବେଷଣ ପରେ ଗୁରୁ ଆଲୋକ କୁମାର ପଣ୍ଡା ଓ କୃଷ୍ଣଚନ୍ଦ୍ର ବାଗଙ୍କ ସଂଯୋଜନାରେ ସମସ୍ତ ନୃତ୍ୟଦଳଙ୍କୁ ନେଇ ସମବେତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

ସମୁଦାୟ ୭୮୮ଟି ଚିତ୍ର ଓ ୬୬ଟି ଫଟୋ ନେଇ ହୋଇଥିବା ଚଳିତବର୍ଷର ଫଟୋ ଓ ଚିତ୍ରକଳା ପ୍ରଦର୍ଶନୀରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

ତଥ୍ୟ ସଂରକ୍ଷଣ, ସ୍ମରଣିକା ଓ ମିଡିଆ ଉପସମିତି ପକ୍ଷରୁ **ଡ. ସିଦ୍ଧାର୍ଥ ପଣ୍ଡା**ଙ୍କ ଦ୍ୱାରା ପ୍ରସ୍ତୁତ

୨୦୨୫ ଲୋକ ମହୋତ୍ସବର ବିଭିନ୍ନ ସମିତି, ଉପସମିତି ଓ କର୍ମକର୍ତ୍ତାଙ୍କ ତାଲିକା

ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁର

ଅଧ୍ୟକ୍ଷ - **ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,** ଭା.ପ୍ର.ସେ, ଜିଲ୍ଲାପାଳ, ସମ୍ବଲପୁର

ଉପାଧ୍ୟକ୍ଷ - **ଶ୍ରୀ ଅଜାମ୍ବର ମହାନ୍ତି,** ଓ.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ, ସମ୍ବଲପୁର

ସମ୍ପାଦକ - **ଶ୍ରୀମତୀ ମାମୁନି ଆଚାର୍ଯ୍ୟ,** ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ, ସମ୍ବଲପୁର

ସଦସ୍ୟବୃନ୍ଦ -

କେନ୍ଦ୍ର ନିର୍ଦ୍ଦେଶକ, ଆକାଶବାଣୀ, ସମ୍ବଲପୁର, **କେନ୍ଦ୍ର ନିର୍ଦ୍ଦେଶକ,** ଦୂରଦର୍ଶନ କେନ୍ଦ୍ର, ସମ୍ବଲପୁର, **ଉପ-ସଂଗ୍ରାହକ,** ଆଞ୍ଚଳିକ ଅଭିଲେଖାଗାର, ସମ୍ବଲପୁର, **ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,** ସମ୍ବଲପୁର

ସାଙ୍ଗଠନିକ ସମିତି

ଅଧ୍ୟକ୍ଷ - **ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,** ଭା.ପ୍ର.ସେ., ଜିଲ୍ଲାପାଳ, ସମ୍ବଲପୁର

ସହ-ଅଧ୍ୟକ୍ଷ - **ଶ୍ରୀ ମୁକେଶ କୁମାର ଭାମୁ,** ଭା.ପୋ.ସେ., ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ସମ୍ବଲପୁର

ପ୍ରଶାସନିକ ଓ ନୋଡାଲ ଅଧିକାରୀ - **ଶ୍ରୀ ବେଦଭୂଷଣ,** ଭା.ପ୍ର.ସେ., ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ

ସହ-ନୋଡାଲ ଅଧିକାରୀ,

ଡ. ପୁଷ୍ପାଞ୍ଜଳି ପଣ୍ଡା, ଓ.ପ୍ର.ସେ., ଉପଜିଲ୍ଲାପାଳ, ସଦର, ସମ୍ବଲପୁର

ଡ. ସତ୍ୟନାରାୟଣ ତାଣ୍ଡି, ଓ.ପ୍ର.ସେ., ଭାରପ୍ରାପ୍ତ ଅଧିକାରୀ ଲୋକ ମହୋତ୍ସବ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସମ୍ବଲପୁର

ସଂଯୋଜକ- **ଶ୍ରୀ ପ୍ରଫୁଲ୍ଲ କୁମାର ହୋତା**

ସହ-ସଂଯୋଜକ - **ଶ୍ରୀ ରଞ୍ଜନ ସାହୁ**

ସମ୍ପାଦକ - **ଶ୍ରୀମତୀ ମାମୁନି ଆଚାର୍ଯ୍ୟ,** ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ, ସମ୍ବଲପୁର

ଉପଦେଷ୍ଟା ମଣ୍ଡଳୀ

ସୁଧୀର ବହିଦାର, ରାମଦାସ ପଣ୍ଡା, ସମୀର ବାବୁ, ମିଲନ ମହାରଣା, ସୂର୍ଯ୍ୟ ପାଣିଗ୍ରାହୀ, ଭୋଳାଶଙ୍କର ମହଉମ

ସଂଯୋଜକ- ପ୍ରଫୁଲ୍ଲ କୁମାର ହୋତା

ସହ-ସଂଯୋଜକ - ରଞ୍ଜନ ସାହୁ

ସଂଯୋଜନା ସମିତି

ଅମୂଲ୍ୟ କୁମାର ମିଶ୍ର, ଦେବେନ୍ଦ୍ର କୁମାର ପଟେଲ, ଅନୁପ କୁମାର ତରିଆ, ସବ୍ୟସାଚୀ ମିଶ୍ର, ଅପର୍ଣ୍ଣା ପାଢ଼ୀ, ବିଜୟଲକ୍ଷ୍ମୀ ବେହେରା, ସୁରେଖା ସାହୁ, ନିର୍ମଳ କୁମାର ମାଇତି, ଦୀପାଳି ଚୌଧୁରୀ, ମମତା ସାହୁ, ରାଜଶ୍ରୀ ମିଶ, ଦିଲ୍ଲୀପ ଦେବ, ସଞ୍ଜିବ ପଣ୍ଡା, ଡ. ମୋହିତ ସ୍ୱାଇଁ, ସଞ୍ଜିବ ପାଢ଼ୀ, ରଞ୍ଜିତ ସାହୁ, ଶଙ୍କର ପ୍ରଧାନ, ଶଙ୍କର ବେହେରା, ରାଜୀବ ଶତପଥୀ, ସୁମିତ ପ୍ରଧାନ

ଲୋକ ମହୋତ୍ସବ - ୨୦୨୫, ସମ୍ବଲପୁର
ମହୋତ୍ସବ ଦାୟିତ୍ୱରେ ଥିବା ଅଧିକାରୀ ବୃନ୍ଦ

ଲୋକ ମହୋତ୍ସବ

୧. ନୋଡାଲ ଅଧିକାରୀ - **ଶ୍ରୀ ବେଦଭୂଷଣ,** ଭା.ପ୍ର.ସେ, କମିସନର, ସମ୍ବଲପୁର ମହାନଗର ନିଗମ

୨. ଅତିରିକ୍ତ-ନୋଡାଲ ଅଧିକାରୀ- **ଡା. ପୁଷ୍ପାଞ୍ଜଳି ପଣ୍ଡା,** ଉପଜିଲ୍ଲାପାଳ, ସଦର, ସମ୍ବଲପୁର

ବିଭିନ୍ନ ଉପସମିତି ଦାୟିତ୍ୱରେ ଥିବା ଅଧିକାରୀ

୧. ମଞ୍ଚ ଓ ପ୍ରେକ୍ଷାଳୟ - ଅଜୟ ତିୱାରୀ (ସମ୍ପାଦକ, ଏସ.ଡି.ଏ), ପ୍ରଫୁଲ୍ଲ ରାଇତୋ (ଇଞ୍ଜିନିୟର, ଏସ.ଏମ.ସି), ଅଶୋକ କୁମାର ଲେଙ୍କା (ଇ.ଇ. ଆରଏଣ୍ଡବି), ମୁରଲୀ ଧର ବେହେରା (ଏଡିଇଓ (ଏଷ୍ଟାବ୍ଲିସମେଣ୍ଟ), ପ୍ରସାନ୍ତ ମିର୍ଦ୍ଧା (ରାଜସ୍ୱ ନିରୀକ୍ଷକ, ସମ୍ବଲପୁର ତହସିଲ)

୨. ଷ୍ଟଲ ଉପସମିତି - ଶ୍ରୀମନ୍ତ ହୋତା (ଯୁଗ୍ମ ସି.ଇ.ଓ., ଓରମାସ), ସେବାଶ୍ରୀ ଭୋଇ (ବିଇଓ, ଧନକଉଡ଼ା), ସଞ୍ଜୟ ମହାପାତ୍ର (ଡିପିଏମ, ଓଏଲଏମ), ପ୍ରଭାତି ମିଶ୍ର (ସେକ୍ସନ ଅଫସିର, ଜିଲ୍ଲା ପରିଷଦ), କେଶବ ଚନ୍ଦ୍ର ଓରାମ (ରାଜସ୍ୱ ନିରୀକ୍ଷକ, ସମ୍ବଲପୁର .....)

୩. ପ୍ରଦର୍ଶନୀ ଉପସମିତି - ରଫିକ ଅହମ୍ମଦ (ଅତିରିକ୍ତ ତହସିଲଦାର, ସଦର, ସମ୍ବଲପୁର) ସୁଚିସ୍ମିତା ପଟ୍ଟନାୟକ (ଡି.ସି.ପି.ଓ., ସମ୍ବଲପୁର), ରମେଶ ଚନ୍ଦ୍ର ନାୟକ (ବିଇଓ, ମାନେଶ୍ୱର), ମନମୋହନ ସାହୁ (ସେକ୍ସନ ଅଫିସର, ତହସିଲ ଅଫିସ, ସମ୍ବଲପୁର) ରମଣୀ ରଞ୍ଜନ ବାଘ (ରାଜସ୍ୱ ନିରୀକ୍ଷକ, ସମ୍ବଲପୁର ତହସିଲ)

୪. ଖାଦ୍ୟ ଉପସମିତି - ରାମଚନ୍ଦ୍ର ଟୁଡୁ (ସି.ଏସ.ଓ. ସମ୍ବଲପୁର), ସନ୍ଦିପ ସୌରଭ (ଏଫଏସଓ, ଏସଏମସି, ସମ୍ବଲପୁର), ବିଶ୍ୱରଞ୍ଜନ ସାହୁ (ଏସଏସଓ, ଏସଏମସି, ସମ୍ବଲପୁର), ଉଜାଗର ପ୍ରଧାନ (ବିଇଓ, ଯୁଯୁମୁରା), ପଞ୍ଚାନନ ମହାନା (ରାଜସ୍ୱ ନିରୀକ୍ଷକ, ସମ୍ବଲପୁର ତହସିଲ)

୫. ପ୍ରଚାର ଓ ଶୋଭାଯତ୍ରା - ସୁଜିତ ଶତପଥୀ (ଅତିରିକ୍ତ ତହସିଲଦାର, ସମ୍ବଲପୁର), ଜଗନ୍ନାଥ ବେରିହା (ସେକ୍ସନ ଅଫିସର ଡିବ୍ଲୁଓ, ସମ୍ବଲପୁର), ବିଶ୍ୱଜିତ ସାହୁ (ରାଜସ୍ୱ ନିରୀକ୍ଷକ, ସମ୍ବଲପୁର ତହସିଲ) ସୁଜାତା ପ୍ରଧାନ (ରାଜସ୍ୱ ନିରୀକ୍ଷକ ସମ୍ବଲପୁର ତହସିଲ), ଆରତୀ ସାହୁ (ଏଆରଆଇ ସମ୍ବଲପୁର ତହସିଲ)

୬. ଗଣମାଧ୍ୟମ ଉପସମିତି - ସଂଯୁକ୍ତା କୁଲୁ (ଏସଡିଆଇ/ପିଆଇଓ ସମ୍ବଲପୁର), ମେରିନା ମେଞ୍ଚଓ୍ୱେ (ସେସ୍କନ ଡିପିଓ, ସମ୍ବଲପୁର), ସୌମ୍ୟା ସୁରଭି ପତି (ରାଜସ୍ୱ ନିରୀକ୍ଷକ ସମ୍ବଲପୁର, ତହସିଲ), ସୋନମ ବେହେରା (ଏଆରଆଇ, ରେଙ୍ଗାଲି)

୭. ତଥ୍ୟ ସଂଗ୍ରହ ଉପସମିତି - ଦେବଦତ୍ତ ମିଶ୍ର (ପ୍ରୋଗ୍ରାମ ଅଫିସର, ଜିଲ୍ଲା ପରିଷଦ) ଯଜ୍ଞସେନୀ ମିଶ୍ର (ସେକ୍ସନ ଅଫିସର, ଡିଏସଡବ୍ଲୁଓ, ସିଦ୍ଧାନ୍ତ ପ୍ରଧାନ (ଆରଆଇ ସମ୍ବଲପୁର ତହସିଲ), ସୁପ୍ରଭା ବିଦନ୍ତା (ଆରଆଇ ସମ୍ବଲପୁର, ତହସିଲ), ହରେଶ ଲାଲପଟେଲ (ଏଆରଆଇ ଯୁଯୁମୁରା, ତହସିଲ)

୮. ଅଭ୍ୟର୍ଥନା - ନିଳାମ୍ବର ମହାନନ୍ଦ (ପ୍ରଶାସନିକ ଅଧିକାରୀ, ଡିଏଚଏଚ) ବ୍ରଜ କିଶୋର ସାହୁ (ତହସିଲଦାର, ମାନେଶ୍ୱର), ମନୋଜ ପାଢ଼ୀ (ସେକ୍ସନ ଅଫିସର, ଉପଜିଲ୍ଲାପାଳ, ସଦର କାର୍ଯ୍ୟାଳୟ) ନିର୍ମଳ ଦର୍ଜି (ଆରଆଇ ସମ୍ବଲପୁର ତହସିଲ), ଦୀପକ କୁମାର ପଶାୟତ (ଆରଆଇ, ରେଙ୍ଗାଲି ତହସିଲ)

୯. ସମ୍ବର୍ଦ୍ଧନା ଉପସମିତି - ଜନ୍ମଜୟ ବେହେରା (ବିଡିଓ, ମାନେଶ୍ୱର), ଅଶୋକ ମିଶ୍ର (ସହକାରୀ କମିଶନର ଏସଏସସି), ଲକ୍ଷ୍ମୀ ନାରାୟଣ ମିଶ୍ର (ସେକ୍ସନ ଅଫିସ, ଜିଲ୍ଲାପରିଷଦ), ଚୂଡ଼ାମଣି କିଶାନ (ଆରଆଇ ରେଙ୍ଗାଲି, ତହସିଲ) ନନ୍ଦିନୀ କିଶାନ (ଆରଆଇ ସମ୍ବଲପୁର ତହସିଲ)

୧୦. **ଆଲୋଚନାଚକ୍ର ଉପସମିତି** - ରବିନ୍ଦ୍ର ଦଲାଇ (ଏଡି ପର୍ଯ୍ୟଟନ), କିରନ ବେହେରା (ସହକାରୀ କମିଶନର, ଏମଏସସି), ସୁନିଲ କୁମାର ସାହୁ (ଆରଆଇ ରେଙ୍ଗାଲି ତହସିଲ) ନିର୍ମାଲ୍ୟ ରାଉତ (ଏଆରଆଇ ରେଙ୍ଗାଲି ତହସିଲ)

୧୧. **ରହଣୀ ଉପସମିତି** - ସୂର୍ଯ୍ୟକାନ୍ତ ବରାଳ (ସହକାରୀ ଜିଲ୍ଲାପାଳ ନିଜାରତ), ଅନଙ୍ଗ ଭଞ୍ଜନ ସାଗର (ଡିପିଓ, ସମ୍ବଲପୁର), ନିତୁ ନାୟକ (ଆରଆଇ ରେଙ୍ଗାଲି ତହସିଲ), ମଞ୍ଜୁଲତା ବାଗ (ଆରଆଇ ରେଙ୍ଗାଲି ତହସିଲ), କିଶୋର କୁମାର ନାଏକ (ଏଆରଆଇ ଯୁଯୁମୁରା ତହସିଲ)

୧୨. **ସାଂସ୍କୃତିକ ଦଳ** - ଶୁଭଦୀପ୍ତା ମହାନ୍ତି (ଡେପୁଟି କମିଶନର, ଏସଏମସି), ଭାଗିରଥି ପଟେଲ (ଡିଡବ୍ଲୁଓ, ସମ୍ବଲପୁର) ଆଶିଷ ରାୟ (ସେକ୍ସନ ଅଫିସର, ସିଏମଓ. ସମ୍ବଲପୁର), ଦେବଯାନୀ ସାହୁ (ଆରଆଇ ମନେ ସମ୍ବଲପୁର), ଶାଶ୍ୱତ କୁମାର ସିଂହ (ଏଆରଆଇ ଯୁଯୁମୁରା ତହସିଲ)

୧୩. **ଉଦ୍‌ଘୋଷଣା ଉପସମିତି** - ସୁଶାନ୍ତ କୁମାର ନାୟକ (ଏସିଓ, ଡିଡିଏଚଓ, ସମ୍ବଲପୁର), ଅର୍ଚ୍ଚନା ମହାନ୍ତି (ଆରଆଇ ମାନେଶ୍ୱର ତହସିଲ), ଆଶିଷ ଭୋଇ (ଆରଆଇ ମାନେଶ୍ୱର ତହସିଲ)

୧୪. **ସ୍ମରଣିକା ଉପସମିତି** - ଜୟଶ୍ରୀ ଦୋରା (ଏଡିଇଓ (ସ୍କିମ) ସମ୍ବଲପୁର), ଚନ୍ଦ୍ରବାଳି ମହାପାତ୍ର (ସେକ୍ସନ ଅଫିସର, ରାଜସ୍ୱ), ଡଲି ସାହୁ (ଆରଆଇ ମାନେଶ୍ୱର), ରୋହିଣୀ ମିର୍ଦ୍ଧା, ଆରଆଇ ମାନେଶ୍ୱର)

୧୫. **ପରିମଳ ଉପସମିତି** - ଶଙ୍କର ପ୍ରସାଦ ସାହୁ (ଡେପୁଟି କମିଶନର ଏସ.ଏମ.ସି.), ଡା. ମହେନ୍ଦ୍ର ନନ୍ଦ (ସ୍ୱାସ୍ଥ୍ୟ ଅଧିକାରୀ, ଏସଏମସି), ଦେବବ୍ରତ ଲୁହାର ଆରଆଇ ସମ୍ବଲପୁର ତହସିଲ), ସୁବ୍ରତ କୁମାର ଗଣ (ଆରଆଇ ସମ୍ବଲପୁର ତହସିଲ), ଚିତ୍ତରଞ୍ଜନ ସାହୁ (ସିଓ, ଏସ୍‌ଏମ୍‌ସି)

୧୬. **ଅର୍ଥ ଉପସମିତି** - ଶକ୍ତିଶ୍ରୀ ଅନିଲ ରଞ୍ଜନ ସାହୁ (ସରକାରୀ କମିଶନର ସିଟି ଏଣ୍ଡ ବିଏସଟି ସମ୍ବଲପୁର-୧ ସର୍କଲ) ଅଶୋକ ପଣ୍ଡା (ଏ.ପି.ଡି. ଅର୍ଥ), ଜୀବନ କିଶୋର ବାରୱା, (ବିଇଓ, ରେଙ୍ଗାଲି), ସଚ୍ଚିଦାନନ୍ଦ ସେଠ (ଆରଆଇ, ଯୁଯୁମୁରା ତହସିଲ), ନିଳକମଳ ବିଶି (ଏଆରଆଇ ସମ୍ବଲପୁର ତହସିଲ)

୧୭. **ପରିବହନ ଉପସମିତି** - ରାମଦାସ ଟୁଡୁ (ଆର.ଟି.ଓ. ସମ୍ବଲପୁର), ରଘୁନନ୍ଦନ ବଢ଼େଇ (ଆରଆଇ ସମ୍ବଲପୁର ତହସିଲ), ସିମନ୍ତିନୀ ମହାନ୍ତି (ଆରଆଇ ଯୁଯୁମୁରା ତହସିଲ), ଗୀଳିରାଣୀ ପ୍ରଧାନ (ଏଆରଆଇ ସମ୍ବଲପୁର ତହସିଲ)

୧୮. **ପାର୍କିଂ ଉପସମିତି** - ମନୋଜ ପ୍ରଭାକର କୁଜୁର (ତହସିଲଦାର, ସଦର) ଶ୍ରୀନିବାସ ମିର୍ଦ୍ଧା (ସହକାରୀ କମିଶନର ଏମଏସସି) ଲିଙ୍ଗରାଜ ନାଟକ (ଡିଆରସିଏସ୍ ସମ୍ବଲପୁର), ଗୌରୀ ଶଙ୍କର ବାଗ (ଆରଆଇ ଯୁଯୁମୁରା ତହସିଲ), ଗାୟତ୍ରୀ ପଟ୍ଟନାୟକ (ଆରଆଇ ସମ୍ବଲପୁର ତହସିଲ)

ଲୋକ ମହୋତ୍ସବ - ୨୦୨୫, ସମ୍ବଲପୁର - ଉପ-ସମିତି ସଦସ୍ୟ

ମଞ୍ଚ ଓ ପ୍ରେକ୍ଷାଳୟ- ଆବାହକ - ନନ୍ଦ କିଶୋର ସାହୁ, **ସହ-ଆବାହକ** - ଖୁସୀରାମ ଛୁରିଆ, **ସଦସ୍ୟ** - ଅସୀମ ପ୍ରଧାନ, ପାୟଲ ଭୋଇ, ନୂପୁର ଭୋଇ, ଉମେଶ ମାଝୀ, ସୋମନାଥ ଜାଲ, ସୀମା ଷଣ୍ଢ, ବିଜୟଲକ୍ଷ୍ମୀ ହାଁସଦା, ବିଭୂ ସାହୁ, ଭୁବନେଶ୍ୱର ସାହୁ, ଧରଣୀଧର ନାଥ, ନୀରେନ ନାଏକ, ରାଜୀବ ମେହେର, ମନୋଜ ପ୍ରଧାନ, ଜି. ରେଜା, ଅରୁନ କୁମାର ତରିଆ, ଅଭୟ ପ୍ରଧାନ, ସନ୍ତୋଷ ବେହେରା, କଲ୍ୟାଣ ବିଶ୍ୱାଳ, ଅନୁଜ କୁମାର ଜେନା, ପ୍ରମୋଦ ମହତ୍ତମ, ଭାଗ୍ୟଶ୍ରୀ ନାୟକ, ଦୀପିକା ନାୟକ, ଦେବାଶିଷ ପ୍ରଧାନ।

ଖାଦ୍ୟ- ଆବାହକ - ଅମିତ କୁମାର ପତି, **ସହ-ଆବାହକ** - ସୁବ୍ରତ କୁମାର ପଣ୍ଡା, **ସଦସ୍ୟ** - ଶଶାଙ୍କ ଶେଖର ଦୁବେ, ସରୋଜ କୁମାର ମିଶ୍ର, ଚନ୍ଦ୍ରକାନ୍ତ ଭୋଇ, ଶାନ୍ତନୁ ବାନାର୍ଜି, ବିଶାଳ ବେହେରା, ସଚିନ ସୁନା, ବିମଳ ବେହେରା, ମୁକେଶ ମାଝୀ, ସୁପ୍ରିତ ଠେଲା, ସିଦ୍ଧାନ୍ତ ବହିଦାର, ମିତାଲି ସାହୁ, ବିପିନ ବିହାରୀ ପଣ୍ଡା, ନୀଳକଣ୍ଠ ସ୍ୱାଇଁ, ଅବିନାଶ ମିଶ୍ର, ଆନନ୍ଦ ଅଜାଡ଼ିଓ୍ୱାଲ, କୃଷ୍ଣଚନ୍ଦ୍ର ସାହୁ, ସୌରଭ ଦାଶ, ଭାସ୍କର ଭଟ୍ଟାଚାର୍ଯ୍ୟ, ଅନିଲ ଦେହୁରୀ, ଆର୍ଯ୍ୟାନ ଦେବ ସାହା।

ସ୍ମରଣିକା- ଆବାହକ - ଡା. ରାଜାରାମ ଷଡଙ୍ଗୀ, **ସହ-ଆବାହକ** - ସୁକାନ୍ତ କୁମାର କର, **ମୁଖ୍ୟ ସମ୍ପାଦକ** - ଡ. ଶ୍ୟାମ ସୁନ୍ଦର ଧର।

ସମ୍ପାଦନାମଣ୍ଡଳି- ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ଡ. ଗୌରିଦାସ ପଧାନ, ଡ. ସତ୍ୟନାରାୟଣ ଠାକୁର, ଡ. ସିଦ୍ଧାର୍ଥ ପଣ୍ଡା, **ସଦସ୍ୟ-** ପ୍ରଶାନ୍ତ କୁମାର ମାଝୀ, ବଳରାମ ହୋତା, ତାପସ ପରିଡା, ଯୋଗେଶ କୁମାର ନନ୍ଦ, ସୌରଭ ମହାପାତ୍ର, ସୁରଜ କୁମାର ଗୁରୁ, ସରୋଜ ସାହୁ, ପ୍ରମୋଦ ବହିଦାର।

ପ୍ରଚାର, ପ୍ରସାର ଓ ଶୋଭାଯାତ୍ରା- ଆବାହକ - ଦଶରଥ ମେହେର, **ସହ-ଆବାହକ** - ଚନ୍ଦ୍ରଶେଖର ପାତ୍ର, **ସଦସ୍ୟ** - ସଞ୍ଜୀବ କୁମାର, ମନୋରଞ୍ଜନ ପ୍ରଧାନ, ଚନ୍ଦନ କୁମାର ଦାଶ, ପ୍ରକାଶ ବାରିକ, ଶମ୍ଭୁ କୃଷ୍ଣ, ନକୁଲ ମହାନନ୍ଦ, ସିମରଣ ପ୍ରଧାନ, ସୁପ୍ରିତ ଠେଲା, କିଶୋର ଦେହେରୀ, ରାଜେଶ ସ୍ୱାଇଁ, ସୁକୁମାର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଲମ୍ବୋଦର ବଢ଼େଇ, ଅଜୟ ସୁନା, ଦିଲ୍ଲୀପ କୁମାର ସାହୁ।

ରହଣୀ- ଆବାହକ - ମହେଶ କୁମାର ପଟେଲ, **ସହ-ଆବାହକ** - ସତୀଶ ଦୋରା, **ସଦସ୍ୟ** - ତନୟ ରଞ୍ଜନ ପାଣିଗ୍ରାହୀ, ଶରତ କୁମାର ନାୟକ, ହିମାଂଶୁ ପ୍ରଧାନ, କାହ୍ନା ହରିପାଲ, କେଶବ ତନ୍ତୀ, ସନ୍ଦିପ ଚାଟାର୍ଜି, ନିତିଶ ଗୁରୁ, ସୁଦିପ୍ତ ପଣ୍ଡା, ବିବେକାନନ୍ଦ ବହିଦାର, ଅଭିଳାଷ ଦୋରା, ପୁଷ୍ପାଞ୍ଜଳି ଦାଶ, ରାଜଶ୍ରୀ ରାଉଳ, ଝସ୍ମିତା ବେହେରା, ଅଭିଶେକ ନନ୍ଦ, ନିଖିଲ ସାହା, ସ୍ୱାଗତ ପାଢ଼ୀ, ସୁମନ୍ତ ରାୟ, ଅମନ ବାଗ, ଦିଲେଶ୍ୱରୀ କ୍ଷେତୀ।

ପ୍ରଦର୍ଶନୀ- ଆବାହକ - ଶ୍ରୀମନ୍ତ ସାହୁ, **ସହ-ଆବାହକ** - କୁଳଦୀପ ବର୍ମା, ରୋଚିସ ଦେ, **ସଦସ୍ୟ** - ପବିତ୍ର ବେରିହା, ସନ୍ତୋଷ କୁମାର ପଟ୍ଟନାୟକ, ଶିଶିର କର, ଲୋକନାଥ ପୂଜାରୀ, ଯୁଗଳ କିଶୋର ବାରିକ, ସୁବ୍ରତ କୁମାର ବେହେରା, ଆଶିଷ କୁମାର ମେହେର, ଏମଡି କାଶିମ, ଜିତେନ୍ଦ୍ରିୟ ବେରିହା, ଦେବେନ୍ଦ୍ର କୁମାର ସାହୁ, ଦିବ୍ୟଶଙ୍କର ସାହୁ, ଅଦିତି କର।

ଅଭ୍ୟର୍ଥନା- ଆବାହକ - ଶିଶିର ରଞ୍ଜନ ବହିଦାର, **ସହ-ଆବାହକ** - ପ୍ରଭୁଦତ୍ତ ପଣ୍ଡା, **ସଦସ୍ୟ** - ଅଜିତ ବେହେରା, ସୀତାଂଶୁ ବହିଦାର, ଅଭିନବ ପାଣିଗ୍ରାହୀ, ସୀତାଂଶୁ ବରାଇ, ଧିରଜ କନାହି, ଆୟୁଷ୍ମାନ ଦାଶ, କବିର ମହାପାତ୍ର, କୁନ୍ଦନ ପ୍ରଧାନ, ଦେବନ୍ତ ବେହେରା, ସମୀର ହୋତା, ଶ୍ରୀମୟୀ ସାହୁ, ସୌମ୍ୟଜିତ ପଟ୍ଟନାୟକ, ସହଦେବ ଷଣ୍ଢ, ଆକାଶ ସାହୁ, ପ୍ରିୟାଂଶୁ ନାଗ୍, କୁନାଲ ପ୍ରଧାନ, ଗୌରବ ଜରିଓ୍ୱାଲ।

ଦଳ- ଆବାହକ - କୃଷ୍ଣ ଚନ୍ଦ୍ର ବାଗ, ସହ-ଆବାହକ - ଆଲୋକ କୁମାର ପଣ୍ଡା, **ସଦସ୍ୟ** - ମୃତ୍ୟୁଞ୍ଜୟ ସାହାଣୀ, ଭାରତ ଗୌରବ ଦାଶ, ରମେଶ କୁମାର ବେହେରା, ଅମନ ଚିରଗୁନ, କ୍ଷୀତିଶ ବାଗ, ନୀଖିଲ ନାଗ, ମହେଶ ପଣ୍ଡା, ମୌସୁମୀ ମେହେର, ସଦାଶିବ ବାଗ, ଅଜୟ ପଣ୍ଡା, ରିତିଶ ବାଗ, ରାଜକୁମାର ଜାଲ, ସ୍ୱେତା ପଣ୍ଡା, ସୁପ୍ରିତି ବାଗ, ଦମୟନ୍ତୀ ଓରାମ, ସ୍ମୃତି ସୁଧା ପଣ୍ଡା, ବବିତା କଚ୍ଛପ, କରିସ୍ମା ବେହେରା, ଚୁମକି ନାହାକ, କ୍ରୀଷ୍ଣା ଦୀପ, ରୀତା ବେହେରା, ଲତିକା ସେନାପତି, ସୁରେନ୍ଦ୍ର ଖଟେଇ, ଅଶୋକ କୁମାର ପଣ୍ଡା।

ତଥ୍ୟ ସଂଗ୍ରହ - ଆବାହକ - ଆଶିଷ କୁମାର ପ୍ରଧାନ, **ସହ-ଆବାହକ** - ଡମ୍ବରୁଧର ପ୍ରଧାନ, **ସଦସ୍ୟ** - ବିଶ୍ୱନାଥ ବଗର୍ତ୍ତି, ନରେଶ ସିଂହ, ଜଗନ୍ନାଥ ବାଗ, ବିପିନ ବିହାରୀ ନାୟକ, ବିଶ୍ୱଜିତ କାଲୋ, ମହିମା ପ୍ରଧାନ, ରଚନାରାଣୀ ପଟ୍ଟନାୟକ, ପ୍ରଦୀପ ବାଗ, ରାଜେଶ ଜେନା, ମମତା ପଣ୍ଡା, ନରସିଂହ ବଗର୍ତ୍ତି, ନନ୍ଦୁ କିଶୋର ପ୍ରଧାନ।

ଆଲୋଚନା ଚକ୍ର/କର୍ମଶାଳା- ଆବାହକ - ଅତିଶ କୁମାର ଶତପଥୀ, **ସହ-ଆବାହକ** - ରଞ୍ଜିତ ରଥ, **ସଦସ୍ୟ** - ସଙ୍କେତ ପୁରୋହିତ, ସୁମିତ୍ରା ମହାକୁଡ଼, ରାହୁଲ ଗୁପ୍ତା, ଦଧିବାବନ ପଣ୍ଡା, ନରେନ୍ଦ୍ର ବେହେରା, ଶର୍ମିଷ୍ଠା ପ୍ରଧାନ, ଯାମିନୀ ଠାକୁର, ସୌମିକ ବାବୁ, ଚିନ୍ମୟ ଦାଶ, ସୃଷ୍ଟି ପାଣିଗ୍ରାହୀ, ସୁବ୍ରତ ଅମାତ, ପଙ୍କଜିନୀ ମେହେର, ରାହୁଲ ମହାନନ୍ଦ, ବିଶ୍ୱଜିତ ବାରିକ।

ସମ୍ବର୍ଦ୍ଧନା- ଆବାହକ - ଲଲିତ ମୋହନ ବେବର୍ତ୍ତା, **ସହ-ଆବାହକ** - ଅଜୟ କୁମାର ନାଥ, **ସଦସ୍ୟ** - କାର୍ତ୍ତିକ ପ୍ରସାଦ ବହିଦାର, ସୁଦାମ ମେହେର, ତର୍ପଣ ପ୍ରଧାନ, ଇଂ. ଅନମୋଲ ଦାଶ, ଅରୁଣ କୁମାର ସାହୁ, କାନ୍ତି ମେହେର, ପ୍ରତୀକ୍ଷା ବେବର୍ତ୍ତା, ବିଦ୍ୟାଶ୍ରୀ ନିକିତା ନାଥ, ସନ୍ଧ୍ୟା ସୁନା, ଡଲି ପାତ୍ର।

ଉଦ୍‌ଘୋଷଣା- ଆବାହକ - ମିମାଂସା ପ୍ରିୟଦର୍ଶିନୀ ରଥ, **ସଦସ୍ୟ** - ଆର୍ଯ୍ୟ ପ୍ରଜ୍ଞା, ସୁଜ୍ଞାନ ସାହୁ, ପଲ୍ଲବୀ ଦାଶ, ଶୁଭସ୍ମିତା ମିଶ୍ର, ତାପସ ପଣ୍ଡା, ଯଶୋବନ୍ତ ସାହୁ, ନରେଶ ସାହୁ, ରାମାଶିଷ ତ୍ରିପାଠୀ, ଅରୁନ ଅଜାଡିଓ୍ୱାଲ, ଦିଲୀପ କୁମାର ସାହୁ, ଅଞ୍ଜନ କୁମାର ପ୍ରଧାନ, ଅମୃତ ସାଗର ପଣ୍ଡା।

ଷ୍ଟଲ- ଆବାହକ - ମୁକେଶ ଜରିଓ୍ୱାଲ, **ସଦସ୍ୟ** - ଆଦିତ୍ୟ ପୁରୋହିତ, ଚିନ୍ମୟ ଦାଶ, ଶିବ ନାଏକ, ଦେବେନ ପଟେଲ, ସଞ୍ଜୟ କୁମାର ଠାକୁର, ଜୟନ୍ତ ମହାପାତ୍ର, ଶିବୁନ ଜେନା, ଚିଙ୍କୁ ସାହୁ, ଅମିତ ବେହେରା, ହେମନ୍ତ ପଟେଲ, ଜୟନ୍ତ ପ୍ରଧାନ।

ପରିବହନ- ଆବାହକ - ଦିନେଶ ମହତ୍ତମ, **ସହ-ଆବାହକ** - ନିଗମାନନ୍ଦ ମହାନ୍ତି, **ସଦସ୍ୟ** - ରାହୁଲ ମୋଦକ, ରବି ସିଦାର, ପରମେଶ୍ୱର ଜାଲ, ବିଶେଷ ବଗର୍ତ୍ତି, ଫାଲଗୁନ ହରିପାଲ, ତାପସ ପଣ୍ଡା, ସୁରେଶ ଶର୍ମା, ନବୀନ ଶର୍ମା, କମଲଜିତ ସିଂ, ଯୁଗଲ ରେଡି, ରୂପେଶ ଦାଶ।

ଗଣମାଧ୍ୟମ- ଆବାହକ - ଭବାନୀ ଶଙ୍କର ଭୋଇ, **ସଦସ୍ୟ** - ମାନସ ରଞ୍ଜନ ବକ୍ସି, ବିରାଜ ମିଶ୍ର, ଅମଳେନ୍ଦୁ ନାୟକ, ମାନସ ସାହୁ, ତୃପ୍ତୀମୟୀ ପଣ୍ଡା, କିଶୋର ଧରେଇ।

ପାର୍କିଂ- ଆବାହକ - କାର୍ତ୍ତିକ ଆଇନ, **ସହ-ଆବାହକ** - ଦୟାନିଧି ପ୍ରଧାନ, **ସଦସ୍ୟ** - ରୂପେଶ କୁଅଁର, ବଳରାମ ମୁଣ୍ଡା, ବିନୟ ସାହୁ, ରାଜାରାମ ମୁଣ୍ଡା, ଶ୍ରୀକାନ୍ତ ସାହୁ, ବିଶ୍ୱଜିତ ଦାଶ, ସମ୍ବିତ ରଞ୍ଜନ ଖୁଣ୍ଟିଆ, ବିଜୟ ମହାରଣା, ସୁକଦେବ ଥପା, ଚିନ୍ମୟୀ ଦାଶ, ପାଣ୍ଡବ ମୁଣ୍ଡା, ନିଖିଲ ମୁଣ୍ଡା, ବିଦ୍ୟାଧର ମୁଣ୍ଡା, ବଣ୍ଟି ମୁଣ୍ଡା, ଅଭିଷେକ ଯାଦବ।

ପରିମଳ- ଆବାହକ - ସୌରୀ ନାରାୟଣ ପାଣିଗ୍ରାହୀ, **ସହ-ଆବାହକ** - ସୁନିଲ ସାଗର, **ସଦସ୍ୟ** - ନିଶିକାନ୍ତ ବିଶ୍ୱାଲ, ସରୋଜ ବାରିକ, ଲିଲିମା ମଲ୍ଲିକ, ବିଜୟଲକ୍ଷ୍ମୀ ଯାଦବ, ଯସ୍ମିନ ଖାନ, ପୁଷ୍ପାଞ୍ଜଳି ଗୋଇ, ରାଜେନ୍ଦ୍ର ସତନାମୀ, ମାସୁଦ ଆଲାମ, ପ୍ରଦୀପ କୁମାର ମେହେର, ବିଶ୍ୱଜିତ ମହାନ୍ତି, ସୁସ୍ମିତା ଦୀପ, ମୁକେଶ ମେହେର, ଗୁଣ ରଞ୍ଜନ ସାଲିମା।

ସୂଚୀପତ୍ର

୧	ପଶ୍ଚିମ ଓଡ଼ିଶାର ଲୋକସାହିତ୍ୟରେ ଲୋକସଂସ୍କୃତି	ଡ. ଶ୍ୟାମସୁନ୍ଦର ଧର	୧
୨	ଲୋକବିଶ୍ୱାସର ଲୋକଦେବୀ ରଏବାରିଏନ ଓ ତା'ର ମହିମା	ଡ. ଅଜିତ କୁମାର ନାଥ	୫
୪	ଭାଷା ସମ୍ବଲପୁରୀ, ଶବଦ ଭଦରି	ଲକ୍ଷ୍ମୀନାରାୟଣ ପଣ୍ଡା	୮
୫	କେଳା ସମ୍ପଦ୍ରଦାୟର ଦୁଃସ୍ଥିତି	ଅନୁପମା ବିଶ୍ୱାଳ	୧୧
୬	ପଶ୍ଚିମ ଓଡ଼ିଶାର ଲୋକଧର୍ମରେ ତନ୍ତ୍ର ଚେତନା	ଡ. ପ୍ରଦୀପ କୁମାର ପଣ୍ଡା	୧୪
୭	ପଶ୍ଚିମ ଓଡ଼ିଶାର ଅରସା ପିଠା-ଏକ ପାରମ୍ପରିକ ଲୋକଖାଦ୍ୟର ଐତିହ୍ୟ	ଅରୁଣ ପାତ୍ର	୧୬
୮	ସଂଚାରକଳା	ଗୋପୀନାଥ ଷଡଙ୍ଗୀ	୧୭
୯	ସମ୍ବଲପୁର : କାଲି ଓ ଆଜି	ଡ. ପ୍ରମୋଦ କୁମାର ପଣ୍ଡା	୧୮
୧୦	କେବେ ହେବା ମାତୃଭାଷାଥି ଶିକ୍ଷାଦାନ୍ ?	ଡ. ନିରୁପମା ବଡପଣ୍ଡା	୨୧
୧୧	ଶାକ୍ତ ପରମ୍ପରାରେ ଅବିଭକ୍ତ ସମ୍ବଲପୁରର ଶୀତଳା ଯାତ୍ରା	ଡ. କଳ୍ପନା ଧରୁଆ	୨୪
୧୨	ବିଲୁପ୍ତ ପ୍ରାୟ ହୃଦୟସ୍ପର୍ଶୀ କେନ୍ଦରା ଲୋକଗୀତ	ସତ୍ୟଜିତ୍ ମହାପାତ୍ର	୨୬
୧୩	ଲୋକଜନନୀ ପଣ୍ଡା : ସମ୍ବଲ୍‌ପୁରୀ ଭାଷାର ପ୍ରଥମ ନାରୀ ଗୀତିକାର	ଡ. ବିଭୁଦତ୍ତ ପ୍ରମୋଦ କୁ. ମିଶ୍ର	୨୮
୧୪	ସମ୍ବଲପୁରୀ କବିତାର ନାମଜାଦା କାରିଗର : କବି ସତ୍ୟନାରାୟଣ ବହିଦାର	ସୌଭାଗ୍ୟବନ୍ତ ମହାରଣା	୩୧
୧୫	ଫକୀର-ବିନୋଦଙ୍କର ଗୀତେ ଲୋକଜୀବନ	ଡ. ସତ୍ୟନାରାୟଣ ଠାକୁର	୩୬
୧୬	ପୁଷପୁନି	କାଲିନ୍ଦୀ ପ୍ରତାପ ସିଂହ	୪୪
୧୭	ବିହା ନଚନିଆଁ	କୃଷ୍ଣାଲୀନ କମଳଲୋଚନ ପଣ୍ଡା	୪୭
୧୮	ଆମର ଲୋକଗୀତ ଢଗଥି ବାସ୍ତବ ଜୀବନର ଅନୁଭୂତି : ଏକ ଆଲୋଚନା	ଅମୃତଲାଲ ସାହୁ (ସଏଲତା)	୫୨
୧୯	ସମ୍ବଲପୁରୀ ଦିନ - ଏକ ସାଂସ୍କୃତିକ ଆଲୋଚନା	ପ୍ରେମାନନ୍ଦ ପାଣିଗ୍ରାହୀ	୫୭
୨୦	ଅନନ୍ୟ ପର୍ବ ପୂରା ଉଆଁସ	ଦିଲ୍ଲୀପ କୁମାର ବଘାର	୫୯
୨୧	ପଶ୍ଚିମ ଓଡ଼ିଶାର କନ୍ଧମାନଙ୍କ ଜୀବନ ଚିତ୍ର : ଏକ ବିହଙ୍ଗାବଲୋକନ	ଡ. ଅଜିତ କୁମାର ବେହେରା	୬୧
୨୨	ସମ୍ବଲପୁରୀ ସାହିତ୍ୟର ଉପକ୍ରମ ଓ ଆଦିକବି ବାଲାଜୀ ମେହେର	ଉପ୍‌ନ୍ନ କୁମାର ଭୋଇ	୬୭
୨୩	ଲୋକକବି ହଳଧର	ଡ. ବୀଣାପାଣି ପ୍ରଧାନ	୭୩
୨୪	ସଞ୍ଚାର ନୃତ୍ୟ ପରମ୍ପରା ଓ ବରଗଡ଼ ଧନୁଯାତ୍ରା	ମୋହନ ସାହୁ	୮୩
୨୫	ତୁରୀ ପରମ୍ପରା	ଭବାନୀଶ ଭୋଇ	୧୦୧
୨୬	ଠେମରାର ପ୍ରସିଦ୍ଧ ମକରଯାତ୍ରା : ଏକତା ଓ ମିଳନର ପର୍ବ	ସୂର୍ଯ୍ୟ ପାଣିଗ୍ରାହୀ	୧୦୬
୨୭	ଜୈବ ବିବିଧତାର ଅମୂଲ୍ୟ ସମ୍ପଦ ଗନ୍ଧମାର୍ଦ୍ଦନ	ଦେବେନ ପଟେଲ	୧୧୦
୨୮	ଗୋଣ୍ଡ ଜାତି ଓ ଦାରୁଦେବତା ଜଙ୍ଗାଦେଓ	ଭବାନୀ ଶଙ୍କର ନାୟକ	୧୧୧
୨୯	କନ୍ଧ ଜନଜାତିର ରନ୍ଧନକଳା ଓ ଖାଦ୍ୟ : ବିଚାର ଓ ବିଶ୍ଳେଷଣ	ଡୋଳାମଣି ମାଝୀ	୧୧୪
୩୦	ଜନଜାତି କୁଟିଆଙ୍କ ଆର୍ଥିକ ଅବସ୍ଥା (କ୍ଷେତ୍ର ଅଧ୍ୟୟନ)	ପରୀକ୍ଷିତ ଭୋଇ	୧୧୭
୩୧	ବାମଣ୍ଡାର ଲୋକଗୀତର ପ୍ରଧାନପାଟର ମାହାତ୍ମ୍ୟ	ଡ. ଭାରତ ଭୂଷଣ ନନ୍ଦ	୧୨୧

୩୨	ସଞ୍ଚାର – ଶାସ୍ତ୍ରୀୟ ଓ ଲୋକକଳାର ସମନ୍ୱିତ ବିଭବ	ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ	୧୨୪
୩୩	ପଶ୍ଚିମ ଓଡିଶାର ଲୋକକ୍ରୀଡା : ଏକ ଅଧ୍ୟୟନ	ଡ. ସ୍ୱୟଂ ପ୍ରକାଶ ପଣ୍ଡା	୧୨୫
୩୪	ହଜି ବସଲାନ ପଶ୍ଚିମ ଓଡ଼ିଶାର ଭିନ୍ ଭିନ୍ ଲୋକକଳା	ଭେଲାରାମ କୁମ୍ଭାର (ହିମାଂଶୁ)	୧୪୫
୩୫	ଅକ୍ଷୟ ମହାନ୍ତିଙ୍କର ସମ୍ବଲପୁରୀ ଗୀତ	ପ. ଅକ୍ଷୟ କୁମାର ପଣ୍ଡା	୧୪୮
୩୬	ପ୍ରସଂଗ: ସମଲ୍‌ପୁରୀ ଅସ୍ମିତା	ମୁକ୍ତକଂଠ ପ୍ରଧାନ	୧୫୦
୩୭	ଲୋକବିଦ୍ୟା କ୍ରମରେ ତନ୍ତ୍ର-ମନ୍ତ୍ର	ଡ. ସୁବାସ ମେହେର	୧୫୬
୩୮	**ଶଗଡ଼ ଗାଡ଼ିର ହୁରି – ନାଇଁଆସେ ଆରୁ ଫିରି**	**କ୍ଷେତ୍ରମଣି ବିଭାର**	**୧୬୦**
३९	संबलपुर लोक-महोत्सव : दशा और दिशा	शिव प्रसाद मेहेर	৭६४
40	RELIGIOUS CONTEXT OF BARGARH DHANU YATRA	Sushama Dash	166
41	IMPORTANCE OF SAMBALPURI FOLKLORE	Dr Deepen Ku. Pattnaik	170
42	DALKHAI: MUCH MORE THAN A FOLK DANCE	Dipak Kumar Panda	172
43	PRESERVING OUR FOLK ART, MUSIC AND CULTURE.	Prafulla Kumar Majhi	177

ଲୋକ ମହୋତ୍ସବ-୨୦୨୬ ସକାଶେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା (୨୮.୧୨.୨୦୨୫) ଏବଂ କର୍ମଶାଳା (୧.୧.୨୦୨୬)

ପଶ୍ଚିମ ଓଡ଼ିଶାର ଲୋକସାହିତ୍ୟରେ ଲୋକସଂସ୍କୃତି

ଡ. ଶ୍ୟାମସୁନ୍ଦର ଧର

ପଶ୍ଚିମ ଓଡ଼ିଶାର ଲୋକଙ୍କର କଥିତ ଭାଷା ହେଉଛି ସମ୍ବଲପୁରୀ। ସ୍କୁଲ, କଲେଜ, କୋର୍ଟ, କଚେରୀରେ ଲେଖାପଢ଼ା ଓଡ଼ିଆ ଭାଷାରେ କରୁଥିଲେ ହେଁ କଥିତ ଭାଷାରେ ଯୁଗ ଯୁଗ ଧରି ମୁହେଁ ମୁହେଁ ଚଳି ଆସୁଥିବା ସାହିତ୍ୟକୁ ଲୋକ ସାହିତ୍ୟ କୁହାଯାଏ। ପଶ୍ଚିମଓଡ଼ିଶାର ଲୋକ ସାହିତ୍ୟକୁ କାହାଣୀ, ଗୀତ, ଢ଼ଗ ଓ ଲୋକନାଟକ ଇତ୍ୟାଦି ଭାଗରେ ବିଭକ୍ତ କରାଯାଇପାରେ। ଲୋକ ସାହିତ୍ୟର ମୂଳକଥାଟି ସବୁ ଦେଶରେ, ସବୁ ଅଞ୍ଚଳରେ ଏକା ପରି ହେଲେ ହେଁ, ଆଞ୍ଚଳିକ ପାର୍ଥକ୍ୟଟି ଜଣା ପଡ଼ିଯାଏ। ଯେପରି ଏ ଅଞ୍ଚଳର ହଳିଆ ଗୀତର ପ୍ରଚଳନ ଭାରତର ଅନ୍ୟ ରାଜ୍ୟମାନଙ୍କରେ ଦେଖିବାକୁ ମିଳେ ନାହିଁ। ପଶ୍ଚିମଓଡିଶା ଓଡ଼ିଶାର ଗୋଟିଏ ଅଞ୍ଚଳ ହେଲେ ବି ଏ ଅଞ୍ଚଳରେ ପ୍ରଚଳିତ ଡାଲଖାଇ, ରସରକେଲି, ବାଙ୍ଗରୀ, ବରିଆ, ଢ଼ାପ୍ ଗୀତ ଓଡ଼ିଶାର ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ପଶ୍ଚିମ ଓଡ଼ିଶାରେ ବିଭିନ୍ନ ପ୍ରକାରର ଲୋକ ଗୀତର ପ୍ରଚଳନ ରହିଛି ଓ ସମାଜରେ ତା'ର ଆଦର ଯଥେଷ୍ଟ। ବିବାହ ବନ୍ଦାପନା ଉଦ୍ଦେଶ୍ୟରେ ଗୀତ, ମୃତ୍ୟୁରେ କାନ୍ଦଣା ଗୀତ, ପର୍ବପର୍ବାଣୀରେ ଗୀତ, କର୍ମ ସାଧନ ସମୟର ଗୀତ, ଛୁଆକୁ ଭୁଲାଇବା ପାଇଁ ଲୋକେ ଗୀତ ଗାଇଥାନ୍ତି। ଏସବୁ ଲୋକଗୀତକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଗୋଟିଏ ହେଲା ବିଭିନ୍ନ ବାଜା ବଜାଇ ଗାଉଥିବା ଗୀତ, ଅନ୍ୟଟି ହେଲା ବିନା ବାଦ୍ୟରେ ଖାଲି ଗାଉଥିବା ଗୀତ। ଡାଲଖାଇ, ରସରକେଲି, ଯାଇଫୁଲ, ଢ଼ାପ୍, ବାଉଁଶ ଗୀତ, ଗଉରବାଡ଼ି, ନଚ୍‌ନିଆଁ, କରମା ଗୀତ ଗାଇଲା ବେଳେ ବିଭିନ୍ନ ପ୍ରକାର ବାଦ୍ୟ ବଜାଯାଏ। ମାତ୍ର ଗୁନ୍‌ଜିକୁଟା, ବାଙ୍ଗରୀ, ହୁମୋ, ବରିଆ, ହଳିଆ, ସଜନୀ, ଗଲାର ଶଗଡ଼ିଆ, ଝିଅ କାନ୍ଦଣା ଇତ୍ୟାଦି ଗୀତରେ କୌଣସି ପ୍ରକାର ବାଦ୍ୟ ଆବଶ୍ୟକ ହୁଏ ନାହିଁ। ଦଶହରା ମାସର ଜହ୍ନ ରାତିରେ ଯୁବକ ଯୁବତୀମାନଙ୍କ ମନଖୋଲା ଢ଼ାପ୍ ଗୀତ ଚାଙ୍ଗୁ ବାଦ୍ୟର ତାଳେ ତାଳେ ସେମାନଙ୍କ ଦେହକୁ ଦେହ ଲଗାଲଗି ନାଚ ଭିତରେ କି ଡାଲଖାଇ ନୃତ୍ୟ ଗୀତରେ ନିଜକୁ ହଜେଇ ଦେଇଥିବା ଯୁବକ ଯୁବତୀ ଠାରେ କିଛି କୃତ୍ରିମତା ନ ଥାଏ ଏ ସବୁ ସ୍ୱାଭାବିକ ଏହାର ସ୍ୱାଦ ଶିଷ୍ଟ ସମାଜ ପାଇଁ ଅଶ୍ଳିଳ ହୋଇପାରେ, କିନ୍ତୁ ଯେଉଁ ଲୋକମାନେ ଏ ସବୁ ଗାଇ ନାଚନ୍ତି ଏହା ସେମାନଙ୍କ ନିତି ଦିନିଆଁ ଜୀବନ କଥା ଅଟେ। ଗଉଡ଼ମାନଙ୍କର ଘୁଘିଆ ଜାତିର କ୍ରିୟା କର୍ମ ବେଳେ ଗୋଟିଏ ଲମ୍ବା ବାଉଁଶକୁ ବଜାଇ ଗୀତ ଗାଆନ୍ତି, ସେ ବାଉଁଶକୁ ବଂଶୀ ପରି ବଜାଯାଏ। ଏହିପରି ଅନେକ ଗାଥାଧର୍ମୀ ଗୀତ ରହିଛି। ଡାଲଖାଇ ଓଷା ଓ କଲାସୀ ଓଷାରେ ଧୁନ୍‌କେଲ୍ ହାଣ୍ଡି ବଜାଇ ରାତି ସାରା ଗୀତ ଗାନ କରାଯାଏ। ଯେ ଗାଏ ତାକୁ ଗାଉନି କୁହାଯାଏ, ଏହା ହେଉଛି ବାଜା ସହିତ ଗାନ କରାଯାଉଥିବା ଗୀତ, ବିନା ବାଦ୍ୟର ଲୋକଗୀତ ହେଉଛି, ହଳିଆ, ଶଗଡ଼ିଆ, ମାଡ଼େନ୍, ପଲ୍‌ହାରୋପଣ, ହୁମୋ ବଉଲି, ବରିଆ, ବାଙ୍ଗ୍‌ରୀ, ଗଲାର, ସଜନୀ, ଛୁଆଙ୍କ ଖେଳ ଗୀତ ଏସବୁ ଗୀତ ଗାନ ସମୟରେ କୌଣସି ବାଦ୍ୟ ଦରକାର ପଡ଼େ ନାହିଁ। ବାହା ପୁଆଣି ବେଳର ମକୁଟ ଡେଗା, ଜୁଆ ଖେଳ, ହଳଦି ଠେଁସା, କନିଆଁସଁପା, ଝି' କାନ୍ଦଣା ଗୀତ ଗାଇଲା ସମୟରେ ବାଦ୍ୟର ଆବଶ୍ୟକତା ପଡ଼େ ନାହିଁ।

ପଶ୍ଚିମଓଡ଼ିଶାର ସବୁ ପ୍ରକାର ଲୋକଗୀତ ସରସ ମନକୁ ମୋହିତ କରିବାର କ୍ଷମତା ଅଛି, କାରଣ ଶୃଙ୍ଗାର ରସ ହେଉଛି ଏ ଗୀତଗୁଡ଼ିକର ମୂଳ ରସ। ହେଲେ ଏ ଗୀତମାନଙ୍କରେ ଖାଲି ଶୃଙ୍ଗାର ରସ ନିହିତ ସେ କଥା ନୁହେଁ, ଅନେକ ଗୀତରେ

ଜୀବନର ସୁଖ ଦୁଃଖ, ଅଭାବ, ଅସୁବିଧା ପିଲାଛୁଆ ଜଞ୍ଜାଳ, ରୋଗ ଦୁଃଖ, ହେଲା ନ ହେଲା ଏ ସବୁର ଚିତ୍ର ମଧ୍ୟ ଥାଏ, ଯେପରି ହଳିଆ ଗୀତରେ ଏହାର ଏକ ଦୃଷ୍ଟାନ୍ତ ହେଲା -

"ବଏଲାରେ ବାଟର ବିନୁଆଁ ଯେ ଧସ୍‌କି ପଡ଼େ ଢ଼େଲ
ଭୁଖେ ଥରହର କିରେ ହଳିଆ
ହଳିଆରେ ଲେଉଟି ଦେଖ ବେଳ ହୋ....
ବଏଲାରେ, କାଳିର ଖରା ଠାନୁ ଯେରେ ଆଝିର ଖରା ଟାନ
ଭୁତି ଖଟିଖିଆ ଗୁତି ଜୀବନ
ଜୀବନରେ ଘିଚଇ ପରାଣ ହୋ....।"

ପଶ୍ଚିମ ଓଡ଼ିଶାର ଲୋକଗୀତ ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଆନନ୍ଦ ଦେଇ ପାରେ। ଗୀତର ଲହର, ସୂର ଓ କମନୀୟ ଭାଷା ପାଇଁ, ହେଲେ ଯେଉଁ ଅଞ୍ଚଳର ଗୀତକୁ ସେ ଅଞ୍ଚଳର ଭିନ୍ନ ଭିନ୍ନ ବାଦ୍ୟ ହିଁ ଚିହ୍ନାଇ ଦେଇଥାଏ। ପଶ୍ଚିମ ଓଡ଼ିଶାର ଲୋକଗୀତ ସାଙ୍ଗେ ଢ଼ୋଲ, ନିସାନ, ତାସା, ମହୁରୀ, ମାନ୍ଦଲ, ଢ଼ାପ୍, ଚାଙ୍ଗୁ, ଧୁନ୍‌କେଲ୍, ସାରଙ୍ଗୀ, ବଂଶୀ, ଝାଞ୍ଜି, ଘୁମୁରା ଆଦି ବଜାଯାଏ। ଲୋକଗୀତର କବିଙ୍କୁ ଖୋଜିଲେ ନିରାଶ ହେବାକୁ ପଡ଼େ, କାହିଁକି ନା ଲୋକଗୀତକୁ କିଏ ଜଣେ ସୃଷ୍ଟି କରିଥିଲେ ବି ସେ ଦାବୀ କରନ୍ତି ନାହିଁ, ତାହା ମୁହେଁ ମୁହେଁ ଯାଇ ସମସ୍ତଙ୍କ ହୋଇପଡ଼େ, ଗୀତ ଗାନ କରୁଥିବା ବ୍ୟକ୍ତି ବି ମନେ ମନେ ପଦ ଯୋଡ଼ିଥାନ୍ତି। ଏହିପରି ଭାବରେ ପ୍ରଥମରୁ ଯେ ଗୀତ ସୃଷ୍ଟି କରିଥାନ୍ତି ସେ ଉଭେଇ ଯାଆନ୍ତି ଓ ସମସ୍ତେ ସେ ଗୀତର କବି ହୋଇ ଯାଆନ୍ତି।

ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ଗୋଟିଏ ମୁଖ୍ୟ ବିଭାଗ ହେଉଛି "କଥାନି"। କଥାନିକୁ ଓଡ଼ିଶାର ଅନ୍ୟ ଅଞ୍ଚଳରେ 'ଲୋକ କାହାଣୀ' କୁହାଯାଏ। କାହାଣୀ କହିବାର ଓ ଶୁଣିବାର ପରମ୍ପରା ପୃଥିବୀର ସର୍ବତ୍ର ପ୍ରଚଳିତ, ହେଲେ ପଶ୍ଚିମ ଓଡ଼ିଶାର ଲୋକ କାହାଣୀ ବା କଥାନିରେ ଗୋଟିଏ ଲଥାନି ଥାଏ, ତାହାର ସାହାଯ୍ୟରେ କଥାନି କହୁଥିବା ଲୋକ ଶୁଣୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ କଥାନିର ଆରମ୍ଭ ଓ ସମାପ୍ତିରେ ଲଥାନିଟି ଯୋଡ଼ି ଥାଏ। ଯଥା:- "କଥାଟେ କହୁଁ, କାଏଁ କଥା ବେଙ୍ଗ୍ କଥା, କାଏଁ ବେଙ୍ଗ୍ ଢୁଡ଼ା ବେଙ୍ଗ୍, କାଏଁ ଢୁଡ଼ା ବାମ୍‌ହନ୍ ବୁଢ଼ା..." ଇତ୍ୟାଦି ପୁଣି କେତେକେ କହନ୍ତି ଏ ହୁଁକର ହାଁକର, ପୂରବ୍ ଦିଗ୍‌କେ ମୁହଁକର, କଥାନି ଶୁନି ହୁଁକାର ଦିଅ, କଥାନିର ହୁଁକାର, ଖାନାର ଢ଼େଁକାର, ଗୁଟେ ରାଏଜ୍‌ଟେ ଥିଲା ସେନ ଗହମ ଏଡ଼େ ଏଡ଼େ ଲମ୍, ମୁସ୍ରି ଏଡ଼େ ଉସାର। ଏହିପରି ଭାବରେ କହି ଶୁଣିବା ଲୋକଙ୍କୁ ଆକର୍ଷିତ କରାଯାଏ, ସେହିପରି କାହାଣୀର ସମାପ୍ତିରେ କହେ "ଏଡ଼୍‌କି ଲାଉ ଏଡ଼୍‌କି ହେଲା, ଯାର ଯାର୍ ଘର୍‌କେ ସେ ସେ ଗଲା, ମୋର୍ କଥାନି ସର୍‌ଲା, ଫୁଲ୍ ଗଛ୍‌ଟା ମଲା, କାଁକରି ଫୁଲ୍‌ଗଛ ମଲୁ, ମତେ ଗଉରେନ୍ ପାଏନ୍ ନାଇଁ ଦେଲା" ଇତ୍ୟାଦି କହି କାହାଣୀର ସମାପ୍ତି ଜଣାଇ ଦିଏ। ପଶ୍ଚିମଓଡ଼ିଶାର ଲୋକ କଥାନିରେ ରାଜା ମନ୍ତ୍ରୀ, ଚୋର, ତସ୍କର, ଭୂତପ୍ରେତ, ଡାହାଣୀ, ଚିର୍‌ଗୁଣି, ରାକ୍ଷସ, ବ୍ରହ୍ମ ରାକ୍ଷସ, ଜ୍ଞାତି କୁଟୁମ୍ବ, ଭାଇ ଭଉଣୀ, ମାଁ ପୁଅ, ଯାଦୁମନ୍ତ୍ର, ପଶୁପକ୍ଷୀଙ୍କୁ ନେଇ କାହାଣୀ କୁହାଯାଏ, ଏହା ବ୍ୟତୀତ ଦିଅଁ ଦେବତା ବୀର ପୁରୁଷଙ୍କ ଉପରେ କାହାଣୀ ଯାହାକି କିମ୍ବଦନ୍ତୀ ଓ ପୁରାଣର ଘଟଣାକୁ ନେଇ ସୃଷ୍ଟି ହୋଇଥାଏ। ତାକୁ ଲକ୍‌ଠକ୍ ପୁରାଣ ବା ମିଥ୍ ବା ପୁରାଣ କଥା କୁହାଯାଏ। ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ଅନ୍ୟ ଏକ ବିଭାଗ ହେଉଛି 'ଢ଼ଗ'। ଢ଼ଗ ହେଉଛି ସମାଜରେ ଘଟୁଥିବା ଅନେକ ଘଟଣା, ସୁବିଧା, ଅସୁବିଧା, ହାନି ଲାଭ, ଭଲ ମନ୍ଦ ଉପରେ ଲୋକଙ୍କ ଅନୁଭୂତିକୁ ସୂଚିତ କରିବା ପାଇଁ ପଦେ ଅଧେ କଥା। ଏହି ପଦେ ପଦେକରେ ଖୁବ୍ ବଡ଼ ବଡ଼ ଘଟଣା କୁହାଯାଇଥାଏ, ଢ଼ଗଗୁଡ଼ିକ ଲୋକଙ୍କ ମନରେ ଗୁରୁ ପରି କାମ କରେ, ଭିନ୍ନ ଭିନ୍ନ ଜାତି, ଗାଇଗୋରୁ, ଚାଷବାସ, ଲୋକଜୀବନ, ନୀତି କଥା, ପରିବେଶ ଏ ସବୁ ଉପରେ ଯୁଗ ଯୁଗ ଧରି ଢ଼ଗ ସବୁ ଲୋକେ ମୁହେଁ ମୁହେଁ ବାନ୍ଧି ଆସୁଛନ୍ତି। ଆଗାମୀ ପିଢ଼ି ପାଇଁ ଢ଼ଗଗୁଡ଼ିକ ବାଟ ବତାଇ ଦିଏ, ଯେପରି "ଶଏ ତାଷ ବତର ମୂଳ" ଏ ଢ଼ଗର ଅର୍ଥ ହେଲା ଶଏ ଥର ମାଟି ଯୋଚିଲେ ବି ମାଟିର ବତରଟି ହେଉଛି ଅସଲ। ଅନ୍ୟ ଏକ ଢ଼ଗର ଦୃଷ୍ଟାନ୍ତ ହେଲା "ଆଠ୍ କୁଡ଼ା, ଷୁଲହ ବିହିଡ଼ା, ବାଏଗନ ଫଲ୍‌ବା ମୁଡ଼ା ମୁଡ଼ା"। ଢ଼ଗଟି ବାଇଗଣ ଚାଷ ଉପରେ କୁହାଯାଇଛି। ଢ଼ଗଗୁଡ଼ିକରୁ ବହୁ ଶିକ୍ଷଣୀୟ ଉପାଦାନ ମିଳେ।

ଢ଼ଗ ପରି ବଖାନି ହେଉଛି ଲୋକ ସାହିତ୍ୟର ଗୋଟିଏ ବିଭାଗ। ଯାହାକି ଲୋକମାନଙ୍କ ବୁଦ୍ଧି, ଜ୍ଞାନ, ହିସାବ, ନିକାଶ ପରୀକ୍ଷା କରିବାର ଧାରା, ପଶ୍ଚିମ ଓଡ଼ିଶାରେ ଯାହାକୁ ଧନ୍ଦା ବା

ବଖାନି କହନ୍ତି, ଓଡ଼ିଆରେ ତାକୁ ନାଁଦିଆ କୁହାଯାଏ। ବଖାନିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବୁଦ୍ଧିର କୌତୁକିଆ ଖେଳ। ଛୁଆଙ୍କ ବୁଦ୍ଧିର କସରତ କରିବା ପାଇଁ ଏହା ଏକ ଉପଯୁକ୍ତ ମାଧ୍ୟମ ଅଟେ। ଛୁଆଙ୍କ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ବଖାନିକୁ ଆଗ୍ରହ କରିଥାନ୍ତି। ବଖାନି ହେଉଛି ପ୍ରଶ୍ନ, ସେ ପ୍ରଶ୍ନର ଉତ୍ତର ଦେବାକୁ ଧନ୍ଦେଇ ହେବାକୁ ପଡ଼େ ବୋଲି ଏହାକୁ ଧନ୍ଦା ମଧ୍ୟ କୁହାଯାଇଥାଏ। ଧନ୍ଦାରେ ଉତ୍ତର ଖୋଜିବାକୁ ଖୁବ୍ ଦୂରକୁ ଯିବାକୁ ପଡ଼େ ନାହିଁ କି ନ ଜାଣିଥିବା ବସ୍ତୁ ଉପରେ ବଖାନି ପଚରାଯାଏ ନାହିଁ, ଉତ୍ତର ଦେବା ଲୋକ ଧନ୍ଦେଇ ହୁଏ ସିନା ଜାଣିଗଲେ ସହଜ ହୋଇଯାଏ। ବୁଝାଇବା ପାଇଁ ସୁବିଧା ଦୃଷ୍ଟିରୁ କେତୋଟି ବଖାନିର ଦୃଷ୍ଟାନ୍ତ ଦିଆଗଲା - ଉପ୍‌ରୁ ପଡ଼୍‌ଲା ପିଲାଟେ, ତାର୍ ମୁଡ଼େ ଟୁପିଟେ (ତାଳ), ସେହିପରି କାଳି ଗାଏ ଅଙ୍ଗେନ ଖାଏ ବିଧେ ପିଟ୍‌ଲେ କୁଶେ ଯାଏ, ଉତ୍ତର (ନିଶାନ୍)। ପୁରାଣ ଭିତରୁ ପଚରା ଯାଉଥିବା ଗୋଟିଏ ବଖାନି ହେଲା କିଏ ଦେଖି କରି ମଲା, କିଏ ନାଇଁ ଦେଖିକରି ମଲା, କିଏ ଖାଇ କରି ମଲା, କିଏ ଖୁଏଇ କରି ମଲା, କିଏ ଦେଇ କରି ମଲା, କିଏ ନାଇଁ ଦେଇ କରି ମଲା। ଏହିପରି ପଚାରି ଲୋକଙ୍କୁ ଧନ୍ଦେଇ ହେବାରେ ଛାଡ଼ି ଦିଆଯାଏ।

ପଶ୍ଚିମଓଡ଼ିଶାର ଲୋକ ସାହିତ୍ୟରେ ଅନ୍ୟତମ ଲୋକପ୍ରିୟ ବିଭାଗ ହେଉଛି ଲୋକ ନାଟକ। ଏହା ସାଧାରଣତଃ ନାଚ ଅର୍ଥରେ ଗ୍ରହଣ କରାଯାଏ। ଏହାକୁ ଯାତ୍ରା, ଲୀଳା, ସୁଆଙ୍ଗ, ବାଁଡ଼ିବୁତଲ ଇତ୍ୟାଦି ବିଭାଗରେ ବିଭକ୍ତ କରାଯାଇପାରେ। ଲୋକ ନାଟକରେ ଲୋକଧର୍ମିତା, ଚରିତ୍ର, ଦର୍ଶକ ସମ୍ବନ୍ଧ, ରଙ୍ଗମଞ୍ଚ ପରିକଳ୍ପନା, ଭାଷା, କଥାବସ୍ତୁ, ଲୋକ ସଂସ୍କୃତିର ସମାବେଶ, ସଙ୍ଗୀତ, ବାଦ୍ୟଯନ୍ତ୍ର ବ୍ୟବସ୍ଥା, ନାଟକର ଲୋକପ୍ରିୟତା ଏକ ସ୍ୱତନ୍ତ୍ର ଆଲୋଚନା ଅପେକ୍ଷା ରଖେ।

ଯୁଗ ଯୁଗ ଧରି ଏ ସାହିତ୍ୟ ଲୋକମାନଙ୍କ ଦ୍ୱାରା, ଲୋକଙ୍କ ପାଇଁ ସାହିତ୍ୟିକ ସମ୍ପତ୍ତି ହିସାବରେ ଚାଲି ଆସିଛି। ଲୋକ ସାହିତ୍ୟ ହେଉଛି ସାଧାରଣ ଜନତାର ଶାଶ୍ୱତ ସାରସ୍ୱତ ସମ୍ପତ୍ତି, ଏହା ପ୍ରତ୍ୟେକ ଦେଶ ପ୍ରାନ୍ତ, ଅଞ୍ଚଳ, ଗ୍ରାମ ପରିବାର ଏପରିକି ବ୍ୟକ୍ତି ବ୍ୟକ୍ତି ଭିତରେ ବ୍ୟାପ୍ତ। ଅବିଚ୍ଛିନ୍ନ ଏହାର ଧାରା, ଅବିରତ ଏହାର ସୃଷ୍ଟି। ଶ୍ରୁତିରୁ ଶ୍ରୁତିକୁ ଏହାର ଗତି, ଏହି ଅମୂଲ୍ୟ ସାରସ୍ୱତ ସମ୍ପତ୍ତିକୁ ନିଷ୍ଠାପର ସଂଗ୍ରହ ପୂର୍ବକ ଏହାର ଗବେଷଣାର ଆବଶ୍ୟକତା ରହିଛି। ସଂସ୍କୃତି ଶବ୍ଦର ଅର୍ଥକୁ ଗୋଟିଏ ସୀମିତ ସୀମା ଭିତରେ ବାନ୍ଧି ରଖାଯାଇ ନ ପାରେ। ଏ ଶବ୍ଦର ଅର୍ଥ ହେଉଛି ବ୍ୟାପକ, ଏହା ଗୋଟିଏ ଭାବ ଉଦ୍ଦୀପକ ଶବ୍ଦ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟ ତା' ଜୀବନରେ ଷୋଡ଼ଶ ସଂସ୍କାର ଦେଇ ମାର୍ଜିତ ହୋଇଥାଏ। ପ୍ରତ୍ୟେକ ସଂସ୍କାର, ସ୍ଥାନ, କାଳ, ପାତ୍ର ଭେଦର ସ୍ଥାୟି ରୂପ ଧାରଣ କରି ସମାଜରେ ପ୍ରତିଷ୍ଠିତ ହୁଏ ସେତେବେଳେ ତାହା ହୁଏ ସଂସ୍କୃତି। ସମାଜର ଧାର୍ମିକ ପରମ୍ପରା, ପୂଜାଧଜା, ଅର୍ଥନୀତିର ବ୍ୟବସ୍ଥା, ଜନ୍ମମୃତ୍ୟୁ, ବିବାହ ବ୍ରତ, ଚୂଡ଼ାକର୍ମ ପରି ସାମାଜିକ ପରମ୍ପରା, ଭିନ୍ନ ଭିନ୍ନ ତନ୍ତ୍ରମନ୍ତ୍ର, ଭୂତପ୍ରେତ ଆଉ ମନୁଷ୍ୟ ସହିତ ସେମାନଙ୍କ ସମ୍ପର୍କ, ଯାଦୁ, ସମ୍ମୋହନ, ବଶୀକରଣ, ଝଡ଼ାଫୁଙ୍କା ଏ ସବୁ ସଂସ୍କୃତି ଅନ୍ତର୍ଗତ।

ସଂସ୍କୃତି ମନୁଷ୍ୟ ସଙ୍ଗେ ଯୋଡ଼ି ହୋଇଥିବା ଗୋଟିଏ ପ୍ରବହମାନ ଧାରା। ଧର୍ମଭାବନା, ମନୁଷ୍ୟର ଚିନ୍ତାଧାରା, ଆଉ ସାହିତ୍ୟ ପୃଷ୍ଠାରେ ବୋହି ଯାଉଥିବା ସଭ୍ୟତାର ଗୋଟିଏ ସୁବାସିତ ପୃଷ୍ଠା ଅଟେ। ଭୌଗୋଳିକ ପରିବେଶ ଆଉ ସ୍ଥାନର ଭିନ୍ନତା ହେତୁ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ସଂସ୍କୃତି ଗଢ଼ି ଉଠିଥାଏ। ମହାଭାରତୀୟ ସଂସ୍କୃତିର ଧାରାକୁ ପରିପୃଷ୍ଟ କରୁଥିବା ଭିନ୍ନ ଭିନ୍ନ ଧାରା ଭିତରୁ ଓଡ଼ିଶାର ସଂସ୍କୃତି ଅନ୍ୟତମ, ଠିକ୍ ସେହିପରି ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ପଶ୍ଚିମ ଓଡ଼ିଶାର ସଂସ୍କୃତିର ଗୋଟିଏ ସ୍ୱତନ୍ତ୍ର ପରିଚୟ ରହିଛି।

ଲୋକ ସଂସ୍କୃତି ହେଉଛି ଲୋକ ଜୀବନର ଦର୍ପଣ, ଲୋକପ୍ରାଣର ପୁଞ୍ଜି। ପଶ୍ଚିମ ଓଡ଼ିଶାର ଲୋକ ଜୀବନ, ଲୋକ କଳା, ଲୋକଗୀତ, ଲୋକନୃତ୍ୟ, ଲୋକ ବାଦ୍ୟ, ଲୋକ ଚଳଣିର ଗୋଟିଏ ଖାସ୍ ଠାଣି ଅଛି। ଏ ଅଞ୍ଚଳର ନୂଆଁଖାଇ, ଗୁଁଡ଼ିଖାଇ, ପୁଷ୍‌ପୁନି, ପୁଅଜିଁଉତିଆ, ଭାଏ ଜିଁଉତିଆ, ଶୀତଳଷଷ୍ଠୀ ଯାତ୍ରା, ଧନୁଯାତ୍ରା, ବଳିଯାତ୍ରା ପରି ପର୍ବଗୁଡ଼ିକରେ ଗୋଟିଏ ଗୋଟିଏ ଗଭୀର ଭାବ ନିହିତ, ଏ ଅଞ୍ଚଳର ନୃତ୍ୟ, ଡାଲଖାଇ, କର୍ମା, ଘୁମୁରା, ଢ଼ାପ୍, ସଞ୍ଚାର, ସମ୍ପର୍ଦ୍ଦା, ଦଣ୍ଡରେ ଗୋଟିଏ ଭିନ୍ନ ପ୍ରକାରର ରୋମାଞ୍ଚ ରହିଛି। ରସରକେଲି, ମାଏଲାଜଡ, ଜାଇଫୁଲ, ସଜନୀ, ଗଲାର, ହୁମୋ, ବଉଲି, ହଳିଆ, ଶଗଡ଼ିଆ, ବାଙ୍ଗରୀ ପରି ଲୋକଗୀତରେ ଗୋଟିଏ

ଭିନ୍ନ ପ୍ରକାର ମିଠାସ୍ ରହିଛି ଢ଼ୋଲ, ନିସାନ, ତାସା, ମୁହୁରୀ, ଟିମ୍‌କିଡ଼ିର ଗୋଟିଏ ତାନରେ ବାଜୁଥିବା ଧ୍ୱନିରେ ମନକୁ ଉଜ୍ଜୀବିତ କରିଦେବାର ଦମ୍ଭ ରହିଛି । ଏ ସବୁ ଭିତରେ ଆମର ସଂସ୍କୃତିର ମଞ୍ଜି ଧାନ ବୁଣିଲା ପରି ବୁଣା ହୋଇଛି କିନ୍ତୁ ଆମର ଉନ୍ନତି ହେଉଥିବା ବେଳେ ଆମ ସଂସ୍କୃତିର ସ୍ୱର ଧିମେଇ ଯାଉଛି ।

ଭାଷା, ସାହିତ୍ୟ, ପରମ୍ପରା, ସଂସ୍କୃତି ହେଉଛି ଆମର ମୂଳ ପରିଚୟ ଆଜି ପୃଥିବୀର ସବୁଦେଶର ଲୋକେ ନିଜ ନିଜ ପୁରାତନ ସଂସ୍କୃତିକୁ ଖୋଜିବାରେ ବ୍ୟସ୍ତ କିନ୍ତୁ ଆମ ପାଖରେ ଯାହା ଅଛି ତାକୁ ଆମେ ହାତଛଡ଼ା କରି ଦେଉଛୁ ହଜି ଯାଉଥିବା ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ନୈତିକ କର୍ତ୍ତବ୍ୟ ଅଟେ । ମାଟି, ପାଣି, ପବନ ପ୍ରତି ସହଜ ପ୍ରେମ, ଆନ୍ତରିକତା ହିଁ ଲୋକ ସଂସ୍କୃତିର ସାଧ । ଏବେ ଲୋକ ସଂସ୍କୃତି ଉପରେ ବିଦେଶୀ ସଂକ୍ରମଣର ପ୍ରଭାବ ପଡୁଛି । ପୁରାତନ ଲୋକ ସମ୍ପ୍ରଦାୟର ବୁନିୟାଦି ପରିବର୍ତ୍ତନ ସଙ୍ଗେ ସାମାଜିକ ସମ୍ପର୍କ ବଦଳୁଛି । ଲୋକ ସଂସ୍କୃତିର ପରିବର୍ତ୍ତନ ଘଟୁଛି, ଲୋକ ସଂସ୍କୃତିର ମୂଲ୍ୟବୋଧ ହ୍ରାସ ହେବାରେ ଲାଗିଛି । ଏବେଠାରୁ ସତର୍କ ନ ହେଲେ ପରେ ପଶ୍ଚାତାପ କରିବାକୁ ପଡ଼ିବ । ■■

ବଡ଼ବଜାର, ସମ୍ବଲପୁର

ସହାୟକ ଗ୍ରନ୍ଥସୂଚୀ :

୧. ପଶ୍ଚିମଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ – ଡ. ନିମାଇଁ ଚରଣ ପଣ୍ଡା

୨. ସମ୍ବଲପୁରୀ ଲୋକଗୀତରେ ସମାଜ ଜୀବନର ସ୍ୱରୂପ – ଡ. ଦ୍ୱାରିକାନାଥ ନାୟକ

୩. ସମ୍ବଲପୁରୀ ଲୋକ ସାହିତ୍ୟ – କୁମାର ହସନ୍

୪. ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ – ସଙ୍କଳକ ଓ ସମ୍ପାଦକ ଡ. ଦ୍ୱାରିକାନାଥ ନାୟକ

୫. ପଶ୍ଚିମ ଓଡ଼ିଶାର ଢ଼ଗରେ ସମାଜ ଚିତ୍ର ଓ ନୀତି ଶିକ୍ଷା – ଡ. ନିମାଇଁ ଚରଣ ପଣ୍ଡା, ସ୍ମରଣିକା, ପ୍ରଗତି ସଂଘ, ସମ୍ବଲପୁର

ଲୋକବିଶ୍ୱାସର ଲୋକଦେବୀ ରଏବାରିଏନ ଓ ତା'ର ମହିମା

ଡ. ଅଜିତ କୁମାର ନାଥ

ଦେବୀ ଉପାସନା ସମଗ୍ର ଭାରତବର୍ଷର ଏକ ଆଦିମ ପରମ୍ପରା। ପ୍ରକୃତିକୁ କେନ୍ଦ୍ରକରି ଏହାର ସୃଷ୍ଟି। ଦୁଃଖର ବିନାଶ, ସୁଖସଂବୃଦ୍ଧି ଲାଭ, ମୋକ୍ଷ ନିମନ୍ତେ ଏହାର ଉପାସନା। ବୈଦିକ, ପୌରାଣିକ, ଶାସ୍ତ୍ରୀୟ ହେଉକି ଲୌକିକ ଧାରାପରି ଭିନ୍ନ ଧାରାରୁ ଏହାର ସୃଷ୍ଟି; ମାତ୍ର ମୂଳ ତତ୍ତ୍ୱ ହେଉଛି ବିଶ୍ୱାସ। ଭାରତ ବ୍ୟତୀତ ଇଣ୍ଡୋନେସିଆ, ନେପାଳ, ସିରିଆ, ଥାଇଲାଣ୍ଡ ପରି ଦେଶଗୁଡ଼ିକରେ ଦେବୀଉପାସନା ରହିଥିବା ଜଣାପଡ଼େ। ଦେବୀ ଉପାସନା ବିଭିନ୍ନ ଶକ୍ତି ରୂପରେ ଦଣ୍ଡାୟମାନ। ଧର୍ମକୁ ଭିତ୍ତିକରି ଏହାର ସୃଷ୍ଟି, ଯାହାର ମୂଳ ଉଦ୍ଦେଶ୍ୟ ଜନଜାଗରଣ ଓ ଚେତନାର ଉତ୍ସ। ଭାରତୀୟ ପ୍ରାଚୀନ ଶାସ୍ତ୍ରଗୁଡ଼ିକରେ ଏ ସମ୍ପର୍କରେ ବହୁ ପରିଚୟ ମିଳିଥାଏ। ତନ୍ମଧ୍ୟରୁ ପଶ୍ଚିମ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର।

ପଶ୍ଚିମ ଓଡ଼ିଶାର ସ୍ଥାନ ବିଶେଷରେ ମୃଣ୍ମୟୀ ପ୍ରତିମା, ତ୍ରିଶୂଳ, ଖଣ୍ଡା, ପଥର, କୁରଡା, ସ୍ତମ୍ଭ, କାଠକୁ ଶକ୍ତିର ସ୍ୱରୂପ ମନେକରି ଆରାଧନା ନିମନ୍ତେ ପୀଠ ନିର୍ମାଣ କରାଯାଏ। 'ପୀଠ' ହେଉଛି ଉପାସନାସ୍ଥଳୀ, ଦେବଦେବୀଙ୍କର ଅଧିଷ୍ଠିତ ସ୍ଥାନ। ଇତିହାସରୁ ଜଣାପଡ଼େ ଯେ, ଭୌମକର ରାଜବଂଶ ଓଡ଼ିଶାକୁ ଶାସନ କରିବା ସମୟରୁ ଶାକ୍ତ ପରମ୍ପରା ପ୍ରାଧାନ୍ୟ ଲାଭ କରିଅଛି। ହିନ୍ଦୁ ଓ ବୌଦ୍ଧ ଧର୍ମ ମିଳନରେ ବହୁ ପୀଠ ନିର୍ମାଣ, ମନ୍ଦିର ନିର୍ମାଣ କରାଯାଇ ଶାକ୍ତ ପରମ୍ପରାକୁ ଲୋକଧର୍ମରେ ପରିଣତ କରାଯାଇଅଛି। ସମଗ୍ର ଭାରତବର୍ଷରେ ରହିଥିବା ଚଉଷଠୀ ଯୋଗିନୀ ମନ୍ଦିରରୁ ଓଡ଼ିଶାରେ ଥିବା ରାଣୀପୁର ଝରିଆଲ ଓ ଭୁବନେଶ୍ୱର ନିକଟସ୍ଥ ହୀରାପୁର ଏହାର ମୂକସାକ୍ଷୀ। ଅନୁମେୟ ହୁଏ ଯେ, ଭୌମକର ଓ ସୋମବଂଶ ରାଜତ୍ୱ ସମୟରେ ଶାକ୍ତ ପରମ୍ପରାର ଧାରା ସୃଷ୍ଟି ହୋଇସାରିଥିଲା। ସମଗ୍ର ଓଡ଼ିଶାରେ ସାତଭଉଣୀକୁ ତନ୍ତ୍ରସାଧିକା ଭାବରେ ଉପାସନା କରୁଥିବା ବେଳେ ପଶ୍ଚିମ ଓଡ଼ିଶାରେ ନିତେଇ ଧୋବଣୀ, ପିତେଇ ଗଉରୁଣୀ, ଶୁକୁଟୀ ଚମାରୁଣୀ, ଜ୍ଞାନଦେଇ ମାଲୁଣୀ, ଶୁଆ ତେଲୁଣୀ, ଗାଙ୍ଗୀ ଗଉଡୁଣୀ, ଲୁହାକୁଟି ଲୁହୁରାଣୀକୁ ସାଧିକା ଭାବରେ ସ୍ଥାନ ଦିଆଯାଇଅଛି।

ଶାକ୍ତ ପରମ୍ପରାର ଅନ୍ୟ ଏକ ପ୍ରାଚୀନ ରୂପରେଖ ହେଉଛି କୋଠି ବା କୁଠି ପୂଜା। ଦୁର୍ଗା ପୂଜା, ଭାଇଜିଉନ୍ତିଆ, ମଙ୍ଗଳା ଆଦି ଦେବୀଙ୍କ ଉପାସନା କ୍ଷେତ୍ରରେ ଏହା ବ୍ୟବହୃତ। ସ୍ଥାନ ବିଶେଷରେ ଏହା ପରିବର୍ତ୍ତନଶୀଳ ଥିଲେବି ଷୋହଳକୋଠି, ଦଶକୋଠି ମୁଖ୍ୟତଃ ଗ୍ରାମାଞ୍ଚଳ ଗୁଡ଼ିକରେ ଦେଖାଯାଏ।

ପଶ୍ଚିମ ଓଡ଼ିଶା ହେଉଛି ଶାକ୍ତ ଉପାସନାର ପ୍ରମୁଖ ସ୍ଥାନ। ସମ୍ବଲପୁର, ସୋନପୁର,ବଲାଙ୍ଗିର ହେଉଛି ଏହାର ଉତ୍ସ। ଏଠାକାର ପ୍ରତ୍ୟେକ ଗ୍ରାମର ପାହାଡ଼, ନଦୀ, ବୃକ୍ଷମୂଳ ହେଉଛି ଦେବଦେବୀଙ୍କର ପ୍ରିୟ ଆସ୍ଥାନ। ଏହିଭଳି ଲୋକ ଦେବଦେବୀଙ୍କର ପୂଜକ ବା ଉପାସକ ଆଦିମ ଜନଜାତିର ଲୋକେ ରହିଅଛନ୍ତି; ଯାହା ସାମ୍ପ୍ରତିକ ସମୟରେ ସମନ୍ୱିତ ପରମ୍ପରା ଭାବରେ ସମଗ୍ର ପଶ୍ଚିମ ଓଡ଼ିଶାର ଶାକ୍ତ ପରମ୍ପରାକୁ ପ୍ରଭାବିତ କରୁଅଛି। ତନ୍ମଧ୍ୟରୁ ଲୋକଦେବୀ ରଏବାରିଏନ ଅନ୍ୟତମ।

ରଏବାରିଏନ୍ ଶକ୍ତିପୀଠଟି ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମର ଉତ୍ତର ଦିଗରେ ରହିଅଛି। ଉଭୟ ଅତାବିରା ଓ ଭେଡେନ ବ୍ଲକର ସୀମାରେଖାକୁ ଏହା ସୂଚୀତ କରେ। ଗୋଡଭଗା-ସୋନପୁର ୫୪ ନମ୍ବର

ରାଜ୍ୟରାଜପଥ କାଦୋବାହାଲ ଛକଠାରୁ ପ୍ରାୟ ପାଞ୍ଚ କି.ମି. ଓ ସମ୍ବଲପୁର-ବରଗଡ଼ ଜାତୀୟ ରାଜପଥ ରେଙ୍ଗାଲିକ୍ୟାମ୍ପ, ଅତାବିରାରୁ ମଧ୍ୟ ଉକ୍ତ ସ୍ଥାନକୁ ଯିବାପାଇଁ ଗମନାଗମନର ସୁବିଧା ସହ ଏହାର ଚତୁଃର୍ଦ୍ଦିଗରେ ରାସ୍ତା ନିର୍ମାଣ ହୋଇସାରିଅଛି। ଏଥିସହ ନିକଟସ୍ଥ ବୁଢ଼ାରଜା ପାହାଡ଼, ବିନ୍ଧ୍ୟବାସିନୀ ପୀଠ, ସୋର୍ଣ୍ଣା ସ୍ଥିତ ସ୍ୱପ୍ନେଶ୍ୱର ବାବା ଶୈବପୀଠ ପାଇଁ ପ୍ରତ୍ୟହ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଥିବାରୁ ରାସ୍ତାଟି ଜନବହୁଳ ରହିଥାଏ। ରଏବାରିଏନ ଶକ୍ତିପୀଠଟିର ପୂର୍ବଦିଗରେ ଝାଉଁନଦୀ, ପଶ୍ଚିମରେ ବରକଣ୍ଟା, ଉତ୍ତରରେ ବୁଗବୁଗା ଓ ଦକ୍ଷିଣରେ ଝିଲିମିଣ୍ଡା ନଳିଆ ରହିଅଛି। ଏହାର ଆଖପାଖରେ ପୋଡ଼ବାଡ଼ୀ, କ୍ଷୀରାପାଲି, ସୋର୍ଣ୍ଣା, ବୁଗବୁଗା, କାଦୋବାହାଲ, ଭୈରୋପାଲି ଆଦି ଗ୍ରାମଗୁଡ଼ିକ ଅବସ୍ଥିତ। ଏହିପରି ଏକ ବୈଚିତ୍ର୍ୟମୟ ପରିବେଷ୍ଟନରେ ଦେବୀ ରଏବାରିଏନଙ୍କ ପୀଠସ୍ଥଳୀ ଅବସ୍ଥିତ। ଚାରିଶହରୁ ପାଞ୍ଚଶହ ଏକର ଜମି ଭିତରେ ରଏବାରିଏନ ଥିବାବେଳେ ପ୍ରାୟ ପାଞ୍ଚ ଏକର ପଚାଶ ଡିସିମିଲ ବିଶିଷ୍ଟ ଗୋଟିଏ ଆୟତାକାର 'ଡୁଲି' ହେଉଛି ଦେବୀଙ୍କର ମୁଖ୍ୟ ପୀଠସ୍ଥଳୀ। ସ୍ୱପ୍ନାଦେଶ ଅନୁସାରେ ଯେଉଁଠାରେ ଭାର ଅଟକି ଯାଏ ସେହିଠାରେ ହିଁ ପୂଜା ଆରମ୍ଭ ହୁଏ। ଉକ୍ତ ଜମିକୁ ସମସ୍ତେ ରଏବାରିଏନ୍ ଜମି ବୋଲି ଜାଣନ୍ତି।

ପ୍ରତିବର୍ଷ ପୌଷପୂର୍ଣ୍ଣମୀର ଠିକ୍ ପୂର୍ବବର୍ତ୍ତୀ ଶନିବାର କିମ୍ବା ମଙ୍ଗଳବାର ରାତିରେ ଦେବୀଙ୍କର ପୂଜା ଅନୁଷ୍ଠିତ ହୁଏ। ପୂଜା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟର କୌଣସି ସଠିକତା ନାହିଁ। ରାତିରେ ସ୍ୱପ୍ନାଦେଶ ହୁଏ ଓ ତହିଁ ଆରଦିନ ପୂଜାଭାର ଯାଏ। ପୂଜାଭାର ରଏବାରିଏନ ଜମି ଭିତରେ ଯେଉଁଠି ଅଟକିଯାଏ, ସେହିଠାରେ ରାତିରେ ପୂଜା ହୁଏ। ଜନଶ୍ରୁତି ଅନୁସାରେ ଏଯାବତ୍ ଶନିବାର କିମ୍ବା ମଙ୍ଗଳବାର ବ୍ୟତୀତ ଅନ୍ୟ କୌଣସି ଦିନରେ ପୂଜା ହେବାର ଦେଖାଯାଇନାହିଁ। ପାଞ୍ଜିଗଣନା କରାଯାଇ ପାହୁରଭାର ଯାଏ। ପାହୁରଭାର ନିକଟସ୍ଥ କାଦୋବାହାଲ ଗ୍ରାମର ଖଡୁରା ବା ଖର୍‌ରା ପରିବାରରୁ ଯାଏ। ତଦନୁସାରେ ସ୍ଥାନଟି ଝିଲିମିଣ୍ଡା ଅଞ୍ଚଳର ହୋଇଥିବା ବେଳେ ଦେବୀ ଖର୍ରା ପରିବାରର ବୋଲି ଲୋକମତ ରହିଅଛି। ପାହୁରଭାର ଝିଲିମିଣ୍ଡା ଗାଁର ଝାଙ୍କର ଆସି ନେଇଥାଏ। ସେ ପୀଠସ୍ଥଳୀରେ ପୂଜା କରେ। ଝାଙ୍କର ଜାତିରେ ଗଣ୍ଡ ସମ୍ପ୍ରଦାୟର ଅଟେ। ପାହୁରଭାରରେ ଦେବୀଙ୍କ ପାଇଁ ଚାଉଁରୀ, ବରଡ଼ା, ଅରୁଆ, ଉଷୁନା ଚାଉଳ ସହିତ ଯଥାଯୋଗ୍ୟ ପୂଜା ସାମଗ୍ରୀ ଯାଇଥାଏ।

ଖର୍ରା ପରିବାରର ବିବରଣୀ

ଧରମୁ ସାହୁ (ପୁତ୍ର)

ପରମାନନ୍ଦ ସାହୁ (ପୁତ୍ର)

ବଳଦେବ ସାହୁ (ଦୁଇଟି ପୁତ୍ର)

ମାନ୍ଧାତା ସାହୁ ୧

ବଳିଧର ସାହୁ ୨

ପୂଜକ ଭାବରେ ଝିଲିମିଣ୍ଡାର ଚୈତନ୍ୟ ଜଗତ ପ୍ରଥମରୁ ପୂଜା କରିଆସୁଥିଲେ। ହଠାତ୍ ୨୦୧୨ ମସିହାରେ ତାଙ୍କର ଦେହାନ୍ତ ପରେ ତାଙ୍କର ଭଣଜା ଗୋପୀନାଥ ମରାଇ ଝାଙ୍କରର କାର୍ଯ୍ୟ ତୁଳାଇ ଆସୁଅଛନ୍ତି। ପୂଜାଦିନ ସକାଳେ ଲୋକଙ୍କର ଭାରି ଭିଡ଼ ହୁଏ। ଟିଟିଲାଗଡ଼, ବଲାଙ୍ଗିର, ପଦ୍ମପୁର, ନୂଆଁପଡା, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ରାଉରକେଲା ସହ ନିକଟ ସମ୍ପର୍କୀୟଙ୍କୁ କେନ୍ଦ୍ରକରି ପୂର୍ବ ଓଡିଶା ତଥା ବାହାର ରାଜ୍ୟରୁ ମାନସିକ ପୂରଣ ପାଇଁ ଭକ୍ତମାନଙ୍କର ସମାବେଶ ଘଟିଥାଏ। ରାତି ବାର ଘଣ୍ଟାରୁ ସକାଳ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ପୂଜା ହୁଏ। ତହିଁ ଆର ଦିନ ଲୋକ ସମାଗମ ହୁଏ। ଗୋଟିଏ ରାତିରେ ରଏବାରିଏନର ପୂଜାଦିନ ପ୍ରଘଟ ହୁଏ। ଏଥିପାଇଁ ଭକ୍ତ ଆଗୁଆ ପ୍ରସ୍ତୁତ ହୋଇ ରହିଥାନ୍ତି।

ରଏବାରିଏନ ଧୈର୍ଯ୍ୟର ଦେବୀ। ତାଙ୍କର କୌଣସି ନିର୍ଦ୍ଦିଷ୍ଟସ୍ଥାନ ନାହିଁ। ରଏବାରିଏନ ଡୁଲିରେ ସ୍ୱପ୍ନାଦେଶ ଅନୁସାରେ ପୂଜା ହୁଏ। କହିବାକୁ ଗଲେ ସମ୍ପୂର୍ଣ୍ଣ ଡୁଲି ଟି ଏକ ମୁକ୍ତାକାଶ ପୀଠସ୍ଥଳୀ। ଡୁଲିରେ କିମ୍ବା ଏହାର ହିଡରେ କେହି ଛେପପକାନ୍ତ ନାହିଁ। ପରିସ୍ରା କିମ୍ବା ଶୌଚ ହେବାର କେବେ ଦେଖାଯାଇ ନାହିଁ। ଏଥିରେ ବହୁ ଅଘଟଣ ଘଟେ। ଏହି ପୀଠରେ ବଳିପ୍ରଥା ଦେଖାଯାଏ। ମାନସିକଧାରୀ ପେଠି, କୁକୁଡ଼ା, ନଡ଼ିଆ ଆଦି ସନ୍ଧ୍ୟା ସୁଦ୍ଧା ଝାଙ୍କର ପାଖରେ ଜମା ଦିଅନ୍ତି। ରାତିରେ ଶଗଡ଼, ଭାର, ଟ୍ରାକ୍ଟର ସାହାଯ୍ୟରେ ନଡ଼ିଆ, ବଳି ପାଇଁ ଆସିଥିବା ପ୍ରସାଦକୁ ଉକ୍ତସ୍ଥାନକୁ ନିଆଯାଏ। ମାନସିକଧାରୀ ହେଉକି ସାଧାରଣ ଜନତା ହେଉ ପୂଜାରାତିରେ ପୀଠସ୍ଥଳୀକୁ କେହି ଯାଆନ୍ତି ନାହିଁ। ସକାଳେ ସମସ୍ତେ ଯାଇ ନିଜ ନିଜର ବଳିକୁ ଆଣନ୍ତି ଓ ଉକ୍ତ ପରିମିତ ସ୍ଥାନରେ ପ୍ରସାଦ

ସ୍ୱରୂପ ରନ୍ଧନକରି ଖାଆନ୍ତି । ରାତିରେ କେବଳ ମୁଖ୍ୟପୂଜକ ସହ ତାଙ୍କର ତିନିଜଣ ସହଯୋଗୀ ଯଥା – ରହେମାନ ମରାଇ, କୃଷ୍ଣ ମରାଇ, କର ଗହୀର ବର୍ତ୍ତମାନ ରହି ଆସୁଅଛନ୍ତି । ଏହାର ପ୍ରସାଦକୁ ଲୋକେ ଗର୍ଭନିରୋଧକ ଭାବରେ ବ୍ୟବହାର କରନ୍ତି । କୌଣସି ବିବାହିତା ମହିଳାକୁ ଏହି ପ୍ରସାଦକୁ ଖାଇବାକୁ ଦେଲେ ତାଙ୍କର ସନ୍ତାନସନ୍ତତି ଜନ୍ମ ହୁଏ ନାହିଁ । ବହୁପୂର୍ବରୁ ଜନ୍ମନିୟନ୍ତ୍ରଣ ପଦ୍ଧତି ପାଇଁ ଏହାର ପ୍ରସାଦକୁ ବ୍ୟବହାର କରାଯାଉଥିଲା । ତତ୍‌ସହ ଅବିବାହିତ ପୁଅକୁ ଉକ୍ତସ୍ଥାନକୁ ଯିବା ପାଇଁ ବାରଣ କରାଯାଇଛି । ମହିଳାମାନେ ଉକ୍ତ ସ୍ଥାନକୁ କେବେବି ଯାଆନ୍ତି ନାହିଁ । ବହୁପୂର୍ବରୁ କିଛି ଆଠ ନଅ ବର୍ଷର ବାଳକ ଖେଳିବା ବାଟରେ ନଡ଼ିଆ ଭକ୍ଷଣ କରିଦେବା ହେତୁ ଅଦୃଶ୍ୟ ହୋଇଯାଇଥିଲେ । ପରେ ଝାଙ୍କର ସହ ଅଞ୍ଚଳବାସୀ ହାରିଗୁହାରୀ କରିବାରୁ ସେମାନେ ଦୃଶ୍ୟ ହୋଇ ଘରକୁ ଫେରିଥିବାର ଲୋକବିଶ୍ୱାସ ରହିଅଛି ।

ବଳିପ୍ରଥାକୁ ବନ୍ଦ କରିବାକୁ ଯାଇ ଖରରା ବଂଶର ଧରମୁ ସାହୁଙ୍କୁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡିଥିବାର ଲୋକମାନେ ମତ ଦିଅନ୍ତି । ଧରମୁ ସାହୁ ଅବିଶ୍ୱାସୀ ଥିଲେ ଓ ବଳିବନ୍ଦ ପାଇଁ ଚେଷ୍ଟା କଲେ । ବଳି ବଦଳରେ ଖିରୀପୁରୀରେ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ଫଳରେ ତାଙ୍କୁ ଭୀଷଣ ଜ୍ୱର ହେଲା । ବିଲର ଧାନ ନଷ୍ଟ ହୋଇଗଲା । ପରବର୍ତ୍ତୀ ସମୟରେ ସେ ଦେବୀଙ୍କୁ ନିଜର ଭୁଲ ମାଗି ପୁନଃ ବଳି ସହ ଖିରୀପୁରୀ ପ୍ରଦାନ କଲେ ।

ଦେବୀ ରଏବାରିଏନଙ୍କ ସମ୍ପର୍କରେ ଜନଶ୍ରୁତି ଅଛି ଯେ, ଜଣେ ପୋଲିସବାବୁ ବଳିବନ୍ଦ ପାଇଁ ଆସିଥିଲେ । ସେ ସମୟରେ ସେଠାରେ ଏକ ଖଳା ଓ ଘର ଖଣ୍ଡିଏ ଥିଲା । ବିଡ଼ି ଖଣ୍ଡିଏ ପିଇବା ପାଇଁ ଉକ୍ତ ଘରକୁ ଦିଆସିଲି ମାଗିବା ପାଇଁ ଯାଇଥିଲେ ।ଭିତରେ ଏକ ସୁନ୍ଦରୀ ସ୍ତ୍ରୀ ଦୃଶ୍ୟ ହେଲା । ସୁନ୍ଦରୀ ସ୍ତ୍ରୀ ପ୍ରତି ତାଙ୍କର କାମବାସନା ଜାଗ୍ରତ ହେଲା ଫଳରେ ତାଙ୍କର ମୃତ୍ୟୁବରଣ ହୋଇଥିଲା । ଲୋକମାନେ ଚୋରୀଜିନିଷ ମିଳିବା, ରୋଗଦୁଃଖ ଦୂରୀକରଣ, ବିବାହ ବିଳମ୍ବ, ପାରିବାରିକ ସମସ୍ୟା, କୋର୍ଟ କଚେରୀ ସମସ୍ୟା, ଗାଳି ଗଣ୍ଡଗୋଳ ଇତ୍ୟାଦିରୁ ମୁକ୍ତି ପାଇବା ପାଇଁ ବଳି ଓ ନଡ଼ିଆ ପ୍ରସାଦ ଯାଚନ୍ତି । ତତ୍ ସହ ଏଠାରେ ଦୀର୍ଘଦିନ ଧରି ଚାଷ କରୁଥିବା କିମ୍ବା ବ୍ୟବସାୟ କରୁଥିବା ଲୋକେ ଏଠାକୁ ଆସି ବଳି ଅର୍ପଣ କରନ୍ତି । ବର୍ତମାନ ଏଠାରେ ଭାତ, ଡାଲି ଇତ୍ୟାଦିର ସୁବ୍ୟବସ୍ଥା କରାଯାଉଅଛି । ଆଶ୍ଚର୍ଯ୍ୟର କଥା ଯେ, ବଳିକୁ ଉକ୍ତ ପରିମିତ ସ୍ଥାନରେ ରନ୍ଧନ କରି ଖାଇବାକୁ ପଡ଼ିଥାଏ । ଫଳରେ ବହୁତ ମାଂସ ମିଳିଥାଏ । ଲୋକେ ଆକଣ୍ଠ ଭୋଜନ କଲେବି କାହାକୁ କେବେ ଅଜୀର୍ଣ୍ଣ ବା ଅପାକ ହେବାର ଦେଖାଯାଇନାହିଁ । ସକାଳୁ ସନ୍ଧ୍ୟା ଯାଏଁ କେବଳ ଖାଇବାର ପର୍ବ ଅନୁଷ୍ଠିତ ହୋଇଥାଏ । ଏହାକୁ ଖାଇବା ପାଇଁ ବହୁ ବିବାହିତ ପୁରୁଷଙ୍କର ସମାଗମ ହୁଏ । ହଜାର ହଜାର ନଡ଼ିଆ ପ୍ରସାଦ ସ୍ୱରୂପ ଆସୁଥିବାରୁ ଲୋକେ ସେ ସ୍ଥାନକୁ ଯାଇ ଅନେକ ଦିନ ପର୍ଯ୍ୟନ୍ତ ଖାଇଥାନ୍ତି । ଚାଷୀମାନଙ୍କର କହିବା ଅନୁସାରେ ଉକ୍ତ ଅଞ୍ଚଳରେ କାହାରି କୌଣସି ଜିନିଷ ଏପର୍ଯ୍ୟନ୍ତ ଚୋରୀ ହୋଇ ନାହିଁ । ଧାନ ଅମଳ ସମୟରେ ଚାଷୀ ଧାନକୁ ଚୋର ଭୟରୁ ଏଠାରେ ଜଗି ନଥାଏ । ଲୋକବିଶ୍ୱାସ ଅନୁସାରେ ନିଜର ଚୋରୀ ଜିନିଷ ପାଇଁ ଦୁଆଁ ଝୁଲାଇବା ପ୍ରଥା ପ୍ରଚଳିତ । ବିଶ୍ୱାସ ଅଛି ଯେ ଦେବୀଙ୍କର ପାଖକୁ ଯାଇ ଦୁଆଁ ଉଲାଇବା ଫଳରେ ଚୋରୀଜିନିଷକୁ ଚୋର ଆଉ ଆଗକୁ ନେଇପାରେ ନାହିଁ । ଯେତେଦୂର ପର୍ଯ୍ୟନ୍ତ ସେ ନେଇକି ଯାଇଛି, ସେଠାରେ ହିଁ ତାହା ରହିଯାଏ କିମ୍ବା ପ୍ରଘଟ ହୋଇଯାଏ । କାଦୋବାହାଲ ସ୍ଥିତ ବଳଦେବ ସାହୁ ଖର୍ରା ପରିବାରରୁ ଏବେ ମଧ୍ୟ ବିଧିବିଧାନ ସହ ପାହୁରଭାର ଯାଉଅଛି । କିଛି ଅଘଟଣ ହେଲେ ଲହଣ୍ଡାନିବାସୀ ବଳଦେବ ସାହୁଙ୍କ ଭଉଣୀ ନୂରାବତୀ ସାହୁଙ୍କୁ ମଧ୍ୟ ସ୍ୱପ୍ନାଦେଶ ହୁଏ ।

ଦେବୀଙ୍କ ପାଇଁ ଉକ୍ତ ପରିବାର ଚୁଡ଼ି, କଣ୍ଠା, ଲାଲବସ୍ତ୍ର ପ୍ରଦାନ କରନ୍ତି । ବେଳେବେଳେ ବଳଦେବ ସାହୁଙ୍କ ସ୍ତ୍ରୀ ନୁପୂର ସାହୁ ତାଙ୍କର ବଡ଼ ଝିଅର ସ୍ୱର ଘରେ ଶୁଣିଲା ପରି ଅନୁଭବ କରନ୍ତି ଅଥଚ ସେତେବେଳେ ଘରେ କେହିନଥାନ୍ତି ବୋଲି ସେ ମତ ଦେଇଅଛନ୍ତି ।

ଦେବୀ ରଏବାରିଏନ ଏ ଅଞ୍ଚଳର ଗ୍ରାମଦେବୀ, ଦୁଃଖସୁଖର ସାଥି । ଅନେକ ଥର ବଳିପ୍ରଥାକୁ ବନ୍ଦ କରିବା ପାଇଁ ଚେଷ୍ଟା କରାଯାଇଅଛି, ହେଲେ କୌଣସି ସୁଫଳ ମିଳିନାହିଁ । କେଉଁ ଆବାହମାନ କାଳରୁ ଚାଲିଆସିଥିବା ଗ୍ରାମୀଣ ଜନତାଙ୍କ ଭାବାବେଗ ଓ ଲୋକବିଶ୍ୱାସର ପରାଜୟ ଘଟିନାହିଁ । ■■

ଟାମ୍ପରସରା, ବରଗଡ

ଭାଷା ସମ୍ବଲପୁରୀ, ଶବଦ ଭଦରି

ଲକ୍ଷ୍ମୀନାରାୟଣ ପଣ୍ଡା

ମୁନୁଷ ଯେନ ଭି ଥାଉ ତାର ମନର ଭାବକେ ଆଉର ଝନକର ପାଶେ ପହଁଚାବାର ଲାଗି ଭାଷା ବେଭାର କରୁଛେ। ଭିନ ଭିନ ଠାନେ ଭିନ ଭିନ ଭାଷାନେ ଲୋକ କଥା ହେଉଛନ କି ଲେଖା ଲେଖୁଛନ। ମୁରଖିଆ ହିସାବେ ଭାଷା କେତେଟା ଶବଦକେ ନେଇକରି ହେସି ଯେନ ଶବଦମାନେ ଝନକରନୁ ଆଉର ଝନକରନିକେ ଗଲେ ଗୁଟେ ଅରଥ ପହଁଚେଇ ପାରସନ। ସେ ଶବଦମାନକୁ ଶୁନଲେ କି ପଢ଼ଲେ ଲୋକଟେ କହିଥିବାର କି ଲେଖିଥିବାର ଲୁକର ମନର ଭାବକେ କି ସେ ଜନାବାରକେ ଚାହୁଁଥିବାର କଥାକେ ଠିକ ହିସାବେ ବୁଝି ପାରସି।

ଇ କଥାକେ ବିଚାରକଲେଁ ଭାଷା ଆଉର ଶବଦର ସମ୍ପର୍କଟା ଆତ୍ମା ଆଉର ଶରୀରର ସମ୍ପର୍କ ମେତାର ଲାଗସି। ଗୁଟକର ବିନା ଆର ଗୁଟେ ବିଷଏନେ ଭାବି ନାଇଁ ହଏ। ଶବଦଟାକେ ଆମେ ଶୁନିପାରୁଛୁଁ, ଦେଖିପାରୁଛୁଁ, ଲେଖିପାରୁଛୁଁ ହେଲେ ଗୁଟେ ଭାଷାର ଆଶରା ନାଇଁ ପାଏଲେ ସେଟା ଛୁଛା ଗାର ଆଏ। ଟେଢା ବଁକଡା ଗାରମାନେ ଜିଇଁ ଉଠସନ ଛିଇଁଦେଲେ ତାକୁଁ ଗୁଟେ ଭାଷା। ଆମେ ତ କଥାର ସୁରେ ଭାଷାଟା ଶବଦର ଜୀବନ ବଲିଁ କହିଦେଲାଁ ହେଲେ ବିଚାରଟା ଏକଲା ଶବଦକେ ଉତରିଆଏଲେ ମୁଡ ଫେର ଗୁଲମାଲ ହେଇଯାଏସି। ଆଏଁଖ କାନ ଝଗଡ଼ା ଲାଗିଯାଏସନ। କାନ ବଲସି ମୁଇଁ ଭି ଶବଦ ଶୁନୁଛେଁ। ଆଏଁଖକେ ବିରଝାସି ତୁଇଁ ଯେନ ଶବଦ ଦେଖୁଛୁ ଦିମାକ ତ ତାର ଅରଥ ବାହାର କରିଦେଉଛେ ଭାଷାର ବଲ ପାଇକରି ହେଲେ ମୁଇଁ ଯେତକି ଶବଦ ଶୁନୁଛେ ତାର ଅରଥ ବାହାର କରବାରଟା ବଡା କାଏଡ ଆଏ। ପବନ ବୁହିଲେ କି ପାଏନ ଧାରଟେ ଉହୁଲିଗଲେ ଭିନ ଭିନ ରକମର ଶବଦ ବାହାର କରସନ। ଚରେଇ ଚିରଗୁନ ପଶୁ ଯଁତୁ ସଭେ ସମିଆ ଜାନି କେତେ କିସମର ଶବଦ ବାହାର କରୁଛନ। ସେ ସବୁ ଶବଦର ଅରଥ ଦିମାକ ବାହାର କରି ପାରୁଛେ କାଏଁ? ଭଲ ଭାବେ ବିଚାର କର, ଇ ଶବଦର ସିରଜିନା ମୁନୁଷ ନାଇଁ କରିଁ ଇତାର ସିରଜିନା ପ୍ରକୃତି କରିଛେ। ତାରନୁ ଦେଖି ଶିଖି ମୁନୁଷ ତାର ବୁଝବାର ଲାଏକର ଭାଷା ବାହାରକରିଛେ।

ମତେ ତ ଲାଗୁଛେ କଥାଟା ଅବଗା ସତ ଆଏ। ପ୍ରକୃତି କେତନିଟେ ଶବଦ ସୃଷ୍ଟି କରୁଛେ। ତାକେ ଦେଖି ଶୁନିକରି ମୁନୁଷ ତାର ବେଭାର ଲାଏକର କେତେ ଶବଦ ବନେଇଛେ ଆଉର ତାକେ ଅର୍ଥ ଦେଇଛେ। ସେ ଅର୍ଥ ଥିଲା ଶବଦମାନକୁଁ ନେଇକରି ଭାଷା ହେଇଛେ। ସେ ଭାଷାଭି ଦୁଇଟା ଅସଲ ଧାର ହେଇକରି ବୁହି ଯାଇଛେ। ଗୁଟେ ହେଉଛେ ଆମେ ଲେଖୁଥିବାର କି କହୁଥିବାର ଭାଷା, ଆଉର ଗୁଟେ ହେଉଛେ ସଂଗୀତର ଭାଷା। ଇ ବେଭାର ହେଉଥିବାର ଶବଦମାନକୁଁ ବାନ୍ଧି ରଖବାରକେ ଗୁଟେ ଅକ୍ଷର(ଲିପି)ର ଦରକାର। ଲିପି ନାଇଁ ହେଲେ ଶବଦଟାକେ ଆମେ ଦେଖି ନାଇଁ ପାରୁଁ କି ଲେଖିକରି ଅଲଗ ଠାନକେ ନେଇ ନାଇଁ ପାରୁଁ। ଇନୁ ଜନା ପଡ଼ଲା ଯେ ଭାଷାକେ ଜବର କରବାରକେ ହେଲେ ଗୁଟେ ଲିପି ନାଇଁ ହେଲେ ନାଇଁ ଚଲେ।

ଦୁନିଆଁନେ କେତନିଟେ ଭାଷା ଅଛେ ଯେନଟାକି ଲୋକମାନେ ବେଭାର କରୁଛନ। ହେଲେ ଯେତକି ଭାଷା ଅଛେ ହେତକି ଲିପି ନାଇଁନ। ଲିପିର ଦରକାର ପଡୁଛେ ସେତକିବେଳେ ଯେତେବେଳେ କି ଆମେ କହୁଥିବାର ଭାଷାଥି ଲେଖବାର ଦରକାର ପଡୁଛେ। କଥିତ ଭାଷାଟାକେ ଲିଖିତ

ଭାଷା କରବାରକେ ହେଲେ ଲିପିଟେ ନିହାତି ଜରୁରି । ଗୁଟେ ଭାଷାର ଲାଗି ଗୁଟେ ଅଲଗ ଲିପି ହେବାର ଦରକାର ନାଇଁନ । ଦେଖବାରକେ ଗଲେ ଆମର ଦେଶର ଅସଲ ଦୁହି ଭାଷା "ହିନ୍ଦୀ" ଆଉର "ସଂସ୍କୃତ" ଗୁଟେ ଲିପି ବେଭାର କରୁଛନ । ସେଥି କେନସି ଭାଷାର ମର୍ଯ୍ୟାଦା ହାନି ନାଇଁ ହେବାର କି ଭାଷାର ବଢ଼ତିଲାଗି ବାଧକ ନାଇଁ ହେବାର । ଇହାଦେ ଆମର ସମଲପୁରୀ ଗୀତ ସାରା ଦୁନିଆଁନେ ଫଏଲି ଗଲାନ । ତାକେ ବିଦେଶର ଲୋକ ଭି ନିଜର ଆବାଜରେ ଗାଉଛନ । ସେମାନେ କାଣା ସେ ଗୀତକେ ଗାଏବାର ଲାଗି ଆମର ଲିପି ଶିଖବାର ଜରୁରି ଆଏ ? ମୁଟେ ନୁହେ, ବେଭାର ହେଇଥିବାର ଶବଦମାନକୁଁ ତାକର ଜାନିଥିବାର ଲିପିନେ ଲେଖିଦେଲେ ସେ ତାକେ ପଢିକରି ଆରାମସେ ଆମର ସୁରନେ ଗାଇ ପାରବେ । ଇ ଗୁନର ଲାଗି ଯଦି କେନସି କଥିତ ଭାଷାଟେ ଲିଖିତ ହେବା ବଏଲେ କେନସି ଭି କାରନନୁ ସେ ଇଲାକାର ଲୁକେ ବେଭାର କରୁଥିବାର ଲିପିକେ ବେଭାର କଲେ କିଛି ଅସୁବିଧା ନାଇଁନ । ମୋର ମତନେ ଯଦି କେନସି ଭାଷାର ଲିପି ଥିଲା ଆଉର ସମିଆର ଚକାନେ ଚେପେଇ ହେଇ ହଜିଯାଇଛେ ତାକେ ଖୁଜିକରି ବାହାର କରବାରଟା ବହୁତ ବଢିଆ କାମ ଆଏ ହେଲେ ଲିପି ନାଇଁ ଥାଇଁ ବଏଲେ ନୂଆଁ ଲିପିଟେ ଘାଁଟି ଚକଟିକରି ବାହାର କରବାର ଦରକାର ନାଇଁନ । ଇ ଇଲାକାନେ ବେଭାର ହେଉଥିବାର ଲିପିଥି ଲେଖଲେ ଭାଷାର ଜହ ବଢ଼ତି ହେବା କାଁକରି ବଏଲେ ସେ ଲିପିକେ ଶିଖବାରକେ ନାଇଁ ପଡ଼େ ବଲିଁ ପାଠକ ନିଶ୍ଚିତ ଭାବେ ଜହ ହେବେ ।

କ୍ଷମା' କରବେ, କେନ କଥା କହେମି ବଲିକରି ବାହାରି ଥିଲାବେଲେ କେନଆଡକେ ପଲେଇ ଯାଉଛେଁ । ମୁଇଁ ଅସଲକରି ଆମର ସମଲପୁରୀ ଭାଷାର ଶବଦ ବିଷଏନେ କିଛି କହେମି ବଲି ବାହାରିଛେଁ । ମୁଇଁ ଭାଷାବିତ ନୁହେ କି କେନସି ଭାଷାର ଗବେଷକ ଭି ନୁହେ । ଯାହା କହୁଛେ ମୋର ମନର କଥା, ହୁରୁଦର ବଥା । ମନର ସଉକ ମେଟାବାରକେ ଇ ଶବଦମାନକର ସଙ୍ଗେ ଖେଲିକରି ଇଆଡୁ ସେଆଡୁ ଲେଖିପକାସିଁ । ଇ ଶବଦମାନକର ଆକାର ପ୍ରକାର ଜାଏତ ଧରମକେ ନେଇକରି ମୋର ଗିଆନ କିଛି ଭି ନାଇଁନ । ହେଲେ ଇମାନକର ସଙ୍ଗେ ଖେଲୁଥିବାର ଲାଗି ଚିନହାର ଜନାର ବନେକରି ହେଇଛେଁ । ଇମାନକର ହଁସି କାନ୍ଦି ସୁଖ ଦୁଖ କିଛି କିଛି ବୁଝିପାରସିଁ ମେତାର ଲାଗସି । ସେଟା ମୋର ମନର ଭରମ ଭି ହେଇପାରେ । ସପନ ହେଉ କି ଭରମ ହେଉ ଯେନଟା ମନକେ ହନ୍ଦଲେଇ ପକାଲା ତାକେ ସାଙ୍ଗ ସରସାମାନକୁଁ କହିଦେଲେ ମନଟା ଉସାସ ଲାଗସି । ମୋର ମନ ଉସାସ ଲାଗବା ବଲି କହି ଦେଉଛେଁ, ଭଲ ନାଇଁ ଲାଗଲେ ସହିଯିବେ, ନାଇଁ ରାଗବେ ।

ଏତକି ବେଲତକ ମୋର କହେବାର ହିସାବେ ଶବଦ ନାଇଁ ହେଲେ ଗୁଟେ ଭାଷା ଗୁଟେ ଠାନୁ ଦୁସରା ଠାନକେ ଯାଇ ନାଇଁପାରେ କି ବାହାର ଦୁନିଆଁର କଥା ତ ଛାଡ ନିଜର ଇଲାକାନ ଭି ଫଏଲି ନାଇଁ ପାରେ । ଶବଦ ହିଁ ଗୁଟେ ଭାବକେ ପ୍ରକାଶ କରୁଛେ, ଗୁଟେ କାମକେ ବୁଝଉଛେ । ଭାବ ପ୍ରକାଶ କରବାର କି କରୁଥିବାର କାମର କିସମକେ ଭଲ ଭାବେ ବୁଝାବାରକେ ଶବଦମାନେ ଭିନ ଭିନ ରୁପ ଧରୁଛନ । ଇ ବିଷଏନେ ଗିଆନି ଗୁନି ଗବେଷକ ବିଷାରଦମାନେ କେତନିଟେ କଥା ବୁଝେଇଛନ ଆଉର ବୁଝଉଛନ । ବହୁତଟେ ନୁଆଁ ଶବଦ ସିରଜିନା ହେଉଛେ, ନାଇଁ ହେଲେ ଅଲଗ ଭାଷାନୁ ଆସିକରି ଆମରଥି ମିଶୁଛେ । ଭାଷାକେ ବ୍ୟାପକ ଆଉର ସମୃଦ୍ଧ କରବାରକେ ହେଲେ ଶବଦର ଭଦରିନେ କେତନିଟେ ଶବଦ ଭରବାର ଦରକାର ।

ଆମର ଇ ସମଲପୁରୀ ଭାଷାର ଜନମ ସମିଆ ତ ସଠିକ କରି ଗବେଷକମାନେ ଭି କହି ନାଇଁ ପାରବାର । ହେଲେ ଇଟା ଭି ଆମର ଲାଗି ଖୁସିର ବିଷଏ ଯେ ଆମର ଭାଷା ବହୁତ ପୁରାତନ । ଭାଷା ଯେତକି ପୁରାତନ ହେବା ତାର ଶବଦର ଭଦରି ହେତକି ଭରବା । ଇ ଗୁନୁ ଆମର ଭାଷାର ଶବଦର ଭଦରି ବହୁତ ବଡ । ଗୁଟେ କାମ କି ଗୁଟେ ଦରବର ଟିକେ ଟିକେ ଫରକଲାଗି ଅଲଗ ଅଲଗ ଶବଦ ରହିଛେ । ଦୁସରା ଭାଷାଥି ବାଡି କି ଲାଠି ବଲୁଥିବାର ଦରବର ଆକାର ପ୍ରକାର ଜାନିକରି ଆମର ଭାଷାନେ ଲେଦା, ଲାବଡ,ପାଚେନ, ବାଡି, ଠେଙ୍ଗା, ମେରହା, ଟେଁଡପି ବାଗିର ବହୁତଟେ ଶବଦ ଅଛେ । ସମିଆଟା ବହୁତ ବଦମାସ ଆଏ । ସେ ଆମକୁ ନୁଆଁ ଜିନିଷ ଦେଲା ବେଲକେ କେତେଟା ପୁରାନା ଜିନଷକେ ନେଇ ଯାଉଛେ । ସେ ପୁରାନା ଜିନିଷ ହଜି ଯିବାର ସଙ୍ଗେ ବହୁତଟେ ପୁରାନା ଶବଦ ହଜି ଯାଉଛେ । ଇହାଦେ

ଦେଖମା ବଏଲେ ବଡଭାଗି ଇଲାକାନେ କାଠର ନଙ୍ଗଲ ଜୁଆଡି ହଜି ଗଲାନ। ଜୁଆଡି ହଜବାର ସଙ୍ଗେ ପଏଁଚେଲ, ଜୁତା, ଦଉଁରା ଭି ହଜି ଯାଉଛନ। ନଙ୍ଗଲର ଆକାର ପ୍ରକାର ଆଉର ସେଥି ବେଭାର ହଉଥିବାର ଜିନିଷମାନକର ଶବଦ ହଜବାର ଉପରେ। ବଲଦ ଗାଡି(ଶଗଡ଼) ଭି ହଜି ବସଲାନ। କାଁ ଭାଁ କେନ ଅଛେ ବଏଲେ ତାର ଗଠନ ବଦଲି ଯାଉଛେ। ଶଗଡନେ ଲାଗୁଥିବାର ସବୁ ଜିନିଷର ଅଲଗ ଅଲଗ ନାଆଁମାନେ ଅଛେ। ଆଉର କିଛି ଦିନ ଉତାରୁ ସେମାନେ ଭି କେନ ହଜିଯିବେ।

ଏଛେନକା ଇ ସହରି ଆଉର ଗଅଁଲି ଜୀବନଲାଗି ଭି କେତେଟେ ଶବଦ ହଜିଯାଉଛେ। ସହରେ ଚୁଇଲ, ଝୁରି, ଗୁଁଡିଆ, ଖରସି, କଁପ (କଁପୁ) ବାଗିର ଶବଦର ବେଭାର ମୁଟେ ନାଇଁ ହେବାର। ଏନତା ସମିଆ ଆଏଲାନ ଯେ ଇ ଶବଦମାନେ ବେଭାର କଲେ ନିଜର ଇଜତ ପଲେଇଯିବା ବଲି କେତେ ଲୋକ ଭାବୁଛନ ମେତାର ଲାଗସି। ଉଡ଼ିଆ ଆଉର ଇଂଲିଶ ଆମେ ଇସ୍କୁଲେ ପଢଲାଁ। ହିନ୍ଦୀ ଭାଷାତ ଆମର ପଶ୍ଚିମ ଓଡ଼ିଶାନ ସଭେ କହିପାରସୁଁ ଆଉର ବୁଝିପାରସୁଁ ଲେଖେ ଲାଗସି। ଭୁଲ ଭଟକାକେ ମାର ଗୁଲି। କଥା କହେଲା ବେଲେ ଇ ସବୁ ଭାଷାର ଶବଦମାନେ ଜହ ବେଭାର କଲେ ଆମେ ଆମକୁ ଶିଖିତ ବଲି ଭାବସୁଁ। ଶବଦଟେ ଲିଖିତ ହେଇ ରହିଗଲେ ଅମର ହେଇ ଯାଏସି। ଆମର ଶବଦ ଥାଇକରି ଦୁସରା ଭାଷାର ଶବଦ ବେଭାର କରବାର ମାନେ ନିଜର ମାଆଁକେ ବିଷ ଦେଇକରି ପରହର ମାଆଁକେ ଅମୃତ ପିଆବାରଟା। ଭାବି ନାଇଁ ପାରୁଁ ଯେ ଆମର ମାଁ ମାଟିର ମାତୃଭାଷାର ଅପମାନ କରୁଛୁଁ, ଟଁଟି ଚିପୁଛୁଁ।

ଇ କଲିଯୁଗେଁ ତ ସଭେ ନିଜର ହାତେ ଆଉର ତିନହାତ କାଁଡେ ନାଇଁନ ଚାଏର ହାତ ହଇଗଲେନ। କହେବ କାହାକେ। ହେଲେ ଆମର କବି ଲେଖକମାକର ଇହାଦେ ଦାଇତ୍ୱ ଇ ସବୁ ଦରମରା ଶବଦକେ ବଁଚାବାରଟା, ମରିଗଲା ଶବଦକେ ଜୀବନଦାନ ଦେବାରଟା। ଇ ଶବଦମାନେ ଦିନଏ ଭେଷଡିଆ ଗୀତ ବନେଇକରି ଆମର ଭାଷାର ମଜାକ ଉଡ଼େଇଥିଲେ ଆଉର ଗୁଟେ ଅଭଦ୍ର ଅସଭ୍ୟ ଭାଷାର ପରିଚଏ ଦେଇଥିଲେ। କିଛି ଲୋକ ଆମର ଶବଦ ଥାଇକରି ସେନ ଦୁସରା ଭାଷାର ଶବଦ ବେଭାର କରି ବାହାଦୁରି ମାରୁଥିଲେ। ଯାହାହେଉ ମାଁ ସମଲେଇର ଦୟାନୁ ସେ ସବୁ ଏଛେନକା ବନ୍ଦ ହେଇକରି ଅସଲି ଶବଦମାନେ ଫୁଲ ବନିକରି ଆମର ଭାଷାର ମହକକେ ସାରା ଦୁନିଆଁନ ଫଏଲେଇ ଦେଲେନ। ପୁରାନା ଶବଦମାନେ ଆମର ଭାଷାର କେଚରା ନୁହନ ସେମାନେ ଗୁଟେଗୁଟେ ରତନ ଆଆନ। ତାକେ ସାଏତିକରି ରଖବାରଟା ଆମର କରତବ ଆଏ। ଆମର କଥା ବାରତା ଲେଖାପଢାନେ ପୁରାନା ଶବଦ ବେଭାର କରବାରଟା ଲାଜର କଥା ନୁହେ, ଗୁଟେ ଗଉରବର କଥା ଆଏ। ଆସ ସଭେ ମିଲିମିଶି ଆମର ଭାଷାର ଭଦରିନ ସେ ଶବଦ ରତନମାନକେ ସାଏତି ରଖମା। ଆମେ ସଭେ କଥା ବାରତାଥି ଆଉର ଲେଖାମାନକେ ସେ ଶବଦମାନେ ବେଭାରକଲେ ଘଁସିମାଜି ହଇକରି ଚକଚକେଇଯିବେ ଆଉର ଆମର ଭାଷାକେ ଉଜଳ କରବେ। ମାଁ, ମାଁ ମାଏଟ ଆମକୁ ଜନମ ଦେଇ ବଡ କରିଛନ, ନାଚି ଡେଗି ଉତକି ଶିଖେଇଛନ ହେଲେ ମାତୃଭାଷା ଭି କମ ନୁହେ। ସେ ଆମର ଡେନା ଆଏ। ଆମକୁ ସାତ ସମୁଦର ପାରକରି ବିଦେଶନ ମୁଡ଼ ଟେକି ଠାଡ଼ କରିଛେ। ଆଜି ସମିଆ ଡାକୁଛେ ଆସ ସଭେ ଏକଜୁଟ ହଇକରି ମାଁ, ମାଁ ମାଏଟ ଆଉର ମାତୃଭାଷାର ମାନ ମହତ ବଢାମା। ଜୁହାର ମାଁ ସମଲେଶ୍ୱରୀ, ଜୁହାର ମାଁ ପାଟନେଶ୍ୱରୀ, ଜୁହାର ମାଁ ମାଣିକେଶ୍ୱରୀ, ଜୁହାର ମା ସୁରେଶ୍ୱରୀ। ■■

ଦଧିବାମନ କଲୋନୀ, ଧନକଉଡ଼ା, ସମ୍ବଲପୁର
ମୋ - ୯୯୩୭୪୮୭୨୮୪

କେଳା ସମ୍ପ୍ରଦାୟର ଦୁଃସ୍ଥିତି

ଅନୁପମା ବିଶ୍ୱାଳ

ସାଧାରଣତଃ କଳା ଜାଣିଥିବା ସମ୍ପ୍ରଦାୟକୁ "କେଳା" ନାମରେ ଅଭିହିତ କରାଯାଏ। କଳା ଚାତୁରୀ ଦେଖାଇ ସାଧାରଣ ମଣିଷକୁ ଚମତ୍କୃତ କରାଇବା ପାଇଁ ଏ ଜାତିର ଉତ୍ପତ୍ତି। କେରଳ ବା ଦକ୍ଷିଣ ଦେଶ ଆଡୁ ଏମାନେ ଆସିଥିବାର ଜଣାଯାଏ।

କୁହୁକ ଓ ସାପଖେଳ ଦେଖାଇ ତଥା ଧୁଡୁକି ବଜାଇ ଗୀତ ବୋଲି ଭିକ ମାଗିବା ଏମାନଙ୍କ କୌଳିକ ବୃତ୍ତି। ଗୋଟିଏ ସ୍ଥାନରେ ଏମାନେ ବେଶୀ ଦିନ ରହିପାରନ୍ତି ନାହିଁ। ତାଳପତ୍ରରେ କୁଡ଼ିଆ ବାନ୍ଧି ଦଳ ଦଳ ହୋଇ ସ୍ଥାନେ ସ୍ଥାନେ ବାସ କରନ୍ତି। ଏମାନେ ଭିନ୍ନ ଭିନ୍ନ ଜାତିରେ ବିଭକ୍ତ ଅଟନ୍ତି। ଯଥା-ସାପୁଆ ବା ନାଗେଶ୍ୱରିଆ, ଗଉଡ଼ିଆ, ମୁଣ୍ଡପୋତା, ବାଜିକରିଆ, ଅଇରୀ ଗଉଡ଼ ଇତ୍ୟାଦି। ବାସ୍ତବରେ ଏମାନଙ୍କ ଜୀବନ ଚର୍ଯ୍ୟା ଦେଖିଲେ ଏହା ପ୍ରମାଣିତ ହୁଏ ଯେ ଏମାନେ ଗଣତାନ୍ତ୍ରିକ ଦୁଃସ୍ଥିତିର ଏକ ଉଦାହରଣ। ପେଟକୁ ଦାନା ଆଉ ଦେହକୁ କନା ପାଇଁ ଅନବରତ ଜୀବନ ସହ ଲଢ଼େଇ କରିବାକୁ ଏମାନଙ୍କୁ ପଡିଥାଏ। ସୁଖ ସୌରଭରୁ ଏମାନେ ଥାଆନ୍ତି ବହୁତ ଦୂରରେ। ତାରକିତ ଆକାଶ କିମ୍ବା ଫୁଲ ଫଳ ଭରା ପ୍ରକୃତିକୁ ଉପଭୋଗ କରିବା ଏମାନଙ୍କ ଭାଗ୍ୟରେ ଜୁଟେ ନାହିଁ। ପ୍ରକୃତିର ନୈସର୍ଗିକ ଶୋଭା ଏମାନଙ୍କ ଚିତ୍ତ ହରଣ କରିପାରେ ନାହିଁ।

ସାପୁଆ କେଳା-

ସାପୁଆ କେଳାର ଜୀବନ ଶୈଳୀ ନିଆରା ଅଟେ। ଏହି ଜାତୀୟ କେଳା ବଣ ଜଙ୍ଗଲ,କ୍ଷେତ, ଗାଁ ଗହଳିରୁ ସାପ ଧରି ଘରକୁ ଆଣନ୍ତି ଓ ସାପର ବିଷ ଦାନ୍ତ ଭାଙ୍ଗି ପେଡିରେ ରଖି ଗାଁ ଗାଁ ନେଇ ଖେଳ ଦେଖାଇ ସେଥିରେ ଜୀବିକା ନିର୍ବାହ କରନ୍ତି। ସାପୁଆମାନେ ନିଜକୁ 'ମାଙ୍ଗତା' ଅର୍ଥାତ୍ ଭିକମଗା ଓ ଅନ୍ୟ ଜାତିକୁ 'କାଜୁଆ' ଅର୍ଥାତ୍ କାମକରା ବୋଲି କହିଥାନ୍ତି। ଏମାନେ ଅନେକ ବର୍ଷ ଧରି ପଶ୍ଚିମ ବଙ୍ଗରେ 'ଆହିରୀ ଗଉଡ଼' ଭାବରେ ରହିଥିଲେ। ସେତେବେଳେ ଏମାନଙ୍କ ବ୍ୟବସାୟ ଥିଲା, 'ଭାନୁମତୀର ପେଡ଼ିର ଷୋଳ କଣ୍ଢେଇ ନାଚ'। ଶ୍ରୀକୃଷ୍ଣଙ୍କ ଲୀଳାକୁ କଣ୍ଢେଇ ନାଚରେ ପ୍ରଦର୍ଶନ କରି ଜୀବିକା ନିର୍ବାହ କରିଥିଲେ। ୧୮୬୬-୬୭ ମସିହାରେ ମେଦିନୀପୁରରେ ଦୁର୍ଭିକ୍ଷ ପଡ଼ିବାରୁ ଓଡ଼ିଶା ଆସି ରାଜା ତୃତୀୟ ଦିବ୍ୟସିଂହଙ୍କ ଅନୁମତିରେ ପଟିଆ ଗଡ଼ରେ ଝାଟିମାଟି କୁଡ଼ିଆ କରି ରହିବାକୁ ଲାଗିଲେ। ପରେ ସାପ ଖେଳକୁ ନିଜର ବୃତ୍ତି କରିନେଲେ। ଗାଁକୁ ଗାଁ ସାପ ପେଡ଼ି ଭାର ବୋହି ଯାଆନ୍ତି। ଗୋଟିଏ ସ୍ଥାନରେ ବସି ସାପ ଦେଖାନ୍ତି। ବିଭିନ୍ନ ପ୍ରଜାତିର ସାପ ପେଡ଼ିରେ ଥାଆନ୍ତି। ସାପ ଖେଳ ଦେଖିବାକୁ ଚାରିପଟେ ଛୋଟ ଛୁଆରୁ ବୁଢ଼ା ଯାଏଁ ଭିଡ଼ ଜମାଇଥାନ୍ତି। ବାମ ହାତରେ ସାପ ଲେଞ୍ଜ ଧରି ଓ ଡାହାଣ ହାତରେ ଡମ୍ବରୁ ଧରି ସାପୁଆ କେଳା ଖେଳ ଦେଖାଏ। ଏହି ସମୟରେ ସେ ପଦ୍ମତୋଳା ଗୀତ ଗାଇ ଇଷ୍ଟଦେବ ସ୍ମରଣ ସହ ସାପକୁ ଶାନ୍ତ କରେ ତଥା ଲୋକମାନଙ୍କୁ ମଧ୍ୟ ମୋହିତ କରେ।

କଂସର ଘରଣୀ ପଦ୍ମାବତୀ ରାଣୀ
କଲେ ଧନ୍ୱନ୍ତରୀ ଓଷା
ଲକ୍ଷେ ଭାର ପଦ୍ମ ଦେବୁକି କହ୍ନେଇ
ନଥିବ ପାଖୁଡ଼ା ମିଶା
କି ଗୋବିନ୍ଦ ହରେ।
ନେତେଇ ଧୋବଣୀ ସୁକୁଟୀ ଚମାରୁଣୀ

ବାଙ୍କି କେଉଟୁଣୀ ପତ୍ର ସଉରୁଣୀ
ଚାରି ଗୁରୁସର୍ପ ଖେଳାଉଛି ତତେ
କି ଗୋବିନ୍ଦ ହରେ।
ମାତା ଗୋ ଯଶୋବନ୍ତୀ ଗୋପରେ ଜାତ ହେଲେ
ଶତ୍ରୁକୁ କେମନ୍ତେ ମାରିବା
କି ଗୋବିନ୍ଦ ହରେ।
ମଞ୍ଚାରୁ ପଡ଼ି ମାମୁଁ ମଲା
ମୋତେ ତ ଦଇବ ରଖିଲା
ମାମୁଁର ଲାଗି ମାଇଁ କାନ୍ଦୁଛୁ କାହିଁପାଇଁ
ମାମୁଁର ବଦଳି ମୁଇଁ
କି ଗୋବିନ୍ଦ ହରେ।
କାଳିନ୍ଦୀର ଜଳେ ଖେଳେ ବିଷ କନ୍ୟା
ବିଷକନ୍ୟା ଖେଳେ କାଳିନ୍ଦୀର ଜଳେ
ଆବାଳ ବନିତା ନର ବା ଦେବତା
ଯିଏ ତହିଁ ଝାସେ
ଜଳେ ତା ଖର ନିଶ୍ୱାସେ।
ଗାଉଥିବ ପଦ୍ମତୋଳା
ଅସମ୍ଭବ କରିବ ସମ୍ଭବ
କି ଗୋବିନ୍ଦ ହରେ।

ସାପ ଖେଳ ଦେଖାଇ ସାରିବା ପରେ ସାପମାନଙ୍କୁ ପେଡ଼ିରେ ରଖି ଗାମୁଛାଟିଏ ବିଛେଇ ସେ ଦେଖଣାହାରୀଙ୍କୁ ଟଙ୍କା ପଇସା ମାଗେ। ଯେ ଯାହା ଦେଉ ଖୁସିରେ ଗ୍ରହଣ କରେ। ଏତିକିରେ ହୁଏ ପେଟ ପାରଣା।

'ପଦ୍ମତୋଳା' ଓଡ଼ିଆ କଳା ସଂସ୍କୃତି ଭିତରେ ଏକ ଅନନ୍ୟ ପରିଚୟ। ବାସ୍ତବରେ ଓଡ଼ିଆ ଭାଷା ଯେତିକି ପ୍ରାଚୀନ , ତା'ର ସଂସ୍କୃତି ମଧ୍ୟ ସେତିକି ପ୍ରାଚୀନ। 'ପଦ୍ମତୋଳା'ର ବ୍ୟବହାର ବହୁ ପୁରୁଣା। ଦ୍ୱାପର ଯୁଗରୁ ଏହା ରହିଥିବାର ଶାସ୍ତ୍ରୀୟ ମାନ୍ୟତା ରହିଛି। ଏହା ଏକ ଲୋକଗୀତ। ଏହାର ସୃଷ୍ଟି ଓଡ଼ିଆ ଇତିହାସର କିମ୍ବଦନ୍ତୀ ବଖାଣିଥାଏ। ଯେବେ ଯମୁନା ନଦୀରେ କାଳିନ୍ଦୀ ନାଗ ବାସ କରୁଥିଲା, ଯମୁନା ଜଳରୁ ପଦ୍ମ ତୋଳିବା ପାଇଁ ଯିବା ସମୟରେ ଶ୍ରୀକୃଷ୍ଣ ପଦ୍ମତୋଳା ବୋଲୁଥିଲେ। ସେଇ ସ୍ୱର ଶୁଣି କାଳିନ୍ଦୀ ବଶୀଭୂତ ହେଉଥିଲା। ପରବର୍ତ୍ତୀ ସମୟରେ ଏହା ଲୋକପ୍ରିୟ ହେଲା। ନାଗ ଜାତି ମଧ୍ୟ ଏହି ପଦ୍ମତୋଳାକୁ ମାନନ୍ତି ବୋଲି ବିଶ୍ୱାସ ରହିଛି।

କେଳା ସାପ ଖେଳ ଦେଖାଉଥିବା ବେଳେ କେଳୁଣୀ ଝିଅ ବୋହୂଙ୍କ ହାତରେ ଚିତା ଆଙ୍କେ। ପିଲାମାନେ କସରତ ଦେଖାନ୍ତି। ଆଗେ ବୁଢ଼ାବୁଢ଼ୀ କହୁଥିଲେ, ଚିତା କୁଟେଇ ନଥିଲେ ମରିବା ପରେ ଯମ ରାଜା ଚିହ୍ନି ପାରେ ନାହିଁ। ଏବେ ସେ ବିଶ୍ୱାସ ଆଉ ନାହିଁ। କେବଳ ସେତିକି ନୁହେଁ ବନସ୍ପତି ସହ ମଧ୍ୟ ଏମାନେ ପରିଚିତ। ସାପ କାମୁଡ଼ା ବା ଅନ୍ୟ ବିଷ ଝରା ଔଷଧ ଦେଇ କିଛି ରୋଜଗାର କରନ୍ତି। ବିଭିନ୍ନ ମନ୍ତ୍ର ତନ୍ତ୍ର ଜାଣି ଅନ୍ୟ ଲୋକଙ୍କ କାମରେ ଲଗାଇ ଦୁଇ ପଇସା ମଧ୍ୟ ରୋଜଗାର କରି ପାରନ୍ତି।

ମୁଣ୍ଡପୋତା କେଳା-

ଗଣ୍ଡେ ପଖାଳ ବା ଦୁଇ ଖଣ୍ଡ ରୁଟି ପାଇଁ ଗାଁ ଦାଣ୍ଡରେ ତତଲା ବାଲିରେ ମୁଣ୍ଡ ପୋତି ଖେଳ ଦେଖାନ୍ତି ଏମାନେ। ମାଟି କାଢ଼ି ଛୋଟ ଗାତ କରି କେଳା ନିଜ ମୁଣ୍ଡକୁ ସେଠାରେ ପୋତି ଦିଏ। ଘର ଲୋକ ପାଖରେ ଛିଡ଼ା ହୋଇ ଦେଖଣାହାରୀଙ୍କୁ ପଇସା ମାଗନ୍ତି। ମୁଣ୍ଡପୋତା କେଳା ମୁଣ୍ଡ ପୋତି ହାତ ଗୋଡ଼ ହଲେଇ କସରତ ଦେଖାଇ ହାତ ଠାରରେ ମଧ୍ୟ ପଇସା ମାଗେ। ଜୀବନ ଜୀବିକା କଥା ସେ ପ୍ରକୃତରେ ଉପଲବ୍ଧି କରିପାରେ। ଖଜୁରୀ ପଟିର ଟୋପି ଉପରେ କୁକୁଡ଼ାର ରଙ୍ଗ ବେରଙ୍ଗ ପର, ହାତରେ ଚାଙ୍ଗୁ ବାଜା, ମୁହଁ ରେ ପାଉଡ଼ର ବଦଳରେ ପାଉଁଶ ଆଉ ବାଉଁଶ ବାଡ଼ିରେ ତିଆରି ଘୋଡ଼ା ଉପରେ ବସି ଅନେକ ତାମସା ଦେଖାଏ ଗାଁ ଦାଣ୍ଡରେ।

ଅତୀତରେ ଏହି ସମ୍ପ୍ରଦାୟର ଲୋକ ଯେଉଁ ଭାବରେ ଚଳୁଥିଲେ ବର୍ତ୍ତମାନ ପରିସ୍ଥିତିରେ ତାହା ବଦଳି ଯାଉଛି। ଆଜିକାଲି ସାପ ଖେଳ, ଗୁଁ ଗୁଁ ନାଦିଆ, ମୁଣ୍ଡ ଗଡା, ଘୁବକୁଡୁ ଆଦି ଦେଖିବାରେ ପିଲାଙ୍କ ଆଗ୍ରହ ନାହିଁ। ଘର ଭିତରେ ଟିଭି ମୋବାଇଲ ସେମାନଙ୍କ ସର୍ବସ୍ୱ। କେଳା ସମ୍ପ୍ରଦାୟର ନୂତନ ପୀଢ଼ି ମଧ୍ୟ ନିଜ ବୃତ୍ତି ଠାରୁ ଦୂରେଇ ଯାଉଛନ୍ତି। କୌଳିକ ବୃତ୍ତି ଏଣୁ ବୁଡିବାକୁ ଯାଉଛି। ଦିନ ଥିଲା ଅନ୍ୟର ମନ ଜିଣୁଥିବା ଏମାନେ ବର୍ତ୍ତମାନ ଜୀବନ ସହ ଲଢ଼େଇ କରୁଛନ୍ତି। ଜମିର ମାଲିକାନା ନଥିବାରୁ ଏମାନେ କୃଷି ଶ୍ରମିକ ଭାବେ କାମ କରିଥାନ୍ତି। ତାହା ମଧ୍ୟ ବର୍ଷସାରା ମିଳେନାହିଁ।

ଗଣତାନ୍ତ୍ରିକ ରାଷ୍ଟ୍ରର ରୁପେଲି ପରଦାର ଚାକଚକ୍ୟର ଚଟାଣ ତଳେ ଚାପି ହୋଇ ଗଲାପରେ ଦୁର୍ବିସହ ଜୀବନ ବିତାଉଛନ୍ତି କେଳାମାନେ। ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କୁ ବେଶ ମନୋରଞ୍ଜନ ଯୋଗାଉଥିବା ଏମାନେ ସତେ ଅବା ବର୍ତ୍ତମାନ ପରିଚୟ ହୀନ ହୋଇଛନ୍ତି। ସ୍ୱାଭିମାନ ସହ ବଞ୍ଚିବା ପାଇଁ ଖୋଜୁଛନ୍ତି ଅନ୍ଧାର ରାତିରେ ଆଲୋକ ଶିଖା।

ଗଣତନ୍ତ୍ରର ଅର୍ଥ ତାଙ୍କପାଇଁ ବ୍ୟର୍ଥ। ଦଳଗତ ବ୍ୟବସ୍ଥା, ଦଳଗତ ସରକାର ଓ ସମୂହ ଦାୟିତ୍ୱ ହେଉଛି ଆଧୁନିକ ଗଣତନ୍ତ୍ରର ପ୍ରଧାନ ଚରିତ୍ର। ଗଣତନ୍ତ୍ର ରାଷ୍ଟ୍ର ନାମରେ କେବଳ ପ୍ରହେଳିକା ସୃଷ୍ଟି ହୋଇଛି। ନିଜର ଅଜ୍ଞାନ ହେତୁ ସମାଜରେ ଠକ, ପ୍ରବଞ୍ଚକ ଓ ଟାଉଟରମାନଙ୍କ ଦ୍ୱାରା ଏମାନେ ହେଉଛନ୍ତି ଶିକାର। ଅଜ୍ଞ, ଅନଭିଜ୍ଞ, ବିଚାର ବୁଦ୍ଧିଶୂନ୍ୟ ବୋଲି ଏମାନେ ଗଣା ହେଉଛନ୍ତି।

ଆଧୁନିକତାର ସ୍ପର୍ଶରେ ସର୍ବତ୍ର ଚାକଚକ୍ୟର ପରିବେଶ ପରିଲକ୍ଷିତ ହେଉଥିଲେ ମଧ୍ୟ ଏମାନେ ମୌଳିକ ସୁବିଧାରୁ ବଞ୍ଚିତ। ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ କରିବାକୁ ପଡୁଛି ସଂଘର୍ଷ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଯାପନ ଶୈଳୀ ଅନୁନ୍ନତ।

ସୂର୍ଯ୍ୟୋଦୟ ପୂର୍ବରୁ ଘର ଛାଡ଼ି କେଳା ସମ୍ପ୍ରଦାୟ ଦୈନନ୍ଦିନର ଖାଦ୍ୟ କଡବା, ପିଠୋଳ, ପାଣି ଆଳୁ, ବାଉଁଶ କରଡି, ବରଡ଼ା ଶାଗ ଆଦି ସଂଗ୍ରହ ପାଇଁ ଜଙ୍ଗଲକୁ ଯାଆନ୍ତି। ନିଜ ପାଇଁ ରଖି ବାକିତକ ବିକ୍ରି ବଟା କରି ପେଟ ପୋଷନ୍ତି। ତେଲ ଲୁଣର ସଂସାର ଏଥିରେ ହିଁ ତାଙ୍କର ଚଳେ।

ସହର ଉପକଣ୍ଠର ମାଳ ମାଳ କୋଠାଘର ଏମାନଙ୍କୁ ଦେଖି ଥଟ୍ଟା କରେ। ପଞ୍ଚ ତାରକା ହୋଟେଲ ଏମାନଙ୍କୁ ଦେଖି ମୁହଁ ମୋଡିଦିଏ। ବଡ଼ ବଡ଼ ଦୋକାନ ଅଧା ବାଟରୁ ହାତ ହଲାଇ ମନା କରିଦିଏ। ଆଉ ହିନ୍ଦୀ ଇଂରାଜୀ କହୁଥିବା ବାବୁ ଶ୍ରେଣୀୟ ଲୋକ ନିଜ ଛାଇ ମଧ୍ୟ ସେମାନଙ୍କୁ ମାଡ଼ିବାକୁ ଦିଅନ୍ତି ନାହି।

କଳା ସଂସ୍କୃତିକୁ ବଞ୍ଚେଇବାକୁ ହେଲେ ପ୍ରଥମେ ଜାତିକୁ ବଞ୍ଚେଇବାକୁ ପଡ଼ିବ। ଅନେକ କଳା ଆଜି ଲୁଚି ଯାଉଛି। ଝାଟିମାଟିର ଜୀର୍ଣ୍ଣ କୁଟୀରରେ ଏମାନଙ୍କ ଦିନ ଅତିବାହିତ ହୁଏ। ତଥାପି ଆନନ୍ଦରେ ବିତିଯାଏ ଦିନ। ଭାଗ୍ୟ ଅଭାଗ୍ୟ କଣ ବୁଝି ପାରନ୍ତି ନାହିଁ ଏହି ନିରୀହ ଜାତି। ଶାସନ ସଂସ୍ଥା ଓ ଜନ ସାଧାରଣଙ୍କ ସହଯୋଗ ସ୍ଥାପିତ ହେଲେ ଏମାନଙ୍କ କରୁଣ କାହାଣୀର ଅନ୍ତ ହୋଇପାରିବ। ଶିକ୍ଷା ବ୍ୟବସ୍ଥା ଏମାନଙ୍କ ପାଇଁ ସୁଦୃଢ଼ ନହେଲେ ସବୁଦିନ ଅପହଞ୍ଚ ହୋଇ ରହିଯିବ। ଗଣତନ୍ତ୍ର ରାଷ୍ଟ୍ରର ସୁକୋମଳ ହସ୍ତ ଏମାନଙ୍କୁ ନ ଛୁଇଁ ବାଟଭାଙ୍ଗି ଚାଲିଯିବ। ଏଥିପାଇଁ ସମସ୍ତେ ଚେଷ୍ଟିତ ହେବା ନିହାତି ଆବଶ୍ୟକ। ସମସ୍ତେ ମିଳିମିଶି ସହଯୋଗର ହାତ ବଢ଼ାଇଲେ ଏମାନଙ୍କ ଜୀବନରେ ସୁଧାର ଆସିପାରିବ। ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖି ସଚେତନତା ଧର୍ମୀ କାର୍ଯ୍ୟ କଲେ ନିଶ୍ଚୟ ସେମାନେ ସମାଜ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ।

କଳା ବଞ୍ଚିଲେ ଦେଶର ଗରବ
କଳା ସଂସ୍କୃତିର ଅଟେ ବିଭବ।
ଲୁଚି ଯାଉଅଛି କେତେ ଯେ କଳା
କଳାକୁ ନକର କେବେହେଁ ହେଳା।
ସମସ୍ତ କଳାର ଅଛି ସମ୍ମାନ
ରଖିବା ସଭିଏଁ ସଭିଙ୍କ ମାନ।
ସାଉଁଟି ଆଣିବା ଆମ ସଂସ୍କୃତି
ସେଥିରେ ରହିଛି ପରମ ଶାନ୍ତି। ■■

ସମ୍ବଲପୁର
ମୋ - ୭୯୭୮୫ ୬୮୩୨୨

ପଶ୍ଚିମ ଓଡ଼ିଶାର ଲୋକଧର୍ମରେ ତନ୍ତ୍ର ଚେତନା

ଡ. ପ୍ରଦୀପ କୁମାର ପଣ୍ଡା

ପଶ୍ଚିମ ଓଡ଼ିଶା ମାତ୍ର ଏକ ଭୌଗୋଳିକ ଅଞ୍ଚଳ ନୁହେଁ - ଏହା ଏକ ଜୀବନ ଦର୍ଶନ, ଏକ ଆତ୍ମିକ ଚେତନା, ଯାହା ମାଟି, ମଣିଷ ଓ ପ୍ରକୃତିକୁ ଏକ ଅଦୃଶ୍ୟ ସୂତ୍ରରେ ବାନ୍ଧିରଖିଛି। ଏହି ଭୂମିର ଲୋକଧର୍ମ କୌଣସି ପୁସ୍ତକ-ନିର୍ଦ୍ଦିଷ୍ଟ ଧର୍ମ ନୁହେଁ, ନା କୌଣସି ଦାର୍ଶନିକ ଶାସ୍ତ୍ରରେ ବନ୍ଧା ନିୟମାବଳୀ। ଏହା ହେଉଛି ଜୀବନର ଅନୁଭୂତିରୁ ଜନ୍ମିତ ଏକ ସ୍ୱାଭାବିକ ଆସ୍ଥା, ଯେଉଁଠାରେ ତନ୍ତ୍ର ଚେତନା ନିରବ ଭାବେ, କିନ୍ତୁ ଗଭୀର ଭାବେ ବିରାଜ କରେ।

ପଶ୍ଚିମ ଓଡ଼ିଶାର ଲୋକ ଧର୍ମରେ ତନ୍ତ୍ର ଚେତନା କୌଣସି ଭୟଙ୍କର, ଅନ୍ଧକାରମୟ ଅଭ୍ୟାସ ନୁହେଁ; ବରଂ ଏହା ଜୀବନ ସହ ସଂଘର୍ଷ କରିବାର ଏକ ମାନସିକ ଓ ଆତ୍ମିକ ପ୍ରଣାଳୀ। ଏଠାରେ ଧର୍ମ ଅର୍ଥ ମନ୍ଦିର, ମୂର୍ତ୍ତି କିମ୍ବା ପୁରୋହିତ ନୁହେଁ - ଧର୍ମ ହେଉଛି ଭୟରେ ମା'କୁ ଡାକିବା, ରୋଗରେ ଦେବୀକୁ ସ୍ମରଣ କରିବା, ଖରାରେ ପୃଥିବୀକୁ ପୂଜିବା ଓ ବିପଦରେ ଶକ୍ତିକୁ ଆହ୍ୱାନ କରିବା।

ଲୋକଧର୍ମର ଏହି ସ୍ୱାଭାବିକ ଆଧାରରେ ତନ୍ତ୍ର ଚେତନା ଗଢ଼ିଉଠିଛି। ତନ୍ତ୍ର ଏଠାରେ ଶାସ୍ତ୍ରୀୟ ଶବ୍ଦ ନୁହେଁ; ଏହା ଜୀବନ ଚାଳନାର ଏକ ଉପାୟ। ପଶ୍ଚିମ ଓଡ଼ିଶାର ଗ୍ରାମଗୁଡ଼ିକୁ ଦେଖିଲେ ଦେଖାଯାଏ - ଗାଁ ମଝିରେ ଏକ ପଥର, ଏକ ଗଛ, ଏକ ଅସ୍ପଷ୍ଟ ଚିହ୍ନ; ସେହିଠାରେ ଦେବୀ ବସନ୍ତି। ସେ ଦେବୀ ଶାସ୍ତ୍ରୀୟ ନାମରେ ନୁହେଁ, ଲୋକମୁଖର ନାମରେ ପରିଚିତ - ମା' ଡୋକରିନୀ, ମା' ମେଟାକାନି, ମା' ସମଲେଶ୍ୱରୀ, ମା' ମାଣିକେଶ୍ୱରୀ। ଏହି ଦେବୀମାନଙ୍କ ଉପାସନାରେ ତନ୍ତ୍ର ଚେତନା ଅନୁପ୍ରାଣିତ।

ପଶ୍ଚିମ ଓଡ଼ିଶାର ଲୋକଧର୍ମର ମୂଳରେ ଶକ୍ତି ଉପାସନା ରହିଛି। ଏଠାରେ ଶକ୍ତି କୌଣସି ଅବ୍ୟକ୍ତ ଦାର୍ଶନିକ ତତ୍ତ୍ୱ ନୁହେଁ; ଶକ୍ତି ହେଉଛି ଜୀବନ ଦେଇଥିବା ଶକ୍ତି, ଦୁଃଖ ନେଇପାରୁଥିବା ଶକ୍ତି, ରକ୍ଷା କରୁଥିବା ଶକ୍ତି। ଦେବୀ ମାତ୍ର ପୂଜାର ବିଷୟ ନୁହେଁ - ସେ ଭୟରେ ଆଶ୍ରୟ, ଦୁଃଖରେ ସହାୟ ଓ ଜୀବନରେ ନିୟନ୍ତ୍ରକ। ଏହି ଭାବନା ତନ୍ତ୍ର ଚେତନାର ମୂଳ ସ୍ୱର।

ଲୋକଧର୍ମରେ ତନ୍ତ୍ର ଚେତନାର ଆଉ ଏକ ମୁଖ୍ୟ ଦିଗ ହେଉଛି ପ୍ରକୃତି ପୂଜା। ପଶ୍ଚିମ ଓଡ଼ିଶାର ଲୋକ ଜୀବନ ପ୍ରକୃତି ଉପରେ ନିର୍ଭରଶୀଳ - ବର୍ଷା, ଫସଲ, ଜଙ୍ଗଲ, ନଦୀ। ଏହି ପ୍ରକୃତିକୁ ନିୟନ୍ତ୍ରଣ କରିବା ମଣିଷର ସାମର୍ଥ୍ୟରେ ନଥିବାରୁ, ଲୋକେ ଏହାକୁ ଦେବତାର ରୂପ ଦେଇଛନ୍ତି। ଏହି ପ୍ରକୃତି ପୂଜାରେ ତନ୍ତ୍ର ଚେତନା ସ୍ପଷ୍ଟ - ପ୍ରକୃତିକୁ ଶାନ୍ତ କରିବା, ଶକ୍ତିକୁ ସନ୍ତୁଷ୍ଟ କରିବା, ଅଦୃଶ୍ୟ ଶକ୍ତି ସହ ସମ୍ପର୍କ ସ୍ଥାପନ।

ପଶ୍ଚିମ ଓଡ଼ିଶାର ଆଦିବାସୀ ସମୁଦାୟ ଏହି ଲୋକଧର୍ମ ଓ ତନ୍ତ୍ର ଚେତନାର ଜୀବନ୍ତ ଧାରକ। ଗଣ୍ଡ, ବିଞ୍ଝାଳ, ଶବର ପ୍ରଭୃତିର ଜନଜାତିମାନଙ୍କ ଧର୍ମ କୌଣସି ଶାସ୍ତ୍ରୀୟ ଧର୍ମ ନୁହେଁ; ଏହା ହେଉଛି ଜୀବନର ଆବଶ୍ୟକତାରୁ ଜନ୍ମିତ ଏକ ଆସ୍ଥା। ଏଠାରେ ତନ୍ତ୍ର ଚେତନା ଅନୁଷ୍ଠାନରେ ନୁହେଁ, ଜୀବନରେ। ରୋଗ ହେଲେ ମନ୍ତ୍ର, ଦୁର୍ଭିକ୍ଷ ହେଲେ ଦେବୀ ଯାଚନା, ଭୟ ହେଲେ ଶକ୍ତି ଆହ୍ୱାନ - ଏସବୁ ଲୋକଧର୍ମର ଅଂଶ।

ଲୋକଧର୍ମରେ ତନ୍ତ୍ର ଚେତନାର ଆଉ ଏକ ସୂକ୍ଷ୍ମ କିନ୍ତୁ ଗଭୀର ପାର୍ଶ୍ୱ ହେଉଛି - ମନ୍ତ୍ରର ଭୂମିକା। ପଶ୍ଚିମ ଓଡ଼ିଶାର ଲୋକଧର୍ମରେ ମନ୍ତ୍ର କୌଣସି ଗୁପ୍ତ ଶାସ୍ତ୍ରୀୟ ଗ୍ରନ୍ଥରୁ ଆସି ନାହିଁ; ଏହା ଜନ୍ମ ନେଇଛି ଲୋକମାନଙ୍କ ଭୟ, ଆଶା ଓ ଅନୁଭୂତିରୁ। ଏହି ମନ୍ତ୍ରଗୁଡ଼ିକ ଅଧିକାଂଶ ସମୟରେ ଶାବରୀ କିମ୍ବା ଲୋକଭାଷାରେ ରଚିତ, ଯେଉଁଠାରେ ଶବ୍ଦର ଅର୍ଥଠାରୁ ଧ୍ୱନି ଓ ଭାବ ଅଧିକ ଗୁରୁତ୍ୱ ଧାରଣ କରେ।

ଗୁନିଆ, ବୈଦ୍ୟ କିମ୍ବା ଦେବୀ ସେବକ ମନ୍ତ୍ର ଉଚ୍ଚାରଣ କରିବା ସମୟରେ ଏକ ପ୍ରକାର ମନୋସମ୍ମୋହନ ଅବସ୍ଥା ସୃଷ୍ଟି

କରନ୍ତି। ଏହା ରୋଗୀ କିମ୍ବା ଭୟଗ୍ରସ୍ତ ବ୍ୟକ୍ତିର ମନରେ ଆଶ୍ୱାସନ, ବିଶ୍ୱାସ ଓ ସାହସ ଜନ୍ମାଏ। ଏହି ଦୃଷ୍ଟିରୁ ଦେଖିଲେ, ଲୋକଧର୍ମର ତନ୍ତ୍ର ଚେତନା କେବଳ ଧାର୍ମିକ ନୁହେଁ; ଏହା ଏକ ପ୍ରାଚୀନ ମନୋବୈଜ୍ଞାନିକ ପ୍ରଣାଳୀ ମଧ୍ୟ।

ଲୋକଧର୍ମର ତନ୍ତ୍ର ଚେତନାରେ ମଶାନ, ଭୂତ, ପିଶାଚ ଭଳି ଧାରଣା ମଧ୍ୟ ଅଛି। ଏହାକୁ ଆଧୁନିକ ଦୃଷ୍ଟିରେ ଅନ୍ଧଶ୍ରଦ୍ଧା ବୋଲି କୁହାଯାଇପାରେ, କିନ୍ତୁ ସାମାଜିକ ଓ ମନୋବୈଜ୍ଞାନିକ ଦୃଷ୍ଟିରୁ ଏହାର ଗଭୀର ଅର୍ଥ ଅଛି। ଏହି ଧାରଣାଗୁଡ଼ିକ ମଣିଷର ଅଜଣା ଭୟକୁ ଆକାର ଦିଏ ଓ ସେହି ଭୟ ସହ ମୁହଁମୁହଁ ହେବାର ଏକ ଉପାୟ ଦିଏ। ତନ୍ତ୍ର ଚେତନା ଏଠାରେ ଭୟକୁ ଦମନ କରେ ନାହିଁ; ଭୟକୁ ନିୟନ୍ତ୍ରଣ କରେ।

ପଶ୍ଚିମ ଓଡ଼ିଶାର ଲୋକ ପର୍ବପର୍ବାଣୀରେ ମଧ୍ୟ ତନ୍ତ୍ର ଚେତନା ଗୁପ୍ତ ଭାବେ ବହିଛି। ନୁଆଁଖାଇ, ଡାଲଖାଇ, କରମା ପର୍ବ - ଏହା କେବଳ ସାମୂହିକ ଉତ୍ସବ ନୁହେଁ, ଏହା ଶକ୍ତି ସନ୍ତୁଷ୍ଟିର ଉତ୍ସବ। ନୂଆଁ ଧାନକୁ ପ୍ରଥମେ ଦେବୀଙ୍କୁ ଅର୍ପଣ କରିବାରେ ତନ୍ତ୍ର ଚେତନାର ସୂକ୍ଷ୍ମ ଆଭାସ ମିଳେ - ମଣିଷ ନିଜକୁ ପ୍ରକୃତିର ମାଲିକ ଭାବେ ନୁହେଁ, ପ୍ରକୃତିର ଋଣୀ ଭାବେ ଦେଖେ।

ଆଧୁନିକ ସମୟରେ ପଶ୍ଚିମ ଓଡ଼ିଶାର ଲୋକଧର୍ମ ଓ ତନ୍ତ୍ର ଚେତନା ଅନେକ ପରିବର୍ତ୍ତନର ସମ୍ମୁଖୀନ। ଶିକ୍ଷା, ସହରୀକରଣ, ଆଧୁନିକ ଧର୍ମୀୟ ଧାରା ଏହି ପରମ୍ପରାକୁ ପ୍ରଭାବିତ କରୁଛି। ତଥାପି ଏହା ଲୁପ୍ତ ହୋଇନାହିଁ। ଗ୍ରାମ୍ୟ ଜୀବନର ନିରବ ସନ୍ଧ୍ୟାରେ, ଦେବୀ ଆସ୍ଥାନରେ ଜଳୁଥିବା ଦୀପରେ, ଲୋକମୁଖର ଗୀତ ଓ କଥାରେ - ଆଜି ବି ତନ୍ତ୍ର ଚେତନା ଜୀବନ୍ତ।

ଏହି ଲୋକଧର୍ମକୁ ସରଳ ଭାବେ ଅନ୍ଧଶ୍ରଦ୍ଧା ବୋଲି ଅସ୍ୱୀକାର କରିଦେବା ମାନେ ପଶ୍ଚିମ ଓଡ଼ିଶାର ସାମୂହିକ ମନୋବୃତ୍ତି, ଇତିହାସ ଓ ସଂସ୍କୃତିକୁ ଅସ୍ୱୀକାର କରିବା। ତନ୍ତ୍ର ଚେତନା ଏଠାରେ ଧର୍ମର ଅନ୍ଧକାର ମୁହଁ ନୁହେଁ; ଏହା ହେଉଛି ଜୀବନର ଅନିଶ୍ଚିତତା ସହ ମୁହାଁମୁହିଁ ହେବାର ଏକ ସାହସୀ ଦାର୍ଶନିକ ମାର୍ଗ।

ଶେଷରେ ଏହା ସ୍ପଷ୍ଟ ଭାବେ କୁହାଯାଇପାରେ ଯେ, ପଶ୍ଚିମ ଓଡ଼ିଶାର ଲୋକଧର୍ମରେ ତନ୍ତ୍ର ଚେତନା କୌଣସି ପୃଥକ୍ ଧାର୍ମିକ ପ୍ରଣାଳୀ ନୁହେଁ, ବରଂ ଏହା ଏହି ଅଞ୍ଚଳର ଲୋକମାନଙ୍କ ଜୀବନ ଦର୍ଶନର ଏକ ସ୍ୱାଭାବିକ ପ୍ରକାଶ। ଏହି ତନ୍ତ୍ର ଚେତନା ମଣିଷର ଅସହାୟତା, ଭୟ, ଅନିଶ୍ଚିତତା ଓ ସଂଘର୍ଷ ସହ ସମ୍ପୃକ୍ତ। ଯେଉଁଠାରେ ବୈଜ୍ଞାନିକ ବ୍ୟାଖ୍ୟା ଅସମର୍ଥ ହୁଏ, ସେଠାରେ ଲୋକଧର୍ମର ତନ୍ତ୍ର ଚେତନା ମଣିଷକୁ ଆତ୍ମିକ ସମର୍ଥନ ଦେଇଥାଏ।

ଏହି ଚେତନା ମଣିଷକୁ ପ୍ରକୃତି ସହ ବିରୋଧରେ ନ ରଖି, ପ୍ରକୃତି ସହ ସମନ୍ୱୟରେ ରହିବାକୁ ଶିଖାଏ। ଏଠାରେ ପୃଥିବୀ ଶୋଷଣର ବସ୍ତୁ ନୁହେଁ, ପୂଜାର ବସ୍ତୁ। ନଦୀ, ପାହାଡ଼, ଜଙ୍ଗଲ, ବୃକ୍ଷ - ସବୁ ଜୀବନ୍ତ ଶକ୍ତିର ଧାରକ। ଏହି ପରିବେଶମୁଖୀ ଦୃଷ୍ଟିକୋଣ ଆଜିର ପରିବେଶ ସଙ୍କଟର ସମୟରେ ଆମ ପାଇଁ ଏକ ଗଭୀର ଶିକ୍ଷା।

ସାମାଜିକ ଦୃଷ୍ଟିକୋଣରୁ ଦେଖିଲେ, ଲୋକଧର୍ମର ତନ୍ତ୍ର ଚେତନା ସମାଜର ସମତାମୂଳକ ଚରିତ୍ରକୁ ପ୍ରତିବିମ୍ବିତ କରେ। ଏଠାରେ ଦେବୀ ସମ୍ମୁଖରେ ରାଜା ଓ ରଙ୍କ, ଶିକ୍ଷିତ ଓ ଅଶିକ୍ଷିତ - ସମସ୍ତେ ସମାନ। ଏହି ସମାନତାବୋଧ ଲୋକଧର୍ମକୁ ଜୀବନ୍ତ ଓ ସାମୂହିକ କରିଥାଏ।

ଆଧୁନିକ ସମୟରେ ଯଦିଓ ତନ୍ତ୍ର ଶବ୍ଦଟି ଅନେକ ସମୟରେ ଭ୍ରାନ୍ତ ଅର୍ଥରେ ବ୍ୟବହୃତ ହୁଏ, ପଶ୍ଚିମ ଓଡ଼ିଶାର ଲୋକଧର୍ମ ଆମକୁ ଶିଖାଏ ଯେ ତନ୍ତ୍ରର ମୂଳ ଅର୍ଥ ହେଉଛି - ଜୀବନକୁ ନିୟନ୍ତ୍ରଣ କରିବା ନୁହେଁ, ବରଂ ଜୀବନ ସହ ସହଯାତ୍ରା କରିବା। ଏହା ଭୟକୁ ଦମନ କରେ ନାହିଁ, ଭୟକୁ ଚିହ୍ନି ତାହାକୁ ଅତିକ୍ରମ କରିବାର ସାହସ ଦେଇଥାଏ।

ଅନ୍ତତଃ କୁହାଯାଇପାରେ ଯେ, ପଶ୍ଚିମ ଓଡ଼ିଶାର ଲୋକଧର୍ମରେ ତନ୍ତ୍ର ଚେତନା ହେଉଛି ଏକ ଜୀବନ୍ତ ସାଂସ୍କୃତିକ ଧାରା, ଯାହା ଆଜି ମଧ୍ୟ ଲୋକ ମାନସରେ ସ୍ପନ୍ଦିତ। ଏହାକୁ ଅନ୍ଧଶ୍ରଦ୍ଧା ବୋଲି ଅସ୍ୱୀକାର କରିଦେବା ମାନେ ଏହି ଅଞ୍ଚଳର ଲୋକମାନଙ୍କ ଐତିହାସିକ ସଂଘର୍ଷ, ସାମୂହିକ ସ୍ମୃତି ଓ ଆତ୍ମିକ ଅନୁଭୂତିକୁ ଅସ୍ୱୀକାର କରିବା। ତନ୍ତ୍ର ଚେତନା ପଶ୍ଚିମ ଓଡ଼ିଶାର ଲୋକଧର୍ମର ଆତ୍ମା - ଏକ ଅମୂଲ୍ୟ ଧରୋହର, ଯାହା ଆମକୁ ମାଟି ସହ ଜଡ଼ିତ ରହିବା, ପ୍ରକୃତିକୁ ସମ୍ମାନ କରିବା ଓ ଜୀବନର ଅନିଶ୍ଚିତତା ସହ ସାହସରେ ମୁକାବିଲା କରିବାର ପଥ ଦେଖାଏ। ■ ■

ସମ୍ବଲପୁର, ଓଡିଶା

ପଶ୍ଚିମ ଓଡ଼ିଶାର ଅରସା ପିଠା - ଏକ ପାରମ୍ପରିକ ଲୋକଖାଦ୍ୟର ଐତିହ୍ୟ

ଅରୁଣ ପାତ୍ର

ଓଡ଼ିଶାର ଖାଦ୍ୟ ସଂସ୍କୃତି ଭାରତରେ ଏକ ବିଶିଷ୍ଟ ସ୍ଥାନ ରଖେ। ଏହି ସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି ପିଠା ପରମ୍ପରା। ଓଡ଼ିଆ ଲୋକଜୀବନରେ ପିଠା କେବଳ ଏକ ଖାଦ୍ୟ ନୁହେଁ, ଏହା ଆନନ୍ଦ, ଆତିଥ୍ୟ, ପର୍ବପର୍ବାଣୀ ଓ ସାମାଜିକ ସମ୍ପର୍କର ପ୍ରତୀକ। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପିଠାମାନଙ୍କ ମଧ୍ୟରେ ଅରସା ପିଠା ଏକ ବିଶେଷ ସ୍ଥାନ ଅଧିକାର କରେ। ଏହାର ମିଠା ସ୍ୱାଦ, ସୁଗନ୍ଧ ଓ ପାରମ୍ପରିକ ପ୍ରସ୍ତୁତି ପ୍ରଣାଳୀ ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିକୁ ପ୍ରତିଫଳିତ କରେ।

ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଜୀବନ କୃଷି ଓ ପ୍ରକୃତି ଉପରେ ନିର୍ଭରଶୀଳ। ଧାନ ଏଠିକାର ମୁଖ୍ୟ ଫସଲ ହେବାରୁ ଚାଉଳ ଭିତ୍ତିକ ଖାଦ୍ୟ ଓ ପିଠାର ଚଳନ ବେଶି। ଅରସା ପିଠା ଚାଉଳ ଓ ଗୁଡ଼ରେ ତିଆରି ହେବାରୁ ଏହା ଗ୍ରାମୀଣ ଲୋକମାନଙ୍କ ଦୈନିକ ଜୀବନ ସହ ଗଭୀର ଭାବେ ଜଡ଼ିତ। ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ନୂଆପଡ଼ା ଓ ଝାରସୁଗୁଡ଼ା ଆଦି ଅଞ୍ଚଳରେ ଅରସା ପିଠାକୁ ବହୁ ପୁରାତନ ସମୟରୁ ତିଆରି କରାଯାଉଛି। ଅରସା ପିଠାକୁ ପଶ୍ଚିମ ଓଡ଼ିଶାରେ ଶୁଦ୍ଧତା ଓ ମଙ୍ଗଳର ପ୍ରତୀକ ଭାବେ ଦେଖାଯାଏ। ଘରେ ଅତିଥି ଆସିଲେ, ବିବାହ, ଉପନୟନ, ମୁଣ୍ଡନ, ନୂଆଁଖାଇ, ମାଘ ପର୍ବ କିମ୍ବା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମରେ ଅରସା ପିଠା ଅବଶ୍ୟ ତିଆରି କରାଯାଏ। ଏହା ଆତିଥ୍ୟ ଓ ସମ୍ମାନର ଚିହ୍ନ ଭାବେ ଅତିଥିଙ୍କୁ ପରିବେଷଣ କରାଯାଏ।

ଅରସା ପିଠା ତିଆରିର ପ୍ରଣାଳୀ ସରଳ ହେଲେ ମଧ୍ୟ ଏହାରେ ଧୈର୍ଯ୍ୟ ଓ ଅନୁଭବର ଆବଶ୍ୟକତା ଥାଏ। ପ୍ରଥମେ ଭଲ ଧାନରୁ ଚାଉଳ ନେଇ ତାହାକୁ ସୁଚିତ୍ର ଭାବେ ଧୋଇ ପାଣିରେ ଭିଜାଯାଏ। ପରେ ଏହାକୁ ଛାୟାରେ ଶୁଖାଇ ସୂକ୍ଷ୍ମ ଗୁଣ୍ଡ କରାଯାଏ। ଏହି ଚାଉଳ ଗୁଣ୍ଡରେ ଶୁଦ୍ଧ ଗୁଡ଼ ମିଶାଇ ମନ୍ଦା ପ୍ରସ୍ତୁତ କରାଯାଏ। କେତେକ ଅଞ୍ଚଳରେ ସୁଗନ୍ଧ ବଢ଼ାଇବା ପାଇଁ ମୌରି କିମ୍ବା ଜିରା ମଧ୍ୟ ଦିଆଯାଏ। ପରେ ଏହି ମନ୍ଦାକୁ ଛୋଟ ଛୋଟ ଚକ୍ରାକାର ଆକାର ଦେଇ ଗରମ ତେଲ କିମ୍ବା ଘିଅରେ ଧୀରେ ଧୀରେ ଛଣାଯାଏ। ସଠିକ୍ ଭାବେ ଛଣାଯାଇଥିବା ଅରସା ପିଠା ବାହାରୁ ଖାରା ଓ ଭିତରୁ ନରମ ଓ ମିଠା ହୁଏ। ପୋଷକତା ଦୃଷ୍ଟିରୁ ଅରସା ପିଠା ଏକ ଶକ୍ତିଦାୟକ ଖାଦ୍ୟ ଅଟେ। ଚାଉଳ ଶରୀରକୁ କାର୍ବୋହାଇଡ୍ରେଟ୍ ଯୋଗାଇଥାଏ ଓ ଗୁଡ଼ ଶକ୍ତି ସହ ଖଣିଜ ଦେଇଥାଏ। ପୁରୁଣା ସମୟରେ ଗ୍ରାମୀଣ ଲୋକମାନେ କଠିନ କାମ କରି ଫେରିଲେ ଅରସା ପିଠା ଖାଇ ନୂଆଁ ଶକ୍ତି ଲାଭ କରୁଥିଲେ। ଯଦିଓ ଏହା ଛଣା ଯାଇଥାଏ, ତଥାପି ପାରମ୍ପରିକ ଭାବେ ଏହାକୁ ସୀମିତ ପରିମାଣରେ ରଖାଯାଇଥାଏ।

ଅରସା ପିଠା ପଶ୍ଚିମ ଓଡ଼ିଶାର ସାମାଜିକ ଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ବିବାହ ସମୟରେ କନ୍ୟାପକ୍ଷ ଦ୍ୱାରା ଅରସା ପିଠା ପଠାଯାଏ, ଯାହା ସମ୍ପର୍କର ମିଠାସ ଓ ସଦ୍ଭାବର ପ୍ରତୀକ। ପର୍ବପର୍ବାଣୀ ସମୟରେ ସମସ୍ତେ ମିଶି ଅରସା ପିଠା ତିଆରି କରିବା ମାଧ୍ୟମରେ ପାରିବାରିକ ଓ ସାମାଜିକ ଏକତା ବଢ଼ିଥାଏ। ଆଧୁନିକ ଯୁଗରେ ମଧ୍ୟ ଅରସା ପିଠାର ମୂଲ୍ୟ ଅପରିବର୍ତ୍ତିତ ରହିଛି। ସହର ଅଞ୍ଚଳରେ ମଧ୍ୟ ଲୋକେ ପାରମ୍ପରିକ ଶୈଳୀରେ ଏହି ପିଠା ପ୍ରସ୍ତୁତ କରୁଛନ୍ତି। କେତେକ ସ୍ଥାନରେ ଅରସା ପିଠାକୁ ଆଧୁନିକ ପ୍ୟାକେଟିଂ କରି ବଜାରରେ ବିକ୍ରି କରାଯାଉଛି, ଯାହା ଏହି ପାରମ୍ପରିକ ଖାଦ୍ୟକୁ ନୂଆଁ ପିଢ଼ି ସହ ପରିଚିତ କରାଉଛି।

ପଶ୍ଚିମ ଓଡ଼ିଶାର ଅରସା ପିଠା କେବଳ ଏକ ପାରମ୍ପରିକ ମିଠା ନୁହେଁ, ଏହା ଏହି ଅଞ୍ଚଳର ଐତିହ୍ୟ, ଆତିଥ୍ୟ, ସାମାଜିକ ସମ୍ପର୍କ ଓ ଲୋକସଂସ୍କୃତିର ଜୀବନ୍ତ ପ୍ରତୀକ। ଏହି ପାରମ୍ପରିକ ଖାଦ୍ୟକୁ ସୁରକ୍ଷିତ ରଖିବା ଓ ଆଗାମୀ ପିଢ଼ିକୁ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ। ■■

ଦୂରଭାଷ:- ୯୯୩୭୩୬୦୭୩୭

ସଂଚାରକଳା

ଗୋପୀନାଥ ଷଡଙ୍ଗୀ

ପଶ୍ଚିମ ଓଡ଼ିଶାର ଲୋକକଳା ମଧ୍ୟରେ ସଂଚାର ହେଉଛି ଅନ୍ୟତମ କଳା। ଏହା ଏକ ଚର୍ତୁବିଧ କଳା ଅଟେ। ଏହି ନୃତ୍ୟରେ କଳାକାର ଗାଇବ, ବଜେଇବ, ନୃତ୍ୟ କରିବ ଏବଂ ବ୍ୟାଖ୍ୟା ମଧ୍ୟ କରିବ। ମୃଦଙ୍ଗ, କରତାଳ, ଘୁଙ୍ଗୁର ବାଦ୍ୟ ବାହକ ଓ ପାଳିଆଙ୍କ ନାଚଗୀତକୁ 'ସଂଚାର' କହନ୍ତି। ଏହି କଳା କେବେଠୁ ଆରମ୍ଭ ହେଲା ତାର ଐତିହାସିକ ପ୍ରମାଣ ଖୋଜିବା କଷ୍ଟସାଧ୍ୟ ଅଟେ। ପୂର୍ବେ କୋଶଳ ଭୂଖଣ୍ଡର ରାଜଦରବାରଗୁଡ଼ିକରେ ମନୋରଞ୍ଜନ ପାଇଁ ଏହି କଳା ପ୍ରଦର୍ଶିତ ହେଉଥିଲା। ଏହି କଳାରେ ଗୁରୁ ପରମ୍ପରାକୁ ପ୍ରାଧାନ୍ୟ ଦିଆଯାଇଛି। ଏହି ନାଟର ମୁଖ୍ୟ ବାୟକ ଗୁରୁ ଭାବରେ ବିବେଚିତ ହୋଇଥାନ୍ତି ଏବଂ ତାଙ୍କ ତତ୍ତ୍ୱାବଧାନରେ ନବ କଳାକାରମାନେ ଏହି କଳା ଶିକ୍ଷା କରିଥାନ୍ତି। ଦେଶରୁ ରାଜତନ୍ତ୍ର ଲୋପ ହେବା ପରେ ପୃଷ୍ଠପୋଷକତା ଅଭାବରୁ ଏହି କଳାର ଅବକ୍ଷୟ ଘଟିଲା। ସଂଚାର କଳାର କୌଣସି ଆରାଧ୍ୟ ଦେବତା ନାହାନ୍ତି। କିନ୍ତୁ ପଶ୍ଚିମ ଓଡ଼ିଶା କଳାକାର ସଂଘ ଗଠନ ହେବା ପରେ ରାଧାକୃଷ୍ଣ, ଚୈତନ୍ୟଙ୍କୁ ସଂଚାରର ଆରାଧ୍ୟ ଦେବତା ଭାବେ ଗ୍ରହଣ କରାଯାଇଛି। ଏ ପରିପ୍ରେକ୍ଷୀରେ ସଂଚାର କଳା ଚୈତନ୍ୟଙ୍କ ସମୟରୁ ପଶ୍ଚିମ ଓଡ଼ିଶାରେ ଉତ୍ପତ୍ତି ହୋଇଛି ବୋଲି ପ୍ରଖ୍ୟାତ ସଂଚାର ବାୟକ ଦୁଃଖ ନାଶନ ବେହେରା କହନ୍ତି।

ପୂର୍ବେ ଜଣେ ବାୟକ ଏବଂ ଜଣେ ପାଳିଆଙ୍କୁ ନେଇ ସଂଚାର କଳା ପରିବେଷଣ ହେଉଥିଲା। ଏବେ ସଂଚାର ମଣ୍ଡଳୀରେ ଜଣେ ବାୟକ ଏବଂ ଦୁଇ ତିନି ଜଣ ପାଳିଆ ରହୁଛନ୍ତି। ପୁରୁଷ ସଂଚାର କଳାକାରମାନେ ଧୋତି, ଗାମୁଛା, ବେକରେ ସୁନାମାଳି, କାନରେ କୁଣ୍ଡଳ ଓ କର୍ଣ୍ଣଫୁଲ, ହାତରେ ବାହୁଟି, ମଣିବନ୍ଧରେ କଙ୍କଣ ବ୍ୟବହାର କରନ୍ତି। ମହିଳା କଳାକାରମାନେ ବିଭିନ୍ନ ଅଳଙ୍କାର ବ୍ୟବହାର କରିବା ସହିତ ଶାଢ଼ୀ ସଙ୍ଗେ ଗାମୁଛା ବ୍ୟବହାର କରନ୍ତି।

ଏହି କଳାର ଇତିହାସକୁ ସିଂହାବଲୋକନ କଲେ ଚୈତନ୍ୟଙ୍କ ଆବିର୍ଭାବ ପରେ ସଂକୀର୍ତ୍ତନ ନାଟ୍ୟକଳାର ଅୟମାରମ୍ଭ। ସଂକୀର୍ତ୍ତନକୁ ପଶ୍ଚିମ ଓଡ଼ିଶାରେ ସମ୍ପର୍ଦ୍ଦା ବୋଲି କହନ୍ତି। ଏହାର ଅନ୍ୟ ଏକ ରୂପ ଗୌଡ଼ିୟ କୀର୍ତ୍ତନ ଯାହାକୁ ଶ୍ରୀଚୈତନ୍ୟଙ୍କ ଚାରିଜଣ ଶିଷ୍ୟ ରାମାନନ୍ଦ, ଶ୍ୟାମାନନ୍ଦ, ମାଧବାନନ୍ଦ, ନିମାଇଁ ନନ୍ଦ ଓଡ଼ିଶାରେ ପ୍ରଚାର କରିଥିଲେ। ଏମାନଙ୍କ ମଧ୍ୟରୁ ମାଧବାନନ୍ଦ ହେଉଛନ୍ତି ସଂଚାର କଳାର ସ୍ରଷ୍ଟା।

ଏହି କଳାରେ ବିଭିନ୍ନ ପୁରାଣର ଉପାଖ୍ୟାନ ବିଭିନ୍ନ କବି, ଲେଖକଙ୍କ କାବ୍ୟକବିତା ଉପସ୍ଥାପନା କରି ଦର୍ଶକଙ୍କ ମନକୁ ଆଧ୍ୟାତ୍ମିକ ସ୍ରୋତ ଦ୍ୱାରା ପ୍ଲାବନ କରାଯାଏ।

ଏହି କଳାର ଉନ୍ନତି ଏବଂ ପ୍ରସାର ପାଇଁ ଝାଡୁଆପଡ଼ା ବ୍ରହ୍ମପୁରା ମନ୍ଦିରଠାରେ ପ୍ରତିବର୍ଷ ସଂଚାର ସମାରୋହର ଆୟୋଜନ କରାଯାଉଛି। ଚଳିତବର୍ଷ ପ୍ରଥମ କରି ସମର୍ପଣ ଅନୁଷ୍ଠାନ ପଶ୍ଚିମ ଓଡ଼ିଶା ସଂଚାର ସମ୍ମିଳନୀର ଆୟୋଜନ କରୁଥିବାରୁ ଧନ୍ୟବାଦାର୍ହ। ■ ■

ପଟ୍ଟନାୟକପଡା, ସମ୍ବଲପୁର

ସମ୍ବଲପୁର : କାଲି ଓ ଆଜି

ଡ. ପ୍ରମୋଦ କୁମାର ପଣ୍ଡା

ସମ୍ବଲପୁରର ଇତିହାସ ଖୁବ ପୁରୁଣା । ଏହା ତତ୍କାଳୀନ ଦକ୍ଷିଣ କୋଶଳର ପ୍ରମୁଖ ଅଂଶବିଶେଷ ଥିଲା । ଦ୍ୱିତୀୟ ଶତାବ୍ଦୀରେ ପ୍ରଖ୍ୟାତ ଭୂଗୋଳବିତ ଟଲେମିଙ୍କ ପୁସ୍ତକରେ ଏହାକୁ ସମ୍ବଳକ ଭାବେ ଉଲ୍ଲେଖ କରାଯାଇଅଛି । କୁହାଯାଏ ପୂର୍ବେ ମହାନଦୀରୁ ହୀରା ମିଳୁଥିଲା । ଅନ୍ୟ ଦେଶକୁ ରପ୍ତାନି ହେଉଥିଲା । ତେଣୁ ସମ୍ବଲପୁର ହୀରାକୁଣ୍ଡ କିମ୍ବା ହୀରାଖଣ୍ଡ ନାମରେ ପରିଚିତ ଥିଲା । ପୁରାତନ ସମ୍ବଲପୁର ସହ ବୌଦ୍ଧ ଧର୍ମ ସଂସ୍ଥାପକ ରାଜା ଇନ୍ଦ୍ରଭୂତିଙ୍କ ଗଭୀର ସମ୍ପର୍କ ରହିଥିଲା ବୋଲି କୁହାଯାଏ । ଶକ୍ତି, ଶାକ୍ତ, ବୈଷ୍ଣବ ଧର୍ମର ଉପାସନା ସହିତ ଏହି ଅଞ୍ଚଳ ଯନ୍ତ୍ର, ତନ୍ତ୍ର, ମନ୍ତ୍ର ବିଦ୍ୟାର ପେଣ୍ଠସ୍ଥଳ ଥିଲା । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ । ତାଙ୍କ ନାମ ଅନୁସାରେ ଏହି ପବିତ୍ର ଭୂଖଣ୍ଡ ସମ୍ବଲପୁର ଭାବେ ଖ୍ୟାତ । ମାଁଙ୍କୁ ଲୋକ ଶ୍ରଦ୍ଧାରେ ମାଁ ସମଲେଇ ସମ୍ବୋଧନ କରନ୍ତି, ଡାକନ୍ତି । ଏହି ଅଞ୍ଚଳର ସ୍ଥାନୀୟ ଭାଷା ସମ୍ବଲପୁରୀ । ସମ୍ବଲପୁରୀ ଭାଷାରେ ସମ୍ବଲପୁରକୁ ସମଲପୁର ମଧ୍ୟ କୁହାଯାଇଥାଏ । ଗ୍ରାମାଞ୍ଚଳରେ ଏହି ନାମ ବହୁଳ ଭାବେ ବ୍ୟବହୃତ ହୋଇଥାଏ । ଚତୁର୍ଦ୍ଦଶ ଶତାବ୍ଦୀରେ ରମାଇ ଦେବ ପଶ୍ଚିମ ଓଡ଼ିଶାରେ ଚୌହାନ ଶାସନ ପ୍ରତିଷ୍ଠା କରିଥିଲେ । ବଳରାମ ଦେବ ଥିଲେ ସମ୍ବଲପୁରର ପ୍ରଥମ ଚୌହାନ ଶାସକ । ୧୮୦୪ ମସିହାରେ ବ୍ରିଟିଶ ସେନା ସମ୍ବଲପୁର ଅଧିକାର କରିଥିଲେ । ୧୮୧୭ ମସିହାରେ ଏହା ସମୁର୍ଣ୍ଣ ରୂପେ ବ୍ରିଟିଶ ଶାସନର ନିୟନ୍ତ୍ରଣକୁ ଚାଲିଯାଇଥିଲା । ବୀର ସୁରେନ୍ଦ୍ର ସାଏ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ଇଂରେଜ ଶାସନ ବିରୁଦ୍ଧରେ ଦୀର୍ଘକାଳ ଧରି ମୁକ୍ତି-ସଂଗ୍ରାମ ଜାରି ରଖିଥିଲେ । ଦେଶ ପାଇଁ ନିଜ ପ୍ରାଣ, ପରିବାର, ପରିଜନଙ୍କ ଆହୁତି ଦେଇଥିଲେ । ଓଡ଼ିଆ ପରିବର୍ତ୍ତେ ହିନ୍ଦୀକୁ ୧୮୯୫ ମସିହାରେ ସରକାରୀ ଭାଷା ଭାବେ ଘୋଷଣା କରାଯାଇଥିଲା । ଅସନ୍ତୁଷ୍ଟ ସ୍ଥାନୀୟ ବାସିନ୍ଦା ଏହାର ଘୋର ବିରୋଧ କରିଥିଲେ । ଭାଷା ସମସ୍ୟା ସମାଧାନ ସକାଶେ ୧୯୦୩ ମସିହାରେ ଓଡ଼ିଆକୁ ପୁନର୍ବାର ସରକାରୀ ଭାଷାର ମାନ୍ୟତା ମିଳିଥିଲା । ୧୯୩୬ ମସିହାରେ ଛଅ ଗୋଟି ଜିଲ୍ଲାକୁ ନେଇ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହେଲା । ସମ୍ବଲପୁର ତନ୍ମଧ୍ୟରୁ ଅନ୍ୟତମ । କଟକ, ପୁରୀ, ବାଲେଶ୍ୱର, କୋରାପୁଟ ଓ ଗଞ୍ଜାମ ଅବଶିଷ୍ଟ ପାଞ୍ଚ ଜିଲ୍ଲା । ପରେ ଦୁଇ ପର୍ଯ୍ୟାୟରେ ସମ୍ବଲପୁରରୁ ଅତିରିକ୍ତ ତିନି ଗୋଟି ଜିଲ୍ଲା ସୃଷ୍ଟି ହେଲା । ମୂଳ ସମ୍ବଲପୁର ସମ୍ପ୍ରତି ଚାରି ଭାଗରେ ବିଭକ୍ତ । ସମ୍ବଲପୁର, ବରଗଡ଼, ଝାରସୁଗୁଡା ଓ ଦେବଗଡ଼ ।

ସମ୍ବଲପୁରର ଅନେକ ଅଜଣା କଥା ରହିଛି । ଏଭଳି ତଥ୍ୟ ରହିଛି ଯାହା ସାଧାରଣ ଲୋକଙ୍କୁ ଜଣା ନଥିବ ଅଥବା ଖୁବ କମ ଜଣା ଥିବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମ୍ବଲପୁର ଓଡ଼ିଶାର ରାଜଧାନୀ ଥିଲା ଓ ଏଠାରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ମାରଣାସ୍ତ୍ର ଗଚ୍ଛିତ ରଖିବା ପାଇଁ ଗୁପ୍ତରେ ବିରାଟ କ୍ଷେତ୍ର ବିଶିଷ୍ଟ ଏକ ବିସ୍ଫୋଟକ ଭଣ୍ଡାର ନିର୍ମିତ ହୋଇଥିଲା । ହୀରାକୁଦ ଏସିଆର ବୃହତ୍ତମ ପଥର ପରୀକ୍ଷଣ ଲେବୋରେଟୋରୀ । ସମ୍ବଲପୁରର ପ୍ରସିଦ୍ଧ ପାରମ୍ପରିକ ମିଠାଇ ସରସତିଆ ୪୦୦ ବର୍ଷ ପୁରୁଣା । ୫୦୦୦ ବର୍ଷ ପୂର୍ବେ ସ୍ଥାପିତ ସମ୍ବଲପୁର ବସତିକୁ ରାମାୟଣ କାଳ ସହିତ ଯୋଡ଼ି ଦେଖାଯାଇଥାଏ । ସମ୍ବଲପୁରରେ ଏକଦା ପାକିସ୍ତାନର ପ୍ରଥମ ରାଷ୍ଟ୍ରପତି ଇସ୍କନ୍ଦର ଅଲୀ ମିର୍ଜା ରାଜନୈତିକ ଏଜେଣ୍ଟ ରୂପେ କାମ କରୁଥିଲେ । ୧୯୮୨ ମସିହା ପରଠୁ ସମ୍ବଲପୁର ବାତ୍ୟା ଦେଖି ନାହିଁ ।

୧୧୯୨ ମସିହା ଆଡ଼କୁ ଉତ୍ତର ଭାରତରୁ ଭୁଲିଆମାନେ ସମ୍ବଲପୁର ଆସିଥିବା କୁହାଯାଏ। ପ୍ରଥମେ ଭୁଲିଆ କପଟା ବୁଣିବା ସେମାନେ ଆରମ୍ଭ କରିଥିଲେ ଯାହା ଆଧୁନିକ ସମ୍ବଲପୁରୀ ବାନ୍ଧ କଳା (ଟାଇ ଏଣ୍ଡ ଡ଼ାଇ) ର ଉତ୍ସ। ୧୯୮୦ ଦଶକରେ ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସମ୍ବଲପୁରୀ ଶାଢ଼ୀ ପିନ୍ଧିବା ଆରମ୍ଭ କରିଥିଲେ। ତତ୍ପରଠୁ ଏହାର ଚାହିଦା ବଢ଼ିବାରେ ଲାଗିଲା। କାଳକ୍ରମେ ପ୍ରସିଦ୍ଧି ଅର୍ଜନ କଲା। ବିଶ୍ୱବିଦିତ ଏବଂ ବୈଶ୍ୱିକ ଆଦୃତି ଲାଭ କଲା। ଆସାମୀ ଆଧୁନିକ ସାହିତ୍ୟର ଜନକ ଲକ୍ଷ୍ମୀନାଥ ବେଜବରୁଆ ସମ୍ବଲପୁରରେ ୧୯୧୭ ମସିହାରୁ ୧୯୩୬ ଯାଏ ପାଖାପାଖି ୨୦ ବର୍ଷ ଅବସ୍ଥାନ କରିଥିଲେ। ବ୍ୟବସାୟ ଓ ସାହିତ୍ୟ ସୃଷ୍ଟି ଯଥାକ୍ରମେ ତାଙ୍କର ପେଶା ଓ ନିଶା ଥିଲା। କଚେରୀ ଛକରେ ବର୍ତ୍ତମାନ ସୁଦ୍ଧା ତାଙ୍କର ସ୍ମୃତିଚିହ୍ନ ଦେଖିବାକୁ ମିଳେ। ସମ୍ବଲପୁରୀ ଭାଷା ସମ୍ପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏକ ବିଶେଷ ଶୈକ୍ଷିକ ଅଧ୍ୟୟନର ବିଷୟ ଅଟେ। ହୁମା ବିମଳେଶ୍ୱର ବିଶ୍ୱର ଏକମାତ୍ର ବକ୍ର ମନ୍ଦିର। ଏଠିକାର ମହାନଦୀ ଘାଟରେ ଉପଲବ୍ଧ କୁଡୋ ମାଛ ବୈଷ୍ଣବ ଧର୍ମର ସଂକେତ ବହନ କରେ। ଏହି ମାଛ ଲୋକେ ଧରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ। ସମ୍ବଲପୁର ନିକଟବର୍ତ୍ତୀ ଜମାଦାରପାଲି ଏଆର ଷ୍ଟ୍ରିପ ହୀରାକୁଦ ଜଳ ଭଣ୍ଡାରର ଏକ ଅଂଶ ରୂପେ ନିର୍ମିତ।

ସମ୍ବଲପୁର ପଶ୍ଚିମ ଓଡ଼ିଶାର ବାଣିଜ୍ୟିକ ଓ ସାଂସ୍କୃତିକ ରାଜଧାନୀ, ଶିକ୍ଷା ହବ୍। ବିଶ୍ୱର ଦୀର୍ଘତମ ମାଟିବନ୍ଧ ହୀରାକୁଦ ଡ୍ୟାମ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ। ସମ୍ବଲପୁରୀ ଶାଡୀ, ସମ୍ବଲପୁରୀ ନାଚ, ସମ୍ବଲପୁରୀ ଗୀତ ଓ ସମ୍ବଲପୁରୀ ଖାଦ୍ୟ କେବଳ ଦେଶରେ ନୁହଁ, ବିଦେଶରେ ମଧ୍ୟ ବିଖ୍ୟାତ ତଥା ପରିଚିତି ଓ ପ୍ରସିଦ୍ଧି ଅର୍ଜନ କରିଛି। ସମଲେଶ୍ୱରୀ ମନ୍ଦିର, ହୁମାର ବକ୍ର ମନ୍ଦିର, ଦେବ୍ରୀଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ଇତ୍ୟାଦି ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟଟକଙ୍କୁ ବହୁମାତ୍ରାରେ ଆକୃଷ୍ଟ କରିଥାଏ। ଜିଲ୍ଲାର ଛୋଟରୁ ବଡ଼ ସମସ୍ତ ଦେବାଳୟ, ଶକ୍ତିପୀଠ, ପର୍ଯ୍ୟଟନସ୍ଥଳୀ ମାନଙ୍କର ନିଜସ୍ୱ ମହିମା ଗାଥା, କଥା, କିମ୍ବଦନ୍ତୀ ଓ ଗୌରବୋଜ୍ଜ୍ୱଳ ଇତିହାସ ରହିଛି। କିଛି କିଛି ଲୋକଲୋଚନକୁ ଆସିଛି। ଉଜାଗର ହୋଇଛି। ଆଉ କିଛି ଇତିହାସର ଅତୀତ ପୃଷ୍ଠାରେ ଏଯାବତ ଲୁକ୍କାୟିତ। ଲୋକଙ୍କ ନିକଟରେ ପହଞ୍ଚି ପାରି ନାହିଁ। ଗବେଷଣା ଚାଲିଛି। ଧିରେଧିରେ ଉନ୍ମୁକ୍ତ ଓ ଲୋକମୁଖୀ ହେଉଛି। ସହର ବଢ଼ିଛି। ଅଟ୍ଟାଳିକା ଛିଡ଼ା ହେଇଛି। ଗାଁସବୁ ସହରସହର ବାସୁଛି। ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ କ୍ଷେତ୍ରରେ ବିକାଶ ଘଟିଛି। ଲୋକଙ୍କ ଆୟ ବଢିଛି। ବିକାଶ ଭିତରେ କିନ୍ତୁ ସଂସ୍କାର, ସଂସ୍କୃତି ପରମ୍ପରା ବିଗିଡିଛି। ବିନାଶ ଘଟିଛି କହିଲେ ଚଳିବ। ଖେଳକୁଦ, ନାଚଗୀତ, ବାଦ୍ୟଯନ୍ତ୍ର, ଯାନିଯାତ୍ରା, ଓଷାବ୍ରତ, ଖାଦ୍ୟପେୟ, ପୋଷକପରିଚ୍ଛଦ ପ୍ରାୟ ସମସ୍ତ କ୍ଷେତ୍ରରେ ଅବକ୍ଷୟ ଘଟିଛି। ଆଧୁନିକତାର ଛାପ ପଡ଼ିଛି। ସେହିପରି ମାନବୀୟ ମୂଲ୍ୟବୋଧରେ ମଧ୍ୟ। ସେକାଳ ପଖାଳ ନାହିଁ। ବାଟି, କେଳି ବାଡ଼ି (ଗିଲ୍ଲିଦଣ୍ଡା), ପିଥୁ, ଛୁର, ଭସର, କବାଡି, ଖୋ ଖୋ, ବାଗୁଡ଼ି, ଛିଲୋଲାଇ (ପୁଚି), କଂସାଡି, ହୁମୋ, ଲୁକଲୁକାନି, ଖୁମଖୁମାଲୋ, ରସିଡିଆଁ, ସାତଖପରି, ଛାଇ କି ଖରା, କୁଣ୍ଢିକାଁଚି ଭଳି ଖେଳ ଆଉ ନାହିଁ। ଗାଁମାନଙ୍କରେ ଦଣ୍ଡନୃତ୍ୟ, ଦାସକାଠିଆ, ପାଲା ଭଳି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ମଙ୍ଗଳା ଦେବତା, ଗୁଁଗୁଁ ନାଦିଆ, ଯାଦୁ ମୁଡ଼ଗଡା ଖେଳ ଓ ଦେଖେଇବା ଲୋକ ବିଲୁପ୍ତ ହେଲାଣି। ପାରମ୍ପରିକ ବାଦ୍ୟଯନ୍ତ୍ରର ଶବ୍ଦ ଶୁଭୁନି। ଢୋଲ, ମାନ୍ଦଳ, ମୃଦଙ୍ଗ, ଘୁମୁରା, ନିଶାନ, ତାସା, ଧାପ, ତବଲା, ମହୁରୀ, ବଂଶୀ, କାଠି, ଘୁଙ୍ଗୁରୁ, ଖଞ୍ଜଣୀ, ଝାଞ୍ଜ, ଗିନି, ଘୁବକୁଡୁ, ବୀର କାହାଳି ଇତ୍ୟାଦି ଦେଖିବାକୁ ଶୁଣିବାକୁ ସ୍ୱପ୍ନ ହେଲାଣି। ଡାଲଖାଇ, ଘୁମୁରା, କରମା, ରସରକେଲି, ମାଏଲାଜଡ଼, ଚଇତି ଘୋଡା, ବାଘ ନାଚ, ଧାପ ନୃତ୍ୟ, ଗଉର ବାଡ଼ି ଇତ୍ୟାଦି ଦିନେ ସମ୍ବଲପୁରର ସାଂସ୍କୃତିକ ପରମ୍ପରା ଥିଲା। ଦୁର୍ଗାପୂଜା, ନୂଆଁଖାଇ ଭଳି ପାରମ୍ପରିକ ଉତ୍ସବରେ ଯୁବକଯୁବତୀ ଆନନ୍ଦରେ ପରିବେଷଣ କରୁଥିଲେ, ଗାଉଥିଲେ ଏବଂ ନାଚୁଥିଲେ। କରମା ମାଧ୍ୟମରେ ପ୍ରକୃତି ପୂଜା ପାଉଥିଲେ। ଚଇତି ଘୋଡ଼ା ମାଁ ମଙ୍ଗଳାଙ୍କ ସାଙ୍କେତିକ ନୃତ୍ୟ। କନ୍ଧ ଏବଂ ଭୂୟାଁ ଆଦିବାସୀ ଧାପ ନୃତ୍ୟରେ ପାରଙ୍ଗମ ଥିଲେ। ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମ କାହାଣୀ ଗଉରବାଡ଼ି ନୃତ୍ୟର ବିଶେଷତ୍ୱ। ଏବେ ସେସବୁ ଦୃଶ୍ୟମାନ ହୁଏ ନାହିଁ। ଅତୀତର ଅତଳ ଗର୍ଭରେ ସମାୟିତ। ବିଦ୍ୟାଳୟ ଉତ୍ସବରେ କେବେ କିମିତି କିଛି କିଛି ଆତ୍ମପ୍ରକଟ

କରିଥାନ୍ତି । ପୁରାତନ ସମ୍ବଲପୁରୀ ମହିଳା ଥିଲେ ଶୃଙ୍ଗାର ପ୍ରିୟ । ଆଭୂଷଣ ପ୍ରତି ତାଙ୍କର ଅନନ୍ୟ ଆସକ୍ତି । ରୂପା, ତାରକସି କାମର ଗହଣା ସେକାଳେ ବହୁଳ ବ୍ୟବହୃତ ହେଉଥିଲା । ସ୍ତ୍ରୀମାନଙ୍କ ଆପାଦମସ୍ତକ ଗହଣା ଭର୍ତ୍ତି । ଝଲକା, ବେଣ୍ଟଳା, ଗଣ୍ଡିଆ, ଶିଙ୍କଳା, କର୍ଣ୍ଣଫୁଲ, ଝରାଗୁନାଁ, ଫୁଲି, କତରିଆ, ବନ୍ଦରିଆ, ଟାଡ, ବାହାସୂତା, ପାନପତ୍ରି, ବେଲଖାଡ଼ି, ଗୁନଚି, ପଏଁରୀ, ପାଏଝୋଲ, ଝୁଣ୍ଟିଆ ଇତ୍ୟାଦି ସେକାଳର ଆଭୂଷଣ ଯାହା ନାରୀଙ୍କ ଶିରୀ ବୃଦ୍ଧି କରୁଥିଲା । ମୁଦ୍ରା ରଖିବାକୁ ଅଣ୍ଟାରେ କରାଟ ବିବାହିତା ସଧବାଙ୍କ ପାଇଁ ଫରୁଆ ଥିଲା ଜୀବନ । ଏବେ ସେସବୁ କିଛି ନାହିଁ । ଦେଖିବାକୁ ମିଳୁ ନାହିଁ । ଆଜିକାଲିର ପିଲାଙ୍କୁ ନାଁ ମଧ୍ୟ ଜଣା ନାହିଁ । ନାଚ, ଗୀତ, ସଂଗୀତ, ଖାଦ୍ୟ, ଆଭୂଷଣ ସବୁ ବିଲୁପ୍ତ । ଶାଢ଼ୀର ସ୍ଥାନ ଡ୍ରେସ ଓ ନାଇଟି, ଧୋତି, ଲୁଙ୍ଗି ଓ ଗାମୁଛାର ସ୍ଥାନ ୱାନ ଥାର୍ଡ଼, ବରମୁଣ୍ଡା ନେଲାଣି । ପୂଜାପାଠ, ଓଷାବ୍ରତରେ ବିଶ୍ୱାସ ନାହିଁ । ପୁନେଇଁ ପରବ, ପିଠାପଣା ସାତ ସପନ ହେବାକୁ ବସିଲାଣି । ଚାଷ ହେଉଛି, କିନ୍ତୁ ଅମଳ ପାଇଁ ଖଳା ନାହିଁ । ବିଲରେ ଚାଷ, ବିଲରେ ଅମଳ, ବିଲରେ ବିକ୍ରି । ବାଡ଼ିସବୁ ପୁଙ୍ଗୁଳା ପଡିଛି । ବିଷ ବଜାରରେ ଭିଡ଼ ଜମୁଛି । ଗାଈ ଗୋରୁ ନାହାନ୍ତି । ପୂଜାଧଜା ବେଳେ ଗୋବର ଖୋଜିବାକୁ ପଡୁଛି । କ୍ଷୀର, ଦହି, ମହି, ଛେନା, ଘିଅ, ଲହୁଣୀ କଥା ଛାଡ଼ନ୍ତୁ । ଖରୀ ନାହିଁ । ବୁଲା ଗାଈଗୋରୁଙ୍କ ପାଇଁ ଚାରା ମିଳୁନି । କାଗଜ, ପଲିଥିନ ଆଦି ତାଙ୍କର ଖାଦ୍ୟ ପାଲଟିଛି । ପଡ଼ୋଶୀ ପାଖେ ପଡୋଶୀର ଖବର ନାହିଁ । ଖାଲି ବହପିଆ କଥା । କଣନାଁ, "ବସୁଧୈବ କୁଟୁମ୍ବକଂ" । ଆତ, ପିଜୁଳି, ତାଳ, ଖଜୁରୀ, ପଣସ, ଚାର, କେନ୍ଦୁ, ବରକୋଳି, ଆମ୍ବ, ତରଭୁଜ ଆଗକାଳେ ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା । ଏଇନେ ଖୋଜିଲେ ମିଳୁନି । ସାବିତ୍ରୀ ବ୍ରତରେ ଏମାନଙ୍କ ଏତେ ଭାଉ ଯେ ହାତ ମାରିବା କଷ୍ଟ । ନବାନ୍ନରେ ନୂଆ ଧାନ ନାହିଁ । ଶୀତଳ ଷଷ୍ଠୀରେ ବର୍ଷା ନାହିଁ । ଉପରକୁ ଯେତେ ଅନେଇଲେ କଣ ହେବ ? ପାଣି ପରିବର୍ତ୍ତେ ଉଲ୍‌କାପିଣ୍ଡ ଖସେ । ନୃତ୍ୟ, ଗୀତ, ସଂଗୀତ କେତେକ ଅନୁଷ୍ଠାନ ଯୋଗୁଁ ବଞ୍ଚିଛି । ଲୋକ ମହୋତ୍ସବ ହେତୁ ପ୍ରଦର୍ଶିତ ହୋଇପାରୁଛି । ପୁସ୍ତକ ମେଳା, ବହି ହାଟ ଯୋଗୁଁ ସାହିତ୍ୟର ସତ୍ତା ରହିଛି । ନଚେତ କେବେଠୁ ହଜି ସାରନ୍ତାଣି ।

ସମାଜ ସମୃଦ୍ଧ ହୋଇନି କହିଲେ ନିର୍ଭୁଲ ହେବନାହିଁ । ସମ୍ବଲପୁର ଆଗକୁ ବଢିନି କହିଲେ ଠିକ୍ ହେବ ନାହିଁ । ବ୍ୟବସାୟ ବଢିଛି । ରୋଜଗାରରେ କୁଶଳ ସମ୍ପ୍ରସାରଣ ଘଟିଛି । ପ୍ରଦ୍ୟୋଗିକ ଉନ୍ନତି ଆସିଛି । କିନ୍ତୁ ତା ସହିତ ସଂସ୍କୃତି ଓ ପରମ୍ପରାର ଅବକ୍ଷୟ ମଧ୍ୟ । ଲୋକମହୋତ୍ସବ ଭଳି ଅନୁଷ୍ଠାନ ଏମାନଙ୍କ ଅବୟବ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟିତ ଅଛନ୍ତି । ପୂରୁବ ଗୌରବ ପୂରୁବ ମହିମା ଅକ୍ଷତ ରଖିବାକୁ ପ୍ରୟାସରତ ଅଛନ୍ତି । ପୁରାତନ ସୌରଭ ସଂରକ୍ଷଣ ସକାଶେ ଉଦ୍ୟମ ଚାଲିଛି । ମହୋତ୍ସବ ମଞ୍ଚ ବିଲୁପ୍ତପ୍ରାୟ କଳା ଓ ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦେଉଛି । ମହତ୍ତ୍ୱ ପ୍ରଦାନ କରୁଛି ଯାହା ଏକ ଶୁଭଙ୍କର ସଂକେତ । ସମ୍ବଲପୁରୀ କଳା ବଞ୍ଚିଥିବାଯାଏ ସମ୍ବଲପୁର ବଞ୍ଚିଥିବ । ସଂସ୍କୃତି ଜରିଆରେ ସ୍ୱକୀୟ ପରିଚୟ ସୃଷ୍ଟି କରିଚାଲିଥିବ । ଏଭଳି ଆଶା ରହିଛି । ଆଗକୁ ରହିଥିବ ମଧ୍ୟ । ଜୟ ମାଁ ସମଲେଇ । ■ ■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
୭୯୭୮୨୮୩୧୯୦

କେଭେ ହେବା ମାତୃଭାଷାଥି ଶିକ୍ଷାଦାନ୍ ?

ଡ. ନିରୁପମା ବଡପଣ୍ଡା

ପୁର୍‌ଥିର୍ ସବୁ ସ୍ୱାଧୀନ୍ ଦେଶର୍ ଛୁଆମାନେ ତାଁକର୍ ନିଜର୍ ନିଜର୍ ମାତୃଭାଷାଥି ପାଠ୍ ପଢ଼ିସନ୍। ଏଖେ ଇ ଆମର୍ ଭାରତ୍ ଦେଶର୍ ଛୁଆମାନେ ଇ ସୁବିଧା ନାଇଁ ପାଇପାର୍‌ବାର୍। ପୁରାତନ୍ ଯୁଗେଁ ସଂସ୍କୃତ ସବୁ ଲୁକର୍ ଭାଷା ଥିଲା। ଲେକିନ୍ କେତେ ଧଜାଧାରୀ ଲୋକ୍ ଏନ୍‌ତା ବ୍ୟବସ୍ଥା କର୍‌ଲେ ଯେ ବଛା ବଛା କେତେ ଜାତି ଆଉ ବଛା ବଛା କେତେ ରାଜାଡ଼ି ଲୋକ୍ ପାଠ୍ ପଢ଼ିବାର୍ ସୁବିଧା ପାଏଲେ। ବାକି ଲୁକେ ତାଁକର୍ କରମ୍ କପାଲ୍ ଧରି ଦେଶର୍ ସେବା କରି ଚଲ୍‌ଲେ। ଅପଢ଼ା ଲୁକେ ପାଠ୍ ନାଇଁ ଜାନିକରି ଅଜ୍ଞାନ୍ ଆରୁ ଅଂଧବିଶ୍ୱାସ୍‌ଥିଁ ସଢ଼ିଲେ। ଆଉର୍ ପଢ଼ାଲୁକେ ପାଠ୍ ଜାନିକରି ଭି ଉଂଜାଲୁକ୍‌କୁଁ ବାଟ୍ ନାଇଁ ଛାଡୁଁ ବଲି ଅଜ୍ଞାନ୍ ଆରୁ ଅଂଧବିଶ୍ୱାସ୍‌ଥିଁ ଘାଁଟି ହେଲେ। ଋଷିମୁନି ସାଧୁସଂଥ ଜ୍ଞାନୀଗୁଣୀ ଲୁକେ ଯେତେ କହେଲେଁ ଭି ସମ୍‌କର୍ ଲାଗି ପାଠ୍ ପଢ଼ିବାର୍ ବାଟ୍ ନାଇଁ ଫିଟୁଥାଇ।

ଯୁଗ୍ ବଦ୍‌ଲିଲା। ଭାରତ୍ ସ୍ୱାଧୀନ୍ ହେଲା। ଗଣତନ୍ତ୍ର ଦେଶ୍ ଭି ହେଲା। ଶିକ୍ଷାଥି ସମ୍‌କର୍ ଅଧିକାର୍ ହେବା ବଲି ସଂବିଧାନ୍‌ଥି ଭି ଲେଖା ହେଲା। କେତେ କେତେ ସଂଖ୍ୟାଥିଁ ବିଦ୍ୟାଲୟ ଭି ଥାପ୍‌ନା ହେତେ ଗଲା। ଜ୍ଞାନୀଗୁଣୀ ଲୁକେ ଶିକ୍ଷାନୀତି ବନାଲେ। ସେମାନେ କହେଲେ ଯେ, ୬ ନୁଁ ୧୪ ବଛର୍ ତକ୍ ସବୁ ଛୁଆ ପଢ଼ିବେ, ଆଉର୍ ସେତାକୁଁ ମାତୃଭାଷାଥି ଶିକ୍ଷା ଦିଅହେବା। ଡ: ଦୌଲତ୍ ସିଂ କୋଠାରୀ ବଲି ଝନ୍‌ଏ ପ୍ରଫେସର୍ ଆଜ୍ଞାକୁଁ ଧରିକରି ଗୁଟେ କମିଶନ୍ ଗଢ଼ାଗଲା ୧୯୬୪ ସାଲେଁ।

୧୯୬୬କେ ସେ ରିପୋର୍ଟ ଦେଲେ ଶିକ୍ଷା ନୀତି କେନ୍‌ତା କେନ୍‌ତା ହେବାର୍ ଚାହି। ସେଥି ସେ ବତେଇଥିଲେ ଯେ ଦେଶର୍ ସବୁଛୁଆକୁଁ ଜଲ୍‌ଦି ତାଁକର୍ ନିଜର୍ ଭାଷାଥି ଶିକ୍ଷା ଦେବାର୍ ବ୍ୟବସ୍ଥା କରାଯାଉ। ୧୯୬୬ନୁଁ ୨୦୦୦ ସାଲ୍ ହେଲା, କେତେ କେତେ ଆଇନ୍ ହେଲା, କେତେ କେତେ କମିଟି, କମିଶନ୍ ଗଢ଼ାଗଲା, ଜାତୀୟ ଶିକ୍ଷାନୀତି ବଲି ଘୋଷଣାନାମାମାନ୍ କରାଗଲା, କଥାଟା ନାଇଁ ହଇପାର୍‌ଲା। ଏଭେଁ, ୨୦୨୦ ସାଲେଁ ଆମର୍ ଲେକପ୍ରିୟ ସର୍‌କାର୍ ନୁଆଁକରି ଜାତୀୟ ଶିକ୍ଷାନୀତି ଘୋଷଣା କରିଛନ୍। ହେଥିଁ ଭି ମାତୃଭାଷାଥିଁ ଶିକ୍ଷାଦାନ୍ ହେବା ବଲି ଗୁରୁତ୍ୱ ଦିଆଯାଇଛେ। ଇ ଶିକ୍ଷାନୀତିକେ ଧରିକରି ୨୦୨୩ ସାଲେଁ 'ଜାତୀୟ ପାଠ୍ୟକ୍ରମ ଢାଂଚା' ବଲି ଗୁଟେ ଚିଠା ବନା ହଇଛେ। ହେଥିର୍ ଅନ୍‌ସାରେଁ ଆଏଜ୍‌କେ ଇ କଥାଟା ହଇଯିବାର୍ ଚାହି।

ହେଲେଁ, ଯେନ୍ ଛୁଆମାନ୍‌କର୍ ମାତୃଭାଷା ଏବ୍‌ତକ୍ ସାଂବିଧାନିକ୍ ସ୍ୱୀକୃତି ନୁହେ ପାଆନ୍ ସେ ଛୁଆମାନ୍‌କର୍ ଭାଗ୍ୟ କାଣା ହେବା ? ଓଡ଼ିଶା ଲେଖେଁ ରାଏଜେଁ ତ କେତେ କେତେ ଭାଷାଭାଷୀ ଲୋକ୍ ଅଛନ୍। ସମ୍‌କର୍ ଭାଷାକେ ସର୍‌କାରୀ ସ୍ୱୀକୃତି ନୁହେ ମିଲେ। ପଶ୍ଚିମ୍ ଓଡ଼ିଶାର୍ ବଡ଼ଭାଗୀ ଛୁଆକର୍ ମାତୃଭାଷା ତ ସମ୍ବଲପୁରୀ ଆଏ। ସମ୍ବଲ୍‌ପୁରୀ ଭାଷା ସ୍ୱୀକୃତି ନାଇଁ ପାଏଲେଁ, ସେମାନେ ଭି ନିଜର୍ ମାତୃଭାଷାଥିଁ ପଢ଼ିବାର୍ ସୁଯୋଗ୍ ନାଇଁ ପାଇପାରନ୍। ଶିକ୍ଷାବିତ୍ ଆରୁ ଭାଷାବିତ୍ ଆଜ୍ଞାମାନ୍‌କର୍ ମତ ହେଲା, ଯଦି ଛୁଆ ତା'ର୍ ନିଜର୍ ମାତୃଭାଷାଥିଁ ଶିକ୍ଷା ନାଇଁ ପାଇପାର୍‌ବା ବେଲେଁ ସେ ଜୀବନ୍‌ସାରା ତା'ର୍ ନିଜର୍ ଜ୍ଞାନ୍ ବଢ଼ାବାର୍ ଲାଗି, ନିଜ୍‌କେ ପାଁଚ୍‌ଲୁକେଁ ଝନ୍‌ଏ ବଲି ପରିଚୟ ଦେବାର୍ ଲାଗି, ଆରୁ

ସଫଳତା ହାସଲ୍ କର୍‌ବାର୍ ଲାଗି ସବୁବେଳେଁ ସଂଘର୍ଷ କରୁଥିବାନ।

ଓଡ଼ିଶାର୍ ରାଜଭାଷା ଓଡ଼ିଆ। ଦେଶର୍ ରାଷ୍ଟ୍ରଭାଷା ହିନ୍ଦୀ। ଆଉର୍ ଆଏଜ୍‌କାଲିର୍ କାମ୍‌କମେଇର୍ ଭାଷା ଇଂଲିଶ୍। ବେଳେଁ, ସବୁ ଛୁଆକୁଁ ଆଏଜ୍ ନାଇଁ ହେଲେଁ କାଏଲ୍ ଓଡ଼ିଆ, ହିନ୍ଦୀ ଆରୁ ଇଂଲିଶ୍ ଇ ତିନ୍‌ହିଁ ଭାଷାଥି ମାହିର୍ ହେବାକେ ପଡ଼୍‌ବା।

ଏନ୍‌ତା ବଲି ସର୍‌କାର୍ ବିଦ୍ୟାଲୟର୍ ଶିକ୍ଷାଥି ଇ ତିନ୍‌ହିଁ ଭାଷାକେ ଗୁରୁତ୍ୱ ଦଉଛନ୍। ଲେକିନ୍, ଛୁଆଟେ ଇସ୍କୁଲ୍‌କେ ପଢ଼ିଯିବାର୍ ଆଘୋନୁଁ ତ ତା'ର୍ ନିଜର୍ ମାତୃଭାଷାଥି ଶହେ ଛ'କୋର୍ ଶବ୍ଦ ଆରୁ ବାକ୍ୟ ଶୁନି ବୁଝି ଜାନି ସାରିଥିସିନ। ସେହି ଭାଷାଥି ଯଦି ପ୍ରାଥମିକ୍ ଶିକ୍ଷା ନାଇଁ ଦିଆଯିବା ବେଳେଁ ସେ ଶିକ୍ଷାଦାନ୍‌ଥି ଭାଗିଦାର୍ କେନ୍‌ତା କରି ହେବା ? ଛୁଆଟା ତ ଗୁଟେ କମ୍ପ୍ୟୁଟର୍ ମିସିନ୍ ନୁହେଁ, ଯେ ଇନ୍ ପୁଟ୍ ଦେଇଦେଲେଁ ଆଉଟ୍‌ପୁଟ୍ ଆସିଯିବା। ସେ ପାଠ୍‌କେ ବୁଝ୍‌ଲେଁ ସିନେ ଶିଖ୍‌ବା ! ଆରୁ ଭଲ୍ କରି ବୁଝ୍‌ଲେଁ ସିନେ ଉଲ୍‌ଟେଇ ପାର୍‌ବା। ନିଜର୍ ଭାଷାଥି ଉତ୍ତର୍‌ଟା ଭାବି ପାର୍‌ବା, ଆରୁ ଲେଖି ଭି ପାର୍‌ବା। ହେଥିର୍ ଲାଗି ମାତୃଭାଷାଥି ପ୍ରାଥମିକ୍ ଶିକ୍ଷା ହାସଲ୍ କଲା ଉତାରୁଁ, ତା'ର୍ ଶିଖ୍‌ବାର୍ ଜାନ୍‌ବାର୍, ପ୍ରଶ୍ନ କର୍‌ବାର୍ ଆରୁ ନିଜର୍ ଉତ୍‌ତର୍ ରଖ୍‌ବାର୍ ବୃତ୍ତିରାକ ବିକଶିତ୍ ହେଲା ଉତାରୁଁ ଯେତେ ଭାଷା ବଏଲେ ଭି, ଯେତେ ଜଟିଲ୍ ପାଠ୍ ବଏଲେ ଭି ପଢ଼ିଶିଖି ପାର୍‌ବା। ଇ ୬ ନୁଁ ୧୪ ବଛର୍ ଭିତ୍‌ରେଁ ଛୁଆ ଯାହା ଶିଖ୍‌ସି, ସେଇଟା ତା'ର୍ ଜୀବନର୍ ନେହି ଆଏ ବଏଲେଁ ଠିକ୍ ହେବା। ନେହି ଯଦି ଦୁର୍ବଲ୍ ହେଲା, ପଛ୍‌କେ ଯେତେ ଖତ୍‌ଖାର୍ ଦେଲେ ଭି ମୁନୁଷ୍ ଉଧେଇ ନାଇଁ ପାରେ।

ମାତୃଭାଷାଥି ପ୍ରାଥମିକ୍ ଶିକ୍ଷା ନାଇଁ ହେଲେ କାଣା ହେସି ସେକଥା ସଭେ ବୁଝ୍‌ବାର୍ ଚାହି ଆରୁ ସେ ହିସାବେଁ ତକ୍‌ତିଆର୍ ହେବାର୍ କଥା।

୧. 'ଜ୍ଞାନ ଆହରଣଥି ମନ୍ଥରତା' Slow Learning : ଶିକ୍ଷକ୍ କିଛି କହେଲେ। ମାତୃଭାଷାଥି କହେଲେଁ ଝନ୍‌ଏ ଶୁନ୍‌ଲାଖିନି ବୁଝ୍‌ବା। ଆଉର୍ ଅକ୍‌ଲିଆ ଭାଷାଥିଁ କହେଲେଁ ଶୁନ୍‌ଲା ଉତାରୁଁ ଭି ବୁଝ୍‌ବାର୍ ଲାଗି ଲାଗେ। କାଁ ବଏଲେ ବଲି ଘଡ଼୍‌ଏ ଭାବି ହେବା, ପାଶର୍ ଲୁକ୍‌କୁଁ ପଚ୍‌ରାବା, ଶବ୍ଦର କି ବାକ୍ୟର ଅର୍ଥ ଜାନ୍‌ବାର୍ ଲାଗି ଅଭିଧାନ୍ ଖୁଜ୍‌ବା। ବେଳେଁ ତାହାକେ ଜହ ସମିୟା ଲାଗ୍‌ବା। ଯେତ୍‌କି ନୂଆଁ କଥା ଶୁନ୍‌ବା, ହେତ୍‌କି କାଏଡ଼୍ ଲାଗ୍‌ବା। ତ, ନୂଆଁ ନୂଆଁ କଥା ପଢ଼୍‌ବାର୍ ଜାନ୍‌ବାର୍ ଶିଖ୍‌ବାର୍ ଲାଗି ତାହାକେ ଉତ୍ସାହ ନାଇଁ ଲାଗେ। ଉଲ୍‌ଟିଆ ହଦ୍‌ରା ଲାଗ୍‌ବା।

୨. ବୁଦ୍ଧିଶକ୍ତିର୍ ବିକାଶ୍ ଥିଁ ବାଧା (Poor Abstract Reasoning and Critical Thinking) : ଶିଖ୍‌ବାର୍ ଜାନ୍‌ବାର୍ ଲାଗି ଯେନ୍ ବୁଦ୍ଧି ଦର୍‌କାର୍ ସେ ଶକ୍ତିକେ ଆମେ ବୁଦ୍ଧିଶକ୍ତି କହେସୁଁ। ଶିକ୍ଷକ୍ ଯାହା ପଢ଼ାଲେ କି ଛୁଆଟା ବହିଥିଁ ଯାହା ପଢ଼୍‌ଲା, ତାହାକେ ବୁଝ୍‌ବା, ଯାହା ବୁଝ୍‌ଲା ସେତ୍‌କିକେ କାମ୍‌ଥି ଲଗାବା। ହେଥିର୍ ଲାଗି ତାହାକେ ମନେ ମନେ ପାଁଚ୍‌ବାକେ ହେସି ଆଉର୍ 'ଇ ଟା ନୁହେ, ସେ ଟା ଆଏ' ବଲି ବାର୍‌ବାକେ ହେସି। ଯଦି ମାତୃଭାଷାଥିଁ ଶିକ୍ଷା ପାଉଥିବା, ସେ ଯେତ୍‌କି ସହଜେଁ ଇ ତର୍ଜଣା କରି ପାର୍‌ବା, ଶିଖ୍‌ଲା ଭାଷାଥି ଶିକ୍ଷାପାଉଥିଲେଁ ତାହାକେ ହେତ୍‌କି ଅଡୁଆ ହେବା। ଅକ୍ଷରଥି ଠିକ୍ ମାତ୍ରା କି ଶବ୍ଦଥି ଠିକ୍ ବିଭକ୍ତି ଲଗାବାର୍ ଲାଗି, ଠିକ୍ ଠିକ୍ ବାକ୍ୟ ବିନ୍ୟାସ୍ କର୍‌ବାର୍ ଲାଗି, ଅଙ୍କ ସମାଧାନ୍ କର୍‌ବାର୍ ଲାଗି ତାହାକେ କାଏଡ଼୍ ହେବା।

୩. ଉଞ୍ଚା ଭାଷା ଶିଖ୍‌ବାରେ ବାଧା (Difficulty in Learning New Language System): ଦର୍‌କାର୍ ହିସାବେଁ ରାଜ୍ୟଭାଷା, ରାଷ୍ଟ୍ରଭାଷା କି ଇଂଲିଶ୍ ଭାଷା ଶିଖ୍‌ବାର୍ ଲାଗି ସବୁନୁଁ ଜହ ସାହାଯ୍ୟ କର୍‌ସି ମାତୃଭାଷା। ମାତୃଭାଷାଥି ମାହିର୍ ହଇପାରିଥିଲେଁ ବାକି ଯେତେ ଭାଷା ବଏଲେଁ ଭି ସହଜେଁ ଶିଖିହେସି। ଆଉ ଭି ଗଣିତ, ବିଜ୍ଞାନ୍, ଇଂଜିନିୟରିଂ, ହଉ କି ଚିକିତ୍ସା - ଇ ସବୁ ପାଠର୍ ଯେନ୍ ଭାଷା ଥିସି ସେ'ଟା ଭି ଭଲ୍‌ସେ ବୁଝ୍‌ବାର୍ ଲାଗି ମାତୃଭାଷାଥି ବର୍‌କଷ୍ ହେବାର୍ ଦର୍‌କାର୍ ହେସି।

୪. ଜ୍ଞାନଶକ୍ତିର୍ ବିକାଶ୍ ନାଇଁ ହେବାର୍ ଲାଗି ଛୁଆକେ ଲୁକେ ଗଧ ବଲ୍‌ସନ୍। ସେ ପାଠ୍ ବୁଝି ନାଇଁ ପାର୍‌ଲେଁ ସାହାସ୍ କରି ପଚ୍‌ରେଇ ନାଇଁ ପାରେ। ଶିକ୍ଷକ୍ ପଢ଼ାଲାବେଳେ ଆଲୋଚନାଥି ଭାଗିଦାର୍ ନାଇଁ ହଏ। ତା'ର୍ ନିଜର୍ ମନର୍ ଭାବ୍‌କେ ଭଲ୍‌ସେ ପ୍ରକାଶ୍ କରି ନାଇଁ ପାରେ ବଲି ସେ ତା'ର୍ ଶ୍ରେଣୀର୍ ଛୁଆକର୍‌ନୁଁ ଭି

ଧୂରିଆ ରହେବାର୍ ଚେଷ୍ଟା କର୍‌ସି । ପାଠ୍ ନାଇଁ ଜାନ୍‌ବାର୍ ବଲି ଆତ୍ମଗ୍ଲାନିଥି ତା'ର୍ ବ୍ୟକ୍ତିତ୍ୱର୍ ବିକାଶ୍ ନାଇଁ ହଇପାରୁଥାଏ । ସେ ପାଠ୍ ପଢ଼ିଯିବାକେ ମନ୍ ନାଇଁକରେ । ଜଲ୍‌ଦି ପଢ଼ା ଛାଡ଼ିଦେସି । ଆଗ୍‌କେ ସମାଜ୍‌ଥିଁ ତରାପଟିଆ ହେଇଯାଏସି । ଯେ ପଢ଼ା ନାଇଁ ଛାଡ଼େ ସେ ପାଠ୍ ଘୁଷି କରି ପାଶ୍ କରୁଥିସି, ଶିକ୍ଷିତ୍ ନାଇଁ ହଉଥାଏ । ଆଗ୍‌କେ ଇ ଘୁଷାପାଠର୍ ପରିଣାମ୍ ମାଁ-ବାପ୍, ସମାଜ୍ ଆରୁ ଦେଶ୍‌କେ ଭୁଗ୍‌ବାକେ ପଡ଼୍‌ସି । ଦକ୍ଷ ଡାକ୍‌ତର୍, ଦକ୍ଷ ଇଂଜିନିୟର୍, ଦକ୍ଷ ବ୍ୟବସାୟୀ, ଦକ୍ଷ ଚାଷୀ, ଯୋଗ୍ୟ ରାଜନେତା, ଯୋଗ୍ୟ ନାଗରିକ୍ ଅଭାବ୍ ହେସନ୍ ।

୫. ଆଉ ମାତୃଭାଷାକେ ଛାଡ଼ିକରି ଉଞ୍ଚାଭାଷାଥି ଘୁଷି ଘୁଷି ପାଠ୍ ପଢୁଥିଲା ଲୁକେ ପାରଂଗତ୍ ହେଇଗଲେଁ ନିଜର୍ ଦେଶର୍ ଦେଶୀଭାଷା କହୁଥିଲା ଲୁକ୍‌କୁଁ ହୀନ୍ ଆଖିନେ ଦେଖ୍‌ସନ୍ । ସେମାନ୍‌କର୍ ଶିକ୍ଷାଥୁଁ ସେମାନେ ଉପକୃତ ହେଲେଁ ଭି ଦେଶ୍ ଉପକାର୍ ନାଇଁ ପାଏ । ବଡ଼୍‌ମାନେ ମାତୃଭାଷାକେ ଅବହେଲା କର୍‌ସନ୍ ଆରୁ ସନ୍ତାନ୍ ଦୋଷୀ ହେସି ।

୬. ଖାଲି ହେତ୍‌କି ନୁହେ, ଉଞ୍ଚା ଭାଷାଥି ପାଠ୍ ପଢ଼୍‌ଲା ଲୁକେ ନିଜର୍ ସାଂସ୍କୃତିକ୍ ପରିଚୟ ହରେଇ ଦେସନ୍ । ସାଂସ୍କୃତିକ୍ ଐତିହ୍ୟନୁଁ ବିସ୍ମୃତ୍ ହଇଯାଏସନ୍ । ପାରମ୍ପାରିକ୍ ଜ୍ଞାନ୍‌ଭଣ୍ଡାର୍ ହରେଇ ଦେସନ୍ । ହରେକ୍ ଆଚରଣଥିଁ ପର୍‌ଆଶ୍ରୀ ହେଇଯାଏସନ୍ । ଏନ୍‌ତା ହଇ ହଇ ଶେଷ୍‌କେ ଗୁଟେ ସଂସ୍କୃତିଟେ ଲୋପ୍ ପାଇଯାଏସି ।

୭. ଶେଷ୍‌କେ ଗୁଟେ ଜାତି ମରିଯାଏସି । ମାତୃଭାଷାଥି ଶିକ୍ଷାଦାନ୍ ହେବା ବଲି ସମ୍ବିଧାନ୍ ଆଉର୍ ସାମ୍ବିଧାନିକ୍ ସର୍‌କାର୍ ଘୋଷଣା କରି କହେଲେଁ ଭି ତାହାକେ କାର୍ଯ୍ୟକାରୀ କର୍‌ବାର୍ ଦିଗେଁ ନାଗରିକମାନ୍‌କର୍ ଭୂମିକା ଜହ । ସେମାନେ ଯଦି ନିଜେଁ ନିଜର୍ ମାତୃଭାଷାକେ ନାଇଁ ବେଭାର୍ କର୍‌ବେ, ଲେଖାପଢ଼ା ନାଇଁ କର୍‌ବେ କି ମାତୃଭାଷା ହଜିନଶି ଯାଉଥିଲେଁ ତାହାକେ ନାଇଁ ଜଗ୍‌ବେ, ସେ ଭାଷା ତ ଆପେଁ ଅବହେଲିତ୍ ହଇକରି ମୁର୍‌ଝେଇ ଯିବା । ଆଉର୍ ଗୁଟେ ସଂସ୍କୃତି ଗୁଟେ ଜାତି ଭି ଇତିହାସ୍‌ଥିଁ ହଜିଯିବା । ତ, ମାତୃଭାଷାଥି ଶିକ୍ଷାଦାନ୍ ହଉ ବଲି କିଏ କହେବା ? ଆରୁ କିଏ କର୍‌ବା ? ବିଚାର୍ କର୍‌ବାର୍ କଥା । ■ ■

ଆନଂଦ ଆଶ୍ରମ,
ଏଚ୍.ଏଲ୍.ଓ. କଲୋନୀ,
ସମ୍ବଲପୁର-୭୬୮୦୦୧

ଶାକ୍ତ ପରମ୍ପରାରେ ଅବିଭକ୍ତ ସମ୍ବଲପୁରର ଶୀତଳା ଯାତ୍ରା

ଡ. କଳ୍ପନା ଧରୁଆ

ଅବିଭକ୍ତ ସମ୍ବଲପୁର ହେଉଛି ପଶ୍ଚିମ ଓଡିଶାର ସାଂସ୍କୃତିକ କେନ୍ଦ୍ର । ଅନ୍ୟତମ ଶକ୍ତିପୀଠ ଭାବରେ ସମ୍ବଲପୁର ସର୍ବତ୍ର ପରିଚିତ । ଇତିହାସରୁ ଜଣାଯାଏ ଯେ, ସମ୍ବଲପୁରର ଶୈବ ଆଉ ଶକ୍ତି ପରମ୍ପରାର ମିଳନ୍ ପ୍ରାଚୀନ୍ ଉଦାହରଣ । ଏହି ଶୈବ ଆଉ ଶାକ୍ତ ପରମ୍ପରାର ଏକ ମୁଖ୍ୟ ନିଦର୍ଶନ । ଶିବ-ପାର୍ବତୀଙ୍କର ବିବାହ ହେଉଛି ଏ ଯାତ୍ରାର ମୁଖ୍ୟ ବିଷୟ । ଜ୍ୟେଷ୍ଠ ମାସର ପଞ୍ଚମୀ ତିଥିହର ଶିବ-ପାବବତୀଙ୍କର ବିବାହ ପରେ ଚାରି ମାସ ଧରି ଗ୍ରୀଷ୍ମର ରୌଦ୍ରତାପରୁ ପୃଥିବୀ ଶାନ୍ତ ହୁଏ । ରୌଦ୍ର ତାପରୁ ତ୍ରାହି ପାଇବା ଉହେଶ୍ୟର ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ ଦେଇ ଶୀତଳଷଷ୍ଠୀ । ଯାତ୍ରାର ଉତ୍ପତ୍ତି ବୋଲି ବିଶ୍ୱାସ ରହିଛି କିନ୍ତୁ ଏହି ଉତ୍ତପ୍ତ ପୃଥିବୀକୁ ଶାନ୍ତ କରିବା ପାଇଁ ଅବିଭକ୍ତ ସମ୍ବଲପୁରର ଅନ୍ୟ ଏକ ପର୍ବ ପାଳନ କରାଯାଏ, ଯାହାକୁ 'ଶୀତଳା ଯାତ୍ରା' ବୋଲି କୁହାଯାଏ ।

ପୂଜା ପଦ୍ଧତି :

ଶୀତଳା ଯାତ୍ରାର ପୂଜା ପଦ୍ଧତି ଶାକ୍ତ ପରମ୍ପରା ଅନୁସାରେ ହୋଇଥାଏ । ଫାଲ୍ଗୁନ୍ ପୂର୍ଣ୍ଣିମା ଗଲା ପହର ପଶ୍ଚିମ ଓଡିଶାରେ ହାଡ଼ଫୁଟି ଓ ମିଳିମିଳା ରୋଗ ଦେଖାଦିଏ । ଲୋକମାନେ ବିଶ୍ୱାସ କରନ୍ତି ଯେ, ଦେବୀ ମା' ରାଗିଛନ୍ତି । ଏହି ରୋଗକୁ ଶରୀରରେ ଦେବୀ ମା'ଙ୍କର ଆବିର୍ଭାବ ବୋଲି ମଧ୍ୟ ଲୋକମାନେ କହିଥାନ୍ତି । ଯାହାକୁ ଏହି ରୋଗ ହୋଇଥାଏ, ଆଞ୍ଚଳିକ ଭାଷାରେ ତାକୁ ଲୋକମାନେ "ମା' ବାହାରିଛନ୍" ବୋଲି କହିଥାନ୍ତି । ଦେବୀ ମା'ଙ୍କର ପୂଜା ଆରାଧନା କଲେ ଏହି ରୋଗ ବେମାର ଭଲ ହୁଏ ବୋଲି ବିଶ୍ୱାସ କରନ୍ତି । ସେଥିପାଇଁ ସମ୍ବଲପୁରର ଶହ ଶହ ବର୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ 'ଶୀତଳା ଯାତ୍ରା' ହେଉଛି । ବୁଢ଼ୀ ମା' ହେଉଛନ୍ତି ଏହି ଯାତ୍ରାର ଆରାଧ୍ୟ ଦେବୀ ।

ଚୈତ୍ର ମାସର ଶୁକ୍ଳ ପକ୍ଷର ମଙ୍ଗଳବାର ଦିନ ବିଶେଷ କରି ଏହି ଯାତ୍ରା ଅନୁଷ୍ଠିତ ହୁଏ । ଏଥିରେ ବୁଢ଼ୀମା'କୁ ପୂଜା ପାଠ କରି ଝାଁକରକୁ ବଏଲ ଚଢ଼ାଯାଏ । ତା' ପରେ ବଏଲ ଦେହରେ ଲିମ୍ବ ଡାଳ ବାନ୍ଧିକରି ସହର ସାରା ପରିକ୍ରମା କରାଯାଏ । ମାନସିକଧାରୀମାନଙ୍କ ଉତ୍ପତ୍ତ ମାଟିରେ ସଡକରେ ବଏଲ ଆଗରେ ଅଧିଆ ପଡ଼ନ୍ତି । ଭକ୍ତମାନେ ଏହି ମାନସିକଧାରୀମାନଙ୍କ ଉପରେ ପାଣି ଢାଳନ୍ତି । ଦୁଲ୍‌ଦୁଲି ବାଦ୍ୟ, ଘଣ୍ଟ ବାଦ୍ୟରେ ବଏଲକୁ ସହର ପରିକ୍ରମା କରାଯାଏ ।

ସମ୍ବଲପୁରରେ ପ୍ରଥମେ କୁଞ୍ଜେଲପଡାର ବୁଢ଼ୀମା ମନ୍ଦିରରେ ଏହି ଶୀତଳା ଯାତ୍ରା ଆରମ୍ଭ ହୋଇଥିବାର ଜଣାଯାଏ । ହେଲେ କେତେ ବର୍ଷ ତଳୁ ଏହା ଆରମ୍ଭ ହୋଇଥିଲା, ତାହାର ସଠିକ୍ ପ୍ରମାଣ ମିଳି ନାହିଁ । ଏହି ମନ୍ଦିରର ଯାତ୍ରା ସାନ୍‌ସଡକ, ବଡ ସଡକ ହୋଇ ବୁଢ଼ୀ ମା' ଗୁଡିକୁ ଫେରି ଆସେ କିନ୍ତୁ ସମ୍ବଲପୁର ସହରର ଠେଲକୋପଡାରେ ଥିବା ବୁଢ଼ୀ ମା' ମନ୍ଦିରରେ ଏହି ଶୀତଳାଯାତ୍ରା ଅନେକ ଆନନ୍ଦ ଉଲ୍ଲାସରେ ହୋଇଥାଏ । ଏହି ମନ୍ଦିରର 'ବଏଲ' ବୁଢ଼ାରଜା ମନ୍ଦିରର ଲିମ୍ବ ଗଛ ତଳକୁ ଯାଏ । ସେଠାରେ ପୂଜାର୍ଚ୍ଚନା ହୁଏ । ପ୍ରତ୍ୟେକ ଶାକ୍ତ ପୂଜାରେ ପରମ୍ପରା ଅନୁଯାୟୀ 'ବଳି' ଭୋଗ ଦିଆଯାଏ କିନ୍ତୁ ଏହି ଯାତ୍ରାର ସ୍ୱାତନ୍ତ୍ର୍ୟ ହେଲା ଯେ, ଏହି ପୂଜା ଦିନରେ ପ୍ରତ୍ୟେକ ବୁଢ଼ୀ ମା' ଗୁଡିରେ 'ଶୀତଳା ଭୋଗ' ଲଗାଯାଏ ।

ବରଗଡ଼ର ସମରଲଶ୍ୱରୀଙ୍କ ଶୀତଳା ଯାତ୍ରା :

ବରଗଡରେ ଏହି ଯାତ୍ରା ଖୁବ୍ ଧୁମଧାମରେ ପାଳିତ ହୁଏ । ବରଗଡର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ରୀତିନୀତି ଅନୁସାରେ ଏହି ଯାତ୍ରା ପାଳିତ ହୋଇଥାଏ । ଏହି ଚୈତ୍ର ମାସର ମଙ୍ଗଳବାର ଦିନ୍‌ରେ ଦେବୀ ସମହଲଶ୍ୱରୀଙ୍କ ଅନ୍ୟ ରୂପ ଭାବରେ

ଲିମ୍ବଗଛର ଡାଳକୁ ପୂଜା କରାଯାଏ। ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯିବା ପହର ମା'ର ପ୍ରତୀକ ଲିମ୍ବ ଗଛର ଡାଳକୁ ଦୁଲ୍‌ଦୁଲି ବାଜା ବଜାଇ, ଘଣ୍ଟ ଶଙ୍ଖର ତାଳେ ତାଳେ ଶୋଭାଯାତ୍ରାରେ ପୁରା ସହର ପରିକ୍ରମା କରାଯାଏ। ଧନୀ, ଗରିବ, ସମସ୍ତେ ନିଜ ନିଜ ଘରର ବାଟରେ ଗୋବର ପାଣିରେ ଲିପାପୋଛା କରି କୁମ୍ଭ ବସେଇ କରି ମାଁଙ୍କୁ ପ୍ରତୀକ୍ଷା କରିଥାନ୍ତି। ଝାଙ୍କର ମା'ଙ୍କୁ ଧରି ସେଠାରେ ଉପସ୍ଥିତ ହେଲେ ମା'ର ପ୍ରତୀକ ଉପରେ ପାଣି, କ୍ଷୀର ଆଉ ପଣା ଢାଳି ପୂଜା କରନ୍ତି। ଏହି ନିମ୍ବ ଡାଳକୁ ସ୍ପର୍ଶ କରି ଏବଂ ଢଳା ଯାଉଥିବା ପାଣି, ପଣା ଓ କ୍ଷୀରକୁ ମୁଣ୍ଡିଆ ମାରି ଭକ୍ତମାନେ ମା'ର ଆଶୀର୍ବାଦ ନିଅନ୍ତି। ଚୈତ୍ର ମାସର ପ୍ରତି ମଙ୍ଗଳବାର ଦିନ ମା'ର ଶୀତଳା ଯାତ୍ରା ସମଲେଶ୍ୱରୀ ମନ୍ଦିରରୁ ବାହାରି ପୁରା ସହର ପରିକ୍ରମା କରେ।

ଲୋକ ବିଶ୍ୱାସ :

ଚୈତ୍ର ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଲୋକମାନେ ହାଡଫୁଟି ରୋଗର ଶିକାର ହେଉଥିଲେ। ଏହା ହେଉଛି ସଂକ୍ରାମକ ରୋଗ। ଜଣକୁ ଠାରୁ ଅନ୍ୟ ଜଣକୁ ସଂକ୍ରମଣ ହୋଇଥାଏ। ଅତୀତରେ ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ଉପାୟ ନଥିଲା। କେବଳ ଲୋକମାନେ ଦେବୀ ମା'ଙ୍କ ଉପରେ ଭରସା ଓ ବିଶ୍ୱାସ କରୁଥିଲେ। ସେଥିପାଇଁ ମା' ସମଲେଶ୍ୱରୀ ଓ ବୁଢୀ ମା'ଙ୍କର ଶୀତଳା ଯାତ୍ରା ଏହି ସମୟରୁ ଆରମ୍ଭ ହୋଇଥିବାର ଅନୁମାନ କରାଯାଏ। ଲିମ୍ବଡାଳରେ ଦେବୀଙ୍କର ବାସ ଥାଏ।

ମା' ଙ୍କର ଦୟାରୁ ଏହି ବେମାରୀ ଦୂର ହେବାରୁ ମା'ଙ୍କ ପୂଜା କରାଯାଏ। ସମସ୍ତଙ୍କ ଘରୁ ଲିମ୍ବ ଡାଳରେ ଏହି ରୋଗକୁ ଏକତ୍ର କରି ଭକ୍ତ ଲିମ୍ବ ଡାଳକୁ ଦୁଇଟି ରାସ୍ତାର ସାଂଯୋଗ ସ୍ଥଳରେ ରଖାଯାଏ। ଏହି ସ୍ଥଳକୁ ଆଞ୍ଚଳିକ ଭାଷାରେ "ଦୁଇ ବଟିଆ" କୁହାଯାଏ। ଲୋକମାନଙ୍କର ବିଶ୍ୱାସ ଅଛି ଯେ, ଦୁଇ ବଟିଆ ଛକରୁ ଯେ କୌଣସି ଗୋଟିଏ ରାସ୍ତାକୁ ମଧ୍ୟ ଧରି ନ ପାରି ଏହି ଗୁଁଡ଼ି (ହାଡଫୁଟି, ମିଳିମିଳା) ରୋଗଟି ସେହି ସ୍ଥାନରେ ରହିଯାଏ ଓ ଆଗକୁ ଯାଇପାରେ ନାହିଁ ଓ ଅନ୍ୟ କୌଣସି ଗ୍ରାମକୁ ସଂକ୍ରମଣ ହୁଏ ନାହିଁ ସେଥିପାଇଁ ବର୍ତ୍ତମାନ ସମୟରେ ମଧ୍ୟ ଏହି ରୋଗ ହେଲେ ଶୋଇବା ସ୍ଥାନରେ ଲିମ୍ବପତ୍ର ବିଛାଯାଏ ଓ ଏହି ରୋଗୀକୁ ମା' ଭାବରେ ଦୂରରୁ ଜୁହାର କରାଯାଏ।

ଲୋକବିଶ୍ୱାସ ଯାହା ହେଉନା କାହିଁକି ବୈଜ୍ଞାନିକ ଚିକିତ୍ସା ପଦ୍ଧତି ଅନୁସାରେ ମଧ୍ୟ ଏହି ହାଡଫୁଟି, ମିଳିମିଳା ରୋଗ ହେଲେ ଲିମ୍ବଡାଳର ଚିକିତ୍ସା ପାଇଁ ପରାମର୍ଶ ଦିଆଯାଏ କାରଣ ଲିମ୍ବ ଡାଳରେ ଥିବା ଔଷଧୀୟ ଗୁଣ ଯୋଗୁଁ ଏହି ରୋଗ ସଂକ୍ରମଣ ହୋଇନଥାଏ ଓ ଲିମ୍ବ ଡାଳ ବ୍ୟବହାର ଦ୍ୱାରା ରୋଗୀ ଆରାମ ଅନୁଭବ କରିଥାଏ। ଲିମ୍ବଡାଳକୁ ପାଣିରେ ମିଶାଇ ସ୍ନାନ ପାଇଁ ମଧ୍ୟ ପରାମର୍ଶ ଦିଆଯାଏ। ଉଭୟ ଧାର୍ମିକ ଓ ବୈଜ୍ଞାନିକ ପଦ୍ଧତିରେ ଏହି ରୋଗର ଉପଶମ ପାଇଁ ଲିମ୍ବ ଡାଳ ଉପଯୁକ୍ତ।

ବୈଶାଖ୍ ମାସର ପ୍ରଚଣ୍ଡ ଖରା ପୂର୍ବରୁ ଚୈତ୍ର ମାସର ରୌଦ୍ର ତାପରେ ମାଟି, ପାଣି, ପବନ ସବୁ ଉତ୍ତପ୍ତ ଥାଏ। ପ୍ରବଳ ଖରା ଯୋଗୁଁ ଗାଈଗୋରୁ ମାନେ ମଧ୍ୟ ଗରମ ଘାସ ଖାଇଥାନ୍ତି ଓ ଗରମ ପାଣି ପିଇଥାନ୍ତି। ପାଣି ଟିକକ ପାଇଁ ମଣିଷ ଠାରୁ ଆରମ୍ଭ କରି ପ୍ରତ୍ୟେକ ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ଛଟପଟ ହେଉଥାନ୍ତି। ଏହି ସମୟରେ ହାଡଫୁଟି ରୋଗ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଏ। ତେଣୁ କରି ଏହି ରୋଗକୁ ଦୂର କରିବା ଓ ପୃଥିବୀକୁ ଶୀତଳ କରିବା ପାଇଁ ଚୈତ୍ର ମାସରେ ସମ୍ବଲପୁର ତଥା ପଶ୍ଚିମ ଓଡିଶାରେ ଶୀତଳା ଯାତ୍ରା ପାଳିତ ହୁଏ ।

ଏହା ଶାକ୍ତ ପରମ୍ପରାର ଗୋଟିଏ ମୁଖ୍ୟ ପର୍ବ ଭାବେ ପରିଚିତ। ■■

ଡ. ଝସରକତନ ସାହୁ ଡ଼ିଗ୍ରୀ
ମହାବିଦ୍ୟାଳୟ,ପରମାନପୁର, ସମ୍ବଲପୁର

ପାଦଟୀକା-

୧: ଧର, ଶ୍ୟାମ ସୁନ୍ଦର (ସଂ); ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଯାତ୍ରା ଓ ପର୍ବପର୍ବାଣୀ

୨: ନାହାକ, ଗଣେଶ ରାମ; ପଶ୍ଚିମ ଓଡ଼ିଶାର ଯାନିଯାତ୍ରା ଓ ପର୍ବପର୍ବାଣୀ: ଏକ ସଂକ୍ଷିପ୍ତ ପରିଚୟ

ବିଲୁପ୍ତ ପ୍ରାୟ ହୃଦୟସ୍ପର୍ଶୀ କେନ୍ଦରା ଲୋକଗୀତ

ସତ୍ୟଜିତ୍ ମହାପାତ୍ର

ଆମ ରାଜ୍ୟ ଓଡ଼ିଶାରେ ବିବିଧ ସାଂସ୍କୃତିକ ଐତିହ୍ୟ ରହିଛି । ସେଥିମଧ୍ୟରୁ କେନ୍ଦରା ଲୋକଗୀତ ଅତି ପ୍ରାଚୀନ । ଏହି ଲୋକକଳା ପୁରପଲ୍ଲୀରେ ବେଶ ଲୋକପ୍ରିୟ । କେନ୍ଦରା ଏକ ପାରମ୍ପରିକ ବାଦ୍ୟଯନ୍ତ୍ର । ଏହାର ବାଦନ ଶୈଳୀର ସ୍ୱତନ୍ତ୍ରତା ରହିଛି । ଯାହା ସ୍ୱର ଶୁଣିବାକୁ ବେଶ ମଧୁର । କେନ୍ଦରାକୁ ମୁଖ୍ୟତଃ ଯୋଗୀ ସମ୍ପ୍ରଦାୟ ଲୋକେ ବ୍ୟବହାର କରନ୍ତି । ସେମାନେ ଏହାକୁ ହାତରେ ଧରି ଗାଁ ଦାଣ୍ଡରେ ବଜାଇ ଘରକୁ ଘର ବୁଲି ଭିକ୍ଷା ସଂଗ୍ରହ କରିଥାନ୍ତି । କେନ୍ଦରାର ସ୍ୱର ଓ ଯୋଗୀମାନଙ୍କ ମୁଖ ନିସୃତ ବାଣୀ ମନରେ ବେଶ ଆନନ୍ଦ ଦେଇଥାଏ । ସେମାନେ ପ୍ରାୟତଃ ଏକାକି କିମ୍ବା ସଂଘବଦ୍ଧ ହୋଇ ଗୀତଗାଇ ଆସିଥାନ୍ତି । ଯୋଗୀ ପୁଅ ଓ କେନ୍ଦରା ଗୀତ ଶୁଣି ଗୃହିଣୀମାନେ ତାଙ୍କୁ ଚାଉଳ, ପନିପରିବା, ଟଙ୍କା ପଇସା ଆଦି ଦେଇଥାନ୍ତି । କିଏ ପୁଣି ନୂଆ ବସ୍ତ୍ର ମଧ୍ୟ ପ୍ରଦାନ କରିଥାଏ । ଯିଏ ଯାହା ଦେଲେ ସେମାନେ ତାକୁ ଖୁସିରେ ଗ୍ରହଣ କରିଥାନ୍ତି । ଆଉ ଅଧିକ କିଛି ଦାବି କରନ୍ତି ନାହିଁ । ଏହା ଗ୍ରାମ୍ୟ ଜୀବନକୁ ଋଦ୍ଧିମନ୍ତ କରିଥାଏ ।

ପ୍ରତ୍ୟେକ ବାଦ୍ୟ ଯନ୍ତ୍ରର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଦ୍ୟଯନ୍ତ୍ରକୁ ଚାରି ଭାଗରେ ବିଭକ୍ତ କରାଯାଇଛି । ବିଶେଷ ଭାବେ ତତ ବାଦ୍ୟ, ଅବନଦ୍ଧ ବାଦ୍ୟ, ଘନ ବାଦ୍ୟ ଓ ଶୁଷିର ବାଦ୍ୟ କୁହାଯାଏ । ବୀଣା ଓ କେନ୍ଦରା ଆଦି ତାର ଦ୍ୱାରା ଘର୍ଷଣ ହୋଇ ବାଜୁଥିବା ହେତୁ ଏହା ତତବାଦ୍ୟ ଶ୍ରେଣୀର ଅଟେ । ନୃତ୍ୟ ଓ ଗୀତ ସହ ବାଦ୍ୟ ଯନ୍ତ୍ର ଓତଃପ୍ରୋତ ଭାବେ ଜଡିତ ଅଟେ । ସାମାଜିକ ରୀତିନୀତି, ଧର୍ମୀୟ ବିଶ୍ୱାସ, ନୃତ୍ୟଗୀତ ଓ ଲୋକ ସାହିତ୍ୟ ଯୋଗୁଁ ପରମ୍ପରା ବଞ୍ଚି ରହିଛି । ତେବେ କେନ୍ଦରା ବାଦ୍ୟଯନ୍ତ୍ରରେ ବ୍ୟବହୃତ ଉପାଦାନଗୁଡ଼ିକ ଭିନ୍ନ ଅଟେ । କେନ୍ଦରା ତିଆରି ପାଇଁ ଏକ ଶୁଖିଲା ନଡ଼ିଆ ଷଢେଇ, ବାଉଁଶ, ଗୋଧି ଚମଡ଼ା ଓ ଘୋଡା ଲାଞ୍ଜର କେଶ ତାର ଆଦି ଆବଶ୍ୟକ । ପ୍ରଥମେ ଷଢେଇର ଖୋଲା ଅଂଶକୁ ଗୋଧି ଚମଡ଼ା ଦ୍ୱାରା ଘୋଡାଇ ବନ୍ଦ କରାଯାଏ । ପରେ ଷଢ଼େଇରେ ଏକ କ୍ଷୁଦ୍ର କଣା କରି ବାଉଁଶିଟିକୁ ଯୋଡ଼ାଯାଏ । ଘୋଡ଼ା କେଶକୁ ସୂତା ଭାବେ ବ୍ୟବହାର କରାଯାଏ । ଅନ୍ୟ ଏକ ଘୋଡା କେଶକୁ ଶକ୍ତ କରି ବାଉଁଶ କାଠିକୁ ଧନୁ ଆକାରରେ ବନ୍ଧାଯାଏ । ସେହି ଧନୁ ଆକାରରେ ବନ୍ଧା ଯାଇଥିବା ଘୋଡ଼ା କେଶକୁ କେନ୍ଦରାରେ ଲାଗିଥିବା କେଶ ଉପରେ ଘସିଲେ ସ୍ୱର ବାହାରିଥାଏ ।

ଧାର୍ମିକ ମାସ କାର୍ତ୍ତିକରେ ଦାନ ଧର୍ମ କଲେ ପୂଣ୍ୟ ମିଳେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହି ମାସରେ ଗାଁ ଗଣ୍ଡାରେ ପ୍ରାଚୀନ ସଂସ୍କୃତି ଓ ଲୋକ କଳା କେନ୍ଦରାର ସ୍ୱର ମନ ମୋହୁଥିଲା । 'ଭଜୁକିନା ରାମ ନାମରେ କୁମର...' ଗୀତରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା । ସେମାନେ ବିଶେଷ ଭାବେ ଈଶ୍ୱରଙ୍କ କଥାମୃତ, ରାଜା ହରିଶ୍ଚନ୍ଦ୍ର, ବଉଳା ଗାଈ, ଖୁଲଣା ସୁନ୍ଦରୀ, ଟୀକା ଗୋବିନ୍ଦ ଚନ୍ଦ୍ର, ରୋହିତ ଶୋକ, ସୀତା ଚୋରି ବିଷୟ ଆଧାରିତ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି । କେବଳ ସେତିକି ନୁହେଁ ଏହା ଶୁଣିବା ପରେ ଲୋକେ କୁକର୍ମ ଛାଡ଼ି ସୁକର୍ମ ପ୍ରତି ଆଗ୍ରହ ପ୍ରକାଶ କରୁଥିଲେ । ଏହାଦ୍ୱାରା ସାମାଜିକ ଶୃଙ୍ଖଳା ବଳିଷ୍ଠ ହେଉଥିଲା । ସମାଜରେ ଅପସଂସ୍କୃତି ଓ କୁସଂସ୍କାର ଆଦି ଦୂରେଇ ରହିଥିଲା । ପୂର୍ବେ ମନୋରଞ୍ଜନ ପାଇଁ ସେଭଳି ସାଧନ ନଥିଲା । ମୋବାଇଲ ଓ ଟେଲିଭିଜନ ଲୋକଙ୍କ ପାଖରେ ନଥିବା ବେଳେ ଏହା ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାଇ ଆସୁଥିଲା ।

ସଂସାରରେ ଗର୍ବ କ୍ଷଣସ୍ଥାୟୀ ଅଟେ । ସେହିପରି ମାନ ଅଭିମାନର ସ୍ଥାନ ନାହିଁ । କେବଳ ଭଗବାନ ହିଁ ସର୍ବେସର୍ବା ହୋଇଥିବା ବେଳେ ତାଙ୍କ ନାମ ଜପତପ କରିବାକୁ କୁହାଯାଇଛି । ଜୀବନରେ ଶେଷ ସମୟ ଆସିବା ପୂର୍ବରୁ କିଛି ଧର୍ମ କାମ ଓ ଭଗବାନଙ୍କ ନାମ ସଂକୀର୍ତ୍ତନ କରିବାକୁ ଯୋଗୀ ମାନେ ଗୀତ

ଗାଇଗାଇ ଲୋକଙ୍କୁ ଚେତାଇଥାନ୍ତି । ନହେଲେ କାଳ ଯମ ଅବେଳରେ ବାନ୍ଧି ନେବ ।

"ଭଜୁକିନା ରାମ ନାମରେ କୁମର
ଭଜୁକିନା ରାମ ନାମ
ଭଜି ନପାରିଲେ କୂଳ ଚନ୍ଦ୍ରମାରେ
ବାନ୍ଧି ନେବ କାଳ ଯମରେ କୁମର
ବାନ୍ଧିନେବ କାଳଯମ ।।"

ସେହିପରି ଗାଁ ଦାଣ୍ଡରେ ଯୋଗୀ ଜଣକ ଭିକ୍ଷାବୃତ୍ତି କଲାବେଳେ ମାଆ ମାନଙ୍କର ବାତ୍ସଲ୍ୟ ସ୍ନେହ ଦେଖି ନିଜ ମାଆ କଥା ମନେ କରି କରୁଣ ସ୍ୱରରେ ଗାନ କରେ....

"ତୋହମନେ ଯଦି ଥିଲା ଲୋ ଜନନୀ
ଯୋଗୀ କରିଦେବା ପାଇଁ
ଅଜ୍ଞାନ ବେଳରୁ ବାଳୁତ କାଳରେ
ଯୋଗୀ ନକଲୁ କିମ୍ପାଇଁ ।।"

ଏହିପରି ଭାବେ ଯୋଗୀ ଜଣକ ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରି ନିଜ ଜୀବନକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦିଏ । ଜୀବନ ସାରା ସର୍ବହରା ହୋଇ ଏକ ଭିକ୍ଷୁକ ଭଳି ଅତି କଷ୍ଟରେ ଜୀବନଯାପନ କରେ ।

ଯୋଗୀର କେନ୍ଦରା ଶୁଣିବା ମାତ୍ରେ ଲୋକଙ୍କ ମନରେ ଧାର୍ମିକ ଭାବନା ଜାଗ୍ରତ ହୋଇଥାଏ । ଆଜିର ବିଜ୍ଞାନ ଯୁଗରେ ମଧ୍ୟ ଲୋକେ ବସ୍ତୁବାଦ ଉପରେ ଗୁରୁତ୍ୱ ଦେଉଛନ୍ତି । ମାତ୍ର ଓଡ଼ିଆ ସଂସ୍କୃତିର ପ୍ରାଚୀନ ପରମ୍ପରା ବିଜ୍ଞାନ ସମ୍ମତ ଅଟେ । କେନ୍ଦରା ବାଦ୍ୟଯନ୍ତ୍ର ପୂର୍ବ ଓଡ଼ିଶା ଓ ନାଥ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଯୋଡ଼ି ହୋଇ ରହିଛି । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଓଡ଼ିଶାରେ ମଧ୍ୟ ବେଶ ଶୁଣିବାକୁ ମିଳୁଥିଲା । ଗୋରଖନାଥ କେନ୍ଦରା ବାଦ୍ୟ ଗୀତ ଆରମ୍ଭ କରିଥିଲେ ବୋଲି ପୌରାଣିକ ମତ ରହିଛି । ଦେବଦେବ ମହାଦେବ ଶିବଙ୍କ ଠାରୁ ଅବଧୂତ ବା ଦତ୍ତାତ୍ରେୟ ମୁନୀଙ୍କ ସୃଷ୍ଟି ହୋଇଥିଲା । କାଳକ୍ରମେ ଅବଧୂତଙ୍କ ଠାରୁ ଗୋରେଖ, ନଗେନ୍ଦ୍ର, ନଚେନ୍ଦ୍ର ଓ ମଣ୍ଡେନ୍ଦ୍ର ନାମକ ଚାରିପୁତ୍ର ଜନ୍ମ ହୋଇଥିଲେ । ସେମାନଙ୍କ କର୍ମ ଅନୁଯାୟୀ ୪ଟି ଭିନ୍ନଭିନ୍ନ ସମ୍ପ୍ରଦାୟର ସୃଷ୍ଟି ହୋଇଛି । ଋଷି ଗୋରଖନାଥଙ୍କ ଠାରୁ ନାଥ ସମ୍ପ୍ରଦାୟର ସୃଷ୍ଟି । ଏମାନେ ମିଛ ମାୟା ସଂସାରରୁ ମୁକ୍ତି ପାଇବା ପାଇଁ ସର୍ବଦା ରାମନାମ ଗାଇ ଧର୍ମଭିକ୍ଷା କଲେ । ଯୋଗୀ ପରମ୍ପରାର ପ୍ରସାର ଓ ବୈଷ୍ଣବ ଧର୍ମର ପ୍ରଚାର ପାଇଁ ଟୀକା ଗୋବିନ୍ଦଚନ୍ଦ୍ର, ଶିବ ସର୍ବୋଦୟ ଓ ବ୍ରହ୍ମଗୀତା ଆଦି ରଚନା ହୋଇଛି ।

ଯୁଗ ଆଧୁନିକତା ଆଡକୁ ଗତି କରୁଛି । ଲୋକେ ସଂସ୍କୃତି ଓ ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି । ପାରମ୍ପରିକ କଥାବସ୍ତୁ ହଜିବାକୁ ବସିଲାଣି । ଦିନକୁ ଦିନ ଅନେକ ଲୋକ ସଂସ୍କୃତି, ଲୋକ କଳା ଓ ଲୋକ ବାଦ୍ୟ ଲୋପ ପାଇବାକୁ ବସିଛି । କେନ୍ଦରା, ଘୁଡକି, ଖଞ୍ଜଣି, ହାରମୋନିୟମ ଆଦି ପାରମ୍ପାରିକ ଲୋକବାଦ୍ୟ ଆଉ ଶୁଣିବାକୁ ମିଳୁନାହିଁ । ଏହା ବଦଳରେ ଆଧୁନିକ ଓ ବୈଦ୍ୟୁତିକ ବାଦ୍ୟଯନ୍ତ୍ର ଯୁବପିଢ଼ୀଙ୍କୁ ବେଶ ଆକୃଷ୍ଟ କରୁଛି । ସମୟର ପରିବର୍ତ୍ତନ ସହ ଲୋକ ସଂସ୍କୃତିର ପତନ ଯୋଗୁଁ କେନ୍ଦରା ଲୋକଗୀତ ଲୋପ ପାଇବାକୁ ବସିଛି । ଏଭଳିସ୍ଥଳେ କେନ୍ଦରା ବାଦ୍ୟର ସ୍ୱର ଆଉ ଶୁଭୁନି । ଅନ୍ୟକୁ ଖୁସି ଦେବା ସହ ଆତ୍ମତୃପ୍ତି ଦେଉଥିବା କେନ୍ଦରା ଲୋକଗୀତକୁ ପୁନଃଉଦ୍ଧାର କରାନଗଲେ ଆଗାମୀ ପିଢୀ ପାଇଁ ଏହା ଇତିହାସ ହୋଇ ରହିଯିବ ।

ଗାଁଦାଣ୍ଡରେ ଆଉ ଶୁଭୁନି କେନ୍ଦରା ବାଦ୍ୟ ଓ ସୁମଧୁର ଲୋକ ସଙ୍ଗୀତ । ଆଧୁନିକତାର ଛାପରେ ପୁରୁଣା ଲୋକ ସଂସ୍କୃତି ମିଳେଇ ଯାଇଛି । କିଛି ବର୍ଷ ପୂର୍ବେ ଗାଁଗହଳିରେ ସମସ୍ତଙ୍କ ପ୍ରିୟବାଦ୍ୟ ଥିଲା କେନ୍ଦରା । ଏହି ବାଦ୍ୟ ଶୁଣିବା ପରେ ଲୋକେ କେନ୍ଦରାବାଲାକୁ ଖୁସିରେ ଟଙ୍କା ଓ ଚାଉଳ ଦେଇଥିଲେ । ଅନ୍ୟପଟେ ଯୋଗୀ ସମ୍ପ୍ରଦାୟର ଉତ୍ତରପୀଢ଼ି ମାନେ ଏହି ବୃତ୍ତି ପ୍ରତି ଅନାଗ୍ରହ ଭାବ ଦେଖାଉଛନ୍ତି । କମ୍ ଆୟ ହେଉଥିବାରୁ ଅନେକ ଏହି କାମ ଛାଡିବାକୁ ବାଧ୍ୟ ହୋଇଛନ୍ତି । ଅନେକ ପୁଣି ଅନ୍ୟ ବୃତ୍ତିକୁ ଆପଣେଇ ନେଇଛନ୍ତି । ଫଳରେ ଏଭଳି ଅବସ୍ଥା ଦେଖା ଦେଇଥିବା ଜଣାପଡିଛି । କେବଳ ହାତ ଗଣତି ଲୋକ ଏହା ଉପରେ ନିର୍ଭର କରି ଚଳୁଥିବା ବେଳେ ସେମାନେ ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି । ଏହି ବାଦ୍ୟ ବଜାଇବା ତ ଦୂରର କଥା ଏହାକୁ ଶିଖେଇବାକୁ ମଧ୍ୟ ଗୁରୁ ନାହାଁନ୍ତି । ତେବେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ସହ କେନ୍ଦରାକୁ ବଞ୍ଚାଇବା ପାଇଁ ପ୍ରୟାସ କରାଯିବା ଉଚିତ୍ । ଫଳରେ ଏହି ଲୋକକଳା ପୁଣି ଉଜ୍ଜିବିତ ହୋଇପାରିବ । ■■

ସାମ୍ବାଦିକ, ସମ୍ବଲପୁର
ମୋବାଇଲ ନମ୍ବର: ୯୪୩୭୩୫୭୬୫୫

ଲୋକଜନନୀ ପଣ୍ଡା : ସମ୍ବଲପୁରୀ ଗୀତର ପ୍ରଥମ ନାରୀଗୀତିକାର

ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର

ଲୋକଜନନୀ ପଣ୍ଡା ୧୯୩୪ ସାଲ୍‌ର ମେ ମାସର୍ ଚଉଦ ତାରିଖ ଦିନ ସମ୍ବଲପୁର ସହରର୍ ଝାଡୁଆପଡ଼ାନ ବାପା ଗୋକୁଳାନନ୍ଦ ପଣ୍ଡା ଓ ମାଆ ସକ୍ରାବତୀ ଦେବୀଙ୍କର କୋଳମଣ୍ଡନ କରିଥିଲେ। ଗୋକୁଳାନନ୍ଦ ପଣ୍ଡା ହୀରାକୁଦ ନଦୀବନ୍ଧ ଯୋଗୁଁ ୧୯୫୮ରେ ବୁଡ଼ି ଯାଇଥିବା ସମ୍ବଲପୁର ଜିଲ୍ଲାର ଏକ ବୃହତ୍ ଗ୍ରାମ ରମ୍ପେଲାର ବାରଭାଇ ଗଉଁତିଆ ବଂଶର ଜାତୁକର୍ଣ୍ଣି ଗୋତ୍ରୀୟ ଆରଣ୍ୟକ (ଝାଡୁଆ) ବ୍ରାହ୍ମଣ। ମାତା ସକ୍ରାବତୀ ତତ୍‌କାଳୀନ ପାଟଣା (ବଲାଙ୍ଗିର) ଷ୍ଟେଟ୍‌ର କୋର୍ଟ ତହସିଲ୍‌ଦାର୍ ଲକ୍ଷ୍ମଣ ପଣ୍ଡାଙ୍କର କନିଷ୍ଠା କନ୍ୟା।

ଲୋକଜନନୀଙ୍କ ପିତାମହ ବୃନ୍ଦାବନ ପଣ୍ଡା ସମ୍ବଲପୁର କଲେକ୍‌ଟରେଟ୍‌ରେ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଲେଣ୍ଡ ରେକର୍ଡ ପଦବୀରେ ଅଧିଷ୍ଠିତ ଥିଲେ। ତାଙ୍କର ବଂଶର ପୂର୍ବଜ ହେଉଛନ୍ତି ଅସିରଗଡ଼୍ ଦୁର୍ଗରେ ନଜରବନ୍ଦୀ ଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିବା ବୀର ସୁରେନ୍ଦ୍ର ସାଏଙ୍କ ମଇତ୍ର ରଂପେଲା ଗୌନ୍ତିଆ ଲୋକନାଥ ପଣ୍ଡା।

ଲୋକ୍‌ଜନନୀ ତତ୍‌କାଳୀନ ଲେଡ଼ି ଲୁଇସ୍ ଗାର୍ଲସ ହାଇସ୍କୁଲରୁ ୧୯୫୦ ମସିହାରେ ମେଟ୍ରିକୁଲେସନ୍ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଆର୍ଟସ ପଢ଼ିବା ପାଇଁ ନାମ ଲେଖାଇ ଥିଲେ। ସେ ଥିଲେ ପ୍ରଥମ ଛାତ୍ର ପ୍ରାଞ୍ଚ ଜଣଙ୍କ ମଧ୍ୟରେ ଅନ୍ୟତମ। ନାରୀଶିକ୍ଷାର ଆଲୋକ ବର୍ତ୍ତିକା କଲେଜର ପ୍ରଥମ ବେଚ୍‌ର ଛାତ୍ରୀ ଭାବରେ ସେ ଜାଳିଥିଲେ। ତାହା ପରବର୍ତ୍ତୀ ପିଢ଼ିରେ ଛାତ୍ରୀମାନଙ୍କୁ ନାରୀଶିକ୍ଷା ଗ୍ରହଣ ନିମନ୍ତେ ପ୍ରେରଣା ଯୋଗାଇଥିଲା।

ଲୋକଜନନୀ ଚାରିଜଣ ଭାଇଭଉଣୀଙ୍କ ମଧ୍ୟରେ ଥିଲେ ତୃତୀୟ ସନ୍ତାନ। ତାଙ୍କର ଜେଷ୍ଠଭ୍ରାତା ବିନ୍ତ କୁମାର ମାତ୍ର କୋଡ଼ିଏ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ପିତାମାତାଙ୍କର ଦ୍ୱିତୀୟା ସନ୍ତାନ ଥିଲେ ଲୋକଜନନୀଙ୍କର ଜ୍ୟେଷ୍ଠା ଭଗିନୀ ସରସ୍ୱତୀ ଯିଏକି ପାଟଣା ଷ୍ଟେଟ୍‌ର ଫରେଷ୍ଟ ଅଫିସର୍ ବ୍ରଜେନ୍ଦ୍ର କିଶୋର ଯୋଷୀଙ୍କର ଜେଷ୍ଠପୁତ୍ର ସେ ସମୟରେ ଟିଟିଲାଗଡ଼ର ବରିଷ୍ଠ ଓକିଲ ରାଧାକୃଷ୍ଣଙ୍କୁ ବିବାହ କରିଥିଲେ। ଲୋକଜନନୀଙ୍କର କନିଷ୍ଠ ଭ୍ରାତା ହେଉଛନ୍ତି ଭାରତ ସରକାରଙ୍କର ଖଣି ନିରାପତ୍ତା ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଦୁର୍ଗାମାଧବ ପଣ୍ଡା ଯିଏ କି ଏବେ ବୟାଅଶୀ ବର୍ଷ ବୟସରେ ସମ୍ବଲପୁରର ଫାର୍ମ ରୋଡ଼ ସ୍ଥିତ ସିଟି ପ୍ରାଇଡ୍ ଏପାର୍ଟମେଣ୍ଟ୍‌ରେ ନିଜର ଫ୍ଲାଟ୍‌ରେ ଅବସ୍ଥାନ କରୁଛନ୍ତି। ଦୁର୍ଗାମାଧବ ସମ୍ବଲପୁର ନନ୍ଦପଡ଼ାର ବିଶିଷ୍ଟ ଓକିଲ ସ୍ୱର୍ଗତଃ ଜୟନାରାୟଣ ପାଣିଗ୍ରାହୀଙ୍କର କନିଷ୍ଠ କନ୍ୟା କମଳିନୀଙ୍କର ପାଣିଗ୍ରହଣ କରିଛନ୍ତି। ଦୁର୍ଗାମାଧବ ଅତ୍ୟନ୍ତ ମେଧାବୀ ଛାତ୍ର ଥିଲେ। ସେ ଚନ୍ଦ୍ରଶେଖର ଜିଲ୍ଲା ସ୍କୁଲ୍‌ରୁ ୧୯୫୬ ମସିହାରେ ସମଗ୍ର ଓଡ଼ିଶାରେ ମେଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତପ୍‌ରେ ସେ ଗଙ୍ଗାଧର ମେହେର କଲେଜରୁ ୧୯୫୮ରେ ଆଇ.ଏସ୍.ସି. ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଆଇ.ଆଇ.ଟି. ଖଡ଼ଗ୍‌ପୁରରୁ ୧୯୬୨ ମସିହାରେ ଖଣି ଇଂଜିନିୟରିଂରେ ପ୍ରଥମ ହୋଇ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ।

ଲୋକଜନନୀ ଅତ୍ୟନ୍ତ ମେଧାବୀ ଛାତ୍ରୀ ଥିଲେ। ମାତ୍ର ତତ୍‌କାଳୀନ ରକ୍ଷଣଶୀଳ ସମାଜରେ ଭଲ ପାତ୍ରଟିଏ ପାଇଲେ ପିତାମାତା ନିଜର ଦୁହିତାକୁ ବିବାହ କରି ଦେଉଥିବାରୁ ସେ ୧୯୫୪ ମସିହାରେ ତତ୍‌କାଳୀନ ଗଙ୍ଗାଧର ମେହେର

ମହାବିଦ୍ୟାଳୟର ଛାତ୍ରନେତା ଛାତ୍ର ସଂସଦର ସଂପାଦକ ଓ ବିଶିଷ୍ଟ ଯୁବକବି ଉମାଶଙ୍କର ପଣ୍ଡାଙ୍କୁ ବିବାହ କରିଥିଲେ। ଉମାଶଙ୍କର ସେତେବେଳେ କୁଂଜେଲପଡ଼ାର ସାହିମୁଖିଆ ଈଶ୍ୱର ଡନ୍‌ସନା (ପ୍ରଥମ ଆଧୁନିକ ସମ୍ବଲପୁରୀ କବିତା ସଂକଳନ 'ୟୁଲିସିସ୍ ଆରୁ ସାଲେଗ୍ରାମ୍'ର କବି ଲେଖକ ଯୋଗାଚାର୍ଯ୍ୟ ପ୍ରଫେସର ଜୟଦେବ ଡନ୍‌ସନାଙ୍କ ପିତା) ଙ୍କ ଘରେ ରହି ପାଠ ପଢୁଥିଲେ। ଉମାଶଙ୍କରଙ୍କର ପୂର୍ବଜ ଅଧୁନା ବରଗଡ଼ ଜିଲ୍ଲାର ବୁର୍‌ଦା ଗ୍ରାମରୁ ଯାଇ କଳାହାଣ୍ଡି ଜିଲ୍ଲାର ମୋହନଗିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲାତେର ଗ୍ରାମକୁ ଗଉନ୍ତି ସୂତ୍ରରେ ମଦନପୁର ରାମପୁର ରାଜାଙ୍କ ନିକଟରୁ ପାଇଥିଲେ। କାରଣ ଉମାଶଙ୍କରଙ୍କର ପିତା ପିତାମ୍ବର ପଣ୍ଡା ରାଜାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଥିଲେ। ଉମାଶଙ୍କର ଈଶ୍ୱର ଡନ୍‌ସନାଙ୍କୁ ତାଙ୍କର ପିତାଙ୍କର ବନ୍ଧୁ ହିସାବରେ କାକା ମାନ୍ୟ କରୁଥିଲେ। ଆଇ.ଏ. ଦ୍ୱିତୀୟ ବର୍ଷ ଶେଷରେ ତାଙ୍କର ବିବାହ ପରେ ପାଠପଢ଼ାରେ ଡୋରି ବନ୍ଧା ହେଲା। ସାହିତ୍ୟ ପ୍ରତି ଅନୁରାଗ ଓ ଆଗ୍ରହ ଥିଲେ ହେଁ ବେଶ୍ କିଛି ବର୍ଷ ତହିରେ ସେ ଧ୍ୟାନ ଦେଇପାରିଲେ ନାହିଁ। ବିବାହର ବର୍ଷକ ପରେ ପ୍ରଥମ ସନ୍ତାନ ଶଶାଙ୍କ ଶେଖର (ବିଶିଷ୍ଟ କବି, ଅନୁବାଦକ ଓ ଐତିହାସିକ) ଭୂମିଷ୍ଠ ହେଲା। ତା ପରେ ଗୃହ ଜଞ୍ଜାଳ ବଢ଼ିଲା, ସାହିତ୍ୟ, ସ୍ମୃତିରେ ରହିଗଲା।

'ଯୁଗଶ୍ରୀ ଯୁଗନାରୀ' ନାରୀ ପତ୍ରିକାରେ ବିଶିଷ୍ଟ କଥାକାର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ସାହିତ୍ୟିକ ଦିବଗଂତ ସାରଦା ପ୍ରସାଦ ମିଶ୍ରଙ୍କ ସହ ସାକ୍ଷାତ୍‌କାରରେ ନାରୀ ଗୀତିକାର ଲୋକଜନନୀ କହିଛନ୍ତି ଯେ ସେ ପ୍ରଥମେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ଗଳ୍ପ "ଜୀବନର ସ୍ରୋତ ବହିଯାଏ" ସେ ସମୟରେ କଲିକତାରୁ ପ୍ରକାଶିତ ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ଆସନ୍ତାକାଲି'ରେ ବାହାରିଥିଲା।

ଆକାଶବାଣୀ, ସମ୍ବଲପୁର କେନ୍ଦ୍ର ୧୯୬୩ ମସିହାର ମେ' ମାସରେ ପ୍ରତିଷ୍ଠିତ ହେଲା। ସେ ସମୟରେ ସମ୍ବଲପୁର ଆକାଶବାଣୀର ଗୀତ ସବୁ କଟକ କେନ୍ଦ୍ରରୁ ରେକଡ଼ିଂ ହୋଇ ଆସି ପ୍ରସାରିତ ହେଉଥିଲା। ସମ୍ବଲପୁରରେ ପ୍ରଥମାବସ୍ଥାରେ ରେକର୍ଡିଂ ଷ୍ଟୁଡିଓ ନଥିଲା।

ତେବେ ଏ ଅଞ୍ଚଳରେ ଶ୍ରୋତାମାନଙ୍କର ପ୍ରବଳ ଦାବୀ ଓ ଚାପରେ ସମ୍ବଲପୁରୀ ଭାଷାର କିଛି କାର୍ଯ୍ୟକ୍ରମ ସମ୍ବଲପୁରରେ ପ୍ରସ୍ତୁତ ଓ ପ୍ରସାରଣ ପାଇଁ ସବୁଜ ସଂକେତ ଭାରତ ସରକାରଙ୍କ ଠାରୁ ଆସିଲା। ଫଳରେ ମାତ୍ର ପନ୍ଦର ମିନିଟ୍ ପାଇଁ ସମ୍ବଲପୁରୀ ଗୀତର ପ୍ରସାରଣ ହେବାପାଇଁ ସ୍ଥିର ହେଲା।

କଣ୍ଠଶିଳ୍ପୀମାନଙ୍କୁ ଅନୁବନ୍ଧିତ କରାଗଲା ଏବଂ ସର୍ବପ୍ରଥମେ ତିନିଜଣ ଗୀତିକାରଙ୍କୁ ଦିଲ୍ଲୀରୁ ଆକାଶବାଣୀ କର୍ତ୍ତୃପକ୍ଷ ସ୍ୱୀକୃତି ପ୍ରଦାନ କଲେ। ତନ୍ମଧ୍ୟରେ ଲୋକଜନନୀଙ୍କର ନାମ ଥିଲା। ତାଙ୍କ ସହ ଅନ୍ୟ ଯେଉଁ ଦୁଇଜଣ ଗୀତିକାର ସ୍ୱୀକୃତି ପ୍ରାପ୍ତ ହୋଇଥିଲେ ସେ ଦୁହେଁ ହେଲେ ସ୍ୱର୍ଗତଃ ଲାଲ୍ ରତ୍ନାକର ସିଂହ ଓ ସ୍ୱର୍ଗତ ବିନୋଦ କୁମାର ପଶାୟତ।

ଲୋକଜନନୀ ପଣ୍ଡାଙ୍କର ପ୍ରଥମ ଲୋକପ୍ରିୟ ଗୀତଟି ଥିଲା, "ତମର୍ ଲାଗି ହେଇଗଲି ବାଇରେ...ମୋର ଗୋପର କହ୍ନେଇ କଲା...ବାଟେ ହେଇ ଠିଆ ମୋର୍ ଜୁରା ମାଠିଆ ଭାଙ୍ଗିଲୁ ନନ୍ଦର ବଲା...।" ଏହି ଗୀତଟିକୁ ଗାଇଥିଲେ ବଲାଙ୍ଗିର୍‌ର ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ସ୍ୱର୍ଗତାଃ ପୂର୍ଣ୍ଣପ୍ରଭା ବହିଦାର୍ (ପାଣିଗ୍ରାହୀ)।

ବାଲେଶ୍ୱରରୁ ପ୍ରକାଶିତ 'ଯୁଗଶ୍ରୀ ଯୁଗନାରୀ' ନାରୀ ପତ୍ରିକାର ଫେବୃଆରୀ ୨୦୧୪ ମସିହା ମାସିକ ସଂଖ୍ୟାରେ ପ୍ରକାଶିତ ତାଙ୍କର ସ୍ୱତନ୍ତ୍ର ସାକ୍ଷାତ୍‌କାର୍‌ରେ ସେ କହିଥିଲେ, "କେତେ ଗୀତ ମୁଁ ଲେଖିଛି, ତାର ସଂଖ୍ୟା କେତେ ଏବେ ଆଉ ମନେ ନାହିଁ। ସେହିପରି କେତେ ସଂଖ୍ୟକ ଗୀତ ଆକାଶବାଣୀର କେଉଁ କେନ୍ଦ୍ରରେ ବାଜିଛି ତା'ର ବି ହିସାବ ନାହିଁ।" ସେ ସମୟରେ ୧୯୬୦ରୁ ୧୯୮୦ ମସିହା ଭିତରେ ତାଙ୍କର ଅସଂଖ୍ୟ ଗୀତ, ଉଭୟ ଓଡ଼ିଆ ଓ ସମ୍ବଲପୁରୀ, ସେ ସମୟରେ ଓଡ଼ିଶାର ତିନୋଟି ଯାକ ଆକାଶବାଣୀ କେନ୍ଦ୍ର, ସମ୍ବଲପୁର, ଜୟପୁର ଓ କଟକ କେନ୍ଦ୍ରରୁ ପ୍ରସାରିତ ହୋଇ ଶ୍ରୋତାମାନଙ୍କର ମନ କିଣି ନେଇ ପାରିଥିଲା। ପ୍ରତି ସପ୍ତାହରେ ଶ୍ରୋତାମାନେ ତାଙ୍କର ଲିଖିତ ଗୀତ ଶୁଣିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସମୟରେ ରେଡ଼ିଓ / ଟ୍ରାନ୍‌ଜିଷ୍ଟର ପାଖରେ ରଖି ଉତ୍କଣ୍ଠାର ସହ ଅପେକ୍ଷା କରୁଥିଲେ।

ଜେଷ୍ଠପୁତ୍ର ଶଶାଙ୍କଶେଖରଙ୍କ ଦ୍ୱାରା ଲୋକଜନନୀଙ୍କର ଶହେ ଦଶଟି ଗୀତିକବିତା ସଂଗୃହୀତ ହୋଇ ପ୍ରକାଶିତ

ହୋଇଛି । ଏକ ଗୀତିକବିତା ସଂକଳନ ଆକାରରେ ଏହି ପୁସ୍ତକଟିକୁ 'ଅନୁଶୀଳନ' ପ୍ରକାଶନ ସଂସ୍ଥା ସମ୍ବଲପୁର ୨୦୧୨ ମସିହାର ପବିତ୍ର ରଥଯାତ୍ରାର ଶୁଭ ଅବସରରେ ପ୍ରକାଶ କରିଥିଲେ । ଇନ୍‌ରେକୋ ରେକର୍ଡ କମ୍ପାନୀ, କଲିକତା ଦ୍ୱାରା ତାଙ୍କରି ଲେଖନୀ ନିସୃତ ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ଶ୍ରୀମତୀ ଆରତୀ ମିଶ୍ରଙ୍କ କଣ୍ଠନିସୃତ 'ସୁନା ନୁହେଁ ମଣି ରୂପା ନୁହେଁ ମାଣିକ' ରେକର୍ଡ ଓ କମ୍ପାକ୍‌ଟ ଡିସ୍‌କ (Compact Disk-C.D.) ରେ ପ୍ରସ୍ତୁତ ଓ ବିତରିତ । ଏବେ ମଧ୍ୟ ସମୟ ସମୟରେ ୧୯୮୦ ମସିହାରେ 'ସଜଫୁଲ' କାର୍ଯ୍ୟକ୍ରମରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରଯୋଜିତ ଓ ପ୍ରସାରିତ ତାଙ୍କର ଲୋକପ୍ରିୟ ଗୀତ "ନଈ ସେ ପାରି କନକଗୋରୀ ପ୍ରିୟାର ମୋର ଗାଁ" ବିଶିଷ୍ଟ ଗାୟକ ତାନ୍‌ସେନ ସିଂହଙ୍କ କଣ୍ଠରେ ପରିବେଷିତ ଏବଂ ଏ ଯାବତ୍ ଲୋକସ୍ମୃତିରେ ଅମଳିନ । ସମ୍ବଲପୁରୀ ଗୀତ ମଧ୍ୟରୁ ସେହିଭଳି ପୂର୍ଣ୍ଣପ୍ରଭା ବହିଦାର କଣ୍ଠଦାନ କରିଥିବା "ଦୁଲା କଲେ କଲେ ଚଲାରେ ଦୁଲିଆ" ଓ 'କଲେ କଲେ ଉଠ୍‌ରେ କାହ୍ନୁ ସଖାଲ୍ ପାହି ଗଲାନ' ଏବେ ମଧ୍ୟ ଶ୍ରୋତାମାନଙ୍କର ଅନୁରୋଧରେ ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରୁ ପ୍ରସାରିତ ହୋଇଥାଏ ।

"ଗୀତି ଗୁଞ୍ଜନ" ସଂକଳନରେ ଲୋକଜନନୀଙ୍କର ଲିଖିତ ଗୀତି କବିତା ଗୁଡ଼ିକର ବର୍ଗୀକରଣ କରାଯାଉଛି । ଯଥାଭକ୍ତିଗୀତ, ଦେଶାତ୍ମବୋଧକ ଗୀତ, ଓଡ଼ିଶୀ, ରାଗ, ସଂଗୀତ, ନାଉରିଆ ଗୀତ, ପଲ୍ଲୀଗୀତ, ଲୋରୀ, ଆଧୁନିକ, ଦେଶିଆ ଗୀତ ଏବଂ ସମ୍ବଲପୁରୀ ।

ଚମତ୍କାର ଛନ୍ଦଗାନ, ଅପୂର୍ବ ଲାଳିତ୍ୟ ଓ ନିଖୁଣ ଶବ୍ଦ ସଂଯୋଜନା ତାଙ୍କର ଲିଖିତ ପ୍ରତ୍ୟେକ ଗୀତିକବିତାର ବୈଶିଷ୍ଟ୍ୟ । ସବୁରି ମଧ୍ୟରେ ଅପୂର୍ବ ସମନ୍ୱୟ ହେଉଛି ଶ୍ରୀମତୀ ପଣ୍ଡାଙ୍କର ଯାଦୁକାରୀ । ଏହାର କାରଣ ଅତି ସରଳ । ଅନ୍ତର ଭିତରୁ ଯାହା ଯେତେବେଳେ ଆସିଛି ତାହା ଲେଖା ଯାଇଛି । ବିଭିନ୍ନ ସମୟରେ ଗୀତ ଗୁଡ଼ିକ ଗାଇଛନ୍ତି ସଂଗୀତ ସୁଧାକର ବାଳକୃଷ୍ଣ ଦାଶ, ସଂଗୀତ ଶିରୋମଣି ବାଣୀଶ୍ରୀ ରଘୁନାଥ ପାଣିଗ୍ରାହୀ, ଅତିସ୍ ମଜୁମ୍‌ଦାର, ଅକ୍ଷୟ ମହାନ୍ତି, ଆରତୀ ମିଶ୍ର, ତାନ୍‌ସେନ୍ ସିଂହ, ସ୍ୱାଗତିକା ରଥ, ଇନ୍ଦ୍ରାଣୀ ମିଶ୍ର, ତୃପ୍ତି ଦାଶ, ଶଙ୍କର ପ୍ରସାଦ ଦତ୍ତ, ସ୍ନେହଲତା ପ୍ରହରାଜ, ଶୈଳ ମହାପାତ୍ର, ବୀଣାପାଣି ମିଶ୍ର, ଇନ୍ଦିରା ନନ୍ଦ ଓ ଜ୍ୟୋତ୍ସ୍ନା ରାଉତରାୟ । ସେହିପରି ସମ୍ବଲପୁରୀ ଗୀତ ଗୁଡ଼ିକରେ କଣ୍ଠଦାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ପୂର୍ଣ୍ଣପ୍ରଭା ବହିଦାର, ବିଭୂତି ଭୂଷଣ ପଟ୍ଟନାୟକ (ସମ୍ବଲପୁର), ଜୟଶ୍ରୀ ରାୟ ଚୌଧୁରୀ, ସୌଦାମିନୀ ମେହେର, ଅକ୍ଷୟ କୁମାର ପଣ୍ଡା, ଅକ୍ଷୟ କୁମାର ମହାନ୍ତି ଓ ତୃପ୍ତି ଦାସ ।

ଲୋକ ଜନନୀ ପଣ୍ଡା ଆକାଶବାଣୀ, ନୂଆଦିଲ୍ଲୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଥମ ସମ୍ବଲପୁରୀ ନାରୀ ଗୀତିକାର ହେଲେ ମଧ୍ୟ ତାଙ୍କର ପ୍ରତିଭା ସଂପୂର୍ଣ୍ଣ ଭାବ ଅବହେଳିତ ଅବସ୍ଥାରେ ସେ ଗୋବିନ୍ଦ ତୋଳା, ସମ୍ବଲପୁର ସ୍ଥିତ ନିଜ ବାସଭବନରେ ୨୦୨୦ ମସିହା ମାର୍ଚ୍ଚ ଚାରି ତାରିଖ ଦିନ ଭୋର୍ ପାଞ୍ଚଘଣ୍ଟା ସମୟରେ ଇହଧାମ ତ୍ୟାଗ କରି ସ୍ମୃତିବାସୀ ହେଲେ । ■ ■

ସମ୍ବଲପୁର

ସମ୍ବଲପୁରୀ କବିତାର ନାମଜାଦା କାରିଗର : କବି ସତ୍ୟନାରାୟଣ ବହିଦାର

✍ ସୌଭାଗ୍ୟବନ୍ତ ମହାରଣା

ତାରିଖ ୧ ଅଗଷ୍ଟ ୧୯୧୩ ସାଇଁ ସୋନପୁରଠାନେ ଜନମ ହେଇଥିଲେ କବି ସତ୍ୟନାରାୟଣ ବହିବାର। ତାକର ବାପା ଥିଲେ ମିତ୍ରଭାନୁ ବହିଦାର ଆର୍ ମା ଥିଲେ ବିଳାସବତୀ। ସେ ଥିଲେ କବିମନକର ବାଟ କଢୁଆଲ। ପିଲାଦିନୁ ତାକର କାବ୍ୟପ୍ରତିଭାର ଆଭାସ ମିଳୁଥିଲା। ସମ୍ବଲପୁରୀ ଭାଷାନେ ସାହିତ୍ୟ ସାଧନା ତାଙ୍କୁ ଗୁରଦୁ ସମ୍ମାନ, ଶରଧା, ପୁରସ୍କାର, ପରଶଂସା ଆନି ଦେଇଥିଲା। ସେ କବି, କଥେନକାର, ନାଟ୍ୟକାର, ସମୀକ୍ଷକ ଆରୁ ପ୍ରାବନ୍ଧିକ ଥିଲେ। ତାକର ଲାଗି ସମ୍ବଲପୁରୀ ଭାଷା ସାହିତ୍ୟରେ ଗୁଟେ ନୂଆଁ ଯୁଗ ଆଏଲା ବଲି କହେଲେ ଠିକ୍ ହେବା। ବିଶେଷ କରି ଶବଦମାନକୁ ଗଠନ କରି ସମ୍ବଲପୁରୀ ଭାଷାରେ ଉଁଚା ଠାନ୍ ଦେବାରକେ ସେ ଅଖୁଖନ୍ ଚେଷ୍ଟା କରୁଥିଲେ। ତାକର ଅନେକ କବିତାନେ ଶବଦର ଗହନ ଜାଲ ପାଠକମାନକୁ ବିସ୍ମିତ କରୁଥିଲା। ସିଆନ୍ ସୁଜନ କରି ସତ୍ୟନାରାୟଣ ବହିଦାର ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଯୁବଲେଖକ ସମ୍ମେଳନ, କୋଶଲ ସାହିତ୍ୟ ସମାଜ, ଉଦୟନ, ଆଳାପନା ଆଦି ସାହିତ୍ୟିକ ଆଉ ସାଂସ୍କୃତିକ ଅନୁଷ୍ଠାନ ସାଙ୍ଗେ ଯୁଡ଼ି ହେଇଥିଲେ। ସେ ଅନୁଷ୍ଠାନ ମାନକରନୁ ସଂର୍ବଦ୍ଧନା, ସମ୍ମାନ ବି ପାଇଥିଲେ। ତାକର କବିତା ସଂକଳନର ନାଁ ହେଲା ଶ୍ରୀପଞ୍ଚମୀ, ଘୁବକୁତ୍ତୁ, ସାଧକ ଚନ୍ଦ୍ରଶେଖର ବେହେରା, ଟିକ ଚହଁରା, ସମ୍ବଲପୁରୀ ଚଉତିଶା। ତାକର କବିତାର ଶୈଳୀ ଥିଲା ମୌଳିକ, ଗୁଟେ ଶବଦର ଲାଗି ଲାଗି ବେଭାର କରବାରଟା ତାଙ୍କର କବିତାକେ କରିଥିଲା ଖୋବ୍ ବରକସ୍। ହେଥିରଲାଗି ତାକୁ କୁହାଯାଉଥୁଲା କବିମାନକର ବାଟକଢୁଆଲ।

କବି ସତ୍ୟନାରାୟଣ ବହିଦାରକଁର ସବୁ କବିତା, ଶବ୍ଦାର୍ଥ ବୋଧନୀ, ସମ୍ବଲପୁରୀ ଚଉତିଶାର ସମ୍ବଲପୁରୀ ବ୍ୟାକରନକେ ମିଶେଇ ସମ୍ବଲପୁରୀ ଭାଷା ଆର ସଂସ୍କୃତି ବିଶାରଦ ଡକ୍ଟର ଶ୍ୟାମ ସୁନ୍ଦର ଧର ମହୋଦୟ ତା. ୭ ଅକ୍ଟୋବର ୨୦୦୧ ନେ "ସତ୍ୟନାରାୟ ବହିବାର ଗ୍ରନ୍ଥାବଳୀ" ପ୍ରକାଶ କଲେ ତାକର ସମ୍ପାଦନାଥି। ସେ ଗ୍ରନ୍ଥାବଳୀର ମୁହଡ଼ା ଭିତରେ "ମହୁଲ କୁଁଚିର ବଉଲ ଝରା"ନେ ଲେଖିଛନ ଆମର ସିଆନ ସୁଜନ କବି ବିନୋଦ ଚନ୍ଦ୍ର ନାୟକ ଯେନଟା ତଲେ ଦିଆଯାଇଛେ।

"ଜୀବନର ସବୁ ହରଗୁନି ଲୁହେ ଦଉଥିଲେ ଧୁଇ। ଲୁଳେ ଯାହା ଦେଲେ, ଦଉଛନ୍ କି ଦେବେ ବେରାର ଫିରାଲା ମିତାର ଫିରାବାକେ ଥିଲା କାଣା ତାକର ନ ? ହେଲେ ସେ ଯାହା ହେଲେ ଆଏଜ୍‌ତକ୍ କେହି ନାଇଁ ଦେଇ।"

"ଚୁମ୍ବକ ଚୁମ୍ବକ କହେଲେ କହିହେବା। ମା ବୁଆ ଦେଇଥିଲେ ଜନମ୍। ପୁଷି ବଢାଲେ ନିକ ଅପା। ନିଜର ଗୁଡେ ଠିଆ ହଇ ହେଲେ ମାଷ୍ଟର। ଯାହା ପାରବେ, ଲେଖଲେ। ଭୂଲେ ସରିଆ ମୁନୁଷ ଝନେ। ଗାଏ ଗଙ୍ଗା ଲୋକ। ଛୁଆ ବାଗିର ସଭାବ୍। ତାକର କବିତା ଆଙ୍ଗଠି ନମେଇ ଚିନ୍‌ହାସି, ଇଟା ସେ "କବି ସତ୍ୟନାରାୟଣ ବହିଦାର"।

ସମ୍ବଲପୁରକେ ଜାନବାର ଆର ଚିହ୍ନବାରକେ ହେଲେ ସତ୍ୟନାରାୟଣ ବହିଦାରକଁର " ସମ୍ବଲପୁର ମାଟି ପାନି" କବିତା ପଢଲେ ଝନେ ସବୁ ବୁଝିପାଇବା ଇ କବିତା ତାକୁ ଯେତକି ସମ୍ମାନ ଆଉ ପରିଚଏ ଦେଇଛେ ଆଉର କେନସି

ପୁରସ୍କାର ବି ସଂବର୍ଦ୍ଧନା ତାଁକୁ କେଭେ ଭିଲ ନାହିଁ ଦେଇପାରି ।

ସମ୍ବଲପୁରର ମାଟି ପାନି ଝରସି ହୀର ନୀଲା
ଜେଜେ ମାଁ ସମଲେଇ ଗୋ ଧଏନ୍ ଧାଏନ୍ ଗୋ ତୋର ଲୀଲା ।
ସମ୍ବଲପୁରର ସବୁ ସୁନ୍ଦର
ମାଲ ବାହାଲ ବେର୍ଣ୍ଣା ଡଙ୍ଗର
ଗର୍‌ରା ବାଗିର୍ କର୍‌ରା ମେଛା
ଧଙ୍ଗରା ଡିଣ୍ଡା ପିଲା ।
ପାହାଡ ଶିଖେ ଫୁଟଲା ପଦମ ଗମ୍‌ଗମାଳା ଗୀତ୍
ଗଙ୍ଗାଧରର ମଙ୍ଗାବାହି କଲା କେତେ ହିତ୍ ।
ସମ୍ବଲପୁଗର ଡଂଗେ ଖାଲେ ବିଲେ ନାଟ୍
ସମ୍ବଲପୁରୀ ଗାନା ଗୁଟେ ଦେଖେଇ ନବା ବାଟ
ସମ୍ବଲପୁରର ତହ୍ନେଁ ବାବୁ
ତମ୍ବର ସମ୍ବଲପୁର
ଅବଲ ସମ୍ବଲପୁରୀ ଲେଖ
ସମ୍ବଲପୁରୀ ସୁର ।
ଇ ବୁଲିନୁ ନାଇଁନ ବୁଲି
ଇ ଧୂଳିନୁ ନାଇଁନ ଧୂଳି
ଅଜବ୍ ରକମ୍ ଲାଗସି ଇନେ
ଭାରତ ମାଁର ଲୀଲା ।

ସତ୍ୟନାରାପଣକଁର ଯେନସି କବିତା ପଢ଼ଲେ ପାଠକର ହୁରୁଦ୍ ହଦମଦେଇ ଯାଏସି କେତେନିକେତେ । ସମ୍ବଲପୁରୀ ଭାଷା ଭିତରେ ଶବଦମାନକୁ ନେଇ ଇନତା ଯାଦୁ କରିଛନ୍ ଯେ ପାଠକ୍ ସେ ଭିତରୁ ମୁକୁଲି ନାଇଁ ପାରେ । ପ୍ରତ୍ୟେକ ଧାଡ଼ି ଭିତରେ କବିତାର ମୋହଥି ଝନେ ଗୁନୀ ପାଠକ ପଡ଼ିଯାଏସି । ସେନୁ ସେ ଆଉ ଭାଗି ନି ପାରେ । ତାଁକର ସମ୍ବଲପୁରୀ କବିତାଥି ଭାବର ମହକ୍, ଶବଦର ତହଁକ, ଶୈଲୀର ଚମକ୍ ପାଠକ୍‌କେ ଆର ଗୁଟେ ପୁରଥିକେ ନେଇଯାଏସି କବିତାର ଅମରୁତ ପିଇବାରକେ । ତାକର କବିତା ଭିତରେ ରହିଛେ ସଂସ୍କୃତିର କହଁର, ମାଟିର ମହକ୍, ଭଲ ପାଏବାର ନିଶା, ଜୀବନକେ ବୁଝବାର ଗହେର ଇଚ୍ଛା ସମ୍ବଲପୁରର ମାଟି, ପାନି, ପବନ, ପରକୁତିର ଶୋଭା ଆରୁ ମହାନଦୀର ମାୟା ସାଙ୍ଗେ ନୂଆଁଖାଇ, ପୁଷପୁନିର ମଜା ।

"ସତ୍ୟନାରାୟଣ ବାବୁଙ୍କର କବିତା" ଶୀର୍ଷକରେ ମଙ୍ଗଲୁରୁ ଚରଣ ବିଶ୍ୱାଳଙ୍କର ଆଲୋଚନା ଭିତରେ ସେ ଯେନ କଥା କହିଛନ୍ ଆରୁ ଯେନ୍ କବିତାମାନକର ଉଦାହରନ୍ ଦେଇଛନ, ତାହାକେ ପାଠକମାନେ ଏଛେନ୍ ଥରକେ ଥର ପଳଢ଼ବାର ଚାହି । ଇ କବିତା ଥିବା Technique ବା କାରିଗରୀକେ ପାଠକମାନେ କେଭେ ଭିଲ୍ ପାସରି ନାଇଁ ପାରନ୍ ।

ଜନହା ପରାର ଜନ ଉଦାନ
ମନାପରାର ବେଲ ବୁଡ଼ାନ
ଗରି ଲାଠି ବାହେସି କିଏ କୁଆଁରୀ ଘାଟେ ।

କବି ସତ୍ୟନାରାୟଣ ବହିଦାରକଁର କବିତାର କଳା ବିଷେଥି କବି ମଙ୍ଗଲୁ ଚରଣ ବିଶ୍ୱାଳ ଯେନ ମତ ରଖୁଛନ ତାକର କବିତାର ଗର୍ଭଗୃହକେ ଯାଇ ଯେନତା ଦୁରୁଶ୍ ଦେଖିଛନ୍ ସେଟା ସମ୍ବଲପୁରୀ ସାହିତ୍ୟ, ଓଡ଼ିଆ ସାହିତ୍ୟରେ ବି ଉଁଚା ଠାନ୍ ପାଇବେ । ବହିଦାର ଆଙ୍କା ସମ୍ବଲପୁରୀ ସାହିତ୍ୟ, କବିତା ଆରୁ ସଂସ୍କୃତିର ଝନେ ପହେଲା ଧାଡ଼ିର କବି କହେଲେ ସଭେଁ ନିଶ୍ଚେ ପସନ୍ଦ କରବେ ।

କବି ସତ୍ୟନାରାୟଣ ବହିଦାରକଁର ସବୁ ଠାନୁ ସାନ କବିତା ସଂକଳନ୍ "ଶ୍ରୀପଞ୍ଚମୀ"ରେ ଅଛେ ମୋଟ ପାଞ୍ଚଟା କବିତା । ସବୁ କବିତାନେ ଶବଦ୍, ଭାବ ଆର ଶୈଲୀର ଚମତ୍କାରିତା ଦେଖବାକେ ମିଲସି । ତାକର "ଅନୁଭୂତି" କବିତା ପଢ଼ଲେ ସମ୍ବଲପୁରୀ କବିତାର ଗହେର ଭାଲ୍ ମନକେ ପୂରା ଆଚ୍ଛନ୍ନ କରି ପକାସି ।

ଧୋବ୍ ଜରଜର ଗଖା ପାଚେନ୍
କେନ୍ତା ଲାଗ୍‌ସି ମାଡ଼....।
ନାଇଁରେ ବୁଆ ଭରସା ନାଇଁ
ବିଦରି ଯିବା ହାଡ଼ ।
କାଁ ବଲସୁ ଶଶୁର ମୋର
ଦେଖବୁ ଏଛନି କାଏଁ
କେନ୍ତା ଲାଗସି ଜାନତୁ ବୁଆ
ମାଏଲେ ତତେ ଘାଏ ।

"ଉକ୍‌ବୁକି" କବିତା ଭିତରେ ଶବଦର ବେଭାର ଭାବକେ ଜହ ଉଭାଗର ଆର୍ ବରକସ୍ କରିଛେ । ଆୟବାନ, ଲାଏବାନ ଭିତରେ, ଟୁପୁର ଟାପୁର, ଝୁପୁର ଝାପୁର,

ଲଠୋଲାଠୋ, ସଟୋବଟୋ, ଦୁଲଦୁଲୁ ଶବଦ୍‌ମାନକର ପ୍ରୟୋଗ ଇ କବିତାର ଗଢ଼ନକେ ଗୁଟେ ନୂଆଁ ଜନମ୍ ଦେଇଛେ ।

ଆୟବାନ, ଆୟବାନ୍,
ଯେନ୍ତା ବଜା, ସେନ୍ତା ନଚା
ଘୁବକୁଡୁକେ ଲାଏବାନ ।
ଘୁବଘୁବିକେ ଟୁପୁରଟାପୁର
ଦୁଲଦୁଲିଜେ ଝୁମୁର ଝାମୁର
ସଜିଲ୍ ଗୁଜିଲ୍ ହେଲେ ନି
ଉକୁବୁକିନେ ଗାଏବାନ ।।
କଁସି କାଁକେର ମୁଡ଼କି କଲା
ଗୁଟଗୁଟିଆ ଗା
ସୁନା ନାକୀର ଗୁନଚିହଲା
ଭରତି ମଠିଆଟା ।
ଅଙ୍ଗେନ୍ କଲା ଲଠୋଲାଠୋ
ଦିନ୍ ଦିଗି କାୟଁ ସଟୋ ବଟୋ
ତାଲ୍ ଦୁଲ୍ ଦୁଲୁ ତାନ୍ ଦୁଲ୍ ଦୁଲୁ
ମନ୍‌କେ ଘିଚି ଆନବାନ ।।

"ଶ୍ରୀପଞ୍ଚମୀ" କବିତା ବହିର ବାକି ତିନ୍‌ଟା କବିତା ଯଥା; ସ୍ୱାର୍ଥ, ସେ ତବ ପରଶମଣି ପ୍ରିୟତମ, 'ସେ ତୁମରି ଅନୁରାଗ', ଆଉ 'ଶକ୍ତି ଓ ବିକାଶ' ଭିତରେ କବି ସତ୍ୟନାରାୟଣଙ୍କର ସର୍ଜନ କଲା ଯାଦୁ ଦେଖବାରକେ ମିଳସି । "ଘୁଚୁକୁଡୁ" କବିତା ସଂକଳନଥି ଅଛେ ଛପନଟା ଉଭାଗର କବିତା । ଇଥିରେ ଅଛେ ଖୋବ୍ ଜନାଦୃତ କବିତା ସମ୍ବଲପୁରର ମାଟିପାନି (୧) ଆରୁ ସମ୍ବଲପୁରର ମାଟିପାନି - (୨) । ସମ୍ବଲପୁରର ମାଟି ପାନି (୨) କବିତାର ତଳର ଧାଡ଼ିମାନକୁ ପଢ଼ଲେ ପାଠକର ମନ କେତେନିକେତେ ଉଷତ ହେସି । କବିତାର ଛନ୍ଦକେ ଦେଖଲେ ହୁରୁଦନେ ଉସନାକି ଆଇଯାଏସି ।

"ସମ୍ବଲପୁରର ମାଟିପାନି ଝରସି ହୀରାନୀଲା
ଧଏନ ଧଏନ ଧଏନ୍ ସମ୍ବଲପୁର ସୁନ୍ଦରସାଏର ଜିଲା ।
ସମ୍ବଲପୁରୀ ଆମ୍ଭେଁ ବୁଆ
ସମ୍ବଲପୁରର ଆମ୍ଭେଁ ଛୁଆ
ତିକ ଦାହାଁ ଦାହାଁ କରମ୍ ସାନି
କମର ଜବର ପିଲା ।"

ଇ ସଂକଳନର "ବର୍ଷା ବ୍ୟଥା" କବିତାଟା ବର୍ଷାଋତୁର ଗୁଟେ ଫଟା ଘର ଭିତରେ ପାଏନ୍ ଗଲୁଥିବାର ଦୃରୁଶକେ କବି ପାଠକ ସାମ୍ନାଥି ପରଶି ଦେଇଛନ୍ତି । ଅଭାବୀ ଲୁକର ଦୁଖ୍‌କେ କବି ଇ କବିତାଥି ଭରତି କରିଛନ୍ ସୁନ୍ଦର ଭାବେ ।

ଖପର ଘରେ ପାଏନ ବରଷା
ଟପର ଟପର କରସି
ଚେଁ ପ୍‌ଟ୍ ପଟ୍ ଡସନା ତଲେ
ତତ୍‌ଲା ଲୁହ ଝରସି ।
ଫଟା ପରେ ମୋର ଷାଠେ କଣହା
ପିଠକେ ନାଇଁ ମୋର ଚିର୍‌ହା କନା
ନୁନ୍ ବଏଲେ ତୁଉନ୍ ନାଇଁ ମୋର
ଘର ଦର୍‌ଦର୍ ଗଲ୍‌ସି ।

କବି ସତ୍ୟନାରାୟଣ ବହିଦାରଙ୍କର "ଭାଏଁ ଜୁଇଁତିଆ" କବିତା ଭିତରେ ଅଛେ ଭାଏ ବହେନର ସେନହୋ, ଶରଧା, ଆଦର । ପଶ୍ଚିମ ଓଡିଶାର ଇ ତିହାରରେ ବହେନ୍ ବହୁତ ଦିନୁ ଟାକି ବସିଥିସି ଭାଏକେ ।

ଭାଏ ଜୁଇଁତିଆ ହେବା ବଲି
ଭାଏରେ....
କାହିର ଧୁତି ଆଇନ ନେଇଛୁ
କାୟଁରେ ।
ଜିକ୍ ଜିକାବା ତରାତରା
ଅପରାଜିତାର ରଙ୍ଗ କରା
ଜରିର ଜନହେ ଚୁମକି ତରା
ଛନକୁ ଥିବେ ହାୟରେ ।

"ଘବଘବୋ" କବିତା ସଂକଳନର "ପଡିଆ ବାହାଲ ହାଟେ" କବିତାଥି କବିଙ୍କର ଅନୁଭବ ଆର୍ ଭାବନା ଗୁଟେ ନୂଆଁ ରଙ୍ଗ ଆନିଛେ । ତାକର ଅନେକ କବିତାନ ସମ୍ବଲପୁରର ତିହାର, ଦର୍ଶନୀୟ ସ୍ଥାନ, ମନ୍ଦିର ଆଦିର ସଂସ୍କୃତିର ଛାପ୍ ପଡ଼ିଛେ । ତା'ର ଉଦାହରଣ ଇ ଜାଗାରେ ଆଘୁ ଦିଆଯାଇଛେ ।

ସମ୍ବଲପୁରର ଶୀତଲଶଷ୍ଠୀ ଲେଖେଁ ଗୁଟେ ଶିଘା ପରବ ଯେନ୍‌ଟା ସାରା ଓଡିଶାନ ନାଁ ରଖିଛେ । "ବମ୍‌ଭୋଲା..." କବିତାନେ କବି ନନ୍ଦପଡ଼ା, ଝାଡୁଆପଡ଼ାର ଷଷ୍ଠୀ ଯାତରାର କଥାକେ ହେତେଇଛନ୍ । ରଜାବଖରୀ, ଗୁପାଲଜୀ ମଠ, ବିନାଖଣ୍ଡିର କଥା ଭିଲ୍ ଇ କବିତାକେ ଉଭାଗର କରିଛେ ।

ନନ୍ଦପଡ଼ାନର ଶୀତଳଷଷ୍ଠୀ
ବମ୍ ଭୋଲା...ବମ୍ ଭୋଲା
ଝାଡୁଆପଡ଼ାର ଝୁଲନ ବେଳେ
ପ୍ରାନ୍ ଖୁଲା ମନ୍ ଖୁଲା।
ରଜାବଖରୀ ପାଦ୍ ଯୁଡ଼ାକେ
ଗୁପାଳଜୀ ମଠ ସୁଡ଼ଙ୍ଗ ବାଟେ
ବିନା ଖଣ୍ଡିର ଦେବତା ନାଟେ
ବିଜେ ଚକାଡୁଲା।।

"ଟିକ୍ ଚହଁରା" କବିତା ସଂଜଲନ, ଚଉରାଲିଶଟା କବିତା ଅଛେ ଯେନ ଭାରତର ସ୍ୱାଧୀନତା ସଂଗ୍ରାମୀ ବରେଣ୍ୟ ମାନବମାନକର ଉପରେ ଆର୍ ମହାତ୍ମାଗାନ୍ଧୀଙ୍କ ବିଷେଥି କବିତା ସବୁ ଲେଖାଯାଇଛି। ଗଙ୍ଗାଧର ମେହେର, ନୀଳକଣ୍ଠ ଦାସ, ସଚ୍ଚି ରାଉତରାଏ, ନେହେରୁ, ଦୟାନିଧି ମିଶ୍ର, ଲାଲ ବାହାଦୁର ଶାସ୍ତ୍ରୀ, ଫକୀର ମୋହନ, ବ୍ରଜମୋହନ ପଣ୍ଡା, ବେଜବରୁଆ ବାଗିର ବିରଳ ପ୍ରତିଭାଙ୍କୁ ଉଁଚା ଦରଜା ଦିଆଯାଇଛେ କବିତା ମାଧ୍ୟମଥି। ଆସାମର ପ୍ରଖ୍ୟାତ କବି କଥେନକାର, ନାଟ୍ୟକାର, ବିଶିଷ୍ଟ କାଠ ବ୍ୟବସାୟୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ଉପରେ ତାକର କବିତା ସତେ କେତେ ବଢିଆଁ ଲାଗୁଛେ ପଢ଼ବାରକେ।

କାହିଁ ଆସାମ କାହିଁ ବାହାମ୍ କାହିଁ ସଚି କମଲୁ
କୁଲେ ଦେଲୁ ଠାନ୍....
ବେଜବରୁଆ ଜଙ୍ଗଲବାବୁ ଆନନ୍ଦ ବିଦ୍ୟାଧବମ୍
କେତେ ଥରସେ ଆଏଲେ ଇନେ
ସୁଯୋଗ ଯେଭେ ହେଲା ତେନେ
କଚରି ପାଶେ ବନାଲେ ଘର
ସବକୁ କଲେ ଆପନା ଘର
ଦାନା ଦାନା ଲେଖିଥିସି ଖାନେ ବାଲା ନାମ୍
କାହିଁ କେନେ ସମ୍ବଲପୁର କାହିଁ ବା ଆସାମ।

ଓଡିଶାର ପଦ୍ମଶ୍ରୀ ପୁରସ୍କାର ପାଇଥିବା ମହାନ୍ କବି ସଚ୍ଚି ରାଉତରାଏକଁର କବିତାର ମୁଗ୍ଧ ପାଠକ ଥିଲେ କବି ସତ୍ୟନାରାୟଣ ବହିଦାର। ତାକର କବିତାକେ ସେ ଖୋବ୍ ଭଲ ପାଉଥିଲେ। ଓଡିଶାର ଦୁଇ ନମ୍ବର ସୁରେନ୍ଦ୍ର ସାଏ ବଲି କବି ସତ୍ୟନାରାୟଣ କବି ସଚ୍ଚି ରାଉତରାଏଙ୍କୁ ଖୋବ୍ ପ୍ରଶଂସା କରିଛନ୍।

ଦେଶର ଜାତିର ପୂଜାର ଢଂଣ୍ଡା
ତମ୍ବର ବେକେ ଦେଲୁଁ
ଜେଏ ଜେ-ଜେଏ ସଚ୍ଚିବାବୁ
ଉଡସାର ତମେ ଆମ୍ବର ଦୁଇ
ନମ୍ବର ସୁନ୍ଦର ସାଏ
ସବକର ମନେ ଜେ ଜେ ତମ୍ବର
ପାଞ୍ଚ ପଚିଶର ଭାଏ
ସଚ୍ଚି ରାଉତରାଏ।

"ଟିସ୍ ଚହଁରା" ସଂକଳନର "ରଥ୍ ଦୁତିଆ" କବିତାନ କବି ସତ୍ୟନାରାୟଣ ବହିଦାର ଘର ଘର ପିଠାପନାର ପରବ, ଅତର, ଫୁଲ ମାଖି ସଭେଁ ନିଜ ନିଜର ତହଁକ ବଢାବାର ସଉକ, ସକାଲ ବେଲି ପିଲାଛୁଆଙ୍କୁ ପଏସା ବାଁଟବାର ଚଲନ୍ ରଥଯାତ୍ରା ତିହାରକେ ମହାନ୍ କରିଛେ।

ରଥ ଦୁତିଆ ଆଜ୍....
ଅତର ଫୁଲେର ମାଖି ଘଁସି
ସଭେ ତୀରଂଦାଜ୍
ଏ.... ଟିରକେଲ, ପଏଁରୀ ପାଞ୍ଚୋଲ ମାଜ୍...
ଘର ଘର ନ ପିଠାପନା ଆଜ୍।
ପଏସା ବଣ୍ଟା ସକାଲ ବେଲି
ଲଥା ଦେସନ୍ ଝାଏଁରେ....
ଉଲଗୁନଟା ନାଇଁ ଫିରାଲେ
ଫଫିତ୍ ହେବା କାଏଁରେ।

"ସମ୍ବଲପୁରୀ ଚଉତିଶା" କବି ସତ୍ୟନାରାୟଣକର ଗୁଟେ ଅଏନ୍ କାବ୍ୟଧାରା ଯେନ 'ଅ' ଠାନୁ ଆରମ୍ଭ କରି 'ହ' ପର୍ଯ୍ୟନ୍ତ ତାଁକର କବିତାର ଧାଡି ସବୁ ଆରମ୍ଭ ହେଇଛେ। 'ଶ' ଠାନୁ ଆରମ୍ଭ ହେଇଥିବା ଇ ଚଉତିଶାକେ ପଢ଼ଲେ 'ହ' ଯାଏଁ ପାଠକ କବିଙ୍କୁ ଭଲ ଭାବେ ଚିହ୍ନି ପାରବା ବଲି ବିଶ୍ୱାସ ଅଛେ। ଇ କବିତାଥି ଶବଦ୍ ଆର ଭାବର ପଏରଛା ମିଳନ ହେଇଛେ।

ଶରାଧୀ ଘେନା କାନଗୁଁ ତମେଁ ବଲି
ଶବତ ଭାବେ ଭଗତ ପାଖେ
ଆଏସ ତେନେ ଢଲି।
ସୁନାରୂପା ମା, ମାଏପୋ କୋଲ୍
ସର୍ଟର ବଟର, ଛୁଛାଟା
ବୋଲରେ ହରିବୋଲ।

ହଜରି ଉଦା ତମର ଲହ ଝରି
ହରିର ନାମେ ଶରନ ନିଅ
ଦୁଖ ହରବେ ହରିହରି ।

ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷାର ଝନେ ବଡଖା ପ୍ରାଣ ପ୍ରତିଷ୍ଠାତା କହେଲେ ସଭେଁ ପସନ୍ଦ କରିବେ । ତାକର କବିତାଥି ସେ ନୂଆଁ ଢଙ୍ଗ, ନୂଆଁ ରଙ୍ଗ ଭରି ଦେଇଛନ୍, ଶବଦକେ ନିଜର ବୋଲ ମନେଇ । ସମ୍ବଲପୁରର ସବୁ ପ୍ରସିଦ୍ଧ ଠାନ, ସଂସ୍କୃତିର ଜୟଜୟକାର କରି ସେ ଠାନମାନକର ମହତ୍ତ୍ୱ ପ୍ରତିପାଦନ କରିଛନ୍ । ତାକର କବିତା ପଢଲେ ସମ୍ବଲପୁର ଆର ପଶ୍ଚିମ ଓଡିଶାର ବହୁତ ଠାନ ଆରୁ ସାଂସ୍କୃତିକ କ୍ଷେତ୍ରମାନକର ଗୁରୁତ୍ୱ ଓ ମହତ୍ତ୍ୱ ଜାନିହେସି । ସମ୍ବଲପୁରୀ ଭାଷାର ଶବଦ ସମ୍ପଦ ଆରୁ ସଂକ୍ଷିପ୍ତ ସମ୍ବଲପୁରୀ ଆର ଭାଷାନେ ଗୁରଦୁ ଗୁରଦୁ ଲେଖି ସେ ନୂଆଁ ନୂଆଁ ପ୍ରଚଳିତ ଶବଦକେ ସାହିତ୍ୟ କବିତା ଭିତରକେ ଆନବାର ଲାଗି । ସମ୍ବଲପୁରୀ ବ୍ୟାକରନକେ ସେ ସଂକ୍ଷିପ୍ତ ଭାବେ ସଂକଳନ୍ କରିଛନି ପାଠକମାନକର ଆଗ୍ରହ, ଇଚ୍ଛା ଆଉ ନିର୍ଭୁଲ ବନାନ ଲାଗି ସେ ଯଥାସାଧ୍ୟ ଚେରଷ୍ଟା କରିଛନ୍ । କବିଙ୍କର ମୌଳିକ ଶୈଲୀ, ଛଳନାହୀନ ପ୍ରକୃତି ଆର ଶବଦମାନକୁ ନୂଆଁ ନୂଆଁ ଢାଁଚାନେ କବିତାଥି ପ୍ରୟୋଗ କରବାର କୌଶଳରେ ପରଶଂସା ନାଇଁ କରି ରହିନିହୁଏ । ଓଡିଆ ସାହିତ୍ୟ ଯଶସ୍ୱୀ କବି ବିନୋଦ ନାୟକ ସାହିତ୍ୟ ଏକାଡେମୀ, ଭୁବନେଶ୍ୱରନ ଥିଲାଦେଲେ ତା. ୨୩ ମାର୍ଚ୍ଚ ୧୯୭୧ ଟିଠିଟେ କବି ସତ୍ୟନାରାୟଣ ବହିଦାରଙ୍କୁ ପରଶଂସାରେ ପୁତି ଦେଇଛନ ।

ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

ପୂଜନୀୟ କବି,

ଆପଣଙ୍କର ଅଭିନନ୍ଦନ କବିତା ମୋର ପଥରେ ସଂକେତ ମିନାର ରୂପେ ଆଲୋକର ନିର୍ଦ୍ଦେଶ ଦେବ । ସାଧନାର ପ୍ରଥମ ପ୍ରତ୍ୟୁଷରେ ଆପଣ ମୋତେ ଅଭିନନ୍ଦନ ଜନାଇଥିଲେ- ୧୯୫୩ । ଆଜି ଏ ଅପରାହ୍ନରେ ମଧ୍ୟ ସେ ଭାଷାର ଅରୁଣ ସ୍ପର୍ଶ ମୁଁ ଅନୁଭବ କରୁଛି । "ମା'ର ଲାଗି ପିଟସୁ ବାହା ମୁରକୁଟିଛୁଁ ମେଛା" ଏ ପଦଟି ମୋତେ ସେଇ ସୁରେନ୍ଦ୍ର ସାଏ ଯୁଗର ଅତିକ୍ରାନ୍ତ ଯୁଗକୁ ନେଇଯାଏ, ସେତେବେଳେ ସୋମଲାଇ ମାଆର ସିନ୍ଦୁର କଲି ମାଖି ସମ୍ବଲପୁର ସମ୍ବଲପୁର ଜୁଆନ୍, ଦୁଷମନ୍ ବିରୁଦ୍ଧରେ ବାହାରି ପଡ଼େ ।

ହେ ମୋର ପିତୃଭୂମିର ଚାରଣ କବି, ଆପଣଙ୍କ ଚରଣ ତଳେ ଶତସହସ୍ର କୋଟି ପ୍ରଣାମ ।

ବିନୋଦ ନାୟକ

ଫକୀର-ବିନୋଦଙ୍କ ଗୀତେ ଲୋକ ଜୀବନ

ଡ. ସତ୍ୟନାରାୟଣ ଠାକୁର

ପୁର୍ଥିର କେନୁ କେଭେ କିଏ ପହେଲା କରି କେନ ସ୍ଥିତିଥି କାହାର ଉପରେ କେନ୍ତା ରକମେ ଲୋକଗୀତର ପରିକଳ୍ପନା କଲା କି ଗୁନ୍‌ଗୁନେଇ ହେଲା ଯେ ତାର ବାବ୍‌ଦେ କାହାରିର ପାଖେ କିଛି ଖବର ନାଇଁନ । ନ ଇଟା ସତ୍ ଆଏ ଯେ ଲୋକଗୀତ କାଲି ବି ଥିଲା, ଆଏଜ ବି ଅଛେ । ପଛେ ପଛେ ଗୀତମାନେ ଲେଖା ହେଲା । ଆଏଜବି ଲେଖା ହଉଛେ । ସବୁ ଭାଷାଥି ଲୋକଗୀତ ଥିସି । ସମ୍ବଲପୁରୀ ଭାଷାଥି ଭି ଅଛେ । ଆମର ଓଡ଼ିଶାଥି କେତେ ରକମର ଲୋକଗୀତ ଥିଲେ ମେଶା ସମ୍ବଲପୁରୀ ସବୁଠାନୁ ଜହ ଗ୍ରହଣୀୟ ଆଏ ବଏଲେ ଭୁଲ ନାଇଁ ହୁଏ । ସମ୍ବଲପୁରୀ ଭାଷାଥି କେନ ଦିନୁ ଲୋକଗୀତ ଗୁଆ ଚାଲି ଆସିଛେ ଯେ କିଏ ଜାନେ । ଆକାଶବାଣୀ ହେଲା ଦିନୁ ସମ୍ବଲପୁରୀ ଗୀତ ସମକର ପାଖକେ ପହଁଚିଲା ଆଉ ସଭେ ଇଟାକେ ଆଦରି ନେଲେ । ସବୁ ବଏସର ଲୋକମାନକୁ ଆକାଶବାଣୀର ହୁର୍‌ହୁରିଆ ଗୀତମାନେ ଆକର୍ଷିତ କରି ଆସିଛେ । ଇତାର ପଛଆଡ଼େ ମଧୁର ଭାଷା ତ ଗୁଟେ କାରଣ ଆଏ ତାର ସାଙ୍ଗେ ସାଙ୍ଗେ ସଙ୍ଗୀତ ସଂଯୋଜନା ବଡ଼ଟେ କଥା ଆଏ । ଗୁଣନିଧି ଦାସଙ୍କରନୁ ନେଇକରି ପ୍ରଫୁଲ୍ଲ ମିତ୍ର ଆଜ୍ଞାତକ୍ କେତ୍‌ନିକେତେ ସଙ୍ଗୀତକାର ଚମତ୍କାର ଗୀତମାନକୁ ସଙ୍ଗୀତଥି ସଜେଇ ଆସିଛନ୍ । ଗୀତର ଲେଖା ଯଦି ମନକେ ନାଇଁ ଛିଇଁଲା ଆଉ କଣ୍ଠଶିଳ୍ପୀ ଯଦି ତାହାକେ ଜୀବନ୍ତ ନାଇଁ କରି ପାରଲା ବଏଲେ ଗୀତଟା ସିଠା ଲାଗ୍‌ବା । ଜହ ଦିନ ବାଆଁଚି ନାଇଁ ପାରେ ।

ପୁର୍ଥିର ଭିନ୍ ଭିନ୍ ଜାଗାର ସଙ୍ଗୀତ ହଉକି ଭାରତୀୟ ସଙ୍ଗୀତ ଜଗତ ସବୁନ ଆମେ ସଙ୍ଗୀତର ସଫଳତାର ପଛେ ଯୁଡ଼ିମାନକର ଯୁଗଳବନ୍ଦୀ ଦେଖବାରକେ ପାଏସୁଁ । ସିନାମା ଗୀତ ହଉ କି ସୁଗମ, ଗଜଲ ହଉ କି ଭଜନ ସବୁଠାନେ ସଫଳ ଜୁଡ଼ିମାନକୁ ଆମେ ଦେଖବାରକେ ପାଏସୁଁ । ଇଂଲିଶନୁ ସମ୍ବଲପୁରୀ ତକ ଯଦି ଆମେ ଅନୁଧ୍ୟାନ କରମା ବଏଲେ ଦେଖ୍‌ମା ଯେ କେତେବେଲେ ଯୋନ୍ ଲେନନ୍ - ତାଲ ମେକ୍‌କାର୍ଟନି, କେତେବେଲେ ଏଲ୍‌ଟନ ଯେନ - ବେର୍ଣ୍ଣି ତଉପିନ ଜୁଡ଼ି କମାଲ ଦେଖେଇଛନ୍ ତ କେନ୍ ସମିଆଥି କାରୋଲେ କିଙ୍ଗ ଆଉ ଗେରିଗୋଫିନ । ଇନ୍ତା ଆହୁରି କେତେଟେ । ହିନ୍ଦୀ ସିନାମାର କଥା ଦେଖଲେ କେତେବେଲେ ସଙ୍ଗୀତକାର ଯୁଡ଼ି, କେଭେ ସଙ୍ଗୀତକାର ସାଙ୍ଗେ ଗୀତକାର, କେବେ ଯେ ସଙ୍ଗୀତକାର ସାଙ୍ଗେ କଣ୍ଠଶିଳ୍ପୀ, କେନ୍ ସମିଆଥି ଗୀତିକାର ସାଙ୍ଗେ କଣ୍ଠଶିଳ୍ପୀ ହେନ୍ତା କେତେ ରକମର ସଫଳ ଯୁଡ଼ି ଦେଖବାରକେ ପାଏସୁଁ । ଶଙ୍କର ଜୟ କିସନ-ଶୈଳେନ୍ଦ୍ର-ମୁକେଶ-ଲତା ମଙ୍ଗେସକର ହଉନ୍ କି ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ସାଙ୍ଗେ ଆନନ୍ଦ ବକ୍ସି, କେଭେ ଫେର୍ ଆର.ଡି. ବର୍ମନ ଆଶା ଭୋସଲେ, ଆଉ କେଭେ ନଦିମ-ଶ୍ରବଣ-କୁମାର ସୋନୁଙ୍କୁ ସାଙ୍ଗେ ଦେଖବାରକେ ବହୁତ ମିଲୁଥିଲା । ହେନ୍ତା ଯଦି ଆମେ ଉଡିଆ ସିନାମାର କଥା ଦେଖମା ବଏଲେ ଅକ୍ଷୟ ମହାନ୍ତି-ଗୁରୁକୃଷ୍ଣ ଗୋସ୍ୱାମୀ, ପ୍ରଫୁଲ୍ଲକର-ଚିତ୍ତ ଜେନା, ଭୁବନେଶ୍ୱର ମିଶ୍ର-ବାଳକୃଷ୍ଣ ଦାସ, ସୌମ୍ୟଜିତ୍-ଜେସିକା ଯୁଡ଼ି କମାଲ ଦେଖେଇଛନ୍ । ଆଧୁନିକ ଗୀତର କଥା କହେଲେ ଶ୍ରୀକାନ୍ତ ଗୌତମ-ସରୋଜ ନନ୍ଦ, ଶ୍ରୀକାନ୍ତ ଗୌତମ-ବାବୁଲ ସୁପ୍ରିୟୋ ନଜରକେ ଆଏସନ । ଆମର ସମ୍ବଲପୁରୀ ଗୀତମାନକେ ଭି କେତେଟେ ହିଟ୍ ଯୁଡ଼ି ଆମେ ପାଏମା । କେଭେ ବିନୋଦ ପଶାୟତ-ଅରୁଣ ସେଠ, କେଭେ ଲାଲ ରତ୍ନକାର ସିଂହ-ଅରୁଣ ସେଠ, କେତେବେଲେ ଫେର ଅରୁଣ-ବିନୋଦ-

ଫକୀର, ଆଉ କେତେବେଳେ ଫକୀର-ବିନୋଦ, ମିତ୍ରଭାନୁ-ପ୍ରଭୁଦତ୍ତ-ଜିତେନ୍ଦ୍ରଙ୍କର ମିଳନ ଦେଖିବାରକେ ମିଳସି। ସମ୍ବଲପୁରୀ ଗୀତର ସର୍ବମାନ୍ୟ ଗାୟକ ହଉଛନ ଫକୀର ମୋହନ ପଟ୍ଟନାୟକ। ସବୁ ରକମର ସମ୍ବଲପୁରୀ ଗୀତ ଗାଇକରି ଯଦି ସେମାନଙ୍କୁ ହିଟ୍ କରିଛନ୍ ଆଉ ସମ୍ବଲପୁରୀ ଭାଷା, ସାହିତ୍ୟର ଗ୍ରହଣୀୟତାକେ ବଢ଼େଇଛନ୍ ବଏଲେ ସେ ହଉଛନ୍ ଫକୀର ପଟ୍ଟନାୟକ। କେତେଟେ ଗୀତିକାର ତାକର ଲାଗି ଗୀତ ଲେଖିଛନ୍। ବିନୋଦ ପଶାୟତ ତାକର ପ୍ରିୟ ଗୀତିକାର ଆନ୍ ଆଉ ଫକୀର ହଉଛନ୍ ବିନୋଦ ପଶାୟତଙ୍କର ସବୁନୁ ପ୍ରିୟ ଗାୟକ। ଯେତେବେଳେ ପହେଲା ପହେଲା ସମ୍ବଲପୁର ରେଡ଼ିଓ ଟେସନ୍ ୧୯୬୩ ମସିହାଥି ପ୍ରତିଷ୍ଠା ହେଲା ଆଉ ସମ୍ବଲପୁରୀ ଗୀତମାନେ ବାଜି ବସଲା। ଅରୁଣ ପ୍ରସନ୍ନ ସେଠ, ନରେନ୍ଦ୍ର ମହାରଣା ଗୀତମାନକର ଲାଗି ସ୍ୱର ସଂଯୋଜନା କରୁଥିଲେ। ପଛେ ପଛେ ପ୍ରଭୁଦତ୍ତ ପ୍ରଧାନ ଇ କାମଟା ତୁଲାଲେ। ଫେର ପ୍ରଫୁଲ୍ଲ ମିତ୍ର, ବିଜୟ ବେହେରା। ସମ୍ବଲପୁରୀ ଭାଷାର ଗୀତ ହିଟ୍ ହେବାର ପଛେ କେତେଟେ ଯୁଡ଼ିମାନକର ହାତ ଅଛେ। ଇଠାନେ ଫକୀର ପଟ୍ଟନାୟକ ଆଉ ବିନୋଦ କୁମାର ପଶାୟତଙ୍କର ବାବଦେ ଖାସ୍ କରି ଆଲୋଚନା କରାଯିବା।

ବିନୋଦ ପଶାୟତ ଆଉ ଫକୀର ପଟ୍ଟନାୟକ ଦୁହିଝନ ବଲାଙ୍ଗିର ଆଉ ସୋନପୁରନୁ ସମ୍ବଲପୁରକେ ଆସିଥିଲେ ଜୀବନ ଜୀବ୍‌କାର ଲାଗି। ଦୁହିଝନ ପହେଲା କରି ଦଲେଇପଡ଼ାନ ରହିଥିଲେ। ଦୁହିଝନକର ଜୀବନ ଥିଲା ସଂଘର୍ଷମୟ। ବିନୋଦ ବାବୁ ପୁରନ୍ଦର ପଶାୟତ ବାବୁକର ସେଲୁନ୍ ଦୁକାନେ କାମ୍ କରଲେ। ଫକୀର ବାବୁ ଗୁଟେ ସାଏକଲ ଦୁକାନେ। ବିନୋଦ ଛୁଆବେଲୁ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କର ରାମଜୀ ନାଟ୍ ପାଟିଥି ପାଟ୍ କରୁଥିଲେ। ଫକୀର ବାବୁ ସମ୍ବଲପୁରୀ ଗୀତ ସଙ୍ଗୀତର ସବୁ ଦିଗ୍‌କେ ଛୋଟ୍ ବେଲୁ ଅନୁଧ୍ୟାନ କରି ଆସୁଥିଲେ। ନାଟ୍, ତାମ୍‌ସା, ଯାତ୍ରା, ପୂଜା ପରବଥି ଆମର ସଂସ୍କୃତିର ଝଲକମାନଙ୍କୁ ଅନମାନ୍ କରି କରି ଭିନ୍ ଭିନ୍ ରକମର୍ ଗୀତ ତାକର ମୁଡ଼େ ଢୁକୁଥିଲା। ଯେନ୍ତା କି ଡଁଡ, ବାଁଡ଼ିବୁତଲ, ଦୁଆରୀ, ସଞ୍ଚାର, ପାଲା, ଡାଲଖାଇ, ସଜନୀ, ଗଲାର, ମାଏଲା ଜଡ଼, ଭଜନ, ବିରହ, ବାତ୍ସଲ୍ୟ, ପ୍ରେମ, ହାସ୍ୟ, ବ୍ୟଙ୍ଗ, ଲେଖେନ୍ ଗୀତମାନେ ସେ କେତେ ସହଜ ଆଉ ସୁନ୍ଦର ଭାବେ ଗାଇ ପାରୁଥିଲେ। ବିନୋଦ ଆଉ ଫକୀର ଗୁଟେ ପଡ଼ାନ ରହୁଥିଲେ ଭିଲ୍ କିହେ କାହାକେ ନାଇଁ ଚିହ୍ନିଥାଇ। କୁଞ୍ଜେଲପଡ଼ା ଛକେ ଅରୁଣ ସେଠ୍ ସମ୍ବଲପୁର ମ୍ୟୁଜିକ ଏସୋସିଏସନ୍ ଖୁଲିଥିଲେ। ହେନ ପହେଲା କରି ଦୁହେ ଦୁହିକୁ ଚିହ୍ନିଥିଲେ। କାଏଁ ଲଗନେ ଦୁହେ ଦୁହିକୁ ଭେଟ୍ ପଡ଼ଲେ ଯେ ଇ ଭେଟଘାଟ୍ ତାକର ଲାଗି ବରଦାନ୍ ପାଲଟିଗଲା। ଆଗକେ ଯାଇକରି ଦୁହିଝନ ମିଶି ଏନ୍ତା ଏନ୍ତା ଗୀତ୍ ସମାଜକେ ଭେଟିଦେଲେ ଯେ, ଆଏଜ୍ ତକ୍ ସେଟାମାନେ ଗୁଟେ ଗୁଟେ ରତ୍ନ ହେଇକରି ରହିଛେ। ଇତାକର ସମିଆ ଥିଲା ସମ୍ବଲପୁରୀ ଗୀତର ସୁବର୍ଣ୍ଣ ଯୁଗ। ପହେଲା କରି ବିନୋଦ ବାବୁକର ଗୀତ 'ଟେଭା ତଲେ କାଏଁ ରସବତୀ ଝାଏଁ ଝାଏଁ କରୁଛେ ନାଟ' ଗୀତକେ ଅରୁଣ ବାବୁକର ସ୍ୱର ସଂଯୋଜନାଥି ଗାଇଥିଲେ ଫକୀର ବାବୁ। ଇ ଗୀତ ସେତେବେଳେ ଶ୍ରୋତାକର ମନେ ଚହଲ ପକେଇ ଦେଇଥିଲା। ତାର ଉତାରୁ ବିନୋଦ ପଶାୟତ କେତ୍‌ନିକେତେ ଗୀତ୍ ଲେଖଲେ ଆଉ ଫକୀର ପଟ୍ଟନାୟକ ସେଟାମାନଙ୍କୁ ଗାଇ କରି ହିଟ୍ କରଲେ। ବିନୋଦ ପଶାୟତ ପୁରନ୍ଦର ପଶାୟତଙ୍କର ସେଲୁନ୍‌ଥି କାମ୍ କରଲା ପରେ ବୈଦ୍ୟନାଥ ଛକେ ଛୁଆଲି ଆସ୍‌ପାତାଲ ସାମ୍‌ନାଥି ନିଜର ଗୁଟେ ସେଲୁନ୍ ଖୁଲଲେ, ଯେନ୍‌ଟା ତାକର ଶେଷ ଜୀବନତକ ରହିଥିଲା। ପ୍ରଶାସନ ଯେତେବେଳେ ତାକର ମରଶରୀରକେ ସହର ଭିତରେ ବୁଲାବାର ଯୋଜନା କରଲା କେନ୍ତାକରି ସେଟା ତାକର ଦୁକାନ ହେଇକରି ଯିବା ସେ ବ୍ୟବସ୍ଥା କରିଥିଲା। ଯିଏ ଦେଖିଛେ ସେ ଦୃଶ୍ୟ, ବିଭୋର ହେଇଯାଇଛେ। ସେଟା ଗୁଟେ ସେଲୁନ୍ ନାଇଥାଇ। ଥିଲା ଗୁଟେ ସାଧନା ମନ୍ଦିର। ସେନ କେତେକେତେ ଲୋକମାନେ ଜମା ହଉଥିଲେ। ଫକୀର ବି ଆସୁଥିଲେ। ଦୁହିଝନ ଗୀତ ବାବ୍‌ଦେ ଚର୍ଚ୍ଚା କରୁଥିଲେ। କେଭେ ବିନୋଦ ନିଜର ଲେଖଲା ଗୀତ ଫକୀର ବାବୁକେ ଦଉଥିଲେ ତ କେଭେ ଫକୀର ବାବୁ ଗୀତର ବିଷୟବସ୍ତୁ ବିନୋଦଙ୍କୁ ଜନଉ ଥିଲେ। ବିନୋଦ ବାବୁକର ବନେ ଗୁଡ଼ାଦୁ ଗୀତର ସ୍ୱର ସଂଯୋଜନା ତ ଫକୀରବାବୁ କରିଛନ୍।

ଫକୀର-ବିନୋଦ ଯୁଡ଼ିର ବହୁତଟେ ହିଟ୍ ଗୀତ ଅଛେ। ସେ ଭିତରୁ କିଛିଟା ହଉଛେ 'ମୁକୁଟ୍ ପିନ୍ଧିକରି ବିହା ହେଇଗଲି', 'ସଭାକେ ବିଜେ ହେଲେ ଅବୁଝା ରଜା',

'ରଥର ଚକା ଗଲେ ଘିଡ଼ି ଘିଡ଼ି', 'ଏନ୍ତା ଜାନିଥିଲେ ମୁଇଁ ନାଇଁ ହେଇଥିତି ବିହାରେ ପିଆ', 'ଗୁନ୍ ଚିହ୍ନେ ଗୁନିଆଁ ସୁନା ଚିହ୍ନେ ବନିଆଁ', 'ସୁରୁବାଲିରେ ମୋର ବିର୍‌ହିଲହ ବହେ ଆଁଟେ', 'ବାଏଗନ ଲେଥାକେ ଆମ୍ବୁଲ ହେତା', 'ରୂପ ମୋର ହୁଁ କରେ ନାଇଁ ହାଁ କରେ ନାଇଁ', 'ଭାଲାରେ ଭାଲା ଗୁରୁନୁ ବଢ଼ିଗଲା ଚେଲା', 'ଆଁଖିରେ ଆଁଖି ତୋର କଜଲି ଆଁଖି ଦେଖି ଦେଲେ ନିଶା ଘାରୁଛେ', 'ନାକ୍ ଜାନିକରି ନାକ୍ ପୁଟ୍ କି କାନ୍ ଜାନି କରି ଦୁଲ୍', 'ବଢ଼ିଆ ଗୀତ୍‌ଟେ ଗାଉଛେଁ ମୁଇଁରେ ଅଡୁଆ ଲାଗ୍‌ବା ତୁମ୍‌କେ', 'ମୁଇଁ ଗାଉଛେଁ ସମଲପୁରୀ ଜି ରହୁ ସମଲପୁର', 'ଏ ନନୀ ସୁଲୋଚନା', 'ଗଲା ରାତି ଝୁମରାର ସୁରେ ଭର୍‌ମି ଦେଲି ତୋର ନାଁ', 'ମୋର ଲିଟି ଉଡ଼େ ଫୁରୁ ଫୁରୁରେ', 'ସରବ ସହନି ମାଁ ଗୋ ମୋର ଗରଭ୍‌ଧାରିଣୀ ମାଁ', 'ଗଲା ମାଲିରେ ଆଛା ବିଦେଶୀ ହେଲି', 'କାଲି କାଲି ବଲି ବିତିଗଲା କାଲି', 'ସାଗର କୁଲିଆ ତୁଲସୀ ରସିଆ', 'ଫୁଲ ଗଜରା କଲା ମତେ ବାଇ ଗା', 'ଦିନ୍ ଗନୁଛେଁ ରାଏତ୍ ଗନୁଛେଁ, ଆଉର ଗନୁଛେଁ ତରା'। ଯେନ୍‌ମାନେ ସମଲପୁରୀ ଗୀତକେ ଖାଲି ଶୃଙ୍ଗାରଧର୍ମୀ ବଲି ଭାବସନ୍, ସବୁ ରକମର୍ ଭାବକେ ନେଇକରି ଇ ଭାଷାଥି ସୁନ୍ଦର ସୁନ୍ଦର ଗୀତ ଲେଖି ନାଇଁ ହୁଏ ବଲସନ୍ ସେମାନକର ଲାଗି ଇ ଗୀତମାନେ ଉତ୍ତର ଆନ୍। ବିନୋଦ ପଶାୟତ ଆଉ ଫକୀର ପଟ୍ଟନାୟକ ଯୁଡ଼ିର ପହେଲା ଗୀତ ହଉଛେ 'ଟେଭା ତଲେ କାଏଁ ରସବତୀ ଝାଏଁ ଝାଏଁ କରୁଛେ ନନ୍ଟ'। ଅରୁଣ ସେଠକଁର ସ୍ୱର ସଂଯୋଜନାଥି ଇ ଗୀତଟା ଗୁଟେ ଶୃଙ୍ଗାରଧର୍ମୀ ଗୀତ ଆଏ। ଇ ଗୀତେ ଗୁଟେ ସୁନ୍ଦରୀ ଟୁକେଲର ବର୍ଣ୍ଣନ ହେଇଛେ।

ଟେଭା ତଲେ କାଏଁ ରସବତୀ
ଝାଏଁ ଝାଏଁ କରୁଛେ ନାଟ।୧।
କପାଲର ସିନ୍ଦୁରଟିକା ଦିଶେ ଲାଲ ଟହଟହ
ଇଟା ଦେଖି ହଲିଆ ପିଲାର ବହି ପଡେ ଲାଲ।୧।
କୁଁଚି କୁଁଚି ବାଲେ ତୋର ତେଲ୍ ଜର୍ ଜର୍
ଗଜଲି ଆଁଖିରେ ତୋର ଗହଲିର ଗାର କାଏଁ, କଜଲର ଗାର
ଆଡପନତ୍ ପନତ୍‌କାନି ଧନଗା ତୋର ଉଡ଼େ ଫରଫର।୨।
ନାମ ତୋର ସୁରୁବାଲି ମଝାଖୁଲି ଘର କାଏଁ, ମଝାଖୁଲି ଘର
ଗୁଡ଼ର ପଏଁରି ସାରେ କେଡ଼େ ଉଭାଗର
ଲାଲ ଟହଟହ ପାତଲ୍ ଘଁଟା ଧନଗା
ତୋର ଦିଶେ ଦୁଇ ଗାଲ।୩।

ଇ ଗୀତେ ଆମର ଆଡ଼ର ଟୁକେଲ ଗୁଟେର ପିନ୍ଧନ ଉଢ଼ନ, ସଜବାଜ, ରୂପର ଯେନ ବର୍ଣ୍ଣନା କରାଯାଇଛେ ସେଟା ଶୁନିକରି ଚିତ୍ରକର ଗୁଟେ ସୁନ୍ଦରୀ ସମଲପୁରୀଆ ନନୀର ଫଟୁଟେ କାଟି ଦେବା। ଇ ଗୀତଟା ସୁନ୍ଦରତାର ଜୟକାର କରୁଛେ। ଜୀବନ ଆନନ୍ଦମଏ କରବାର ଲାଗି ଇଟାକେ ସୁନ୍ଦର କରବାରକେ ପଡ଼ସି। ନାରୀ ହଉଛେ ପ୍ରକୃତର ଗୁଟେ ସୁନ୍ଦର ସୁରୁଷ୍ଟି। ଗୁଣ ସାଙ୍ଗେ ଯଦି ତାର ରୂପ ଭିଲ୍ ଅଛେ ବଏଲେ ହେନ୍‌ତା ବ୍ୟକ୍ତିତ୍ୱ ସମକର ମନକେ ଘିନି ନେଇ ପାରସି। ଇ ଗୀତଟା ସୁନ୍ଦରତାର ପୂଜାରୀ ସାଜିଛେ। ଯୁଆନ ମନକେ ଇନ୍ତା ସୁନ୍ଦର ଚେହେରା ରସେଇ ଦେସି। ସେ ମନେ ମନେ ସେ ଟୁକେଲକେ ନିଜର ଜୀବନ ବଗିଚା ଭିତରେ କିନ୍ଦରିବୁଲୁ ବଲି ଭାଲି ହେସି। ସାଙ୍ଗର ଜୁଲି କରି ଜୀବନସାରା ତାର ସାଙ୍ଗେ ରହେବାରକେ ଆଶ୍ ରଖିସି। ତାର ସାଙ୍ଗେ ମନ ଦିଆନିଆ ହେସି। ହେଲେ କାଣା ହେବା ଆମର ସଂସ୍କୃତିଥି ଗୁଟେ ପରମ୍ପରା ଅଛେ ଯେ ମା, ବାପା ଟୁକେଲ ଘରକେ ଯିବେ, ପସନ୍ଦ କରବେ। ସେମାନକର ପସନ୍ଦ ନାପସନ୍ଦ ଉପରେ ବହୁତ କିଛି ନିର୍ଭର କରସି। ହେଥିର ଲାଗି ପିଲା ଖାଲି ଟୁକେଲ ସାଙ୍ଗେ ଭେଟଘାଟ୍ ହଉଥିସି। ଦୁହେ ଦୁହିକୁ ନେଇକରି କେତେ ସପନ୍ ଦେଖୁଥିସନ୍। ରଷା, ଫୁଲା, ମାନ୍, ଅଭିମାନ, ହଁସା, ଗୀଜ୍‌ରା, ଭାବ ଦିଆନିଆ ହଉଥିସନ୍। ଇ ଭାବ୍ ଦିଆନିଆକେ ନେଇକରି ଫକୀର-ବିନୋଦ ଯୁଡ଼ି ଏନ୍ତା ଗୁଟେ ଗୀତ ସୁରୁଷ୍ଟି କରିଛନ୍ ଯେନ୍‌ଟା କି ସମ୍ବଲପୁରୀ ଭାଷାର ମାଇଲଖୁଁଟ୍ ଆଏ। ଗୀତଟା ହଉଛେ -

ପୁ - ଏ ନନୀ ସୁଲୋଚନା, ତୋର ଚେହେରା ସୁହୁଲ ଅନା
ତହୁଁ ବଢ଼ି ଚାରନାରେ ତୋର ଗାଲର ରାଶି ଚିହ୍ନା
ମହକୁଛୁ ହେନା ଅତର, ତୋର ବଏସ ହେଲେ ହେବା ସୁଲହ ସତର
ତୋର ଚାଲିଥି କାଏଁ ଝରେ ଝରନା

ପୁ+ସ୍ତ୍ରୀ - ତାରେ ନାରେ ତାରେ ନାନା ମୋର ରୁମ୍‌କୁଝୁମାନା ନା।୦।

ଝିଲିମିଲି ଆଁଖି କଲଜଗାର ତୋର ଧେନୁ ଲେଖେ ଦୁହିଭୁଲତା, ଆହା ଧନ ଅଖିର ଛଟା ମୁହୁଁ ମଲ୍‌କା

କଲା ମେଘ ବାଗିର ମୁକୁଲା ବାଲ ତୋର ଲହଁକି ଯାଉଛେ ଅଁଟା

ମହୁଝରା ମୁହୁଁର କଥା ଶୁନୁଥିଲେ ନାଇଁ ପଡ଼େ କିଛି ସୁରତା

ରୂପ ରାଇଜର ପରୀ ତୁଇ କିଏ ହେବା ତୋର ସରି କାଏଁ କିଏ ହେବା ତୋର ସରି

ଧାର ମୁହିଁ ଲାଜକୁରି ତୁଇ କନକ ଚଁପା ଗୁରି କାଏଁ କନକ ଚଁପା ଗୁରି

ଓ..... ତତେ ଯିଏ ଭି ବନେଇଥିବା ସେ ବି ଦେଖିଲେ ଲୁଭଇ ଯିବା କେନ୍ତେଇ ତତେ କଲା ରଚନା

ସ୍ତ୍ରୀ - ଇ ମା ଯା..... ଖଁଡେ ଧାନେ ପୋଲ ଉନେଇଶ ତାମି ତୋର ଜବାବର ନାଇଁ ଠିକାନା

ଏ ପିଲା ପଡ଼ିଗଲେ ଜନା ଯିମା ସଦର ଥାନା

ଗନି ନେମା ଜରିବାନା

ପୁ - କାଏଁ ବଏଲୁ ? ଏ ନନୀ ସୁଲୋଚନା....।୧।

ଇଟା ଖାଲି ଗୁଟେ ପ୍ରେମ ଗୀତ ବଏଲେ ପୁରାପୁରି ଭୁଲ ହେବା। କେତେ ସୁନ୍ଦର ଢଙ୍ଗେ ପ୍ରେମିକ ପ୍ରେମିକା ସେମାନକର ମନର କଥାକେ ପର୍‌ସି ଦେଇଛନ୍ ଇ ଗୀତଥି ଯେ ଇନ୍ତା ଭାବଭରା ଗୀତ ଆମର ଭାଷାଥି ଏକଦମ୍ କମ୍ ଦେଖବାରକେ ମିଲ୍‌ସି। ଟୁକେଲର ରୂପକେ ଭାଷାଥି ଉତ୍ରାବାରଟା ବିନୋଦ ବାବୁକର କଲମର କମାଲ ତ ଆଏ। ଖାଲି ହେତ୍‌କି ନୁହେସେ ତାକର ସୌନ୍ଦର୍ଯ୍ୟ ଚେତନାର ସ୍ତର କେତେ ଉଁଚା ଥିଲା ଇଥୁ ଜନା ପଡ଼ସି। ଶବ୍ଦ ସଂଯୋଜନା ସାଙ୍ଗେ ପଦ୍ ଲାଲିତ୍ୟ, ପ୍ରେମ ଭାବକେ ଅନୁଭବ କରଲେ ଘାଏକର ଲାଗି ଶ୍ରୋତା ପୀର୍ତି ସାଗରଥି ବୁଡ଼ିଯାଏସି। ଦୁହେ ଦୁହିକୁ ଏତ୍‌କି ଭଲ୍ ପାଇଛନ୍ ଯେ କିହେ କାହାରନୁ ଛଡ଼ାଛଡ଼ି ହେବାରକେ ତ ନାଇଁ ଚାହେଁବାର ତାର ସାଙ୍ଗେ ସାରା ଜୀବନ ସାଙ୍ଗେ ରହେବାରକେ ଛଟ୍‌ପଟ୍ ହଉଛନ୍। ମନ କେତେବେଲେ ଗୁଲାପ୍ ଫୁଲ ସାଜିଛେ ତ ଆଉ କେତେବେଲେ ଭମର୍ ସାଜିଛେ। ସବୁବେଳେ ପ୍ରେମିକାର ପାଖେ ପାଖେ ଦେଖବାର ଇଚ୍ଛା କରିଛେ। ଟୁକେଲ ତାହାକେ ଆଶାଶୁନା ଦେଇ କହୁଛେ ସେ ବନାଲହ ନାଇଁ ମାଡ଼ି, ହଜି ଯିବାର ଡର ନାଇଁନ। ବନାଲହ ଆମର ଫାଲର ଗୁଟେ ବିଶ୍ୱାସ ଆଏ। କହେସନ୍ ଗନ୍ଧମାର୍ଦ୍ଦିନ ପର୍ବତଥି ବନାଲହ ବଲି ଗୁଟେ ଲହ ହେସି। ହେଟା ଯିଏ ମାଡ଼ିଦେଲା ସେ ବାଟ୍ ବନା ହେଇଯାଏସି। ନିଜର ଗୀତେ ଏନ୍ତା ଶବ୍ଦମାନେ ଭରବାରଟା ସବୁ କବିମାନକର ଲାଗି ସହଜ କଥା ନୁହେ ସେ। ଇଥୁ ବିନୋଦ ବାବୁକର ଭିତରର୍ ପ୍ରଖର କବିତ୍ୱ ଭାବର ପ୍ରମାଣ ମିଲସି। ପିର୍ତିଭରା ଶବ୍ଦମାନକର ସାଙ୍ଗେ ଟପା ଦାଏକା ଭରବାରଟା ଆଉ ତାହାକେ ନିଏ ଦେବାରଟା କାଠିକର ପାଠ୍ ଆଏ। ନ ପଶାୟତ ବାବୁକର ବହୁତଟେ ଗୀତଥି ଟପା ଦାଏକା, ଢଗ ଦେଖବାରକେ ମିଲସି। ଯେନ୍‌ତା ପଛେ ପଛେ ପରମ୍ପରା ବନିଗଲା ଆଉ ଆଝରକା ଗୀତମାନକୁ ଟପାଦାଏକା ବଦ୍‌ଲେ ହିନ୍ଦୀ ସାଏରୀ ଭରିଦିଆଯାଉଛେ। ସେବେଳର ଆଉ ଇ ବେଳର ଗୀତ ଭିତରେ କେତେ ଯେ ଫରକ 'ଏ ନନୀ ସୁଲୋଚନା' ଗୀତକେ ଅନୁଧ୍ୟାନ କରେ ସହଜ କରି ବୁଝି ହେସି। 'ଖଁଡ଼େ ଧାନେ ପୋଲ ଉନେଇଶ ତାମି', 'ଦେଶୀ କୁକୁରାକେ ବିଲାତି ଚାଲି', 'ଯାହାର ମନ ଯେନ୍‌କେ ରସେରେ ରସାଲି ମଲିଫୁଲ ଫୁଲ ବାସେ', ଲେଖେନ୍ ଦାଏମା ଗୀତକେ ଗୁଟେ ନୂଆଁ ସୁଆଦ ଦେଇଥିଲା ସତୁର ଦଶକଥି। ପ୍ରଭୁଦତ୍ତ ପ୍ରଧାନକଁର ସଙ୍ଗୀତ ସଂଯୋଜନାଥି ତିଆର ହେଇଥିବାର ଗ୍ରାମଫୋନ୍ ରେକର୍ଡର ଇ ଗୀତ ଆଏଜ୍ ମିଶା ତାଜା ହେଇ ରହିଛେ। ପ୍ରେମ ଆଧାରିତ ସୁପର୍‌ହିଟ୍ ସମଲପୁରୀ ଗୀତ ଭିତରେ ଇ ଗୀତର ଦର୍ଜା ବହୁତ ଉପରେ। ଗୀତଟା ଫକୀର-ବିନୋଦ ଯୁଡ଼ିର ଗୁଟେ ମାଷ୍ଟର ପିସ୍। ଯେତେବେଳେ ଭିଲ୍ ସମଲପୁରୀ ଗୀତର ଆଲୋଚନା ହେବା 'ସୁଲୋଚନା' ଗୀତର କଥା ଜରୁର ପଡ଼ବା।

ପିଲା ଟୁକେଲ ଗୁଟେ ସମିଆତକ କାଏନ ପ୍ରେମିକ-ପ୍ରେମିକା ହେଇକରି ରହି ପାରବେ। କେଭେ ତ ସେମାନକୁ ବିହାବରପନ୍ ହେବାରକେ ପଡ଼ବା। ମା, ବୁଆର ଅନୁମତି ବିନା ସଭ୍ୟ ସମାଜର ବିହା ବରପନ୍ ନାଇଁ ହୁଏ। ହେଥିର ଲାଗି ପିଲା ବହୁତ ଭାବିଛେ। ଟୁକେଲର କଥା ଭାବି ଭାବି ସପନ୍ ଦେଖି ପକେଇଛେ ଆଉ ତାର ନାଁକେ ଭରମି ହେଇଛେ। ଇଥୁ ତାର ମାକେ ପତା ଚଲିଛେ ଆଉ ତାକର ଘରର ଲୋକ ଟୁକେଲକେ ଦେଖିଯିବେ ବଲି କଥା ହେଇଛନ। ଇ ବିଷେକେ ନେଇକରି ବିନୋଦ ପଶାଏତ ବଢ଼ିଆ ଗୀତଟେ ଲେଖିଥିଲେ ଆଉ ତାହାକେ ଅତି ସୁନ୍ଦର ଭାବେ ଗାଇ କରି ଫକୀର ପଟ୍ଟନାୟକ ଜୀବନ୍ତ କରି

ଦେଇଥିଲେ । ଗୀତଟା ହଉଛେ -

ଗଲା ରାତି ଝୁମରାର ସୁରେ ଭରମି ଦେଲି ତୋର ନା
ପାଖର ଘରେ ଶୁଇଥିଲା ଶୁନି ପାଏଲା
ମୋର ମା, ଗଲା ରାତିରେ
ଆଜି ଆମର ଘରେ କଥା ପଡ଼ିଥିଲା ସଜନୀରେ
ତତେ ପରେ ଦେଖିଯିବେ ତୁମର ଗାଁ
ଆହା ମୋର ସପନ ସୁନ୍ଦେରୀ, ଚନ୍ଦର ଉଦାଁ ଫୁଲଝରି
କେନ୍ ଲଗନେ ଦୁହେ ଦୁହିକୁ ହେମା ଜୁରାଜୁରି...
ଆହା ମୋର କନକ ଗୁରି....

ଯେତେବେଳେ ପିଲା ଜାନବାରକେ ପାଇଛେ ତାର ସାଙ୍ଗେ ବିହା କରବାରକେ ଟୁକେଲ ଘରେ ମନା କରୁଛନ ସେ କହୁଛେ - ଆମେ ଦୁହେ ତ ଯୁଗ ଯୁଗର ଲାଗି ବନିଛୁଁ ଆଉ ଯଦି ତୁଇ ମତେ ନାଇଁ ମିଲବୁ ବଏଲେ ଥାନା ପଛେ ଯିମି ତତେ ମୋର କନିଆଁ କରି ଯେନ୍ତା କରଲେ ବି ଆନ୍‌ମି । ତୋର ଲାଗି ଦରକାର ପଡ଼ଲେ ବଦ୍‌ନାମ ହେମି, ଜୀବନ ଗଲେ ଦେଇ ନେମି । ପ୍ରେମର ଇ ପରାକାଷ୍ଠା ଗୀତ ମାଧ୍ୟମଥି ଶୁନିକରି ସେତେବେଳେ ଯୁଆନ ପିଲା ଟୁକେଲମାନକର ମନ୍ ଚଲ୍ କରିଥିଲା । ସେମାନେ ଅତି ସରାଗେ ଆଦ୍‌ରି ନେଇଥିଲେ ଇ ଗୀତ୍, ଆଉ ଆଜି ଭିଲ୍ ଇ ଗୀତ ଶୁନଲେ ବିନୋଦ ପଶାୟତକଁର ରସିଆ ଭାବ୍‌କେ ଅନମାନ କରିହେସି । କଁଚା ସମଲପୁରୀ ଯଦି ବଅଁଚି ରହିଛେ ବଏଲେ ଇ ଗୀତମାନକ । ଇ ଗୀତମାନକୁ ଇଁଚରାବାର ଇଟା ଠିକ୍ ସମିଆ ଲେଖେନ୍ ଲାଗୁଛେ । ପ୍ରେମିକାକେ ତାର ପ୍ରେମିକ ବିହା ନାଇଁ ହେବାରତକ୍ ତାହାକେ ପାଏବାର କାଜେ କେତେ ଗୁଲେଇ ଘାଁଟି ହେଇଛେ ଆଉ ଗାଉଛେ -

ଆହା ସୁରୁବାଲି ବାହାଲର ବୁରୋଲଟି
ତତେ ଅନୁସରି ରହିଛେ ଟାକି, ଗଲାମାଲି ଧନମାଲି
ଦେଖୁଛୁ ନାଇଁ ଲେଉଟି ଗଲାମାଲିରେ...।୦।
ଏ ରେଙ୍ଗାଲ ଗଛର କର୍‌ଚା
ନାଇଁ ଦେଖିଲେ ଧୁକୁର ପୁକୁର
ଦେଖି ଦେଲେ ମନ ପଏରଛା
ଖଇର ଗଛର ଛାଲି ଉଲଟେଇ ପୁଲଟେଇ
ଯେନ୍ତା ଦେଖଲି ସେ ବିଟ୍ ବିଟ୍ କାଲି
ଆହା ଗଜାମୁଗ ମନୁ ନାଇଁ ଯିବୁ ଭୁଲି ।୧।
ସୁରୁବାଲିରେ ମୋର ବିରିଲହ ବାହେ ଆଁଟେ
କାହାର ଦିଆନିଆ କାହାକେ ଅଁଟେ ଗଲାମାଲି, ଧନମାଲି
କଥା ରହିଥିସି ଗୁଟେ ଗଲାମାଲିରେ
ଏ ଶଗଡ଼ ଚକାର କାନଖଲା, ତୁମକୁ ଦେଖଲେ
ଚିକନଚାକନ, ମୁଇଁ ହେଇଗଲି ଗୁଲଗୁଲା
ଅରଦା ବଛା ଭିରକିସି, ଭିତରି ବାହାରି ଯେନ୍ତା ଫାନ୍ଦଲେ ଛାଏଁ
ଦେଖିକରି ଚମକିସି
ଆହା ଗଲାମାଲି ମନୁ ନାଇଁ ଦେବୁ ମୁରଛି ।୨।
ସୁରୁବାଲିରେ ମୋର ପଁଡକା ଘୁରୁଛେ ଡାଲେ
କଥା ଦେଇଥିଲୁ, ଦିନର ବେଳେ ଧନମାଲି, ସୁରୁବାଲି
ନାଇଁ ଆଏଲୁ କାଏଁ ହେଲେ
ମିର୍‌ଚା ଟୁପ୍‌ଲି ଧନେ, ମୁଇଁ କହିଦେଲେ ଚର୍‌ଚରାସି ତୁମେ
କହିଦେଲେ ବନେ
ପାନ୍ ଖାଇଥିସ ଖଏରା ମୁଲ୍‌କି ମୁଲ୍‌କି ହସି ଦେଇକରି କଥା
କହି ସେସ ଗହେରା
ଆହା ଗଜାମୁଗ ତୁମର କଥା ଝୁରୁମୁରା ।୩।

ବିହାଘରଟା ଠିକ୍ ହେଇ ଯାଇଛେ ଯେତେବେଳେ ମନଟା ଉସତ୍ ହଉଥିବା ଯେନ୍ତା କଲେ ଭିଲ୍ । ହେଥିର୍ ଲାଗି ତାର ଭାବନାଥି ଆନନ୍ଦର ଫୁଲଝରି ଫୁଟୁଛେ । ସେ ନିଜର ଜୀବନର ଧନକେ ଗଲାମାଲି ଧନମାଲି, ସୁରୁବାଲି, ଗଜାମୁଗ କେତେ ନା ଧରି ଡାକୁଛେ ଆଉ ଛଟା ଦାଏକାଥି ନିଜର ଉସତ୍ ଭାବକେ ପ୍ରକଟ କରୁଛେ । ଭିନ୍ ଭିନ୍ ଭାବ, ରସ, ରଙ୍ଗର ସମାହାର ଇ ଯେନ୍ ଜୀବନ୍ ହେଟାକେ ବିନୋଦ ପଶାୟତ ଯେନ୍ତ ଅନୁଭବ କରି ଗୀତେ ଉତରେଇ ଆନୁଥିଲେ ଫକୀର ପଟ୍ଟନାୟକ ସେ ଭାବ-ରଙ୍ଗ-ରସମାନକୁ ମଧ୍ୟେ ଉତରେଇ ଆନୁଥିଲେ ନିଜର ମଧୁର ଗୀତର ଅବିନବ ଚାତୁରିଥି । ଯେନଥିର ଲାଗି ଶୁନୁଥା ବାଗିର ଲାଗୁଥିସି ତାକର ଗୀତମାନେ । ମନ କହୁଥିସି ଓଲ୍ଟ ଇଜ୍ ଗୋଲ୍‌ଡ । ପିଲା ମୁକୁଟ୍ ପିନ୍ଧିକରି ବିହା ହେଇଗଲା । ବିହାଗୀତ ବି କବି ଲେଖଲେ ଆଉ ଫକୀର ଗାଏଲେ । ଗୀତଟା ଥିଲା 'ମୁକୁଟ ପିନ୍ଧି ବିହା ହେଇଗଲି' । ଯାହାକେ ଚାହିଁଥିଲା ତାହାକେ ପାଏଲା । ମଧୁ ରାତିଥି ତାର ଜୀବର ଧନକେ ଦେଖିକରି ବାଇ ହେଇ ଯାଇଛେ ଆଉ କହୁଛେ -

ଫୁଲ ଗଜରା କଲା ମତେ ବାଇଗା ନାଟ୍‌ପୁଟ୍‌କି ଝରାଗୁନା ନ ।୦।

ରସରସିଆ କଥାର ସାଙ୍ଗେ ମୁଲ୍‌କି ମୁଲ୍‌କି ହଁସି
ଲାଲ ଗୁଲାବି ପରଦା ଶାଢ଼ୀ ତାହାକେ ନେସି ବେଟି
ନାଇଁ ଦେଖିଲେ ମୁଇଁ ହେସି ଇଥି ତାହିଁ
ଚାରହି କୁତି ଅନ୍ଧାର ଦିଶେ ମତେ ଗା ତାହାକେ ଦେଖିଲେ
ନାଇଁରେ।୧।
ହାଏ ବିଧାତା କେନ୍ତା ସୁନ୍ଦର ତାହାକେ ଦେଇଛୁ ଗଢ଼ି
ଗୁରି ଜରଜର ଦେହେ ଦେଖିଲେ ମନଟା ଯାଏସି ଝଡ଼ି
ଦେଖିଲେ ଜନକ ରାତି ଦୁଲ୍‌କି ଉଠେ ଛାତି
ମରିଗଲେ ମରି ଯାଏତିଁ ଧନଗା ନାଇଁ ପାରୁଛେଁ ସହିରେ।୨।

ମନର ମିତକେ ପାଇକରି ତାର ସାଙ୍ଗେ ଜୀବନ ବିତେଇ ଚାଲିଛେ ନାୟକ। ହସି, କାନ୍ଦି, ସୁଖ, ଦୁଃଖ ସବୁ ରକମର ସ୍ଥିତି ଭିତରେ କବାର କମ୍, ଖିଆପିଆ, ବୁଲା କିନ୍ଦରା, ଦୁନିଆଁ କଥା। ଇସବୁକେ ନେଇକରି ମୁନୁଷର ସଁସାର। ସଁସାରର ଭିନ୍ ଭିନ୍ ଅବସ୍ଥାକେ ସଭେ ଜିଇଁଲା ବାଗିର ଫକୀର-ବିନୋଦ ବି ଜିଇଁଛନ୍ ଆଉ ସେଟାମାନକୁ ନିଜର ପ୍ରତିଭା ମଧ୍ୟ ମଥି ଉବାଗର କରିଛନ୍। ଯାହାର ପ୍ରଭାବଥି ସମାଜ ବି ପ୍ରଭାବିତ ହେଇଛେ ବଲି ଲୋକ ଭିତରେ ସେମାନେ ଜିଇଁଛନ୍ ଆଉ ଆମେ ସେମାନକୁ ତାକର କୃତି ଜରିଆଥି ହେଜୁଛୁଁ। ନାୟକ ନିଜର ସିଆନିର ହାତର ରନ୍ଧା ଖାଇ କରି ତୃପ୍ତ ହେଇଛେ। ମନ୍ କରୁଛେ ଖଅଏବାରକେ ଲେଥା ଆଉ ଗୀତର ମାଧ୍ୟମଥି ବାବୁରେ 'ବାଏଗନ ଲେଥାକେ ଆମୁଲ ହେତା'। ଆମର ସଂସ୍କୃତିଥି ଖାନ୍‌ପାନ୍‌ର ବିଶେଷ ମହତ୍ୱ ଅଛେ। ପରିଚୟ ବି ଅଛେ। ଲେଥା ଆମର ସଂସ୍କୃତିର ଗୁଟେ ପହେଚାନ ଆଏ। ଲେଥା ତୁନ ଯିଏ ଖାଇଛେ ସେ ଜାନିଛେ ତାର ମଜା। ମାଏନ୍ ମାଏନ୍‌ସା ତୁନସାଗ୍ ସାଙ୍ଗେ ଆମୁଲ ଯଦି ପଡ଼ିଛେ ନାଇଁ, କାଣା କହେବ ତାର ସୁଆଦ। ନାୟକ ଇ ତୁନ୍‌କେ ହେଜିକରି ଜିଭୁ ଲାଲ ଥିପଉଛେ। ଇ ଚିତ୍ରକେ ବିନୋଦ୍ ବାବୁ ବଢ଼ିଆ ଭାବେ ବର୍ଣ୍ଣନା କରିପାରିଛନ୍। ଦୁହି ଝନକର ଭିତରେ ମାୟା ମମତା ବଢ଼ିଛେ। କିହେ କାହାକେ ଛଡ଼ାଛଡ଼ି ନାଇଁ ହେବାରକେ ମନ୍ କରବାର। ହେଲେ କାଣା କରାଯାଏ ସଁସାରେ ଥିଲେ ବାର କାମ୍‌ବୁତା। ନାହେତ ସଁସାର ରଥ ନାଇଁ ଚଲିପାରେ। କେତେବେଲେ କନିଆଁ ଦୂରକେ ଯିବା କେନ୍‌ସି କାରନ୍ ଲାଗି ତ କେତେବେଲେ ମୁନୁଷ ପିଲା। ଇନ୍ତାଥି ଦମ ଧରବାର ଛଡ଼ା ଆଉ କାଣା କରାଯାଇପାରେ। ହେଲେ ଝନେ ଯଦି ଦୂରେ ଅଛେ ବଏଲେ ତାହାକେ ମନ ଝୁରି ହେବାନ। ଦୁଃଖମନା ବି ହେଇ ପାରେ ଆଉ କହିପାରେ 'କାଲି କାଲି ବଲି ବିତିଗଲା କାଲି', 'ଏନ୍ତା କଥା ଜାନିଥିଲେ ମୁଇଁ ନାଇଁ ହେଇଥିତି ବିହାରେ ପିଆ'। କେଭେ ଫେର ପିଲା ନାଟ୍ ତାମ୍‌ସାର ମାଧ୍ୟମଥି କବାର କରି ଯାଇଛେ ଦୁସ୍‌ରା ଜାଗା। ସେନ କେଭେ ସେ ଦୁଆରି ବାହାରି କରି ଲୁକ୍‌କୁ ହଁସେଇଛେ ଫାରସ୍ ଗୀତ ଗାଇକରି -

ଲିଟି ଉଡେ ଫୁରୁଫୁରୁରେ ମୋର ନାମ ଟେକାରୁ।୦।
ତିନ ଦିନ ହେଲା ମୁଇଁ ତେଲ ମାଖି ନାଇଁ କାଏଁ ମାଲ୍‌ପା ମାଖି ନାଇଁ
ବାଲ ହେଲାନ କଏରୁରେ ମୋର ନାମ ଟେକାରୁ।୧।
ମଏନା ପୁସିଥିଲିରେ ଗାଙ୍ଗେଇ ମାରିଗଲି କାଏଁ ଝିଁଟ୍‌କା ମାରିଗଲି
ମଏନା କରେ କୁରୁ କୁରେରେ ମୋର ନାମ୍ ଟେକାରୁ।୨।
ଗେଡ଼ାଗେଡ଼ା ଛୁଆ ମୁଇଁ ହଉଛେଁ ଅଚାବୁହା କାଏଁ ହଉଛେ ଅଚାବୁହା
ତାକର ନାଁ ଗୁରୁବାରୁ, ଚିଙ୍ଗୁରୁ, କୁନ୍ଦୁରେ ମୋର ନାମ୍ ଟେକାରୁ।୩।
ମାଆର ନା ସୁହାଗି ମୋର ବାପର ନା ବୈରାଗି କାଏଁ ବାପର୍
ନା ବୈରାଗୀ
ଆମର ବଡ଼ଖାଟାର ନାଁ ଫେଁକାରୁରେ ମୋର ନାମ୍ ଟେକାରୁ।୪।
ଶଶୁର ମୋର ଝିଟପିଟିରେ ଶାଶୁର ନା ଶୁରକୁଟିରେ ଶାଶୁର ନା
ଶୁରକୁଟି
ଶଲା ଶାଲିରେ କଠୁରୁରେ ମୋର ନାମ୍ ଟେକାରୁ।୫।

ଆମର ଫାଲେ ନାଟ୍ ହେଲେ ହେଥି ଆଗ ଦୁଆରି ବାହାରସି। ଦର୍ଶକମାନକୁ ମଜା କରି ମନୋରଞ୍ଜନ କରସି, ଲୋକ୍ ଜମା କରସି। ଗୀତେ ଗୀତେ ଖେଚଡ଼େ ଖେଚଡ଼େ ସଚେତନତା ବାର୍ତ୍ତା ଦେସି। ହେଟା ଅନମାନ୍ କରିଛନ୍ କବି ବିନୋଦ ପଶାୟତ ଆଉ ଦୁଆରୀର ଲାଗି ବି ଗୀତ ଲେଖିଛନ୍। ଯେନଥିରେ ସେ ତେଲ୍ ନାଇଁ ମାଖିଲେ କାଣା ଅସୁବିଧା ହେସି, ଜୀବଜନ୍ତୁ ପୁଶ୍‌ଲେ ତାକର ଲାଗି ଚରା ଜୁଗାଡ଼ କରବାର କେ ପଡ଼ସି, ଗୁହୁଡ଼େ ଛୁଆ ଜନମ୍ କରଲେ ସେମାନକୁ ଧିଆନ୍ ରଖି ନାଇଁ ହୁଏ ବଲି କହୁଛନ୍। ଇ ଦୁଆରି ଗୀତଟାକେ ଫକୀର ବାବୁ ଏନ୍ତା ଶଏଲିଥି ଗାଇଛନ୍ ଯେ ଆଏଜ୍ ଯାଏକ୍ ଲୋକ୍ ସୁମ୍‌ରି ହଉଛନ୍। ଏନ୍ତା ଗୀତଗୁଟେ ଆଉ ସମଲପୁରୀ ଭାଷାଥି ନୁହେଁ ବନି ପାରେ ତାଏଲ୍। ତାକର ଆଉ ଗୁଟେ ଦୁଆରି ଗୀତ ହଉଛେ 'ସଭାକେ ବିଜେ ହେଲେ ଅବୁଝା ରଜା ହୋ'। ନାୟକ କେତେବେଲେ ନାଟେ ପାଟ୍ କରିଛେ ତ କେତେବେଲେ ଡଁଡେ, ଡଁଡେ ପାଟ୍ କରଲା ବେଲର ଗୀତ ବି ପଶାଏତ୍ ବାବୁକଁର

କଲମ୍ ଥି ଦେଖିବାରକେ ମିଲସି ।ସ ଟୋ ହଉଛେ -

ବୋଇଲେ ରାଧିକା ଶୁନଲୋ ଦୂତି ଶୁନଲୁ ଦୂତି
ଜର ଦେଲା ମତେ ପାହାଁତି ରାତି ପାହାଁତି ରାତି
କାହିଁ ମୁଡ଼ ଦୁଖା ସେ ବଥା ଭିତରରେ
ବଇଦ ଦେଖିଲା ନାଡ଼ି
କହିଲା ବିଷମ ଜର ହୋ ଦୁତିକା
ନାଇଁ ଲାଗେ ଭୁତି ଜଡ଼ିଲେ ଦୂତିକା

ପଶ୍ଚିମ ଓଡ଼ିଶାଥି ଡଁଡର ପ୍ରଭାବ କେତ୍‌ନିକେତେ। ଇତାର ଗୁଟେ ଗୌରବମଏ ଇତିହାସ ଅଛେ। ନା ଆମର ଫାଲେ 'ବାଁଡ଼ି ବୁତଲ'କେ ଲୋକ ବହୁତ ପସନ୍ଦ କରୁଥିଲେ। ରାଧା, କୃଷ୍ଣ, ଦୂତିକା, ବାଣି ବୁତଲ, ଚନ୍ଦ୍ରଥସେନାକେ ନେଇକରି ରାଧାକୃଷ୍ଣ ପ୍ରେମ କଥାକେ ଯେନ୍ ଢଙ୍ଗେ ପରସା ଯାଉଥିଲା ସେଟାକେ ଦେଖିବାର ଲାଗି ଦର୍ଶକ ରାଏତ୍ ସଏରତା ଚେତୁଥିଲେ। ଇ ଡଁଡେ କେତେ ରକମର ଗୀତ ଦେଖିବାରକେ ମିଲସି। ଉପରର ଗୀତ ସେ ଭିତରୁ ଗୁଟେ ଆଏ। ଛୁଆବେଲୁ ନାଟ୍ ତାମ୍‌ସା କରି କରି ବିନୋଦ ବାବୁକର ଦିହେ କଲା ବଲବାର ଜିନିଷଟା ରଚି ଯାଇଥିଲା। ହେଥିର୍ ଲାଗି ପ୍ରଦର୍ଶନ କଲାର ଭିନ୍ ଭିନ୍ ଦିଗ୍‌କେ ନେଇକରି ସୁନ୍ଦର ସୁନ୍ଦର କବିତା ଲେଖି ପାରୁଥିଲେ। ନିଜର ଲୋକମାନକରନୁ ଦୂରକେ ଗଲେ ସେମାନେ ସୋର ପଡସନ। ନାୟକ ବି ବାହାରକେ କମେଇ ଯାଇଛେ ଘର ଛାଡ଼ି କରି। ସେନ ରହିକରି ନିଜର କନିଆଁ, ନିଜର ମାଁ କେ ସୋର କରୁଛେ। କନିଆଁକେ ସୋର କରି କରି କହୁଛେ 'ଗଲା ମାଲିରେ ଆଛ୍ଚା ବିଦେଶୀ ହେଲି'। ଜନମ୍ କରଲା ମାଁର କଥା ବି ତାର ସୋର ପଡୁଛେ ହେଲେ ସେ ଆଉ ଇ ଦୁନିଆଁଥି ନାଇଁନ। ସେ ଭାବି ଭାବି ଆଁଖିନୁ ଲୁହୁ ଝରଉଛେ -

ଦିନିଆଁରେ ସବୁ ମିଲି ଯାଏସି ହୋ ଭାଇ ମାଆ ପଦ୍ ନାଇଁ ମିଲେ
ଆରେ ମାଆର ମୁହର କଥା ଖଁଡ ମଧୁର ହୋ ଭାଇ, ପୁଅ ବଲି ଡାକିଦେଲେ
ସରବ ସହନି ମା ଗୋ ତୁଇ ଗରଭ ଧାରନି ମାଗୋ
ଆରେ ମାଆର ଠାନୁ ବଲି ଇ ଦୁନିଆଁରେ କିଏ ଅଛେ ଆଉ କହତ
ମା... ମା... ମା.....
ମାଆର ବିନେ ଇନକେ କିଏ ଆସିଛେ
ମାଆକେ ଛାଡ଼ି ହୋ କିଏ ରହିଛେ
ମାଆର ସେନେହ ନାଇଁ ପାଇ ଯିଏ ହୋ ଭାଇ
ଜିଇଁ ଥାଉନ ଥାଉନ ସେ ମରିଛେ
ଆର ମାଆ ପଦ୍‌କେ ପାସରି ଦେଇ କେନ୍ତା ରହେବ ରହତ
ଆରେ ଦୁନିଆଁରେ ଯାଆର ମାଆ ନାଇନ
ଯେତେ ଥିଲେ ମିଶାନ୍ କିହେ ନାଇଁନ
ଆଉ ବାକି ଲୋକ୍ ଅଲଗେ ଥାଇ ହୋ ଭାଇ
ଆହା ଆ। କରୁଥିବେ କାଏନ
ମା ସିନେ ଚିହ୍ନେ ଛୁଆର ମନ ଆଉ ଉନିଆଁ ନାଇଜାନେ ଜହତ
କିଏ ଜାନିଛ କହି ଦିଅ ମତେ ଗୁଟେ ଅକ୍ଷରର ମହତ
ମା.... ମା ଆଗୋ..... ମା.....
ଆରେ ଦଶ ମାସ ମା ଧଏଲା ପେଟେ ହୋ
ନିଜେ ଉଦା ଫାଲେ ରହିଛେ ଖଟେ
ଆରେ ମାଁର ଗୁରସର କିଏ ଦେବା ମୂଲ୍
ନାଇଁ ଦିଶେ ମୋର କିହେ ଆଏଁଖକେ
ମା'ର ପନତ ପୁଛି ଦେସି ଛୁଆର ଆଁଖିର ଲହତ
କିଏ ଜାନିଛ.....
ମା.... ମା ଆଗୋ..... ମା.....
ଆରେ ମାଆର କାଖେ ଯିଏ ପାଇ ହେଇଛେ
ମାଆର ହାତେ ଯିଏ ଭାତ ଖାଇଛେ
କାଏଁ ସରି ହେବା ସରଗର ସୁଖ
ଆରେ ଭାଇ ମାଆର କୁଲେ ଯିଏ ଘଡ଼େ ଶୁଇଛେ
ମାଆର ମୁହଁର ମଧୁର କଥା ଘୁରିଘୁରି କରି ପିଅତ
କିଏ ଜାନିଛ କହିଦିଅ ମତେ ଗୁଟେ ଅକ୍ଷରର ମହତ
ମା.... ମା ଆଗୋ..... ମା.....

ଇ ଗୀତଟା ଲେଖିଲା ଉତାରୁ ଆଉ କେନ୍‌ସି ଗୀତ ନାଇଁ ଲେଖିଥିଲେ ବି ପଶାୟତ ବାବୁ ଜନଜୀବନଥି ଜିଇଁକରି ରହିଥିତେ। ସମଲପୁରୀ ଭାଷାଥି ମା'କେ ନେଇକରି ଏନ୍ତା ଗୀତଟେ ନା ବନିଛେ ନା ଆଗକେ ବନବା। ଗୀତଟାକେ ଏତକି ଭାବୁକ ହେଇକରି ଆଉ ଭାବ ଭରିକରି ଲେଖିଚନ୍ ଯେ ଫକୀର ବାବୁ ଗୀତଟାକେ ଗାଏଲା ବେଲ୍‌କେ ମା'ର ଭାବଥି ଏକବାରି ଭୋଲ ହେଇଯାଇଛନ୍। ଆଉ ଯେନମାନେ ଇ ଗୀତ ଶୁନୁସନ୍ ମା'ର ଉପରେ ଥିଲା ସବୁ ରାଗ, ରିସମି, ରୁସା ଫୁଲାକେ ଭୁଲି ଯାଏସନ୍। ଯେନମାନକର ମାଁ ନାଇଁନ ସେମାନକର ଅନ୍ତର କାନ୍ଦି ଉଠସି। ମନ କରଲେଇ ଯାଏସି।

ଆଏଁଖ ଉଦା ହେଇଯାଏସି । ମା'ର କଥା ସୋର ପଡ଼ଲେ ତାର ତାର ମାହାପୁରୁ ସୋର୍ ପଡ଼ିଯାସନ୍ । ତାହାକୁ ମନ ଖୁଜି ବୁଲସି । ଡାକି ବୁଲସି । ଜିତେନ୍ଦ୍ର ହରିପାଲକଁର କଣ୍ଠେ ବିନୋଦ ପଶାୟତ ନିଜର ଲେଖା ମାଧ୍ୟମଥି ମାହାପୁରୁକେ ଏନ୍ତା ବିକଳ ହେଇ ଡକେଇଛନ୍ ଯେ ସଭେ ସେ, ଡାକବାରଟାକେ ଶୁନିଛନ୍ । ସମକର ଭିତରେ ଆସ୍ଥାନ ଜମେଇଛେ ସେ -

ହାଏ କୃଷ୍ଣ ହାଏ କୃଷ୍ଣ ବଲି
ଯାଉ ମୋର ଜୀବନ ଗା
ଘନ କାଲିଆ ଫୁଲମାଲିଆ
ନୀଲ ରତନ
କୃଷ୍ଣକେ କରିଛେଁ ମୁଇଁ ଜୀବର ଜୀବନଟା
ଘନ କାଲିଆ ଫୁଲମାଲିଆ
ନୀଲ ରତନ

ବିଦେଶେ ରହିକରି ନାୟକ ଯେତେବେଳେ ନିଜର ଲୁକକୁ ସୋର କରୁଛେ ତାହାକେ ଭିଲ୍ ମାହାପୁରୁ ସୋର ପଡ଼ିଛନ୍ । ସେ ଯେନ୍ତା ଘର ଦୁଆର ଛାଡ଼ି ଯାଇଛେ କଲାକାହ୍ନୁ ବି ଗୋପପୁର ଛାଡ଼ି ରଥ ଥି ବସିକରି ମଥୁରା ପଲେଇଥିଲେ । ଫକୀରଙ୍କ ଗାଏଲା ଗୀତେ ସେ ହେତେଇ ହେତେଇ କହୁଛେ - ବଏଲା ପେଶିଛେ ଦୂତରେ ମଥୁରା ନଗରୁ କୃଷ୍ଣ ବଲରାମ ଲାଗି ଛାଡ଼ି ଗୁପପୁର ଯାଉଛନ୍ ଛେକରେ କଲିଆ ଗୁରିଆ ଦୁହିଭାଇ
ଏ ରଥର ଚକା ଚାଲେ ଘିଡ଼ି ଘିଡ଼ି....

ନାୟକର ଗାଁର ହଲିଆ ପିଲା ହଲ କରଲା ବେଳକେ ଇ ଗୀତ ଗାଇ ତାର କବାରକେ ଆଗକେ ନେଲା ବାଗିର ନାୟକ ଘଲେ ନିଜର ଜୀବନକେ ଆଗକେ ବଢ଼େଇ ନଉଛେ । ଇଟା ତ ଜୀବନ ଆଏ । ସାରା ଜୀବନର କଥାମାନକୁ ନିଜର ସୁନ୍ଦର ସୁନ୍ଦର ଗୀତ ମାଧ୍ୟମଥି ଲୋକ ଜୀବନକେ ଚହଲେଇ ଦେଇଥିବାର ବିନୋଦ ପଶାୟତ ଆର ସେ ଲେଖାମାନକୁ ନିଜର ମଧୁର କଣ୍ଠେ ଗାଇକରି ହୁରୁଦମାନକୁ ହଦମଦେଇ ଦେଇଥିବାର ଫକୀର ମୋହନ ପଟ୍ଟନାୟକ ଆଏଜ୍ ଆଉର ଇ ଦୁନିଆଁ ନ ନାଇଁନ ହେଲେ ସେ ଦୁହିଝନକର କୃତୀ ରହିଯାଇଛେ ସବୁଦିନର ଲାଗି । ଏନ୍ତା ଯୁଡ଼ିଟେ ଆଉ ମିଲବାରଟା ମୁସ୍କିଲ ଆଏ । ■ ■

ବାଲିବନ୍ଧା, ସମ୍ବଲପୁର

ପୁଷପୁନି

✍ କାଳିନ୍ଦୀ ପ୍ରତାପ ସିଂହ

ପୁଷପୁନି ବଏଲେ ତ ଓଡ଼ିଶା ସାରା ସଭେ ଜାନବେ। ହେଲେ ଆମର ଇ ଅଁଚଳ (ପଶ୍ଚିମ ଓଡ଼ିଶା) ଥି ପୁଷପୁନି ଖାଲି ଗୁଟେ ମାସ ସରି ଯିବାରଟା ନୁହେ ସେ। ପୁଷପୁନି ଆମର ଅଁଚଳର ଗୁଟେ ବଢ଼େଟେ 'ଗଣପର୍ବ' କହ କି 'ଲୋକ ତିହାର' କହ। ଇ ତିହାରକେ ଜାକଜମକ ଥି ପଶ୍ଚିମ ଓଡ଼ିଶାର ଲୋକ କେଭୁ ମାନି ଆସୁଛନ ଯେ ତାର କିଛି ସଠିକ୍ ସମିଆ କି ସଠିକ୍ ତଥ୍ୟ କେହି ଠିକ୍ କରି କହି ନାଇଁ ପାରନ୍।

ଇ ପୁଷପୁନି ତିହାରଟା ଆମର ଅଁଚଳର ଚାଷୀ ଭାଇମାନକର ଚାଷବାସ ସାଙ୍ଗେ ଯୁଡ଼ି ହେଇରହିଛେ। ଆମର ଅଁଚଳର ନୂଆଁଖାଇ ଯେନ୍ତା ଗୁଟେ ମୁଖିଆ ତିହାର, ହେନ୍ତା ପୁଷପୁନି ଗଲା ଗୁଟେ ବଡ଼ ତିହାର। ନୂଆଁଖାଇ ଯେନ୍ତା ଆମେ ଖେତର ପହେଲା ପାଚଲା ଧାନର ଚୁରା ବନାସୁଁ କି ନୂଆଁ ଚାଉଲ ଆର ଖିରି, ପିଟା ମଡ଼ା କରି ନିଜର ନିଜର ଦେ-ଦେବତା ନ ପରସାଦ ଲଗେଇ ସାଏଲା ଉତାରୁ ଆମେ ଛୁଆନୁ ବୁଢ଼ାତକ୍ ସଭେ ଗୁଟେ ଠାନେ ବସି ଯେନ୍ତା ନୂଆଁ ଖାଏସୁଁ, ଇ ପୁଷପୁନି ତିହାରେ ହେନ୍ତା କେନ୍‌ସି କିସମର ପୂଜାପାଠ କରବାରକେ ନାଇଁ ପଡ଼େ। ଉଷତ୍ ଆନନ୍ଦଥି ବଜାଗଜା ବଜେଇ ନଚା, ଡେଗା କରି ପିଠା, ମଡା, ଝୁରି ଶିକାର ଖାଇକରି ପୁଷପୁନି ତିହାରକେ ଆମେ ଆମର ଅଁଚଲେ ଗୁଟେ ବଢ଼େଟେ ଗଣପର୍ବ କି ଲୋକତିହାର ହିସାବେ ଆମେ ମନାସୁ। ଇ ତିହାରଟା ଖାସକରି ଯେନ୍‌ମାନେ ଚାଷବାସ କରୁଛନ୍ ସେମାନକର ଲାଗି ଯହ ଉଷାନାକର ତିହାର ଆଏ।

ଇ ପୁଷପୁନି ତିହାରଟା ଚାଷୀର ଲାଗି ଚାଷକାମନୁ ଗୁଟେ ପ୍ରକାରର ନିସ୍ତାର ମିଲଲା ଲେଖେ। ଚାଷୀ ଯେନ୍ ବଏଶାଖ ମାସର ଉଜଲ୍ ପଖର ତୁରତିଆ ଦିନ, ଯେନଟାକି ଆମେ ଅଖେ ତୁରତିଆ ଗଲେ କହେସୁଁ। ଆମର ବିଶ୍ୱାସ ଅଛେ ଯେ, ଇ ଅଖେ ତୁରତିଆ ଦିନ ଯାହା କଲେ ବି କ୍ଷୟ ନାଇଁ ହୁଏ। ହେଥିର ଲାଗି ଇ ଦିନ ମୁଠି ଛିଁସନ। ଅଖେ ତୁରତିଆ ଦିନ ଚାଷୀ ସକାଲୁ ଗାଧିବୁଡ଼ି ସଫାସୁତରା ହେଇ ନିଜର ହଲ ନଙ୍ଗଲ ଆର ବିହନ ଧାନ ଭୁଗେ ଧରି ଖେତକେ ଯାଏସି। ଚାଷୀ ଅଖେ ତୁରତିଆ ତିଥିକେ ଦେଖିକରି ଆଗୁ ଅଦିନିଆ ପାଏନ ବର୍ଷାଥି ଖେତକେ ବତର କରି ରଖିଥିସି। ଅଖେ ତୁରତିଆ ଦିନ ଖେତକେ ଯାଇ ନେଇଥିବାର ସବୁ ସରଜାଁମକେ ଖେତେ ରଖି ଚାଉଲ ପୁଁଜିଟେ ଦେଇ ମାଁ ମହାଲକ୍ଷ୍ମୀକେ ସୁମରନା କରି କାସେ ଜୁତି ଦେସି। ଜୁତି ସାଏଲା ଉତାରୁ ନେଇଥିବାର ବିହନ ଧାନ ଭୁଗାକେ ଡେବରି ଖାଖେ ଚେପେଇ ଭୁଜନି ହାତେ ସେ ବିହନ ଧାନକେ ମୁଠା ମୁଠା କରି ଖେତେ ବୁନି ଦେସି। ଇ ଯେନ ମୁଠା ଥି ଧାନ ବୁନା ହେଲା ଇତାକେ ମୁଠି ଛିଆଁ କହେସନ୍। ଇ ମୁଠିଛିଆଁ ଦିନୁ ଚାଷୀ ତାର ଖେତର କାମ୍ ଥି ଲାଗ୍‌ସି ଯେ ପୁଷମାସ ତକ ନଅ ମାସଟେ ତାର ଆଉ ଉସ୍ତାର ନାଇଁ।

ବଏଶାଖ ମାସ ଚାଷୀ ତାର ଖେତେ କାମଥି ଲାଗିଯାଏସି। ଖେତଟା ଗୁଟେ ପରକାରର ଚାଷୀ ଘର ପାଲଟି ଯାଏସି। ବଏଶାଖେ ବୁନିଥିବାର ଧାନ ଆଷାଢ଼େ ପାଏନ ପାଏଲା ଉତାରୁ ସେଟାକେ ବିହଡବା। ଫେର ବିହନ ଧାନ ପଲହା ପକାବା। ପଲହା ପକେଇ ସାରଲେ, ଖେତକେ ଜୁତି କାଦୋ କରବା ଖେତ ବତର ହେଲା ଉତାରୁ ପଲହା ଘାରିଥି ପଲହା ନେଇ ଖେତେ ରୁଇବା। ଚାଷୀ ଖାଲି ଧାନ

ଚାଷ କରୁଥିଲା ବଏଲେ ନାଇଁ ହୁଏ। ଧାନର ସାଙ୍ଗେ କୁଲୁଥ, ବିରହି, ମୁଗ, କୁଦୋ, ଗୁଲଜି, ମଡ଼ିଆ, ସୁରଷୋ, ରାଏସ, କୁଶେର ଇଥିର ସାଙ୍ଗେ ସବୁ କିସମର ପନିପରିବା ଚାଷେ ଚାଷୀ ବାନ୍ଧି ହେଇକରି ରହୁଥିଲା। ସମିଆ ଜାନି ଲଟା ଘିଚା, ପାଏନ ମଡବା ଖେତେ ସାର ଦେବା, ରୋଗ ଦୁଖ ହେଲେ ଉଷୋକଷା ମାରବାର, ଏନ୍ତା ବଏଶାଖ ମାସନୁ ପୁଷମାସ ତକ ଚାଷୀର ମୁଡ଼େ ଗୁଟେ ବଢ଼େଟେ ଚିନ୍ତାର ବୋଧ ଲଦି ହେଇଥିସି। ମଗଶିର ମାସନୁ ପୁଷପୁନି ଭିତରେ ଚାଷୀ ତାର ଖେତର ସବୁ ଚାଷକେ ଖଲାକେ ଆନି ମଡ଼ା ଧୂକା କରି ଘରେ ରଖିଦେଲେ ତାର ମୁଡ଼ ଉପରେ ଥିବା ସବୁ ଚିନ୍ତାନୁ ମୁକ୍ତ ହେଇ ବର୍ଷକର ଲାଗି ନିସ୍ତାର ପାଇ ଯାଏସି। ଇ ନିସ୍ତାର ପାଇଥିବାର ଖୁସିଥି ଚାଷୀ ତାର କୁଟୁମକେ ସଁଖଲିକରି ଭିନ୍ ଭିନ୍ନ ପିଠାପନା, ଯେନ୍ତା ଅଏସରା, କାକରା, ସୁଆଁଲି, ମଡ଼ା, କଁଚାମଡ଼ା, ସିଝାଲା ମଡ଼ା, ପକଡ଼ି, ଅଟାବରା, ପିଆଜି, ଖିରି, ଝୁରି ଶିକାର କରି ମହା ଉଷତେ ପୁଷପୁନି ତିହାର ମନାସି। ଇଟା ଆମର ପଶ୍ଚିମ ଓଡ଼ିଶାର ଗୁଟେ ପରମ୍ପରା ଆଏ। କେନ ଯୁଗୁ ଚଲି ଆସିଛେ ଯେ କାହାକେ ଜନା ନାଇଁନ।

ଏଛେନ ଢେଁକି ବଏଲେ ଛୁଏ ବୁଝବାର ନାଇଁ। ଢେଁକି ବଏଲେ କାଣା ବଲୁଛନ। ଢେଁକି ଥି ମା, ବହେନମାନେ ଧାନକେ କୁଟି ଚାଉଲ ବାହାର କରୁଥିଲେ। ଇ ଢେଁକିଥି ପୁଷପୁନି ଆଘର ଦିନର ବେଲବୁଡ୍ରୁ ଚାଉଲକେ ବୁତରେଇ କରି ପହପହନୁ କୁଟି ଚୁନା କରି ସେ ଚୁନାଥି ଅଏରସା ପିଠା କରା ହେଉଥିଲା। କେନ ଯୁଗୁ ଏନ୍ତା ପରମ୍ପରା ଚଲି ଆସୁଥିଲା। ହେଲେ ଆଏଜ ସେସବୁ ଧିରେ ଧିରେ ଲୋପ୍ ପାଇଗଲାନ। ବଲଦ ଗାଡ଼ି (ସଗଡ଼ଗାଡ଼ି)ଥି ଖେତୁ ଧାନ ବୁହା ହେଇ ଖଲାକେ ଅନା ହେଉଥିଲା। ଖାଲର ମଝି ଗୁଟେ ଖୁଁଟ ଗଡ଼ ହେଉଥିଲା ଯେନଟାକେ ମେର ଖୁଁଟ କୁହାଯାଉଥିଲା। ଯେନ ମେରଖୁଁଠେ ଗୁଟେ ଲମା ଦଁଅରା ଫସେଇ ବଲଦମାନକୁ ଫାଁଦି କରି ଧାନ ମଡ଼ା ହେଉଥିଲା। ସେ ଦଁଅରାକେ ଦାଇଁ କୁହା ହେଉଥିଲା। ଇ ସବୁ ପରମ୍ପରା ଆଏଜ ଦେଖବାରକେ ନାଇଁ ମିଳବାର। ଘନାଥି କୁଶେର କେ ପେରେଇ କୁଶେର ରସ ଥୁ ଘନା ଶାଲେ ନ ଗୁର ପଗା ହେଉଥିଲା। ଯେନ ଗୁର ଠେକିମାନକୁ ରଖାଯାଉଥିଲା। ଆର ସେ ଗୁର ଥି ପୁଷପୁନି ନୂଆଁଖାଇ ଲେଖେନ ତିହାର ବାହାରଥି ଅଏରସା, କାକରା, ରାଶଲଡୁ, ମୁରହି ଲଡୁ, ଦାଁତରି ଖଜା, ଛାର ଖଜା, ଲିଆ ପାଗୁଥିଲେ ମା,ବହେନମାନେ। କେନ ଯୁଗୁ ଇ ସବୁ ପରମ୍ପରା ଆମର ଇ ଅଁଚଲ ଥି ଚଲି ଆସୁଥିଲା। ହେଲେ ଆଏଜ୍ ସବୁ କଥାନୀ ଲେଖେ ଲାଗୁଛେ।

ଆମର ଅଁଚଲ ଆର ଗୁଟେ ପରମ୍ପରା ହେଲା ବରତନିଆ ଗୁତି। ବରତନିଆ ଗୁତି ବଏଲେ କାଣା ? ଆମେ ଯେନ ଘରେ ଚାଷବାସ ଥି ସାହାଜ କରବାର ଲାଗି ଲୋକ ରଖୁଥିଲାଁ ସେମାନକର ଦେନଲେନ ବରଷମୁଡ଼େ ହିସାବ କରା ହେଉଥିଲା। ବରଷମୁଡ଼ ବେଲେ ସେଟା କେନ ସମିଆ ? ସେ ସମିଆଟା ଇ ପୁଷପୁନି ଦିନଟା। ଇ ପୁଷପୁନି ଦିନ ସାହୁକାରନୁ ତାକର ହିସାବ କିତାବ କରି କାମୁ ନିସ୍ତାର ପାଏସନ। ସେଟା କେତେ ଦିନର ଲାଗି ମାସକର ଲାଗି। ଫେର ମାଘ ପୁନି ଦିନ ନୂଆଁ ସାହୁକାର ଖଞ୍ଜା ତାକ ହିସାବେ ଦାମକାମ ପଟେଇ ଫେର ବରଷକର ଲାଗି ସାହୁକାର କେ ଚାଷ କାମେ ସାହାଜ କରସନ୍। ଏନ୍ତା ଖାଲି ଗୁତିହଲିଆ ବର୍ତନିଆ ରହୁଥିଲେ, ହେନ୍ତା ନୁହେ ସେ। ଇ ବର୍ତନିଆ ପରମ୍ପରା ହିସାବେ, ଆମର ଧୁବା, ଭଁଡାରି, ଗାଏ ଚରୁଆ, ଛେଲ ଚରୁଆ, ଖରସି ପକାବାର ଲୋକ, ପାଏନ ବୁହାତି ଇ ସବେ ସାହୁକାର ଆର ନିଜ ଭିତରେ ଗୁଟେ ଭଲ ମାଏନଟେ ରଖି ବରଷକର ଲାଗି ନିଜର ଗୁଟେ ପାଉନା ଠିକ୍ କରି ବରଷକର ଲାଗି କାମେ ଲାଗିଯାଉଥିଲେ। ଇ ଯେନ ବରଷିକିଆ ବର୍ତନିଆମାନେ ସଭେ ପୁଷପୁନି ଆଘର ଦିନ, ସାହୁକାର ନୁ ତାକର ହିସାବକିତାବ କରି ନିସ୍ତାର ପାଇଯାଇଥିସନ। ଇ ନିସ୍ତାର ପାଏବାର ପରମ୍ପରାଟା ତାର ସୁଖେ ଲାଗୁ ହେଇଯାଏସି। ମାନେ ଅଟୋମେଟିକ୍ ସେମାନେ ମାସକର ଲାଗି ମୁକ୍ତ ଆନ। ପୁଷପୁନିନୁ ମାଘ ପୁନି ତକ୍। ଇ ପୁଷପୁନିନୁ ମାଘ ପୁନିତକ ଦେଖବାରକେ ଗଲେ ଆମର ଅଁଚଲ ସଭେ ଯାକର ମୁକ୍ତ (ନିସ୍ତାର) ଆନ। ଚାଷୀ, ଗୁତି, ହଲିଆ, ଆର ଉପରେ ଲେଖା ଥିବାର ସଭେ। ଇ ନିସ୍ତାର ପାଇଥିବା ଉସ୍ନାକି ଥି ସଭେ ମିଶିକରି ପୁଷପୁନି ତିହାର କେ ଧୁମଧାମ୍ ଥି ମନେଇ ଆସୁଛନ୍ ଇଟା ଗୁଟେ ଆମର ଅଁଚଲର ଲୋକ ପରମ୍ପରା ଆଏ।

ଆର ଗୁଟେ ପରମ୍ପରା ହେଲା ଆମର ଇ ପୁଷପୁନି ତିହାରେ ଛେରଛେରା ମାଗବାରଟା। ସେଟା କାଁଣା ? ସେଟା ହେଉଛେ ଯେ ଆମର ଗାଁର ସାନମାନେ ହେଉନ କି ବଡ଼ମାନେ ହେଉନ ଯାହାରନ ଯାହାର ଭାବ ବିଶାସ ଥିବା ତାର ନିକେ ଯାଇକରି ଛେରଛେରା ମାଗବେ। ସେଟା ଗୁଟେ ଭାବର ଲେନଦେନ ଆଏ। ହକ୍ ଆଏ ? ନାଁକେ ଖାଲି ଛେରଛେରା ମାଗି ଯାଉଁ ବଲସନ, ନାଇଁ ହେଲେ ସେଟା ପରକୁତରେ ଗୁଟେ ନିଜର ନିଜର ଭିତରେ ଥିବାର ଭାବର ପ୍ରେମର ଦିଆନିଆର ଗୁଟେ ଗହିର ସମ୍ପର୍କ ଆର କିଛି ଲୋକ ଢୋଲ, ନିଷାନ ବଜେଇ ବୀଣାକାରିଆ ଭେଷ ହେଇ ପୁରାନ ଶାସ୍ତ୍ରର ଗୀତ ଗାଇ ଗାଇ ଘର ଘର ଯାଇ ଛେରଛେରା ମାଗସନ୍। ପିଲାମାନେ ଦଲ ଦଲ ହେଇ ବାଡ଼ି ଗୁଟେ ଗୁଟେ ଧରି ଝନେ ଝନକର ବାଡ଼ିକେ ବାଡ଼ି ପିଟି ଗୁଟେ ସୁରେ ତାଲ ଲସୋ ଥି ପୁରାନ ପୁଥିର ଗୀତ ଗାଇ ସେମାନେ ଗୁଟେ ରକମର ଛେରଛେରା ମାଗୁସନ୍।

ପୁଷ ମାସେ ସମକୁ ଜନା ଥିସି ଯେ ସଭେ ଚାଷବାସ ଥୁ କିଛି କିଛି ଅମଳ କରି ଘରମାନକେ ପଷେ ରଖିଥିସନ। ହେଥିର୍ ଲାଗି ଗାଁଖୁଲି ଗଲେ ଧାନ ଚାଉଲ ପାଏବାର ଆଶଥି କେତେ କିସମର ଖେଲ ଦେଖାବାରକେ ମଲୁଥିଲା। ଯେନ୍ତା ହନୁଡର, ଡାଙ୍ଗଗଡା, ମୁଡଗୁପା, ଗୁଁଗୁଁ ନାଦିଆ, ଭାଲୁ ଖେଲ, ମାକଡ଼ ନଚା। ପୁଷପୁନି ଦିନ ଖାଇପିଇ ସାରି ସବୁ ପିଲା ପରାକେ ପରା ମଝା ଗାଁ ଖୁଲି, ବାଟି, ଗୁଡ଼ ଖେଲୁଥିଲେ। ଟୁକେଲମାନେ ଛିଲୋଲାଇ, ହୁମୋବଉଲି, ଛୁର, ମା ବହେନମାନେ ପିଁଢ଼ାମାନକୁ ବସି କଂସାଡ଼ି, ଚୁରି, ବାଗଡ଼ି ଭିନ୍ ଭିନ୍ ଖେଲମାନେ ଖେଲି ପୁଷପୁନିଥି ମଜା କରୁଥିଲେ। ଇସବୁ ଆମର ପୂର୍ବ ପୁରୁଷମାନେ କେନ ଯୁଗୁ କରି ଆସୁଥିଲେ। ଗୁଟେ ପରମ୍ପରାକେ ସେମାନେ ଧରିରଖିଥିଲେ। ହେଲେ ଆଏଜ୍ ଆମେ ଧିରେ ଧିରେ ସେସବୁକେ ଛାଡ଼ି ଛାଡ଼ି ଯାଉଛୁ।

ପୁରାନ ମତେ ପୁଷମାନେ ଧନୁଯାତ୍ରା ମନା ଯାଏସି। କଂସ ନିଜର ଶତ୍ରୁ ଭନ୍ଜା ଶ୍ରୀକୃଷ୍ଣ ଆର ବଲରାମ କେ ମାରବାର ଉଟଗନଟେ କରସି। ଆର ଶ୍ରୀକୃଷ୍ଣ, ବଲରାମକୁଁ ମଥୁରା ଡକାସି। ହେଲେ ସେଟା ଉଲଟି ଯାଏସି। ନିଜେ କଂସ ଶ୍ରୀକୃଷ୍ଣକଁର ହାତେ ମରିଯାଏସି।

ଆମର ଅଁଚଲର ବରଗଡ଼ ଠାନେ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପାଲନ କରାଯାଉଛେ। ଇ ଧନୁଯାତ୍ରା ସମିଆଥି ଯେନମାନେ ମାନୁଛନ ସେମାନେ ଆଏଁସ ବିଷର ଛାଡ଼ି ଦେଇଥିସନ୍। କଂସ ମରବାର ଜାନି ପୁଷପୁନି ଦିନ ଉଷନାକି ଥି ଉଷତ ହେଇ ପିଠାପନା, ଝୁରି ଶିକାର ଖାଇ ଇ ପୁଷପୁନି ତିହାରକେ ମନାସନ। ଆର ଘରକେ ଘର ପିଠାପନା ଦିଆନିଆ କରି ଗୁଟେ ଭାବର ବନ୍ଧନେ ବାନ୍ଧି ହେଇ ଥିସନ। ଇ ତୁନ୍,ସ ।ଗ, ପିଠାପନା ଦିଆନିଆ ପରମ୍ପରାଟା ଆମର ଅଁଚଲର ଗୁଟେ କିସମର ସଂସ୍କୃତିର ଝଲକ ଆଏ।

ବରଗଡ଼ ଅଁଚଲଥି ଇ ଧନୁଯାତ୍ରା ନାଁ ଥି ଗୁଟେ ଲୋକଗୀତ ଅଛେ -

ଡାଲଖାଇରେ, ଚାଲ ଦେଖିଯିମା ଧନୁଯାତରା
ବରଗଡ଼ର ବଜାରେ ଯୁଆ ପହରା
ଘିନିମା ଖଜାରେ ମାରିମା ମଜା
ଜରିବାନା କରବା ସେ କଂସ ରଜା...
କେତେ ଗହ ଗହଡାଲଖାଇପୋଓ ପରଜା...
ସଜ ହେଇ ଥା....
ମାରିମା ମଜା କାଏଁ ଡାଲଖାଇରେ.... ■ ■

ଧନକଓଡ଼ା, ସମ୍ବଲପୁର
ମୋ- ୯୮୬୧୯ ୮୯୫୨୨

ବିହା ନଚନିଆଁ

କୃଷ୍ଣାଲୀନ କମଳଲୋଚନ ପଣ୍ଡା

ଆମର୍ ପଶ୍ଚିମଓଡ଼ିଶାନ ବିହାଚୁରା ଯଦି ହେଲା ଆର୍ ସେଥି ନଚ୍‌ନିଆଁ ଦଲ୍ ନାଇଁନ ବେଲେ ସେତାର୍ ମଜା କିଛି ନାଇଁନ । ଯାର୍ ଯହ ଅଛେ ଧନୀ ମାନି ଲୋକ୍ ଆନ୍ ସେମାନେ ନାଟ୍, ପାଲା, ଡଁଡ଼, ଗଁଡ଼ାବଜା ସଙ୍ଗେ ନଚ୍‌ନିଆଁ ଦଲ୍‌ଟେ ନିହାତି ଭାବେ ନେଇ କରି ଯିବେ ନା ହେଲେ ବରଯାତ୍ରୀ ବେକାର୍ ବଲି ଧରି ନେସନ୍ । ଢ଼ୋଲ୍, ନିସାନ୍, ତାସା, ମୁହୁରୀ, ଝୁମ୍‌କା ଇତ୍ୟାଦି ବାଜୁଥିବା ଗର୍‌ଜିତେଲ୍ ଆର୍ ଗୀତ୍ ଗାଇ ଗାଇ ନଚ୍‌ନିଆଁ ସୋଆଡ଼େ କିନ୍ଦ୍‌ରି କିନ୍ଦ୍‌ରି ନାଚୁଥିବା । ପହେଲା ଦେବୀ ବନ୍ଦନାନୁ ଆରମ୍ଭ କରି କରି ମଙ୍ଗଲାଚରନ୍ ତା'ପରେ ବିହାର ଭିନ୍ ଭିନ୍ ସମିଆ ନେଇ କରି ଗୀତ୍ ଆକାରେ ଗାଇଥିସନ୍ । ଗାଁର ପରିବେଶ, ବର୍ ଘରର୍ ଗୁନ୍, ବରର୍ ବେଶ୍, କନିଆଁ ଘରର୍ ଚର୍ଚ୍ଚା, ବାଟ୍‌ଦେଖା, ବାଟ୍ ଛେଁକା, ପାଏନ୍ ଦିଆ, ଭୁଜି ବର୍ପନ୍ ଆଚାର୍ ବେଭାର୍ ଏନ୍ତା କରି ସବୁ ପର୍କାର୍ ଜିନିଷ୍‌କେ ଧରି କରି ଗୀତ୍‌ମାନେ ଛନ୍ଦି ଛନ୍ଦି ଗାଇ ଗାଇ କରି ସମକିରର୍ ମନୋରଞ୍ଜନ କରତେଲ୍ ନାଚିଥିସନ୍ । କିଛି ଗୀତ୍ ଲୋକାଚାର୍ ପରମ୍ପରା ଉପ୍‌ରେ ଥିଲା ବେଲ୍‌କେ କିଛି ଗୀତ୍, କନିଆ ଘରର୍ ଉପ୍‌ରେ ଖିଜା ବିରଝାର୍ ଗୀତ୍ ବି ଥିସି । ଯେନ୍‌ଟା ଦୁହି ଫାଲର୍ ଲୋକ୍ ସୁନି କରି ବଡ଼ା ଉସତ୍ ହଉଥିସନ୍ ।

(ମାଁର୍ ବନ୍ଦ୍‌ନା ଗୀତ୍)
ଜଏ ମାଁ ମାଉଲୀ ଜଏ ପିତାବଲୀ
ଜଏ ମାଁ ଖପର ଧାରିନି
ନିଶାରାତିଥି ତୁଇ ପରା ପରା ବୁଲୁ
ସଂଗେ ଥିସନ୍ ପିତାମୁନି ଗୋ
ମାତ ଗୁହାରି ଶୁନ....
ପାହା ତଲେ ପଶୁଛେଁ ଶରନ ଗୋ...
ମାତ ଗୁହାରି ଶୁନ...
ଗରବ ଗଞ୍ଜନି ଅପ୍ରାଧ ଭଞ୍ଜନି
ଜୟ ମାଁ ରକତ ମୁହିଁ
ତତେ ଭଜି ଥିଲେ ଅଭୟ ଦେଉ ମାଁ
ଯମ ବାଧା ଲାଗେ ନାଇଁ ଗୋ
ମାଁ ତ ଶିବର୍ ଘରନି
ଘଁଟି ଘାଗୁଡ଼ି ବାଜେ ଠିନି ଠିନି ଗୋ...
ମାଁତ ଶିବର୍ ଘରନି.....

ନଚ୍‌ନିଆଁ ଦଲ୍‌ଥି ଦୁଇ ଝନ୍ ନର୍ତ୍ତକ ନର୍ତ୍ତକୀ ଥିସନ୍ । ଇନୁ ମାଏଝିର ଚରିତ୍ରଥି ବି ଏଁର୍‌ରା ଲୋକ୍‌ଟେ ଶାଢ଼ି ପିନ୍ଧି କରି ଲାଜ୍ ମହତ୍ ପକେଇ କରି ତାର୍ ଅଭିନଏ କରି ଚଲାସି । ଆର୍ ଶୃଙ୍ଗାର୍ ରସର୍ ରସ୍ ରସିଆ ଗୀତ୍‌ମାନେ ଗାଇ ଚାଲ୍‌ମି । ନଚ୍‌ନିଆଁଥି ଝନେ ମୁଖିଆ ଗାହାକ୍ ଆର୍ ଝନେ ପାଲିଆ ରହିଥିସନ୍ । ମୁଖିଆ ଗାହାକ୍ ପାଲା ବାଲାକର୍ ଲେଖେଁ ଜରି ଲଗା କୁର୍ତ୍ତା ପିନ୍ଧି କରି ଭେସ୍‌ଭୁସା ହେଇଥିସି ଆର୍ ହାତେ ଚାମର୍‌ଟେ ଧରିଥିସି ସାଙ୍ଗେ ପାଲିଆଟେ ମାଏଝି ଭେଷେ ଥିସି । ଚଁଡ଼େ ଲାଲ୍ ଲିପିଷ୍ଟିକ୍ ହଉ କି ରଙ୍ଗ୍ ହେଉ ଲଗେଇ କରି ହାତେ ରୁମାଲ୍‌ଟେ ଧରିଥିସି । ଆର୍ ଦୁହେ ଏଁର୍‌ରା ମାଏଝିର୍ ଅଭିନଏ କରି କରି ନଚ୍‌ନିଆଁ ନାଚ୍‌କେ କେଡ଼େ ସୁନ୍ଦର୍ କରିଦେସନ୍ । ସେମାନେ ତାକର୍ ଦେହେକେ ଯେନ୍ତା ଭିନ୍ ଭିନ୍ ଅଲଙ୍କାର୍‌ଥି ସଜେଇ ଥିସନ୍ ସେନ୍ତା ତାକର୍ ଗୀତ୍ ଭିତ୍‌ରେ ବି ହେନ୍ତା ପର୍କାର ପର୍କାରର୍ କଥାନି, କବିତା, ଥଟାମଜା, ଖିଆଲ ଖେଚଡ଼୍ ଜୀବନ୍ ଜିବ୍‌କା, ଦୁନିଆଁର୍ କଥା, ଚାଲ୍‌ଚଲନ୍, ଆଚାର୍ ବେଭାର୍, ଓଡ଼ିଶୀ ଛାନ୍ଦ ଚଉପଦି, ଚମ୍ପୁ ଆର୍ ପୁରାନ୍ ସବୁକେ ଆନି କରି ଜିଇଁଲା ଲେଖେ ଲୁକ୍କର୍ ଆଘେ ପର୍ସି ଦେସନ୍ । ଦର୍କାର୍

ପଡ଼ିଲେ ଆଶୁକବି ବାଗିର୍ ଆଁଖିର୍ ଆଗେ ଯାହା ପଡ଼ିଲା ତାହାକେ ନେଇ କରି ଗଲେ ଗୀତ୍ ସଜେଇ କରି ଗାଇ ପାର୍ସନ୍। ଆର୍ ବଡ଼ାଯୋର୍ ଜମକ୍ ଧରାସନ୍।

ପଞ୍ଚଦେବ୍‌ତାଙ୍କର୍ ଆଦ୍ୟ ଆବାହନ୍, ଗୀତ୍ :-

ଆହା ପଞ୍ଚୁଦେବଙ୍କ ଚରଣ
କରୁଅଛି ନିବେଦନ.....
ପଞ୍ଚୁ ଦେବଙ୍କ ଚରଣ
ଗଣେଶ ଭାସ୍କର ହରି ଶିବ ଦୁର୍ଗା ପାଞ୍ଚଜଣ
ପଞ୍ଚୁ ଦେବଙ୍କ ଚରଣ....
କରୁଅଛି ନିବେଦନ.....
ପ୍ରଥମରେ ଲମ୍ବୋଦର ଶୈଳସୁତାଙ୍କ କୁମର....୨
ପାଶ ଅଙ୍କୁଶ ଧାରଣ ମୂଷିକ ଯାର ବାହନ....
ପଞ୍ଚ ଦେବଙ୍କ ଚରଣ....
ଦ୍ୱିତୀୟରେ ଚକ୍ରଧର ନନ୍ଦସୁତ ନାମ ଯାର....୨
ଶ୍ରୀହରି କୁଞ୍ଜବିହାରୀ ଗରୁଡ଼ ଯାର ବାହନ....
ପଞ୍ଚ ଦେବଙ୍କ ଚରଣ....
ତୃତୀୟରେ ସଦାଶିବ ଶୂଳପାଣି ମହାଦେବ... ୨
ଭସ୍ମ ବିଭୂତି ଧାରଣ ବୃଷଭ ଯାର ବାହନ....
ପଞ୍ଚ ଦେବଙ୍କ ଚରଣ....
ଚତୁର୍ଥରେ ମାହେଶ୍ୱରୀ ଭଗବତୀ ଶାକମ୍ଭରୀ... ୨
ନୃସିଂହକୁ ରକ୍ଷା କରି ସିଂହ ଅଟେ ଯା ବାହନ
ପଞ୍ଚ ଦେବଙ୍କ ଚରଣ....
ଆହା ପଞ୍ଚମରେ ଦିବାକର ଉଇଁ ଆସୁଛି ଭାସ୍କର....
ହେଲେ ରକ୍ଷା କର ବନମାଳୀ ସେ ପାଦେ ପଶେ ଶରଣ
ପଞ୍ଚ ଦେବଙ୍କ ଚରଣ....
କରୁଅଛି ନିବେଦନ.....୨
ପଞ୍ଚ ଦେବଙ୍କ ଚରଣ....

ନଚ୍‌ନିଆଁ ଗୀତ୍ ନାଚ୍‌ର ତାର୍ ଗୁଟେ ଅଲ୍‌ଗା ଶୈଳୀ ଅଛେ ଯେନ୍‌ଟାକି ମନ୍‌କେ ଘିନି ନେଇ ଯାଏସି। ତାର୍ ସାଙ୍ଗେ ନଚ୍‌ନିଆଁ ଯେତେବେଳେ ନାଚୁଥିସି ମଝି ମଝି ଛଟ୍‌କା ଭର୍ଲା ଲେଖେଁ ରସରକେଲି, ମାଏଲାଜଡ଼, ଡାଲଖାଇ, ଚପ୍‌କରାଟି, ଜାଇଫୁଲ, ଜାମୁଡ଼ାଲି, ନିଆଲି ମଲି ଗୀତ୍ ପଦେ ପଦେ ବି ପର୍ସି ଦେଇଥିସି। ଆର୍ ଇ ଗୀତ୍ ମାନ୍‌କୁ ଏନ୍ତା ରକ୍‌ମେ ସଜେଇ କରି ନାଚି ଗାଇ ଦେବେ ଯେ ଆକାଭୁତ୍ ହେଇଯିବ। ଯେତେବେଳେ ଖିଆଲ୍ ଖେଚଡ଼ର ଗୀତ୍ ଆଏବା ସେ ଆଶୁ କବି ବାଗିର୍ ଯୁରି ଯୁରି ନିଜର୍ ଆଖର୍ ପାଖର୍ ପରିବେଶ୍‌ନୁ ବିଷଏ ସୁଆଁଟି କରି ଏନ୍ତା ଗାଇ ଦେବା ଯେ ଦେଖିଲା ସୁନ୍‌ଲା ଲୋକ୍ ଠିଆ ରହିଯିବେ। ଯେତ୍‌କି ଲୋକ୍ ଉସତ୍ ହଉଥିବେ କି ନୋଟ୍ ନୁଟାଟେ ମାରି ନଉଥିବେ ସେ ହେତ୍‌କି ଉତ୍‌କି ଉତ୍‌କି ନାଚୁଥିବା। ସେତ୍‌କି ବେଲ୍‌କେ ତାର୍ ଗୋଡ଼୍ ବହୁତ୍ ଚଞ୍ଚଲ୍ ଆର୍ ଆଏଁଖି କେନ୍ କଲ୍ପନା ରାଏଜ୍‌ନୁ କିନ୍ଥୁଥିବା। ସବୁ ବେଳେ ତାର୍ ନାଚ୍‌ଗୀତ୍ କେନ୍ତା ସୁନ୍ଦର୍ ଦେବା ହେତାର୍ ଉପ୍ରେ ଧ୍ୟାନ ଦେଇଥିବା।

ନଚନିଆଁ ଚାର୍ହି ଅକ୍ଷରର୍ ଗୀତ୍ :-

ନଚନିଆଁ ଶବ୍ଦବର୍ଣ୍ଣ... ଶୁଣ ସୁଜନ.... ୨
ନବରଙ୍ଗେ ତାଲମାନ ଗୀତ ଗାୟନ
ନମୋ ନାରାୟଣ ଧ୍ୟାନ ନବକେ ଧାରଣ
ନମସ୍ତେ ସହିଆଲି ନମୋ ସଭାକୁ କଲି
ନ'ରେ ଆକାର ଦେଇ କଲି ଗାୟନ....
ନଚନିଆଁ ଶବ୍ଦବର୍ଣ୍ଣ... ଶୁଣ ସୁଜନ....
ଚରଣେ ନୁପୁର ଚାପ କରିବା ସଂଚ
ଚାମର ଧରିଣ ପ୍ରଭୁ ଶିରକୁ ଉଂଚ
ଚାଖି ଚାହାଣି ନାଚ ଚତୁର୍ବେଦକୁ ହୁଂଚ
ଚ ଅକ୍ଷରେ ପଦ ହୋଇଛି ରଚ
ହେଲେ ଚତୁର୍ବେଦ ଲାଗିଅଛି ଏହା ଚରଣ....
ନଚନିଆଁ ଶବ୍ଦବର୍ଣ୍ଣ... ଶୁଣ ସୁଜନ....
ନିତ୍ୟ ନିରାକାର ପ୍ରଭୁ ଏହା କଲେଣି
ନିର୍ଗୁଣ ନିତ୍ୟସ୍ଥଳରୁ ଏ ରୁପ ଆଣି
ନିତ୍ୟେ ଚିହ୍ନ ହେ ଜ୍ଞାନୀ
ନିତି ବଙ୍କୁ ନାଳକୁ ପାଣି ବହେ ଉଜାଣି
ହେଲେ ନିତି ପାଞ୍ଚ ବସ୍ତ ସାଙ୍ଗତରେ ଥାଇଣ
ନଚନିଆଁ ଶବ୍ଦବର୍ଣ୍ଣ... ଶୁଣ ସୁଜନ....
ଆସି ସଭା ମଧ୍ୟେ ମୁ ଯେ ହୋଇଲି ଠିଆ
ଆଶ୍ରା କରିଛି ପୁତୁନା ପରାଣ ଖିଆ
ଆଶ୍ରିବାଦକୁ ଦିଆ ଆସ ରାଧିକା ପ୍ରିଆ
ଆସି ନିପ ମୁଳରେ ପହଞ୍ଚି ହେଲି ଠିଆ
ହେଲେ ଆଶ୍ରା କରେ ଏ ଅଧମ ତବ ଚରଣ....
ନଚନିଆଁ ଶବ୍ଦବର୍ଣ୍ଣ... ଶୁଣ ସୁଜନ....

ଆମର୍ ଅଞ୍ଚଲ୍‌ଥି ଛୁଆର୍ ଜନମ୍, ଏକଶିଆ, ଭାତ୍‌ଖୁଆନି, ନାଁଦିଆ କି ଅଲ୍‌ଗା କେନ୍‌ସି ତିହାର୍ ପରବ୍ ହେଲେ ବି ଆମେ ନାଚ୍ ଗୀତ୍‌ର ବେବସ୍ଥା କରିଥିସୁଁ। ଆର୍ ସେଥି ବି ଇ ନଚ୍‌ନିଆଁ ବଢ଼େଟେ ଉସ୍‌ନାକିର୍ ନାଚ୍ ହେଇଥିସି। ହେଲେ ବିହାଥି ଇତାର୍ ମଜା ଗୁଟେ ଅଲ୍‌ଗା ଆଏ। କାଁ କରି ବେଲେ ମୁନୁଷ୍ ଜୀବନ୍‌ଥି ତାର୍ ସବୁଠାନୁ ଉସ୍‌ନାକିର୍ ଉଛବ୍ ବେଲେ ତାର୍ ବିହା ଆଏ। ଯେନ୍‌ଟାକେ ସେ ବହୁତ୍ ଯାକ୍ ଯମକ୍ ଆର୍ ସବୁଦିନିଆଁ ସୋର୍ ରଖା ବାଗିର୍ ଉସତ୍ ହେଇ କରି କରିଥିସି। କେତେ ଲୋକ୍ ବରପିଲାକେ ଖଁଦେ ବସେଇ କରି ନାଚି ନାଚି ଯାଉଥିବେ ତ କେତେବେଳେ ନଚ୍‌ନିଆଁର୍ ସାଙ୍ଗେ ନାଚ୍‌ବାର୍‌ଥି ମସ୍‌ଗୁଲ୍ ହେଇ ଯାଇଥିବେ। କେତେ ଲୋକ୍ ମୁଡ଼େ ଡାଲ୍ ପତର୍, ଫୁଲ, ମୁହେଁ ରଙ୍ଗ୍ ବି ଲଗେଇ କରି ନାଚୁଥିସନ୍। ନଚ୍‌ନିଆଁର ମୁଡ଼ର୍ ପଗ୍‌ଡ଼ି ଆର୍ ଗୁଡ଼ର ଚାପ୍ ତାର୍ ଗୀତ୍‌କେ ବେଶି ସୁନ୍ଦର୍ ଆର୍ ମନଚାହାଁ କରି ପାର୍ସି। ବରପିଲା ବାହାରିବାର୍ ଆଗ୍‌ରୁ ଘର୍‌ବାଟେ ପହେଲା ତାକର୍ ବନ୍ଦନା ଗୀତ୍ ଗାଇ କରି ଗାଁ ମାଁ ସଭାକେ ବନ୍ଦି ସାଏଲା ପରେ ବିହାର୍ ଗୀତ୍ ଗାଏସନ୍। ବିହା ଯୋଟ୍‌ଯାଟ୍‌ର ଗୀତ୍ ପଦେ :-

ସାଧୁ ସୁଜ୍ଞ ଜନେ ଶୁଣ ଦେଇ ମନ କର୍ଣ୍ଣ
ହେଲେ କହି ଦେଉଅଛି ବିଭା ବିଧିର ବିଧାନ ଯେ
ଯେ ରୁପେ ଯେଉଁ ବ୍ୟବସ୍ଥା
କରିଥାନ୍ତି ଗୃହସ୍ଥ ଯେ ରଖି ଧର୍ମ କଥା ଯେ.,...
ପୁତ୍ର ଅର୍ଥେ କନ୍ୟା ଗୋଟି କରି ଅନୁକ୍ଷଣ
ଫିଟାନ୍ତି ଜ୍ୟୋତିଷ ନାଗନାଡ଼ିର ମିଳନ ଯେ
ବିଧାତା ଖଞ୍ଜିଛି ଯହିଁ
କେ ନାସ୍ତି କରି ପାରିବ ଆନ କଲେ ତହିଁ ଯେ
ବିଧାତା ଖଞ୍ଜିଛି ଯହିଁ....
ଯଥା କାଳେ କଥା ଭାଷା ହୋଇ ମିଳାମିଶା
ରଖନ୍ତି ଆପଣେ ଦେବା ନେବାର ମିମାଂସା ଯେ....
ସିଦ୍ଧାନ୍ତ ହୋଇଲା ଯଦି....
ବନ୍ଧୁ ସମ୍ବନ୍ଧିର ହୋଇ ଯାନ୍ତି ଛନ୍ଦାଛନ୍ଦି ଯେ....
ଯେଉଁ ଦିନ ବିଭା ଲଗ୍ନ ହୋଇଯାଏ ସ୍ଥିର
ମୁକୁଟ ବାନ୍ଧନ୍ତି ନେଇ ବରପାତ୍ର ଶିର ଯେ,
ବଡ଼ ଉତ୍ସବରେ ଘରୁ
ବାହାର କରନ୍ତି ବାଦ୍ୟ ବଜାଇ ଆଗରୁ ଯେ,
ବଡ଼ ଉତ୍ସବରେ ଘରୁ

ଏତ୍‌କି ବେଲ୍‌କେ ପିଲାକେ ବରଯାତ୍ରୀ ଲାଗି ଘରୁ ବାହାର୍ କର୍ବେ ତାର୍ ପରେ ବାଟେ ଗାଲ୍ ସେଁକ୍‌ବେ ଆର୍ ଲମ୍ବି ବସ୍‌ବେ ବଡ଼ା ଉସ୍‌ନାକିଥି। ବରାତି ବାହାର୍‌ଲା ବେଲର୍ ଗୀତ୍...

ଶୁଭ ଲଗନେ ବର ହେଲେ ବାହାର ଯେ... ୨
ତାକୁ ମାନିଛି ସୁନା ଜରି ଲହର ତ....
ମାହେନ୍ଦ୍ରି ଯୁଗରେ ବର ବାହାର ହେଲେ
ପଣ୍ଡିତ ଜ୍ୟୋତିଷ ଉସ୍ରେ ବେଦ ପଢ଼ିଲେ
ଶ୍ରୀ ରତ୍ନ ମୁକୁଟେ ଦିଶଇ ଝଟଝଟ
ଅଳଙ୍କାର ଶୋଭିତ ଅଙ୍ଗେ ବସନି ପାଟ
ଭଲା ଶୋଭା ପାଉଛି ସିଂହ, ଦୁଆର ତ...
ଶୁଭ ଲଗନେ...
ସାତ ଭୁଆଶୁଣି ଆସି ହେଲେ ତ ଉଭା
ବରପାଶେ ମିଳି ଶେଯେ ଦିଶନ୍ତି ଶୋଭା
କେ ଧରେ, ଅର୍ଘ୍ୟଥାଳୀ କେ ଧରେ ଦୀପାବଳି
କାହା ପିନ୍ଧିଲା ପାଟ ଦିଶଇ ଝିଲିମିଲି
ଚିହ୍ନା ପଡୁ ନାହାଁନ୍ତି କେହି, କାହାର ତ....
ଶୁଭ ଲଗନେ....
କମ୍ବୁ କମୁଡ଼ା ହେଉଛି ଘଡ଼ିକି ଘଡ଼ି
ଦୁରକୁ ଶୁଭଇ ଯେହ୍ନେ ମେଘର ରଡ଼ି
ଚନ୍ଦ୍ର ଉଦିଆଁ ନିରେ କୁମ୍ଭ ଚକ୍ରାକାବେଳୀ
ବାଣ ଲେଙ୍କା ହେଉଅଛିଟି, ଛାମୁର ତ...
ଶୁଭ ଲଗନେ ବର ହେଲେ....

ଇତାର୍ ସାଙ୍ଗେ ସାଙ୍ଗେ ଅନେକ ପର୍କାର୍ ଖିଆଲ୍ ଖେଚଡ଼୍ ଗୀତ୍‌ମାନେ ବି ଗାଇଥିସନ୍, ନଚ୍‌ନିଆଁମାନେ ଯେନ୍ତାକି ବର୍‌ଯାତ୍ରୀଟା ଯୋଟ୍ ଧର୍‌ବାର୍ ସାଙ୍ଗେ ଗୁର୍ଦୁଟେ ଆନନ୍ଦ ଉତ୍ସାହକେ ବଢ଼ାବା ବଲି। ସେ ଖିଆଲ୍ ଖେଚଡ଼୍ ଗୀତ୍ ପଦେ :

ହେଲେ ବିଭାଘର ଲାଗିଛି
ଗହଲ ଚହଲ ବାଜା ନିଦ ଭାଙ୍ଗୁଛିରେ....
କାର୍କାରିଆ କବାରଦିଆ, ସାରା ରାତି ଜଗିଛିରେ...
ବିଭାଘର ଲାଗିଛି....
କେ କଉଡ଼ି ସରଗ ସିଡ଼ି କିଏ ବଲୁଛେ ପାନ ବିଡ଼ି
ନାଁ କେ ନେତା ଦେଉଛେ ଚେତା
ରନ୍ଧା ଖଞ୍ଜା ମୋର୍ ଅଲଗେ ହେତା

ଆର୍‌କେ ବୋଲେ ସେ ଜନମ୍ ପେଁଠା
ଭୁଖେ ଟାଙ୍ଗିଛି ରେ
ବିଭାଘର ଲାଗିଛି....
ଅକାଠୁଆ ଅପାଠୁଆ ମିଛେ ମିଛେ ରାଗିଛି...
ଲାଲ୍ ଜର୍‌କା ଲେସୁନ୍ କନ୍ଦା,
ମୁଲ୍ କରିଛେ ଝଗଡ଼ା ଫନ୍ଦା
ଚୁଁଡ଼ ଖିଖରି ନବେ ଡିଗିରି ଲମ୍‌ଲମ୍ ବଡ଼୍ ଜଟା ଚିଙ୍ଗିରି
ଆର୍ କେଭେ ନାଇଁ ହୁଏ ତାର୍ ବିକିରି
କର୍ମେ ମାଗିଛି ରେ.....
ବିଭାଘର ଲାଗିଛି....

ଏନ୍ତା ବହୁତ ପର୍କାରର୍ ନାଚ୍‌ଗୀତ୍ ଗାଇ ଗାଇ କରି ଟୁକେଲ୍ ଘରର୍ ବାଟ୍‌କେ ପୁହୁଁଚିସନ୍। ତାର୍ ଉପ୍‌ରେ ଗୀତ୍ ପଦେ :-

କନ୍ୟା ଘର ଗ୍ରାମେ ଯାଇ ପହଞ୍ଚିବା ବେଳେ
ଦୁହିକୁଳ ମିଶାଭିଡ଼ା ହୁଅନ୍ତି ଏକ ମେଳେ
କେହି କାହାକୁ ଗୋଚର....
କରି ନ ପାରନ୍ତି କଥା ଘଡ଼ିଏ ମାତର ଯେ...
କନ୍ୟା ଘର ଲୋକ ଆସିଲେ ବର ବରିବାକୁ
ବର ବରି ନେଲେ ସେହୁ କନ୍ୟାର ଘରକୁ ଯେ
ବେଦି ପରେ କଲେ ବିଭା....
କେ କହି ପାରିବ ଆଉ ତାହାର ଏ ଶୋଭା ଯେ....
ବ୍ରାହ୍ମଣ ଜ୍ୟୋତିଷ ତହିଁ ମଙ୍ଗଳ ପଢ଼ିଲେ....
ବରକନ୍ୟା ଦୁହିଁଙ୍କର ହସ୍ତବାନ୍ଧି ଦେଲେ ଯେ
ବିଭାଘର ହେଲା ଶେଷ....
କହଇ ଅଧମ ହୀନ ଭରତ ବିଶେଷ ଯେ....

ମୁନୁଷ ବିହାର୍ ଗୀତ୍ ତ ଯାହା ଗାଏସନ୍ ଗାଏସନ୍ ନଚ୍‌ନିଆଁ ମାନେ ତାର୍ ସାଙ୍ଗେ ଆମର୍ ଭିନ୍ ଭିନ୍ ଦେ ଦେବ୍‌ତାର୍ ବିହାଥି ବି ସେମାନେ ବିହା ଗୀତ୍ ଗାଇ ଗାଇ ନାଚିଥିସନ୍। ଯେନ୍ତାକି ରୁକ୍ମିଣୀ ବିହା, ସୀତା ବିହା, ଦ୍ରୌପଦୀ ସ୍ୱୟମ୍ବର, ହର ପାର୍ବତୀ ବିହା, ସୁଲୋଚନା ବିହା, ମହାଭାରତ୍‌ର ଗଣ୍ଡା ବଧ ଇତ୍ୟାଦି ବହୁତ ପ୍ରକାରରଟା ମାନେ ଗାଏସନ୍।

ବିହା ସରିଗଲା ପରେ ସଖାଲୁ ବରପିଲା ଟୁକେଲ୍‌କେ ଗୁଧାପଧା କରେଇ କରି ସଜେଇସୁଜା କରି ବଟାସନ୍। ଝି'ବଟା ବେଳର୍ କଥା ତ ସମ୍‌କୁ ଜନା ଅଛେ କାହାର ଧୈର୍ଯ୍ୟ ଆର୍ ନାଇଁ ଧରେ ହେତ୍‌କି ବେଳେ। ମାଁ ବୁଆ ଲାଗେ ଲେସର୍ ସଭେ ଠିଆ ହେଇ କରି ଝି' ବଟଉଛନ୍ ଘର୍‌ବାଟେ। ହେତ୍‌କି ବେଳର୍ ଗୀତ୍ ପଦେ :-

ବଡ଼ ସୁଫଳ ହେଲା ଝିଅ ଜନମ ଯେ
ପର ପୁଅକୁ ଦେଇ କଲେ ଭରନ ଯେ,
ଦଶ ମାସ ଗର୍ଭେ ବହି କଲି ଜନମ
ଏନ୍ତୁଡ଼ିଶାଲରେ ମାତା କଲେ ଉଚ୍ଛନ୍ନ
ତେଲ ହଳଦି ନେଇ, ନେହି କାଟିଲେ ତହିଁ
ଖିର ଖୁଆଇ କଲେ ତହିଁ ଯତନ ଯେ,
ବଡ଼ ସୁଫଳ.....
ଷୋଳ ବରଷ ଝିଅକୁ ହୋଇଲା ଯହୁଁ
ଉତ୍ତମ ବରପାତ୍ରଟି ଖୋଜିଲେ ତହୁଁ
ଖୋଜି ଉତ୍ତମ ସ୍ଥାନ ତହିଁ ଥିଲେ ବ୍ରାହ୍ମଣ
ଖଡ଼ି ସୁଝାଇ କଲେ ତହିଁ ଲଗନ ଯେ,
ବଡ଼ ସୁଫଳ....
ଲଗ୍ନ କରିଥିଲେ ମାଘ ଚଉଠି ଦିନ
ବିଭା କରିବାକୁ ମାତା ଆନନ୍ଦ ମନ
ତେଲ ହଳଦୀ ଆଣି ବିଭା କଲେ ଜନନୀ
ଆହା ପଛନ୍ତରେ କରୁଥିବେ ରୋଦନ ତ,
ବଡ଼ ସୁଫଳ ହେଲା...,

ମାଁ ମାଉସୀ କାନ୍ଦି କାନ୍ଦି ଘରୁ ଝି'କେ ବଟାବାର୍ ଲାଗି ବାହାରିବେ। ସଭେ ସୋର୍ କରୁଥିବେ ଝି'କେ ଛୁଆ ଦିନୁ କେନ୍ତା ହିସାବେ ସଁଖ୍‌ଲି ବୁଟ୍‌ଲି କରି ବଡ଼ କରିଥିଲେ ଯେ। ସମ୍‌କିରର୍ ଆଁଖିନୁ ଆଁଖଲ୍ ଧାର୍ ଝରୁଥିବା। ଇ ସମିଆକେ ଦେଖି କରି ନଚ୍‌ନିଆଁର୍ ଗୀତ୍ ପଦେ:-

ଖେଳାବୁଲା ହୋ ଝିଅ ଘରୁ ହେଲା ବାହାର
ଶାଶୁ ଘର ଯିବା ପାଇଁ ହୋଇ ସୁନ୍ଦର....
ଅଙ୍ଗରେ ଦିବ୍ୟ ପୋଷାକ ଦିଶୁଥାଇ ଜକ ଜକ
ବେଷଭୂଷା ହୋଇ ଝିଅ ହେଲା ବାହାର...
ଖେଳାବୁଲା ହୋ....
ସାଙ୍ଗସାଥି ମେଳ ହୋଇ ଝିଅ ବାହାର ହୁଅଇ
ଶାଶୁ ଘର ଯିବା ପାଇଁ ହୋଇ ସୁନ୍ଦର....

ବିହାର୍ ପରେ ବନ୍ଦାପନା ସର୍ବା ଚଉଠି ହେବା, ନୁଆଁ ବିହା ହେଇଥିବାର୍ ଦୁଇଟା ମନ୍ ଦୁଇଟା ଶରୀର୍‌ର ମିଳନ୍ ହେବା। ସେତ୍‌ଥକି ବେଳର୍ ସେ ଆତୁରତାକେ ନଚ୍‌ନିଆଁର୍

ଗୀତ୍‌ଥି ପଦେ :-

ଘଟ ଉରଜା ମଠ ଆଉ କରନାରେ
ଉଠ ମଠ ନ କର ସଖି ବରନାରେ
ଉଠରେ କୁଞ୍ଚିତ କେଶି କାମ ଜ୍ୱାଳେ ଗଲି ଭାସି
ଦୁହେଁ ମିଶିକି ସତ୍ୱରେ ବିହରିବା ପାଇଁ ଚଳନାରେ
ଘଟ ଉରଜା ମଠ ଆଉ....
ଏକ ପତ୍ନୀ ପ୍ରିତୀ ପ୍ରତି ସତ୍ୟକର ରଘୁପତି
ଦୁହେଁ ଅଗ୍ନି ସାଖି ରଖି ବସନା ରେ...
ଘଟ ଉରଜା ମଠ ଆଉ....

ବିହାର୍ ସବୁ ସରିଗଲା ପରେ, ବର କନିଆଁକେ ଘର୍‌କେ ଢୁକେଇ ସାଏଲା ପରେ ନଚ୍‌ନିଆଁ ମାନେ ତାକର୍ ଶେଷ୍ ନାଚ୍ ଗୀତ୍ ବିହା ଭୁଜିର୍ ମଡୁଆ ତଳେ ଦେଖାସନ୍। କଳା ସଂସ୍କୃତିକେ ବଁଚାବାର୍ ସାଙ୍ଗେ ତାକର୍ ପେଟ୍ ପାଟ୍‌ନା ଲାଗି ବି ଧିଆନ୍ ଦେସନ୍। ଯେନ୍ ଉରିବନ୍ନି ଭୁଜି ଖାଇ ଆସିଥିବେ ସେମାନେ ଇ ନାଚ୍‌ଗୀତ୍ ଦେଖି କରି କିଛି ଟଁକା ପଏସା ବି ଦିଆଥୁଆ କର୍ସନ୍। ସେଠାନେ ଭିନ୍ ଭିନ୍ ରସିଆ ଗୀତ୍, ଖିଆଲ୍ ଖେଚଡ଼୍ ଆନନ୍ଦ ଉଚ୍ଛାହ ମଜା ମଜଲିସ୍ ବାଗିର୍ ଗୀତ୍ ପରିବେଷଣ୍ କର୍ସନ୍। ତାର୍ ପରେ ଖାଇ ପିଇ ତାକର୍ ପାଉନା ନେଇ କରି ନିଜର୍ ଘର୍‌କେ ଯାଏସନ୍। ଇ ମଜାମଜଲିସ୍ ଉଧେ ନଚ୍‌ନିଆଁର୍ ମଡୁଆଝରା ବାଗିର୍ ଶେଷ୍ ଗୀତ୍ ପୁଁଜା

ଭିତ୍‌ରୁ ଗୀତ୍ ପଦେ :-

ଧନ୍ୟ ଧନ୍ୟରେ ଟଙ୍କା ତୋହରି ଗୁଣରେ
ତୋହରି ଗୁଣ.... ଧନ୍ୟ ଧନ୍ୟରେ
ଏହି ଟଙ୍କା ଭାଇ କର ଯତନ.....
ଟଙ୍କା ଥିଲେ ବନ୍ଧ ଦେଉଲ, ଟଙ୍କା ଥିଲେ ଡ଼ବା ମହଲ
ଏହି ଟଙ୍କା ଭାଇ କର ଯତନ.....
ଟଙ୍କା ଥିଲେ କୋଟ କଚେରି, ଟଙ୍କା ଥିଲେ ସିନା ବେପାରି
ଟଙ୍କାର ଲାଗି ନାରୀ ହୁଅଇ ଦୁଚାରି
ଏହି ଟଙ୍କା ଭାଇ କର ଯତନ, ଧନ୍ୟ ଧନ୍ୟରେ
ଏହି ଟଙ୍କାର ଲାଗି ଗା ଭାଇ
କୁଟୁମ୍ ଛାଡ଼ି ଆସିଛେଁ ଧାଇଁ
ଆରେ କହେ ଲିଙ୍ଗରାଜ ମୁର୍ଖ ଅଗ୍ୟାନ...
ଧନ୍ୟ ଧନ୍ୟରେ....

ଯେନ୍‌ମାନେ ବି ନିଜର୍ ଆଁଖିରେ ଇ ସବୁ ଦେଖିଛନ୍ କେଭେ ପାସ୍‌ରି ନାଇଁ ପାରନ୍। ତାର୍ ରସ୍ ତାର୍ ମଜା ଅଲ୍‌ଗା ଆଏ। ଆଏଜ୍ କାଲିର୍ ଆଧୁନିକ ବାଦ୍ୟ, ଇଲେକ୍‌ଟ୍ରୋନିକ୍ସ ଡିଜେ ବଜା, ବିଦେଶୀ ନାଚ୍ ଗାନାର୍ ପ୍ରଭାବ୍‌ଥି ଇ ସବୁ ମେଟି ଯିବାର୍‌କେ ବସ୍‌ଲାନ। ଦିନ୍ ଆଏବା ଲୋକ୍ ଫଟୁ ଭିଡ଼ିଓଥି ଦେଖିବେ ଆର୍ ନଚ୍‌ନିଆଁ କାଣା ଯେ ସଏଦେ ଦେଖିବାର୍‌ଟା ସପନ୍ ହେଇ କରି ରହିଯିବା। ■ ■

ଗଉରଗୋଠ, ଦେଓଗାଁ,
ଧମା, ସମ୍ବଲପୁର
ମୋ : ୯୯୩୭୩୧୭୩୨୧

ଆମର ଲୋକଗୀତ ଢଗଥି ବାସ୍ତବ ଜୀବନର ଅନୁଭୂତି : ଏକ ଆଲୋଚନା

ଅମୃତଲାଲ ସାହୁ (ସଏଲତା)

ବାସ୍ତବ ଜୀବନର ସୁଖ-ଦୁଖ, ମିଳନ-ବିରହ, ହଁସି-କାନ୍ଦି ଆଦି ଅନୁଭୂତିନୁ ଲୋକ ସାହିତ୍ୟର ସୃଷ୍ଟି ହେଇଥିସି। ଲୋକ ସାହିତ୍ୟ କେଭେଁ ଆରମ୍ଭ ହେଇ କେତେଦିନ ରହେବା ଇସବୁ କହେବାର ବଢେ ଦୁଷ୍କର। ଲୋକସାହିତ୍ୟର ମହାନ ତତ୍ତ୍ୱବିତ୍ R D Willium ଙ୍କ ମତଥିଁ-" ଲୋକଗୀତ ନୁଆ ନହେ କି ପୁରୁଣା ନହେ। ଇଟା ସଂସାର ରୂପକ ଏକ ଗଛ, ଯାହାର ମୂଳ ଅତୀତର ବହୁ ଗଭୀରକେ ପ୍ରବେଶ କରିଛେ। କିନ୍ତୁ ହରମେଶା ନୁଆଁ ନୁଆଁ କଅଁଳି ପତର ଆରୁ ଫଳଥିଁ ପରିପୂର୍ଣ୍ଣ ହେଇ ଉଠୁଛେ।"

ଢଗ-ଢମାଳି ଲୋକଗୀତର ଗୁଟେ ବିଭାବ। ଲୋକଗୀତ ଦେଶର ଯେନଠାନେ, ଯେନ୍ ଭାଷାଥିଁ ଜନମ ହେଇଥାଉ, ସେ ସବୁ ଭିତରେଁ ଗୁଟେଭାବ, ଗୁଟେଚିନ୍ତା ଆରୁ ଗୁଟେ ଅନୁଭୂତି ହିଁ ରହିଥିସି। ଉଦାହରଣ ସ୍ୱରୂପ ବଙ୍ଗଳା ଭାଷାଥିଁ -"ବୃଷ୍ଟି ପଡେ ଟାପୁରଟୁପୁର" ଯେନ୍ ଅନୁଭୂତିରୁ ଜନମ, ହିନ୍ଦୀ ଭାଷାର "ଟିପିଟିପି ବରଷେ ପାନି" ଓଡିଆ ଭାଷାର"ପାଣି ବରଷିଲା ଟପର ଟପର...." ଅଥବା ଆମର ସମ୍ବଲପୁରୀ ଭାଷାର "ଝୁପୁର ଝୁପୁର ପାଏନ୍ ବରଷେ" ସେହି ଅନୁଭୂତିନୁ ସୃଷ୍ଟି ହଇଛେ। ପଶ୍ଚିମ ଓଡିଶାର ପ୍ରାୟ ଅନେକ ଢଗ ପ୍ରେମାନୁଭୂତି ଉପରେ ଆଶ୍ରିତ ଆଏ। ଢଗଗୁଡିକ କଳ୍ପନା ଅପେକ୍ଷା ବାସ୍ତବ ଜୀବନର ଘଟଣାକେ ପ୍ରତିଫଳିତ କରସି। ଡ଼ ଆଦିକନ୍ଦ ସାହୁଙ୍କର ଭାଷାଥିଁ -"ଅତ୍ୟଧିକ କଳ୍ପନା ଅପେକ୍ଷା ଅଧିକ ବାସ୍ତବତାର ଚିତ୍ର ଆଲୋଚିତ ଲୋକଗୀତ ବେଶୀପୁଷ୍ଟ ଓ ପ୍ରସାରିତ ହୋଇଅଛି। ନରନାରୀ ମଧ୍ୟରେ ବିରହ ମିଳନର ତୀବ୍ରତର ଅନୁଭୂତି ମଧ୍ୟ ଅତି ବିସ୍ତୃତ ଭାବରେ ଲୋକଗୀତ ଗୁଡିକରେ ବର୍ଣ୍ଣିତ ହୋଇଅଛି।"

ପଶ୍ଚିମ ଓଡିଶାର ଢଗଗୁଡିକ ପ୍ରାୟେ ଦୁଇତିନି ପାଦ ବିଶିଷ୍ଟ। ଇ ଢଗଗୁଡିକୁ ଛୋଟ ଛୋଟ ପ୍ରେମ-କବିତା କହେଲେଁ ବି ବୋଧହୁଏ ଭୁଲ ନାଇଁ ହଏ। ବାସ୍ତବ ଜୀବନ୍‌ରେ ପ୍ରେମ ଉପରେଁ ମୁନୁଷର ଯେନ୍ ତିକ୍ତ ଅଥବା ମଧୁର ଅନୁଭୂତି ଥିସି, ସେ ଅନୁଭୂତି ସମ୍ପନ୍ନ ଢଗହିଁ ଇଠାନେ ଆଲୋଚନା କରାଯିବା। ପ୍ରେମିକ ହଉକି ପ୍ରେମିକା ତାହାର ମୁଖ ଭାଷା ସବୁବେଳେଁ ଖଣ ମଧୁର। ପରସ୍ପରଙ୍କର ମାନ-ଅଭିମାନ, କଥା-ବାର୍ତା, ହସି-କାନ୍ଦି ଆଦି ସେମାନଙ୍କର ଆଖିଁ ମଧୁର। ଯେନ୍‌ଠାନେ ପ୍ରେମଦୁର୍ବଳ, ସେଠାନେ ଶେଷ ସୀମାକେ ପୁହୁଚିଗଲେଁ ମଧୁରଭାବ ତୁଟିଯାଏସି। କୁହାଯାଏସି- " ଅତି ମଧୁର କିରା ଖାଏ, ଅତି ବିଶ୍ୱାସ ତୁଟିଯାଏ।" ମାତ୍ର ଯେନଠାନେ ପ୍ରେମ ବରକସ, ସେଠାନେ ପ୍ରେମ ଚିରସ୍ଥାୟୀ। ପ୍ରେମିକ ପ୍ରେମିକା ମଧ୍ୟରେ ଅନେକ ଅନ୍ତରାୟ ଆଏସି। କିନ୍ତୁ ଏନ୍ତା ଅନ୍ତରାୟ ପ୍ରକୃତ ପ୍ରେମକେ ବାଧା ନାଇଁଦେଇ ଅଧିକ ବଳିଷ୍ଠ କରି ଗଢେ। ଉଭୟେ ଉଭୟଙ୍କର ବିରହରେ ଅନିଦ୍ରା ରହେସନ। ଅନେକ ମଧୁର ସପନ ଦେଖସନ। ଶହ ଶହ ତାଜମହଳ ତିଆର କରସନ। ଝନେ ଆର ଝନକକେ ପାଏବାର ଲାଗିଁ ପାଗଳ ହେସି। ବିରହ ଜୁଏଥିଁ ଜଳିପୁଡି ମରସନ, ହେଲେଁ ଅନ୍ୟର ଆଗାଡେଁ କହି ନାଇଁ ପାରନ। ଇନ୍ତା ଘଟଣାକେ ଢଗଥିଁ କହେସନ-

" ମନ ପୁଡଲେଁ କିଏ ଜାନସି ବନ୍ ପୁଡଲେଁ ଦିଶେ,
କାହାକେ କହେମିଁ କାଏଁବଲିଁ କହେମି
କହେବାର କଥା ନହେସେ। "

ବିରହ ଜୁଏଥିଁ ଜଳୁଥିବାର ମନକେ ଇଠାନେ ଜଙ୍ଗଲର ଜୁଏ ସାଙ୍ଗେ ତୁଳନା କରାହଇଛେ। ଜେଠ ମାସେଁ ଜଙ୍ଗଲେଁ ଜୁଏ

ଲାଗସି । ଇ ଜୁଏକେ ମାକର ବିହା ବଲିଁ ଛୁଆ ମାନେ କହେସନ । "ତାକ୍ ଦୁଲ ଦୁଲ ମାକର ବିହା ଡଙ୍ଗରେଁ ଜଲେ ହୁଲା"। ଇ ଜୁଏ ବହୁତ ଧୁରିଆ ତକ୍ ଦେଖା ଯାଏସି । ଜଙ୍ଗଲ ପୁଡୁଛେ ବଲିଁ ସଭେ ଜାନି ପାରସନ । ହେଲେଁ ବିରହଥିଁ ଝନେକର ମନ ଜଲୁଥିଲେଁ, ପୁଡୁଥିଲେଁ କିହେ ଜାନି ନାଇଁ ପାରନ । କାରଣ ବିରହ ର ଜଳନ୍ "ତାକ୍ ଦୁଲ ଦୁଲ ମାକର ବିହା ଡଙ୍ଗରେଁ ଜଲେ ହୁଲା" ଲେଖେଁ ନୁହେଁ । ଇତାକେ ମନର ଅନ୍ତଃସ୍ରୋତା ଫଲଗୁ ବଏଲେଁ ଠିକ୍ ହେବା ।

ଯେନ୍ ପ୍ରେମ ଯେତେ ଲୁକାଚୁରା, ସେ ପ୍ରେମ ସେତେ ବ୍ୟଥା ଦାୟକ । ଲୁକାଚୁରା ପ୍ରେମକେ ପ୍ରକାଶ କରିଦେଲେଁ ତାର ମଧୁର ଅନୁଭୂତି କମି ଯାଏସି । ଅବେଶ ଇଟା ସତ୍ ଆଏଯେ ନିଜର ପ୍ରିୟ ଲୋକର ଆଗାଡେ ପ୍ରେମକେ ପ୍ରକାଶ କଲେ ମାନସିକ ଦୁଃଖ ଅଲପ କମି ଯାଏସି । ତଥାପି ଲୁକାଚୁରା ପ୍ରେମକେ ପ୍ରେମିକ-ପ୍ରେମିକା ପ୍ରକାଶ ନାଇଁ କରନ । ସେମାନଙ୍କର ଇଚ୍ଛା, ବରଂ ବିରହ-ପବନ ବାଏଁ ବାଏଁ ବୁହୁଥାଉ, କିନ୍ତୁ ଲୁକାଚୁରା ପ୍ରେମ ସମାଜ ନାଇଁ ଜାନୁ । କାରଣ ସମାଜ ଜାନଲେଁ ଅସୁବିଧା । ହେ କଥାକେ ଢଗଥିଁ କହେସନ-

"ମନ ବାଏଁବାଏଁ ପବନ ବାଏଁ,
ମନର କଥା କିଏ ଜାନସି କାଏଁ."

ଠିକ୍ ସେନ୍ତା ଅନ୍ୟ ଏକ ଢଗରେ-

"ମନର କଥା ମନ ଜାନୁଛେ ଆର ଜାନବା କିଏ ?
ଅଟାର ମଝିଁ ସଲ ସମିଗଲା ଝଡିଗଲାନ ଦିହେଁ ।"

ଉପର ଲିଖିତ ଢଗକେ ମନକୁ ଅସ୍ଥିର ପବନ ଆରୁ ତାର ମାନସିକ କଷ୍ଟକୁ ଶଲ (ରକା) ସହ ତୁଳନା କରାଯାଇଛେ । ଅଁଟାଥି ଶଳ ସମଲେ ମୁନୁଷ ବହୁତ କଷ୍ଟ ପାଏସି । ଏନ୍ତାକି ହଲଚଲ ହେଇ ନାଇଁପାରେ । ଶୁଖାକାଠ ଖଣେ ଲେଖେଁ ପଡି ରହେସି । ଦିହେ ଖିନ ହଇ ଯାଏସି । ଚେହେରା ଶୁଖି ଯାଏସି । ଏପରି ପ୍ରେମିକ ପ୍ରେମିକାଙ୍କୁ ଯଥାକ୍ରମେ ଶୁଖା ମେକା ଓ ଚାର ଗଛର ଶୁଖାକାଠି ଭାବେଁ ଆକ୍ଷେପ କରି ଢଗ ବୋଲାଯାଇ ଥାଏ । କାରଣ ଶୁଖା ମେକାକେ ଖାଇ ନାଇଁ ହୁଏ । ଶୁଖା ଚାରକାଠି ମଧ୍ୟ ଦାନ୍ତ ଘଷିବାରେ କାମ ନାଇଁ ଦିଏ । ଏନ୍ତା ଘଟଣାକେ ଝିଅ ବହୁମାନେ ଜାନଲେଁ ପ୍ରେମିକ ପ୍ରେମିକାକୁଁ ବିରଝେଇ କରି ଢଗ ମାଧ୍ୟମଥିଁ କହେସନ-

"ଶୁଖାମେକା ଚାରକାଠି,
ବାବୁ ଶୁଇଛେ ଛିଡାଖଟେଁ, ନୁନୀ ଶୁଇଛେ ଚୁଇଲ ପାଠି ।"

ପଶ୍ଚିମ ଓଡିଶା ପଲ୍ଲୀର ଭୁଇଁ । ପଲ୍ଲୀବାସିନୀର ଦେହରେ ଯଉବନ୍ ପୁହଁଚିଗଲେ ମାଁ-ବାପ ତାହାକେ ବିହା କରବାର ଚିନ୍ତା କରସନ । ସେମାନେ ଭାବସନ ଯେ ସବୁକେ ବିଶ୍ୱାସ କରିହେସି, ହେଲେଁ ଯଉବନକେ ବିଶ୍ୱାସ ନାଇଁ । ଯଉବନ ସମିଆଥିଁ କେତେବେଲେଁ ପାହାଁ ଖରଲି ଯିବା କହି ନାଇଁ ହଏ । "କୁନ୍ତୀ ଲେଖେଁ ରଜାର ଝିଇତ ଅବିହାରୀ ବେଲେଁ କର୍ଣ୍ଣକେ ଜନମ ଦେଇଛେ । ଆମେ କିଏ ଆଉଁ । କେତେବେଲେଁ କେନ୍ କଥାରେ ମାନଧ୍ୟାତା, ବିଲେଇ ଖାଏଲା ଖୁଦ୍‌ଲେଥା ।" ବିଲେଇ ଶିକାର ଝୁରି ଖାଏସି , ଗୁରସ ପିଇସି । ବିଲେଇର ଜୀବନ ଧଏନ । ହେଲେଁ ଭୁଲେଁ ଭାଲେଁ ଯଦି ବିଲେଇ ଖୁଦ ଲେଥା ଖାଇଦେସି, ବଝା ହଇଯାଏସି । ପଲ୍ଲୀକନ୍ୟା ଯଦି ଅବିହାରୀ ହଇ କିଛି ବଛର ବାପ ଘରେଁ ରହିଯାଏସି, ତାହାକେ "ବାଡୋ" (ବାଡୁଅ) ବଲିଁ ବିରଝାସନ । ଟାହି ଟାପରା ବି ଢଗ ମାଧ୍ୟମଥିଁ ଶୁନବାରକେ ପାଏସି । ଯେନ୍ତା-

"ଠାଠୁ ମୁଡି ଠେ-ଠେଲକୋ ଶେମେଲ ତଲେଁ ପୂଜା ।
ଚାଉଲ ପୁଞ୍ଜି ନାଇଁ ଖଉଛେ ଦେଖି ତ ଠେଁକିର ମଜା ।"

ନାରୀର ଲାଗିଁ ଲାଡୁଁମୁଡ ଅସୁନ୍ଦର ଆରୁ ଅମଙ୍ଗଳ । କେଶବତୀ ନାରୀ ଶ୍ରୀଯୁକ୍ତା । ଇ ଠାନେ ଲାଡୁମୁଡିର ଝିଇର କଥା କୁହାଯାଇଛେ । ସେ ବିହା ହଇ ନାଇଁ ପାରିଁ । ସ୍ୱାମୀଟେ ପାଏବାର ଲାଗିଁ ସେ ଶେମେଲଗଛ ତଲେଁ ସମଲେଇ ଦେବୀକେ ପୂଜା କରିଛେ । ମାଆଁକେ ବିନତି କରିଛେ । ହେଲେଁ ଲାଡୁଁମୁଡିର ବିନତି ମାଆଁ ସମଲେଇ ନାଇଁ ଶୁନବାର । ତାର ଭୋଗରାଗ ଗ୍ରହଣ ନାଇଁ କରବାର । ବଳିଦେବା ପାଇଁ ଯେନ ଛେଲ ଅନାଯାଇଛେ ସେ ପୂଜା ଚାଉଲ ନାଇଁ ଖାଉଛେ । ପୂଜା ଚଉଳ ନେଇଁ ଖାଏଲେଁ ଦେବୀ ପ୍ରସନ୍ନ ନ ନାଇଁନ ବଲିଁ ମନେହେସି । ଠିକ୍ ସେନ୍ତା କିଶୋରୀ ଝନକ ଉପରେ ଦେବୀ ସନ୍ତୁଷ୍ଟ ନାଇଁନ ବଲି ମନେ କରାଯଉଛେ । ଇଠାନେ ଛେଲ ସାଙ୍ଗେ ଅବିହାରୀ କିଶୋରୀକେ ତୁଳନା କରାଯାଇ ଥଟ୍ଟା କରାଯାଇଛେ ।

ମାନସିକ ଯନ୍ତ୍ରଣା ଭୋଗ କରୁଥିବା ଝନେ ବାଡୋ ଝିଇକେ ଥଟ୍ଟା କରସନ ଇଟା ଆମର ସମାଜଥିଁ ଦେଖା ଯାଏସି । ମାତ୍ର ସେ ଯେତେବେଲେଁ ବିହାହଇ ଶାଶଘରକେ

ଯାଏସି ତାର ମନ ଗହଗହ। ମାଆଁ-ବାପ, ଭାଏ-ବୁହେନ, ପଡୋଶୀ, ଜନମ ଭୂଇଁ, ଗାଁ' ଛାଡି ଧୁରିଆକେ ଯଉଥିଲେ ବି ସେ ଆନନ୍ଦଥିଁ ଆତ୍ମହରା ହେଇଥିସି। ଉଷନାକ ମନର ଆନନ୍ଦକେ ଲୁକାବାର ଲାଗିଁ ସେ ବହୁତ ଚେରେଷ୍ଟା କରସି। ଦୁଃଖିତ ହେବାର ଅଭିନୟେ କରସି। ତାର ଛଳନା କିନ୍ତୁ ଧରା ପଡିଯାଏସି। ତାର ଗାଁ'ର ସାଙ୍ଗ ମକର ମାନଙ୍କର ଆଏଁଖିକେ ସେ ଠକି ନାଇଁ ପାରେ। ସେମାନେ ତାର ମନର କଥା ଜାନି ପାରସନ। ସେନ୍ତା ଘଟଣାକେ ଢଗ ମାଧ୍ୟମରେ ମକର ବଉଲ ଗଜାମୁଗ ଆଦି କହେସନ-

"ଭିତରେଁ ଭିତରେଁ ଘୁଟା କୁହୁଁ କୁହୁଁ, ଉପରେ ଉପରେଁ ଉହୁଁ।"

ଅନେକ ସ୍ଥଳରେ ଠିକ୍ ବିପରୀତ ଲକ୍ଷଣ ବି ଦେଖାଯାଏସି। ଶାଶ୍ ଘରକେ ଗଲାବେଳେଁ କିଶୋରୀ ଦୁଃଖଥିଁ ଭାଙ୍ଗି ପଡିଥିସି। ଅଥଚ ସେ ସୁଖର ଅଭିନୟ କରସି। ମନର ଦୁଖର ଭାବକେ ହଜମ କରି ସୁଖେଁ ଥିବାର ଅଭିନୟେ କରସି। ଏନ୍ତା ଅଭିନୟେ ବି ଧରାପଡିଯାଏସି। ଗାଁ'ର ସାଙ୍ଗ, ମକର, ଗଜାମୁଗ ବଉଲ ଆଦି ସଭେ ତାର ମନକଥାକେ ଜାନି କହେସନ-

"ଉପରେଁ ଉପରେଁ ଫୁଲଗୁଭା
ଭିତ୍‌ରେଁ ଭିତ୍‌ରେଁ ରୁବ୍‌କୁବା।"

ଇ ଢଗଟା ଅନେକ ସ୍ଥଳରେ "ବିଷକୁମ୍ଭଂ ପୟୋମୁଖମ" ଭାବେଁ ବି ପ୍ରୟୋଗ ହେଇଥିସି। ରୂପ ଗୁଣ ଯୌବନ ସଂପନ୍ନା ଷୁଲହ ବୟେସୀ ଅସୁବିଧା ବଶତଃ କେଭେଁ କେନ୍ତା ବୁଢାକେ ବିହା ହେବାର ବି ଦେଖାଯାଏସି। ଜହକରି ଗରିବ ପରିବାରଥିଁ ଏନ୍ତା ବିହା ଘଟସି। ଏନ୍ତା ହେଲେଁ ଯୁବତୀକେ "ଯୌନକ୍ଷୁଧା" ଓ "ଅନ୍ନକ୍ଷୁଧା" ଭିତରୁଁ କେନସି ଗୁଟେକେ ବାଛିବାକୁ ପଡିଥାଏ। ଜୁଆନ ପିଲା ଝନେକେ ବିହାହେଲେଁ "ଯୌନକ୍ଷୁଧା" ନାଇଁ ରହେ , ହେଲେଁ ଯଦି ପିଲାଟା ଗରିବ ଆଏ "ଅନ୍ନକ୍ଷୁଧା" ରହେବା। ଅନ୍ୟପକ୍ଷରେ ବୁଢା ଝନେକେ ବିହାହେଲେଁ ସୁନା ରୂପା, ଧନ ସଂପଦ ପାଏବା। ହାର, କର୍ଣ୍ଣଫୁଲ, ଗଁଠିଆ, ସୁନାର ଚୁରି ଆଦି ପିନ୍ଧି ସଜେଇ ହେବା। ହେଲେଁ "ଯୌନକ୍ଷୁଧା" ଥିଁ ଜୀବନ ସାରା ହାହାକାର କରି ରହେବା। ଗରୀବ ଘରର ଝିଇ କାହାକେ ବିହା ହେବା ? ଗରିବ ଘରର ଜୁଆନ ପିଲାକେ କି ଧନୀଘରର ଦରମରା ବୁଢାକେ ? ? କାହାକେ ? ଇ କଥାକେ ଲକ୍ଷ୍ୟକରି ଯୁବତୀ ମାନଙ୍କର ମୁହୁଁନୁ ଢଗ ବାହାରି ଆଏସି -

"ପିଲାବର, ଭୁକେଁ ମର।
ବୁଢାବର, ଗଁଠିଆ ଶିକଲା ଭରତି କର।"

ସାହିତ୍ୟ ପ୍ରାଣ ଖଗେଶ୍ୱର ସେଠ୍ ତାଙ୍କର ପଏର୍ଛା ସତୀ କାବିତାଥିଁ ସମାଜର ଇ ଘଟଣାକେ ନେଇ ଲେଖିଛନ। ସଂପଦର ଲୁଭେଁ ଝନେ ବାପ ତାର ଷୁଲହ ବଏସୀ ଝିଇକେ ଝନେ ଦରମରା ବୁଢାସାଙ୍ଗେ ବିହା କରିଛେ। ବିହାର କିଛି ମାସ ପରେଁ ଦରମରା ବୁଢା ମରିଛେ। କବିତାଟା ହଉଛେ-

"ବାପ ଅଁଟକୁରା ଟଁକା ଦେଖଲା
ଦରମରାଟାକେ ଝଁପେଇ ଦେଲା
ବନ୍ଦନା ଲୁଗାଥିଁ କନନା ଲାଗଲା,
ଲାଖଚୁରି କାଣା ଭାଙ୍ଗତିଁ ହେଥିଁ....
ଶୁନଗୋ ମୋର ମାଆଁ ବହନେ..
ମୋର ନାଆଁଟା ପଏର୍ଛା ସତୀ।"

ବହୁପତ୍ନୀ ହିନ୍ଦୁ ସମାଜ ଲାଗିଁ ଉଚିତ ନହେ। ହିନ୍ଦୁ ଦର୍ଶନ ଅନୁସାରେଁ ବିହାବେଦୀ ମନ୍ଦିର ଲେଖେଁ ପବିତ୍ର। ଅଗ୍ନି, ପୁରୋହିତ, ଦେବଦେବୀ, ଦଶ ଦିଗପାଳ ଆଦିଙ୍କୁ ସାକ୍ଷୀ ରଖି ବର-କନ୍ୟା ଉଭୟେ ବିହା ହେସନ। ପୁରୋହିତ ସତ୍ୟ ରୂପକ ଗ୍ରନ୍ଥିରେ ବର ଆରୁ କନିଆଁ ଦୁହିଙ୍କର ମନ ଆରୁ ହୃଦୁଦକେ ବନ୍ଧନ କରୁଛେଁ ବଲିଁ କହେସି। ଉଭୟଙ୍କର ଭୁଜେନ ହାଁତକେ କୁଶଥିଁ ବାନ୍ଧି ମନ୍ତ୍ର ପଢସି "ଓଁ ବଧ୍ନାମି ସତ୍ୟ ଗ୍ରନ୍ଥିନା ମନଂ ଚ ହୃଦୟଂ ଚ ତେ"। ବରପିଲା ଆରୁ କନ୍ୟା ଦୁହିଝନ ଅନ୍ୟକାହାକେ ବିହା ନାଇଁ ହଉଁ ବଲିଁ ଶପଥ ନେସନ। ବରପିଲା ବେଦୀ ଉପରେଁ କନ୍ୟାକେ କହେସି-

"ଓଁ ଧ୍ରୁବା ଦ୍ୟୌ ଧ୍ରୁବାପୃଥିବୀ ଧ୍ରୁବଂ ବିଶ୍ୱମିଦଂ ଜଗତ୍।
ଧ୍ରୁବା ସଃ ପର୍ବତାଇମେ ଧ୍ରୁବା ସ୍ତ୍ରୀ ପତିକୁଳେ ଇୟଂ।।"

(ଗୋଭିଲ ଗୃହ୍ୟସୂତ୍ର)

ଅର୍ଥାତ୍- ଆଗୋ କଲ୍ୟାଣୀ! ତମେ ସୁରୁଜ, ପୃଥିବୀ, ଜଗତ, ପରବତ ଲେଖେଁ ମୋର ଘରେଁ ସ୍ଥିର ହଇ ରହେବ। ଦୁଖ ସୁଖକେ ସମାନ ଭାବି ବିଚଲିତ ନାଇଁ ହେବ। ତମେ ଇ ଶପଥ କର। ସେତେବେଳେଁ କନ୍ୟା କହେସି-

"ଓଁ ଧ୍ରୁବାମସି ଧ୍ରୁବ ନତ୍ୱା ପଶ୍ୟାମି ଧ୍ରୁବୈଧି ପୋଷ୍ୟେମୟୀ
ୟହଂ ତ୍ୱାଦାତ୍ ବୃହସ୍ପତୀର୍ମୟା ପତ୍ୟା ପ୍ରଜାବତୀ ସଂଜୀବ
ଶରଦଃ ଶତମ୍।।"

(ପାରତ୍ରିକକାଣ୍ଡ- ୯/୮)

ଅର୍ଥାତ୍- ଆଗୋ ସ୍ୱାମୀ ! ମୁଇଁ ଧ୍ରୁବ ତାରା ଲେଖେଁ ସ୍ଥିର ରହେମି । ଧୈର୍ଯ୍ୟ ଧରି ସାଙ୍ଗେ ରହେମି । ମୋର ଅନୁକୁଳ ବରଟେ ମତେ ମାହାପୁରୁ ଦେଇଛନ । ତୁମେ (ଶରଦଃ ଶତମ୍) ଶହେଟା ଶରତ ଋତୁ ଅର୍ଥାତ୍ ଶହେ ବରଷ ମୋର ସାଙ୍ଗେ ରହେବ । ମୁଇଁ ତୁମର ସାଙ୍ଗ ନାଇଁ ଛାଡେଁ ।

ବରପିଲା ବି ବେଦୀ ଉପରେଁ ପୁରୋହିତ, ଦଶଦିଗପାଳ, ଆରୁ ଅଗ୍ନିକେ ସାକ୍ଷୀ ରଖି ମନ୍ତ୍ରଥିଁ କହେସି-

"ଭଗସ୍ତେ ହସ୍ତମ ଗ୍ରଭୀତ୍ ସବିତା ହସ୍ତମ ଗ୍ରଭୀତ୍ ପତ୍ନୀ ତ୍ୱମସି ଧର୍ମାଣାହଂ ଗୃହପତି ସ୍ତବଂ ।"

(ଅଥର୍ବ ବେଦ, ୯୪/୯/ ୪୯ ମନ୍ତ୍ର)

ଅର୍ଥାତ୍- ଆଗୋ କଲ୍ୟାଣୀ । ଆଏଜ ମୁଇଁ ତୁମର ଗୃହପତି ହେଲିଁ । ମୁଇଁ ତୁମର ହାଁତ ଧରିଛେଁ । ତୁମେ ମୋର ଧର୍ମପତ୍ନୀ । ତମକେ ଜୀବନ ସାରା ନାଇଁ ଛାଡେଁ । ମୁଇଁ ବେଦୀ ଉପରେଁ ଆଏଜ ଶପଥ ନଉଛେଁ ।

ହେଲେଁ ଆଝିରର ସମାଜଥିଁ ଅନେକ ଜାଗାନେ ଶପଥ ନାଇଁ ରହେ । ଅଲପ କିଛି ମନାନ୍ତର ହେଲେଁ ବିହା ପରେଁ ପରେଁ ପୁରୁଷ ଦୁସୁରା ପତ୍ନୀ ଘରକେ ଆନସି । ତାର ବିହା ହେଲା ପତ୍ନୀ ବି ଛାଡପତର ନେଇ ଦୁସୁରାଘର କରି ଯାଏସି । ଅନେକ ଜାଗାନେ ସ୍ତ୍ରୀ ଥାଇକରି ବି ସ୍ୱାମୀ ଆରଝନେ ସ୍ତ୍ରିରୀକେ ବନ୍ଦେନ କନିଆ କରି ଆନସି । ଦୁହି ପତ୍ନୀ ସଅତେନ ହଇ ରହେସନ । ମାତରକ ଘରେଁ ସୁଖ, ଶାନ୍ତି ନାଇଁ ରହେ । ଦୁସୁରା ପତ୍ନୀର ଅଧୀନଥିଁ ସ୍ୱାମୀ ରହେବାରକେ ବାଧ୍ୟ ହେସି । ନିଜର ମଣିଷ ପଣିଆ ନଷ୍ଟହେଇ ଯାଏସି । ଇ ପ୍ରକାରର ଘଟଣା ଆମର ସମାଜଥିଁ ଦେଖାଯାଏସି । ଇନ୍ତା ବାସ୍ତବ ଜୀବନର ଅନୁଭୂତିକେ ନେଇ ଢଗଥିଁ କୁହାଯାଏସି-

"କଁଷି ତୁମେର ରସ୍‌ଘରା
ବିହେଇ ମାଏଝି ଛାଡିକରି...ବନ୍ଦେନ୍ ମାଏଝି ର ମନ୍‌ଧରା ।"

ଇତାର ଅର୍ଥ ହଉଛେ- ବନ୍ଦେନ ମାଏଝି ହଉଛେ କଁଷି ତୁମେର । କଷି ତୁମେର ଫଳଥିଁ ରସ ନାଇଁ ଥାଏ । ବିହେଇ ମାଏଝି ହଉଛେ ପାଚଲା ତୁମେର ରସଭରା ଫଳ । ବିହା ହେଲା ମାଏଝିକେ ଛାଡି ବନ୍ଦେନ ମାଏଝିର ମନଧରା ହେଇ ତୁଇଁ ରହିଛୁ ।

ଯେତେବେଳେଁ ବୟସ ଖଁସରି ମୁନୁଷ ବୁଢା ହେସି ,ସେତେବେଳେଁ ବନ୍ଦେନ ମାଏଝିର ବ୍ୟବହାରଥିଁ ଆହୁରି ଅସହାୟ ହେଇପଡସି । ଗଞ୍ଜା କୁକୁଡା ବୁଢା ହଇଗଲେଁ ମାଇ କୁକୁଡା ଯେନ୍ତା ବୁଢାଗଞ୍ଜା କୁକୁଡା ଉପରେ ପ୍ରାଧାନ୍ୟ ବିସ୍ତାର କରସି ଆରୁ ଚାବି ଧାଏଁସି ବନ୍ଦେନ କନିଆଁ ଠାନୁ ଠିକ୍ ସେନ୍ତା ବ୍ୟବହାର ମିଳସି । ସମାଜଥିଁ ଏନ୍ତା ଘଟଣା ବହୁତ ଘଟୁଛେ । ହେଥିର ଲାଗିଁ ନାରୀମାନେ ଢଗଥିଁ କହେସନ-

"ଲେ ଲେ ଲେ ଲେ ଲେହେର ଗଞ୍ଜା
ଘଏତା ଉପରେଁ ମାଏଝି ରଜା ।"

ଯେନ ଘରେଁ ଦୁଇ ସଅତେନ ରହେସନ ସେ ଘରେଁ ସୁଖ,ଶାନ୍ତି, ପ୍ରେମ କିଛ ନାଇଁରହେ । ଘର-ସଂସାର ଉଜୁଡି ଯାଏସି । ସ୍ୱାମୀର ଜୀବନ ହାହାକାର କରି ଉଠ୍‌ସି । ଉଭୟ ସଅତେନ୍ ଭିତରୁଁ କେନ୍ ପତ୍ନୀ ସାଙ୍ଗେ ରାଏତ୍ ପୁହାବା ଭାବି ନାଇଁପାରେ । ଯେନ ଜାଗାନେ ଇ ରକମର ଅଯଥା ଦଶା ସ୍ୱାମୀକେ ମିଳସି, ସେ ଜାଗାନେ ପଡୋଶୀ ନାରୀମାନେ ଇ କଥା ଜାନି ପରିହାସ କରି କହେସନ-

"ଦୁଇ ସଅତେନ ର ଘଏତା ।
ବାସି ଖାଏବୁ କି ତତଲା ଖାଏବୁ ବେଲ ଥାଉଁଥାଉଁ କହିଥା ।"

ସଅତେନ ଉପରେଁ ଆରଗୁଟେ ଢଗ ଅଛେ । ଜହ୍ନ ରାତିଁ କୁମାରୀମାନେ ଗାଆଁ ଖୁଲିଁ ଖେଳ ଖେଳସନ । ଖେଳର ନାଆଁ ହଉଛେ "ଝୁମ୍‌କୁଟା" । ଡେବିରି ଆରୁ ଭୁଜେନ ଦୁହି ଗୋଡକେ ଥରେ ଥରେ ତଳ ଉପର କରି ନାଚଲା ନାଚଲା ଛନ୍ଦେ ଗୀତ ଗାଏସନ -

"ଇ ଗୁଡେଁ ମାଏଲିଁ ଘିଇ ସଏଲତା ଚଟ୍ କଲା
ଇ ଗୁଡେଁ ମାଏଲିଁ ଭେଜିରି କଁଟା ରଟ୍ କଲା ।"

ଇଟା ଯଦିଓ ଲୋକଗୀତ, ଅନେକ ଜାଗାନେ ଢଗଭାବେଁ ବେଭାର ବି କରାଯାଏସି । ଝନେ ପୁରୁଷର ଦୁଇଟା ପତ୍ନୀ । ଉଭୟ ପତ୍ନୀ ଯଦି ସ୍ୱାମୀସେବା ନାଇଁ କରି ସ୍ୱାମୀକେ କଷ୍ଟ ଦେସନ ସେନେ ଇ ଢଗଟା କୁହା ଯାଏସି । ସଏଲତା ବାଗିର ଗୁଟେ ସଅତେନ ଗୋଡକେ ପୁଡେଇ ଦେସି ତ ଆର ଝନେ ଭେଜରି ଗଛର କଁଟା ବାଗିର କଷ୍ଟ ଦେସି । ସଅତେନ ଥିଲେଁ ଇ ଦୁଖ ଆଏସି ।

ପ୍ରେମ୍ ମାତ୍ରକେଁ ଅନ୍ଧା । ଭଲ ପାଏବାରଟା ଜାଏତ୍, ଧରମ, ଧନୀ, ଗରିବ, କଲିଆ,ଗୋରା, ସୁନ୍ଦର-ଅସୁନ୍ଦର ଇ ସବୁକେ ନାଇଁ ଦେଖେ । ସେଥିରଲାଗିଁ ଢଗରେ କହନ୍ତି-"ଯାହାର ମନ ଯହିଁକି ରସେ, ମଲୀଫୁଲ ଫୁଲ ତହିଁକି ବାସେ ।" ଇନ୍ତା ପ୍ରେମିକ ପ୍ରେମିକା ମାନେ ସମାଜ ର ବାରଣ, ମନାକେ ନାଇଁ

ମାନନ। ସେମାନେ ଗାନ୍ଧର୍ବ ରୀତିଥିଁ ବିହା ହେସନ। ଯଦିବି ସେମାନଙ୍କର ପ୍ରେମ ପବିତ୍ର ତଥାପି ଅନେକ ଟାହି ଟାପରା ର ଶିକାର ହେବାରକେ ପଡସି। ଇମାନଙ୍କୁ ସମାଜ ଅଲାଜୁକ ଭାବେଁ ଗ୍ରହଣ କରସି। ବିହାହଇ ଯେତେବେଳେଁ ଇ ପତିପତ୍ନୀ ଏକା ସାଙ୍ଗେ ଚାଲି ଯାଏସନ, ନାରୀମାନେ ନାକ ଟେକସନ। ପରିହାସ କରି ଢଗଥିଁ କହେସନ-

"ଘାଟର କନିଆ ବାଟର ବର ଚାଲି ଯଉଛନ ଟର ଟର।"

ଗଅଁଲି ଗାଁ ର ପ୍ରେମିକ-ପ୍ରେମିକା ମାନଙ୍କର ପ୍ରେମ ପହେଲା ନଏଦ୍, ବନ୍ଧଘାଟ, ଧୋବାତୁଠ, ଧାନଖେତ ଆଦି ଜାଗାନେ ମୁଲହେସି। ଦୁହେଁ ଦୁହିଙ୍କୁ ଭଲ ପାଏସନ। ଗାନ୍ଧର୍ବ ରୀତିରେ ବିହା ହେମା ବଲିଁ ଶପଥ କରସନ। ଗାର୍ଦ୍ଧବ ନିୟମଥିଁ ବିହା ହଉଥିବାର ଗାଉଁଲି ପ୍ରେମିକ-ପ୍ରେମିକା ମାନଙ୍କର ପ୍ରେମ ବିଲକୁଲ ନାଇଁ ତୁଟେ। ସେମାନେ ଲୁକିକରି ଘରୁଁ ପଲାସନ। ଏନ୍ତା ଲୁକିକରି ବିହା ହେବାର ପ୍ରଥାକେ ଆମର ସମ୍ବଲପୁରୀ ଭାଷାଥିଁ "ଉଧୁଲିଆ" କୁହାଯାଏ। ସେମାନଙ୍କର ପ୍ରେମ "ହଲଦୀର କାଏଁ ରଙ୍ଗ, ପରଦେଶୀର କାଏଁ ସଙ୍ଗ" ଲେଖେଁ କ୍ଷଣସ୍ଥାୟୀ ନୁହେସେ । ଏମାନଙ୍କର ଜୀବନଥିଁ ଅନେକ ଝଡଝଞ୍ଝା, ଝଁକେର,ବାଧା ଆଏସି। ଜୀବନ ଥରିଯାଏସି। ବୟେସ ଧିରେଧିରେ ଚାଲିଯାଏସି । ହେଲେଁ ସେହି ଗଅଁଲି ଗାଆଁର ପତିପତ୍ନୀଙ୍କର ପ୍ରେମ କେଭେଁବି ଫିକା ନାଇଁ ପଡେ। ଉହର ବୟସେଁ ବି ଦୁହେ ଦୁହିଙ୍କୁ ଭଲ ପାଇଥିସନ। ଘଡେ ନାଇଁ ଦେଖଲେଁ ଝୁରି ମରସନ।

"ପିପଲ ଗଛର କଏର୍ଚା,
ନାଇଁ ଦେଖଲେଁ ଧୁକୁର-ପୁଚୁର, ଦେଖିନେଲେଁ ମନ ପଏର୍ଛା।"

ପରିବାରଥିଁ ପତି ଆରୁ ପତ୍ନୀ ଏକ ହଇ ଦୁହେ ଦୁହିଙ୍କୁ ଯଦି ସନ୍ତୋଷ କରି ରଖସନ, ସେ ପରିବାରଥିଁ ମଙ୍ଗଳ ରହେସି। ଯଦି ପତିପତ୍ନୀ ଭିତରେଁ କିହେ ସନ୍ତୁଷ୍ଟ ନାଇଁନ ସେ ଘରେଁ କଲ୍ୟାଣ ନାଇଁ ହଏ। ନୀତି ଶାସ୍ତ୍ର କହୁଛେ -

"ସନ୍ତୁଷ୍ଟୋ ଭାର୍ଯ୍ୟାୟା ଭରତା ଭରତା ଭାର୍ଯ୍ୟା ତଥୈବଚ
ଯସ୍ମିନୈବ କୁଳେ ନିତ୍ୟଂ କଲ୍ୟାଣ ତତ୍ର ବୈ ଧ୍ରୁବମ୍॥"

(ନୀତିଶାସ୍ତ୍ର)

ଯନେ ପରିବାରଥିଁ ପତ୍ନୀ-ପତି ଭିତରେଁ ମେଲ ନାଇଁ ରହେ, ଗାଲି ଝଗଡା ହଉଥିସି, ସଂପର୍କ ଭଲ ନାଇଁ ରହେ, ସେନ୍ତା ପତି ପତ୍ନୀଙ୍କୁ ନାରୀ ମାନେ ଢଗ ଥିଁ କହେସନ-

"ଅସ୍‌କୁରାକେ ଅସ୍‌କୁରି, ଦଏବ ଦେଇଛେ ଭେଁଟକରି॥"

ବିଶେଷ ଭାବେଁ ନାରୀ ମୁହଁର ଅଲଙ୍କାର ହଉଛେ ଢଗ। ମକର, ଗଜାମୁଗ, ସାଙ୍ଗ, ବଉଲ, ସହି, ସଙ୍ଗାତ ସାଙ୍ଗେ ଇନ୍ତା ଢଗ ଗୁଡାକ ଶୁନବାରକେ ମିଲସି। ଖେତ ଖଲାଥିଁ, ଆମଝାରେଁ, ପତର ତୁଲା ପତରା ଭିତରେଁ, ଗୁଧୁଆଘାଟେଁ, ନଏଦ୍ ନୁ ମଠିଆଥିଁ ପାଏନ ଆନଲା ବେଲେଁ ଇସବୁ ଢଗ ଶୁନାଯାଏସି। ଢଗ ମାତ୍ରକେଁ ମଧୁର। ଛୋଟ ଘରର ଲୋକ ଯଦି ବଡ ହଇ ଯାଏସି, ତାର ଘମଣ୍ଡ ବଢି ଯାଏସି। ନିଜକେ ବହୁତ ବଡ ବଲିଁ ଭାବସି। ଛୋଟ ଲୋକକୁଁ ହୀନ ନଜରଥିଁ ଦେଖସି। ସେଠାନେ ଢଗଥିଁ କହେସନ-

"ତେତଲ ପତର ଝାଇଁକି,
ଖଲିଖିଆ ଲୋକ ଥାଲିଥିଁ ଖାଏଲେଁ ମୁନୁଷ ଚିହ୍ନିବେ କାହିଁକି।"

ବିହାହଇ ଭୁଆସେନ ଘରକେ ଆଏସି। ଅନେକ ପରିବାରଥିଁ ଭୁଆସେନକେ ଶାଶ୍ ଶଶୁର ନଣନ୍ଦ, ସୋଜ ସୋଜ ଗାଲି ଦେସନ। ସୋଜ ସୋଜ ନିନ୍ଦା ବି ଦେସନ। ଭୁଆସେନ ସମକଁର ଗାଲିକେ ସହି ପାରସି। ମନେ ଭାବସି "ତୁଇଁ କହୁଥା ଝାଡି ଝାଡି , ମୁଇଁ ଦେଇଛେ ମୁହୁଁକେ ଆଡି। " ହେଲେଁ ବିନା ଦୁଷେଁ ନିଜର ସ୍ୱାମୀ ପଦେ ଅଧେ କହିଦେଲେଁ ସହି ନାଇଁପାରେ। ଛାତି କୁଟ୍‌କୁଟା ହଇ ଫାଟିଗଲା ବାଗିର ଲାଗସି। କାନ୍ଦ୍‌କାନ୍ଦ୍ ହଇ ସେ ଭାବସି -

"ଶାଶ ବଏଲା ଲେଥାଲେଥା ଶଶୁର ବଏଲା ଲେଥା
ଘରର ଘଏତା ଲେଥା ବଏଲେଁ ସରିଗଲାତ କଥା।"

ଅସଂଖ୍ୟ ଢଗ ନାରୀ ଅଧରରେ ରହି ଯାଇଛେ। ଧିରେ ଧିରେ ସବୁ ହଜି ଯଉଛେ। ଯାହା କିଛି ଢଗ-ଢମାଲି ଅଛେ ସେ ସବୁର ବିଶ୍ଳେଷଣ ହେଇ ନାଇଁ ପାରିଁ। ଗୁଟେ ଜାତିର ସାହିତ୍ୟ, ସଭ୍ୟତା, ସଂସ୍କୃତି, ଜୀବନଦର୍ଶନ ଆରୁ ଭାଷାକେ ବଁଚାବାର ଲାଗିଁ ଏହାର ପୁନଃଉଦ୍ଧାର ବହୁତ ଦରକାର। ■ ■

ଘେଁସ, ବରଗଡ଼
ମୋ- ୯୭୭୮୮ ୧୧୪୪୬

ସମ୍ବଲପୁରୀ ଦିନ - ଏକ ସାଂସ୍କୃତିକ ଆଲୋଚନା

✍ ପ୍ରେମାନନ୍ଦ ପାଣିଗ୍ରାହୀ

ଓଡିଶା ସବୁବେଳେ ତାର ସଂସ୍କୃତି ଓ ପରମ୍ପରାକୁ ନେଇ ଆଗରେ। ଏଠି ବିଭିନ୍ନତା ମଧ୍ୟରେ ଏକତା ଥାଏ। ସାରା ଓଡିଶାରେ ଅନେକ ଭାଷା ପ୍ରଚଳିତ ହୁଏ। ସେଥି ମଧ୍ୟରୁ ପଶ୍ଚିମ ଓଡିଶାର ସମ୍ବଲପୁରୀ ଭାଷା ସୁମଧୁର। ସାରା ରାଜ୍ୟର ଲୋକେ ସମ୍ବଲପୁରୀ ଭାଷାକୁ ଆଦର କରିଥାନ୍ତି। ଏଠାରେ ପାଳନ ହେଉଥିବା ପର୍ବ ମଧ୍ୟ ସବୁଠୁ ନିଆରା। ଶୀତଳ ଷଷ୍ଠୀ, ନୂଆଁଖାଇ, ଭାଇଜିଉନ୍ତିଆ ଆଦି ପର୍ବରେ ଭରି ରହିଥାଏ ଭାଇଚାରା। ଏହିସବୁ ପର୍ବପର୍ବାଣୀକୁ ଧୁମ୍‌ଧାମରେ ପାଳନ କରିଥାନ୍ତି ପଶ୍ଚିମ ଓଡିଶାବାସୀ।

ଅଗଷ୍ଟ ମାସ ୧ ତାରିଖକୁ ପଶ୍ଚିମ ଓଡିଶାବାସୀ ସମ୍ବଲପୁରୀ ଦିନ୍ ବା ସମ୍ବଲପୁର ଦିବସ ଭାବରେ ପାଳନ କରିଥାନ୍ତି। ସମ୍ବଲପୁରୀ ଭାଷା ,ସାହିତ୍ୟର ଜନକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିନକୁ ସମ୍ବଲପୁରୀ ଦିବସ ଭାବରେ ପାଳନ କରାଯାଏ। ୧୯୧୩ ମସିହା ଅଗଷ୍ଟ ୧ ତାରିଖରେ ଗୁରୁ ସତ୍ୟ ନାରାୟଣ ସୋନପୁରରେ ଜନ୍ମଗ୍ରହଣ କରିଥିଲେ। ସେ ସମ୍ବଲପୁରୀ ଭାଷା ସାହିତ୍ୟରେ ଲେଖନୀ ଚାଳନା କରିବା ସହିତ ଏହାର ପ୍ରଚାର ପ୍ରସାର ଦିଗରେ ଅଧିକ ଗୁରୁତ୍ୱ ଦେଇଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ୨୦୧୩ ମସିହାଠାରୁ ଗୁରୁ ସ୍ୱର୍ଗତ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିବସକୁ ସମ୍ବଲପୁରୀ ଦିବସ ଭାବରେ ପାଳନ କରାଯାଉଛି। ପଶ୍ଚିମ ଓଡିଶା ବ୍ୟତୀତ ସାରା ରାଜ୍ୟରେ ଓ ବିଦେଶରେ ଯେଉଁଠି ପଶ୍ଚିମ ଓଡିଶାବାସୀ ବସବାସ କରୁଛନ୍ତି,ସମସ୍ତେ ଏହି ଦିବସ ପାଳନ କରିଥାନ୍ତି। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଐତିହ୍ୟ ସ୍ୱତନ୍ତ୍ର। ସମ୍ବଲପୁରୀ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମ୍ବଲପୁରୀ ଭାଷା, କଳା, ସଂସ୍କୃତି, ସାହିତ୍ୟ, ପରମ୍ପରାକୁ ଦେଶବିଦେଶରେ ଅଧିକ ପ୍ରଚାରପ୍ରସାର କରିବା।

ପ୍ରତି ବର୍ଷ ଏହି ଦିନରେ ପୁରା ପଶ୍ଚିମ ଓଡିଶାବ ଉତ୍ସବ ମୁଖର ହୋଇଉଠେ। ସମ୍ବଲପୁରୀଆ ଭାବେ ଗର୍ବ ଅନୁଭବ କରୁଥିବା ପ୍ରତି ମଣିଷ ଏହି ଦିନ ସମ୍ବଲପୁରୀ ବସ୍ତ୍ର ଏବଂ ସମ୍ବଲପୁରୀ ଖାଦ୍ୟ ଗ୍ରହଣ କରି ଏହି ଦିବସ ପଳନ କରିଥାନ୍ତି। ମା ସମଲେଶ୍ୱରୀଙ୍କ ନାମରୁ ସମ୍ବଲପୁର ଏବଂ ସମ୍ବଲପୁରୀ ନାମିତ ହୋଇଛି। ମା ସମଲେଶ୍ୱରୀ ବର୍ଷର ଅଧିକାଂଶ ଦିନ ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥାନ୍ତି। ଏହି ସମ୍ବଲପୁରୀ ଦିନ୍ ଅବସରରେ ମାଙ୍କ ସମେତ ମନ୍ଦିରର ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ସମ୍ବଲପୁରୀ ବେଶରେ ସଜ୍ଜିତ କରାଯାଇଥାଏ। ମା ସମଲେଶ୍ୱରୀ, ମା ସିଦ୍ଧିଦାତ୍ରୀ ସମ୍ବଲପୁରୀ ଶାଢୀ, ଭୈରବୀ ଧଳା ସମ୍ବଲପୁରୀ ଗାମୁଛା, ବଜରଙ୍ଗବଳୀ ଗେରୁଆ ସମ୍ବଲପୁରୀ ଲୁଗା, ମା କାଳୀ ଓ ଅନ୍ୟ ପାର୍ଶ୍ୱ ଦେବୀ ଏବଂ ସିଂହବାହିନ ପାଇଁ ସମ୍ବଲପୁରୀ କପଡାରେ ତିଆରି ପୋଷାକ ତଥା ମନ୍ଦିର ପରିସରରେ ଥିବା ସିଂହବାହିନୀ ପାଇଁ ସମ୍ବଲପୁରୀ ସପ୍ତାଗାର ଲୁଗା ପ୍ରସ୍ତୁତ କରି ଅର୍ପଣ କରାଯାଇଥାଏ। ଭୋରରୁ ଏହି ବସ୍ତ୍ର ଗୁଡିକରେ ମା ସମଲେଶ୍ୱରୀଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ପୂଜକମାନେ ସଜ୍ଜିତ କରିଥାନ୍ତି। ସମ୍ବଲପୁରୀ ଦିବସ ଅବସରରେ ଉତ୍ସବମୁଖର ହୋଇଉଠେ ପଶ୍ଚିମ ଓଡିଶା। ମା ସମଲେଶ୍ୱରୀଙ୍କ ସମେତ ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୁଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇ ଏହି ଦିବସ ପାଳନ କରନ୍ତି। ମା ସମଲେଇଙ୍କୁ ସୁମରୀ ପଶ୍ଚିମ ଓଡିଶାବାସୀ ପରସ୍ପରକୁ ଶୁଭ କାମନା

କରିଥାନ୍ତି । ଲୋକେ ମା ସମଲେଶ୍ୱରୀଙ୍କ ପାଖରେ ବିଭିନ୍ନ ପ୍ରକାର ଫଳ, ପୁଷ୍ପ ଓ ପିଠା ଭୋଗ ଲାଗି କରିଥାନ୍ତି । ଘରେ ଘରେ ପିଠାପଣାର ଆସର ଜମେ । ସମ୍ବଲପୁରୀ ସଂସ୍କୃତିର ଅନ୍ୟତମ ସର୍ବଶ୍ରେଷ୍ଠ ପରିଚୟ ହେଉଛି ବିଶ୍ୱପ୍ରସିଦ୍ଧ ସମ୍ବଲପୁରୀ ବାନ୍ଧକଳା । ସମ୍ବଲପୁରରେ ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତଙ୍କୁ ଏହି ଅବସରରେ ସମ୍ବଲପୁରୀ ବାନ୍ଧ ବସ୍ତ୍ରର ପରିପାଟିରେ ଦେଖିବାକୁ ମିଳେ । କିଏ ସମ୍ବଲପୁରୀ ଧୋତି, କୁର୍ତ୍ତା ଓ ଜ୍ୟାକେଟ ତ କିଏ ଶାଢୀ, ଲେହେଙ୍ଗା ପିନ୍ଧିଥାନ୍ତି । ସମ୍ବଲପୁରୀ ଦିନ ପାଳନ ଅବସରରେ କିଛି ବର୍ଷ ତଳେ ସରକାରୀ କର୍ମଚାରୀମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା । ଫଳରେ ଜିଲ୍ଲାର ସରକାରୀ କର୍ମଚାରୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ଘରୋଇ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନରେ ମଧ୍ୟ ଅଧିକାରୀ ଏବଂ କର୍ମଚାରୀମାମାନଙ୍କ ପୋଷାକରେ ସମ୍ବଲପୁରୀ ପରିପାଟି ଦେଖିବାକୁ ମିଳିଥିଲା । ସମ୍ବଲପୁରୀ ଦିନ୍ ଅବସରରେ ସମ୍ବଲପୁର ଅଞ୍ଚଳବାସୀ ପାରମ୍ପରୀକ ଖାଦ୍ୟପାନୀୟ, ସମ୍ବଲପୁରୀ ନାଚଗୀତର ମଜା ନିଅନ୍ତି । ସରସତିଆ, ମୁଢି ଲଡୁ ଠାରୁ ଆରମ୍ଭ କରି ରାଗ ଚଣା ଓ ସମ୍ବଲପୁରୀ ଲେଥା, ଚାଉଳବରା, କୁଲତା ଲେଥା (ଆମ୍ବିଳ)ର ସ୍ୱାଦ ନିଅନ୍ତି । ଗାଏମା ସମ୍ବଲପୁରୀ, ନାଚ୍‌ମା ସମ୍ବଲପୁରୀ, ପିନ୍ଧିମା ସମ୍ବଲପୁରୀ ନାଁରେ କମ୍ପି ଉଠେ ସାରା ପଶ୍ଚିମ ଓଡିଶା । କେଉଁଠି ସମ୍ବଲପୁରୀ ଭଜନ,ସମ୍ବଲପୁରୀ ଗୀତ, ସମ୍ବଲପୁରୀ କବିତା ଆସର, ରଙ୍ଗୋଲୀ ପ୍ରତିଯୋଗୀତା ବି ଅନୁଷ୍ଠିତ ହୁଏ । ସମ୍ବଲପୁରୀ ପାରମ୍ପରିକ ବେଶପୋଷାକକୁ ନେଇ ଅନୁଷ୍ଠିତ ହୁଏ ରାମ୍ପ ଶୋ । ଏଥିରେ କୁନିକୁନି ଛାତ୍ରଛାତ୍ରୀମାନଙ୍କଠାରୁ ଆରମ୍ଭ କରି ଯୁବକଯୁବତୀମାନେ ଅଂଶଗ୍ରହଣ କରି ଐତିହ୍ୟସମ୍ପନ୍ନ ସମ୍ବଲପୁରୀ ବାନ୍ଧକଳାକୁ ପ୍ରଦର୍ଶିତ କରିଥାନ୍ତି । ଢୋଲ, ନିଶାଣପଖୋଜ, ଦୁଲଦୁଲି ବାଜା ଓ ରଙ୍ଗବତୀ, ଡାଲଖାଇ, ରସରକେଲି ଭଳି ସମ୍ବଲପୁରୀ ଗୀତ ଓ ସମ୍ବଲପୁରୀ ନୃତ୍ୟରେ ଝୁଲନ୍ତି ପଶ୍ଚିମ ଓଡିଶାବାସୀ । ସବୁଆଡେ ସମ୍ବଲପୁରୀମୟ ହୋଇଉଠେ । ସମସ୍ତଙ୍କ ମଧ୍ୟରେ ସ୍ପଷ୍ଟ ବାରି ହୋଇପଡେ ସମ୍ବଲପୁରୀଆ କହିବାର ଖୁସି । ସମ୍ବଲପୁରୀ ଦିନ୍ ଏବେ ଏକ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇଛି । ଏହି ସାଂସ୍କୃତିକ ଆନ୍ଦୋଳନରେ ନୂଆପିଢୀର ପିଲାମାନେ ଉତ୍ସାହର ସହ ଯୋଡି ହେଉଛନ୍ତି । ସମ୍ବଲପୁରୀ ଭାଷା, ନାଚଗୀତ ଦିନକୁ ଦିନ ଅଧିକ ଲୋକପ୍ରିୟତା ଅର୍ଜନ କରିଚାଲିଛି । ଏହା ଏବେ ରାଜ୍ୟ କି ଦେଶ ଭିତରେ ସୀମିତ ହୋଇ ରହିନାହିଁ, ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ନୂଆଁଖାଇ ଭଳି ସମ୍ବଲପୁରୀ ଦିନ୍‌ର ଲୋକପ୍ରିୟତା ବର୍ତ୍ତମାନ ବିଦେଶକୁ ପ୍ରସାରିତ ହୋଇଛି । ସମଗ୍ର ଭାରତରେ ରଙ୍ଗବତୀ ଗୀତକୁ ପ୍ରସିଦ୍ଧି ମିଳିଛି । ରଙ୍ଗବତୀ ଗୀତର ରଚୟୀତା ମିତ୍ରଭାନୁ ଗୌନ୍ତିଆ ଓ ଦୁଇ କଣ୍ଠଶିଳ୍ପୀ ଜିତେନ୍ଦ୍ର ହରିପାଲ ଓ କ୍ରିଷ୍ଣା ପଟେଲଙ୍କୁ ଭାରତ ସରକାର ପଦ୍ମ ସମ୍ମାନରେ ସମ୍ମାନୀତ କରିଛନ୍ତି । ତେବେ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦେବା ପାଇଁ ସମସ୍ତଙ୍କ ପକ୍ଷରୁ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ । ■ ■

ସଂସ୍କୃତି ଗବେଷକ
ଭୁବନ, ଢେଙ୍କାନାଳ
ମୋ- ୯୪୩୭୭ ୨୯୩୮୪

ଅନନ୍ୟ ପର୍ବ ପୂରା ଉଆଁସ

ଦିଲ୍ଲୀପ କୁମାର ବଘାର

ଆମ ରାଜ୍ୟରେ ଅସଂଖ୍ୟ ପର୍ବପର୍ବାଣୀ ପାଳନ ହେଉଥିବା ହେତୁ ପ୍ରହେଳିକା ଅଛି 'ବାର ମାସରେ ତେର ପର୍ବ'। ପର୍ବ ଗୁଡ଼ିକ ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲେ ମଧ୍ୟ, କେତୋଟି ପର୍ବ ଯଥା; ଦୀପାବଳି, ହୋଲି, ଗଣେଶ ପୂଜା, ସରସ୍ୱତୀ ପୂଜା ଇତ୍ୟାଦିରେ ବାଳକ-ବାଳିକାମାନେ ବିଶେଷ ଆନନ୍ଦ ଉପଭୋଗ କରନ୍ତି।

କିନ୍ତୁ ପଶ୍ଚିମ ଓଡ଼ିଶାରେ ଗୋଟିଏ ପର୍ବ ପାଳନ କରାଯାଏ, ଯେଉଁଟା କେବଳ ବାଳକ ବାଳିକା ମାନଙ୍କ ପାଇଁ ଉଦ୍ଦିଷ୍ଟ। ତାହା ହେଲା 'ପୂରା ଉଆଁସ'। ଏହା ଭାଦ୍ରବ ମାସ ଅମାବାସ୍ୟା ତିଥିରେ ପାଳନ କରାଯାଏ। ଏହାକୁ ସପ୍ତପୁରୀ ଅମାବାସ୍ୟା ମଧ୍ୟ କୁହାଯାଏ। ପୁରୀ ଶ୍ରୀମନ୍ଦିରରେ ଏହି ଦିନ ବିଭିନ୍ନ ପ୍ରକାରର ସାତଟି ପୁରରେ ନିର୍ମିତ ପିଠାକୁ ଏକ ନୂଆଁ ମାଟି ପାତ୍ରରେ ଭୋଗ ଲଗାଯାଏ। ପଶ୍ଚିମ ଓଡ଼ିଶାରେ ପୂରା ଉଆଁସ ପର୍ବ ପାଳନ ମନୋରଞ୍ଜନ ଯୋଗାଇବା ସହ ବାଳକମାନଙ୍କୁ ବୀର ତଥା ସୁନାଗରିକ ହେବାକୁ ଏବଂ ବାଳିକାମାନଙ୍କୁ ସୁଗୃହିଣୀ ହେବା ପାଇଁ ଶିକ୍ଷା ଦେଇଥାଏ। ଏହା ଏକ କୃଷିଭିତ୍ତିକ ପର୍ବ। ଭାଦ୍ରବ ଅମାବାସ୍ୟା ବେଳକୁ ଚାଷକାର୍ଯ୍ୟ ସରିଯାଇଥାଏ। କୃଷକ ତଥା ବଳଦମାନଙ୍କୁ ବିଶ୍ରାମ ମିଳେ। ପୂରା ଉଆଁସ ପର୍ବ ପାଳନର ପ୍ରାୟ ମାସକ ପୂର୍ବରୁ କୁମ୍ଭାର ମାନେ ମାଟିରେ ହନୁମାନ, ଗାଈ, ବଳଦ, ଖେଳନା କୁଣ୍ଢି କାଞ୍ଚି, କଡ଼େଇ, ଚଟ୍ଟୁ, ପନିକି, ଗରା ଆଦି ତିଆରି କରନ୍ତି। ବଢ଼େଇ ମହାରଣା ମାନେ କାଠରେ ଚକ ଲଗା ହାତୀ, ଘୋଡ଼ା, ଶଗଡ଼ ଆଦି ତିଆରି ବିଭିନ୍ନ ରଙ୍ଗଦେଇ ଆକର୍ଷଣୀୟ କରିଥାଆନ୍ତି। ସେହିପରି ବାଉଁଶ କାରିଗର ମାନେ ବାଉଁଶରେ ରଙ୍ଗବେରଙ୍ଗର ଖେଳନା କୁଲା, ଭୁଗାଟୁପା, ଟୁପ୍‌ଲି ଚାଙ୍ଗୁଡି ଆଦି ତିଆରି କରନ୍ତି। ପୂରା ଉଆଁସ ପୂର୍ବ ହାଟମାନଙ୍କରେ ବା ଏକ ସ୍ୱତନ୍ତ୍ର ପୂରା ଉଆଁସ ହାଟରେ ଏସବୁ ବିକ୍ରି ହୁଏ। କାରିଗର ମାନେ ପୂରା ଉଆଁସରୁ ବେଶ୍ ଦି ପଇସା ପାଇବା ସହ ବର୍ଷକୁ ବର୍ଷ ଏହି ହସ୍ତକଳାରେ ଉନ୍ନତି ଆଣିବା ପାଇଁ ଉତ୍ସାହିତ ହୁଅନ୍ତି। ଅଭିଭାବକ ମାନେ କିମ୍ବା କେଉଁଠି କେଉଁଠି ମାମୁଁ ଘର ନୂଆଁ ପୋଷାକ ସହ ଏହି ଖେଳନା ସବୁ ନିଜର ସଂପର୍କୀୟ ଶିଶୁ ମାନଙ୍କପାଇଁ ନେଇ ଦିଅନ୍ତି। ପୂରା ଉଆଁସ ଦିନ ଗୃହକର୍ତ୍ତା ନୂଆଁ ମାଟି କୁଣ୍ଢିରେ କ୍ଷୀର ନେବା ସହ ଅନ୍ୟାନ୍ୟ ପୂଜା ସାମଗ୍ରୀ ନେଇ କ୍ଷେତରେ ପୂଜା କରନ୍ତି। ଗୁହାଳରେ ଗାଈ ବଳଦ ମାନଙ୍କୁ ମଧ୍ୟ ପୂଜା କରାଯାଏ। ମାଟି ତିଆରି ହନୁମାନ, କୁଣ୍ଢିକାଞ୍ଚି ଆଦିକୁ ପିଠୋଉରେ ଚିତ୍ରିତ କରାଯାଏ। ହନୁମାନ, ହାତୀ ଘୋଡ଼ା ଇତ୍ୟାଦିରେ ଚକସହ ଦଉଡି ଖଞ୍ଜା ଯାଇ ବିଭିନ୍ନ ପ୍ରକାରର ଫୁଲ ବିଶେଷ କରି ମେରିଆ ନାମକ ଏକ ଫୁଲ ମଖାଯାଏ। ସମସ୍ତ ଖେଳନା ସାମଗ୍ରୀରେ ରାକ୍ଷୀ ବନ୍ଧାଯାଏ। ସିନ୍ଦୂର ଚନ୍ଦନ ଲଗାଯାଇ ପୂଜା କରାଯାଏ। ମାଁମାନେ କୁଆଁରୀ ଝିଅମାନଙ୍କ ପାଇଁ ଗୁଡ଼ରେ ଲିଆ, ହୁରୁମପାଗି ଏବଂ ମୁଗ, ହରଡ, ମକା, ବାଦାମ, ଶିମ୍ବ, କୋଳଥ, ବୁଟ, ମଟରଚଣା ଆଦି ସାତ ପ୍ରକାରର ବିଭିନ୍ନ ଚଣା ଭାଜି ଚାଙ୍ଗୁଡିରେ ଦିଅନ୍ତି। ଗାଁର ଏକ ମନ୍ଦିର ବା ବଡ଼ ଗଛ ତଳକୁ ଏକ ତୀର୍ଥ ସ୍ଥାନଭାବେ ଠିକ୍ କରାଯାଇଥାଏ। ଆଗେ, ପଶ୍ଚିମ ଓଡ଼ିଶାରେ ଶ୍ରୀ ଜଗନ୍ନାଥ ଧାମ ପୁରୀକୁ ଉଡ୍‌ଶା (ଓଡ଼ିଶା) ଏବଂ ଉତ୍ତର ଭାରତର ତୀର୍ଥସ୍ଥାନମାନଙ୍କୁ ଗଙ୍ଗା ବୋଲି କୁହାଯାଉଥିଲା। କୁଆଁରୀ ଝିଅମାନେ ନୂଆଁ ପୋଷାକ ପିନ୍ଧି ଖେଳନା ଘର କରଣା ସହ ଲିଆ, ହୁରୁମ, ଚଣା ଭଜା ସବୁ ନେଇ ସେହି କାଳ୍ପନିକ

ତୀର୍ଥକ୍ଷେତ୍ରକୁ ଯାଇ ସେଠାରେ ପସରା ମେଲାନ୍ତି । ପିଲାମାନେ ବୀର ବେଶରେ ସଜେଇ ହୋଇ ଖେଳନା ହନୁମାନ, ଘୋଡ଼ା, ହାତୀକୁ ଟାଣି ଟାଣି ସେଠାକୁ ଯାଆନ୍ତି ଏବଂ ନିଜପାଇଁ ତଥା ପଶୁଙ୍କ ପାଇଁ ଦାନା ମାଗନ୍ତି । ଝିଅମାନେ ପିଲାମାନଙ୍କୁ ଦେଇ ସାରିଲା ପରେ ନିଜ ନିଜ ମଧ୍ୟରେ ଦିଆନିଆ ହୁଅନ୍ତି । ଖାଇ ସାରିବା ପରେ ପିଲାମାନେ ଡୁଡୁ, ବହୁ ଚୋରି, ଛୋର୍ କବାଡି ପ୍ରଭୃତି ଖେଳ ଏବଂ ଝିଅମାନେ ଛିଲୋଲାଇ, ହୁମବଉଲୀ, ସଜନୀ ଆଦି ଗୀତ ଗାଇ ଖେଳି ବହୁତ ମଜା ମଜ୍‌ଲିସ୍ କରନ୍ତି । ପୂରା ଉଆଁସ ପର୍ବ କୁଶାଣ ବଂଶର ରାଜତ୍ୱ କାଳରୁ ପାଳନ ହେଉଥିବା କେହି କେହି ମତ ଦେଇଥାନ୍ତି । ସ୍ଥାନ ଅନୁସାରେ ଏହି ପର୍ବର ପାଳନ ବିଧି ସାମାନ୍ୟ ଅଲଗା ହୋଇ ଥାଏ । ମହାନଦୀ ଏବଂ ତେଲନଦୀ ଦ୍ୱାରା ପରିବେଷ୍ଟିତ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁରର ଏକ ଦ୍ୱୀପ ପ୍ରାୟ ଅବସ୍ଥିତି, ମହାନଦୀ ମଧ୍ୟରେ ମାଁ ଲଙ୍କେଶ୍ୱରୀ ଦେବୀଙ୍କ ମନ୍ଦିର, ମହାନଦୀ ଏବଂ ତେଲନଦୀର ସଙ୍ଗମସ୍ଥଳରେ ମହାଦେବ ରାମେଶ୍ୱରଙ୍କ ମନ୍ଦିରର ଅବସ୍ଥିତି ଯୋଗୁଁ ଐତିହାସିକମାନେ ସୁବର୍ଣ୍ଣପୁରକୁ ପଶ୍ଚିମ ଲଙ୍କା ବା ସ୍ୱର୍ଣଲଙ୍କା ରୂପେ ଅଭିହିତ କରନ୍ତି । ଐତିହାସିକ ପ୍ରଫେସର ଡ଼ଃ ନବୀନ କୁମାର ସାହୁଙ୍କ ପ୍ରତ୍ନତାତ୍ତ୍ୱିକ ଖନନ କାଳରେ ସୁବର୍ଣ୍ଣପୁର ନିକଟସ୍ଥ ଅସୁର ଗଡ଼ ଠାରେ ମିଳିଥିବା ବଡ଼ ବଡ଼ ଇଟା ଏବଂ ଅନ୍ୟାନ୍ୟ ଆସୁରିକ ସାମଗ୍ରୀ ଏହି ପ୍ରସଙ୍ଗକୁ ଆହୁରି ବଳିଷ୍ଠ କରାଏ । ରାମାୟଣ ଯୁଗରେ ଲଙ୍କାରେ ହନୁମାନର ଲଙ୍କା ପୋଡ଼ିର ସ୍ମୃତିରେ ସୋନପୁର ଗଡଜାତ ଅଞ୍ଚଳରେ ପୂରା ଉଆଁସ ତିଥିରେ କେଉଁ ଆବହମାନ କାଳରୁ ଲଙ୍କା ପୋଡ଼ି ଉତ୍ସବ ପାଳନ ହୋଇଆସୁଛି । ଏହି ଦିନ ସନ୍ଧ୍ୟାରେ ଦିନ ବେଳା ଖେଳିଥିବା ବିକଟାଳ ମୁଖା ହନୁମାନର ଲାଞ୍ଜରେ କପଡ଼ା ଗୁଡ଼େଇ କିରାସିନି ବା ଜଡାତେଲ ଦେଇ ନିଆଁ ଲଗାଇ ବାଳକମାନେ ହନୁମାନକୁ ଟାଣି ଟାଣି ଶୋଭାଯାତ୍ରାରେ ଯାଆନ୍ତି ଏବଂ କହୁ ଥାଆନ୍ତି: ରାମ ଲକ୍ଷ୍ମଣ ଜାନକୀ ଜୟ ବୀର ହନୁମାନ କୀ... ବୀର ହନୁମାନ କୀ.... ଜୟ ଲଙ୍କା ପୋଡ଼ି କୀ ଜୟ...। ଅମାବାସ୍ୟାର ଅନ୍ଧକାର ରାତିରେ ଲଙ୍କାପୋଡ଼ି ଶୋଭାଯାତ୍ରା ଅତ୍ୟନ୍ତ ମନୋରମ ଦେଖାଯାଏ । ଏହି ଲଙ୍କା ପୋଡ଼ି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସୋନପୁର ସହରରେ ଏହି ଦିନ ବାଳକମାନଙ୍କ ମଧ୍ୟରେ ଲଙ୍କା ପୋଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ବର୍ତ୍ତମାନ ଯୁଗରେ ସନ୍ତାନ ସନ୍ତତି ଡାକ୍ତର, ଇଞ୍ଜିନିୟର୍ ବା ଉଚ୍ଚ ପ୍ରଶାସନିକ ଅଧିକାରୀ ରୂପେ ଗଢିବା ପାଇଁ ଶିଶୁର ଜନ୍ମ ହେବା ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହେଉଛି ଯେଉଁଟା କି ଶିଶୁ ବୃଦ୍ଧ ହେବା ପର୍ଯ୍ୟନ୍ତ ତାର ବ୍ୟସ୍ତତା ସରୁ ନାହିଁ । ମୌଳିକ ମନୋରଞ୍ଜନରୁ ବଞ୍ଚିତ ହୋଇ ପାର୍କ୍, ସିନେମା ମଧ୍ୟରେ କୃତ୍ରିମ ମନୋରଞ୍ଜନ ଖୋଜୁଛି । ଶାରୀରିକ ଖେଳ ବଦଳରେ ମୋବାଇଲ୍‌ରେ ଖେଳ ଖେଳି ଆନନ୍ଦ ଉପଭୋଗ କରୁଛି ଯେଉଁଟା ଉଭୟ ଶାରୀରିକ ଏବଂ ମାନସିକ କ୍ଷତି କୁ ଆମନ୍ତ୍ରଣ କରୁଛି । ନିଜ ସଂସ୍କୃତି ଏବଂ ପରମ୍ପରା ସହ ଜଡ଼ିତ ହେବା ଦୂରର କଥା, ନିଜ ରକ୍ତ ସଂପର୍କୀୟ ମାନଙ୍କ ସହ ସମ୍ପର୍କ ରକ୍ଷା କରିବାରେ ଅସମର୍ଥ ହେଉଛି । ବାଲ୍ୟାବସ୍ଥାରୁ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଏବଂ ସହରାଭିମୁଖୀ ହେବା ପ୍ରକ୍ରିୟାରେ ପୂରା ଉଆଁସ ପର୍ବ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି । ଏହିଦିନ ବିଦ୍ୟାଳୟମାନଙ୍କରେ ପଢାଦିନ ହୋଇଥିବାରୁ ବାଳକ, ବାଳିକାମାନେ ଏହି ଶିକ୍ଷଣୀୟ ମନୋରଞ୍ଜନ ପରମ୍ପରା ଉପଭୋଗ କରିବାରେ ବଞ୍ଚିତ ହେଉଛନ୍ତି । ଏହି ସୁନ୍ଦର ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ କଳାହାଣ୍ଡି, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼ ଆଦି ଜିଲ୍ଲାମାନଙ୍କରେ କେତୋଟି ଅନୁଷ୍ଠାନ ଏହାକୁ ଆନୁଷ୍ଠାନିକ ଭାବେ ପାଳନ କରାଉଛନ୍ତି । ■■

ଜାଲୋଏ, ଭାୟା: ବୀର ମହାରାଜପୁର
ଜିଲ୍ଲା: ସୁବର୍ଣ୍ଣପୁର ପିନ୍:୭୬୭୦୧୮
ମୋ-୯୪୩୮୩ ୩୪୦୧୯

ପଶ୍ଚିମ ଓଡ଼ିଶାର କନ୍ଧମାନଙ୍କ ଜୀବନ ଚିତ୍ର : ଏକ ବିହଙ୍ଗାବଲୋକନ

ଡ. ଅଜିତ କୁମାର ବେହେରା

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସମାଜ ବ୍ୟତୀତ ବଞ୍ଚିପାରିବ ନାହିଁ। ଆରିଷ୍ଟୋଟଲ କହିଥିଲେ 'ଯେଉଁ ବ୍ୟକ୍ତି ସମାଜ ବିନା ବଞ୍ଚିପାରେ, ସେ ଭଗବାନ କିମ୍ବା ପଶୁ।' କୌଣସି ମନୁଷ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ। ତାହାର ବହୁବିଧ କାର୍ଯ୍ୟ, ଆବଶ୍ୟକତା ପାଇଁ ସେ ସମାଜର ଅନ୍ୟମାନଙ୍କ ଉପରେ ନିର୍ଭର କରିବା ସହ ବହୁ ରୀତି ନୀତି ମାନି ଚଳିଥାଏ। ଏହାଦ୍ୱାରା ସମାଜରେ ଏକ ସୁସ୍ଥ, ମଙ୍ଗଳମୟ ଓ ଶୃଙ୍ଖଳିତ ବାତାବରଣ ସୃଷ୍ଟି ହୋଇଥାଏ। ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନ ଓ ପ୍ରତିଭା ବଳରେ ସମାଜ ପାଇଁ, ସମାଜ ନିକଟରେ, ନିଜ ବ୍ୟକ୍ତିତ୍ୱର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ। ଏକ ବୃହତ୍ତର ମାନବିକ ସଂଗଠନକୁ 'ସମାଜ' କୁହାଯାଏ। କନ୍ଧ ଜାତିରେ ସମାଜ ପ୍ରତି ଲୋକଙ୍କ ଯଥେଷ୍ଟ ଶ୍ରଦ୍ଧା ଓ ଭୟ ରହଛି। ଯେତେବଡ ଧନୀ କିମ୍ବା ପଦ ପଦବୀଧାରୀ ହେଲେ ମଧ୍ୟ ସମାଜ ପାଖରେ ସେ ବଡ ନୁହେଁ। ସମାଜ ପାଖରେ ଧନୀ-ଗରୀବ, ଜ୍ଞାନୀ-ଅଜ୍ଞାନ, ସବଳ-ଦୁର୍ବଳ ସମସ୍ତେ ସମାନ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେସବୁ କ୍ରିୟାକର୍ମ ରୀତିନୀତି ସବୁଠାରେ ସମାଜର ଉପସ୍ଥିତି ଅପରିହାର୍ଯ୍ୟ ଅଟେ।

ଆଦିମ ଅଧିବାସୀ କଳାହାଣ୍ଡିର କନ୍ଧମାନଙ୍କ ଆଇନ କାନୁନ ଅତ୍ୟନ୍ତ ସରଳ। କନ୍ଧଟିଏ କୌଣସି ସମୟରେ ଦୋଷୀ ସାବ୍ୟସ୍ତ ହେଲେ ସେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ 'ନିୟମ' ବା 'କିରିଆ' ଖାଇଥାଏ। ଏହି କିରିଆ ମାଧ୍ୟମରେ ନିଜକୁ ଦୋଷୀ ନିର୍ଦ୍ଦୋଷ ପ୍ରମାଣ କରିବାପାଇଁ ଯେଉଁ ଅନୁଷ୍ଠାନ ଆୟୋଜିତ ହୁଏ ତାକୁ କୁଇ ଭାଷାରେ 'ସାରଡା ଆଃପା' କହନ୍ତି। ଏହା ତିନି ପ୍ରକାର ହୋଇଥାଏ। ଯଥା- (୧) ସାରଡା ଆଃପା- ବାଦୀ ଓ ପ୍ରତିବାଦୀ ଉଭୟଙ୍କ ଉପସ୍ଥିତିରେ ନିୟମକରି ପରୀକ୍ଷା ଦେବା, (୨) ସାରଡା ମେଃପା- ପରୀକ୍ଷା ଦେବା ପୂର୍ବରୁ ନିଜ ଭୁଲପାଇଁ ଅନୁସୃତ ସ୍ୱୟଂ ପରୀକ୍ଷା ପଦ୍ଧତି, (୩) ସାରଡା ବେଃପା- ନିର୍ଦ୍ଦୋଷ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ବା ଦୋଷୀ ବ୍ୟକ୍ତି ପରିଶୋଧ ନେବା ପାଇଁ ହେଲେ ବିଭିନ୍ନ ପ୍ରଣାଳୀର ଆଶ୍ରୟ ନେଇଥାଏ। ମୋଟାମୋଟି ଭାବରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଟିଏ କେତୋଟି ସତ୍ୟ ପ୍ରମାଣ ମାଧ୍ୟମରେ ସେ ନିର୍ଦ୍ଦୋଷ ବୋଲି ପରୀକ୍ଷା ଦେଇଥାଏ। ସେଗୁଡିକ ହେଲା- (କ) ଫୁଟନ୍ତା ଗୋବର ପାଣିରେ ହାତ ବୁଡାଇ, (ଖ) ରଡ ନିଆଁ ଉପରେ ଚାଲି, (ଗ) ଫୁଟନ୍ତା ଗୋବର ପାଣିରେ କୁକୁଡାର ଗୋଡ ବୁଡାଇ, (ଘ) ପାଣି ଭିତରେ ବୁଡି, (ଙ) ଧରନୀ ଖୁଣ୍ଟ, ପର୍ବତ ଓ ନଦୀକୁ ଛୁଇଁ, (ଚ) ପୂଜା ଟାଙ୍ଗୀ ବା ଅସ୍ତ୍ରକୁ ଛୁଇଁ, (ଛ) ଚାଉଳ ପୁଞ୍ଜି ଭକ୍ଷଣ କରି, (ଜ) ଖଟ ବୁଲାଇ, (ଝ) ବାଉଁଶ ପାତିଆ ଦ୍ୱାରା ଚାପ ପ୍ରୟୋଗ କରି, (ଞ) ଧରନୀ ଶାଳରେ ଦୀପ ଜାଳି ଜ୍ୱଳନ୍ତ ଦୀପ ଛୁଇଁ, (ଟ) ମାଟି, କଳା, ପଥର, ଲୁଣ, ବଣତୁଳସୀ ଡାଳ, କେନ୍ଦୁ ଡାଳ, ଧାତୁକୀ ଡାଳ, ଅଏଁଳା ଡାଳ ଇତ୍ୟାଦି ଷୋହଳ ପ୍ରକାର ଜିନିଷକୁ ଏକ ନୂଆ ମାଟି ହାଣ୍ଡିରେ ରଖି ତାକୁ ଦୁଇ ହାତରେ ଉପରକୁ ଟେକି ଧରମ ନାମରେ ନିୟମ କରି, (ଠ) ଆଖି ଛୁଇଁ, (ଡ) କୁଲା ବୁଲାଇ (ଢ) ପାପୁଲି ଉପରେ ଢିଙ୍କି ଚଢାଇ, (ଣ) କୁମ୍ଭାର ଚକ ଛୁଆଁଇ, (ତ) ଦଣ୍ଡେଇ ଗଛକୁ ଛୁଇଁ, (ଥ) ତତଲା ଦା'କୁ ହାତରେ ମୁଠେଇ ଧରି ଇତ୍ୟାଦି। ପ୍ରତ୍ୟେକ ପ୍ରକାର ସତ୍ୟ ପ୍ରମାଣ ପୂର୍ବରୁ ଧର୍ମଡାକ, ପୂଜାପାଠ ଓ ମନ୍ତ୍ରପାଠ ହୋଇଥାଏ। ଏଥିରେ ଗ୍ରାମର ମଲ୍ଲିକ/ଗୌନ୍ତିଆ,ପୂଜାରୀ/ବେଜୁ/ଶିରା ଓ ଗୁଣିଆମାନେ ଉପସ୍ଥିତ ରହିଥାନ୍ତି।

କନ୍ଧମାନଙ୍କ ଜୀବନଚକ୍ରରେ ଜନ୍ମ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ତେଣୁ ସେମାନଙ୍କ ଘରେ ସ୍ତ୍ରୀଟିଏ ଗର୍ଭବତୀ ହେଲେ ତା'କୁ ସାଦରେ ଗ୍ରହଣ କରିଥାନ୍ତି । କନ୍ଧ ସମାଜରେ ନୂଆବୋହୂର ଋତୁସ୍ରାବ ବନ୍ଦ ହେଲେ ମହାପୁରୁ ଶୁଭ କରିଛନ୍ତି ବୋଲି ବିଚାର କରନ୍ତି । ଏହାକୁ କନ୍ଧମାନେ 'ଦେହେଁ ଧରିଛେ' ବୋଲି କହିଥାନ୍ତି । ସାଧାରଣତଃ ତିନି ଚାରି ମାସ ଭିତରେ ଯଦି ସେଇ ସ୍ତ୍ରୀର କୌଣସି ସଙ୍କେତ ଦେଖା ନଦିଏ ତେବେ ସେମାନେ ଗୁଣି ଗାରେଡିର ସହାୟତା ନେଇ କାରଣ ଖୋଜିଥାନ୍ତି । ପୁଣି କନ୍ଧମାନେ ମୃତ୍ୟୁ ହୋଇଥିବା ନିଜ ଘରର ସିଆନ୍ ଡୁମା ଗର୍ଭବତୀ ମହିଳାର ଦେହରେ ପ୍ରବେଶ କରେ ବୋଲି ବିଶ୍ୱାସ କରନ୍ତି । ଗର୍ଭବତୀ ସ୍ତ୍ରୀ ତା'ର ଗୃହକାର୍ଯ୍ୟ କଲେ ମଧ୍ୟ କିଛି ବ୍ୟବହାର ଓ କାର୍ଯ୍ୟକଳାପରେ କଟକଣା ଲଗାଯାଇଥାଏ । ସଦାବେଳେ ସେଇ ନାରୀଟିର ପେଟରେ ଗର୍ଭସ୍ଥ ଶିଶୁଟି ଖେଳୁଛି କି ନାହିଁ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ । ଶିଶୁଟି ପେଟ ଭିତରେ ଏପଟ ସେପଟ ହେଉଥିଲେ ସେ ଠିକ୍ ଅଛି ବୋଲି ବିଚାର କରିଥାନ୍ତି । ଏଇ ସମୟରେ ଗାଈ ବନ୍ଧା ଯାଇଥିବା ଦଉଡିକୁ ଡେଇଁବାକୁ, ପଡିଶା ଘରୁ ତରକାରୀ ବା ଖାଦ୍ୟଦ୍ରବ୍ୟ ଖାଇବାକୁ ବାରଣ କରାଯାଏ । କାରଣ ଏହି ଖାଦ୍ୟ ଉପରେ କୌଣସି ଭୂତପ୍ରେତର ନଜର ପଡିଥିବ ତେଣୁ ତାକୁ ଖାଇଲେ ଗର୍ଭସ୍ଥ ଶିଶୁର ଅନିଷ୍ଟ ହେବାର ଆଶଙ୍କା କରାଯାଏ । ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଦେଖିବାକୁ ମନା କରାଯାଇଥାଏ । କାରଣ ଗ୍ରହଣ ଚନ୍ଦ୍ର ଦେଖିଲେ ଗ୍ରହଣ ଖଣ୍ଡିଆ ଶିଶୁ ଜନ୍ମ ହୋଇଥାଏ । ପୁଣି ଯୋଡି ହୋଇଥିବା ଫଳ, ପନିପରିବା ଇତ୍ୟାଦିକୁ ସେମାନଙ୍କୁ ଖାଇବାକୁ ଦିଆଯାଏ ନାହିଁ । କାରଣ ଏହି ଯୋଡା ଦ୍ରବ୍ୟ ଖାଇଲେ ଜାଆଁଳା ଛୁଆ ଜନ୍ମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗର୍ଭାବସ୍ଥାରେ ଦେବଦେବୀ ମନ୍ଦିରରେ ଲାଗଥିବା ପ୍ରସାଦ ଖାଇବାକୁ ଓ ସଂଜ ହେଲେ ପଦାକୁ ଯିବା ମନା କରାଯାଏ । ଆସନ୍ନ ପ୍ରସବା କନ୍ଧ ନାରୀଟିଏ ବିଭିନ୍ନ ଦ୍ରବ୍ୟ ଯେପରିକି, ଖଟା, ଶୁଖା/ପୋଡାମାଛ, ପିଠା, ବିଭିନ୍ନ ଫଳ ଇତ୍ୟାଦି ଖାଇବାକୁ ଇଚ୍ଛାପ୍ରକାଶ କରିଥାଏ । ଏହି ଦ୍ରବ୍ୟକୁ ପରିବାର ଲୋକେ ଗର୍ଭବତୀ ନାରୀକୁ ଦେବା ପାଇଁ ଯଥାସାଧ୍ୟ ପ୍ରୟାସ କରିଥାନ୍ତି । କାରଣ ଇଚ୍ଛା କରୁଥିବା ଦ୍ରବ୍ୟ ତା'କୁ ପ୍ରଦାନ ନକଲେ ମା'ର ହାତଗୋଡ ଫୁଲି ଯାଇଥାଏ ଓ ନବଜାତ ଶିଶୁର ପାଟିରୁ ଲାଳ ଗଡିଥାଏ । ଏହି ସମୟରେ ସଞ୍ଜ ବା ରାତିରେ ବାଳ ମୁକୁଳା କରିବା, ମୁଣ୍ଡ କୁଣ୍ଡାଇବା, ଖଟରେ ବସି ଦି'ଗୋଡ ଓହଳେଇ ଝୁଲିବା, ଦ୍ୱାରବନ୍ଧ/ଲଙ୍ଗଳ ଉପରେ ବସିବା ଅଶୁଭ ହେତୁ ବାରଣ କରାଯାଏ । ଏତଦ୍‌ବ୍ୟତୀତ କାହାଘର ଯଦି ସନ୍ତାନ ଜନ୍ମ ହୋଇଥାଏ (ଚିରିକିଟିଆ) ଓ ମୃତ୍ୟୁ ହୋଇଥାଏ (ମିରିକିଟିଆ) ସେଭଳି ଘର ଖାଦ୍ୟ ଖାଇବା ନିଷେଧ କରାଯାଏ । କୌଣସି ଘରେ କେହି ଗର୍ଭବତୀ ଥିଲେ ସେଇ ଘରର ଲୋକେ ଶବାଧାରକୁ ଯାଆନ୍ତି ନାହିଁ କି ଶବସତ୍କାର ପାଇଁ ଘରୁ କାଠ ଦିଅନ୍ତି ନାହିଁ । ଶୋଇଲା ବେଳେ ଭୂତପ୍ରେତ, ବା ଦେ'ଦେବତା, ମସାନ ଇତ୍ୟାଦି ଭୟରେ ଖଟତଳେ କୌଣସି ଏକ ଲୁହା ଆଦି ଧାତୁକୁ ରଖି ଦେଲେ କୌଣସି ଅପଶକ୍ତି ଆକ୍ରମଣ କରିପାରେ ନାହିଁ ବୋଲି ବିଶ୍ୱାସ କରାଯାଏ ।

କନ୍ଧମାନେ ଗର୍ଭବତୀ ନାରୀର ବିଭିନ୍ନ ସଙ୍କେତକୁ ଆଧାରକରି ପ୍ରସୂତି ଗୃହକୁ ନେଇଥାନ୍ତି । ସେଠାରେ ପୂର୍ବରୁ ଗରମପାଣି, ଜଡା, ସୋରିଷ ତେଲ ଆଦି ରଖାଯାଇଥାଏ । ପ୍ରସବ ବେଦନା ଆରମ୍ଭ ହେଲେ ଘର ପାଖର ଜଣେ ବା ଦୁଇଜଣ ଅଭିଜ୍ଞ ସ୍ତ୍ରୀ ଲୋକଙ୍କୁ ଡକାଯାଏ । ସେମାନେ ଆସି ପିଲାଜନ୍ମ କରାଇଥାନ୍ତି । ସାଧାରଣତଃ ଶିଶୁ ଜନ୍ମ ହେବାକ୍ଷଣି କାନ୍ଦିଥାଏ । ଯଦି ନକାନ୍ଦେ ତେବେ ପ୍ରସବ ସ୍ଥାନରେ ଥିବା ସ୍ତ୍ରୀ ଲୋକମାନେ ଥାଳି, ଗିନା, କବାଟ, ଠେଙ୍ଗା ଆଦି ବଜାଇ ନାନାଦି ଶବ୍ଦ କରାଯାଏ । ଏସବୁ ଶୁଣି ଶିଶୁଟି ଅଧଘଣ୍ଟା ମଧ୍ୟରେ ନକାନ୍ଦିଲେ ମୃତ ବୋଲି ଘୋଷଣା କରାଯାଏ । ଏହାଛଡା କନ୍ଧ ପରିବାରରେ ଶିଶୁଟି ଜନ୍ମ ହେବାରେ ବିଭିନ୍ନ ଅସୁବିଧା ଦେଖାଦେଲେ ଗୁଣିଆ ଡାକି କେଉଁ ଡୁମାର ଆଗମନ ହେଉଛି ତାହା ଅବଗତ ହୋଇଥାନ୍ତି । ତାକୁ 'ଧାନଦେଖା' କୁହାଯାଏ । ଏହି ଧାନଦେଖା ପାଇଁ କିଛି ଧାନ/ଚାଉଳ ଆବଶ୍ୟକ ହୋଇଥାଏ । ଗୁଣିଆ ତାକୁ ମୁଠାରେ ନେଇ କୁଲାରେ ବା ମାଟିରେ ରଖି ଯୋଡି ଯୋଡି କରି ଫିଟାଏ ଏବଂ କେତେକ ଯୋଡା ଫିଟିଲା ତଥା କେତେଥର ଫିଟିଲା ଏହିପରି ଗଣନାକରି ଯେଉଁ ଡୁମାକୁ ନାଁ ଧରିଲା ବେଳେ ଯୋଡା ଫିଟିଲା ନାହିଁ ସେଇ ଡୁମା ପ୍ରକଟ ହୋଇଛି ବୋଲି ଜଣାଇଦିଏ । ଏହାପରେ ସେଇ ଦେବତା ବା ଡୁମାର ଭୋଗ ପ୍ରଦାନ କରିବାକୁ ସମ୍ମତି ହେଲେ ସବୁ ଠିକ୍‌ଠାକ୍ ହୋଇଯାଏ ।

ଶିଶୁ ଜନ୍ମର ସାତଦିନ ପରେ ଅଶୌଚ ସମୟ ଅତିକ୍ରମ କଲେ ଗୁନିଆ ବା ଦିଆରି ଡକାଇ ଶିଶୁଟି କିଏ ତାହା ଜାଣିବା ପାଇଁ ଦେବ୍‌ତା ଭରାନ୍ତି । ଗୋଟିଏ କୁକୁଡା ଆଣି ଇଷ୍ଟ ଦେବୀ ପାଖରେ 'ଚାଉଳ ଠୁକା' ହୁଏ । ପୁର୍ବପୁରୁଷର ନାମ ଧରିଲାବେଳେ କୁକୁଡାଟି ଚାଉଳ ଠୁକେ ସେହି ଲୋକଟି ଜନ୍ମ ହୋଇଛି ବୋଲି ବିଶ୍ୱାସ କରାଯାଏ । ଅନ୍ୟ ପ୍ରକାରର ନାମକରଣଟି ଏହିପରି କନ୍ଧ ଜାନି ଧନୁର ଦୁଇ ପାର୍ଶ୍ୱକୁ ଧରି ସମ୍ପୃକ୍ତ ଶିଶୁର ପୂର୍ବପୁରୁଷର ନାମ ଉଚ୍ଚାରଣ କରୁଥାଏ । ଯେଉଁ ନାମ ଧରିଲାବେଳେ ଧନୁଟି ହଲେ, ଉଚ୍ଚାରିତ ପୂର୍ବପୁରୁଷ ଶିଶୁ ରୂପେ ଜନ୍ମିଛି ବୋଲି ବିଶ୍ୱାସ କରାଯାଏ । ଏହାଛଡା ନବଜାତ ଶିଶୁର ଶରୀରରେ କୌଣସି ଜନ୍ମଚିହ୍ନ ଥିଲେ ତାକୁ ଅନୁଧ୍ୟାନ କରାଯାଏ । କେଉଁ ଧରଣର ଚିହ୍ନ କେଉଁଠି ଅଛି ଏବଂ ଏଭଳି ଚିହ୍ନ ଧାରୀ ମୃତ୍ୟୁବରଣ କରିଥିବା କେଉଁ ଲୋକ ଦେହରେ ଥିଲା ତା'ର ବିଚାରକରି ଅମୁକ ଡୁମା ବା ସମୁକ ଡୁମା ଜନ୍ମ ନେଇଛି ବୋଲି କୁହାଯାଏ । ଶିଶୁର ଯେଉଁଦିନ ନଲୁଆ ସଂପୂର୍ଣ୍ଣ ଛିଣ୍ଡିଯାଏ ତାକୁ 'ନଲୁଆ ପଡିଲା' କୁହାଯାଏ । ଏ ନଲୁଆକୁ ସହଜ ଭାବରେ ଫିଙ୍ଗି ନଦେଇ ଘର ଭିତରେ ବା ଘର ସାମ୍ନାରେ ପୋତି ଦିଆଯାଏ । ଏହିପରି କଲେ ସନ୍ତାନକୁ ଘରର ଇଷ୍ଟ ଦେବଦେବୀ ଆସନ୍ନ ବିପଦରୁ ରକ୍ଷା କରିଥାନ୍ତି । କୌଣସି ନିର୍ଦ୍ଦିଷ୍ଟ ଏକ ବାପା ମା'ର ଶିଶୁମାନେ ବାରମ୍ବାର ମୃତ୍ୟୁ ମୁଖରେ ପଡୁଥିଲେ ଅଥବା ଅନେକ ଦିନର ବ୍ୟବଧାନ ପରେ ଯଦି ଶିଶୁ ଜନ୍ମ ନେଲେ ଗଣା, ଚମାର ଭଳି ନୀଚ ଜାତି ଘରେ ବିକ୍ରୟ କରାଯାଏ । ନିଜ ଜାତିରେ ବା ପରିବାରରେ ଥିଲେ ମରିଯାଉଛି ତେଣୁ ଅନ୍ୟ ଜାତିରେ ବିକ୍ରୟ କରିଦେଲେ ଆସନ୍ନ ମୃତ୍ୟୁକୁ ଏଡାଇ ଦିଆଯାଇପାରେ ବୋଲି ବିଶ୍ୱାସ କରାଯାଏ ।

କନ୍ଧ ଜାତିରେ ଝିଅମାନଙ୍କ ବୟଃପ୍ରାପ୍ତି ପୂର୍ବରୁ କଣାବରା (Arrow Marriage) ନାମକ ଏକ ସାମାଜିକ ଅନୁଷ୍ଠାନ କରାଯାଇଥାଏ । ଏହାଦ୍ୱାରା ବାପଘରେ ଝିଅ ଘରଯୋଗ୍ୟା ହେଲେ କନ୍ୟାପିତାର ଅନିଷ୍ଟ ହୁଏନାହିଁ ଓ କନ୍ୟାର ରିଷ୍ଟ ଖଣ୍ଡନ ହୋଇଥାଏ । ଏଣୁ କନ୍ୟାକୁ ଗୋଟିଏ ଶର ସହିତ ବିବାହ ସମ୍ପନ୍ନ କରାଯାଏ । ଏହି ଶର ପୁରୁଷ ପିଲାର ପ୍ରତୀକ । ଶର ସହିତ ବିବାହ କରିବାର ଏହି ସାଙ୍କେତିକ ରୀତିର ତାତ୍ପର୍ଯ୍ୟ ହେଉଛି ଝିଅ ଘରଯୋଗ୍ୟା ହେବା ପୂର୍ବରୁ ବିବାହ କରିସାରିଛି । ବିବାହର ପ୍ରଥମ ପର୍ଯ୍ୟାୟ 'ଗନସନ' କାର୍ଯ୍ୟଟି ଏହି କଣାବରା ଦିନ ସମାପ୍ତ ହୋଇଥାଏ । କନ୍ୟାଟି କଣାବରା ହେବା ପୂର୍ବରୁ ବୟଃପ୍ରାପ୍ତି ହେଲେ ତାକୁ ବେହେରା କିମ୍ବା ଟିକେନ ଗଛ ସହ ବିବାହ କରାଯାଏ । ଗନସନ୍ କରି ଗୋରଟଳା କରାଯାଏ । ଫଳରେ କନ୍ୟା ଉପରେ ପଡିଥିବା ଗ୍ରହର କୁପ୍ରଭାବ ଦୂରହେବା ସହ ରିଷ୍ଟ ଖଣ୍ଡନ ହୋଇଥାଏ । କନ୍ଧ ସମାଜରେ କଣାବରା ହୋଇ ନଥିବା ଯୁବତୀକୁ କେହି ବିବାହ କରିବାକୁ ଇଚ୍ଛାପ୍ରକାଶ କରନ୍ତି ନାହିଁ । ବିବାହ ସମୟରେ ବରକନ୍ୟାକୁ ବିବାହ ମଣ୍ଡପରେ ଯେଉଁ ପାଣି ଢଳାଯାଏ ତାକୁ 'ଅମେରା ପାନି' କୁହାଯାଏ । ଅମେରା ପାନି ପଡିଲେ ହିଁ ଜଣେ ନାରୀ ଶ୍ୱଶୁର ଘରର ସମସ୍ତ ମାଙ୍ଗଳିକ/ଧାର୍ମିକ ଅନୁଷ୍ଠାନରେ ସାମିଲ ହୋଇପାରେ । କିନ୍ତୁ କଣାବରା ହୋଇଥିବା ଝିଅ ଆର୍ଥିକ ଅସୁବିଧା/ଉଧୁଲିଆ/ପରସାମୁଡି ହେତୁ ଜୀବନରେ ବିବାହକରି ନପାରିଲେ ମଧ୍ୟ ବିବାହିତା ନାରୀଭଳି ସମସ୍ତ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ କରିବା ସୁଯୋଗ ପାଇଥାଏ । ଏଥିରେ ସମାଜର କୌଣସି କଟକଣା ରହେନାହିଁ । ଏଥିରୁ କନ୍ଧ ସମାଜରେ କଣାବରା କେତେ ଗୁରୁତ୍ୱପୂର୍ଣ୍ଣ ତାହା ସ୍ପଷ୍ଟ ଅନୁମେୟ ।

ଆଦିବାସୀମାନଙ୍କ ଅନ୍ୟ ସମ୍ପ୍ରଦାୟ ପରି କନ୍ଧ ସମାଜରେ ବିବାହକୁ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ମନେ କରାଯାଏ । ଏମାନେ ବିବାହକୁ 'ଭିଆ' ବୋଲି କହିଥାନ୍ତି । କନ୍ଧ ସାମାଜିକ ନିତିନିୟମ ତଥା ପାରିବାରିକ ସ୍ୱୀକୃତିରେ ଯୁବକ ଯୁବତୀ ମଧ୍ୟରେ ଯେଉଁ ବିବାହ ଅନୁଷ୍ଠିତ ହୁଏ କୁଟିଆ କନ୍ଧମାନେ 'ସେଡି' କହିଲା ଅନ୍ୟ କନ୍ଧମାନେ 'ମାଙ୍ଗିଭିଆ' କହନ୍ତି । 'ପଶିଖାଇ ବିହା'ରେ ଅବିବାହିତ ଯୁବତୀ ନିଜ ମନୋନୀତ ପ୍ରେମିକ ପୁରୁଷ ଘରକୁ ବଳପୂର୍ବକ ପ୍ରବେଶକରି ସ୍ତ୍ରୀର ଅଧିକାର ଜାହିର କରେ । କିନ୍ତୁ ଯୁବକ ପରିବାର ଲୋକେ ତାକୁ ଅନେକ ପ୍ରକାର କଟୁକଥା କହି ଅନାଦର କରନ୍ତି । ତଥାପି ଯୁବତୀଟି ସେସବୁକୁ ଖାତିର ନକରି ସେଠାରେ ରହେ । ଶେଷରେ ଯୁବକ ପରିବାରର ଲୋକେ ସମାଜ ଆଗରେ ତା'କୁ ବୋହୂର ସ୍ୱୀକୃତି ପ୍ରଦାନ କରିଥାନ୍ତି । କନ୍ଧ ଯୁବକ ତା'ର ମନପସନ୍ଦ ଯୁବତୀ ଅଥବା କନ୍ୟାପିତା ବରପିତାଙ୍କୁ ବିବାହ ପାଇଁ ଜବାବଦେଇ ଯଦି ଠିକ ସମୟରେ କନ୍ୟାକୁ ନଦିଅନ୍ତି ତେବେ ସେ ସାଙ୍ଗସାଥୀଙ୍କ ସହାୟତାରେ ଅପହରଣ କରି ଆଣି ବିବାହ କରେ । ତା'କୁ କନ୍ଧ ଭାଷାରେ

'ଘିଚାକନିଆ ଭିଆ' କୁହାଯାଏ। ଏହା ଏକ ଯୋର ଜବରଦସ୍ତ କାର୍ଯ୍ୟ; ମାତ୍ର ସବୁବର୍ଗର କନ୍ଧସମାଜ ଏହାକୁ ଯଥାର୍ଥ ଓ ବୀରଯୋଗ୍ୟ ବିବାହ ବୋଲି ଗଣନା କରନ୍ତି। ଏମାନଙ୍କ ମଧ୍ୟରେ ଏହି ବିବାହ ଦୁଇଟି ସମୟରେ କରାଯାଇଥାଏ। ତେବେ ବରପକ୍ଷରୁ କେତେଜଣ 'ଧରିପଲା ଭିଆ'ରେ ଯୁବକ ଯୁବତୀ ପରସ୍ପର ପ୍ରତି ଆକୃଷ୍ଟହୋଇ ପରିବାର ଲୋକଙ୍କ ଅଜ୍ଞାତରେ କୌଣସି ସ୍ଥାନକୁ ଲୁଚି ପଳେଇଯାନ୍ତି। ସେଠାରେ କିଛିଦିନ ରହି ଗୃହକୁ ଫେରି ସାମାଜିକ ସ୍ୱୀକୃତି ଲାଭ କରନ୍ତି। ପୁତ୍ରହୀନ ବା ବହୁ କନ୍ୟାର ପିତାମାତା 'ଘେରଞ୍ଜା ଭିଆ' କରିଥାଏ। ଏହି ପ୍ରଥାନୁସାରେ ସାଧାରଣତଃ ବରକୁ କନ୍ୟାଘରେ ରହି ଶ୍ରମଦାନ କରିବାକୁ ପଡିଥାଏ। ସ୍ୱାମୀର ମୃତ୍ୟୁପରେ କନ୍ଧନାରୀ ନିଜ ଦିଅରକୁ ବିବାହ କରିବାରେ କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ। ଏହି ପରିପ୍ରେକ୍ଷୀରେ କନ୍ଧମାନେ *'ଖୁସାର ଗେଡରେ ଚାଉଁରି ଆଚେ, ମୁନୁଷ ମଲେ ଦିଅର ଆଚେ'* ବୋଲି କହିଥାନ୍ତି। ବିଧବା ସ୍ତ୍ରୀର ଯଦି ନିଜ ଦିଅର ନଥାଏ ବା ପ୍ରତ୍ୟାଖ୍ୟାନ କରେ ତେବେ ଜଣେ ଦିଅର ମାନ୍ୟ ଯୁବକକୁ 'ବିଧବା ଭିଆ' କରିପାରେ। ସ୍ତ୍ରୀ ନଷ୍ଟଚରିତ୍ରା, କଳହପ୍ରିୟା, ଡାହାଣୀ, ଚିରରୋଗିଣୀ ହେଲେ ସ୍ୱାମୀ ତା'କୁ ଛାଡପତ୍ର ଦେଇଥାଏ। ଠିକ୍ ସେହିପରି ପୁରୁଷ ଅତ୍ୟଧିକ ଲମ୍ପଟ, ମଦ୍ୟପ, ଅପାରଗ, ସଙ୍ଗମଶକ୍ତି ରହିତ, କୁଟୁମ୍ବ ପୋଷିବାକୁ ଅଯୋଗ୍ୟ ହୁଏ ତେବେ ସେପରିସ୍ଥଳେ ସ୍ତ୍ରୀ ମଧ୍ୟ ଛାଡପତ୍ର ଦେଇଥାଏ। ସମାଜରୁ ଛାଡପତ୍ର ପାଇଥିବା ନାରୀକୁ 'ଛାର୍‌ରୀ' ଓ ପୁରୁଷକୁ 'ଛର୍‌ରା' କୁହାଯାଏ। ଏହାପରେ ସେମାନଙ୍କ ପୁନର୍ବିବାହ ଅନୁଷ୍ଠିତ ହୋଇଥାଏ। ପୁଣି ଯଦି ପ୍ରଥମା ସ୍ତ୍ରୀ ରୋଗୀଣା, ସନ୍ତାନହୀନା ହୁଏ ତେବେ ପୁରୁଷ ଦ୍ୱିତୀୟ ବିବାହ କରିବାରେ ସାମାଜିକ ପ୍ରତିବନ୍ଧକ ରହେନାହିଁ। ସାଧାରଣତଃ କନ୍ଧମାନେ ଏ କ୍ଷେତ୍ରରେ ଶାଳୀକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି।

କୁଟେନ୍‌ଶାଳ ହେଉଛି ଦାମ୍ପତ୍ୟ ଜୀବନର ମୂଳଦୁଆ। ସେଠାରେ 'କୁଟେନ ଗାତ' ଓ 'ପାହାରୁନ' ରହିଥାଏ। କୁଟେନ ଗାତ ଯୋନିର ପ୍ରତୀକ ଓ ପାହାରୁନ ଲିଙ୍ଗର ପ୍ରତୀକ। ସେଠାରେ ବରର ଭାଉଜ ଓ ଶାଳୀମାନଙ୍କ ଦ୍ୱାରା କଉଡି ଖେଳ, ପିଲାକନ୍ଦା, ପିଲାସେକା, ଉହ୍ନେଇ ଚହଁରା, ଦୁଲଦୁଲି ଓ ଘୁଡାଚଢା ଇତ୍ୟାଦି କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଏହାରି ମାଧ୍ୟମରେ ତାଙ୍କ ଭବିଷ୍ୟତ ଜୀବନ କିପରି ସନ୍ତାନ ଜନ୍ମ, ପାଳନକରି ସୁଖମୟ ଭାବେ ଜୀବନ ନିର୍ବାହ କରିବେ ସେଥିପାଇଁ ଶିକ୍ଷା ଦିଆଯାଇଥାଏ। ସେମାନେ ଯିବାପରେ କଟେନଶାଳକୁ ଜାନୀ ଆସି କୁଟେନ ବୀରଙ୍କୁ ଏକ କୁକୁଡା ବଳିଦେଇ ପୂଜାକରିବା ପରେ ଏକ ଦୀପ ଜାଳି ଚାଲିଯାଏ। ସେହି ଦୀପକୁ କୁଟେନଶାଳରେ ନବବଧୂ ତେଲଦେଇ ରାତିଯାକ ଜଳାଇ ରଖିବାକୁ ଚେଷ୍ଟାକରେ। ଯଦି ସକାଳ ହେବା ଆଗରୁ ଦୀପ ଲିଭିଯାଏ ତେବେ ତାହା ନବଦମ୍ପତ୍ତିଙ୍କ ଭବିଷ୍ୟତ ଜୀବନ ଅନ୍ଧକାର ହେବ ବୋଲି ବିଶ୍ୱାସ କରାଯାଏ। ସକାଳ ହେଲେ ବରପିଲା ଧନୁ ଓ ଶର ଧରି ଜଙ୍ଗଲକୁ ସମ୍ବର ମାରିବାକୁ ଯାଏ। ଏହି 'ସମର ମରା' କେବଳ କଳାହାଣ୍ଡିର କନ୍ଧ ବିବାହ ବେଳେ ଦେଖିବାକୁ ମିଳେ। ବରକନ୍ୟା ଆସିବା ରାସ୍ତାରେ ବରର ସାଙ୍ଗମାନେ ପୂର୍ବରୁ ଅଲଗା ଅଲଗା ସ୍ଥାନରେ ସମ୍ବରର ପ୍ରତୀକ ହିସାବରେ ସାତଗୋଟି ଘଷିଫଡାକୁ ରଖି ଦେଇଥାନ୍ତି। ଘଷିଫଡା ପାଖକୁ ଆସିଲେ କନ୍ୟା ବାମଗୋଡରେ ଆଣ୍ଠେଇ ପଡେ। ବର କନ୍ୟାକୁ ନିଜ ବାହୁ ବନ୍ଧନରେ ରଖି ବାମ ହସ୍ତରେ ଧନୁ ଓ ଡାହାଣ ହସ୍ତରେ ଶରଧରି ସମ୍ବରକୁ ମାରିଥାଏ। ବାଟରେ ପଡିଥିବା ଶରକୁ କନ୍ଧପତ୍ନୀ ଡାହାଣ ଗୋଡରେ ଉଠାଇ ସ୍ୱାମୀକୁ ପ୍ରଦାନ କରିଥାଏ। ଏହିପରି ବାଟଯାକ ସାତଗୋଟି ସମ୍ବର ମାରି ଘରକୁ ବାହୁଡିଥାନ୍ତି। ସବାଶେଷ ସମ୍ବର ମରିବା ମାତ୍ରେ ବରର ସାଥିମାନେ ତା'କୁ ନେଇଯା'ନ୍ତି। କନ୍ୟା ସେମାନଙ୍କୁ କିଛି ପଇସା ଦେଇ ମୁକୁଳାଇ ଥାଏ। ଏହାପରେ ବରକନ୍ୟା ନିଜ ଗୃହକୁ ଆସିବା ମାତ୍ରେ ବରର ମା' ହୁଳହୁଳି ଦେଇ ଘର ଭିତରକୁ ସ୍ୱାଗତ କରିଥାଏ। ଏହି ସ୍ୱାଗତ ପର୍ବ କନ୍ଧ ଭାଷାରେ 'ମୁହୁଁଜୁହି' ଭାବେ ପରିଚିତ।

ବିବାହ ଭଳି କନ୍ଧ ସମ୍ପ୍ରଦାୟରେ ଛାଡପତ୍ର ପ୍ରଥା ପ୍ରଚଳିତ ରହିଛି। ଏହି ସମାଜରେ ଛାଡପତ୍ର ପ୍ରକ୍ରିୟା ଅତି ସହଜ। ଏହା ଉଭୟ କୁଟା ଛିଣ୍ଡାଇ ଓ ଏକତରଫା କୁଟା ଛିଣ୍ଡାଇ ଛାଡପତ୍ର ଦିଆନିଆ ହୋଇଥାଏ। ଯେତେବେଳେ ପୁରୁଷ ମଧ୍ୟରେ ମନୋମାଳିନ୍ୟ ଦେଖାଦେଲେ କିମ୍ବା ପାଖରେ ସ୍ତ୍ରୀ ବଳରେ ନରହିଲେ ସ୍ୱାମୀ ସ୍ତ୍ରୀ ଉଭୟେ ଛାଡପତ୍ର ପାଇଁ ସମ୍ମତି ପ୍ରକାଶ କଲେ ଗ୍ରାମରେ ସଭା ବସେ। ସେଠାରେ ନିୟମ ମୁତାବକ ଉଭୟେ ସଭାଟଙ୍କା ପ୍ରଦାନ କରନ୍ତି। ଏହାକୁ

କୁଟିଆ କନ୍ଧମାନେ 'ପୁଞ୍ଜୁ' କହିଥାନ୍ତି । ସ୍ୱାମୀ ଓ ସ୍ତ୍ରୀ ସଭାସଦଙ୍କ ସମ୍ମୁଖରେ ସାତଗୋଟି କୁଟାକୁ ଛିଣ୍ଡାଇ କହନ୍ତି 'ଆଏଜ୍ ଠାନୁ ଆମ ଭିତରେ କୌଣସି ସମ୍ପର୍କ ନାହିଁ ।' ଏହାପରେ ପୁଅ/ଝିଅ ଅନ୍ୟ ସ୍ଥାନରେ ବିବାହ କରିବାର ଅଧିକାର ପାଇଥାନ୍ତି । ଏହି ସମୟରେ କାହାକୁ ଧନ ବା ଗଣ୍ଠି ଫେରେଇବାକୁ ପଡେନାହିଁ । କିନ୍ତୁ ଏକତର' । କୁଟା ଛିଣ୍ଡାଇବା କ୍ଷେତ୍ରରେ ଯଦି ସ୍ତ୍ରୀ କୁଟା ଛିଣ୍ଡାଇବ ତେବେ ସେ କ୍ଷେତ୍ରରେ ପୁଅଠାରୁ ପାଇଥିବା ସମସ୍ତ ଧନ ଫେରେଇଥାଏ ମାତ୍ର ପୁଅ ଯୌତୁକ ଫେରାଏ ନାହିଁ । ଅନ୍ୟପକ୍ଷରେ ପୁଅ ଝିଅକୁ 'ରଖିବି ନାହିଁ 'କହି କୁଟା ଛିଣ୍ଡାଇ 'ଆଜିଠାରୁ ସ୍ତ୍ରୀ ଉପରେ ମୋର କୌଣସି ଦାବୀ ରହିବ ନାହିଁ ବୋଲି' କହିଥାଏ । ଏଥିରେ ପୁଅ ଦେଇଥିବା ଧନସବୁ ବୁଡିଯାଏ । କିନ୍ତୁ ଝିଅକୁ ସେ ଯୌତୁକ ଫେରେଇ ଥାଏ । ଏହି ଛାଡପତ୍ର ପରେ ସେଇ ସ୍ତ୍ରୀକୁ ତାର ବାପଘରେ ପୁନର୍ଃବିବାହ ଦେବାରେ କୌଣସି ପ୍ରତିବନ୍ଧକ ରହେନାହିଁ ।

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ଯିଏ ମୃତ୍ୟୁ ବରଣ କରେ ସେ ଆଉ କେବେ ବି ଫେରେ ନାହିଁ । ତେଣୁ କନ୍ଧମାନେ କୌଣସି ସମ୍ପର୍କୀୟ ରୋଗରେ ପଡିଥିଲେ ବା ତା'ର ଆସନ୍ନ ମୃତ୍ୟୁର ଆଭାସ ପାଇଲେ ସାଇ ପଡିଶା ତଥା ଆତ୍ମୀୟମାନେ ଆସି ସେଇ ବ୍ୟକ୍ତିକୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ଖାଇବାକୁ ଦେଇଥାନ୍ତି । ମୃତ୍ୟୁ ହେବାପରେ ପରିବାରର ଅନ୍ୟ ସଦସ୍ୟମାନେ ଜୋରରେ ମୃତବ୍ୟକ୍ତିର ଗୁଣ ସ୍ମରଣକରି ବଡ ପାଟିରେ କାନ୍ଦିଥାନ୍ତି । ଏହି କାନ୍ଦଣାର ସ୍ୱର ଶୁଣି ପାଖ ପଡିଶା ଲୋକେ ଠୁଳ ହୋଇଥାନ୍ତି ଏବଂ ଶୋକାକୂଳ ପରିବାରକୁ ଶାନ୍ତ୍ୱନା ଦେବାକୁ ପ୍ରୟାସ କରନ୍ତି । ଏହି ସମୟରେ ସେଇ ଘର ଆଗରେ ସ୍ୱତନ୍ତ୍ର ଧରଣର ନିଶାନ ବାଜେ । ତାକୁ 'ମର୍‌ହା ବଜା' ବୋଲି କୁହାଯାଏ । ଯାହାକୁ ଶୁଣି ଲୋକେ ଗ୍ରାମରେ କାହାର ମୃତ୍ୟୁ ହୋଇଥିବା କଥା ଜାଣିପାରନ୍ତି । ସମ୍ପର୍କୀୟମାନେ ଶବ ଦେହରେ ନୂଆ ଲୁଗା ଢାଙ୍କନ୍ତି । ମୃତାହ ହୋଇଥିବା ଘରଲୋକେ ଖବରିଆ ଡମ୍ବ ସହାୟତାରେ ନିଜ ସମ୍ପର୍କୀୟ ଓ ବନ୍ଧୁବର୍ଗକୁ ଖବର ଦେଇଥାନ୍ତି । ଖବର ପାଇବାକ୍ଷଣି ଲୋକେ ସେଇ ସ୍ଥାନକୁ ଆସିଥାନ୍ତି । ବ୍ୟକ୍ତିଟି ଯେଉଁ ଖଟରେ ଶୋଇ ମୃତ୍ୟୁବରଣ କରିଥାଏ ସେଇ ଖଟରୁ ତାକୁ ସାମୟିକ ଭାବେ ଓହ୍ଲେଇ ତଳେ ରଖାଯାଏ । ଏହାପରେ ଖଟକୁ ଶବ ନେବା ନିମନ୍ତେ ସଜଡା ଯାଏ । ଶବ ରଖାଯାଇଥିବା ଓଲଟ ଖଟକୁ ଚାରିଜଣ ଖଟର ଗୋଡ ବା ମଚୁଆ ଧରି ଉଠାନ୍ତି । ବାପା ମା' ମୃତ୍ୟୁବରଣ କରିଥିଲେ ମୁଖ୍ୟତଃ ପୁଅ, ନାତି, ଜ୍ୱାଇଁ ଏବଂ ସେଇ ବଂଶୀୟ ଲୋକେ ମରାଖଟକୁ କାନ୍ଧେଇଥାନ୍ତି ।

ଶବନେଇ ଗ୍ରାମ ବାହାରେ ଥିବା ଡେଲାବାଟ (ତିନିଛକ)ରେ ଶବବାହକମାନେ କାନ୍ଧରୁ ମରାଖଟକୁ ତଳକୁ ଓହ୍ଲାଇଥାନ୍ତି । ସେଠାରେ ଶବର ଶେଷ ଦର୍ଶନ କରାଯାଏ । ମୃତବ୍ୟକ୍ତି ପୁରୁଷ ହୋଇଥିଲେ ତା'ର ସ୍ତ୍ରୀ କାନ୍ଦି କାନ୍ଦି ଆସି ପ୍ରଣାମ କରେ ଓ ଘରୁ ଅଣା ଯାଇଥିବା ବଟା ହଳଦୀକୁ ଶବ ଦେହରେ ଲେପନ କରେ । ହଳଦୀ ଲେପନ ପରେ ଜଣେ ବିଧବା ନାରୀ ପଥରରେ ସେ ନାରୀ ପିନ୍ଧିଥିବା ଚୁଡି ଭାଙ୍ଗେ । ସେଇ ଭଙ୍ଗା ଚୁଡିକୁ ଶବର ମୁଣ୍ଡ ପାଖରେ ରଖି ଦିଆଯାଏ । ସେଇ ଦିନଠୁ ସେ ସ୍ତ୍ରୀଲୋକଟି ଆଉ ଚୁଡି ପିନ୍ଧେ ନାହିଁ । ଯଦି ଶବଟି ସ୍ତ୍ରୀଲୋକର ହୋଇଥାଏ ତେବେ ପ୍ରଥମେ ତା'ର ସ୍ୱାମୀ ଡେଲାବାଟରେ ତା ମଥାରେ ସିନ୍ଦୁର ଓ ହଳଦୀ ଲଗେଇଥାଏ । ମଶାନ ପଦାକୁ କେବଳ ପୁରୁଷମାନେ ହିଁ ଯାଇଥାନ୍ତି । ସେଠାରେ ଶବ ଶରୀରରେ ଥିବା ସୂତା, ମାଳି, ଡେଉଁରିଆ ଆଦିକୁ କାଢି ଦିଆଯାଏ । କାରଣ ଶରୀରରେ କୌଣସି ବନ୍ଧନ ଥିଲେ ତା'ର ଡୁମା ମୁକ୍ତଭାବେ ବିଚରଣ କରିପାରେନି ବୋଲି କୁହାଯାଏ ।

କନ୍ଧ ଘରେ ମୃତ୍ୟୁର ତିନିଦିନ ପର୍ଯ୍ୟନ୍ତ ସେଇ ବଂଶରେ ଚୁଳି ଜଳେନାହିଁ । ସେମାନେ ଅସ୍ପୃଶ୍ୟ ହୋଇ ରହନ୍ତି । ଅବଶ୍ୟ ଖାଇବା ନିଷିଦ୍ଧ ନଥିବାରୁ ବନ୍ଧୁଘର ଲୋକେ ଖାଇବାକୁ ଆଣି ଦେଇଥାନ୍ତି । ସେହି ଭାତରେ ନିମ୍ବପତ୍ର ପକାଇ ଖିଆ ଯାଉଥିବାରୁ ତାହା 'ପିତାଭାତ' ଭାବେ ପରିଚିତ । ଏହାକୁ ବନ୍ଧୁବର୍ଗର ଲୋକେ ପ୍ରଦାନ କରିଥାନ୍ତି । ସାଧାରଣତଃ ତିନିଦିନ ପରେ ଘରେ ସ୍ତ୍ରୀ ଲୋକମାନେ ପାଉଁଶରେ ଘରର ସମସ୍ତ କପଡା ସଫା କରନ୍ତି । ପାଳକୁ ପୋଡେଇ କଞ୍ଚା ଗୋବର ସହିତ ମିଶେଇ ଘରକୁ ଢାଳିଥାନ୍ତି । ଏହାକୁ 'ନୁଡା ଦେବା' କୁହାଯାଏ । ଘରର ବ୍ୟବହୃତ ମାଟି ହାଣ୍ଡି, ତେଲେନ, ମାଠିଆ ଆଦିକୁ ଫୋପାଡି ଦେଇ ନୂଆ ମାଟିପତ୍ର ବ୍ୟବହାର କରିଥାନ୍ତି । ମୃତ୍ୟୁର ତିନିଦିନରେ ତିନ୍‌ଦିନିଆ କାମ ଅନୁଷ୍ଠିତ ହୁଏ । ଏହି ତିନିଦିନର କ୍ରିୟାକୁ କନ୍ଧମାନେ 'ତେଲଘର' କହିଥାନ୍ତି । ଏହିଦିନ ଭଣ୍ଡାରୀ ସେଇ ବଂଶର ଲୋକଙ୍କ ଦାଢି ବାଳ ଆଦି କାଟିଥାଏ । ମୃତ୍ୟୁ ପରେ ଏହିଦିନ ପ୍ରଥମେ ତେଲ

ଲଗାଇଥାନ୍ତି । କାରଣ ମୃତ୍ୟୁ ଦିନରୁ ତେଲଘର ତିନିଦିନ ଯାଏଁ ତେଲ ଲଗାଇବା, ଆମିଷ ଖାଇବା ତଥା ସାବୁନ ଲଗାଇବା ଇତ୍ୟାଦି ଉପରେ କଟକଣା ଥାଏ । ତେଲଦିନ ସେଇ ପରିବାର ଲୋକେ ଛୋଟିଆ ଭୋଜିର ଆୟୋଜନ କରିଥାନ୍ତି । ଚତୁର୍ଥ ଦିନଠାରୁ ସେଇ ଘରେ ରୋଷେଇ କାମ ଆରମ୍ଭ ହୋଇଥାଏ ।

ସାଧାରଣତଃ କନ୍ଧମାନେ ମୃତବ୍ୟକ୍ତିର ଆତ୍ମାକୁ ଡୁମା ବା ଜୀ ବୋଲି କହିଥାନ୍ତି । ତେଣୁ ଦଶାହ ଦିନ ଡୁମା ଆବାହନ କରାଯାଏ । ଡୁମା ଆଣିବା ପାଇଁ ଗ୍ରାମର ଡେଲାବାଟକୁ ରାତିରେ ଯିବାକୁ ହୋଇଥାଏ । ତା ପୂର୍ବରୁ ପିଦରକୁ ଗୋବର ପାଣିରେ ସଫାକରି ପବିତ୍ର କରାଯାଏ । ପିଦର ପିଢା ଉପରେ କିଛି ଚାଉଳ ଗୁଣ୍ଡକୁ ଜମାକରି ସୁନ୍ଦର ଓ ଅକ୍ଷତଭାବେ ସଜାଡି ତା ଉପରେ ଏକ ଢାଙ୍କୁଣି ଘୋଡେଇ ଦିଆଯାଏ । ସେଇ ସମୟରେ ଘରକୁ ସମ୍ପୂର୍ଣ୍ଣ ଅନ୍ଧକାର ରଖି ପିଦର ଘର ସାମ୍ନାରେ ଏକ ଦୀପ ଜଳେଇ ଦିଆଯାଇଥାଏ । ତଥା ଡୁମା ଆଣିବାବେଳେ କୌଣସି ବାହାର ବା ଘରର ଲୋକଙ୍କୁ ଘର ଭିତରକୁ ପ୍ରବେଶ କରିବାକୁ ଦିଆଯାଏ ନାହିଁ । ଚାଉଳ ପିଠଉରେ ଚିତ୍ରିତ ଦୁଇଟି ଛୋଟ ମାଟିହାଣ୍ଡିରେ ସାତ ଭଅଁର ସୂତା ଗୁଡେଇ ସେଥିରେ ଦହି, ମୁଗ, ଅରୁଆ ଚାଉଳ, ଲିଆ, ତିଖୁର ଇତ୍ୟାଦି ସରଞ୍ଜାମ ଧରି ବଡପୁଅ ବା ବଡଜ୍ୱାଇଁ ବନ୍ଧୁବର୍ଗଙ୍କ ସହିତ ଡେଲାବାଟକୁ ଯାଇଥାନ୍ତି । ସେଠାକୁ ଯିବାବେଳେ କେହିଜଣେ ଦୁଇଟି ଲୁହା ବା ଥାଳିକୁ ବଜାଇ ଶବ୍ଦ କରିଥାଏ । ଏହି ଶବ୍ଦଶୁଣିବା ପରେ କେହି ମଧ୍ୟ ବାଟରେ ରହନ୍ତି ନାହିଁ । ଅନ୍ଧାରୁଆ ପିଦର ଘରେ ଜଣେ ବ୍ୟକ୍ତି ଜଗି ରହିଥାଏ । ଡେଲାବାଟରୁ ଡୁମା ଆମନ୍ତ୍ରଣ କରି ଆସିବାବେଳେ ପିଦର ନିକଟରେ ଜଗିଥିବା ବ୍ୟକ୍ତିକୁ ଘର ବାହାରେ ଥାଇ ପାଟିକରି ଲୋକେ 'ଜାଗେ କି ସୁତେ' ବୋଲି ପଚାରନ୍ତି । ସେତେବେଳେ ପିଦର ଘରେ ଥିବା ଲୋକ ଚାଉଳ ଗୁଣ୍ଡରେ କୌଣସି ଚିହ୍ନ ଆସିଲେ ଜାଗେ ବୋଲି କହିଥାଏ । ସୁତେ କହିଲେ ପୁଣିଥରେ ଡୁମା ଆଣିବାକୁ ଡେଲାବାଟକୁ ଯାଇଥାନ୍ତି । ଡୁମା ଆସିଲାପରେ ପିଦର ଉପରେ ଥିବା ଚାଉଳ ଚୁନାରେ କି ଚିହ୍ନ ଆସିଛି ତାହା ଚିହ୍ନିବା ପାଇଁ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଓ ବନ୍ଧୁମାନେ ଯାଇଥାନ୍ତି । ଚାଉଳ ଚୁନା ଉପରେ ଢଙ୍କା ହୋଇଥିବା ଢାଙ୍କୁଣିକୁ ଅତ୍ୟନ୍ତ ସତର୍କତାର ସହ ଘୁଞ୍ଚା ଯାଇଥାଏ । ଏହାପରେ ଚୁନାକୁ ଭଲଭାବେ ନିରୀକ୍ଷଣ କରି ଡୁମାଟି କିଭଳି କି ଚିହ୍ନନେଇ ଆବିର୍ଭାବ ହୋଇଛି ତାହା ବିଚାର କରନ୍ତି । ଡୁମା ମୁଖ୍ୟତଃ ହାତୀ ପାହାଁ, ବିଲେଇ ପାହାଁ ଓ ଧାନ ଖେଡ୍ ଏହିଭଳି ତିନି ପ୍ରକାର ଚିହ୍ନରେ ଆବିର୍ଭାବ ହୋଇଥାଏ । ସେହି ଡୁମାକୁ ଆଣି ଘରର ରୋଷେଇ ଘରେ ରଖାଯାଇଥାଏ । ଏହାପରେ ଘରର କୌଣସି ସ୍ଥାନରେ ପିଣ୍ଡିପାରି ସ୍ଥାପନ ପୂର୍ବକ ପୂଜା କରାଯାଏ । ଆର୍ଥିକ ସମ୍ବଳ ବ୍ୟକ୍ତିମାନେ ଏହିଦିନ ସମସ୍ତ ଜ୍ଞାତିକୁଟୁମ୍ବ ଓ ବନ୍ଧୁବର୍ଗ ଡକାଇ ଦଶାହ ପାଳନ କରିଥାନ୍ତି । ଏହି ଡୁମାମାନଙ୍କୁ ଜନ୍ମ, ମୃତ୍ୟୁ, ବିବାହ, କୃଷିକର୍ମ, ଯାନିଯାତରା, ପର୍ବପର୍ବାଣୀ ସବୁଥିରେ ଆବାହନ କରି ଆଶିଷ ଭିକ୍ଷା କରାଯାଏ ।

କନ୍ଧ ମଣିଷ ଆଜିର ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହାୟତାରେ ଜୀବନକୁ ସହଜ କରିଥିଲେ ହେଁ ନୀତିହୀନତା, ଅସମାନତା ଓ ପାରିବାରିକ ବିଶୃଙ୍ଖଳା ଭିତରେ ଛନ୍ଦି ହୋଇଯାଇଛି । ତେଣୁ ଏହାର ସମାଧାନ ପାଇଁ କନ୍ଧମାନଙ୍କୁ ପୁଣିଥରେ ସମାଜ ମାନବିକ ମୂଲ୍ୟବୋଧ ଦିଗରେ ଅଗ୍ରସର ହେବ । ତେବେ ହିଁ ଏକ ସୁସ୍ଥ ସମାଜ ଗଢି ଉଠିବ ଏହା ନିଃସନ୍ଦେହ । ■ ■

ଅଧ୍ୟାପକ, ଓଡିଆ ବିଭାଗ
କଶ୍ରୁପଡା ମହାବିଦ୍ୟାଳୟ, କଳାହାଣ୍ଡି

ସହାୟକ ପୁସ୍ତକ :-

୧. ବାସୁଦେବ, ସୁନାନୀ : ଦଳିତ ସଂସ୍କୃତିର ଇତିହାସ, ଈଶାନ, ଅଙ୍କିତ ପ୍ରକାଶନୀ, ମାନିଗୁଡା, ନୂଆପଡା ୨୦୦୯
୨. ବିଶି, ଡ. ଦୋଳଗୋବିନ୍ଦ : କନ୍ଧମାନଙ୍କର ସାଂସ୍କୃତିକ ପରମ୍ପରା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଟିଟିଲାଗଡ,
୩. ରଥ, ରଘୁନାଥ : କନ୍ଧ ସଂସ୍କୃତିତ ଅନାଲୋଚିତ ଅଧ୍ୟାୟ, କ୍ଷେତ୍ର ଗବେଷଣା ୧୮ ମୁଠା ଅଞ୍ଚଳ

ସମ୍ବଲପୁରୀ ସାହିତ୍ୟର ଉପକ୍ରମ ଓ ଆଦିକବି ବାଲାଜୀ ମେହେର

ଉପନ୍ନ କୁମାର ଭୋଇ

ମଣିଷ ନିଜ ମନୋଭାବକୁ ସ୍ପଷ୍ଟତଃ ଅନ୍ୟମାନଙ୍କଠାରେ ପ୍ରକାଶ କରିବାପାଇଁ ସର୍ବଦା ଯେଉଁ ସୁଯୋଗ ଖୋଜୁଥାଏ, ତାହା ତା'ର ମୌଖିକ ଭାଷାରେ ସମ୍ଭବ ହୋଇଥାଏ। ଏହି ନ୍ୟାୟରେ ପ୍ରତ୍ୟେକ ଭାଷାର ଆଦିସାହିତ୍ୟ ରୂପରେ ଶ୍ରୁତିରୁ ଶ୍ରୁତିକୁ ପ୍ରସାରିତ ହୋଇ ଆସିଥିବା ମୌଖିକ ଗୀତ,ଗଳ୍ପ ଅଥବା ଲୋକୋକ୍ତି ଭଳି ଲୋକସମ୍ପତ୍ତିକୁ ମାନ୍ୟତା ଦିଆ ଯାଇ ଆସୁଛି। ତଦନୁସାରେ ସମ୍ବଲପୁରୀ ଲୋକସାହିତ୍ୟର ଭଣ୍ଡାର ବି ପରିପୂର୍ଣ୍ଣ ଅଟେ। ଏହି ଭାଷାଭାଷୀ ଅଞ୍ଚଳରେ ବିଶେଷତଃ ଲୋକକବିମାନେ ଅଜସ୍ର ଢଗ-ଢମାଳି, ପ୍ରବାଦ-ପ୍ରବଚନ, ଖେଳଗୀତ, ଶିଶୁଗୀତ, କାନ୍ଦଣାଗୀତ, ପର୍ବ-ପର୍ବାଣୀ ଯାନିଯାତ୍ରା ଗୀତ, ହଳିଆଗୀତ, ବିବାହଗୀତ ଆଦି ମୌଖିକ ସୃଷ୍ଟି ମାଧ୍ୟମରେ ଲୋକସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି।

ତେବେ ସେହି କଥିତ ସାହିତ୍ୟରୁ ଲିଖିତ ସାହିତ୍ୟକୁ ଆସିବାକୁ ସମ୍ବଲପୁରୀକୁ ହଜାର ବର୍ଷ ଲାଗିଯାଇଛି। ଅବଶ୍ୟ କତିପୟ ସ୍ରଷ୍ଟା ସ୍ୱତନ୍ତ୍ର ଭାଷା ଭାବନାର ଊର୍ଦ୍ଧ୍ୱରେ ରହି ସାରସ୍ୱତ ଜଗତକୁ ମହିମାମଣ୍ଡିତ କରି ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ବିଚାର କଲେ ସହସ୍ରାଧିକ ବର୍ଷରୁ ସୃଜନ କର୍ମରେ ମନୋନିବେଶ କରିବାରେ ଏ ଅଞ୍ଚଳର ସ୍ରଷ୍ଟାମାନେ ଯଥେଷ୍ଟ ପରିଚିତି ମଧ୍ୟ ପାଇ ଆସିଛନ୍ତି। ଏପରିକି ଅଷ୍ଟମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଦୀର୍ଘ ତିନି ଶହ ବର୍ଷ କାଳଖଣ୍ଡରେ ମଧ୍ୟରେ ଏଠାକାର ସାଧକମାନେ ପୂର୍ବଭାରତରେ ପ୍ରଚଳିତ ପ୍ରାକୃତ ଭାଷାକୁ ପାଥେୟ କରି ସାଧନାରତ ଥିବା ଅବିଦିତ ନୁହେଁ। ଐତିହାସିକ ତଥ୍ୟ ଅନୁସାରେ ଅତୀତରେ ଏ ଅଞ୍ଚଳଟି ବୌଦ୍ଧ ଧର୍ମର ଏକ ପ୍ରମୁଖ ସାଧନକେନ୍ଦ୍ର ଭାବରେ ବେଶ ଚର୍ଚ୍ଚିତ ଥିଲା। ମୁଖ୍ୟତଃ ପ୍ରାଚୀନ ସମ୍ବଲକ(ଆଧୁନିକ ସମ୍ବଲପୁର)ର ରାଜା ତଥା ବଜ୍ରଯାନର ପ୍ରବର୍ତ୍ତକ ଇନ୍ଦ୍ରଭୂତି ଏବଂ ତାଙ୍କ ଭଉଣୀ ସ୍ୱର୍ଣ୍ଣପୁରର ରାଜବଧୂ ଲକ୍ଷ୍ମୀଙ୍କରାଙ୍କ ଦ୍ୱାରା ପ୍ରବର୍ତ୍ତିତ ସହଜଯାନର ବ୍ୟାପକ ପ୍ରଚାର-ପ୍ରସାର ସକାଶେ ଲିଖିତ 'ଚର୍ଯ୍ୟାଗୀତିକା' ଅର୍ଥାତ୍ 'ବୌଦ୍ଧଗାନ ଓ ଦୋହା' ମାଧ୍ୟମରେ ଅନେକ ସାଧକସ୍ରଷ୍ଟା ଧାର୍ମିକ ଅନୁଚିନ୍ତନ ସହ ସାହିତ୍ୟ ସୃଜନର ଧାରାକୁ ଗତିଶୀଳ କରିବାରେ ସମର୍ଥ ହୋଇଥିଲେ। ଏ କ୍ଷେତ୍ରରେ ନିୟୋଜିତ ଚୌରାଶୀ ସିଦ୍ଧ ସାଧକଙ୍କ ମଧ୍ୟରୁ ସର୍ବାଧିକ ପଦ ରଚନା କରିଥିବା ସ୍ରଷ୍ଟା ଭାବରେ ସୋମପୁରୀ ବା ସ୍ୱର୍ଣ୍ଣପୁରୀ (ଆଧୁନିକ ସୋନପୁର) ନିବାସୀ କବି କାହ୍ନୁପାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରଥମ କରି ତାଙ୍କ ବିରଚିତ ପଦାବଳୀରେ ସମ୍ବଲପୁରୀ ଶବ୍ଦରୂପ ଓ ଧାତୁରୂପ କାବ୍ୟିକ ମର୍ଯ୍ୟାଦା ପାଇ ପାରିଛି। ଯଥା-

'ଆଲୋ ଡୋମ୍ବି ! ତୋ ପୁଛମି ସଦଭାବେଁ,
ଆଇସ୍‌ସି ଜାସି ଡୋମ୍ବି କାହାରି ନାବେଁ।
x x x x x
ସରୋବର ଭାଞ୍ଜିଅ ଡୋମ୍ବି ! ଖାଅ ମୋ ଲାଣ,
ମାରମି ଡୋମ୍ବି ! ଲେମି ପରାଣ।'

ଏଥିରେ ଥିବା ରେଖାଙ୍କିତ ଅଂଶରୁ ସମ୍ବଲପୁରୀର ସୁକୁମାରତା ସହଜଲକ୍ଷ୍ୟ।

ତତ୍ ପରବର୍ତ୍ତୀ ସ୍ରଷ୍ଟା ଭାବରେ ଷୋଡ଼ଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ଜନ୍ମିତ ଏବଂ ଓଡ଼ିଆ ଭାଷାକୁ ଆୟୁଧ କରି ଆସିଥିବା 'ଶ୍ରୀ ନୃସିଂହ ଚରିତ'ର ରଚୟିତା କନ୍ଧକବି ଯୁଗଦାସ, 'ବିଷ୍ଣୁଗର୍ଭ ପୁରାଣ' ଓ 'ନିର୍ଗୁଣ ମହାତ୍ମ୍ୟ'ର ସ୍ରଷ୍ଟା ଚୈତନ୍ୟ ଦାସ, ସନ୍ଥକବି ଭୀମ ଭୋଇ, ସ୍ୱଭାବକବି ଗଙ୍ଗାଧର ମେହେର ପ୍ରମୁଖ ଓଡ଼ିଆ ସାହିତ୍ୟରେ ସମ୍ବଲପୁରୀକୁ

କ୍ଷୀର-ନୀର ନ୍ୟାୟରେ ମିଶ୍ରଣ କରି ଏ ଭାଷାର ଗରିମା ବୃଦ୍ଧିରେ ବେଶ ସହାୟକ ହୋଇ ଆସିଛନ୍ତି । ଅବଶ୍ୟ ପଶ୍ଚିମାଞ୍ଚଳର ଏହି ପ୍ରାଚୀନ କବିମାନେ ତାଙ୍କ ରଚିତ ଓଡ଼ିଆ ସାହିତ୍ୟରେ ସ୍ଥଳ ବିଶେଷରେ ସମ୍ବଲପୁରୀ ଶବ୍ଦ ସିନା ବସେଇଛନ୍ତି, ବିଗତ ଊନବିଂଶ ଶତାବ୍ଦୀ ଯାଏଁ ଖାଣ୍ଟି ସମ୍ବଲପୁରୀ ଭାଷାରେ ସାହିତ୍ୟ ସୃଷ୍ଟି ହୋଇଥିବା ତଥ୍ୟ ଉପଲବ୍ଧ ନୁହେଁ । କାରଣ ସେତେବେଳେ ଏଠାକାର ଲୋକେ ଭାଷା ଚେତନା କହିଲେ ଓଡ଼ିଆକୁ ବୁଝୁଥିଲେ । କେବଳ ଲୋକଗୀତ ଅଥବା ଲୋକଗଳ୍ପର ଉପକ୍ରମ କଥା ଭଳି କେହି କେହି ଚଟୁଳ ପଦବିନ୍ୟାସ କରୁଥିଲେ । ଅବଶ୍ୟ ଏହି ଅବଧି ମଧ୍ୟରେ ବି ଅନେକ ଲୋକକବି ସମ୍ବଲପୁରୀ ଲୋକନାଟକ 'ଷୋଳ ସୁଆଙ୍ଗ' ରଚନା କରି ଲୋକସମାଜର ମନୋରଞ୍ଜନ କରି ଆସୁଥିଲେ । ସେଥିପାଇଁ ରାଧାକୃଷ୍ଣଙ୍କ ଅପ୍ରାକୃତ (ଅଲୌକିକ) ପ୍ରେମଲୀଳାକୁ ପ୍ରାକୃତ (ଲୌକିକ) ଢଙ୍ଗରେ ଉପସ୍ଥାପନ କରିଥିବା ଶତାଧିକ ଲୋକଗୀତ ଶୁଣିବାକୁ ମିଳେ । ତେବେ ଏଗୁଡ଼ିକ ମୁଖ୍ୟତଃ ଓଡ଼ିଆ ମିଶ୍ରିତ ସମ୍ବଲପୁରୀ ଭାଷାରେ ଭାବଭକ୍ତି ଆଶ୍ରିତ ଅଥବା ଶୃଙ୍ଗାର ରସସିକ୍ତ ଉପାଦାନରେ ଗଢ଼ା ଲୋକସାହିତ୍ୟ ରୂପରେ ହିଁ ବିବେଚିତ ହେଉଥିଲା । ଏହିକ୍ରମରେ ଗତ ୧୮୯୧ ମସିହାରେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ପ୍ରକାଶିତ କବି ମଧୁସୂଦନଙ୍କ ନାମରେ ଭଣିତ 'ସମ୍ବଲପୁର ଅଞ୍ଚଳର ପ୍ରାଚୀନ କବିତା'ରେ ଥିବା 'ନନ୍ଦ ପୁଅ, କାହ୍ନା, ଦାଣ୍ଡେ' ଆଦି ଶବ୍ଦରୂପ ତଥା 'ଗାଧୋଇ, ଗୋଡ଼ାଇ' ଆଦି କ୍ରିୟାରୂପରୁ ଯେଭଳି ଓଡ଼ିଆ ପାଣି-ପବନରେ ପୁଷ୍ଟ ପ୍ରୟୋଗ ସ୍ପଷ୍ଟ ବାରି ହୋଇପଡ଼େ, ସେହିଭଳି 'ଜନ୍‌କାରିର୍‌ଟେ, କହିଲଖନ୍‌କା' ଆଦି ଦୁର୍ବୋଧ୍ୟ ଅଥବା ମୁଦ୍ରଣ ଜନିତ ତ୍ରୁଟି ବିଚ୍ୟୁତିପୂର୍ଣ୍ଣ ବିକୃତବୋଧ୍ୟ ବ୍ୟବହାରରୁ ଭାବ ବ୍ୟାହତ ହେବା ସଙ୍ଗେ ସମ୍ବଲପୁରୀର ଚାରୁତା ଓ ନିରୋଳତା ନଷ୍ଟ ହେଉଥିବା ମନେହୁଏ । ଏହି ନ୍ୟାୟରେ ଯତନ କବି ଓ ଚୈତନ୍ୟ ଦାସଙ୍କ ସୃଷ୍ଟି ମଧ୍ୟ ସମଦଶାପନ୍ନ । ଯତନଙ୍କ ରଚିତ 'ଭୁଲାମନ ଚଉତିଶା'ରେ ଥିବା ପ୍ରଥମ ପଦ -

'କହୁଛେଁ ଶୁନ କର୍ମହୀନ
କିଏ ଦେଖିଛ ଉଆଁସ ଜହ୍ନ
କୁଇଲି ଗୀତର ଅର୍ଥ ଶୁନ
ହଇକି ଭୁଲାମନରେ
କେତେ ସୁତରେଁ ବହେ ପବନ ।'

ରୁ ଯେମିତି ଏକଥା ପ୍ରତିପାଦିତ ହୁଏ, ଚୈତନ୍ୟଙ୍କ 'ଚଢ଼େଇ ଚଉତିଶା'ରେ ସନ୍ନିବେଶିତ-

'କର୍ଣ୍ଣ ମନ ଦେଇ ଶୁନ
କହିବା ଚଢ଼େଇ ବିଧି ବିଧାନ
(ଆଜ୍ଞା) ହେଇକରି ସାବଧାନ ।(୧)
ଖସି ପଡ଼ିଲୁଁ ସର୍ଗରୁଁ
ଖଟାଙ୍ଗଧର ଯେ ସାହା ହେବାରୁ
(ଆଜ୍ଞା)କ୍ଷିତି ସଞ୍ଜୀବନୀ ପୁରୁଁ
ଖେଳି ବୁଲି ନାଟ କରୁଁ ।(୨)'

ଆଦି କ୍ଷୁଦ୍ର ପଦଦ୍ୱୟରୁ ସମ୍ବଲପୁରୀ ଅପେକ୍ଷା ଓଡ଼ିଆର ଘନତ୍ୱ ବେଶି ଅନୁଭୂତ ହୁଏ ।

କିନ୍ତୁ ଏହି କ୍ଷେତ୍ରକୁ କବି ବାଲାଜୀ ମେହେରଙ୍କ ଆଗମନ ଆଣିଦେଇଛି ନୂତନ ସମ୍ଭାବନା । ସମ୍ବଲପୁରୀ ଭାଷାର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ସଚେତନତାର ସ୍ୱର ଆଦୌ କର୍ଣ୍ଣଗୋଚର ହେଉ ନ ଥିବା ଏକ ସୁପ୍ତ ସମୟରେ ବି ଜାଗ୍ରତ ପ୍ରହରୀର କର୍ତ୍ତବ୍ୟ ତୁଳାଇବା ସହିତ ଗୁରୁଦାୟିତ୍ୱ ନିର୍ବାହ କରୁଥିଲେ ସେ । ବିଭୁଦତ୍ତ ପ୍ରତିଭା ବଳରେ ଜଣେ ଆଶୁକବି ଭାବେ ଉଭା ହୋଇ ତାତ୍କାଳିକ ପରିବେଶ ଓ ପରିସ୍ଥିତି ପ୍ରତି ସର୍ବଦା କାବ୍ୟିକ ସ୍ପନ୍ଦନର ସ୍ପର୍ଶରେ ପୁଲକିତ କରୁଥିଲେ ଉପସ୍ଥିତ ଶ୍ରୋତୃସମାଜକୁ । ଆପଣାର ସ୍ୱତଃସ୍ଫୂର୍ତ୍ତତା ଓ ସ୍ୱାଭାବିକତାକୁ ପ୍ରାଧାନ୍ୟ ଦେଇ ଭାଷାମାତୃକାର ସେବାରେ ନିଜକୁ ସମର୍ପି ଦେଇଥିଲେ ସାରା ଜୀବନ । ପ୍ରଥମ କରି କବି ବାଲାଜୀ ଓଡ଼ିଆ ଅନୁସୃତ ଧାରାରୁ ମୁକ୍ତ ହୋଇ ଖାଣ୍ଟି ସମ୍ବଲପୁରୀରେ ପୂର୍ବ ପ୍ରଚଳିତ ଶୃଙ୍ଗାର ଅଥବା ଭକ୍ତିରସ ବଦଳରେ ହାସ୍ୟମୁଖର ପରିବେଶ ସଂରଚନା ସକାଶେ ତତ୍ପରତା ପ୍ରକାଶ କରିଥିଲେ । ଆପଣା କୃତିରେ ରସିକତାପୂର୍ଣ୍ଣ ଅଭିବ୍ୟକ୍ତି ଅଥବା ବିଭୂକୃପା ତଥା ଦୈବୀଶକ୍ତି ପ୍ରତି ଅନ୍ଧ ଆନୁଗତ୍ୟ ପ୍ରକାଶ କରିବା ପରିବର୍ତ୍ତେ ହାସ୍ୟ ଉଦ୍ରେକକାରୀ ପ୍ରସଙ୍ଗର ଅବତାରଣା ପୂର୍ବକ ଚିତ୍ତାକର୍ଷକ କାବ୍ୟଛଟା ବଳରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରୁଥିଲେ । ଆମ ସାଧାରଣ ଜନତାଙ୍କ ନିତ୍ୟପ୍ରାତ୍ୟହିକ ଜୀବନରେ ଦେଖା ଦେଉଥିବା ବିବିଧ ସାମାଜିକ ଘଟଣାର ଚିତ୍ରଣ ଅଥବା ରୂପକ କବିତା ଜରିଆରେ ହର୍ଷୋଲ୍ଲାସର

ପରିସ୍ଫୁଟନ ପାଇଁ ସଦା ପ୍ରଯତ୍ନଶୀଳ ଥିଲେ ସେ। ଫଳତଃ ତାଙ୍କ ଲେଖନୀରୁ ନିର୍ଗତ ହେଲା 'ଗୁଁଡ଼ିଆ ଗୀତ୍, ଗଉର୍ ପସ୍‌ରା, କୁମ୍ଭାର୍ ପସ୍‌ରା, ଗୁରିଆ ପସ୍‌ରା,ସୁନାରୀ ପସ୍‌ରା ,ମାଲେନ୍ ପସ୍‌ରା ଏବଂ ବର୍‌ଗଡ଼ ହାଟ'ଶୀର୍ଷକ ଅନେକ କବିତା। ମୁଖ୍ୟତଃ ଜଣେ ଆଶୁକବି ହିସାବରେ ସେ ନିଜ ପରିଚିତ ପରିବେଶକୁ ରୁଚି ଅନୁକୂଳ କରିବା ସକାଶେ ଆବଶ୍ୟକୀୟ ଭାବ, ଆବେଗ ଓ ଉପଲବ୍ଧିଭରା ଉପକରଣ ସବୁ ଖଞ୍ଜି ତଥା ଲୋକଚେତନାରେ ରଞ୍ଜି ସୁବୋଧ୍ୟ ଶବ୍ଦସମ୍ଭାରରେ ସଜାଉଥିଲେ ଆଉ ମୌଖିକ ସ୍ରୋତରେ ବୁହେଇ ଚାଲିଥିଲେ କବିତା ଉପରେ କବିତା। ଗାଇ ଶୁଣାଇବାର ଶୈଳୀକୁ ଆପଣାଇ ନେଇ 'ଶୁନ୍ ଶୁନ୍‌ରେ ପାଲିଆଭାଇ' ଅନୁକ୍ରମରେ ଛୁଟେଇ ଚାଲିଥିଲେ ଲଘୁଚେତନା ସମ୍ବଳିତ ହାସ୍ୟଦ୍ୟୋତକ ସାମାଜିକ କବିତା ସବୁ। ସେହିଭଳି 'ବର୍‌ଗଡ଼ ହାଟ' କବିତାରେ ଥିବା -

'ବସିଛେରେ ଭାଇ ବର୍‌ଗଡ଼ ହାଟ
ମାଛି ଗଲ୍‌ବାକେ ନାଇଁନ ବାଟ।।'

ଏଠାରେ ରୂଢ଼ି ତଥା ବକ୍ରୋକ୍ତିର ବ୍ୟବହାର ବେଶ୍ ସାବଲୀଳ ଢଙ୍ଗରେ ହୋଇଥିବା ହେତୁ ଅତୀବ ମନୋମୁଗ୍ଧକର ଅଟେ।

ଏହି ହାସ୍ୟରସିକ କବିଙ୍କ ଆବିର୍ଭାବ ଘଟିଥିଲା ୧୮୭୦ ମସିହାରେ ଆଧୁନିକ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ବନ୍‌ହର୍ ଗ୍ରାମରେ ଏକ ତନ୍ତୀ (ଭୁଲିଆ) ପରିବାରରେ। ତାଙ୍କ କୌଳିକ ବୃତ୍ତି ଥିଲା ଲୁଗାବୁଣା। ବୟନ ସହିତ ଗାୟନ କଳାରେ ମଧ୍ୟ ସେ ଥିଲେ ଅତ୍ୟନ୍ତ ନିପୁଣ। ତାଙ୍କ କବିତାର ପ୍ରଭାବ ଓ ପରିସର ଥିଲା ଅତ୍ୟନ୍ତ ବ୍ୟାପକ। ତାକୁ ନେଇ ବହୁ ରୋଚକ କଥା ଶୁଣିବାକୁ ମିଳେ। ସେତେବେଳେ ଆଜିଭଳି ବରଗଡ଼ ଓ ସମ୍ବଲପୁରକୁ ଯୋଡୁଥିବା ମହାନଦୀ ସେତୁ ନଥିଲା। ଲୋକେ ନାଆ ଯୋଗେ ନଦୀ ପାରିହୋଇ ଆରପଟକୁ ଯାଉଥିଲେ। ଏହିକ୍ରମରେ ଥରେ ସୂର୍ଯ୍ୟାସ୍ତ ସମୟରେ କବି ବରଗଡ଼ ପଟରୁ ଆସି ସମ୍ବଲପୁର ଯିବାକୁ ଥିବାବେଳେ ମହାନଦୀ କୂଳକୁ ପହଞ୍ଚିବା ପୂର୍ବରୁ ନାଉରୀ ନାଆ ମେଲି ଦେଇଥିଲା। ଆଉ ନାଆ ଆସିବ ନାହିଁ ଭାବି ତାଙ୍କ ସହିତ ଥିବା ଅନ୍ୟ ଯାତ୍ରୀମାନେ ମନଦୁଃଖରେ ଭାଙ୍ଗି ପଡିଥିଲେ। ନିର୍ଜନ ବେଳାରେ ରାତ୍ରୀ ଯାପନ ଜନିତ ଦୁଶ୍ଚିନ୍ତାରେ ଅନେକଙ୍କ ଭିତରେ କାନ୍ଦବୋବାଳି ବି ଶୁଣାଗଲା। ସେମାନଙ୍କ ଏତାଦୃଶ ଅବସ୍ଥା ଦେଖି କବି ସ୍ମିତହାସ୍ୟ କରି କହିଲେ, 'କାହିଁକି ଏତେ ବ୍ୟସ୍ତ-ବିବ୍ରତ ହେଉଛ ? ଧୈର୍ଯ୍ୟ ଧର, ନାଉରିଆ ନିଶ୍ଚୟ ଆସିବ ଆଉ ତୁମମାନଙ୍କୁ ପାରି କରିବ' କହି ଉଚ୍ଚ ସ୍ୱରରେ ଛୁଟେଇଲେ ହାସ୍ୟରସଭରା ସମ୍ବଲପୁରୀ ସଙ୍ଗୀତର ସ୍ୱରଝଙ୍କାର। ସଂଯୋଗବଶତଃ ନଦୀ ଆର ପଟେ ଥିବା ରାଜ ପରିବାରର ସ୍ନାନରତା ବଧୂମାନଙ୍କ କର୍ଣ୍ଣଗୋଚର ହେଲା ସେହି ଗୀତ। ପୂର୍ବ ପରିଚିତ କଣ୍ଠସ୍ୱରରେ ଅଭ୍ୟସ୍ତ ନାରୀମାନେ କବି ବାଲାଜୀଙ୍କ ଉପସ୍ଥିତି ବୋଧହୁଏ ଅନୁମାନ କରିଥିବେ। ଦେଖୁଁ ଦେଖୁଁ ତତ୍‌କ୍ଷଣାତ୍ ସେମାନଙ୍କ ନିର୍ଦ୍ଦେଶରେ ନାଆ ଧରି ନାଉରୀମାନେ ହାଜର ହୋଇ କବିଙ୍କୁ ସସମ୍ମାନେ ବସେଇ ନେଇଗଲେ। ତାଙ୍କ ସହିତ ଅପେକ୍ଷାରତ ଯାତ୍ରୀମାନେ ବି ଆଶ୍ୱସ୍ତ ହୋଇ ମହାନନ୍ଦରେ ବସି ପାରି ହୋଇଥିଲେ ମହାନଦୀ। ରାଜ ଉଆସରେ ଜମିଲା ବାଲାଜୀଙ୍କ ଗୀତ ଆଉ କବିତାର ଆସର। ଏପରିକି କବିଙ୍କ କାବ୍ୟାନନ୍ଦରେ ରାଜା ଉଲ୍ଲସିତ ହୋଇ ଅଶୀ ଏକର ପରିମିତ ଜମି ସହିତ ଆତ୍ମରକ୍ଷା ପାଇଁ ବନ୍ଧୁକଟିଏ ବି ଉପହାର ଦେଇ ରାଜଅତିଥି ଭାବରେ ସତ୍କାର କରିବା ସହିତ ସମ୍ମାନ ପ୍ରଦର୍ଶନ କରିଥିଲେ। ପୁଟ୍‌ପୁଟ୍‌ପାଲି ଗ୍ରାମରେ ଥିବା ଉକ୍ତ ଜମିକୁ କବି ପରିବାର ଭୋଗ ଦଖଲ କରି ଜୀବିକା ନିର୍ବାହ କରିଆସିଥିବା ଜଣାଯାଏ।

ଏହିଭଳି ଆଉ ଏକ ଘଟଣା ମଧ୍ୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୁଏ। ଯେହେତୁ ବହୁ କବି ସମ୍ମିଳନୀରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମଧ୍ୟ ତାଙ୍କ ଯୋଗଦାନ ରହି ଆସିଥିଲା, ବହୁ ଦୂର ଦୂରାନ୍ତରୁ ନିମନ୍ତ୍ରିତ ହୋଇ ସେ ଆପଣାର ସୃଜନକଳାକୁ ପରିବେଷଣ କରି ଚାଲିଥିଲେ। ଏହି କ୍ରମରେ ଗତ ୧୯୧୩ ମସିହାରେ ସାଂସ୍କୃତିକ ପ୍ରାଣକେନ୍ଦ୍ର ରୂପେ ପରିଗଣିତ ସମ୍ବଲପୁରର ଫ୍ରେଜର୍ କ୍ଲବ୍ ଠାରେ ଆୟୋଜିତ ସାହିତ୍ୟ ସଭାରେ ତାଙ୍କ ବହୁଚର୍ଚ୍ଚିତ ହାସ୍ୟରସ ମୂଳକ କବିତା 'ଗୁଁଡ଼ିଆ ଗୀତ୍' ଆବୃତ୍ତି ପାଇଁ ଉଚ୍ଛ୍ୱସିତ ଆହ୍ୱାନ ସୂଚକ ଆମନ୍ତ୍ରଣ କରିବା ଓ କବିଙ୍କ ମୁହଁରୁ ପ୍ରତ୍ୟକ୍ଷ ଭାବରେ ଶୁଣିବା ଫଳରେ ଶ୍ରୋତୃସମାଜ ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ। ସଂଯୋଗ ବଶତଃ ସେତେବେଳେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଶଶିଭୂଷଣ ମିଶ୍ରଶର୍ମା ଯିଏ କି ପରବର୍ତ୍ତୀ

ସମୟରେ ବହୁ ଶାସ୍ତ୍ର ବିଶାରଦ ତଥା ପ୍ରଥିତଯଶା କବି, ନାଟ୍ୟକାର, ପ୍ରାବନ୍ଧିକ, ଅନୁବାଦକ ଭାବେ ଖ୍ୟାତ ବୁଢ଼ା ମାଷ୍ଟ୍ରେ ନାମରେ ସୁପରିଚିତ ଥିଲେ,ତାଙ୍କୁ ଉକ୍ତ ଆସରରେ ଜଣେ ଶ୍ରୋତା ଭାବେ ଉପସ୍ଥିତ ରହି ପୂର୍ଣ୍ଣପ୍ରାଣରେ ସାହିତ୍ୟ ରସ ଆସ୍ୱାଦନ କରିବାର ଅପୂର୍ବ ସୁଯୋଗ ମିଳିଥିବା କଥା ତାଙ୍କ ପ୍ରିୟ ଛାତ୍ର ସ୍ୱର୍ଗତ ପ୍ରଫେସର ହୃଦମଣି ପ୍ରଧାନ ଓ ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୂଜାରୀଙ୍କ ଠାରୁ ଶୁଣାଯାଏ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସମସାମୟିକ ଥିଲେ ବାଲାଜୀ। ତେବେ ଗଙ୍ଗାଧର ଓଡ଼ିଆ ସାହିତ୍ୟ ସୃଜନରେ ନିମଗ୍ନ ଥିବା ହେତୁ ସ୍ୱତନ୍ତ୍ର ଭାବରେ ସମ୍ବଲପୁରୀ ସାହିତ୍ୟ ସୃଷ୍ଟି କରି ନଥିଲେ ହେଁ ଆପଣାର ଖଣ୍ଡିତ ଆତ୍ମଜୀବନୀ ସହିତ ଅନ୍ୟାନ୍ୟ କାବ୍ୟ-କବିତାରେ ମଧ୍ୟ ମାତୃଭାଷା ପ୍ରତି ମମତାବଦ୍ଧ ହୋଇ ସମ୍ବଲପୁରୀକୁ ମର୍ଯ୍ୟାଦା ଦେବା ସକାଶେ ଶ୍ରଦ୍ଧା ଓ ସମ୍ମାନ ପୂର୍ବକ ଶତାଧିକ ଶବ୍ଦ ସଂଯୋଜନା କରିବାରେ କେବେ କୁଣ୍ଠାପ୍ରକାଶ କରିନାହାନ୍ତି। ଏଥିରୁ ଅନୁମାନ କରିହୁଏ ଯେ, କବି ବାଲାଜୀ, ଲୀଳା ନାଟ୍ୟକାର ଲକ୍ଷ୍ମଣ ପତି, କାବ୍ୟକାର କପିଳ ମହାପାତ୍ର ପ୍ରମୁଖ ତତ୍କାଳର କଳାପ୍ରାଣ କବିଙ୍କ ସଂସ୍ପର୍ଶରେ ସେ ଅବଶ୍ୟ ଆସିଥିବେ। ପୁଣି ସେତେବେଳେ ଶିକ୍ଷା, ସୂଚନା ଓ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଭାବରେ ସଂଚାର କଳାର ଭୂମିକା ସର୍ବାଗ୍ରେ ଥିଲା। ଏକକାଳୀନ ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟର ସମ୍ମିଶ୍ରଣରେ ସୃଷ୍ଟ ଚତୁର୍ମୁଖୀ କଳା ଭାବରେ ସଂଚାର ଅଭୂତପୂର୍ବ ଜନାଦୃତି ଲାଭ କରିପାରିଥିଲା। ଏହାକୁ ଦୃଷ୍ଟିରେ ରଖି ଆମ କବିମାନେ ମଧ୍ୟ ସହଜବୋଧ ବିଷୟ ନିର୍ବାଚନ ସହ ଲୋକମୁଖୀ ଶୈଳୀର ଆଶ୍ରୟ ନେଉଥିଲେ ତଥା ବିଭିନ୍ନ ଜାତିରେ ପ୍ରଚଳିତ ସାମାଜିକ ଚଳିଚଳଣିକୁ ପ୍ରାଧାନ୍ୟ ଦେଇ ଢଗଢମାଳି ଯୁକ୍ତ ଗୀତ, କବିତା ଓ କାବ୍ୟ ରଚନା କରିବାରେ ନିଜକୁ ନିୟୋଜିତ କରୁଥିଲେ। ସଂକ୍ଷେପରେ କହିଲେ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଦେଖା ଯାଉଥିବା ବିବିଧ ବିସଙ୍ଗତିର ଦୂରୀକରଣ ସକାଶେ ସଂସ୍କାର ପ୍ରୟାସ ହିଁ ଥିଲା ସାହିତ୍ୟର ଅନ୍ତଃସ୍ୱର। ସୁତରାଂ ବିଂଶ ଶତାବ୍ଦୀର ଅୟମାରମ୍ଭରେ ଚର୍ଚ୍ଚିତ କବିମାନେ 'ପସରା' ଶ୍ରେଣୀୟ କବିତା ମାଧ୍ୟମରେ ଜାତିଭେଦରେ ଥିବା ତ୍ରୁଟି-ବିଚ୍ୟୁତିକୁ ଉନ୍ମୋଚନ କରିବା ସକାଶେ ଲେଖନୀ ଚାଳନା କରିବାକୁ ଶ୍ରେୟ ମଣୁଥିଲେ। ଏହି ଧାରାର ଆଦ୍ୟ ରଚୟିତା ଭାବରେ ଆଉ ଦୁଇ ପାଦ ଆଗକୁ ବଢ଼ି କବି ବାଲାଜୀ ନିଜକୁ ପୂର୍ଣ୍ଣ ମାତ୍ରାରେ ପ୍ରସ୍ତୁତ କରି ରଖିଥିଲେ। ତେଣୁ ତାଙ୍କ ଲେଖନୀରୁ ପସରା ଶ୍ରେଣୀୟ କବିତାର କାୟା ବିସ୍ତାର ଲାଭ କରିଥିଲା।

ତତ୍କାଳରେ ସଂଚାର କଳା ପ୍ରଦର୍ଶନ ବେଳେ କବିଙ୍କ ଏହି ଶ୍ରେଣୀୟ କବିତା ସହିତ 'ଗୁଁଡିଆ ଗୀତ୍'କୁ ମଧ୍ୟ ସରସ ସୁନ୍ଦର କରି ପରିବେଷଣ କରୁଥିଲେ ସଂଚାର ଶିଳ୍ପୀମାନେ। ଆଗ୍ରହ ଆତିଶଯ୍ୟରେ ପ୍ରାୟତଃ ଦର୍ଶକସମାଜର ମନୋରଞ୍ଜନ ସକାଶେ ଗାଉଥିଲେ -

'ଶୁନ୍ ଶୁନ୍‌ରେ ପାଲିଆ ଭାଇ
ଗୁଁଡ଼ିଆର୍ କଥା କହୁଛେଁ ମୁଇଁ।
x x x x x
ଗାଏ ଗୁହାଲେଁ ଗୁଁଡ଼ିଆ ବିଜେ
ଆଘେଁ ଘୁନ୍ ଘୁନ୍ ଘଁଟି ବାଜେ।
ଦେଖିଲା ସେନ କୁହୁଲା ଦିଆ,
ଗୁଁଡ଼ିଆ ବଏଲା ନେଇଁରେ ବୁଆ।'

ଏହି ପରିପ୍ରେକ୍ଷୀରେ ନିରପେକ୍ଷ ଭାବେ ବିଚାର କଲେ ଜଣାଯାଏ ଯେ, ଭାଷା ଭାବନାର ଦୁଃସ୍ଥିତି ବା ଅସମୟରେ ବି ଆମ ଭାଷାରେ 'ଗୁଁଡ଼ିଆ ଗୀତ୍' ରଚନା କରି ଖାଣ୍ଟି ସମ୍ବଲପୁରୀ ଲିଖିତ ସାହିତ୍ୟକୁ ପ୍ରଥମେ ପରିଚିତ କରେଇଛନ୍ତି କବି ବାଲାଜୀ ମେହେର। ଶୁଣାଯାଏ, ସେ ଉକ୍ତ କବିତାଟି ବିଗତ ଊନବିଂଶ ଶତାବ୍ଦୀର ଶେଷ ଦଶକରୁ ସମସ୍ତଙ୍କୁ ଶୁଣାଇ ଆସୁଥିଲେ। ଏ ଲେଖାର ଆଦୃତି ଏତେ ବ୍ୟାପକ ଥିଲା ଯେ, ବିଭିନ୍ନ ପତ୍ରପତ୍ରିକା ଏବଂ ସଂକଳନଗୁଡ଼ିକରେ ବହୁବାର ପ୍ରକାଶିତ ହୋଇଆସିଛି।

ଏହି ଆବୃତ୍ତିଧର୍ମୀ କବିତାର ଭାଷା ଯେଭଳି ରୁଚିକର, ଶୈଳୀ ବି ସେଭଳି ଆହ୍ଲାଦଦାୟକ ମନେହୁଏ। କବି ଗାୟକ ସାଜି ଶୁଣାଇବା ଢଙ୍ଗରେ ଗୀତଟିକୁ ଗାଇ ଯାଇଛନ୍ତି। ସେ ଏତେ ହାସ୍ୟରସିକ ସାଜିଛନ୍ତି ଯେ,'ଘୁନ୍‌ଘୁଟି' ଓ 'କୁର୍‌କୁଟି' ଭଳି କୀଟପତଙ୍ଗକୁ ମଶାର ଦୁଇ ଜଣ ସ୍ତ୍ରୀ ହିସାବରେ ନେଇଛନ୍ତି। ଏଠାରେ କବି ଲୋକଜୀବନ ଶୈଳୀକୁ ଚିତ୍ରଣ କରିବା ଆଳରେ ମଙ୍ଗଳା ଓଷା କରି ଦେବୀଙ୍କୁ କେମିତି ରକ୍ତଧାର ଦେବେ, ସ୍ତ୍ରୀ ବୁଦ୍ଧିରେ ପଡ଼ି ମଶା ବାଧ୍ୟ ହୋଇ ରକ୍ତ ସଂଗ୍ରହ କରିବାକୁ ମଣିଷମାନଙ୍କ ଶରୀରରେ କେମିତି ବସେ ଏବଂ ତାକୁ କେମିତି ଦଶା ଭୋଗିବାକୁ ପଡ଼େ, ସେ କଥାକୁ ଅତି

ସରସ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି । ଚମତ୍କାର ବର୍ଣ୍ଣନା ବୈଚିତ୍ର୍ୟ ସୃଷ୍ଟି କରିବାରେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି କବି । ଏପରିକି କବିତା ମଧ୍ୟରେ ଶିଶୁସାହିତ୍ୟ ଉପଯୋଗୀ ଉପାଦାନ ଏପରି ରସାଳ କରି ସଜାଯାଇଛି ଯେ, ପଢ଼ିବା କ୍ଷଣି ପାଠକର ମୁହଁରୁ ନିର୍ମଳ ହାସ୍ୟରସର ଧାରଟିଏ ଝରି ଆସେ । ଯେମିତିକି ମଶାର ଭାବନାରେ କୁହାଯାଇଛି-

'ଗୁଁଡ଼ିଆର୍ କନିଆଁ ଦୁଇ ଗୁଟି,
ଘୁନ୍‌ଘୁଟି ଆର୍ କୁର୍‌କୁଟି ।
ସେ ଦିନ ତାକର୍ ମଙ୍ଗଲ୍‌ବାର୍,
ଦେବୀକେ ଦେବେ ରକତ୍ ଧାର୍ ।
ନାଇଁ ଆନ୍‌ଲେଁ ନାଇଁ ଚଲେ,
ଗୁଁଡ଼ିଆ ଗଲା ରାତିର୍ ବେଳେଁ ।

x x x x x

ଗଲେଁ ମଲିଁ ରକତ୍ ଭୁଗି,
ଜୀବନ ଯିବା ମାଏଝି ଲାଗିଁ ।
ଯାଇ ବସ୍‌ଲା ଲୋକର୍ ଭିଲିଁ,
ଠାନ୍ ଠାନ୍ ଜାନି ହୁଙ୍ଗ୍‌ମି ବଲିଁ ।
ଝନେ ବସିଥିଲା ପଛ୍ କରି,
ଚୁଥିଲେଁ ବସ୍‌ଲା ଲଟ୍ କରି ।
କିଏ ହାଏ କରିଁ ଥାପର୍ ପିଟି
ଦେଇଥିଲାନ ସଏଲ୍‌ତା ବଟି ।
ଦର୍‌ବୁଚ୍‌ଡ଼ା ଯାଇ ବାଜ୍‌ଲା,
ବାଜିଥିଲେଁ କାଏଁ ଜୀବନ୍ ଥିଲା ?
ଗଲା ତର୍‌ସର୍ ଜାନ୍ ଧରି,
ଗୁଁଡ଼ିଆ କନିଆଁର୍ କାନ୍ ଧରି ।'

ଏହି ପରିପ୍ରେକ୍ଷୀରେ ନିରପେକ୍ଷ ଭାବେ ବିଚାର କଲେ ଜଣାଯାଏ ଯେ, ଭାଷା ଭାବନାର ଦୁଃସ୍ଥିତି ବା ଅସମୟରେ ବି ଆମ ଭାଷାରେ 'ଗୁଁଡ଼ିଆ ଗୀତ୍' ରଚନା କରି ଖାଣ୍ଟି ସମ୍ବଲପୁରୀ ଲିଖିତ ସାହିତ୍ୟକୁ ପ୍ରଥମେ ପରିଚିତ କରେଇଛନ୍ତି କବି ବାଲାଜୀ ମେହେର । ଶୁଣାଯାଏ, ସେ ଉକ୍ତ କବିତାଟି ବିଗତ ଊନବିଂଶ ଶତାବ୍ଦୀର ଶେଷ ଦଶକରୁ ସମସ୍ତଙ୍କୁ ଶୁଣାଇ ଆସୁଥିଲେ । ଏ ଲେଖାର ଆଦୃତି ଏତେ ବ୍ୟାପକ ଥିଲା ଯେ, ବିଭିନ୍ନ ପତ୍ରପତ୍ରିକା ଏବଂ ସଂକଳନଗୁଡ଼ିକରେ ବହୁବାର ପ୍ରକାଶିତ ହୋଇଆସିଛି ।

ଏହି ଆବୃତ୍ତିଧର୍ମୀ କବିତାର ଭାଷା ଯେଭଳି ରୁଚିକର, ଶୈଳୀ ବି ସେଭଳି ଆହ୍ଲାଦଦାୟକ ମନେହୁଏ । କବି ଗାୟକ ସାଜି ଶୁଣାଇବା ଢଙ୍ଗରେ ଗୀତଟିକୁ ଗାଇ ଯାଇଛନ୍ତି । ସେ ଏତେ ହାସ୍ୟରସିକ ସାଜିଛନ୍ତି ଯେ,'ଘୁନ୍‌ଘୁଟି' ଓ 'କୁର୍‌କୁଟି' ଭଳି କୀଟପତଙ୍ଗକୁ ମଶାର ଦୁଇ ଜଣ ସ୍ତ୍ରୀ ହିସାବରେ ନେଇଛନ୍ତି । ଏଠାରେ କବି ଲୋକଜୀବନ ଶୈଳୀକୁ ଚିତ୍ରଣ କରିବା ଆଳରେ ମଙ୍ଗଳା ଓଷା କରି ଦେବୀଙ୍କୁ କେମିତି ରକ୍ତଧାର ଦେବେ, ସ୍ତ୍ରୀ ବୁଦ୍ଧିରେ ପଡ଼ି ମଶା ବାଧ ହୋଇ ରକ୍ତ ସଂଗ୍ରହ କରିବାକୁ ମଣିଷମାନଙ୍କ ଶରୀରରେ କେମିତି ବସେ ଏବଂ ତାକୁ କେମିତି ଦଶା ଭୋଗିବାକୁ ପଡ଼େ, ସେ କଥାକୁ ଅତି ସରସ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି । ଚମତ୍କାର ବର୍ଣ୍ଣନା ବୈଚିତ୍ର୍ୟ ସୃଷ୍ଟି କରିବାରେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି କବି । ଏପରିକି କବିତା ମ୍ନରେ ଶିଶୁସାହିତ୍ୟ ଉପଯୋଗୀ ଉପାଦାନ ଏପରି ରସାଳ କରି ସଜାଯାଇଛି ଯେ, ପଢ଼ିବା କ୍ଷଣି ପାଠକର ମୁହଁରୁ ନିର୍ମଳ ହାସ୍ୟରସର ଧାରଟିଏ ଝରି ଆସେ । ଯେମିତିକି ମଶାର ଭାବନାରେ କୁହାଯାଇଛି-

'ଗୁଁଡ଼ିଆର୍ କନିଆଁ ଦୁଇ ଗୁଟି,
ଘୁନ୍‌ଘୁଟି ଆର୍ କୁର୍‌କୁଟି ।
ସେ ଦିନ ତାକର୍ ମଙ୍ଗଲ୍‌ବାର୍,
ଦେବୀକେ ଦେବେ ରକତ୍ ଧାର୍ ।
ନାଇଁ ଆନ୍‌ଲେଁ ନାଇଁ ଚଲେ,
ଗୁଁଡ଼ିଆ ଗଲା ରାତିର୍ ବେଳେଁ ।

x x x x x

ଗଲେଁ ମଲିଁ ରକତ୍ ଭୁଗି,
ଜୀବନ ଯିବା ମାଏଝି ଲାଗିଁ ।
ଯାଇ ବସ୍‌ଲା ଲୋକର୍ ଭିଲିଁ,
ଠାନ୍ ଠାନ୍ ଜାନି ହୁଙ୍ଗ୍‌ମି ବଲିଁ ।
ଝନେ ବସିଥିଲା ପଛ୍ କରି,
ଚୁଥିଲେଁ ବସ୍‌ଲା ଲଟ୍ କରି ।
କିଏ ହାଏ କରିଁ ଥାପର୍ ପିଟି
ଦେଇଥିଲାନ ସଏଲ୍‌ତା ବଟି ।
ଦର୍‌ବୁଚ୍‌ଡ଼ା ଯାଇ ବାଜ୍‌ଲା,
ବାଜିଥିଲେଁ କାଏଁ ଜୀବନ୍ ଥିଲା ?

ଗଲା ତର୍‌ସର୍ ଜାନ୍ ଧରି,
ଗୁଁଡ଼ିଆ କନିଆଁର୍ କାନ୍ ଧରି।'

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ସମ୍ବଲପୁରୀ ଲୋକଗୀତ ଭଳି ହଳନ୍ତ ଉଚ୍ଚାରଣ ହେବା ସ୍ଥାନରେ ବ୍ୟଞ୍ଜନ ବର୍ଣ୍ଣରେ ସ୍ୱର ନ ମିଶାଇ ଯେଉଁଠି ଯାହା ହେବା କଥା ସଦ୍ୟ ସେମିତି କରାଯାଇଛି। ପୁଣି ଦେଶଜ ଶବ୍ଦର ବହୁଳ ବ୍ୟବହାର ସାଙ୍ଗକୁ ବିଭକ୍ତି, ପ୍ରତ୍ୟୟ ଓ କ୍ରିୟା ସହିତ ଆବୃତ୍ତି କରିବାର ଶୈଳୀ ବି ସମ୍ବଲପୁରୀ ଢଙ୍ଗରେ ଏତେ ସହଜ ଓ ସରଳ କରି ଉପସ୍ଥାପନ କରାଯାଇଛି ଯେ, କବିଙ୍କ ସେହି ନିରୋଳପଣକୁ ଶତଧନ୍ୟ ବୋଲାଯିବ।

ଏହା ସହିତ ତାଙ୍କ 'ଗଉର୍ ଗମନ୍' (ଗଉର୍ ପସ୍‌ରା) କବିତାରେ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି ସକାଶେ ବୃଦ୍ଧାବସ୍ଥାରେ ଉପନୀତ ଗଉଡ଼ ଦମ୍ପତିଙ୍କ ବଜାର ଗମନ ବେଳେ ନଈକୂଳିଆ ରାସ୍ତାରେ ଭୋଗିଥିବା ଦୁର୍ଦ୍ଦଶା ବର୍ଣ୍ଣନା ଯେଭଳି ହାସ୍ୟ ଉଦ୍ରେକ କରିଛି, ସେଭଳି 'କୁମ୍ଭାର୍ ପସ୍‌ରା ' କବିତାରେ ସପରିବାର ବଜାରରେ ବିକ୍ରି କରୁଥିବା ବେଳେ ସାମାନ୍ୟ ପାତୁଳି (ଛୋଟ ହାଣ୍ଡି) ପାଇଁ ପଇସାମୁଣା ଚୋରି ହୋଇଯିବା ଭଳି ଘଟଣାରେ କୁମ୍ଭାର ବୁଢ଼ାର ଚେତାଶୂନ୍ୟ ଅବସ୍ଥା ଭଳି ସ୍ଥିତିର ଚିତ୍ରଣ ଚଟୁଳ ବାକ୍‌ବିନ୍ୟାସ ମାଧ୍ୟମରେ ବେଶ ଆମୋଦଦାୟକ ହୋଇଛି। 'ସୁନାରୀ ପସ୍‌ରା' ବି ଏହି ଧରଣର ଉପସ୍ଥାପନ ଜନିତ କଳାଚାତୁରୀରେ ପୂର୍ଣ୍ଣ ମନେହୁଏ।

କବିଙ୍କ ଉପସ୍ଥାପନ କୌଶଳ ଓ ବର୍ଣ୍ଣନା ବିଳାସ ସହିତ ଶବ୍ଦ ଚାତୁରୀ ହିଁ ଶ୍ରୋତୃମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରିବାରେ ସଫଳ ହୋଇଥିଲେ ହେଁ, ବିଶେଷତଃ ଦେଶଜ ଶବ୍ଦର ଉପଯୁକ୍ତ ସଂଯୋଜନା ହେତୁ ଗୀତ ସବୁ ସୁବୋଧ ଓ ରୁଚିକର ହେବା ସଙ୍ଗେ ଆକର୍ଷଣର କେନ୍ଦ୍ର ପାଲଟିଯାଉଥିଲା। ଏହିକ୍ରମରେ ତାଙ୍କ ପ୍ରଯୁକ୍ତ ଶବ୍ଦ ଭିତରେ 'ଗୁଁଡ଼ିଆ, ଉରକୁଲା, ତରା, କନିଆଁ, ଘୁନ୍‌ଘୁଟି, କୁର୍‌କୁଟି, ତର୍‌ସର୍, ଢୁଁଡ଼ି, ଯତ୍‌ଖତି, ରାକ୍‌ସନ୍ଧି, ଗିଜ୍, ଖିର୍‌ସା, ଖର୍‌ଖରି, ଲୁଟ୍‌ପୁଟ୍, ପୁଟ୍‌ପୁଟ୍, ଭୁଷ୍‌କି, ଉସ୍‌କି, କୁଁଢ଼ିକାଁଚି, ମାଠୁଲ୍, ଖୁଲ୍‌ଖୁଲ୍, ଉଆଁଲୁ, ଜୁନ୍‌ହାଁ, ଟୁକେଲ୍, ଢୁଁଢ଼ାଢୁଁଢ଼ା ଆଏଁଖ୍, ଗଁଠିଆ, ଶିଁକ୍‌ଲା, ମଲ୍‌କଢ଼ୀ, କଲ୍‌ଖାଡି, 'ସିଆ, ଝରା' ଆଦି ଯେଭଳି ଗ୍ରାମ୍ୟ ଗରିମାକୁ ତେଜୋଦୀପ୍ତ କରିଥାଏ, ଠିକ୍ ସେହିଭଳି ବିଭକ୍ତିଯୁକ୍ତ 'ପିଛାଲେଁ, ଗଛେଁ, ଝାଁଟର୍', ପ୍ରତ୍ୟୟଯୁକ୍ତ 'ମାଲେନ୍, ଚଢ଼ାଉତ୍‌ରିଆ, ହର୍‌ବରିଆ', ଦେଶଜ କ୍ରିୟା ଭାବରେ 'ମିଲ୍‌କିଲା, ମଲ୍‌କିଲା, ଝଲ୍‌କିଲା, ଡୁଙ୍ଗ୍‌ଲା, ଝାଏଁ ମାରିନେଲା, ତର୍‌କିଲା, ହୁଙ୍ଗ୍‌ମି, ଉତ୍‌ରୁଛେ, ପିଛ୍‌ଲୁଛେ, ପଡ଼ଲାହିଟି', ସମ୍ବଲପୁରୀ ରଙ୍ଗ-ଢଙ୍ଗରେ ରସାଣିତ 'କାପୁଲ୍ କାପୁଲ୍, ଚଡ଼ୁଡୋ ଥାପଡ଼, ବେଲ୍‌ସୁଁ, ଝାର୍ ଘନ୍‌ଘାଇ' ଆଦିର ବ୍ୟବହାର ସହିତ ରୂପକ ଅଳଙ୍କାର କ୍ରମରେ 'ମୁହୁଁ ସୁଜି', ଉପମା ଅଳଙ୍କାର ଭାବରେ 'ଚାଉଲ୍ ସମିଯିବା ପଷେ ପଷେ' (ଲୁପ୍ତୋପମା) ବେଶ୍ ଭାବବାହକ ହେବା ସହିତ ସାଧାରଣ ମଣିଷ ଓ ଇତର କୀଟ-ପତଙ୍ଗର ସ୍ୱାଭାବିକ କ୍ରିୟା-ପ୍ରତିକ୍ରିୟାର ସରସ ପରିବେଷଣ ହେତୁ ଯେଭଳି ନାଟକୀୟ ଲାଗେ, ସେଭଳି ସମ୍ବଲପୁରୀ ପରିବେଶପୁଷ୍ଟ ପଦବିନ୍ୟାସ ହେତୁ ଜୀବନ୍ତ ମନେହୁଏ। ଯଥା -

'ଲମ୍ ଲମ୍ ଗୋଡ଼୍ ଲପ୍ ଲପ୍
ମୁହୁଁ ସୁଜି ହୁଙ୍ଗେ ଟପ୍ ଟପ୍' (ଗୁଁଡ଼ିଆ ଗୀତ୍)
'ଆଁଠୁ ନଲିଗୋଡ଼୍ କୁଚ୍‌କୁଚା
କାଦୋ ପିଚ୍ ପିଚ୍ ଦୁହି ପିଛ'(ଗଉର୍ ଗମନ୍)

ଏହି ଦୃଷ୍ଟିରୁ ବିଚାର କଲେ ସ୍ୱଭାବୋକ୍ତି ସହିତ ଉତପ୍ରେକ୍ଷା ଅଳଙ୍କାରର ଉପସ୍ଥିତି ରଚନାର ସୌକର୍ଯ୍ୟ ଓ ଲୋକଚେତନାର ସୌନ୍ଦର୍ଯ୍ୟକୁ ବଢ଼େଇ ଦେଇଥାଏ। ଯେମିତିକି -'ସତେଁ କିଏ କାଏଁ ଦେଲା ପାଙ୍ଗି' ଭଳି ପ୍ରୟୋଗରୁ ଏକଥା ପ୍ରତିପାଦିତ ହୁଏ।

ଏତାଦୃଶ ପରିକଳ୍ପନା ଓ ସଂଯୋଜନା ହିଁ କବିଙ୍କୁ ସାଧରଣ ଜନତାର ନିକଟତର କରିପାରିଛି। ତେବେ ଦୁଃଖର ବିଷୟ ଏହି ଯେ, ଗତ ୧୯୧୬ ମସିହାରେ ମାତ୍ର ୪୬ ବର୍ଷ ବୟସରେ ଏ କଳାକାର କବିଙ୍କ ଅକାଳ ବିୟୋଗ ଘଟିଥିଲା। ଅଥଚ ଆଜୀବନ ସାହିତ୍ୟ ଓ ସଙ୍ଗୀତ ପ୍ରତି ସମର୍ପଣ ଭାବ ରଖି ଆସିଥିବା ହେତୁ ଆଜି ସେ ମରି ବି ଅମର। ■■

ସଭାପତି - ମନୋହର ସାଂସ୍କୃତିକ ସଂସଦ (ଭେଡ଼େନ),
ସାଧାରଣ ସମ୍ପାଦକ-ସମ୍ବଲପୁରୀ ସାହିତ୍ୟ ପରିଷଦ (ବରଗଡ଼)
ମୋ-୮୦୧୮୦୪୯୧୨୩, ୯୮୬୧୩୧୯୭୫୦

ଲୋକକବି ହଳଧର

ଡ. ବୀଣାପାଣି ପ୍ରଧାନ

ପଶ୍ଚିମ ଓଡ଼ିଶାର ଏକ ଗ୍ରାମୀଣ ପରିବେଶରେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛକ, ସାମାଜିକ ଦୃଷ୍ଟିରୁ ନିମ୍ନସ୍ତରୀୟ ବିବେଚିତ ହେଉଥିବା ପରିବାରରେ ହଳଧରଙ୍କର ଜନ୍ମ। ଫୁଲ ଯେପରି ସ୍ୱଚ୍ଛନ୍ଦରେ ଫୁଟେ, ମଳୟ ଯେପରି ଅବାଧରେ ଗତିକରେ, ବିହଂଗମର କଳରବ ଯେପରି ମୁଖରିତ କରିଦିଏ ଆଦିଗନ୍ତ ଦ୍ୟାବ୍ୟ ।ପୃଥିବୀ, ହଳଧରଙ୍କର କବିତା ସେହିପରି ଆରଣ୍ୟକ ନିର୍ଝରିଣୀ ତୁଲ୍ୟ ସ୍ୱଚ୍ଛନ୍ଦ, ସ୍ୱତଃ ସ୍ଫୁର୍ତ୍ତ, ସ୍ୱାଭାବିକ। ଜୀବନ, ଜଗତ ଓ ସମାଜର ସାଧାରଣ କଥାକୁ ହୃଦୟସ୍ପର୍ଶୀ ରୀତିରେ ରୂପାୟିତ କରୁଥିବା କବି ହଳଧର ନାଗ ଏକ ବିସ୍ମୟକର ପ୍ରତିଭା। ୧୯୫୦ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଘେଁସ ଗ୍ରାମରେ ହଳଧରଙ୍କର ଜନ୍ମ। ପିତା ଭଜ, ମାତା ଗୁରୁବାରୀ। ତାଙ୍କର ଥିଲେ ଚାରିଭାଇ ଓ ଗୋଟିଏ ଭଉଣୀ। ପିଲା ବେଳେ ଡାକନାମ ଥିଲା କାଳିଆ। ସେ ତୃତୀୟ ଶ୍ରେଣୀରେ ପଢୁଥିବା ସମୟରେ ପିତାଙ୍କର ମୃତ୍ୟୁ ହେଲା। କବଙ୍କର ପାଠ ପଢ଼ାରେ ଡୋରି ବନ୍ଧା ହେଲା। ଶିକ୍ଷାଗତ ଯୋଗ୍ୟତା ତୃତୀୟ ଶ୍ରେଣୀ। ପ୍ରଥମେ ସେ କୁନ୍‌ଡାଖାଇ ନିକଟସ୍ଥ ପତ୍ରାପାଲିର ମାମୁଁ ଝିଅ ଭଉଣୀ ପାର୍ବତୀଙ୍କୁ ବିବାହ କରିଥିଲେ। ପତ୍ନୀ ସବୁବେଳେ ରୋଗଗ୍ରସ୍ତ ରହୁଥିଲେ। ତେଣୁ ହଳଧର ଦ୍ୱିତୀୟ ବିବାହ କଲେ ଧୂସର ବାହାଲ ଗ୍ରାମର ଲାଲ ବିହାରୀ ପୋଢ଼ଙ୍କର କନ୍ୟା ମାଳତୀଙ୍କୁ। ତାଙ୍କର ଏକମାତ୍ର କନ୍ୟା ନନ୍ଦିନୀ।

ବୃତ୍ତିଗତ ଭାବରେ ସେ ପ୍ରଥମେ ଘେଁସର ଏକ ବିଦ୍ୟାଳୟରେ ରାନ୍ଧୁଣିଆ ଭାବରେ ୧୬ ବର୍ଷ କାର୍ଯ୍ୟ କରିଥିଲେ। ଦରମା ଥିଲା ୮ ଟଙ୍କାରୁ ୪୦ ଟଙ୍କା ପର୍ଯ୍ୟନ୍ତ। ସମୟକ୍ରମେ ନିକଟସ୍ଥ ଗ୍ରାମଗୁଡ଼ିକରେ ସ୍କୁଲ ଖୋଲିବାରୁ ହଷ୍ଟେଲରେ ଛାତ୍ର ସଂଖ୍ୟା କମିଗଲା। ହଳଧର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବଲାଙ୍ଗିରର ଜଣେ ମେନେଜରଙ୍କଠାରୁ ୧୦୦୦ ଟଙ୍କା ଧାର ଆଣି ୪୦୦ ଟଙ୍କାରେ କେବିନ ଓ ୬୦୦ ଟଙ୍କାର ପେନ୍, ପେନ୍‌ସିଲ, ସ୍ୟାହି, ଚଣା, ମୁଗଫଳି, ଚକୋଲେଟ ଆଦି ବିକିଲେ। ସ୍କୁଲ ନିକଟରେ ରାଗଚଣା ତିଆରି କରି ମଧ୍ୟ ବିକୁଥିଲେ। ସେ ସମୟରେ ଗାଁ ଗାଁ ବୁଲି କାହା ବାରଣ୍ଡାରେ ମସିଣାଟିଏ ପକେଇ ବଏଠା ଟିଏ ଜାଳି ଦେଲେ ସେ ମା' ଭଉଣୀମାନଙ୍କୁ ଲକ୍ଷ୍ମୀପୁରାଣ ଶୁଣାଉଥିଲେ। ପ୍ରାପ୍ୟ ଥିଲା ଓଳିଏ ଖାଇବା, ଗଣ୍ଡାଏ ପଖାଳ।

ବାଲ୍ୟକାଳରୁ କୃଷ୍ଣଗୁରୁ ଗାଉଥିବା କବି ହଳଧର ଭକ୍ତମାନଙ୍କର ଖଞ୍ଜଣୀ ମାଡ଼ରେ ବିହ୍ୱଳ ହୋଇ ନାଚି ବସିଲେ। ଦଣ୍ଡ ନାଚର ଢୋଲ ତାଙ୍କୁ ଆକର୍ଷିତ କଲା। ବାଦ୍ୟର ତାଳ, ଗୀତର ବୋଲ ସମ୍ପର୍କରେ ଚିନ୍ତା କରୁ କରୁ ତାଙ୍କ ମନରେ କବିତ୍ୱର ବୀଜଟିଏ ଅଙ୍କୁରିତ ହୋଇବସିଲା। ଜଙ୍ଗଲକୁ ଜାଳ ସଂଗ୍ରହ କରିବାକୁ ଯିବାବେଳେ, ମୂଳିଆ କାମ କରୁଥିବାବେଳେ, ହୋଟେଲରେ କପ୍ ପ୍ଲେଟ ଧୋଇବା ବେଳେ, ହଷ୍ଟେଲ ପିଲାଙ୍କ ପାଇଁ ଭାତଡାଲି ବାଢ଼ିଲା ବେଳେ, ବରଗଛ ତଳେ ରାଗଚଣା ବିକୁଥିବାବେଳେ ସେ ଭାବୁଥାନ୍ତି କବିତା କଣ ? ଦିନେ ସେ ସ୍କୁଲ ହଷ୍ଟେଲରୁ 'କବିତା ପ୍ରବେଶ'ଟିଏ ପାଇଲେ। ପଢ଼ିଲେ ସାରଳା ଦାସଙ୍କ ଠାରୁ ଅନେକ ପରବର୍ତ୍ତୀ କବିଙ୍କର କବିତା। ବିନୋଦ ନାୟକଙ୍କ 'ଗ୍ରାମପଥ' କବିତାଟି ତାଙ୍କୁ ପ୍ରଭାବିତ କଲା। ସେ ମନେ ମନେ ଭାବିଲେ, କବିତା ତାହେଲେ ଏମିତି ଲେଖାଯାଏ। ଗାଁର ଧରସା (ପଥ) କୁ ନେଇ ଜୀବନଚିତ୍ର। ଏହା ପରେ ସେ ଲେଖିଲେ 'ଢଡ଼ୋ ବରଗଛ' ପ୍ରଥମ କବିତା -

ପିଢ଼ି ପିଢ଼ି କରି କେତେ ପିଢ଼ି ଗଲା
ମୁଡ଼ ଟେକି ଅଛେ ଠିଆ
ଗାଁ ମୁଡ଼ସାର ଢଡୋ ବରଗଛ
ଧରସାର ଡେବରିଆ ।
ଝୁପୁଡୁ ଝାପୁଡୁ ଡାବ ଗୁଡୁଗୁଡୁ
ଖଲାର ଏତେ ଉସାର
ଡାହି ପଖରାର ତଳକେ ପାହାର
ପୋର ଦଅଁରା ମିତାର ।।

ଏହି କବିତା ରଚନା ପରେ ଲୋକକବି ହଳଧର ଆଉ ପଛକୁ ଫେରି ଚାହିଁ ନାହାନ୍ତି, ଲେଖି ଚାଲିଛନ୍ତି । ନିକଟ ଓ ଦୂରବର୍ତ୍ତୀ ଅଞ୍ଚଳର ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ବିଶେଷ କରି ସେ ତତ୍‌କାଳୀନ ରାଷ୍ଟ୍ରପତି ପ୍ରଣବ ମୁର୍ଖାଜୀଙ୍କ ହାତରୁ ୨୦୧୬ ମସିହାରେ ପଦ୍ମଶ୍ରୀ ଉପାଧି ପ୍ରାପ୍ତହେବା ପରେ ସମଗ୍ର ଦେଶରେ ଏକ ପରିଚିତ ପ୍ରତିଭାରେ ପରିଣତ ହୋଇଯାଇଛନ୍ତି । ସେତେବେଳେ ତାଙ୍କ ପାଖରେ ଥିଲା ମାତ୍ର ୭୩୨୨ ଟଙ୍କା, ହଳେ ଫଟା ଚପଲ, ତିନି ଯୋଡ଼ା କପଡ଼ା ମାତ୍ର । ସାର୍ଟ କିମ୍ବା ଚପଲ ସେ ପିନ୍ଧନ୍ତି ନାହିଁ । ପଦ୍ମଶ୍ରୀ ସମ୍ପର୍କରେ ଶୁଣିବା ପରେ ସେ ଚିଠି ଲେଖିଥିଲେ – "ସାହେବ ! ମୋ ପାଖରେ ପଇସା ନାହିଁ । ପଦ୍ମଶ୍ରୀ ଡାକରେ ପଠାଇ ଦିଅ । ଅବଶ୍ୟ ସେ ଯାଇଥିଲେ ଏବଂ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ଏକଦା ହିନ୍ଦୀ ଭାଷାର ପ୍ରସିଦ୍ଧ ଗୀତିକାର ଗୁଲଜାର ତାଙ୍କୁ ଏକ ଚିଠି ଲେଖିଥିଲେ; "ସମ୍ପଦର ସେ ନିଆରି, ମାଁ କି ଛାତିସେ ବହି ଅମୃତ କି ବୁନ୍ଦ, କବିକେ କଲମ ସେ ଉତରି ହୈ । ମୈ ତୁମେ ଖତ୍ ଲିଖ୍ ରହା ହୁଁ ହଳଧର ।" ବର୍ତ୍ତମାନ କବି ହଳଧର କେବଳ ଭଅରତ ନୁହେଁ, ଭାରତ ବାହାରେ ଅନେକ ଅଞ୍ଚଳ ଭ୍ରମଣ କରି ସାରିଲେଣି । ନେପାଳ ଠାରୁ କନ୍ୟାକୁମାରୀ, ଦିଲ୍ଲୀ, ବମ୍ବେ, ପୁନା, ହାଇଦ୍ରାବାଦ, କଲିକତା ଆଦିଠାରୁ ଦୁବାଇ ପର୍ଯ୍ୟନ୍ତ ତାଙ୍କ ପ୍ରତିଭାର ସୁରଭି ବିଚ୍ଛୁରିତ ହୋଇଛି । ଶୁଣାଯାଏ, ତାଙ୍କର ଅନେକ କବିତା ୩୦ଟି ଭିନ୍ନ ଭିନ୍ନ ଭାଷାରେ ଅନୁବାଦିତ ହୋଇଛି । ତାଙ୍କର ଗୋଟିଏ କବିତା ନାନା ପାଗଲ (Holy Madness) ଶୀର୍ଷକରେ ଇଂରାଜୀରେ ଅନୁବାଦିତ ହୋଇ ପୃଥିବୀର ଅନ୍ୟ ୧୯ଟି ଦେଶରେ କବିମାନଙ୍କ କବିତା ସହ ସ୍ଥାନ ପାଇଥିଲା ।

ସମ୍ମାନ ପଛରେ ସେ କେବେ ଗୋଡ଼ାଇ ନାହାନ୍ତି, କିନ୍ତୁ ପାଇଛନ୍ତି ଅନେକ ସମ୍ମାନ । କେନ୍ଦ୍ର ସାହିତ୍ୟ ଏକାଡେମୀ ତାଙ୍କୁ ଭାଷା ସମ୍ମାନ ଦେଇଛନ୍ତି । ୨୦୦୦ ମସିହାରେ ତାଙ୍କର ଗ୍ରନ୍ଥାବଳୀ ପ୍ରକାଶିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏହାକୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରନ୍ତି । ପ୍ରାୟ ପାଞ୍ଚ ଜଣ ଛାତ୍ର ତାଙ୍କ ଉପରେ ପିଏଚଡି କରୁଛନ୍ତି । ସେମାନଙ୍କର ମଧ୍ୟରୁ ଜଣେ ପିଏଚଡି ପାଇସାରିଛନ୍ତି ମଧ୍ୟ । ଆମେରିକାରେ ତାଙ୍କ ଜନ୍ମଦିନ ପାଳନ କରାଯାଏ । ପଣ୍ଡିଚେରୀରେ 'ହଳଧର ସମ୍ମାନ' ଶୀର୍ଷକ ମେଡାଲ ସହ ଏକ ଲକ୍ଷ ଟଙ୍କା ଦିଆଯାଏ ବୋଲି ଶୁଣାଯାଏ । ଏହାବ୍ୟତୀତ ସେ ଶ୍ରୀକ୍ଷେତ୍ର ସମ୍ମାନ, ବିଶ୍ୱକବି ରବୀନ୍ଦ୍ରନାଥ ସମ୍ମାନ ପାଇଛନ୍ତି । ତାଙ୍କ କବିତାର ଇଂରାଜୀ ଅନୁବାଦ Kabyanjali ଶୀର୍ଷକରେ ୨୦୧୬ରେ ପ୍ରକାଶିତ ହୋଇଥିଲା । ୨୦୧୯ରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ସେ କହନ୍ତି – "ବନ୍ଧର ପାଏନ ଫଟିକ୍ ଥିଲେଁ ଛାଏ ଆପେ ପଡ଼ସି ।" ଅର୍ଥାତ୍ ପରିବେଶ ଅନୁକୂଳ ହେଲେ ପ୍ରତିଭା ଆପେ ପ୍ରକାଶିତ ହୋଇଥାଏ । ପ୍ରଥମେ ଘେଁସ 'ଅଭିମନ୍ୟୁ ସାହିତ୍ୟ ସଂସଦ'ର ସଦସ୍ୟମାନେ ତାଙ୍କର ପ୍ରତିଭାର ପରିଚୟ ପାଇଥିଲେ । ସେମାନେ ତାଙ୍କର କେତେକ କବିତା ସମ୍ବଲପୁରର 'ଆର୍ଟ ଆଣ୍ଡ ଆର୍ଟିଷ୍ଟ' ପତ୍ରିକାରେ ପ୍ରକାଶ କଲେ । ୧୯୯୧ରେ ସମ୍ବଲପୁର ଜିଲ୍ଲା ଲାଇବ୍ରେରୀରେ ପ୍ରଥମେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେ କେବଳ ସମଗ୍ର ଭାରତରେ ନୁହେଁ, ଦେଶ ବାହାରେ ମଧ୍ୟ ପରିଚୟ ପ୍ରାପ୍ତ ହୋଇଛନ୍ତି ।

୧୯୯୦ ମସିହାରୁ ବିକଶିତ ହୋଇଥିବା ଏହି ସ୍ୱଭାବସିଦ୍ଧ ପ୍ରତିଭା ସମ୍ବଲପୁରୀ ସାହିତ୍ୟକୁ ପ୍ରାୟ ଅଠରଟି କାବ୍ୟ ଓ ଦୁଇଟି କବିତା ସଙ୍କଳନ ଉପହାର ଦେଇଛନ୍ତି । 'କରମସାନୀ' ତାଙ୍କର ପ୍ରଥମ କାବ୍ୟ । ଏହା ୧୯୯୨ରେ ରଚିତ ହୋଇ ୨୦୦୪ରେ ପ୍ରକାଶିତ ହୋଇଥିଲା । ଏହାପରେ କବି ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କର କାବ୍ୟଗୁଡ଼ିକ ମଧ୍ୟରେ ଅଛିଆ (୧୯୯୩), ସୁରୁତ୍ (୧୯୯୪), ବଛର (୧୯୯୬), ମହାସତୀ ଉର୍ମିଳା (୧୯୯୭), ତାରା ମନ୍ଦୋଦରୀ (୧୦୦୦), ରସିଆ କବି (୨୦୦୦), ଭାବ (୨୦୦୨), ଶିରି ସମଲେଇ (୨୦୦୦), ବୀର ସୁରେନ୍ଦ୍ର ସାଏ (୨୦୦୩) ଆଦି କାବ୍ୟ ପ୍ରକାଶ ପାଇଛି । ଭାବ ଓ ସୁରୁତ୍ କବିତା ସଙ୍କଳନ ୨୦୦୦

ମସିହାରେ ପ୍ରକାଶିତ ଗ୍ରନ୍ଥାବଳୀରେ ଅବଶ୍ୟ ଛଅଟି କାବ୍ୟ ସ୍ଥାନ ପାଇଛି। ୨୦୦୮ ମସିହାରେ ତାଙ୍କର ତପଚାରୀ ଓ ଗୋଆଲ ତୀର୍ଥ ନାମକ ଦୁଇଟି ସଙ୍କଳନ ପ୍ରକାଶ ପାଇଛି। ଏହା ବ୍ୟତୀତ ସେ ଲେଖିଛନ୍ତି ପ୍ରେମ ପଏଚାନ ଋଷିକବି ଗଙ୍ଗାଧର, ସନ୍ଥକବି ଭୀମଭୋଇ, ଲକ୍ଷ୍ମୀପୁରାଣ ଆଦି। ବିଭିନ୍ନ ପତ୍ରପତ୍ରୀକାରେ ମଧ୍ୟ ତାଙ୍କର କେତେକ କବିତା ପ୍ରକାଶିତ ହୋଇଛି। 'ପ୍ରୟୋଗ' ଅନୁଷ୍ଠାନ ତାଙ୍କୁ 'ଲୋକକବି' ଉପାଧିରେ ଭୂଷିତ କରିଥିଲେ (୧୯୯୭)।

୧୯୯୩ ମସିହାରେ ତାଙ୍କର 'ଅଛିଆ' କାବ୍ୟ ପ୍ରକାଶିତ ହୋଇଥିଲା। ଏହି କାବ୍ୟଟି ଛୁଆଁ ଅଛୁଆଁ ଭାବ ଆଧାରିତ। ତ୍ରେତା ଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଅସ୍ପୃଶ୍ୟା ଶବରୀରର ଉଚ୍ଛିଷ୍ଟ ଫଳ ଭକ୍ଷଣ କରିଥିଲେ। ସେ କହନ୍ତି - ଅସ୍ପୃଶ୍ୟତା ଚାରିଭାଗରୁ ଭାଗେ ସୁଧୁରିଛି, ମାତ୍ର ଆଉ ତିନିଭାଗ ଆହୁରି ଅଛି। ଏକାବ୍ୟ ସେହି ପ୍ରସଙ୍ଗ ଆଧାରିତ ହଳଧର କବି ତୁଳସୀ ଦାସଙ୍କର ରାମଚରିତ ମାନସ ଦ୍ୱାରା ପ୍ରଭାବିତ ଥିବା ଏହି ଗ୍ରନ୍ଥର ବର୍ଣ୍ଣନାରୁ ଜଣାଯାଏ। ତାଙ୍କ ଭାଷାରେ -

ସିଆନ ସୁଜନ କହେବାରୁ କାନେ
ଚାଖିଥିଲି ଅମ୍ରୁତ
ଖଁଡ୍ ଖିର୍‌ସାନୁଁ ଜିତିଗଲା ଗୁରୁ
ଲାଗ୍‌ଲା ବଡ଼ା ସୁରୁତ୍॥

(ଅଛିଆ- ହଳଧର ଗ୍ରନ୍ଥାବଳୀ - ପୃ-୨୧୩, ବିଦ୍ୟାପ୍ରକାଶିନୀ ୨୦୦୦)

ଏ କାବ୍ୟର କଥାବସ୍ତୁ ଆରମ୍ଭ ହୋଇଛି ଭିଲ ରାଜକନ୍ୟା ଶବରୀର ବିବାହ ପୂର୍ବରାତିରୁ। ଆନନ୍ଦ ଉଲ୍ଲାସର ପରିବେଶ। ଘରେ କୋଡ଼ିଏ ପଟ ବାରହା ବନ୍ଧା। ପରଦିନ ରନ୍ଧା ଯିବେ। ଶବରୀ ଆଖିରେ କିନ୍ତୁ ନିଦ ନାହିଁ। ଅନେକ ଭାବିବା ପରେ ନିଶା ରାତିରେ ସମସ୍ତ ବାରହାଙ୍କୁ ବନ୍ଧନମୁକ୍ତ କରିଦେଇ ସେ ନିଜେ ମଧ୍ୟ ଘରୁ ଚାଲିଗଲା। ଏହି ଅବସରରେ ପରଦିନ ପ୍ରଭାତର ବର୍ଣ୍ଣନା କବି ମନୋଜ୍ଞ ଶୈଳୀରେ କରିଛନ୍ତି -

ପୁରନି ପତରେ ପାଏନ୍ ତଳକେ
ବନ୍ଧର ସାତ୍ ବହନି
ଶବରୀ କେ ଭେଟି ଦେବାକେ ଥାଲିଥି
ମୁକ୍‌ତା ବାଢଲେ ଆନି॥

(ଗ୍ରନ୍ଥାବଳୀ, ପୃ-୨୨୨)

ଶବରୀ ମତଙ୍ଗ ମୁନିଙ୍କର ଆଶ୍ରମରେ ପହଞ୍ଚିଲା। ସେଠାରେ ସେ କୁକ୍‌ରା ଡକାନୁଁ ଲିପାଘଁସା କରେ। ବହ୍ନାଚତରା ଖର୍‌ସି ପାଏନର ଛରା ଦିଏ। ଜଗଡ଼ା ରାଁପେ, କିନ୍ତୁ ଶବରୀର ଏ ଅହ୍ଲାଦ ବେଶୀ ଦିନ ରହିଲା ନାହିଁ। ଶିଷ୍ୟମାନେ ଶବରୀ ପ୍ରତି ଗୁରୁଙ୍କର ସ୍ନେହ ସହି ପାରିଲେ ନାହିଁ। ଗୁରୁ ଶବରୀ ନିମନ୍ତେ ପୁଷ୍କରିଣୀର ଅନ୍ୟ ପାର୍ଶ୍ୱରେ କୁଡ଼ିଆଟିଏ ନିର୍ମାଣ କରାଇଦେଲେ -

ମୁସ୍‌ଲି ଚନ୍‌ଖା ପାଟି ଉଁଶାଯେ
ରୁଇ ଘୁରେନ୍‌ର ଘର
ଚଉକସ୍ କରି ବାନ୍ଧିଦେଲେ
ଉପର୍ ଛାଉନି ଖର୍॥

(ଗ୍ରନ୍ଥାବଳୀ, ପୃ-୨୨୬)

ପ୍ରକୃତି ବର୍ଣ୍ଣନାର ଚମତ୍କାରିତା ଏ କାବ୍ୟର ଛତ୍ରେ ଛତ୍ରେ ପ୍ରକଟିତ। ପଂପା ସରୋବରରେ କଇଁଫୁଲ ହସେ କଲିଆ ବାଦଲେଁ ତରା ପରି। ଶବରୀ ଆନ୍ଦରେ ଥାଏ। ଶିଷ୍ୟମାନେ କିନ୍ତୁ ସହି ପାରନ୍ତି ନାହିଁ। ପାଣି ଆଣିବାକୁ ଯାଇ ଶବରୀ ଅସନ୍ତୁଷ୍ଟ ଶିଷ୍ୟମାନଙ୍କର ଢେଲାପଥର ମାଡ଼ ଖାଏ। ଗୁରୁ ବ୍ୟସ୍ତ ହୋଇ ପଡ଼ନ୍ତି। ଶୁଶ୍ରୁଷା କରନ୍ତି। ଶବରୀ ସୁସ୍ଥ ହୁଏ। ଗୁରୁଙ୍କୁ କହେ; "ଅଛିଆ ବଲି ଯେ ଆଶ୍ରମେ ମତେ ନାଇଁ ମିଳେ ଆଉ ଠାନ୍।" ଗୁରୁ ଆଶ୍ୱାସନା ଦିଅନ୍ତି। ଏ ସ୍ଥାନକୁ ରାମ ଦିନେ ନିଶ୍ଚୟ ଆସିବେ। ତୁ ଅପେକ୍ଷା କର। ଗୁରୁଙ୍କର ମହାପ୍ରୟାଣ ପରେ ଶବରୀ ରାମଙ୍କର ଅଭ୍ୟର୍ଥନା ନିମନ୍ତେ ନିଜର ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆଶ୍ରମ ଅଞ୍ଚଳ ପରିଷ୍କାର କରିଛି। ଖଜୁର, ପଣସ, କୁଇଲି, କୁସମ୍, କେନ୍ଦୁ, ମାୟା, ବେଲ, ଆମ୍, ପିପଲ, ପାଁକେଲ, ଖଏସ୍, ଡୁମେର, କଠଉକୁଇଲି, ଜାମ ଆଦି। ରାମ ଆସିଲେ, ଆଶ୍ରମ ସଜାହେଲା। ରାମ ଲକ୍ଷ୍ମଣ କିନ୍ତୁ ସେଠାକୁ ନ ଯାଇ ଶବରୀର କୁଟୀରରେ ପ୍ରବେଶ କଲେ। ଶବରୀ କିନ୍ତୁ ଖମ୍ବକୁ ଧରି ସେହିପରି ଠିଆ ହୋଇଛି। ଲକ୍ଷ୍ମଣ ଭାଇଙ୍କୁ କହୁଛନ୍ତି; "ଶବରୀ କେ ବଡ଼ା ସଧାସୁ ଯେ ଦଦା, ଶବରୀ ଧୁନ୍ଦରୀ ମୁହିଁ।" ଏତେବେଳକେ ଶବରୀ ସଚେତନ ହେଇଛି। ଫଳଭର୍ତ୍ତି ପାଛିଆ ଆଣି ବାଛି ବାଛି ଖୁଆଇବା ବେଳେ ଆନନ୍ଦରେ ବିହ୍ୱଳ ହୋଇ ରାମଙ୍କୁ 'ଗୁଦାଲ ପକାଇ ଛାଲି ଖୁଆଇ ଦେଲା'। ପ୍ରଭୁ ଖାଇ ସାରିବା ପରେ ଶବରୀ କହୁଛି - "କାଣା

ମୁନୁଷମାନକୁ ଗଢ଼ିବା ପରେ ଯାହା ତାଲତଲି ରହିଗଲା ସ୍ପେରେ ବିଧାତା ମତେ ଗଢ଼ିଛି ?" ରାମ ଉତ୍ତର ଦେଇଛନ୍ତି; ଅଛିଆ ଶବରୀର ଅଏଁଠା ଖଅଇ ଏବେ ମୁଁ ବି ଅଛିଆ ହେଲି। ଅସ୍ପୃଶ୍ୟତା ସମ୍ପର୍କରେ ଏ କାବ୍ୟର ଭାଷା ମର୍ମସ୍ପର୍ଶୀ।

'ବଛର' ତାଙ୍କର ୧୯୯୬ ରେ ପ୍ରକାଶିତ କାବ୍ୟ। କବିଙ୍କର ଭାଷାରେ "କବିମାନେ ଲେଖିଯାଇଛନ୍ ଧରତି ମା" ଗୁଟେ ରାନୀ ବଲିକରି। ଯଦି ରାନୀ ଆଏତ ତାର ରଜାର ନାଁ ଗନ୍ଧିତ କିହେ ନାଇଁ ଲେଖଲେ। ସମିଆର ସାଙ୍ଗେ ଧରତି ମାଁର ଅଟୁଟ୍ ଭାବ୍ ଅଛେ ବଲିକରି ମୁଇଁ ତାହାକୁ ଜୁଉଡେ ପିଲା ଟୁକେଲ ବନାଲି ଆର ଦୁହିକର କେନ୍ତା କରି ଖାପ୍ ଖାଏଲା, ସମିଆ କେନ୍ତା କରି ଛଅଟା ଋତୁ ହେଲା ସେ କଥାକେ ଲକଠକ୍ କରି ମୋର ବଛର କାବ୍ୟ ଲେଖଲି। (ମୁହୁଡ଼ା - ବଛର - ହଲଧର ନାଗ - ଗ୍ରନ୍ଥାବଳୀ) କାବୟର ଆରମ୍ଭରେ ସେ ଶକ୍ତି ରୂପିଣୀ ସରସ୍ୱତୀ ସମଲେଇଙ୍କର ବନ୍ଦନା କରିଛନ୍ତି। ଏହାପରେ କଥାବସ୍ତୁର ବର୍ଣ୍ଣନା, ଧରତୀ ମାଁ ଓ ଜହ୍ନମାମୁଁ ପୁଠୁଆଁ ଉଠୁଆଁ ଭାଇଭଉଣୀ, ଦୁହେ ଦିନ୍‌କେ ପତରେ ଲେଖାଁ କରି ବଡ଼ ହେଲେ। ଧରିତ୍ରୀ -

ମେଥି ହରଡ଼ା ଥିଁ ତୁଡ଼କେ ରେଚେଇଁ
ହଲଦୀ ଅଏଁଳା ମାଖି
ଗାଧିପାଧି କରି ଘରକେ ଆଏଲା
ଦେଖେଇ ଚାହାନି ଚାଖି।
(ବଛର, ପୃ-୭)

ଦିନେ ସୁଧମା ସଭାରେ ସମସ୍ତ ଦେବଗଣ ଉପସ୍ଥିତ ଥିଲେ। ଇନ୍ଦ୍ର ଆଦେଶ ଦେଲେ - "ଡାଲଖାଇ ପାରେ ନାଚ ତ।" ନାଚନୀମାନେ ନୃତ୍ୟ କଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହେଲା। ଚନ୍ଦ୍ର ତାକର ଭଉଣୀ ଧରିତ୍ରୀର ବିବାହ ପ୍ରସ୍ତାବ ଦେଲେ। କଥା ହେଲା - ଇନ୍ଦ୍ର ହିଁ ଉପଯୁକ୍ତ ବର। ବ୍ରହ୍ମା ନାଗନାଡ଼ୀ ଶୁଝାଇବାକୁ କହିଲେ। ପାଞ୍ଜି ବିଡ଼ା ଧରି ଶୁକ୍ରାଚାର୍ଯ୍ୟ କହିଲେ ଯେ; ନାଗନାଡ଼ୀ ଫୁଟୁ ନାହିଁ। ଶନି କହିଲେ - ନାଁ ମାନେ ଭାଙ୍ଗି ଶୁଝେଇ ଦେବା, ଲଗନ ଦେଖ। ଗୁରୁ ବୃହସ୍ପତି କହିଲେ - ଆଷାଢ଼ର ଦଶମୀକେ ବରତିଆ ଯିବେ ରଜା, ଆଗତୁରା ଦିନେ ପକେଇ ଆସ୍‌ମା ଗୁର୍ ଚୁରାଲିଆ ଖଜା। ଏହା ସହିତ ଅଳଙ୍କାର ଧାରଣ ପରମ୍ପରା ଅନୁସାରେ ବର ପକ୍ଷ ଆଣିବେ -

କତରିଆ, ବନ୍ଦରିଆ, ଟାଡ଼ ବାହାସୂତା
ଲାଖ ଚୁରି ସୁନା ଗୁନା
ଅଠି ଅଙ୍ଗ ସାଜୋ ପିନ୍ଧେଇ ନେମା ନ
ରଜାକେ କାଏଁଟା ଉନା॥
(ବଛର, ପ-୧୪)

ନାରଦ ମୁନି ଗୁଆଗୁଣ୍ଡା ନିମନ୍ତ୍ରଣ ନେବାକୁ ବାହରିଗଲେ। ଚନ୍ଦ୍ର ଆନନ୍ଦରେ ଫେରିଯାଇ ବଡ଼ ଭଉଣୀକୁ ଏ ସମ୍ବାଦ ଦେଲେ। ଏତେବେଳେ ଧରିତ୍ରୀଙ୍କର ପ୍ରତିକ୍ରିୟା ବର୍ଣ୍ଣନା କରି କବି ଲେଖିଛନ୍ତି -

ଶୁଖିଗଲା ଟଁଠି ବଟି ହେଲା ଟୁଁଡ
ପିଇଲେ ପାଏନ୍ ଗଡ଼େ
ଗହଦି ଘୁମରି ଛିଡ଼ା ଭିଜିଗଲା
ସୋର ନି ପାଏଲେ ଘେଡ଼॥
(ବଛର, ପୃ-୧୬)

ଚନ୍ଦ୍ର ଯାଇ ସୁଧର୍ମା ସଭାରେ ଜଣାଇଲେ। ଇନ୍ଦ୍ର କ୍ରୋଧିତ ହୋଇ ସମୟ ଉପରେ ବଜ୍ରାସ୍ତ୍ର ପ୍ରୟୋଗ କଲେ। ଧରିତ୍ରୀ କାନ୍ଦିବାରେ ଲାଗିଲେ। ସେତେବେଳେ ବ୍ରହ୍ମା ହଂସ ବାହନରେ ସେଇ ବାଟେ ଯାଉଥିଲେ। ସେ ଧରିତ୍ରୀର କାନ୍ଦ ଶୁଣି ସବୁକଥା ବୁଝି ସମୟର ଶରୀର ସାଉଁଟି ଆଣ ବୋଲି ଧରିତ୍ରୀକୁ କହିଲେ। ସମିଆ ବା ସମୟ ଛଅଖଣ୍ଡ ହୋଇ ପଡ଼ିଥିଲା। ବ୍ରହ୍ମାଙ୍କର ଅମୃତ ସିଞ୍ଚନ ପରେ ସେହି ଛଅଖଣ୍ଡ ଛଅଜଣ ପୁରୁଷ ହୋଇଗଲେ। ବ୍ରହ୍ମା ଧରିତ୍ରୀକୁ ଆଶ୍ୱାସନା ଦେଲେ ଯେ; ଏମାନେ ଛଅ ଋତୁ ହେବେ। ପ୍ରତ୍ୟେକେ ଦୁଇ ମାସ ଲେଖାଏଁ ରହିବେ। ସେମାନଙ୍କର ନାମ ହେଲା - ବରଷା, ଶରତ, ହେମନ୍ତ, ଶୀତ, ବସନ୍ତ ଓ ଖରା।

ପ୍ରଥମେ ଆସିଲା ବର୍ଷା ଋତୁ। ମେଘ ବଜନିଆଁ ହୋଇ ଦୁଲଦଲି ବଜା ବଜାଇଲା। ମୟୂର ନାଚିଲା। ଡାହୁକ ଗୀତ ଗାଇଲା। ତାଳଗଛ ବିଞ୍ଚଣା, ଟିହାପକ୍ଷୀ ପୁରୋହିତ ହେଲେ। ବାଟ ବରଣ କଲା ବେଙ୍ଗ। ଶ୍ରାବଣ ପୂର୍ଣ୍ଣମୀ ଗଲା ପରେ ଧାଜ୍ ଗୁରା ଋତୁ ଶରତ ସୁନ୍ଦର ଆସିଲା। ଧରିତ୍ରୀ ରାଣୀ ସବୁଜ ଶାଢ଼ୀ ପିନ୍ଧି କାଇଁଶ ଫୁଲର ଶ୍ୱେତ ମୁକୁଟ ବାନ୍ଧି, ବେକରେ ଖଟଖଟିଆ ଓ ଅପରାଜିତାର ମାଳ, ମୁଣ୍ଡରେ କଉଁରିଆ ଫୁଲ, ପୁରାଫୁଲ ଏବଂ ଜହ୍ନିଫୁଲ। ଖୋଷାରେ କିଆଫୁଲ, ବନ୍ଦ ଅଞ୍ଜଳିରେ କଇଁଫୁଲ। କାର୍ତ୍ତିକ ମାସରେ

ହେମନ୍ତ କାକର କୁହୁଡ଼ି ନେଇକରି ଆସିଲା। ଭୋରର ଜହ୍ନ ହେଲା ଚନ୍ଦନ ଟିପା, କାକର ପାଦ ଧୋଇଦେଲା କେବଳ ସେତିକି ନୁହେଁ, କବି ଲେଖିଛନ୍ି -

ଧରତି ହଇଛେ ଧାନ୍ ସୁନା ଭେସ୍
ଉଲି ହେଇ ସାଜୋ ରୂପା
ଝଲ୍‌କା ଗଁଠିଆ ମାଲି ଝରାଗୁନା
ଲହରି ମାରୁଛେ ଝୁଂପା
ହାତର କଁକନ ବାଜେ ଛନ ଛନ ଛନ
ସୁନାର ଝୁମକା ବଲା
ମୁଡ଼ ଭର ଭର ହଲଦୀ ରଙ୍ଗର
ଫୁଲ ତ ଅନରଗଲା ॥

(ବଛର, ପୃ-୩୩)

ପହିଲି ପୁଷରେ ଶୀତ ଆସିଲା, ହରୋବଟୋ ହଇକରି। ଏହାପରେ ଆସିଲେ ଋତୁରାଜ ବସନ୍ତ। ଧରିତ୍ରୀରାଣୀ ଦଶ ଫୁଲି ଅଙ୍ଗଛି ରଙ୍ଗର କପ୍‌ଟା ପିନ୍ଧି ବାହାରଲେ। ସେ କପ୍‌ଟାର ଭାଉଁରେ ଠେଲକୋ, କୁଠେଲ, ଫଲସା, ଶେମେଲ, ସୁନାରୀ, ବଉଲ, କୁରେ, କୁମ୍, ଗିରଙ୍ଗିଲା, ସେରସୁଆଁ ଫୁଲ ପଡ଼ିଥିଲା। ଋତୁରାଜଙ୍କ ସ୍ୱାଗତ ନିମନ୍ତେ ରାସ୍ତାସାରା ମହୁଲଫୁଲ ବିଛା ହେଲା। ଶେଷରେ ଆସିଲେ ଖରା ଚଏତ ପୁନିର ବାସି ଦିନ। ନଏଦ ନଲିଆ ବନ୍ଧ କଟା ଶୁଖିଗଲା। ଖରା ନିମନ୍ତେ ନଡ଼ିଆ, ପଣସ, ପିପଲ, ଭେଲୁଆଁ, କେନ୍ଦୁ, ଚାର, ଟୋଲ, ବେଲ, ତରଭୁଜ, ଖରଭୂଜା, ତାଲ, ଖଜୁର ଆମ୍ ହେଲା ପରଷନା। ତଥାପି ଖରାର ରାଗରୋଷ କମ୍ ନଥିଲା। ଧରିତ୍ରୀ ଆଗାମୀ ସୁଦିନର ଅପେକ୍ଷାରେ ରହିଲା।

୧୯୯୭ ମସିହାରେ କବି ଲେଖିଛନ୍ତି 'ମହାସତୀ ଉର୍ମିଲା'। ଏହାର ପ୍ରାଗଭାଗ ବା 'ନିହି' ଶୀର୍ଷକରେ କବି ଲେଖିଛନ୍ତି - "ବେଦରେ ତିନିଟା କାଣ୍ଡ। ଜ୍ଞାନକାଣ୍ଡ, କର୍ମକାଣ୍ଡ ଓ ଉପାସନା କାଣ୍ଡ। ବେଦ ହେଉଛନ ଦଶରଥ ରାଜା। ଜ୍ଞାନ କାଣ୍ଡ ହଉଛନ୍ କୌଶଲ୍ୟା, କର୍ମକାଣ୍ଡ ହଉଛନ୍ କୈକେୟୀ ଆର ଉପାସନା କାଣ୍ଡ ହଉଛନ୍ ସୁମିତ୍ରା। ଇ କାଣ୍ଡ ନୁ ନିହି ମୂଲ କରିରାମାୟଣ ଦଉଲ ଗଢ଼ଲେ ଆଦି କବି ବାଲ୍ମୀକି x x x ଇ ରାମାୟଣ ଦଉଲ ନିହିର ଗୁଟେ କନ୍ ହଉଛେ ମହାସତୀ ଉର୍ମିଲା କାବ୍ୟ" (ଗ୍ରାନ୍ଥାବଳୀ, ପୃ-୪୫)। କାବ୍ୟ ଆରମ୍ଭରେ କବି ଲେଖିଲେ; ସତୀ ବୋଲି ସାତକାଣ୍ଡ ରାମାୟଣରେ ଯାହାର ଗଣତି ନାହିଁ, କବି ଦୃଷ୍ଟିରେ ସେ ସୀତାଙ୍କଠାରୁ ଅଧିକ ସତୀ, ମହାସତୀ। ଖଗେଶ୍ୱର ଲେଖିଥିଲେ; 'ପଏର୍ଛା ସତୀ', ହେମଚନ୍ଦ୍ର ଲେଖିଥିଲେ 'ସତର ସତୀ ବୃନ୍ଦାବତୀ'; କିନ୍ତୁ କବିଙ୍କର କ୍ଷୋଭ ଯେ, ମହାସତୀ ଉର୍ମିଲାଙ୍କ କଥା କେହି କିପରି ଲେଖିଲେ ନାହିଁ।

ଏ କାବ୍ୟର କଥାବସ୍ତୁ ।।ରମ୍ଭ ହୋଇଛି ଲକ୍ଷ୍ମଣ ଓ ଉର୍ମିଳାଙ୍କର ବାର୍ତ୍ତାଳାପରୁ। ରାମ ରାଜା ହେବେ ବୋଲି ସମସତେ ଉଲ୍ଲସିତ ଥିବାବେଳେ ଉମିଳା ଦେଖିଲେ ଲକ୍ଷ୍ମଣଙ୍କ ମୁହଁ 'ଡୁଆ' ପରି ଶୁଖି ଯାଇଛି। କାରଣ ପଚାରି ଜାଣିଲେ ରାମଙ୍କର ବନବାସ, କୈକେୟୀଙ୍କର ବରମଗା କଥା। ହସିଲେ ଉର୍ମିଲା। ଲକ୍ଷ୍ମଣ ବିରକ୍ତ ହେଲେ, କହିଲେ - ତମେ ହିଁ କରାସ ଭାଇକେ ଭଗାରି ତମେ ହିଁ ଭାଂଗସ ଘର। ଉର୍ମିଲା ଏହାର ଉତ୍ତରରେ ପୂର୍ବ କଥା ବଖାଣିଲେ; କୁମାରୀ କାଳରେ ମାତା କୈକେୟୀ ଜୀବଜନ୍ତୁଙ୍କର ଭାଷା ବୁଝୁଥିଲେ। ଏକଦା ଦୁଇଟି ପକ୍ଷୀ ଶିମୁଳୀ ଗଛ ଡାଳରେ କଥା ହେଉଥିଲେ ଯେ - ରାଜା ଦଶରଥଙ୍କର ଆୟୁଷ ଥିଲା ମାସେ ପକ୍ଷେ ମାତ୍ର। ଯଦି ଅଯୋଧ୍ୟାର ସିଂହାସନରେ କିଏ ଚଉଦ ବର୍ଷ ବସେ, ସେ ହୃଦୟ ଫାଟି ମରିବ। ତେଣୁ କୈକେୟୀ ସ୍ଥିର କରେ. ମୋର ପୁଅ ଭରତ ପଛେ ମରୁ, ରାମର ଜୀବନ ରହୁ। ତାହା ହିଁ ହେଲା। ରାମ, ଲକ୍ଷ୍ମଣ, ସୀତା ବନବାସ ଗଲେ। ଉର୍ମିଳା ଦ୍ୱାରବନ୍ଧରେ ଅଖଣ୍ଡ ଦୀପ ଜାଳି ଚଉଦ ବର୍ଷ ଅପେକ୍ଷା କଲେ।

ଦ୍ୱିତୀୟ ପ୍ରସଙ୍ଗ ବା ତାଙ୍କ ଭାଷାରେ ମାନପତରରେ କବି ହଳଧି ଅନ୍ୟ ଏକ ପ୍ରସଙ୍ଗ ଲେଖିଛନ୍ତି। ଶ୍ରାବଣ ମାସ ଝିପି ଝିପି ବର୍ଷା। ବାଦଲ ଢଙ୍କା ଆକାଶ। ନଦୀ ଜଳରେ ଭାସି ଆସୁଛି ତିନୋଟି ତାଳ ଫଳ। ସତେ କି ରାମ, ଲକ୍ଷ୍ମଣ, ସୀତା। କୂଳରେ ଦେଖନ୍ତି ତ ପଲାଶ ଡାଳରେ ତିନୋଟି ସ୍ତବକ। କ୍ରମେ ସମଗ୍ର ଜଗତ ଉର୍ମିଳାଙ୍କୁ ରାମମୟ ଦେଖା ଦେଇଛି। ନଗରରୁ ବାହାରି ନିଝାଝାର ବନସ୍ତରେ ପଶିଗଲେ। ବାଟରେ ନାଗ, ବାଘ। ପାଖକୁ ଯାଇ ପଚାରିଲେ; ରାମ କାହାନ୍ତି ? ମାୟା ପରିତ୍ୟାଗ କରି ଶିବ ପାର୍ବତୀ ଉଭା ହେଲେ। ସେମାନଙ୍କ ପରାମର୍ଶରେ ମୂର୍ତ୍ତିଟିଏ ପାଇ ଉର୍ମିଳା ନେବାକୁ ଚେଷ୍ଟା କଲେ। ବହୁ କଷ୍ଟରେ ଉଠାଇବା ପରେ ଶିବପାର୍ବତୀ ମୂର୍ତ୍ତିର ଓଜନ ଲଘୁ କରିଦେଲେ। ଉର୍ମିଳା ରାମଙ୍କର ପ୍ରତିମୂର୍ତ୍ତି ନେଇ ଫେରିଲେ। ତୃତୀୟ ମାନପତରରେ ରାବଣର ବଧୂ

ସୁଲୋଚନାର ପ୍ରସଙ୍ଗ। ଚତୁର୍ଥ ମାନପତରରେ ଲକ୍ଷ୍ମଣ ଶକ୍ତିଭେଦ। ଗନ୍ଧମାର୍ଦ୍ଦନ ପର୍ବତକୁ ଉଠେଇ ଆଣିବା ବେଳେ ହନୁମାନ ଉର୍ମିଳାଙ୍କୁ ଭେଟିବାର ଇଚ୍ଛା କରିଛନ୍ତି ଓ ଭରତ ତାଙ୍କୁ ଉର୍ମିଳାଙ୍କ ନିକଟକୁ ନେଇ ଯାଇଛନ୍ତି। ପଞ୍ଚମ ଭାଗରେ ରାମ, ସୀତା, ଲକ୍ଷ୍ମଣଙ୍କର ଅଯୋଧ୍ୟା ପ୍ରତ୍ୟାଗମନ ପ୍ରସଙ୍ଗ। କବି କହିଛନ୍ତି -

ଇ ସାତ କାଣ୍ଡର ମୂଳ ମନତର
ତମର ଠାନେ ହିଁ ଥିଲା
ରାମ ଲଇଖନ ସୀତା ନୁହେ ଜିତା
ମହାସତୀ ଉରମିଲା ॥
(ମହାସତୀ ଉର୍ମିଳା, ପୃ-୧୦୦)

୧୯୯୯ ମସିହାରେ ତାଙ୍କର 'ତାରା ମନ୍ଦୋଦରୀ' ପ୍ରକାଶିତ ହୋଇଛି। ଏଥିରେ କବି ପୁରାଣ ଓ କଳ୍ପନାର ସମନ୍ୱୟ କରିଛନ୍ତି। କଥାବସ୍ତୁ ପୁରାଣରୁ ଆରମ୍ଭ ହୋଇ କଳ୍ପନା ସହ ଗତିଶୀଳ ହୋଇଛି। ନିଝା ଝାର ବା ଗଭୀର ଅରଣ୍ୟରେ ଚ୍ୟବନ ଋଷି ତପସ୍ୟାରତ ଥିଲେ। ସରଗି, ସାଲିହା, ଧଏରା, ଧାମନେ ଗଛ ତାଙ୍କୁ ଘେରି ଚତୁଃପାର୍ଶ୍ୱରେ ଠିଆ ହୋଇଛନ୍ତି। ଏହି ଅବସରରେ କବି ପ୍ରକୃତି ବର୍ଣ୍ଣନା କରିଛନ୍ତି।

ଏହିପରି ବହୁ ବର୍ଷ ଅତିବାହିତ ହେବା ପରେ ସ୍ୱର୍ଗର ବୈଦ୍ୟ କ୍ଷୀର ହାଣ୍ଡିକୁ ସବୁଦିନ ପରି ଯଥା ସ୍ଥାନରେ ରଖିଦଇ ସ୍ୱର୍ଗକୁ ଫେରି ଯାଇଥିଲେ। କାଳୀ ନାଗଟିଏ ଆସି ସବୁ କ୍ଷୀର ପିଇ ଦେଇଥିଲା। ଏହି ଦୃଶ୍ୟ ଆମ୍ବ ଗଛରେ ବସି କାଠବେଙ୍ଗଟିଏ ଦେଖୁଥିଲା। ବିଷାକ୍ତ କ୍ଷୀରରେ ମୁନିଙ୍କର ଅନିଷ୍ଟ ହେବା ଆଶଂକା କରି କ୍ଷୀରପାତ୍ରକୁ ଉଲଟାଇ ଦେଲା। ଧ୍ୟାନ ପରେ ଋଷି ଦେଖିଲେ, କାଠ ବେଙ୍ଗଟିଏ ସେଥିରେ ମରି ପଡ଼ିଛି। ମୁନି ଅଭିଶାପ ଦେଲେ, ତୁ ଭସ୍ମ ହୋଇଯା। ମନୁଷ୍ୟ ଜନ୍ମ ପାଇ ଦୁଃଖ ଭୋଗ କର। ଆଉ ଯଦି ଭଲ ଉଦ୍ଦେଶ୍ୟରେ ଏ କାର୍ଯ୍ୟ କରିଥାଏ, ଆଠ ଦଶ ବର୍ଷର ସୁନ୍ଦରୀ କନ୍ୟାଟିଏ ହୋଇଯା। ସଙ୍ଗେ ସଙ୍ଗେ ମୃତ ବେଙ୍ଗଟିଏ ଏକ ସନ୍ଦରୀ ବାଳିକାରେ ପରିଣତ ହୋଇଗଲା। ଋଷି ନାଁ ଦେଲେ ବେଙ୍ଗବତୀ। ବୟସ ବଢ଼ିବା ସହ ତାର ସୌନ୍ଦର୍ଯ୍ୟ ବିକଶିତ ହେଲା। ଏଇଠାରୁ କବି ପୁରାଣ ସହିତ କଳ୍ପନାର ସଂଯୋଜନା ଆରମ୍ଭ କରିଛନ୍ତି। କିଷ୍କିନ୍ଧ୍ୟାର ରାଜା ବାଳୀ, ଅରଣ୍ୟରେ ବେଙ୍ଗବତୀ ସହ ଦେଖା ହେବା ପରେ ଉଭୟେ ଆକର୍ଷିତ ହେଲେ। ମିଳ ହେଲା। ସନ୍ଧ୍ୟାରେ ଉଭୟେ ସ୍ୱସ୍ଥାନକୁ ଫେରିଗଲେ। ପର ଦିନ ପ୍ରତ୍ୟୁଷରେ ମୟଦାନବ ମୁନିଙ୍କୁ ଦେଖା କରିବାକୁ ଆସିଲା। ଋଷି ତାଙ୍କୁ କନ୍ୟାଟିକୁ ପାଳନ କରିବାକୁ ଦେଲେ। ମୟ ଏହି କନ୍ୟାକୁ ରାବଣକୁ ବିବାହ ଦେବାକୁ ଇଚ୍ଛା କଲେ। ବେଙ୍ଗବତୀ ପ୍ରଭୁ ରମଙ୍କୁ ଆକୁଳରେ ଡାକିଲା। ରାମ କହିଲେ - ପିତୃ ଆଜ୍ଞା ପାଳନ କର। ବିବାହ ସମ୍ପନ୍ନ ହେଲା ଆଡମ୍ବରରେ। ଦୁଲଦୁଲି ବଜା, ଢୋଲ, ନିସାନରେ ଅଞ୍ଚଳ ପ୍ରକମ୍ପିତ ହେଲା। ଏଣେ ବାଳୀ ଅରଣ୍ୟରେ ବୁଲି ବୁଲି ବେଙ୍ବଗତୀକୁ ଅନ୍ୱେଷଣ କରୁଥାଏ। ଋଷିଙ୍କଠାରୁ ଶେହରେ ଜାଣିଲା ଯେ, ବେଙ୍ଗବତୀର ବିବାହ ରାବଣ ସହିତ ହେଉଛି। ବୀରପଣ ଥିଲେ ଫେରାଇ ଆଣ। ବାଳୀ ଗଲା। ରାବଣ ଓ ବାଳୀ ମଧ୍ୟରେ ଉଚ୍ଚବାଚ ହେଲା। ଉଭୟେ ବେଙ୍ବତୀର ହାତ ଧରି ଟାଣିଲେ। ସେ ଦୁଇଫାଳ ହୋଇଗଲା। ଛଅ ମାସର ଗର୍ଭସ୍ଥ ଶିଶୁଟିଏ ତଳେ ପଡ଼ି କାନ୍ଦିଲା। ମୁନି ନାରଦଙ୍କଠାରୁ ସମ୍ବାଦ ପାଇ ଉପସ୍ଥିତି ହୋଇଗଲେ। ମନ୍ତ୍ର ବଳରେ ଋଷି ଦୁଇଫାଳକୁ ଦୁଇଟି କନ୍ୟାରେ ପରିଣତ କଲେ। ପୁତ୍ରକୁ ବାଳୀକୁ ଦେଲେ। ଅଙ୍ଗ ଚିରି ବାହାରିଥିବାରୁ ନାମ ଦେଲେ ଅଙ୍ଗଦ। ବାଳୀର ପତ୍ନୀ ହେଲା ତାରା, ଅନ୍ୟ ଅର୍ଦ୍ଧେକ ମନ୍ଦୋଦରୀ ରାବଣକୁ ବିବହା କାଲ। ଏହାପରେ ପଞ୍ଚମ ସର୍ଗରେ ବାଳୀବଧ ପରେ ରାମ ତାରାଙ୍କୁ ସୁଗ୍ରୀବକୁ ସମର୍ପଣ କରିଛନ୍ତି। ରାବଣ ବଧ ପରେ ରାମ ମନ୍ଦୋଦରୀକୁ କହିଛନ୍ତି -

ଗୁଟେ ଭାଏଗେଁ ତ ଜନମ ହଇଛ ଘଟଲା ସମାନ ଦଶା
ଦୁହେ ହେଲ ତମେ ପାଟ ମହାଦେଈ ଅଖେ ଅମର ଯଶା ॥
(ଗ୍ରନ୍ଥାବଳୀ, ପୃ-୧୩୨)

ପରବର୍ତ୍ତୀ ରଚନାର ଶୀର୍ଷକ ରସିଆକବି (୨୦୦୦)। ପ୍ରଥମେ ସେ କାବ୍ୟଗୁରୁ ତୁଳସୀ ଦାସଙ୍କୁ ବନ୍ଦନା କରିଛନ୍ତି। ଏହା ପରେ ତୁଳସୀ ଦାସଙ୍କ ଜୀବନକଥା, ଉତ୍ତର ଭାରତର ଆତ୍ମାରାମ ଦୁବେଙ୍କ ଘରେ ବ୍ରାହ୍ମଣ ଜାତିରେ ତୁଳସୀ ଦସଙ୍କର ଜନ୍ମ। ଦିନେ ଜ୍ୟୋତିଷ ପୁଅର ଜାତକ ଗଣନା କରି ଅଶୁଭ ଲଗ୍ନରେ ଜନ୍ମିତ ବୋଲି କହିଦେଲେ। ରାଜ ଆଜ୍ଞାରେ ପିତା ତୁଳସୀଙ୍କୁ ଯମୁନା ପାର ହୋଇ ଏକ ରାମ ମନ୍ଦିରରେ ଛାଡ଼ି ଦେଲେ। ତୁଳସୀ ରାମ ନାମ ଜପ କରି ହନୁମାନଙ୍କ ଦର୍ଶନ ପ୍ରାପ୍ତ ହେଲେ। ହନୁମାନ କହିଲେ -

ଗୋଦାବରୀ ଖଁଡ଼ି ରାମଘାଟ ଯେନେ
ସାହାଡ଼ା ଗଛର ତଳେଁ
ଏକ ମନ ଏକ ଚିତ୍ ହେଇ କରି
ବସିଥିବ କଲେ କଲେ ।।
(ଗ୍ରାନ୍ଥାବଳୀ, ପୃ- ୨୦୭)

ଭାଗ-୧୦ରେ କବି ରାମଙ୍କୁ ଦର୍ଶନ କରିବା ବର୍ଣ୍ଣିତ ହୋଇଛି । ସେହି ୨୦୦୦ ମସିହାରେ ପ୍ରକାଶ ପାଇଛି ତାଙ୍କର 'ଶିରୀ ସମଲେଇ' କାବ୍ୟ । ସମଲେଶ୍ୱରୀଙ୍କୁ ସ୍ତବରୁ ଏହାର ମଙ୍ଗଳାଚରଣ ଆରମ୍ଭ । ପ୍ରଥମ ସର୍ଗରେ କବି ବଳରାମ ଦେବଙ୍କର ରାଜ୍ୟସ୍ଥାପନର ଇତିହାସ ବଖାଣିଛନ୍ତି । ହୁମା ରାଜ୍ୟର ରାଜା ବଳରାମ । ବରଗଡ଼ ରାଙ୍କର ରାଜଧାନୀ । ଏହି ପୃଷ୍ଠଭୂମି ଅବତାରଣା ପରେ କବି କାହାଣୀ ଆରମ୍ଭ କରିଛନ୍ତି । ଚାଉଁରପୁର ଗ୍ରାମରେ ଛାଲୁ ସହଁରାର ଘର । ବୃତ୍ତିରେ ସେ ଗଉଁତିଆଙ୍କର କୋଠିଆ । ସେହି ଗ୍ରାମର ଝିଅ ରଙ୍ଗୀ । ଉଭୟେ 'ପଏସାପୁଡ଼ି' ରିତିରେ ବିବାହ କଲେ । ଏହାପରେ ସେମାନେ ଛେଳି ଚରାଇବା ଛାଡ଼ି କେନ୍ଦୁ, ହରିଡ଼ା, ଅଁଳା, ସରଗି ପତର ଓ ଦାନ୍ତକାଠି ବିକିଲେ । ଧାନ ଚାଉଳ କିଣି ଚଳିଲେ । ଦିନେ କେନ୍ଦୁ ତୋଳିବାକୁ ରଙ୍ଗୀ ଟୁପା ଓ ଛାଲୁ ଡଲା ଭାର ଧରି ବାହାରିଲେ । ଦୁର୍ଭାଗ୍ୟବଶତଃ ଛାଲୁ ଗଛରୁ ଖସି ପଡ଼ିଲା । ଅଣ୍ଟା ଭାଙ୍ଗିଗଲା । ରଙ୍ଗୀ ତାକୁ ବହୁତ କଷ୍ଟରେ ଉଠେଇ ଘରକୁ ଆଣିଲା । ସେବାଯତ୍ନ କରୁଥାଏ । ଥରେ ଲଗାତାର ତିନି ଦିନ ଝଡ଼ବର୍ଷା ହେଲା । ରଙ୍ଗୀ କାମକୁ ଯାଇ ପାରିଲା ନାହିଁ । କଣ କରିବ ଚିନ୍ତା କରୁ କରୁ ଦେଖିଲା ଛାଲୁ ତାକୁ ତିନିମାସର ରୂପା ମୁଦିଟିଏ ଦେଇଥିଲା । ସେହି ମୁଦି ଦେଇ ପାଖ ଗାଁରୁ ଖୁଦ ମାଣେ ନେଇ ଆସିଲା । ଗନ୍ଠି ପକେଇ ନଥିଲା । ବାଟରେ ପଟୁ ବାଲିରେ ଗୋଡ଼ ଖସି ଖୁଦ ସବୁ ବିଞ୍ଚି ହେଇଗଲା । ରଙ୍ଗୀ କାନ୍ଦି କାନ୍ଦି ତଳେ ପଡ଼ିଗଲା । ସେତେବେଳେ ଗୁମଦହ ଆଡୁ ଜନେ ସୁନ୍ଦରୀ ଆସି କହିଲେ, "ନଦୀ ତୀର ବାଟେ ଦେଇ ପାଞ୍ଚ କୋଶ ଗଲେ ବାଲି କୁଦଟିଏ ପଡ଼ିବ । ସେଠାରେ ଶଙ୍ଖଚୂଡ଼ ନାଗ ଜଗିଛି । ତତେ ଦେଖିଲେ ପଳେଇଯିବ । ସେହି ସ୍ଥାନକୁ ଉଖୁରାଇ ତୁ ସାତ ମୁଣ୍ଡା କୋହିନୂର ହୀରା ପାଇବୁ ।" ଏହା କହି ଦେବୀଅ ଦୃଶ୍ୟ ହୋଇଗଲେ । ରଙ୍ଗୀ ସକାଳୁ ଦେବୀଙ୍କୁ ସ୍ମରଣ କଲା । ନାଁ ତ ଜାଣିନି । ସହଁରେନର କୁଳଦେବୀ ବୋଲି ନାଁ ଦେଲା ସଅଁରରେଇ । କୋହିନୂର ହୀରା ମିଳିଥିବା ସ୍ଥାନର ନାମ ହେଲା ହୀରଖଣ୍ଡ । ଏହି ଘଟଣା ପରେ ଗାଁ ସାରା ପ୍ରଚାର ହେଲା ଯେ, ଛାଲୁ ସହଁରାର ସ୍ତ୍ରୀ ଏତେ ହୀରା ଓ ଧନ କେଉଁଠୁ ପାଇଲା ? ରାଜା ରଙ୍ଗୀକୁ ବନ୍ଦି କଲେ । ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ, ରଙ୍ଗୀକୁ ମୁକ୍ତ କର । ରାଜା ବୁଝି ପାରିଲେ ରଙ୍ଗୀକୁ ମୁକ୍ତ କଲେ ।

ଦିନେ ବଳରାମ ଦେବ ଏକାକୀ ଘୋଡ଼ା ଚଢ଼ି ବାହାରିଲେ । ଗୋଟିଏ ସ୍ଥାନରେ ତମ୍ବୁ ପକାଇ ରହିଲେ । ଅନୁମାନ କରି ଜାଣିଲେ ସ୍ଥାନର ନାମ ଚାଉଁରପୁର । ରାଜାଙ୍କର ଦୁଇ ପାକେ ଦୁଇଟି ଶିକାରୀ କୁକୁର ଥିଲେ । ସେତେବେଳେ ମାଈ ଠେକୁଆଟିଏ ଆସି ରାଜାଙ୍କ ସମ୍ମୁଖରେ ନୃତ୍ୟ କଲା । କୁକୁରମାନଙ୍କୁ ଆକ୍ରମଣ କରି ଓଲଟା ଭୟ ଦେଖାଇଲା । ରାଜା ଆଶ୍ଚର୍ଯ୍ୟ ହେଲେ । ସେଦିନ ରାତିରେ ରାଜା ସ୍ୱପ୍ନ ଦେଖିଲେ - ଗୁମଦର୍ହର ମଝି ଟାଙ୍ଗରରେ ଜଳନ୍ତା ଜାଗର ମୁଣ୍ଡରେ ଧରି ପଦ୍ମଫୁଲ ଆସନରେ ଜନେ ସ୍ତ୍ରୀଲୋକ ବସିଛନ୍ତି । ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବୀ କହିଲେ ଏକ କାହାଣୀ -

ଥରେ କୈଳାସରୁ ଶିବପାର୍ବତୀ ସ୍ୱର୍ଗପୁର ବୁଲି ଯାଇଥିଲେ । ସ୍ୱର୍ଗରୁ ଫେରିବା ବାଟରେ ଈଶ୍ୱର କପଟ କଲେ । ନିଜର ଜଟରୁ ଖଣ୍ଡେ ଛିଣ୍ଡାଇ ତାକୁ ଆଠ ଭାଗ କରି ଭୂମିରେ ଫିଙ୍ଗିଦେଲେ । ଯେଉଁ ଯେଉଁ ସ୍ଥାନରେ ଜଟା ପଡ଼ିଲା, ତାହା ହେଲା ଅଷ୍ଟଶମ୍ଭୁ ପୀଠ । ନିଳଜି, ସରଣ୍ଡା, ହୁମା, ଗାଏସୀମା, ଅମ୍ବାଭୋନା, ମାନେଶ୍ୱର, ଦେଗାଁ, ସରନା । ପାର୍ବତୀ ମଧ୍ୟ ଛାଡ଼ିବା ଲୋକ ନୁହନ୍ତି । ଶଙ୍ଖୀ ଦେଇଥିବା ସାତଟି ପାରିଜାତ ପୁଷ୍ପକୁ ଖେଷାରୁ କାଢ଼ି ଫିଙ୍ଗି ଦେଲେ -

ସାତ ଠାନେ ପଡ଼ି କରି ହେଇଗଲିଁ
ସାତବହନୀ ଥାପନା
ସାତ ବହନୀର ସମଲେଇର ମୁଇଁ
ଆଏ ବଡ଼ଖା ବହନି
ପର୍ବତର ଠାନ୍ ଦେଖି ମୁମଦର୍ହ
କରିଛେ ଆସି ରହନି ।।
(ଗ୍ରନ୍ଥାବଳୀ, ପୃ-୨୯୨)

ସେହି ସାତ ଭଉଣୀ ହେଉଛନ୍ତି; ପାଟଣେଶ୍ୱରୀ, ମାଣିକେଶ୍ୱରୀ, ସୁରସୁରୀ, ମେଟାକାନୀ, ଚନ୍ଦ୍ରହାସିନୀ,

ଘଣ୍ଟେଶ୍ୱରୀ ତଥା ସମଲେଶ୍ୱରୀ। ମତେ ନେଇ ନଦୀ ତୀରରେ ଶିମ୍ବଳୀ ତଳେ ସ୍ଥାପନ କର। ଅବିବାହିତ ସହଁରା ସେବକ ପୂଜା କରିବେ। ସଅଁରେନ ପରିବର୍ତ୍ତେ ସମଲେଶ୍ୱରୀ ନାମରେ ଦେବୀ ପୂଜା ପାଇବେ। ଗ୍ରାମର ନାମ ମଧ୍ୟ ମୋ ଅନୁସାରେ ଦେବୁ ବୋଲି କହି ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ। କିଛି ଦିନ ପରେ ଦେବୀ ଉଭା ହେଲେ। କବିଙ୍କର ଭାଷାରେ -

ଭୁଦୋ ତୁରତିଆ ଉଜଳ ପଖର
ପୂରବା ନଏଖତରେ
ଠିକ୍ ଅଧରାତିଁ ବରଷୁଛେ ମେଘ୍
ପାଏନ୍ କୁଲଛତର ॥

(ଗ୍ରନ୍ଥାବଳୀ, ପୃ- ୨୯୪)

ସ୍ୱପନରେ ଦେବୀ ଉଭାହେଲେ। କହେଲେ, "ନୂଆ ଧାନ ଚରା ସାଙ୍ଗେ, ପୂଜା ଖଞ୍ଜା ଦେ।" ରଜା କହେଲେ; "ଭୁଦୋ ମାସ, କେନୁ ପାଏମି ?" ଦେବୀ ଆଦେଶ ଦେଲେ - ଉତ୍ତର ଦିଗକେ ଯା ? ଅକସିଆ ଧାନ ପାଚିଥିବା। ତାହା ହିଁ ହେଲା। ତାପରେ ନୂଆଁଖାଇ ପାଳନବିଧି, ଘର ଦୁଆର ଲିପାଘଷା, ମିତ ମାହାସାଦଙ୍କୁ ଅଢିଆ ଦେବା, ସ୍ତ୍ରୀମାନେ ହଳଦୀ ଅଏଁଳା ଲଗାଇ ଗାଧୋଇବେ। ସମଲେଇଙ୍କୁ ରାକ୍ଷୀ ବାନ୍ଧି ହଳଲଙ୍ଗଳରେ ବାନ୍ଧିବେ। ଧାନ କ୍ଷେତରେ ଘିଅବତୀ ଜାଳି କ୍ଷୀର ଢାଳି ପ୍ରଣାମ କରିବେ, ନୂଆଁ ଲୁଗା ପିନ୍ଧି ନୂଆଁ ହାଣ୍ଡିରେ ରାନ୍ଧିବେ, ଗୋରୁଙ୍କ ବେକରେ ନୂଆଁ ପଘା ଦେବେ। ଭାତ, ଜାଇ, ପିଠା, ସାରୁ ଶାଗ ଆଦି ରାନ୍ଧି କୁରେ ପତରର ଖଲି ଚକନିରେ ବାଢ଼ି ଦେବେ ଦେବୀଙ୍କୁ ଭୋଗ ସମର୍ପଣ କରି ସମସ୍ତେ ମିଳିମିଶି ଖାଇବେ। ଦେବୀଙ୍କର ଏହି ଆଦେଶ ରାଜା ଶୁଣିବା ପରେ -

ଗରଜି ଘୂମରି ଦୁଲଦୁଲି ବଜା
ବାଜଲା ଭରନି ପାର୍
ମାଆଁ ସମଲେଇ ଆଗେ ବିଲରାମ୍
କରଲେ ପାଏନ୍ ଧାର ॥

(ଗ୍ରନ୍ଥାବଳୀ, ପୃ- ୩୦୦)

କଳାପାହାଡ଼ର ଆକ୍ରମଣ କାଳରେ ଦେବୀ ଛଅ ଭଉଣୀଙ୍କ ସହ ମିଶି କଳାପାହାଡ଼କୁ ଦମନ କଲେ। କଳାପାହାଡ଼ର ଖେଳ ସରିଗଲା।

୨୦୦୨ ମସିହାରେ ତାଙ୍କର 'ସତିଆବିହା' ଶୀର୍ଷକ କାବ୍ୟ ପ୍ରକାଶ ପାଇଛି। ଏହାକୁ ପ୍ରକାଶ କରିଛନ୍ତି ମନୋହର ସାଂସ୍କୃତିକ ସଂସଦ। ଏହାର କଥାବସ୍ତୁ ଜଗନ୍ନାଥ ଦାସଙ୍କର ଭାଗବତର ଦଶମ ସ୍କଂଦ ୬୩ ଅଧ୍ୟାୟରୁ ଗୃହୀତ। କୃଷ୍ଣଙ୍କର ଅଷ୍ଟ ପାଟବଂଶୀମାନଙ୍କର ବର୍ଣ୍ଣନା ପ୍ରସଙ୍ଗରେ କୋଶଳ ଦେଶର ରାଜା ନଗ୍ନଜିତଙ୍କର କନ୍ୟା ସତ୍ୟାର ସ୍ୱୟଂବର ଏ କଥାବସ୍ତୁ। ରାଜା ନଗ୍ନବିଜ ସତୟାର ବିବାହ ନିମନ୍ତେ ଏକ ସର୍ତ୍ତ ରଖିଥିଲେ। ନଗ୍ର ବାହାରେ ଥିବା ସାତଟି ଷଣ୍ଢଙ୍କୁ ଏକତ୍ର ଯିଏ ବାନ୍ଧି ପାରିବ କନ୍ୟା ସତ୍ୟାକୁ ତା ସହ ବିବାହ ଦେବେ ବୋଲି ଘୋଷଣା କଲେ। ବହୁ ଦେଶରୁ ଅନେକ ରାଜକୁମାର ଆସିଲେ, କିନ୍ତୁ ବିଫଳ ହୋଇ ଫେରିଗଲେ। ଶେଷରେ ଆସିଲେ କୃଷ୍ଣ। କୋଶଳାଧିପତି ଯଥାବିଧି ଅଭ୍ୟର୍ଥନା କଲେ, କିନ୍ତୁ ସର୍ତ୍ତ ଥିଲା ଷଣ୍ଢମାନଙ୍କୁ ଆୟତ୍ତ କରିବା। କୃଷ୍ଣ ଅବିଳମ୍ବେ ସାତଟିଯାକ ଷଣ୍ଢଙ୍କୁ ଆୟତ୍ତ କରିନେଲେ। ବିବାହ ଯଥାବିଧି ସମ୍ପନ୍ନ ହେଲା। ଫେରନ୍ତା ପଥରେ ଷଣ୍ଢ ଭୟରେ ଚାଲି ଯାଇଥିବା ରାଜକୁମାରମାନେ ପଥରୋଧ କଲେ। ଅର୍ଜୁନ ସମସ୍ତଙ୍କୁ ପରାଜିତ କଲେ ଓ ଦ୍ୱାରିକାରେ କୃଷ୍ଣ ପତ୍ନୀ ସତ୍ୟା ସହ ପ୍ରବେଶ କଲେ।

ଏହି କଥାବସ୍ତୁ ଅଲମ୍ବନରେ ହଳଧର ବର୍ଣ୍ଣନା କରିଛନ୍ତି ଯେ, ବାଲ୍ୟ କାଳରୁ ସତ୍ୟା କୃଷ୍ଣଙ୍କୁ ସ୍ୱାମୀ ରୂପେ ବରଣ କରିଥିଲେ। ପିତା କିନ୍ତୁ ତାଙ୍କୁ ବାରଣ କଲେ ଓ ସ୍ୱୟଂବରର ଆୟୋଜନ କଲେ। ସତ୍ୟା ଅର୍ଦ୍ଧରାତ୍ରରେ ଯାଇ ପୁରନି ବନ୍ଧରେ ଝାସ ଦେଲେ। କୃଷ୍ଣ ଉପସ୍ଥିତ ହୋଇ ତାଙ୍କୁ ରକ୍ଷା କଲେ, କିନ୍ତୁ ସତ୍ରର୍ତ ପାଳନ କଲାପରେ ବିବାହ କରିବାକୁ କହିଲେ। ତାଙ୍କ ଆଦେଶରେ ସପ୍ତରଷି ସାତଟି ଷଣ୍ଢ ରୂପ ହେଲେ। ଅନ୍ୟ ରାଜାମାନେ ଷଣ୍ଢଙ୍କୁ ଆୟତ୍ତ କରିବାକୁ ଆସି ବିଫଳ ହେବାରୁ ଶେଷରେ ଦୁଲଦୁଲି ବଜା ଓ ଶଙ୍ଖଧ୍ୱନି ମଧ୍ୟରେ କୃଷ୍ଣ ପହଞ୍ଚିଲେ। ଷଣ୍ଢମାନଙ୍କୁ ଆୟତ୍ତ କଲେ। ସେଦିନ ସନ୍ଧାରେ ଦୁ ଦୁଲଦୁଲି ବଜା, ଢୋଲ, ନିସାନ, ମହୁରୀ ଆଦି ବାଦ୍ୟନାଦ ସହ କୃଷ୍ଣ ପହଞ୍ଚିଲେ। ନଗ୍ନଜିତଙ୍କର ରାଣୀ ଗଡୁଟାକେ ପାଏନ୍ ନେଇକରି ଗୋଡ଼ଧୁଇ ମୁଡ଼ିଆ ମାରଲେ। ବନ୍ଧୁ ବାନ୍ଧବଙ୍କ ଗହଣରେ ପିନ୍ଧାନି, ଗନ୍‌ସା, ମଙ୍ଗଳା, ବରାତି, ବିହା ସମ୍ପନ୍ନ ହେଲା।

କବି ହଳଧରଙ୍କ ଦୃଷ୍ଟିରେ କୌଶଲ୍ୟା ନନ୍ଦନ ରାମ କୋଶଳର ଭଣଜା ଏବଂ ନଗ୍ନଜିତଙ୍କର ଜାମାତା କୃଷ୍ଣ ଆମ କୋଶଳର ଜୁଏଁ। ତେଣୁ ରାମ ଆମର ମଧ୍ୟ ଭଣଜା ଓ କୃଷ୍ଣ

ଜ୍ୱାଇଁ। କୋଶଳର ବିବାହ ବିଧି ଏ କାବ୍ୟରେ କବି ବର୍ଣ୍ଣନା କରିଛନ୍ତି। ପାନପତ୍ରରେ ଗାଲ ସେକିବା, ମାଏସାର କପଟା, ସଲାବିଧା, ମଡୁଆଝଗ, ସାଙ୍ଗଛଡ଼ା ପଏସା, ଗୁଆଚୁପା ଆଦି ୨ ଅଞ୍ଚଳର ବିବାହବିବଧି ଏଥିରେ ବର୍ଣ୍ଣିତ ହୋଇଛି। କୋଶଳର ସବୁ ଘରେ ଭୂଆସେନମାନେ ଦ୍ୱାରରେ ଖରଷି ଘସି ବା ଗୋବରରେ ଲିପି ଅରୁଆ ଚାଉଳ ପିଠଉ ବାଟି ଝୋଟି ପକାଇଲେ। ମଝାରେ ଗରିଆଟିଏ ରଖି ସାତ ପତ୍ରିଆ ଆମଡାଳ ଉପରେ ଦନେ ଅରୁଆ ଚାଉଳ ଦନେ ରଖି ଦୀପ ଜାଳିଲେ। ରାଣୀ ସୁନାର ପିଢ଼ା ଉପରେ ସୁନାର ଜାଗର, ସୁନା ଗଡୁରେ ପାଣି ନେଇ ଜ୍ୱାଇଁଙ୍କୁ ଗୋଡ଼ ଧୋଇ ସ୍ୱାଗତ କଲେ। ସତ୍ୟାଙ୍କ ନିମନ୍ତେ ବରପକ୍ଷରୁ ଆସିଥିଲା କତରିଆ, ବନ୍ଦରିଆ, ଝାଡ, ବାହାସୂତା, ଲାଖଚୁରି, ଝୁଁଟିଆ, ବିଛୁଆଁ, ଅଂଗଠା, ପଏଁରି, ଡାବୁ, ଖଗଲା, ଝଲକା, ବେଣ୍ଟଲା, ଗଣ୍ଠିଆ ଶୀକଲା, କର୍ଣ୍ଣଫୁଲ ଶିକଲା, ଡଁଡି, ଝରାଗୁନା, ଗଜବନ ଓ ଅନ୍ୟ ଅନେକ ପ୍ରଚାର ମାଳି। ବରଙ୍କୁ ଫୁଲମାଳ ଅଙ୍ଗବସ୍ତ୍ର ଦେଇ ବରଣ କରିବା ପରେ ବେଦୀଶାଳର ବର୍ଣ୍ଣନା, ବିବାହ ବିଧି, ଖଲିଚକନିରେ ଭୋଜିଭାତ, ଶେଷରେ ବିଦାୟ ବେଳର ଭୁଆଷେନ୍ କାନ୍ଦି, ବାର, ଲିଆ ଭୁଗା, ହୁରୁମ ଲଡୁ, ମିଠା ମିଠେଇ, ଖୁରିଗିନା, ଧାନ ଚାଉଳ, ମୁଗ ବିରହି, ଗାଏଦାମୁର ଇତ୍ୟାଦି ଯୌତୁକ ସାମଗ୍ରୀର ଆୟୋଜନ ମାଧ୍ୟମରେ କବି ପଶ୍ଚିମ ଓଡ଼ିଶାର ବିବାହ ବିଧି ବର୍ଣ୍ଣନା କରିଛନ୍ତି।

ସତିଆ ବିହାର କଥାବସ୍ତୁ ଜଗନ୍ନାଥ ଦାସଙ୍କ ଭାଗବତରୁ ଗୃହୀତ ହୋଇଥିଲେ ମଧ୍ୟ କବି ଏଥିରେ ଅଧିକ କଳ୍ପନାର ସଂଯୋଜନା କରିଛନ୍ତି। ବିଶେଷକରି ଏହା ମାଧ୍ୟମରେ ସେ ପଶ୍ଚିମ ଓଡ଼ିଶାର ବିବାହ ବିଧିର ବର୍ଣ୍ଣନା ସହିତ ଏହାକୁ ପାରମ୍ପରିକ 'ଗଉରବିହା'ରେ ପରିଣତ କରି ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିକୁ ଉପସ୍ଥାପନ କରିବାର ସୁଯୋଗ କବି ଛାଡ଼ି ନାହାନ୍ତି।

ଏହା ବ୍ୟତୀତ ତାଙ୍କର କରମସାନୀ, ବୀର ସୁରେନ୍ଦ୍ର ସାଏ, ଭୀମଭୋଇ, ଋଷି କବି ଗଙ୍ଗାଧର ଆଦି କାବ୍ୟ ଅଛି। ହଳଧର ସାହିତ୍ୟ ସମ୍ପର୍କରେ ଗ୍ରନ୍ଥାବଳୀରେ ଅନେକ ମନ୍ତବ୍ୟ ସ୍ଥାନିତ ହୋଇଛି। ସେଗୁଡ଼ିକ ମଧ୍ୟରୁ କେତେକ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଦୈନିକ ସମାଜ ଲେଖିଥିଲେ - ଯେପରି ମହାନଦୀର ସ୍ୱଚ୍ଛ ଜଳଧାରା ସମ୍ବଲପୁର ଦେଇ ବହି ଆସି କଟକର ଛାଡ଼ିକୁ ଆଦ୍ର ଓ ତଟକୁ ସବୁଜ କରିଛି। ଠିକ୍ ସେହିପରି ସୁଦୂର ପଶ୍ଚିମ ଓଡ଼ିଶାର ଘେଁସ ଅଞ୍ଚଳରୁ ଆସିଥିବା ନିଷ୍କପଟ କବି ହଳଧର ନାଗଙ୍କ ଅନ୍ତରରୁ ଉତ୍ସାରିତ ସ୍ୱଚ୍ଛନ୍ଦ କବିତା ଆଜି କଟକ ମାଟିର ବିଗ୍ଧ କାବ୍ୟନୁରାଗୀଙ୍କର ହୃଦୟକୁ ଶ୍ୟାମଳ ଓ ରସସିକ୍ତ କରିଛି x x x ସେହିପରି ପ୍ରଜାତନ୍ତ୍ର ସାପ୍ତାହିକୀ ଲେଖିଥିଲେ - "ସାଧାରଣ, ଅତି ସାଧାରଣ ମଣିଷଟିଏ। ପେଟ ଓ ପରିବାର ପାଇଁ ବିକନ୍ତି ଚଣା ଓ ଚକୋଲେଟ। ମନ ଓ ସମାଜ ପାଇଁ କିନ୍ତୁ ଧରିଛନ୍ତି ଲେଖନୀ। ଅନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ଏଇ ନିଃସ୍ୱ କବି। କବିତାରେ ତାଙ୍କର କିନ୍ତୁ ଦୈନ୍ୟ ନାହିଁ। ପଙ୍କରୁ ଫୁଟି ଉଠିଛି ପଙ୍କଜ ସତେ କି। ନଈରେ ପାଣି ବହିଯିବା, ଗଛରେ ଫୁଲ ଫୁଟିବା, ଆକାଶରେ ଚନ୍ଦ୍ରତାରା, ବର୍ଷା ବାଦଲର ମହୋତ୍ସବ ପରି ଆପଣାଛାଏଁ ସ୍ୱହଟ୍ କବି ହଳଧର ନାଗ ସାଧାରଣ ହେଲେ ବି ଏକ ଅସାଧାରଣ ବିଶ୍ମୟ।" ସମାଜର ତତ୍‌କାଳୀନ ସମ୍ପାଦିକା ମନୋରମା ମହାପାତ୍ରଙ୍କ ଭାଷାରେ, ନିରୁତା ସମ୍ବଲପୁରୀ ଭିତରେ ରହିଛି ଏକ ଅନନ୍ୟ ଆକର୍ଷଣ, ସମ୍ମୋଦନୀ ଶକ୍ତି। ଘେଁସରୁ ଜନ୍ମ ହୋଇ ସେ ଯେଉଁ ରସର ବନ୍ୟା ଭିତରେ ବୁଡ଼ି ଅନ୍ୟକୁ ବୁଡ଼ାଇ ଦେଇଛନ୍ତି, ଆପଣାର ରକ୍ତରେ କଲମ ବୁଡ଼ାଇ କବିତା ଲେଖୁଛନ୍ତି, ସିଏ କବିତା ତ ନୁହେଁ ପର୍ବତ ଦେହରୁ ଝର ଝର ଉତୁରି ଆସୁଥିବା ପବିତ୍ର ଧାର - ତାହା ହୃଦୟକୁ ପ୍ଲାବିତ କରିବ ଇ କରିବ। ବିଶେଷ କରି କଟକର ପ୍ରୟୋଗ ସମ୍ବର୍ଦ୍ଧନା ସଭାରେ ଅନେକ ସାହିତ୍ୟଗ୍ରାହୀ ବ୍ୟକ୍ତି ଅନୁରୂପ ମନ୍ତବ୍ୟମାନ ଦେଇଛନ୍ତି, ଯାହା ଗ୍ରନ୍ଥାବଳୀର ମୁଖବନ୍ଧରେ ସ୍ଥାନିତ ହୋଇଛି। ସମ୍ବଲପୁରୀ ମହାଭାରତର ଲେଖକ ନୀଳମାଧବ ପାଣିଗ୍ରାହୀ ଏଥିରେ ଲେଖିଥିଲେ - 'ଆର୍ଟ ଆଣ୍ଡ ଆର୍ଟିଷ୍ଟ' ପତ୍ରିକା ଥିଁ ତମହର ଘେଁସାଲି କବିତା ପଢ଼ିକରି ମୋର ଯମ ଘରକେ ଯିବାର ସମିଆ ଘନ୍ଟାର ଆବାଜ ଧୁରୁଁ ସୁନି ହଉଥିଲେଁ ବି ଯିବାର ଇଚ୍ଛା ନାଇଁ ହେବାର। x x x ଯମ ଦେବତା କେ ଗୁହେର କରୁଛେ ଯେ, ତମହର ଅମୃତ ଝରନ୍ କବିତା ରସ ପିଇପାରମି। (ସମ୍ପାଦକ - ନିସାନ) କବି ମଙ୍ଗଳୁ ବିଶ୍ୱାଳ ଲେଖିଲେ; ଯାହାକେ ଯେଭେଁ ଭେଟୁଛେଁ, ତମର କଥା କହୁଛେ x x x ତମେ ତ ଖାଁଟି କବିଟେ। କବି ଅମରେଶ ପଟ୍ଟନାୟକଙ୍କର ଭାଷାରେ - "ପ୍ରକୃତ କବି ଆଞ୍ଚଳିକତାର ସୀମା ଅତିକ୍ରମ କରି ବିଶ୍ୱ ମାନବର ହୃଦୟରେ

ବଞ୍ଚି ରହେ, ହଳଧର ନାଗ ସାହିତ୍ୟ ମାଧ୍ୟମରେ ସମସ୍ତଙ୍କରଠାରେ ବଞ୍ଚି ରହିବେ।"

ବାସ୍ତବରେ ପଶ୍ଚିମ ଓଡ଼ିଶାରେ ତିନିଜଣ ପ୍ରଭାବଶାଳୀ କବି ଗଙ୍ଗାଧର, ଖଗେଶ୍ୱର ଓ ହଳଧର। ଜଣେ କେବଳ ଓବିଆରେ ଲେଖିଛନ୍ତି, ଜଣେ ଓଡ଼ିଆ ସହ ସମ୍ବଲପୁରୀରେ ଏବଂ ହଳଧର କେବଳ ସମ୍ବଲପୁରୀରେ। ତିନି ଜଣ ଜାକ ସାଧାରଣ ପରିବାରରୁ ଆସିଛନ୍ତି। କାହାରି ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଅଧିକ ନାହିଁ, କିନ୍ତୁ ତିନି ଜଣ ଯାକ ଯେଉଁ କାଳଜୟୀ କବିତା ସୃହ୍‌ଟି କରିଛନ୍ତି, ସମୟ ହିଁ ହେବ ଏହାର ଶ୍ରେଷ୍ଠ ବିଚାରକ।

ହଳଧର ସମାଜ, ସଂସ୍କୃତି, ପରମ୍ପରା ଓ ପୁରାଣ ଅବଲମ୍ବନରେ କାବ୍ୟ ଲେଖିଛନ୍ତି; କିନ୍ତୁ ପୁରାଣ ପୃଷ୍ଠାକୁ ସମ୍ପୂର୍ଣ୍ଣ ଅନୁକରଣ ନକରି ଅନେକ କଳ୍ପିତ କାହାଣୀକୁ ପୁରାଣର ତଥ୍ୟ ମଧ୍ୟରେ ସଂଯୋଜିତ କରି ଦେଇଛନ୍ତି। ଏହା ତଥ୍ୟ ସମର୍ଥିତ ନହୋଇପାରେ; କିନ୍ତୁ ସାହିତ୍ୟର ମନୋରଞ୍ଜନ ଓ ନୀତିଶିକ୍ଷା ଦାନ ରୂପକ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ସାର୍ଥକ କରିବାରେ ସମର୍ଥ। ଜୀବନର ବାସ୍ତବତା କବିଙ୍କୁ ଯେଉଁ ଅନୁଭୂତି ଦେଇଛି, ତାହାର ଅନାବିଳ ଅନୁକୃତି ସେ କାବ୍ୟ କବିତାରେ ଉପସ୍ଥାପନ କରିଛନ୍ତି। ବୃକ୍ଷ ପୁଷ୍ପିତ ହେବା, ନଦୀ ପ୍ରବାହିତ ହେବା, ବୃଷ୍ଟିଧାରା ଝରିଯିବା, ଚନ୍ଦ୍ର ଜ୍ୟୋତ୍ସ୍ନାରେ ପୃଥିବୀ ସିକ୍ତ ହୋଇଯିବା ପରି ସ୍ୱାଭାବିକ ରୀତିରେ ହଳଧର ବାଢ଼ି ଦେଇଛନ୍ତି ତାଙ୍କର କାବ୍ୟ - କୋଣାର୍କ। ■ ■

ଅବସରପ୍ରାପ୍ତ ପ୍ରଧାପିକା (ଓଡ଼ିଆ)
ପ୍ରଧାନପଡ଼ା, ତୃତୀୟ ଗଳି (ଡି-୫୦)
ବୁଢ଼ାରଜା, ସମ୍ବଲପୁର
ମୋ- ୯୯୩୮୧ ୭୯୧୬୬

ସଞ୍ଚାର ନୃତ୍ୟ ପରମ୍ପରା ଓ ବରଗଡ଼ ଧନୁଯାତ୍ରା

ମୋହନ ସାହୁ

ବରଗଡ଼ ଧନୁଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସଞ୍ଚାର କଳା ବା ଗାହାକ୍-ବାହାକ୍‌କୁ ଗ୍ରହଣ କରାଯାଇଥାଏ। ଧନୁଯାତ୍ରା ଆୟୋଜନ ସମୟରେ ଉଦ୍ୟୋକ୍ତାମାନେ ସଞ୍ଚାର କଳାକାରମାନଙ୍କୁ ବହୁ ପୂର୍ବରୁ ନିମନ୍ତ୍ରଣ କରିବା ଏକ ପ୍ରତିଷ୍ଠିତ ବିଧି ହୋଇ ରହିଆସିଅଛି। ସଞ୍ଚାର କଳା ଦ୍ୱାରା ପ୍ରଭାବିତ ହୋଇ ବରଗଡ଼ରେ ଧନୁଯାତ୍ରା ପରି ଏକ ବିରାଟ ମହୋତ୍ସବ ଆୟୋଜନର ପରିକଳ୍ପନା ଉଦ୍ୟୋକ୍ତାମାନଙ୍କ ମନରେ ଉଦ୍ରେକ ହୋଇଥିବାର କେହି କେହି ମତବ୍ୟକ୍ତ କରିଥାନ୍ତି। ଧନୁଯାତ୍ରା ଆୟୋଜନ ପୂର୍ବରୁ ଅର୍ଥାତ୍ ୧୯୪୭-୪୮ ପୂର୍ବରୁ ବରଗଡ଼ ଜୀରାନଦୀର ବିସ୍ତୃତ ବାଲୁକାଶଯ୍ୟାରେ ଓ ତା'ର କିଛି ଦୂର ତଳଭାଗରେ ଖୁଣ୍ଟପାଲିରେ କାର୍ତ୍ତିକପୂର୍ଣ୍ଣିମା ଅବସରରେ ବାଲିଯାତ୍ରା ମହାସମାରୋହରେ ଆୟୋଜିତ ହୋଇଆସୁଥିଲା। ବରଗଡ଼ ଓ ଅମ୍ବାପାଲିକୁ ସଂଯୋଗ କରୁଥିବା ଲୁହାରେ ତିଆରି ବ୍ରିଜ୍‌ର ଡାହାଣ ପଟେ ଜୀରାନଦୀର ପ୍ରଶସ୍ତ ବାଲିଶଯ୍ୟାରେ ପ୍ରତିବର୍ଷ ନିୟମିତ ଭାବରେ ବାଲିଯାତ୍ରା ଆୟୋଜନ କରାଯାଉଥିଲା। ବାଲିଯାତ୍ରା ଅବସରରେ ରାତିରେ ଯାତ୍ରା ଦେଖିବାକୁ ଆସିଥିବା ସମବେତ ଜନତାଙ୍କ ମନୋରଞ୍ଜନ ସକାଶେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଞ୍ଚାର କଳାକାରମାନଙ୍କ ଦ୍ୱାରା ସଞ୍ଚାର କଳା ପରିବେଷଣ କରାଯାଉଥିଲା। ସଞ୍ଚାର ନୃତ୍ୟକଳାରେ ବିଭିନ୍ନ ପୌରାଣିକ ଉପାଖ୍ୟାନ ପରିବେଷିତ ହେଉଥିଲେ ମଧ୍ୟ ଶ୍ରୀକୃଷ୍ଣଲୀଳା ହିଁ ଏହି ଅଭିନବ ନୃତ୍ୟଶୈଳୀର ମୁଖ୍ୟ କଥାବସ୍ତୁ ଥିଲା। ସଞ୍ଚାର କଳାରେ ଗୀତ-ନୃତ୍ୟ-ବାଦ୍ୟ ପରିବେଷଣ ସହ କଳାକାରମାନେ ବିଷୟ ଉପଯୋଗୀ ପ୍ରାସଙ୍ଗିକ ଅଭିନୟ କରି ଦର୍ଶକମଣ୍ଡଳୀର ମନ ମୋହି ନେଉଥିଲେ। ଗୀତ-ନୃତ୍ୟ-ବାଦ୍ୟ-ବ୍ୟାଖ୍ୟା-ସଂଳାପ ଉଚ୍ଚାରଣ ଓ ଅଭିନୟରେ ପ୍ରବୀଣ ଏହି ସଞ୍ଚାର କଳାକାରମାନଙ୍କ ପ୍ରତିଭାକୁ ସମ୍ବଳକରି ଧନୁଯାତ୍ରାର ଉଦ୍ୟୋକ୍ତାମାନେ ଧନୁଯାତ୍ରାର ଅଭିନୟ ଦିଗଟିକୁ ବଳିଷ୍ଠ କରିବା ପାଇଁ ଆସ୍ଥା ପ୍ରକଟ କରିବା ପ୍ରାସଙ୍ଗିକ ମନେ ହୁଏ। ବରଗଡ଼ ଧନୁଯାତ୍ରାର ପ୍ରମୁଖ ଚରିତ୍ର ଗୁଡ଼ିକରେ ସଞ୍ଚାର କଳାକାରମାନେ ସଫଳ ଭାବରେ ଅଭିନୟ କରିବା ସହ ଗୌଣ ଚରିତ୍ରମାନଙ୍କୁ ଚଳାଇନେବାର ଦାୟିତ୍ୱ ମଧ୍ୟ ଏହି ସଞ୍ଚାର କଳାକାରମାନେ ତୁଲେଇ ନଉଥିଲେ।

ଉଭୟ ନୃତ୍ୟକଳା ଓ ନାଟ୍ୟକଳାର ଏକ ଅଭିନବ ସମନ୍ୱୟ ସଞ୍ଚାର କଳାରେ ପରିଲକ୍ଷିତ ହୋଇଥାଏ। ବରଗଡ଼ ଧନୁଯାତ୍ରା ସହ ଓତଃପ୍ରୋତ ଭାବରେ ସଂପର୍କିତ ସଞ୍ଚାରକଳାର ଉଦ୍‌ଭବ ବା ଆଦିକାଳ ସଂପର୍କରେ ପୁରାତନ କିମ୍ବଦନ୍ତୀ ସୃଷ୍ଟିକାରୀ ସଞ୍ଚାର କଳାକାରମାନେ ଭିନ୍ନଭିନ୍ନ ମତ ଉପସ୍ଥାପନ କରିଥାନ୍ତି। ତେବେ ଦୁର୍ଲଭ ଦାସ, ମନବୋଧ ଭାଟ, ଅଭିମନ୍ୟୁ ଖମାରୀ ଓ ଗଜପତି ପଶାୟତ ଆଦି ସଞ୍ଚାରକଳାର ପ୍ରଖ୍ୟାତ କଳାକାରମାନଙ୍କ ମତ ଅନୁସାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅବତାର ନେବା ପରେପରେ ଗିନି ଓ ମୃଦଙ୍ଗ ବାଦ୍ୟ ସହିତ ଶ୍ରୀରାଧା-ଶ୍ରୀକୃଷ୍ଣ ପ୍ରେମକଥାର ପବିତ୍ର ମହିମା ଗାନ ଓ ପ୍ରଚାର କରିବା ନିମିତ୍ତ ନାମ-ସଂକୀର୍ତ୍ତନ ମାଧ୍ୟମରେ ଏହି ସଞ୍ଚାର କଳାର ଆରମ୍ଭ ହୋଇଥିଲା। ଏହା ଧର୍ମୀୟ ସଂପ୍ରଦାୟ ସୃଷ୍ଟି କରି ସେହି ସଂପ୍ରଦାୟ ମାଧ୍ୟମରେ ପରିବେଷିତ ହେଉଥିବାରୁ ଏପରି ନାମ ସଂକୀର୍ତ୍ତନକୁ ଓଡ଼ିଶାର ପଶ୍ଚିମାଞ୍ଚଳରେ 'ସଂପ୍ରଦା' ବା 'ସଂପର୍ଦ୍ଦା' କୁହାଯାଏ। ଏକ ବା ଏକାଧିକ ମୃଦଙ୍ଗ ବାଦନକାରୀଙ୍କ ସହ ସଂପର୍ଦ୍ଦା ମଣ୍ଡଳୀରେ ସମବେତ ହୋଇ ଗୋଷ୍ଠୀ ରୂପରେ ସ୍ତ୍ରୀ ଓ ପୁରୁଷମାନେ କରତାଳ ଧରି ଗୀତ ଗାଇବା ପୂର୍ବକ ମଣ୍ଡଳାକାରରେ ମୃଦଙ୍ଗର ତାଳରେ ପାଦପକାଇ ନୃତ୍ୟ କରି

ହରିଙ୍କ ମହିମା ଗାନ କରିବା ହେଉଛି ସଂପର୍ଦ୍ଦାର ବିଶେଷତ୍ୱ। ସଂପର୍ଦ୍ଦାର ଭିନ୍ନ ଏକ ସ୍ୱରୂପ ଭାବରେ 'ଗଉଡ଼ିଆ' ବା 'ଗୌଡ଼ୀୟ କୀର୍ତ୍ତନ'କୁ ଗ୍ରହଣ କରାଯାଇଥାଏ। ରାମାନନ୍ଦ, ଶ୍ୟାମାନନ୍ଦ, ମାଧବାନନ୍ଦ ଓ ନିମାଇଁନନ୍ଦ ନାମକ ଶ୍ରୀଚୈତନ୍ୟଙ୍କ ପ୍ରମୁଖ ଶିଷ୍ୟମାନେ ଓଡ଼ିଶାରେ ଏହି ନାମ ସଂକୀର୍ତ୍ତନର ପ୍ରଚାର ପ୍ରସାରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଚାରିଜଣ ଶିଷ୍ୟମାନଙ୍କ ମଧ୍ୟରୁ ମାଧବାନନ୍ଦଙ୍କୁ ସଞ୍ଚାରବାଦ୍ୟର ଆଦିସ୍ରଷ୍ଟା ଭାବରେ ଗ୍ରହଣ କରାଯାଇଥାଏ। ମାଧବାନନ୍ଦଙ୍କ ଦୁଇଜଣ ଶିଷ୍ୟ ହରି ଓ ଗୌରୀ ପ୍ରଥମ ଅବସ୍ଥାରେ ମାୟାଧର ସେଠ, ଶମ୍ଭୁ ପଶାୟତ ଓ ମାଧବ ବେହେରାଙ୍କ ପରି ମୃଦଙ୍ଗ ବାଦ୍ୟ ବାଦନରେ ପାରଙ୍ଗମ ତିନିଜଣ ପ୍ରସିଦ୍ଧ ମୃଦଙ୍ଗବାଦକଙ୍କୁ ସଞ୍ଚାର ନୃତ୍ୟକଳା ଶିକ୍ଷା ଦେଇଥିଲେ। ଉତ୍ତରାଧିକାରୀ ସୂତ୍ରରେ ଗୁରୁ-ଶିଷ୍ୟ ପରମ୍ପରାନୁଯାୟୀ ମାୟାଧର ସେଠ(ଖରମୁଣ୍ଡା, ବିଜେପୁର) ତାଙ୍କ କନ୍ୟାଙ୍କୁ ଏହି ନୃତ୍ୟକଳା ଶିକ୍ଷା ଦେଇଥିଲେ। ତାଙ୍କ କନ୍ୟାଙ୍କ ଠାରୁ ବିଦ୍ୟାଧର ମାଝି, ନାରୁ ଓ ଛବିଳ ଆଦି ପରବର୍ତ୍ତୀ ପୀଢ଼ିର କଳାକାରମାନେ ଏହି ନୃତ୍ୟକଳାକୁ ବିକଶିତ କରି ତା'ର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ମାୟାଧର ସେଠଙ୍କ ସଞ୍ଚାର ପରିବେଷଣ ଶୈଳୀ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗ୍ରାମର ଖ୍ୟାତନାମା ସଞ୍ଚାର କଳାକାର ବାବାଜୀ ଶତପଥିଙ୍କ ସଞ୍ଚାର ପରିବେଷଣରେ ପ୍ରତିଫଳିତ ହେବାର ଲକ୍ଷ୍ୟ କରାଯାଉଥିଲା। ସେହି ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଗଁଠିଆପାଲି ଗ୍ରାମର ଶମ୍ଭୁ ପଶାୟତ, ବଂଶୀଧର ପଶାୟତଙ୍କ ଠାରୁ ଗଜପତି ପଶାୟତ ଏବଂ ତାଙ୍କ ପୁତ୍ର ସଂପ୍ରତି (୨୦୨୫) ସଞ୍ଚାର ମଣ୍ଡଳୀରେ ସକ୍ରିୟ ଭାବରେ କଳା ପ୍ରଦର୍ଶନ କରୁଥିବା ବାସୁଦେବ ପଶାୟତ ଉତ୍ତରାଧିକାରୀ ସୂତ୍ରରେ ପୁରୁଷାନୁକ୍ରମେ ଗୁରୁଶିଷ୍ୟ ପରଂପରାନୁସାରେ ଏହି କଳା ପ୍ରଦର୍ଶନ କରିଆସୁଛନ୍ତି। ଶମ୍ଭୁ ପଶାୟତଙ୍କ ସଞ୍ଚାର ପରିବେଷଣ ଶୈଳୀ ଏବେ ମଧ୍ୟ ମୌଳିକ ରୂପରେ ବାସୁଦେବ ପଶାୟତଙ୍କ ମୃଦଙ୍ଗ ବାଦନ, ପଦଚାଳନା, ନୃତ୍ୟଭଙ୍ଗି ଓ ଗାୟକୀରେ ଦେଖିବାକୁ ମିଳେ। ବରଗଡ଼ ଜିଲ୍ଲା ଅନ୍ତର୍ଗତ ସୋହେଲା ବ୍ଲକ ଅଧୀନସ୍ଥ ତବଡ଼ା ଗ୍ରାମର ପ୍ରସିଦ୍ଧ ସଞ୍ଚାରଶିଳ୍ପୀ ମାଧବ ବେହେରାଙ୍କ ସଞ୍ଚାର ପରିବେଷଣ ଶୈଳୀ ପୁରୁଷାନୁକ୍ରମେ ଉତ୍ତରାଧିକାରୀ ସୂତ୍ରରେ ସେହି ପରିବାରର ଦୟାନିଧି ବେହେରା, ତାଙ୍କ ପରେ ଉପେନ୍ଦ୍ର ବେହେରା ଓ ଉପେନ୍ଦ୍ରଙ୍କ ପରେ ଏବେ (୨୦୨୫) ସକ୍ରିୟ କଳାକାର ଅଚ୍ୟୁତ ବେହେରା ଅକ୍ଷତ ଭାବରେ ବଞ୍ଚାଇ ରଖିଛନ୍ତି। ମାୟାଧର - ଶମ୍ଭୁ- ମାଧବ କଳାକାର ତ୍ରୟ ତାଙ୍କ ଭିନ୍ନଭିନ୍ନ ଶୈଳୀ ବା ସଂଗୀତର ଭାଷାରେ 'ଘରାନା' ସୃଷ୍ଟି କରିଯାଇଛନ୍ତି। ସେମାନେ ତାଙ୍କ ନାମ ନୁହେଁ, ବରଂ ଜାତିର ନାମ ଅନୁସାରେ 'ଧୁବା-ଭଁଡ଼ାରି-ତିଅର୍' ଭାବରେ ଶ୍ରଦ୍ଧାରେ ସଞ୍ଚାରପ୍ରେମୀ ଦର୍ଶକ ମହଲରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଏମାନଙ୍କ ବ୍ୟତୀତ ସଞ୍ଚାର କଳାରେ ପଶ୍ଚିମ ଓଡ଼ିଶାର ଅଞ୍ଚଳ ଭେଦରେ ବା ସ୍ଥଳବିଶେଷରେ ପ୍ରସିଦ୍ଧ ସଞ୍ଚାର କଳାକାରମାନଙ୍କ ଦ୍ୱାରା ଭିନ୍ନଭିନ୍ନ ନୃତ୍ୟନାଟଶୈଳୀ ବା 'ଘରାନା' ସବୁ ସୃଷ୍ଟି ହୋଇଅଛି। ତନ୍ମଧ୍ୟରୁ ପ୍ରଖ୍ୟାତ କଳାକାର ନୀଳମଣି ସେଟ୍ (କୈବର୍ତ୍ତ ବା କେଉଁଟ)ଙ୍କୁ ତାଙ୍କ ପିତା କହ୍ନେଇ ସଞ୍ଚାର କଳା ଶିକ୍ଷା ଦେଇଥିଲେ। ସଞ୍ଚାର ଜଗତରେ ସ୍ୱନାମଧନ୍ୟ ନୀଳମଣିଙ୍କ ଦୁଇଜଣ ଶିଷ୍ୟ ହେଉଛନ୍ତି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅଧୀନସ୍ଥ ଖୁଁଟି ଚକ୍‌ଲିର ମନବୋଧ ଭାଟ ଓ ଅଭିମନ୍ୟୁ ଖମାରୀ, ଯିଏ କି କଳାକାର ମହଲରେ 'ଅଭି ଡୁମାଲ୍' ଭାବରେ ପରିଚିତ। ମନବୋଧ ଭାଟଙ୍କ ଶିଷ୍ୟ ଭାବରେ ବରଗଡ଼ ନିକଟସ୍ଥ ବରାହଗୋଡ଼ା ଗ୍ରାମର ବିପିନ୍ ସେଟ୍ (ବିପିନ୍ କେଉଁଟ୍) ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ। ମନବୋଧ ଭାଟ, ଅଭିମନ୍ୟୁ ଖମାରୀ ଓ ବିପିନ୍ ସେଟ୍ ନୀଳମଣି ସେଟ୍‌ଙ୍କ ଶୈଳୀକୁ ଅବିକଳ ରୂପରେ ମଣ୍ଡଳୀରେ ପରିବେଷଣ କରିବାର ଦକ୍ଷତା ଓ ଯୋଗ୍ୟତା ରଖିଥିଲେ। ଅନୁରୂପ ଭାବରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଭଡ଼ିଗାଁର ଦୁର୍ଲଭ ଦାସ ତଥା ଅନ୍ୟାନ୍ୟ କଳାକାର ଯଥା-ପର୍ଶୁରାମ ଝରା, ଚୈତନ୍ୟ ମାହାର, ଅଏବନ୍ ସହଁରା, ରୁଦ୍ର କେଉଁଟ ଆଦି ସଞ୍ଚାରକଳା ଜଗତର ପ୍ରାତଃସ୍ମରଣୀୟ ଅମର ସାଧକମାନେ ସଞ୍ଚାରକଳାର ଭିନ୍ନଭିନ୍ନ ଶୈଳୀ, ଭିନ୍ନଭିନ୍ନ ପରଂପରା ବା ଘରାନାରୁ ସୃଷ୍ଟି ହୋଇ ନିଜସ୍ୱ ଘରାନାର ମୌଳିକତା ରକ୍ଷା ପୂର୍ବକ ଜୀବନବ୍ୟାପୀ କଳା ପରିବେଷଣ କରି ନିଜପାଇଁ ସ୍ୱତନ୍ତ୍ର ସ୍ଥାନ ଓ ପରିଚିତି ସୃଷ୍ଟି କରି ଯାଇଛନ୍ତି। ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓ ଏକବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ସଂଚାର ମଣ୍ଡଳୀରେ ସକ୍ରିୟ ଭାବରେ କଳା ପରିବେଷଣ କରିଆସିଥିବା ପ୍ରତିଭାଶାଳୀ କଳାକାରମାନଙ୍କ ମଧ୍ୟରେ ରହିଛନ୍ତି ସାଁପଲହର (ସମ୍ବଲପୁର)ର ଦୁଃଖନାଶନ ବେହେରା, ତାଲମେଣ୍ଡା (ଭେଡ଼େନ)ର ଅଲେଖ ସାହୁ, ମହଦା (ଭଟଲି)ର କ୍ଷମାନିଧି ସାହୁ, ଶଁକରା

(ଛତିଶଗଡ଼)ର ବୈକୁଣ୍ଠ ଦିୱାନ (ଦୁଆନ୍), ତିନ୍‌ମିନି (ଛତିଶଗଡ଼)ର ସୁନ୍ଦରମତୀ ସେଠ୍, ଝରାପାଲି (ଭେଡ଼େନ)ର ବିରଞ୍ଚି ମାଝି, ବଂଜାରୀ (ସୋହେଲା)ର ରାଧାକାନ୍ତି ବାରିକ (ରାଧାତୁରୀ), ପରମାନପୁର (ସମ୍ବଲପୁର)ର ଚନ୍ଦ୍ରମା ବାଗ, ଜହ୍ନାପଡ଼ା (ଅତାବିରା)ର ବିଶାଖା ରଣା, ରୂପାପାଲି (ଭେଡ଼େନ)ର ପାର୍ବତୀ ଦାସ, ବାଗ୍‌ମୁଡ଼ା (ଝାରସୁଗୁଡ଼ା)ର ପଞ୍ଚୁଲାଲ ବିଶ୍ୱାଳ, ମୁହୁଦି (ଝାରସୁଗୁଡ଼ା)ର ବିକଳ ସାହୁ, ସୁନାରୀ (ଝାରସୁଗୁଡ଼ା)ର କିଶୋର ଶତପଥି ଓ ଆହୁରି ଅନେକ ଜଣା ଅଜଣା କଳାକାରମାନେ ।

ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ ସଞ୍ଚାର ମଣ୍ଡଳୀରେ ବିଜେ କରିଥାନ୍ତି ବୋଲି ସଞ୍ଚାର କଳାକାରମାନେ ବିଶ୍ୱାସ କରନ୍ତି । ତେଣୁ ସେହି ପବିତ୍ର ସଞ୍ଚାର ମଣ୍ଡଳୀରେ କାର୍ଯ୍ୟକ୍ରମ ଆରମ୍ଭଦିନ ବିଧିବଦ୍ଧ ଭାବରେ ପୂଜାପାଠ କରାଯାଇଥାଏ । ଶ୍ରୀରାଧା-ଶ୍ରୀକୃଷ୍ଣଙ୍କ ସହ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ତତ୍‌ସହ ସଞ୍ଚାରକଳାର ମୂଳବାଦ୍ୟ ମୃଦଙ୍ଗକୁ ମଧ୍ୟ ବିଧିମତେ ପୂଜା କରାଯାଏ । ବରଗଡ଼ ଧନୁଯାତ୍ରାରେ ସଞ୍ଚାରକଳାର ସ୍ଥାନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହିକଳା ପରିବେଷଣ ପାଇଁ ବରଗଡ଼ ହାଟପଦାରେ ଏକ ଖୋଲା ସ୍ଥାନରେ ସାଜସଜ୍ଜା କରି ସଞ୍ଚାର ମଣ୍ଡଳୀ ତିଆରି କରାଯାଏ । ଅନେକ ଲୋକ ବସି ସଞ୍ଚାର ଦେଖିପାରିବା ଭଳି ବ୍ୟବସ୍ଥା ରହିଥାଏ । ଆଗକାଳରେ ଅଞ୍ଚଳରେ ବହୁତ ଜାମୁଗଛ ଥିବାରୁ ଜାମୁଡ଼ାଳ ଆଚ୍ଛାଦନ କରି ଛାମୁଣ୍ଡିଆ ତିଆରି କରାଯାଉଥିଲା ଓ ବିଭିନ୍ନ କିସମର ରଙ୍ଗୀନ୍ ଜରି କାଗଜରେ ଭଳିକିଭଳି ଝାଲେର୍ ତିଆରି କରି ମଣ୍ଡଳୀକୁ ସୁଶୋଭିତ କରାଯାଉଥିଲା । ଚାରିଆଡ଼େ ଆମ୍ବତୋରଣ ଓ ଫୁଲମାଳ ମଧ୍ୟ ଲଗାଯାଉଥିଲା । ବର୍ତ୍ତମାନ ସମୟରେ ଜାମୁଗଛ ଡାଳ ସୁଲଭ ନ ଥିବାରୁ ଟେଣ୍ଟହାଉସ୍ ଦ୍ୱାରା ବିଭିନ୍ନ ରଙ୍ଗୀନ୍ କପଡ଼ାରେ ସଞ୍ଚାର ମଣ୍ଡଳୀର ସାଜସଜ୍ଜା କରାଯାଉଛି । ଡିସେମ୍ବର-ଜାନୁଆରୀ ମାସର ପ୍ରଚଣ୍ଡ ଶୀତରେ ମଧ୍ୟ ସଞ୍ଚାରପ୍ରେମୀ ଜନସାଧାରଣ ପାଛୁଡ଼ା-କମ୍ବଳ ଘୋଡ଼େଇ ହୋଇ ଏବେ ମଧ୍ୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସଞ୍ଚାର କଳାକୁ ଉପଭୋଗ କରିଥାନ୍ତି । ଧନୁଯାତ୍ରା ଆୟୋଜନର ପ୍ରାୟ ମାସେ ଆଗରୁ ପ୍ରତିବର୍ଷ ଶୁଭଲଗ୍ନ ଦେଖି, ତିଥିବାର ନିର୍ଦ୍ଧାରଣ କରି ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀର କେନ୍ଦ୍ରସ୍ଥଳରେ, ଆୟୋଜନ କମିଟୀର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପୂଜାପାଠ ସହ 'ଶୁଭସ୍ତମ୍ଭ' ସ୍ଥାପନ କରାଯାଏ । ପ୍ରତ୍ୟହ ସନ୍ଧ୍ୟାକାଳରେ ଦୂରଦୂରାନ୍ତରୁ ଆଗତ ସଞ୍ଚାର କଳାକାରମାନେ ମଣ୍ଡଳୀ ପୂଜା କରିବା ପରେ ସେହି ଦିନର ସଞ୍ଚାର କାର୍ଯ୍ୟକ୍ରମ ଆରମ୍ଭ କରିଥାନ୍ତି ।

ସଞ୍ଚାରକଳା ଯଦିଓ କୌଣସି ଉତ୍ସବ-ଅନୁଷ୍ଠାନ, ଯାନିଯାତ୍ରା, ପର୍ବପର୍ବାଣିକୁ ଉପଲକ୍ଷ୍ୟ କରି ପରିବେଷିତ ହୋଇଥାଏ, ତଥାପି ଆବଶ୍ୟକତା ଅନୁସାରେ ଯେ କୌଣସି ଋତୁରେ ବା ବର୍ଷର ଯେ କୌଣସି ସମୟରେ ଏହା ପରିବେଷଣ କରିବାରେ ଶାସ୍ତ୍ରୀୟ କଟକଣା କିଛି ନ ଥାଏ । ଏକ ବିଶାଳ ପ୍ରାନ୍ତରରେ ବା ପ୍ରଶସ୍ତ ଗାଁ ଦାଣ୍ଡରେ ଜାମୁଡ଼ାଳର ଛାମୁଣ୍ଡିଆ କରି ବା ଖୋଲାଆକାଶ ତଳେ ମଣ୍ଡଳାକାରରେ ସଞ୍ଚାର ମଣ୍ଡଳୀ ତିଆରି କରାଯାଏ । ମଣ୍ଡଳୀର ଚାରିଆଡ଼େ ଦର୍ଶକମାନେ ବସନ୍ତି । ରାତ୍ରିର ଜହ୍ନ ଆଲୁଅରେ ସଞ୍ଚାର କଳା ପରିବେଷଣ କରାଯାଇପାରେ ବା ଗୋଟାଏ ଦୁଇଟି ପେଟ୍ରୋମେକ୍ସ ଲାଇଟ୍ ଜାଳି ସାମାନ୍ୟ ଆଲୋକରେ ଅନ୍ଧାରରାତିରେ ମଧ୍ୟ ଏହି କଳାର ପ୍ରଦର୍ଶନ ସମ୍ଭବପର ହୋଇଥାଏ । ପ୍ରତ୍ୟେକ ସଞ୍ଚାର କାର୍ଯ୍ୟକ୍ରମରେ ଏକାଧିକ କଳାକାର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାକୁ ଥିବାରୁ ବେଳେବେଳେ ଦର୍ଶକଙ୍କ ପସନ୍ଦ ମୁତାବକ ସଞ୍ଚାର କଳାକାରମାନଙ୍କୁ କାର୍ଯ୍ୟକ୍ରମର ଉଦ୍ୟୋକ୍ତାମାନେ ପ୍ରଥମେ ସଞ୍ଚାରମଣ୍ଡଳୀକୁ ଓହ୍ଲାଇବାର ବ୍ୟବସ୍ଥା କରିଥାନ୍ତି । ମଣ୍ଡଳୀ ପ୍ରବେଶ କରିବାକୁ ଥିବା ବାହାକ୍ (ବାୟକ) ଧୋତି ଓ ଗଂଜିର ମିଳନସ୍ଥଳ ଅଣ୍ଟାରେ ଗାମୁଛା ଭଲ ଭାବରେ ଭିଡ଼ୁ ଭିଡ଼ୁ ଛିଡ଼ା ହୁଅନ୍ତି ଓ କାନ୍ଧରେ ମୃଦଙ୍ଗ ପକାଇ ଧାୟାଁ ଓ ବାୟାଁ ଦି' ପଟକୁ ଆଉଁସି ଦିଅନ୍ତି । ଧିରେଧିରେ ମୃଦଙ୍ଗ ଦୁଇପଟେ ମୃଦୁ ଆଘାତ କରି ବାଦନ କରିବସନ୍ତି । ଏହି ସମୟରେ ତାଙ୍କ ପାଳିଆ ବା ବାୟାମନମାନେ ତାଙ୍କ ଦୁଇପାଦରେ ଦୃଢ଼ କରି ଘୁଙ୍ଗୁର ବାନ୍ଧି ଦିଅନ୍ତି । ଘୁଙ୍ଗୁର ବନ୍ଧା ସରିବା ପରେ ସଞ୍ଚାର ବାୟକ ଡାହାଣପାଦ ଆଗକୁ ବଢ଼ାଇ ଧିରପଦରେ ସଞ୍ଚାର ମଣ୍ଡଳୀ ଭିତରକୁ ପ୍ରବେଶ କରନ୍ତି, ରାଗ ଟେକନ୍ତି ବା ଆଳାପ କରନ୍ତି ଓ ମୃଦଙ୍ଗ ବାଦନ କରି ବୃତ୍ତାକାର ସଞ୍ଚାର ମଣ୍ଡଳୀର ଚାରିପଟେ ବୁଲନ୍ତି । ମୃଦଙ୍ଗର ଉତ୍ପନ୍ନ ଶବ୍ଦକୁ ମୁହଁରେ 'ବୋଲ୍' ଆକାରରେ ଉଚ୍ଚାରଣ କରିଥାନ୍ତି । 'ବାଣୀ, ଯାହା କହିବ, ପାଣି ତାହା କହିବ' ନ୍ୟାୟରେ ମୁହଁରେ 'ବୋଲ୍' ହାକି ସେହି 'ବୋଲ୍'କୁ 'ପାଣି' ବା ହାତରେ ମୃଦଙ୍ଗରେ ବାଡ଼େଇ ସେପରି ଅବିକଳ ଧ୍ୱନି ଉତ୍ପନ୍ନ କରିଥାନ୍ତି । ଯଥା - ଝନତାକ ଧୈୟା... ଝନତାକ ଧୈୟା...

ବୋଲତା ମୃଦଙ୍ଗ... ଗୋବିନ୍ଦ... ଗୋପାଳ... ଗୋବିନ୍ଦ... ଗୋପାଳ...ରାଧେକୃଷ୍ଣ... ଚୈତନ୍ୟ... ନିତ୍ୟାନନ୍ଦ... ଇତ୍ୟାଦି। ଯେଉଁ ବାୟକର କଥା ବା ନିର୍ଦ୍ଦେଶ ଅନୁସାରେ ମୃଦଙ୍ଗ ଯେତେ ଭଲ ଓ ସ୍ପଷ୍ଟ ଭାବରେ ବୋଲ ମାନୁଛି ଓ ଧ୍ୱନି ସୃଷ୍ଟି କରୁଛି, ସେ କଳାକାର ସେତେ ଉଚ୍ଚକୋଟୀର ଓ ଦକ୍ଷ ବୋଲି ଦର୍ଶକମଣ୍ଡଳୀରେ ପରିଗଣିତ ହୋଇଥାନ୍ତି ଓ ତଦନୁସାରେ ପ୍ରଶଂସା ମଧ୍ୟ ପାଇଥାନ୍ତି। କିଛିସମୟ ବାୟକ ମୃଦଙ୍ଗ ବାଦନ ସହ ମଣ୍ଡଳୀରେ ପଦଚାରଣ ଓ ପଦଚାଳନା କରିବା ସହ ପାଳିଆ ବା ବାୟାମନମାନଙ୍କ ସହ ପ୍ରାରମ୍ଭିକ କଥୋପକଥନ କରିବା ପରେ ପାଳିଆମାନେ ମଧ୍ୟ ନିଜ ନିଜ ଅଣ୍ଟାରେ ଗାମୁଛା ଓ ପାଦରେ ଘୁଙ୍ଗୁର ବାନ୍ଧି ମଣ୍ଡଳୀକୁ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହୁଅନ୍ତି। ପ୍ରାରମ୍ଭିକ ଆଳାପ, ଗୁରୁବନ୍ଦନା, ଆଦିଘାତ ସହ ବାୟକ ଓ ବାୟାମନମାନଙ୍କ ମଧ୍ୟରେ ମୃଦୁ ହାସ୍ୟବ୍ୟଙ୍ଗ ଭରା ଆମୋଦଦାୟକ ଲଘୁ କଥାବାର୍ତ୍ତା ପରେ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ବିଷୟ ପ୍ରସଙ୍ଗ ଆଧାରିତ ସଞ୍ଚାର ନାଟ୍ୟ ଆରମ୍ଭ ହୁଏ। ନାନା ପ୍ରକାର ରାଗରାଗିଣୀ ଆଧାରିତ ବିଭିନ୍ନ ଶାସ୍ତ୍ରରୁ ଉଦ୍ଧାର କରାଯାଇଥିବା ଗୀତ, ଭଜନ, ଜଣାଣ, ଛାନ୍ଦ, ଚଉତିଶା, ଓଡ଼ିଶୀ ଇତ୍ୟାଦି ସଞ୍ଚାରରେ ପରିବେଷଣ କରାଯାଇଥାଏ। ବିଭିନ୍ନ ଶାସ୍ତ୍ରପୁରାଣରୁ, ସାହିତ୍ୟରୁ ବିଦ୍ୱାନ୍, ଜ୍ଞାନୀ, ଗୁଣୀ, ପଣ୍ଡିତମାନଙ୍କ ପାଇଁ ସଞ୍ଚାରରେ ତତ୍ତ୍ୱ ଆଧାରିତ ଦାର୍ଶନିକ ବିଷୟବସ୍ତୁ ରହିଥିବାବେଳେ ପାଠଶାଠ ପଢ଼ି ନ ଥିବା ବା ଅଳ୍ପଶିକ୍ଷାପ୍ରାପ୍ତ ସାଧାରଣ ଦର୍ଶକମାନଙ୍କ ପାଇଁ ସ୍ଥାନୀୟ ଆଞ୍ଚଳିକ ସମ୍ବଲପୁରୀ ଭାଷା ଓ ଛତିଶ୍‌ଗଡ଼ି ଭାଷାରେ ମନୋରଞ୍ଜନ ଧର୍ମୀ ଲୋକସଙ୍ଗୀତ ଓ ଲୋକଗୀତ ପରିବେଷଣ କରାଯାଇଥାଏ। ମଝିରେ ମଝିରେ ଗମ୍ଭୀର ବିଷୟ ଅବତାରଣା ଦ୍ୱାରା ବାତାବରଣ ଗମ୍ଭୀର ହେଲେ ତା'କୁ ଲଘୁ କରିବା ପାଇଁ ଉଭୟ ଗୀତ ଓ ସଂଳାପ ମାଧ୍ୟମରେ ହାସ-ପରିହାସଧର୍ମୀ ଫାର୍ସ ମଧ୍ୟ ଉପସ୍ଥାପନ କରାଯାଇଥାଏ। ମୋଟାମୋଟି ଭାବରେ କହିବାକୁ ଗଲେ ସମାଜର ସବୁ ବର୍ଗର ଓ ସବୁ ବୟସର ପୁରୁଷ ଓ ନାରୀ ଦର୍ଶକଦର୍ଶିକାଙ୍କ ପାଇଁ ମନୋରଂଜନର ଯଥେଷ୍ଟ ଉପାଦାନ ସଞ୍ଚାର କଳାରେ ଭରି ରହିଥାଏ। ଜଣେ କଳାକାର ଏକକାଳୀନ ଘଣ୍ଟେ ବା ଦୁଇଘଣ୍ଟା ପରିବେଷଣ କଳାପରେ ପରବର୍ତ୍ତୀ କଳାକାରଙ୍କ ପାଳି ପଡ଼ିଥାଏ। ପ୍ରତିଯୋଗିତାମୂଳକ ପାଲା ବା ବାଦୀପାଲା ପରି ସଞ୍ଚାର କଳାରେ ମଧ୍ୟ ଜଣେ ବାୟକ ତାଙ୍କ ପ୍ରତିସ୍ପର୍ଦ୍ଧୀ ବାୟକ ବା ପାଳିଆମାନେ ତାଙ୍କ ପ୍ରତିପକ୍ଷ ପାଳିଆମାନଙ୍କ ପ୍ରତି ବ୍ୟଙ୍ଗବିଦ୍ରୂପ, ଟାହିଟାପରା, ଟୀକା-ଟିପ୍‌ପଣୀ କରି ବାଚନିକ ଆକ୍ରମଣ କରିଥାନ୍ତି। ମୁଖ୍ୟତଃ ପ୍ରତିପକ୍ଷଙ୍କ 'ଜାତି' ଓ ଶିକ୍ଷାଗତ ଯୋଗ୍ୟତା ତଥା ସାଧନାକୁ ଦୃଷ୍ଟିରେ ରଖି ତାଙ୍କୁ ନ୍ୟୂନ ଦର୍ଶାଇ ନିରୁତ୍ସାହିତ କରି ପ୍ରତିଯୋଗିତାରେ ପରାଜିତ କରିବାକୁ ପ୍ରୟାସ କରିଥାନ୍ତି। ଦର୍ଶକମାନେ ଏହି ସବୁ ଆମୋଦଦାୟକ ଦୃଶ୍ୟାବଳୀର ଭରପୁର ଆନନ୍ଦ ଉଠାଇଥାନ୍ତି। ସଞ୍ଚାର ମଣ୍ଡଳୀରେ କଳାକାରମାନଙ୍କ ମଧ୍ୟରେ ଯେତେ ବାଦାନୁବାଦ, କଥା କଟାକଟି ହୋଇ ଲଢ଼େଇ ହୋଇଥିଲେ ମଧ୍ୟ ରହଣିସ୍ଥଳରେ ସେମାନେ ହୁଅନ୍ତି ଏକାକାର, ଅତୁଟ ରହିଥାଏ ଭ୍ରାତୃଭାବ, ପାରସ୍ପରିକ ସ୍ନେହ ସୌହାର୍ଦ୍ଦ୍ୟଭାବ।

ସଞ୍ଚାରକଳା ପରିବେଷଣ ପାଇଁ ଧରାବନ୍ଧା ଭାବରେ ସେପରି କିଛି ଉତ୍ସବାନୁଷ୍ଠାନ, ଯାନିଯାତ୍ରା ବା ପର୍ବପର୍ବାଣିକୁ ଅପେକ୍ଷା କରିବାକୁ ପଡ଼େ ନାହିଁ। ଦିବସବ୍ୟାପୀ କର୍ମକ୍ଲାନ୍ତ ଜୀବନକୁ ପୁନର୍ବାର ସତେଜ କରିବାକୁ, ସରସସୁନ୍ଦର କରିବାକୁ ଉଭୟ ଶାସ୍ତ୍ରୀୟ ଓ ଲୋକକଳାର ଏହା ଏକ ସୁନ୍ଦର ସମନ୍ୱୟ, ନୃତ୍ୟନାଟ୍ୟକଳାର ଏକ ଅଭିନବ ଉପସ୍ଥାପନା। ଅବଶ୍ୟ ସଞ୍ଚାରମଣ୍ଡଳୀ ମଝିରେ ଶ୍ରୀରାଧା-ଶ୍ରୀକୃଷ୍ଣଙ୍କୁ ତଥା ଶ୍ରୀଚୈତନ୍ୟଙ୍କୁ ସଞ୍ଚାରକଳାର ଉପାସ୍ୟଦେବ ଭାବରେ ସଂସ୍ଥାପନ କରି ନୃତ୍ୟକଳା ପରିବେଷଣ କରିବାର ପ୍ରତିଷ୍ଠିତ ବିଧି ଓ ପରମ୍ପରା ରହିଆସିଛି। ସଞ୍ଚାର ଏକ ଦୀର୍ଘ ସାଧନା ସାପେକ୍ଷ ନୃତ୍ୟକଳା। ଅଳ୍ପ ବୟସରୁ ଶିଷ୍ୟଭାବରେ ଗୁରୁଗୃହରେ ଅବସ୍ଥାନ ପୂର୍ବକ ଗୁରୁଙ୍କ ଠାରୁ ନିଷ୍ଠାପୂର୍ବକ ଗୀତ-ନୃତ୍ୟ-ବାଦ୍ୟ ଆଦି ଶିକ୍ଷା ଓ ସାଧନା କରିବାକୁ ହୋଇଥାଏ। ଏହି ସାଧନା ଦୀର୍ଘ ବର୍ଷବର୍ଷ ଧରି ଏକ ପ୍ରଳମ୍ବିତ ପ୍ରକ୍ରିୟା। ଶହଶହ ବର୍ଷ ଧରି ଗୁରୁ-ଶିଷ୍ୟ ପରଂପରା ଅନୁସାରେ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ଛତିଶଗଡ଼ ଅଞ୍ଚଳରେ ଅଞ୍ଚଳ ଭେଦରେ ସଞ୍ଚାର କଳାର ଭିନ୍ନଭିନ୍ନ ଶୈଳୀ ଏହାର ବୈଚିତ୍ର୍ୟକୁ ପ୍ରତିପାଦିତ କରିସାରିଛି।

ସଞ୍ଚାରକଳା ପରିବେଷଣ କାଳରେ ଏକ ନିର୍ଦ୍ଧାରିତ, ବିଧିସମ୍ମତ ଅନୁକ୍ରମ ଅନୁସରଣ କରାଯାଏ। ଆଦ୍ୟ ପର୍ଯ୍ୟାୟରେ ଆଳାପ, ପରେପରେ ବିଭୁବନ୍ଦନା, ତତ୍‌ପରେ ଗୁରୁବନ୍ଦନା ଓ ଗୁରୁବନ୍ଦନା ପରେ ଶାସ୍ତ୍ରୀୟ ଓ ଲୋକଗୀତ ପରିବେଷଣ କରାଯାଏ। ସଞ୍ଚାର ପରିବେଷଣର ଶେଷ ପର୍ଯ୍ୟାୟରେ

ଦର୍ଶକମଣ୍ଡଳୀର ଅନୁରୋଧକୁ ସମ୍ମାନ ଜଣାଇ କଳାକାରମାନେ ବିଭିନ୍ନ ଶୈଳୀ ଓ ରୁଚିର ଗୀତସଙ୍ଗୀତ ପରିବେଷଣ କରିଥାନ୍ତି । ଜନସାଧାରଣଙ୍କ ମୃଦୁ ମନୋରଞ୍ଜନ ପାଇଁ ଅଭିପ୍ରେତ ହୋଇଥିଲେ ମଧ୍ୟ ସଞ୍ଚାର ନୃତ୍ୟକଳାରେ ଗୀତ, ନୃତ୍ୟ, ବାଦ୍ୟ ଆଦିରେ ଅନେକତ୍ର ଶାସ୍ତ୍ରୀୟ ଉପାଦାନ ବିଦ୍ୟମାନ ଥିବାର ପରିଲକ୍ଷିତ ହୁଏ । ତେବେ ସମାଜର ସବୁବର୍ଗର ଲୋକଙ୍କ ପାଇଁ ନୃତ୍ୟ ନାଟ୍ୟକଳା ବର୍ଷାନୁକ୍ରମେ ପର୍ଯ୍ୟାପ୍ତ ମନୋରଞ୍ଜନ ଯୋଗାଇ ଆସିଛି ।

ଜଣେ ବାହାକ୍ ଓ ଜଣେ, ଦୁଇଜଣ ବା ତିନିଜଣ ପାଳିଆ (ବାୟାମନ)ଙ୍କୁ ନେଇ ସଞ୍ଚାରକଳା ମଣ୍ଡଳୀରେ ପରିବେଷଣ କରାଯାଇଥାଏ । ବାହାକ୍, ବାୟକ ବା ମୃଦଙ୍ଗବାଦକ ହେଉଛନ୍ତି ସଞ୍ଚାରକଳାର ମୁଖ୍ୟଚରିତ୍ର ବା କେନ୍ଦ୍ରବିନ୍ଦୁ । ସେ ଗୀତ ଗାଇ ନାଚିନାଚି ମୃଦଙ୍ଗବାଦନ କରିଥାନ୍ତି ଓ ତାଙ୍କୁ ପାଳିଆମାନେ ଅନୁସରଣ କରିଥାନ୍ତି । ମୃଦଙ୍ଗବାଦକ ବାହାକ ପାଳିଆମାନଙ୍କ ଗୁରୁଭାବରେ ବିବେଚିତ ହୋଇଥାନ୍ତି । ବାହାକ୍ ଶାସ୍ତ୍ରୀୟ-ଅର୍ଦ୍ଧଶାସ୍ତ୍ରୀୟ, ଲଘୁସଂଗୀତ ତଥା ପାରଂପରିକ ଲୋକଗୀତ ଓ ସଂଗୀତକୁ ସଞ୍ଚାର ଢାଞ୍ଚାରେ ପରିବେଷଣ କରିବାରେ ପାରଦର୍ଶିତା ଅର୍ଜନ କରିଥାନ୍ତି । ବାହାକ୍ ସୁମଧୁର କଣ୍ଠରେ ଗୀତଗାଇ ମୃଦଙ୍ଗ ବଜାଇ ନୃତ୍ୟ କରିବାବେଳେ ପାଳିଆମାନେ ବାହାକ୍ ଗାଇଥିବା ଗୀତର ଘୋଷାକୁ ପୁନରାବୃତ୍ତି କରି ପାଳିଆ ଧରିଥାନ୍ତି ଓ କରତାଳ ଦେଇ ବାହାକଙ୍କ ପାଦର ଛନ୍ଦରେ ତାଳ ମିଳାଇ ନାଚିଥାନ୍ତି । ମଝିରେ ମଝିରେ ହାସ୍ୟରସାତ୍ମକ ପ୍ରସଙ୍ଗ ଉପସ୍ଥାପନ କରି ଗୀତ ଓ ବ୍ୟାଖ୍ୟା କରି ବିଭିନ୍ନ ପ୍ରସଙ୍ଗକୁ ବୁଝାଇଥାନ୍ତି । ଆବଶ୍ୟକ ହେଲେ ଭିନ୍ନଭିନ୍ନ ଚରିତ୍ରରେ ଅଭିନୟ କରି ପ୍ରସଙ୍ଗକୁ ଦର୍ଶକଙ୍କ ଆଗରେ ପ୍ରାଞ୍ଜଳ ଭାବରେ ଉପସ୍ଥାପିତ କରି ଆମୋଦିତ କରିଥାନ୍ତି । ସ୍ଥଳ ବିଶେଷରେ ପାଳିଆ ବା ବାୟାମନମାନଙ୍କ ସ୍ଥାନରେ କେହି କେହି ବିଚକ୍ଷଣ ଗାହାକ ନିଜ ପାଳିଆମାନଙ୍କୁ ଧରି କରତାଳ ନେଇ ଆସିଥାନ୍ତି । ଏହିପରି ପରିସ୍ଥିତିରେ ଗାହାକ, ବାହାକର ପ୍ରତିପକ୍ଷ ଭାବରେ ଉପସ୍ଥାପିତ ହୋଇଥାନ୍ତି । ଗାହାକ ବିଭିନ୍ନ ରାଗରାଗିଣୀ ଆଧାରିତ ଅନେକ ପ୍ରକାର ଗୀତ ଗାଇବା ପୂର୍ବକ ସେହି ଗୀତମାନଙ୍କୁ ଲକ୍ଷ୍ୟ କରି ଗୀତାନୁସାରୀ ମୃଦଙ୍ଗର ବାଦ୍ୟରେ ତାଳ ଦେବା ପାଇଁ ବାହାକ୍‌କୁ ଆମନ୍ତ୍ରଣ ବା ଆହ୍ୱାନ ଦେଇଥାନ୍ତି । କ୍ରମଶଃ ଗୀତ-ବାଦ୍ୟ-ନୃତ୍ୟ ସଂଗୀତର ଐକ୍ୟତାନ ସୃଷ୍ଟି କରନ୍ତି ଓ ସଞ୍ଚାର କଳା ଦର୍ଶନରେ ଏକୀଭୂତ ଦର୍ଶକମଣ୍ଡଳୀକୁ ଆନନ୍ଦର ଏକ ଅତୀନ୍ଦ୍ରିୟ ସ୍ତରକୁ ନେଇଯିବାକୁ ସକ୍ଷମ ହୋଇଥାନ୍ତି ।

ସଞ୍ଚାରକଳାରେ ନାରୀ-ପୁରୁଷ ନିର୍ବିଶେଷରେ ସମସ୍ତେ କଳାସାଧନାର ଅଂଶବିଶେଷ ହୋଇପାରିବେ । ଏହି କଳାରେ କଳାକାରମାନଙ୍କ ବେଶପୋଷାକ ଓ ଆୟ-ଅଳଙ୍କାର ପରିଧାନ ମଧ୍ୟ ଭିନ୍ନ ଧରଣର ହୋଇଥାଏ । ମୃଦଙ୍ଗ ଧାରଣ କରି ମଣ୍ଡଳୀରେ ମୁକ୍ତଭାବରେ ବିଚରଣ କରି ଯେମିତି ସ୍ୱଚ୍ଛନ୍ଦରେ ନୃତ୍ୟ କରିହେବ, ତାହାକୁ ଦୃଷ୍ଟିରେ ରଖି ପୁରୁଷ ବାହାକ୍‌ମାନେ ଏକ ନିର୍ଦ୍ଧାରିତ ଶୈଳୀରେ ଧୋତି ପରିଧାନ କରିଥାନ୍ତି । ରଙ୍ଗବେରଙ୍ଗର ଜରିକାମ ହୋଇଥିବା ଓ ଫୁଲ ପଡ଼ିଥିବା ହାତ ନ ଥିବା କୁର୍ତ୍ତାସବୁ ମଧ୍ୟ ପିନ୍ଧିଥାନ୍ତି । କେତେକ ପୁରୁଷ ବାହାକ୍ ସାଧାରଣ ସଫେଦ ରଙ୍ଗର ଗଞ୍ଜି ମଧ୍ୟ ପିନ୍ଧନ୍ତି । ଅଣ୍ଟାରେ ଯେଉଁ ଲମ୍ବା ଗାମୁଛାକୁ ଦୁଇଭାଗ କରି ବାନ୍ଧିଥାନ୍ତି ତାହା ଧୋତିର ଗଣ୍ଠିକୁ ଦୀର୍ଘସମୟ ପର୍ଯ୍ୟନ୍ତ ସୁଦୃଢ଼ କରି ରଖିବା ପାଇଁ ସହାୟକ ହୋଇଥାଏ । ନାରୀ କଳାକାରମାନେ ଶାଢ଼ୀ, ବ୍ଲାଉଜ୍ ସହିତ ପୁରୁଷମାନଙ୍କ ପରି ଲମ୍ବା ଗାମୁଛା ଅଣ୍ଟାରେ ସୁଦୃଢ଼ କରି ଭିଡ଼ି ବାନ୍ଧିଥାନ୍ତି । ପୂର୍ବକାଳରେ ଉଭୟ ପୁରୁଷ ଓ ନାରୀ କଳାକାର ନାନା ସୁନାରୂପାର ଅଳଙ୍କାରରେ ବିଭୂଷିତ ହୋଇ ସଞ୍ଚାର ମଣ୍ଡଳୀକୁ ଓହ୍ଲାଉଥିଲେ । ବେକରେ ସୁନାର ହାର, କର୍ଣ୍ଣରେ କର୍ଣ୍ଣଫୁଲ-ଝଲ୍‌କା-କୁଣ୍ଡଳ, ମଣିବନ୍ଧରେ କଙ୍କଣ ଓ ହାତରେ ବାହୁଟି ଆଦି ପିନ୍ଧି ଏବେ ମଧ୍ୟ କେତେକ ସଞ୍ଚାର କଳାକାର କଳା ପରିବେଷଣ କରୁଥିବାର ଲକ୍ଷ୍ୟ କରାଯାଏ । ପୁରୁଷ କଳାକାରମାନେ ଆଗକାଳରେ ଏ ସବୁ ପରିଧାନ ଓ ଅଳଂକାର ସହ ମୁଣ୍ଡରେ ସ୍ୱତନ୍ତ୍ର ଭାବରେ ପକ୍ଷୀ ଚୁଳଯୁକ୍ତ ପଗଡ଼ି ମଧ୍ୟ ବାନ୍ଧୁଥିଲେ ବା ପାଗ ମାରୁଥିଲେ । ପ୍ରଖ୍ୟାତ ସଞ୍ଚାର କଳାକାର ଅଭିମନ୍ୟୁ ଡୁମାଲ (ଖମାରୀ)ଙ୍କୁ ତାଙ୍କ ଡାହାଣ ହସ୍ତରେ ଏକ ସୁନାର ବାହୁଟି ପିନ୍ଧି ନୃତ୍ୟ କରୁଥିବାର ଅନେକ ସଞ୍ଚାର ମଣ୍ଡଳୀରେ ଦେଖିବାକୁ ମିଳୁଥିଲା । ବିରୁଆ ମହାରାଜାଙ୍କ ଠାରୁ ଏହି ସୁବର୍ଣ୍ଣ ବାହୁଟି ସେ ପୁରସ୍କାର ସ୍ୱରୂପ ଲାଭ କରିଥିବାର କୁହାଯାଏ । ସେହିପରି କାଦୋବାହାଲ୍ (ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନସ୍ଥ) ଗ୍ରାମର ଖ୍ୟାତନାମା ମହିଳା ସଞ୍ଚାର କଳାକାର କିଶୋରୀ ମହାରଣାଙ୍କ କଳା ପରିବେଷଣରେ ପ୍ରୀତ ହୋଇ ଛତିଶଗଡ଼ (ତତ୍କାଳୀନ ମଧ୍ୟପ୍ରଦେଶ) ରାଜ୍ୟରେ ଥିବା ତଦାନୀନ୍ତନ ରାୟଗଡ଼ ରାଜା ଚକ୍ରଧର ସିଂହ ଓ ଝଁପା ଅଞ୍ଚଳର

ଅନେକ ପ୍ରଭାବଶାଳୀ ସମ୍ଭ୍ରାନ୍ତ ବ୍ୟକ୍ତି ସମେତ ରାଜା-ମହାରାଜାମାନେ ବହୁମୂଲ୍ୟ ସ୍ୱର୍ଣ୍ଣ ଆଭୂଷଣ ସହ ଅନେକ ପାଟଶାଢ଼ୀ ଦେଇ ତାଙ୍କୁ ସମ୍ମାନିତ କରିଥିବାର ପୁରୁଖା ସଞ୍ଚାର କଳାକାର ଆଶ୍ଚର୍ଯ୍ୟ କ୍ଷମାନିଧି ସାହୁ (ଗ୍ରାମ-ମହଦା, ବ୍ଲକ-ଭଟଲି) ପ୍ରଗଲ୍‌ଭ ଭାବରେ ବର୍ଣ୍ଣନା କରନ୍ତି। ସାଧାରଣତଃ ମହିଳା ସଞ୍ଚାର କଳାକାରମାନେ ସମାଜର ନିମ୍ନବର୍ଗରୁ ପ୍ରତିନିଧିତ୍ୱ କରୁଥିବାରୁ ଦାରିଦ୍ର୍ୟ କାରଣରୁ ତାଙ୍କ ପାଖରେ ଏପରି ବହୁମୂଲ୍ୟ ସ୍ୱର୍ଣ୍ଣାଭୂଷଣ ଦେଖିବାକୁ ମିଳେ ନାହିଁ।

ଶ୍ରୀରାଧା-ଶ୍ରୀକୃଷ୍ଣ ଓ ଶ୍ରୀ ଚୈତନ୍ୟଙ୍କ ସହ ବାଦ୍ୟ ପ୍ରଧାନ ସଞ୍ଚାରକଳାର ମୁଖ୍ୟବାଦ୍ୟ ମୃଦଙ୍ଗକୁ ମଧ୍ୟ ସଞ୍ଚାର ମଣ୍ଡଳୀରେ ବିଧି ଅନୁସାରେ ପୂଜା କରାଯିବାର ପରଂପରା ରହିଆସିଛି। ଏହି ମୃଦଙ୍ଗ ବାଦ୍ୟ କେବଳ ସଞ୍ଚାର କଳାରେ ବ୍ୟବହାର କରାଯାଏ ନାହିଁ, ବରଂ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ବିଭିନ୍ନ ଶାସ୍ତ୍ରୀୟ, ଅର୍ଦ୍ଧଶାସ୍ତ୍ରୀୟ ଓ ଲୋକନୃତ୍ୟମାନଙ୍କରେ ପ୍ରମୁଖ ବାଦ୍ୟ ଭାବରେ ବ୍ୟବହାର କରାଯାଉଥିବାର ଦେଖାଯାଏ। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ଆସାମ ଓ ମଣିପୁର ଆଦି ରାଜ୍ୟମାନଙ୍କରେ ଯେଉଁଠାରେ ବୈଷ୍ଣବ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା, ସେଠାରେ ବୈଷ୍ଣବ ଧର୍ମାବଲମ୍ବୀ ଭକ୍ତମାନେ ଆତ୍ମବିଭୋର୍ ହୋଇ ହରିନାମ ସଂକୀର୍ତ୍ତନ କରିଥାନ୍ତି ଓ ମୃଦଙ୍ଗ ସହ ଗିନି ବଜାଇ ସମବେତ ନୃତ୍ୟ କରିଥାନ୍ତି। ଓଡ଼ିଶାର ସଞ୍ଚାରକଳାରେ ମୃଦଙ୍ଗବାଦ୍ୟର ଯେପରି ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ଶୈଳୀ ରହିଛି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ମଧ୍ୟ ଏକ ବିଶେଷ ଶୈଳୀରେ ମୃଦଙ୍ଗ ବାଦନ କରାଯାଏ। ଦକ୍ଷିଣ ଭାରତୀୟ ଶୈଳୀରେ ଏକକବାଦ୍ୟ ଭାବରେ 'ମୃଦଙ୍ଗମ୍ ବାଦନ' ପରିବେଷିତ ହୋଇଥାଏ। ଭାରତର ବିଭିନ୍ନ ପ୍ରାନ୍ତରେ ନୃତ୍ୟ ସଙ୍ଗୀତରେ ବ୍ୟବହାର କରାଯାଉଥିବା ମୃଦଙ୍ଗସବୁ ଭିନ୍ନଭିନ୍ନ ଆକୃତିରେ ନିର୍ମାଣ କରାଯାଇଥାଏ ଏବଂ ମୃଦଙ୍ଗଗୁଡ଼ିକରୁ ଉତ୍ପନ୍ନ ଧ୍ୱନିରେ ମଧ୍ୟ ଉଲ୍ଲେଖନୀୟ ଭିନ୍ନତା ପରିଲକ୍ଷିତ ହୁଏ। ଓଡ଼ିଶାରେ ମଧ୍ୟ ଗୌଡ଼ୀୟ ପରଂପରାର ନାମ ସଂକୀର୍ତ୍ତନରେ ବ୍ୟବହାର ହେଉଥିବା ମୃଦଙ୍ଗ ଓ ସଞ୍ଚାରକଳାରେ ବ୍ୟବହୃତ ମୃଦଙ୍ଗ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଧାତୁରେ ନିର୍ମିତ ମୃଦଙ୍ଗ, ଯଥା-କଂସା ଓ ପିତ୍ତଳରେ ନିର୍ମିତ ଓ ମାଟିରେ ନିର୍ମିତ ମୃଦଙ୍ଗର ଦୁଇ ଫମ୍ପାପଟକୁ ଗୋରୁ ଚମଡ଼ାର ଆବରଣରେ ଆବୃତ କରାଯାଇଥାଏ। ସଞ୍ଚାରକଳାରେ ବ୍ୟବହାର କରାଯାଉଥିବା ମୃଦଙ୍ଗ ମାଟି ଓ ଚମଡ଼ାରେ ତିଆରି ହୋଇଥାଏ ଓ ଏହା ସଂକୀର୍ତ୍ତନ ମୃଦଙ୍ଗ ପରି ଭାରି ବା ଓଜନିଆଁ ହୋଇ ନ ଥାଏ।

ସଞ୍ଚାରକଳା ହେଉଛି ଗୁରୁ-ଶିଷ୍ୟ ପରଂପରା ଆଶ୍ରିତ ଏକ ଅଭିନବ ଅର୍ଦ୍ଧଶାସ୍ତ୍ରୀୟ ନୃତ୍ୟନାଟ୍ୟକଳା। ଭିନ୍ନଭିନ୍ନ ସଞ୍ଚାରଗୁରୁମାନଙ୍କର ଭିନ୍ନଭିନ୍ନ ଅଭିନବ ଶୈଳୀ (ଘରାନା)ରେ ମୃଦଙ୍ଗ ବାଦନ କରିବା ଓ ତା'ର ତାଳରେ ପଦଚାଳନା, ଅଙ୍ଗଚାଳନା କରି ନୃତ୍ୟ ପରିବେଷଣ କରିବା ଏହି କଳାର ବୈଚିତ୍ର୍ୟକୁ ହିଁ ଦର୍ଶାଇଥାଏ। ଦୀକ୍ଷିତ ଶ୍ରୋତା ବା ଦର୍ଶକ ମୃଦଙ୍ଗ ବାଦନ କରୁଥିବା କଳାକାରଙ୍କୁ ନ ଦେଖି ଆଖିବୁଜି କହିଦେଇପାରନ୍ତି ଯେ କେଉଁ ବାଦ୍ୟ କେଉଁ ପ୍ରଖ୍ୟାତ ସଞ୍ଚାରଶିଳ୍ପୀଙ୍କ ଶୈଳୀ ବା ଘରାନା ସହ ସଂପର୍କିତ। ଯେପରିକି ଗୁସେଇଁର ବାଦ୍ୟ (ଦୁର୍ଲଭ ଦାସ), କେଉଁଟର ବାଦ୍ୟ (ନୀଳମଣି ସେଟ୍), ଧୋବାର ବାଦ୍ୟ (ମାୟାଧର ସେଠ୍), ତିଅର୍‌ର ବାଦ୍ୟ (ମାଧବ ବେହେରା) ବା ଝରାର ବାଦ୍ୟ (ପର୍ଶୁରାମ ଝରା)। ସଞ୍ଚାର ନୃତ୍ୟଶୈଳୀର ବିଭିନ୍ନ ବିଭାଗରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରସିଦ୍ଧ କଳାକାରମାନଙ୍କୁ ଯୋଡ଼ି ଲୋକମାନଙ୍କ ମୁହଁରେ ଏକ ବହୁ ପ୍ରଚଳିତ ଲୋକକଥା ଶୁଣିବାକୁ ମିଳିଥାଏ - "ଚଉଁର୍‌ପୁରିଆର ଚାପ (ଗୋବିନ୍ଦ ପାଣିଗ୍ରାହୀ), ପପଙ୍ଗିଆର୍ ଟିପ (ଧନେଶ୍ୱର ଦାସ), ଦୁର୍ଲଭର ଛବି ଚାଖି (ଦୁର୍ଲଭ ଦାସ), କୁନୁ ମାହାରର୍ ଚକ୍ରନୃତ୍ୟ ଚାଖି ବା ଚକି, ଆଦିର୍ ଘାତ (ଆଦି ସାହୁ), ମୁକ୍ତିର୍ ମାନ (ମୁକ୍ତେଶ୍ୱର ଦାସ), ଝରାର୍ ରସ (ପର୍ଶୁରାମ ଝରା), ମାୟାଧରର୍ ଭାଷା (ମାୟାଧର ସେଠ୍), ନୀଳମଣିର୍ ବେଶ (ନୀଳମଣି ସେଟ୍), ଅନ୍ତମାଝିର୍ ନିର୍ଗୁଣ ସୂତ୍ର (ଅନନ୍ତ ମାଝୀ), ଅଏବନର୍ ଅଁଟା (ଅଏବନ୍ ସହଁରା), ଆରୁ ଭାଟର୍ କଥା (ମନବୋଧ ଭାଟ)।'

ବରଗଡ଼ ଧନୁଯାତ୍ରାରେ ସଞ୍ଚାର କଳା ପରିବେଷଣ କରି ପୁରୁଷ କଳାକାରମାନେ ଯେପରି ପ୍ରସିଦ୍ଧି ଅର୍ଜନ କରିଥିଲେ, ମହିଳା କଳାକାରମାନେ ମଧ୍ୟ କୌଣସି ଗୁଣରେ କମ୍ ବା ପଛରେ ନ ଥିଲେ। ସେହି ଉଲ୍ଲେଖଯୋଗ୍ୟ ମହିଳା କଳାକାରମାନଙ୍କ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇପାରେ। ଏହି ପ୍ରଖ୍ୟାତ ମହିଳା ସଞ୍ଚାର କଳାକାରମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅତାବିରା ବ୍ଲକ କାଦୋବାହାଲ୍ ଗ୍ରାମରେ ଜନ୍ମ

ଗ୍ରହଣ କରିଥିବା କିଶୋରୀ ମହାରଣା ଅନ୍ୟତମ । ତାଙ୍କ ବାପା ଜଣେ ବିଚକ୍ଷଣ ସଞ୍ଚାର ଗାୟକ ଥିଲେ । ଉତ୍ତରାଧିକାରୀ ସୂତ୍ରରେ କିଶୋରୀ ମହାରଣା ମଧ୍ୟ ଜଣେ ସୁଗାୟିକା ଥିଲେ । ସେ ମୃଦଙ୍ଗ ବାଦନ କରୁ ନ ଥିଲେ । ଛତିଶଗଡ଼ ରାଜ୍ୟର ଚଁପା ଅନ୍ତର୍ଗତ ସୁର୍‌ଗୁଜା ଜମିଦାର ଥରଟିଏ କିଶୋରୀମଣିଙ୍କୁ ନିମନ୍ତ୍ରଣ କରିବାକୁ ନିଜେ ଆସି ଭେଡ଼େନ ବ୍ଲକର ଝରାପାଲି ଗ୍ରାମରେ ଶିବିର ପକାଇଥିଲେ । ତାଙ୍କ ନିମନ୍ତ୍ରଣକ୍ରମେ କିଶୋରୀ ମହାରଣା, ବିରଞ୍ଚି ମାଝି (ଝରାପାଲି), ଓ ପୂର୍ଣ୍ଣଚନ୍ଦ୍ର ମେହେର (ଝିଲିମିଣ୍ଡା) ଝାରସୁଗୁଡ଼ା ଷ୍ଟେସନରୁ ରେଳଗାଡ଼ି ଯୋଗେ ସୁର୍‌ଗୁଜା ଯାଇଥିଲେ । ସୁର୍‌ଗୁଜା ଜମିଦାର କିଶୋରୀଙ୍କୁ ସୁନାର ଏକ ବହୁମୂଲ୍ୟ ହାର ଉପହାର ଦେଇଥିଲେ । କିଶୋରୀ ଏହିପରି ଅନେକ ରାଜା-ଜମିଦାରମାନଙ୍କ ଦରବାରରେ ସଞ୍ଚାର କଳା ପରିବେଷଣ କରି ପ୍ରଶଂସାର ପାତ୍ରୀ ହୋଇପାରିଥିଲେ ଓ ଅନେକ ନାମୀଦାମୀ ଉପହାର ସବୁ ଲାଭ କରିପାରିଥିଲେ । କିଶୋରୀ ଗୌରବର୍ଣ୍ଣର ଜନୈକା ଅପୂର୍ବ ସୁନ୍ଦରୀ ମହିଳା ସଞ୍ଚାର କଳାକାର ଥିଲେ । ସେ ମଞ୍ଚକୁ ଓହ୍ଲାଇବା ମାତ୍ରେ ସ୍ୱର୍ଗରୁ ସତେକି ଅପ୍‌ସରାଟିଏ ଓହ୍ଲେଇ ଆସିବାର ଅନୁଭବ କରୁଥିଲେ ଦର୍ଶକମଣ୍ଡଳୀ । ସଞ୍ଚାର ନୃତ୍ୟକଳାର ଚାରିଘାଟି, ଯଥା :- ରାଣୀଘାଟି, ମନ୍ଦାରୁଣୀ ଘାଟି, ବିଷ୍ଣୁପୁରୀ ଘାଟି ଓ ଗରଳ ଘାଟି ମଧ୍ୟରୁ କିଶୋରୀ ଗରଳ ଘାଟିର ତାଳ ପରିବେଷଣରେ ପାରଦର୍ଶିତା ଲାଭ କରିଥିଲେ । ସଞ୍ଚାର କଳାରେ ପରିବେଷଣ କରାଯାଉଥିବା ପ୍ରାୟ ଶହେ ଆଠ (୧୦୮) ପ୍ରକାର ତାଳ ପରିବେଷଣରେ କିଶୋରୀ ନିପୁଣା ଥିଲେ । ସେହିପରି ଅନ୍ୟ ଜଣେ ମହିଳା ସଞ୍ଚାରଶିଳ୍ପୀ ଥିଲେ ବରଗଡ଼ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ ବଂଜାରୀ ଗ୍ରାମର ରାଧାତୁରୀ (ରାଧାକାନ୍ତି ବାରିକ) । ଭଡ଼ିଗାଁର ପ୍ରଖ୍ୟାତ ସଞ୍ଚାରଶିଳ୍ପୀ ଦୁର୍ଲଭ ଦାସଙ୍କ ଶିଷ୍ୟା ରାଧା ଗୀତ-ବାଦ୍ୟ-ନୃତ୍ୟର ସମ୍ମିଶ୍ରଣରେ ସଞ୍ଚାର ପରିବେଷଣ କରି ସଞ୍ଚାର ମଣ୍ଡଳୀର ସମସ୍ତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିପାରୁଥିଲେ । ରାଧା ଗୁରୁଙ୍କ ଶୈଳୀ ଅନୁସରଣ କରିବା ସହ ତାଙ୍କ ନିଜସ୍ୱ ଶୈଳୀରେ ସଞ୍ଚାରକଳା ମାଧ୍ୟମରେ ପୁରାଣର ବିଭିନ୍ନ ବିଷୟବସ୍ତୁ ଉପସ୍ଥାପନ କରୁଥିଲେ । ତାଙ୍କର ସ୍ୱର-ମଧୁରତା ରହିଥିଲା । ରାଧା ନାରୀ ହେଲେ ମଧ୍ୟ ନୃତ୍ୟକଳାରେ ପୁରୁଷସୁଲଭ ଶୈଳୀମାନ ପରିବେଷଣ କରିପାରୁଥିଲେ । ଅନ୍ୟ ଜଣେ ମହିଳା ସଞ୍ଚାରଶିଳ୍ପୀ ହେଲେ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଅର୍ଜୁଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଉଜଲ୍‌ବତୀ ପଣ୍ଡା । ଉଜଲ୍‌ବତୀ ତାଙ୍କ ପିତା, 'ଗଉଁଲିଆ ରାମାୟଣ'ର ପ୍ରଣେତା କପିଳ ମହାପାତ୍ରଙ୍କ ଠାରୁ ସଞ୍ଚାରକଳା ଶିକ୍ଷା ଗ୍ରହଣ କରିଥିଲେ । ଯୋଗ୍ୟପିତାଙ୍କ ସୁଯୋଗ୍ୟ ଉତ୍ତରାଧିକାରିଣୀ ଭାବରେ ସଞ୍ଚାରମଣ୍ଡଳୀରେ ପରିବେଷଣ ପାଇଁ ସେ ମୌଳିକ ଗୀତସବୁ ରଚନା କରୁଥିଲେ । ଭଟଲି ବ୍ଲକ ନୂଆଁପାଲି ଗ୍ରାମରେ ବିବାହ କରିଥିବା ଉଜଲ୍‌ବତୀ ଜଣେ ସୁଗାୟିକା ଥିଲେ । ତାଙ୍କ ଗୀତର ତାଳେତାଳେ ଖ୍ୟାତନାମା ସଞ୍ଚାର କଳାକାରମାନେ (ବାୟକମାନେ), ଯଥା :- ବିରଞ୍ଚି ମାଝି (ଝରାପାଲି), ଗଜପତି ପଶାୟତ (ଗଁଠିଆପାଲି), ପୂର୍ଣ୍ଣଚନ୍ଦ୍ର ମେହେର (ଝିଲିମିଣ୍ଡା), ନିତ୍ୟାନନ୍ଦ ଦାସ (ଭେଡ଼େନ), ବିପିନ୍ ସେଟ୍ (ବରାହଗୋଡ଼ା), ଉପେନ୍ଦ୍ର ବେହେରା (ତବଡ଼ା), ରସିକ ଦାସ (ଭଡ଼ିଗାଁ), ଚତୁର୍ଭୁଜ ମିଶ୍ର (ଜଡ଼ାମୁଡ଼ା, ଭଟଲି), ବିଦ୍ୟାଧର ଭୋଇ (ନଲିଚୁଆଁ, ଭଟଲି), ପୂର୍ଣ୍ଣାନନ୍ଦ ପଟେଲ (ଭେଉଁରିଆ) ଓ ମହାଦେବ ଭୋଇ (କନ୍‌ଗାଁ, ସୋହେଲା) ଆଦି ମୃଦଙ୍ଗ ବାଦନ କରି 'ମାନ୍' ଦେଉଥିଲେ । ଅଷ୍ଟାଦଶ ପୁରାଣ ଚର୍ଚ୍ଚାରେ ଉଜଲ୍‌ବତୀ ପଣ୍ଡା ଅସାମାନ୍ୟ ଦକ୍ଷତା ଅର୍ଜନ କରିଥିଲେ । କୃଷ୍ଣଜନ୍ମ ଠାରୁ କଂସବଧ ପର୍ଯ୍ୟନ୍ତ, ରାମଜନ୍ମ କଥାରୁ ଦେହତ୍ୟାଗ ପର୍ଯ୍ୟନ୍ତ ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିବାର ଅଦ୍ୱିତୀୟ ପ୍ରତିଭାର ଅଧିକାରିଣୀ ଥିଲେ ଉଜଲ୍‌ବତୀ । ଉଜଲ୍‌ବତୀ ସଞ୍ଚାର ମଣ୍ଡଳୀରେ 'ବାରମାସର୍ ତେର ଯାତ୍ରା', 'ଷୋଳକୁଞ୍ଜ' ଆଦି ପ୍ରସଙ୍ଗ ପରିବେଷଣ କରୁଥିଲେ । ତାଙ୍କ ରଚିତ ଜନପ୍ରିୟ ସମ୍ବଲପୁରୀ ଗୀତଗୁଡ଼ିକ ବାୟକ-ଗାୟକମାନେ ସଞ୍ଚାର ମଣ୍ଡଳୀରେ ଗାୟନ କରୁଥିଲେ । ଉଜଲ୍‌ବତୀ ପଣ୍ଡାଙ୍କ ଦ୍ୱାରା ରଚିତ 'ଉଜଲ୍‌ବତୀ ରାମାୟଣ' ପ୍ରଫେସର ହୃଦମଣି ପ୍ରଧାନଙ୍କ ଦ୍ୱାରା ସଂଗ୍ରହ ଓ ସଂପାଦନାରେ ୨୦୧୨ ମସିହାରେ ପ୍ରକାଶିତ ହୋଇଅଛି ।

ବରଗଡ଼ ଜିଲ୍ଲା ଭେଡ଼େନ୍ ଥାନା ଅନ୍ତର୍ଗତ ରୂପାପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଦାସ ହେଉଛନ୍ତି ଝରାପାଲିର ପ୍ରସିଦ୍ଧ ସଞ୍ଚାର ବାୟକ ବିରଞ୍ଚି ମାଝି (ଝରା)ଙ୍କ ଶିଷ୍ୟା । ସୁଲଳିତ କଣ୍ଠରେ ଗୀତ ଗାଇବା, ମୃଦଙ୍ଗ ବାଦନ କରିବା ସହ କାଳିଦାସ, ଭବଭୂତି, ଭର୍ତ୍ତୃହରି, ଚାଣକ୍ୟ ଆଦି ପଣ୍ଡିତଙ୍କ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରି ସଞ୍ଚାର ମଣ୍ଡଳୀର ବିଦ୍ୱାନ୍ ଦର୍ଶକମାନଙ୍କୁ ବିମୋହିତ କରିବା ପାର୍ବତୀଙ୍କ କଳା

ପରିବେଷଣର ଏକ ବିଶେଷତ୍ୱ । ପାର୍ବତୀ ସଞ୍ଚାର ପରିବେଷଣରେ ଯେପରି କୁଶଳୀ, ସଂକୀର୍ତ୍ତନ ଗୀତ ଗାଇବାରେ ମଧ୍ୟ ସେହିପରି ଉସ୍ତାଦ୍ । ତାଙ୍କ ସ୍ୱାମୀ ରାମଚନ୍ଦ୍ର ଦାସ ତାଙ୍କ ପାଳିଆ (ବାୟାମନ) ଭାବରେ ମଣ୍ଡଳୀରେ ଅବତୀର୍ଣ୍ଣ ହୋଇ ପାର୍ବତୀଙ୍କ ମନୋବଳ ବୃଦ୍ଧି କରିବାରେ ଯଥେଷ୍ଟ ସହାୟକ ହୋଇଛନ୍ତି । ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନସ୍ଥ ଜହ୍ନାପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଶାଖା ରଣା ତାଙ୍କ ପିତା ଗଣେଶ ରଣା ଓ ଗୁରୁ ବିରଞ୍ଚି ମାଝି (ଝରା)ଙ୍କ ଠାରୁ ସଞ୍ଚାର କଳା ଶିକ୍ଷା କରିଥିଲେ । କିଶୋରୀ ବୟସରୁ ମଣ୍ଡଳୀକୁ ଓହ୍ଲାଇଥିବା ଓ ଆନୁଷ୍ଠାନିକ ଭାବରେ ଅଳ୍ପ ପାଠପଢ଼ିଥିବା ସତ୍ତ୍ୱେ ଗୀତ-ବାଦ୍ୟ-ନୃତ୍ୟ ପରିବେଷଣ ସହ ଶାସ୍ତ୍ରଚର୍ଚ୍ଚା କରିବା ଥିଲା ତାଙ୍କର ବିଶେଷତ୍ୱ । ଭୁବନେଶ୍ୱର, ପୁରୀ, କଟକ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ସଞ୍ଚାର ପରିବେଷଣ କରିବା ସହ ବିଶାଖା ଦିଲ୍ଲୀ, ହିମାଚଳ ପ୍ରଦେଶ ଓ ଗ୍ୱାଲିୟର୍ ମଧ୍ୟ ଯାଇଥିଲେ । ୧୯୮୯ ମସିହା ଅଗଷ୍ଟ ୨୬ ତାରିଖରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ସେ ଅଲେଖ ସାହୁ, ଦୁଃଖନାଶନ ବେହେରା ଓ ଚନ୍ଦ୍ରମା ବାଗ୍‌ଙ୍କ ସହ ଜାପାନର ଟୋକିଓ, ଓସାକା, ଓକାଜାକୀ, ନାଗାସାକୀ ଓ ନାଗୋୟାରେ ସଞ୍ଚାର ପରିବେଷଣ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ । ପ୍ରଥମ ମହିଳା ସଞ୍ଚାର କଳାକାର ଭାବରେ ବିଶାଖା ୨୦୦୯ ମସିହାରେ ଲୋକସଂଗୀତ ବର୍ଗରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ୨୦୧୪ ଅକ୍ଟୋବର ପ୍ରଥମ ସପ୍ତାହରେ ତାଙ୍କର ଦେହାନ୍ତ ହୋଇଥିଲା ।

ବରଗଡ଼ ଜିଲ୍ଲା ଓ ତତ୍‌ସଂଲଗ୍ନ ଚତୁର୍ଦ୍ଦିଗରେ ଥିବା ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ପୁରୁଷ ସଞ୍ଚାର କଳାକାରଙ୍କ ସମେତ ଅନେକ ମହିଳା ସଞ୍ଚାର କଳାକାର ଗୁରୁ-ଶିଷ୍ୟ ପରଂପରା ଉପରେ ଆଧାରିତ ଏହି ପ୍ରାଚୀନ କଳା ସାଧନା କରିଥାନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅଧୀନସ୍ଥ ପଣ୍ଡରିପାଣି ଗ୍ରାମର ଶାନ୍ତିଲତା ବିଶ୍ୱାଳ, ପରମାଣପୁରର ବିନୋଦିନୀ, ଶାନ୍ତି ଓ ଅଷ୍ଟମୀ, ସୁବର୍ଣ୍ଣପୁର ଜିଲ୍ଲା ଫଟାମୁଣ୍ଡାର ଦ୍ରୌପଦୀ ସନ୍ନ୍ୟାସୀ, ମୌଳିଖାଏର୍-ସରାଇପାଲି (ଛତିଶଗଡ଼)ର ପ୍ରଭାସିନୀ, ବିଦେଶିନୀ ଓ ଆଶାମତୀ, ସିଂଘୋଡ଼ା (ଛତିଶଗଡ଼)ର ଲତା, ସୁମତୀ ଓ ପିଙ୍କି ଭୋଇ । ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନସ୍ଥ କୁରୁରାପାଲି ଗ୍ରାମରେ ଜନ୍ମିତା ବରଗଡ଼ ଧନୁଯାତ୍ରାରେ ନିୟମିତ ସଞ୍ଚାର କଳା ପରିବେଷଣ ସହ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଖ୍ୟାତି ଅର୍ଜନ କରିଥିବା ମହିଳା ସଞ୍ଚାରଶିଳ୍ପୀ ମୁଖୀ ଥିଲେ ଜଣେ ସମଧୁର କଣ୍ଠର ଅଧିକାରିଣୀ, ସୁଗାୟିକା । ତାଙ୍କ ସ୍ୱାମୀ ମୃଦଙ୍ଗ ବାଦନ କରି ତାଙ୍କ ସହ ସଙ୍ଗତ କରୁଥିଲେ । ଗାୟିକା ମୁଖୀ ରାଧାକାନ୍ତି ବାରିକ ଓ ଉଜଲ୍‌ବତୀ ପଣ୍ଡାଙ୍କ ସମସାମୟିକ କଳାକାର ଥିଲେ । ସେହିପରି ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ପରମାଣପୁର ଗ୍ରାମ ନିକଟସ୍ଥ ପଣ୍ଡରି ଗ୍ରାମରେ ଜନ୍ମଗ୍ରହଣ କରିଥିବା ଚନ୍ଦ୍ରମା ବାଗ ଜଣେ ଅସାମାନ୍ୟ ସଞ୍ଚାରଶିଳ୍ପୀ ଥିଲେ । ଉଜଲ୍‌ବତୀ, କିଶୋରୀ, ରାଧା, ମୁଖୀଙ୍କ ପରେ ପରବର୍ତ୍ତୀ ପିଢ଼ିର ସଞ୍ଚାର କଳାକାର ଯଥା : ଚନ୍ଦ୍ରମା ବାଗ, ଚିନାମାଲି ଦାସ (ରୂପାପାଲି), ବିଶାଖା ରଣା (ଜହ୍ନାପଡ଼ା), ପାର୍ବତୀ ଦାସ (ରୂପାପାଲି), ସାନ୍ତରା ସିଦ୍ଧାର (ଅମ୍ବାଭୋନା), ଶାନ୍ତିଲତା ବିଶ୍ୱାଳ (ପରମାଣପୁର, ସମ୍ବଲପୁର), ବସନ୍ତ ଗଣ୍ଡ (ଅନ୍ତରାଡ଼ି, ଅମ୍ବାଭୋନା), ପଦ୍ମିନୀ, ମନକାନ୍ତି ଓ କିଶୋରୀ (ପରମାଣପୁର, ଅତାବିରା), ରାଜକୁମାରୀ ଖରସଲ (କଳାପାଣି, ବରଗଡ଼), ବିରାଜକୁମାରୀ (ଦେଉଁତି, ଝାରବନ୍ଧ) ଆଦି ସଞ୍ଚାର ନୃତ୍ୟକଳାରେ ବିଭିନ୍ନ ପର୍ଯ୍ୟାୟରେ ପ୍ରତିନିଧିତ୍ୱ କରି ପରାକାଷ୍ଠା ପ୍ରଦର୍ଶନ କରିଆସିଛନ୍ତି ।

ଚନ୍ଦ୍ରମା ବାଗଙ୍କ କଣ୍ଠ ଅତି ସ୍ପଷ୍ଟ ଓ ସୁଲଳିତ ଥିଲା । ତାଙ୍କ କଳା ପରିବେଷଣରେ ପୁରାଣ ଚର୍ଚ୍ଚାର ପ୍ରାଧାନ୍ୟ ରହିଥିଲା । ୧୯୮୯ରେ ଜାପାନରେ ନେହେରୁ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଚନ୍ଦ୍ରମା ମଧ୍ୟ ଅନ୍ୟ ସହ-କଳାକାରମାନଙ୍କ ସହିତ ନିଜସ୍ୱ କଳା ପରିବେଷଣ କରିଥିଲେ । ବିଡ଼ମ୍ବନାର ବିଷୟ, ରାଧାଙ୍କ ପରି ଚନ୍ଦ୍ରମା ମଧ୍ୟ ଶେଷଜୀବନରେ ଅତ୍ୟନ୍ତ ଦୁଃଖ ଓ କଷ୍ଟରେ କାଳାତିପାତ କରିଥିଲେ । ବାର୍ଦ୍ଧକ୍ୟାବସ୍ଥାରେ ଜଙ୍ଗଲରୁ କାଠପତ୍ର ସଂଗ୍ରହ କରି ଏହି ବିଦେଶ ଫେରନ୍ତା ସଞ୍ଚାର କଳାକାର ଜୀବିକା ନିର୍ବାହ କରୁଥିଲେ । ସରକାର ଓ ସମାଜର ଦୃଷ୍ଟି ଆଡୁଆଳରେ ରହି ସେ ଅତ୍ୟନ୍ତ ଦୟନୀୟ ଭାବରେ ମୃତ୍ୟୁବରଣ କଲେ । ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ୍‌ରେ ଥିବା ରୂପାପାଲି ଗ୍ରାମର ଚିନାମାଲି ଦାସଙ୍କ ଅଜା କପିଳ ଦାସ ଝରାପାଲିର ଅନନ୍ତ ମାଝି (ବିରଞ୍ଚି ମାଝିଙ୍କ ଅଜା)ଙ୍କ ଠାରୁ ସଞ୍ଚାର କଳା ଶିକ୍ଷା କରିଥିଲେ । କପିଳ ଦାସଙ୍କ ପୁତୁରା ନୃପ ଦାସଙ୍କ କନ୍ୟା ଚିନାମାଲି ବାପାଙ୍କଠାରୁ ଏହି ସଞ୍ଚାରକଳା ଉତ୍ତରାଧିକାରୀ ସୂତ୍ରେ

ପ୍ରାପ୍ତ କରିଥିଲେ। ଚିନାମାଲିଙ୍କ ମାଆଙ୍କ ବାପା ଅର୍ଥାତ୍ ମାମୁଁଘର ଅଜା ହେଉଛନ୍ତି ପ୍ରସିଦ୍ଧ ପପଙ୍ଗିଆ (ପପଙ୍ଗା ଗ୍ରାମ ନିବାସୀ) ବାହାକ୍ ଧନେଶ୍ୱର ଦାସ। ଆନୁଷ୍ଠାନିକ ଭାବରେ କମ୍ ଶିକ୍ଷାପ୍ରାପ୍ତ ହୋଇଥିଲେ ମଧ୍ୟ ଚିନାମାଲି ଗୀତ-ବାଦ୍ୟ ନୃତ୍ୟରେ ନିପୁଣା ଅଟନ୍ତି। ଚିନାମାଲିଙ୍କ ବିଶେଷତ୍ୱ ହେଲା ଯେ, ସେ ପାଳିଆ (ବାୟାମନ)ମାନଙ୍କ ଅନୁପସ୍ଥିତିରେ ମଧ୍ୟ ଚମତ୍କାର ଭାବରେ ସଞ୍ଚାର ପରିବେଷଣ କରିପାରନ୍ତି।

ସଂପ୍ରତି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଅନ୍ତରାଡ଼ି ଗ୍ରାମର ବସନ୍ତ ଗଣ୍ଡ, କପାଶିରାର ହେମନ୍ତ ବାଗ, ଅତାବିରା ବ୍ଲକ୍ ଅନ୍ତର୍ଗତ ପରମାଣପୁର ଗ୍ରାମର ପଦ୍ମିନୀ, ମନକାନ୍ତି ଓ କିଶୋରୀ କଳାପାଣିର ରାଜକୁମାରୀ, ଦେଉଁତି (ଝାରବନ୍ଧ)ର ବିରାଜକୁମାରୀ, ପଣ୍ଡରି (ସମ୍ବଲପୁର)ର ଶାନ୍ତିଲତା ବିଶ୍ୱାଳ, ଫଟାମୁଣ୍ଡା (ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର)ର ଦ୍ରୌପଦୀ ସନ୍ନ୍ୟାସୀ, ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲ୍ଲା ଅନ୍ତର୍ଗତ ତିନ୍‌ମିନିର ସୁନ୍ଦରମତୀ ସେଠ୍, କୁକରିପାଲି (ଡଭା, ଝାରବନ୍ଧ)ର ଶ୍ୱେତକୁମାରୀ ନିୟମିତ ଭାବରେ ବରଗଡ଼ ଧନୁଯାତ୍ରାରେ ସଞ୍ଚାର ପରିବେଷଣ କରିବା ସହିତ ଅଞ୍ଚଳର ବିଭିନ୍ନ ଯାନିଯାତ୍ରା, ଉତ୍ସବାନୁଷ୍ଠାନମାନଙ୍କରେ ସଞ୍ଚାରକଳା ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଆସୁଛନ୍ତି ଓ ପ୍ରଶଂସାଭାଜନ ହୋଇପାରିଛନ୍ତି। ଏମାନଙ୍କ କଳା ପ୍ରଦର୍ଶନ ଆମ ସାଂସ୍କୃତିକ ଜୀବନକୁ ଆହୁରି ବର୍ଣ୍ଣାଢ୍ୟ କରି ଗଢ଼ି ତୋଳିବାରେ ବହୁଭାବରେ ସହାୟକ ହେଉଅଛି। ରାଧା-ବିଶାଖା-ଚିନାମାଲି-ପାର୍ବତୀଙ୍କ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ପଞ୍ଚମ ଶ୍ରେଣୀ ଭିତରେ ସୀମିତ ଥିବାବେଳେ ଚଳିତ ପୀଢ଼ିର ମହିଳା ସଞ୍ଚାରଶିଳ୍ପୀମାନଙ୍କ ମଧ୍ୟରେ ସ୍ନାତକୋତ୍ତର (ଗଇ) ଡିଗ୍ରୀ ପ୍ରାପ୍ତ ଓ ଓଡ଼ିଶା ସରକାରଙ୍କ ପୋଲିସ୍ ବିଭାଗରେ ହାବିଲ୍‌ଦାର ଭାବରେ କାର୍ଯ୍ୟ କରୁଥିବା ଡୁଙ୍ଗୁରିପାଲି (ଝାରବନ୍ଧ) ଗ୍ରାମର ଶ୍ରୀମତୀ ଜୟନ୍ତୀ ଦୀପ୍ ଅଛନ୍ତି। ଜୟନ୍ତୀ ତାଙ୍କ ମାମୁଁଙ୍କୁ ଗୁରୁ ଭାବରେ ଗ୍ରହଣ କରି ଗୁରୁ କୁଞ୍ଜବିହାରୀ ଲୁହାରଙ୍କ ଠାରୁ ସଞ୍ଚାରକଳା ଶିକ୍ଷା କରିଛନ୍ତି। ତାଙ୍କ ସ୍ୱାମୀ ଜମଲା (ପଦ୍ମପୁର)ଗ୍ରାମର ସୁରେଶ କୁମ୍ଭାର ମଧ୍ୟ ପୋଲିସ୍ ବିଭାଗରେ ହାବିଲ୍‌ଦାର ଭାବରେ କାର୍ଯ୍ୟ କରନ୍ତି। ତାଙ୍କ ପାଳିଆ (ବାୟାମନ) ମାନେ ହେଉଛନ୍ତି ମହେନ୍ଦ୍ର କନ୍ଧେର ଓ ରୋହିତ ତାଣ୍ଡି। ବରଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳ ଝାରବନ୍ଧ ବ୍ଲକ୍‌ର ଦେଉଁତି (ଲେରଗାଁ)ର ବିରାଜକୁମାରୀ ତାଣ୍ଡି ଏବଂ ବିଲାସପୁର ଗ୍ରାମର ସୀତାବତୀ ଛତର, ଉର୍ମିଳା ଛତର ଓ ପ୍ରମିଳା ଛତର ନାମଧାରୀ ଭଉଣୀତ୍ରୟ ବରଗଡ଼ ଧନୁଯାତ୍ରାରେ ଦୀର୍ଘବର୍ଷ ହେଲା ସଞ୍ଚାରକଳା ପରିବେଷଣ କରିଆସୁଛନ୍ତି।

ବରଗଡ଼ ଜିଲ୍ଲାର ଚତୁର୍ଦ୍ଦିଗରେ ଭିନ୍ନଭିନ୍ନ ଅଞ୍ଚଳରେ ସଞ୍ଚାର କଳା ବ୍ୟାପକ ଭାବରେ ପରିବେଷଣ କରାଯାଇଥାଏ। ସଞ୍ଚାର କଳାକାରମାନଙ୍କ ପାଇଁ ବରଗଡ଼ ଧନୁଯାତ୍ରାରେ ଏକତ୍ର ହେବାର ଏକ ସୁଅବସର ମିଳିଥାଏ। ତେବେ ସଞ୍ଚାର କଳାରେ କେତେକ ବ୍ୟତିକ୍ରମ ବିଲକ୍ଷଣଯୁକ୍ତ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ। ସଞ୍ଚାରକଳା ବିଶେଷତଃ ଚୈତନ୍ୟଚରିତାମୃତ, ଗୋପୀ-ଗୋପାଳଙ୍କ ସହିତ ଶ୍ରୀକୃଷ୍ଣଙ୍କ ଶରତରାସ, ବସନ୍ତରାସ ଓ ନିମାଇଁ ସନ୍ନ୍ୟାସ ଆଦି ପ୍ରସଙ୍ଗକୁ ଆଧାର କରି ବିକଶିତ ଓ ପରିବେଷିତ ହୋଇଥାଏ। ତେଣୁ ସେହି ବିଷୟବସ୍ତୁକୁ କେନ୍ଦ୍ର କରି ପ୍ରଭୁଙ୍କ ମହିମାଗାନ କରାଯିବା ସହିତ ଅନ୍ୟାନ୍ୟ ପୌରାଣିକ, ନୈତିକ, ସାମାଜିକ, ତଥା ହାସ୍ୟବ୍ୟଙ୍ଗ ମନୋରଞ୍ଜନଧର୍ମୀ କଥୋପକଥନ ଓ ସଂଗୀତ ପରିବେଷଣ କରାଯାଇଥାଏ। କିନ୍ତୁ ମୌଳିକ ଧର୍ମ ଦୃଷ୍ଟିରୁ ଭିନ୍ନ ମାର୍ଗର ଅନୁଗାମୀ ହୋଇଥିବାରୁ ଦୁଇଜଣ ବିଶିଷ୍ଟ ସଞ୍ଚାରଶିଳ୍ପୀ, ଏହି ଧାରାର ବ୍ୟତିକ୍ରମ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବୋଡ଼ାସମ୍ବର (ପଦ୍ମପୁର) ଅଞ୍ଚଳର ଡୁଙ୍ଗୁରିପାଲି (ଜମଲା) ଗ୍ରାମର ବାବାଜୀ ବିଦ୍ୟାଧର ସାହୁ ହୋଇଥିବାବେଳେ ଅନ୍ୟ କଳାକାର ଜଣକ ହେଉଛନ୍ତି ନୂଆଁପାଲି (କନ୍‌ସିଂହା)ର ଶେଷଦେବ ନାୟକ। ଶେଷଦେବ ନାୟକଙ୍କ ଠାରୁ ଡୁଙ୍ଗୁରିପାଲିର ବିଦ୍ୟାଧର ସାହୁ ଥିଲେ ବରିଷ୍ଠ ସଞ୍ଚାର କଳାକାର। ସେ ଗେରୁଆ ବସ୍ତ୍ର ପରିଧାନ କରୁଥିବା ମହିମା ଧର୍ମାବଲମ୍ବୀ ଥିଲେ। ତାଙ୍କ ସଞ୍ଚାରକଳା ପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା ମହିମା ଧର୍ମର ତତ୍ତ୍ୱ ଓ ଦର୍ଶନକୁ ଗୀତ-ବାଦ୍ୟ-ନୃତ୍ୟ ଓ ବ୍ୟାଖ୍ୟା ମାଧ୍ୟମରେ ସରଳ ଓ ସୁଗମ ଭାଷାରେ ଗ୍ରାମୀଣ ଜନତାଙ୍କୁ ବୁଝାଇଦେବା। ବିଦ୍ୟାଧର୍ ବାହାକ୍ ତାଙ୍କର ସ୍ୱତନ୍ତ୍ର ମୃଦଙ୍ଗ ବାଦନ ଶୈଳୀ ପାଇଁ ଦର୍ଶକମଣ୍ଡଳୀରେ ନିଜର ପରିଚିତି ସୃଷ୍ଟି କରିଥିଲେ। ସେହିପରି ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକର ସରଳ ବ୍ୟାଖ୍ୟା ପାଇଁ ମଧ୍ୟ ତାଙ୍କର ଖ୍ୟାତି ରହିଥିଲା। ସେହିପରି ଶେଷଦେବ ନାୟକ ବୃତ୍ତିରେ ଜଣେ ପ୍ରାଥମିକ ସ୍କୁଲଶିକ୍ଷକ ହୋଇଥିବାବେଳେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ 'ଆର୍ଯ୍ୟ ସମାଜ' ଦ୍ୱାରା ପ୍ରବର୍ତ୍ତିତ ଓ ପ୍ରଦର୍ଶିତ ମାର୍ଗର ଜଣେ ଅନୁଗାମୀ ଥିଲେ। ସେ ବେଦ-

ଉପନିଷଦ୍ ଉପରେ ଆସ୍ଥାପ୍ରକଟ କରୁଥିବା ଏକେଶ୍ୱର ପରମାତ୍ମା ବିଶ୍ୱାସୀ କଳାକାର ଥିଲେ। ମହର୍ଷି ଦୟାନନ୍ଦଙ୍କ ଆଧ୍ୟାତ୍ମିକ ଦର୍ଶନର ପ୍ରଚାର-ପ୍ରସାର କରିବା ତାଙ୍କ କଳାପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା।

ବିଦ୍ୟାଧର ସାହୁ ଓ ଶେଷଦେବ ନାୟକଙ୍କ ପରି ଅନ୍ୟ ଦୁଇଜଣ ବ୍ୟତିକ୍ରମ ସଞ୍ଚାର କଳାକାର ହେଉଛନ୍ତି କ୍ଷିତି ସାହୁ ଓ ଟେଙ୍ଗ୍‌ନୁ ସାହୁ ବା କ୍ଷିତି-ଟେଙ୍ଗ୍‌ନୁ। କ୍ଷିତି ଛତିଶଗଡ଼ ରାଜ୍ୟ ସରିଆ ନିକଟସ୍ଥ ଲୁକାପରା ଗ୍ରାମର ହୋଇଥିବା ବେଳେ ଲୁକାପରା ପାଖାପାଖି ବରଙ୍ଗାକୋଟ୍ ଗ୍ରାମରେ ଟେଙ୍ଗ୍‌ନୁଙ୍କ ଜନ୍ମ। କ୍ଷିତି ଓ ଟେଙ୍ଗ୍‌ନୁ ସଞ୍ଚାର୍ କଳାକାର ମହଲରେ ସୁଗାୟକ ଭାବରେ ପରିଚିତ ଓ ଉଭୟେ ଉଭୟଙ୍କର ପାଳିଆ ଭାବରେ ମଧ୍ୟ କଳା ପରିବେଷଣ କରିଥାନ୍ତି। ଏମାନେ ପାଦରେ ଘୁଙ୍ଗୁର ବାନ୍ଧି ଗୀତ, ନୃତ୍ୟ କରିଥାନ୍ତି, କିନ୍ତୁ ତାଙ୍କ ନୃତ୍ୟଶୈଳୀରେ ମୃଦଙ୍ଗର ବ୍ୟବହାର ହୁଏ ନାହିଁ ଯଦିଓ ମୃଦଙ୍ଗ ହେଉଛି ସଞ୍ଚାର ନୃତ୍ୟକଳାର ପ୍ରମୁଖ ବାଦ୍ୟଯନ୍ତ୍ର। ବିଭିନ୍ନ ଶାସ୍ତ୍ର-ପୁରାଣରୁ ବିଷୟବସ୍ତୁ ଆହରଣ କରି ତାଙ୍କ ଚିତ୍ତାକର୍ଷକ ଶୈଳୀରେ ସଞ୍ଚାରମଣ୍ଡଳୀରେ ପରିବେଷଣ କରିଥାନ୍ତି। ଗୀତ ଗାଇବା ସହ ବିଭିନ୍ନ ଛନ୍ଦରେ ପଦଚାଳନା ଦ୍ୱାରା ଘୁଙ୍ଗୁରରୁ ମଧୁର ଧ୍ୱନି ଉତ୍ପନ୍ନ କରିଥାନ୍ତି ଓ ଗୀତର ସୁର ତଥା ଘୁଙ୍ଗୁରର ସୁମଧୁର ଧ୍ୱନିସହ ତାଳ ଦେଇ ହାତରେ କରତାଳି ବଜାଇ, ଚୁଟ୍‌କି ଫୁଟେଇ ଅବା ଛାତିରେ, ଜଙ୍ଘରେ, ପିଠିରେ ଥାପଡ଼ ମାରି ଶବ୍ଦ ସୃଷ୍ଟି କରି ସଂଗୀତର ଐକ୍ୟତାନ ପରିବେଷଣ କରିବାରେ ସଫଳ ହୋଇଥିଲେ। ଏହି ସଞ୍ଚାର କଳାକାରଦ୍ୱୟ କ୍ଷିତି-ଟେଙ୍ଗ୍‌ନୁଙ୍କ ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ, ବରଗଡ଼ ଧନୁଯାତ୍ରାର ଭିନ୍ନଭିନ୍ନ ଦିବସରେ ଦିନବେଳା ଅନୁଷ୍ଠିତ ହେଉଥିବା ପୌରାଣିକ ପ୍ରସଙ୍ଗ ଆଧାରିତ ଅଭିନୀତ ଦୃଶ୍ୟାବଳୀକୁ ନେଇ ସେହିଦିନ ରାତିରେ ସଞ୍ଚାରମଣ୍ଡଳୀରେ ସଞ୍ଚାରକଳା ମାଧ୍ୟମରେ ଦର୍ଶକମାନଙ୍କ ଆଗରେ ଉପସ୍ଥାପିତ କରିବା। ଏଗାର ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ବରଗଡ଼ ଧନୁଯାତ୍ରାରେ କ୍ରମାନ୍ୱୟରେ ବରଗଡ଼ (ମଥୁରାନଗରୀ) ଓ ଅମ୍ବାପାଲି(ଗୋପପୁର)ରେ ଯେଉଁସବୁ ପୌରାଣିକ ଦୃଶ୍ୟସବୁ ଅଭିନୀତ ହୋଇଥାଏ, ଯେପରିକି ଉଗ୍ରସେନଙ୍କ ଗାଦିଚ୍ୟୁତ ଓ ମହାରାଜ କଂସଙ୍କ ସିଂହାସନ ଆରୋହଣ ଓ ରାଜ୍ୟାଭିଷେକ, ଦେବକୀ-ବସୁଦେବ ବିବାହ, ବିଜୁଳିକନ୍ୟାଙ୍କ ଆବିର୍ଭାବ, ଦୈବୀବାଣୀ ଓ ବିଜୁଳିକନ୍ୟାଙ୍କ ଅନ୍ତର୍ଦ୍ଧାନ, କାରାଗାରରେ ଶ୍ରୀକୃଷ୍ଣଙ୍କ ଜନ୍ମ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବା ଗୋପଲୀଳା, ଅଘା-ବକା-ଷଣ୍ଢା-ଶକଟା ଆଦି ଦୈତ୍ୟଙ୍କୁ ଶ୍ରୀକୃଷ୍ଣ ବଧ କରିବା, ରଙ୍ଗସଭା, ଅକ୍ରୂର ଗମନ, ଧନୁଯାତ୍ରା ଆୟୋଜନ, ଶ୍ରୀକୃଷ୍ଣଙ୍କ ମଥୁରାଗମନ, ବିଭିନ୍ନ ନିଷ୍ପେଷିତ ପୌରାଣିକ ଚରିତ୍ରଙ୍କୁ ପରିତ୍ରାଣ, ପରିଶେଷରେ କଂସବଧ ପରି ସମସ୍ତ ଦୃଶ୍ୟକୁ ଏକାଦିକ୍ରମେ ପ୍ରତ୍ୟେକ ରାତିରେ ସଞ୍ଚାର ମଣ୍ଡଳୀରେ ଏହି ସଞ୍ଚାର କଳାକାରଦ୍ୱୟ କ୍ଷିତି-ଟେଙ୍ଗ୍‌ନୁ, ଜଂଘ ଓ ଛାତିକୁ ଦୁଇହାତରେ ବାଡ଼େଇ ବାଜା ବଜେଇ ନିଜସ୍ୱ ଶୈଳୀରେ ନୃତ୍ୟ ପରିବେଷଣ କରୁଥିଲେ। ଦର୍ଶକମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇ କ୍ଷିତି-ଟେଙ୍ଗ୍‌ନୁଙ୍କ କଳା ପରିବେଷଣକୁ ଉପଭୋଗ କରୁଥିଲେ। ରାତିରେ ସଞ୍ଚାର ମଣ୍ଡଳୀରେ କ୍ଷିତି-ଟେଙ୍ଗ୍‌ନୁଙ୍କ ଅଭିନୟ ଦ୍ୱାରା ଧନୁଯାତ୍ରାର ଦୃଶ୍ୟାବତାରଣାରୁ ଜଣେ ଦର୍ଶକ ସେହିଦିନ ବରଗଡ଼ ଧନୁଯାତ୍ରାରେ ମଥୁରାନଗରୀରେ ବା ଗୋପପୁରରେ କେଉଁ ଉପାଖ୍ୟାନଟି ଅଭିନୟ କରାଯାଇଛି, ସେ ବିଷୟରେ ସ୍ପଷ୍ଟ ଧାରଣା କରିପାରେ। ଏଥିସହିତ ପରବର୍ତ୍ତୀ ଦିବସରେ ଅଭିନୀତ ହେବାକୁ ଥିବା ଦୃଶ୍ୟାବଳୀ ସଂପର୍କରେ ମଧ୍ୟ ପ୍ରାକ୍‌ସୂଚନା ପାଇପାରିଥାଏ ଏବଂ ସେ ଦୃଶ୍ୟ କିପରି ହାତଛଡ଼ା ହୋଇ ନ ଯିବ, ସେଥିପାଇଁ ନିଜକୁ ଆଗୁଆ ପ୍ରସ୍ତୁତ କରି ରଖେ। ମହାରାଜ କଂସଙ୍କ ମୃତ୍ୟୁପରେ ତାଙ୍କ ଦୁଇ ବିଧବାରାଣୀ ହେତୀ ଓ ପ୍ରହେତୀ ଭୂମିକାରେ ଅବତୀର୍ଣ୍ଣ ହୋଇ କ୍ଷିତି ଓ ଟେଙ୍ଗ୍‌ନୁ କଂସଙ୍କ ଶବାଧାର ପଛରେ କାନ୍ଦିକାନ୍ଦି ଅନୁଗମନ କରିବା ଦୃଶ୍ୟ ଦର୍ଶକମହଲରେ ହାସ୍ୟରୋଳ ସୃଷ୍ଟି କରିଥାଏ। ଏହି ଶବ ଶୋଭାଯାତ୍ରାବେଳେ ପ୍ରଚଳିତ ଅନେକ ଶୋକଗୀତ ସମ୍ବଲପୁରୀ ଭାଷାରେ ନିଜସ୍ୱ ହାସ୍ୟବ୍ୟଙ୍ଗ ଶୈଳୀରେ ବୋଲିବାବେଳେ ତାହା ଶୋକ ପରିବର୍ତ୍ତେ ହାସ୍ୟରସ ସୃଷ୍ଟି କରିଥାଏ। କ୍ଷିତି ଓ ଟେଙ୍ଗ୍‌ନୁଙ୍କ ଅବର୍ତ୍ତମାନରେ ସେ ଦୃଶ୍ୟ ଆଉ ବରଗଡ଼ ଧନୁଯାତ୍ରାରେ ଅଭିନୀତ ହେଉନାହିଁ। ସେ କିମ୍ବଦନ୍ତୀ କଳାକାର ଦୁଇଜଣଙ୍କ ସ୍ଥାନ ଏବେ ଶୂନ୍ୟ ହୋଇ ପଡ଼ିରହିଛି।

ବରଗଡ଼ ଧନୁଯାତ୍ରା ସହ ଓତଃପ୍ରୋତ ଭାବରେ ଜଡ଼ିତ ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ସ୍ୱତନ୍ତ୍ର ନୃତ୍ୟନାଟ୍ୟଶୈଳୀ ସଞ୍ଚାରକଳାର କଳାକାରମାନଙ୍କ କଳାଚାତୁର୍ଯ୍ୟରେ ବିମୁଗ୍ଧ ଦର୍ଶକ, ବିତ୍ତଶାଳୀ ବ୍ୟକ୍ତି, ରାଜା ଜମିଦାର, ଗୌନ୍ତିଆ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏହି ଚତୁର୍ଗୁଣା କଳାକାରଙ୍କ ଜୀବନବ୍ୟାପୀ ସାଧନାର ସ୍ୱୀକୃତି ଓ ସମ୍ମାନ ସ୍ୱରୂପ ସେମାନଙ୍କୁ ସାର୍ଟିଫିକେଟ, ମେଡ଼ାଲ୍ ଓ ଉପଢ଼ୌକନ ପ୍ରଦାନ କରୁଥିଲେ। କେତେକ କ୍ଷେତ୍ରରେ ସ୍ୱର୍ଣ୍ଣାଳଙ୍କାର, ବାସଗୃହ, ଭୂସମ୍ପତ୍ତି, ଗାଈ ଆଦି ଦେବାର ମଧ୍ୟ ନଜିର୍ ରହିଛି। ଏତଦ୍‌ବ୍ୟତୀତ ପୁରୁଷ କଳାକାରମାନେ ବିବାହିତ

ହୋଇଥିବା ଜାଣିସୁଦ୍ଧା ଧନାଢ୍ୟ ବ୍ୟକ୍ତିମାନେ ସେହି ଖ୍ୟାତନାମା କଳାକାରଙ୍କ ହାତରେ ନିଜର କୁମାରୀକନ୍ୟାକୁ ସମର୍ପଣ କରିବା ଗୌରବର ବିଷୟ ବୋଲି ମନେ କରୁଥିଲେ ଓ ଗର୍ବ ଅନୁଭବ କରୁଥିଲେ। ଭଟଲି ବ୍ଲକ୍ ଅନ୍ତର୍ଗତ ଭଡ଼ିଗାଁର ଦୁର୍ଲଭ ଦାସଙ୍କ କଳାପ୍ରଦର୍ଶନରେ ଅତ୍ୟନ୍ତ ପ୍ରୀତ ହୋଇ ହେମଗିର ରାଜା କଳାକାରଙ୍କୁ ସମ୍ମାନ ଜଣାଇ ଦୁର୍ଲଭ ଦାସଙ୍କ ଏକ ବିରାଟ ଫଟୋଚିତ୍ର ତାଙ୍କ ରାଜପ୍ରାସାଦର ପ୍ରବେଶ କକ୍ଷ କାନ୍ଥରେ ଟଙ୍ଗାଇ ରଖିଥିଲେ। ବରଗଡ଼ର ମାଫିଦାର୍ ଗୌନ୍ତିଆ ଗଜରାଜ ଦାଶ ଦୁର୍ଲଭ ଦାସଙ୍କୁ ସମ୍ବଲପୁରର ଫ୍ରେଜର ପ୍ରିଣ୍ଟିଙ୍ଗ୍ ପ୍ରେସ୍‌ରେ ମୁଦ୍ରିତ ଏକ ପ୍ରଶଂସାପତ୍ର ୧୯୧୭ ମସିହାରେ ପ୍ରଦାନ କରିଥିଲେ। ଏହି ପ୍ରଶସ୍ତିପତ୍ରରେ ଦୁର୍ଲଭ ଦାସଙ୍କୁ 'ମନରଞ୍ଜକ ବାହୁକସାଗର' ଉପାଧି ଦିଆଯାଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ହେମଗିର ରାଜା ନୀଚଜାତିର ଲୋକ ମନେ କରି ବାୟକ ମାୟାଧର ସେଠ୍‌ଙ୍କୁ ରାଜକୀୟ ଯାତ୍ରାମଣ୍ଡଳୀରେ କଳା ପ୍ରଦର୍ଶନ ପାଇଁ ପ୍ରବେଶ କରିବାକୁ ଅନୁମତି ନ ଦେଇ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସଞ୍ଚାର ପରିବେଷଣ କରିବାକୁ କହିଲେ। ଯେତେବେଳେ ଆବାଳ-ବୃଦ୍ଧ-ବନିତା ସମସ୍ତ ଦର୍ଶକ ମାୟାଧରଙ୍କ କଳା ଦେଖିବା ପାଇଁ ଅସମ୍ଭାଳ ଭିଡ଼ ସୃଷ୍ଟି କଲେ, ରାଜା ନିଜ କୃତକର୍ମ ପାଇଁ ଅନୁତାପ କରିଥିଲେ ଓ ମାୟାଧରଙ୍କୁ ସୁନାର ବଳା ଓ ପାଟଜଥା ଦେଇ ସମ୍ମାନିତ କରିଥିଲେ। ବରଗଡ଼ ସନ୍ନିକଟ ଖୁଣ୍ଟପାଲି ଗ୍ରାମର ବାଲିଯାତ୍ରାକୁ ସମ୍ବଲପୁର ଜିଲ୍ଲା ଖୁଣ୍ଟିଚକୁଳିର ବାୟକ ମନବୋଧ ଭାଟ ନିୟମିତ ଭାବରେ ଜୀବନ ଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ଆସୁଥିଲେ। ଖୁଣ୍ଟପାଲି ଗ୍ରାମବାସୀ ତାଙ୍କୁ ସୁନାର ବାହୁଟି ଓ କାନରେ ପିନ୍ଧିବା ପାଇଁ ସୁବର୍ଣ୍ଣକୁଣ୍ଡଳ ପ୍ରଦାନ କରିଥିଲେ। ବାଞ୍ଜିପାଲି ଗ୍ରାମରେ ମନବୋଧ ଭାଟ ଏକ ସୁନାର ହାର ପାଇଥିବାବେଳେ ସରାଇପାଲି ଜମିଦାର ତାଙ୍କୁ ରାଜକୀୟ ପଗଡ଼ି ପ୍ରଦାନ କରିଥିଲେ। ଦୂରଦର୍ଶନ କେନ୍ଦ୍ର, କଟକ ଓ ଆକାଶବାଣୀ-ସମ୍ବଲପୁର କେନ୍ଦ୍ର ତରଫରୁ ମନବୋଧ ଭାଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରେକଡ଼ିଙ୍ଗ୍ କରି ପ୍ରସାରଣ କରାଯାଇଛି। ଅଭିମନ୍ୟୁ ଖମାରୀ ବିରୁଆଁ ମହାରାଜଙ୍କ ଠାରୁ ସୁନାର ବାହୁଟି ଓ ଭେଡ଼େନ ଥାନାନ୍ତର୍ଗତ ତାଳମେଣ୍ଡା ଗ୍ରାମବାସୀଙ୍କ ତରଫରୁ ସୁନାର କୁଣ୍ଡଳ ଓ ସୁନାର ହାର ପୁରସ୍କାର ପାଇଥିଲେ। ବରାହଗୋଡ଼ାର ବିପିନ୍ ସେଟ୍ ବେହେରା ଗ୍ରାମବାସୀଙ୍କ ଠାରୁ ହଳେ ଜୁଡ଼୍‌କି ସୁନା ଓ କଳାପାଣି ଗ୍ରାମବାସୀଙ୍କ ଠାରୁ ଗୋଟିଏ ଛେରା ଗଜବନ୍ ମାଳୀ (ହାର) ପାଇଥିଲେ ତଥା ସମ୍ବଲପୁରରୁ ସିଲ୍‌ଡ଼୍-କପ୍ ମଧ୍ୟ ଲାଭ କରିଥିଲେ। ସଞ୍ଚାର କଳାକାର କିଶୋର ଚନ୍ଦ୍ର ଶତପଥି ଅନେକ ଅନୁଷ୍ଠାନରୁ ସୁନାର ମେଡ଼ାଲ୍ ସବୁ ପାଇଥିବା ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ। 'କିଶୋରଙ୍କ କରିସ୍ମା' ନାମକ ଏକ କାବ୍ୟଗ୍ରନ୍ଥର ପ୍ରଣେତା କିଶୋର ଚନ୍ଦ୍ର ଶତପଥି ୧୯୪୫ ମସିହା ବେଳକୁ ଏବେ ହୀରାକୁଦ ଜଳଭଣ୍ଡାରରେ ବୁଡ଼ିଯାଇଥିବା ରଂପେଲା ଗ୍ରାମର ଏମ୍.ଇ.ସ୍କୁଲରେ ଶିକ୍ଷକତା କରୁଥିଲେ। ଗୁଦେରପାଲି (ବିଜେପୁର) ଗ୍ରାମର ବାୟକ ବାବାଜୀ ଶତପଥି ବଲାଙ୍ଗିରର ତଳିଗୁଡ଼ାଠାରେ ଓ କୁସୁମିଠାରେ ଯଥାକ୍ରମେ ସୁନାର କୁଣ୍ଡଳ ଓ ସୁନାର ହାର ଲାଭ କରି ପୁରସ୍କୃତ ହୋଇଥିଲେ। ଛତିଶଗଡ଼ ରାଜ୍ୟ ଅଧୀନସ୍ଥ ଶଙ୍କରା ଗ୍ରାମନିବାସୀ କଳାକାର ବୈକୁଣ୍ଠ ଦୁଆନ୍, ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରେ କଳାପ୍ରଦର୍ଶନ କରି ସୁନାର କୁଣ୍ଡଳ ଓ ସୁନାର ହାର ଲାଭ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧୀନରେ ଥିବା ତତ୍କାଳୀନ ସୁଖା ଜମିଦାରଙ୍କ ଠାରୁ ସୁନାର ବଳା ଓ ସୁନାର କୁଣ୍ଡଳ ପୁରସ୍କାର ପାଇଥିବା କଳାକାର ଅଲେଖ ସାହୁ ଜାପାନ ଗସ୍ତକାଳ (୧୯୮୯)ରେ ଏକ ବଡ଼ ଆକାରର ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ। ପାର୍ବତୀ ଦାସ ମଧ୍ୟ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ, ଯଥା- ଭୁବନେଶ୍ୱର, କଟକ, ସିମ୍‌ଲା, ଦିଲ୍ଲୀଠାରେ ଅନେକ ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି। ସଞ୍ଚାର କଳାର ଚଳନ୍ତି ପୀଢ଼ିର କିମ୍ବଦନ୍ତୀ କଳାକାର ଜୟନ୍ତୀ ଦୀପ ବର୍ତ୍ତମାନ ଆକାଶବାଣୀ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ର ସମ୍ବଲପୁରର ଲୋକଗୀତ ବର୍ଗରେ ସ୍ୱୀକୃତିପ୍ରାପ୍ତ ଅପ୍‌ଗ୍ରେଡେଡ୍ କଳାକାର (ବି-ହାଇଗ୍ରେଡ୍) ଅନେକ ଟେଲିଫିଲ୍ମରେ ସେ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର 'ଶଲାବୁଢ଼ାର୍ ବଦ୍‌ଲା'ରେ ମଧ୍ୟ ସଞ୍ଚାରକଳା ପରିବେଷଣ କରିଛନ୍ତି। ତାଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଜୟନ୍ତୀ ଦୀପଙ୍କୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିଛନ୍ତି।

ରାଜା-ମହାରାଜାଙ୍କ ଯୁଗର ଅବସାନ ପରେ ସଞ୍ଚାର କଳାକାରମାନଙ୍କୁ ସୁନାର ବଳା, ହାର ଓ କୁଣ୍ଡଳ ଆଦି ପୁରସ୍କାର ଦେବା ପରଂପରା ମଧ୍ୟ ଧିରେଧିରେ ହଜିଗଲା। ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ କଳାକାରମାନଙ୍କୁ ଅର୍ଥରାଶି ସହ ମାନପତ୍ର, ଉପଢ଼ୌକନ ଓ ସ୍ମୃତିଫଳକ (ଗରଞ୍ଜରଭଗ୍ନକୁ) ଦେବାର ନୂଆଁ ପରଂପରା ସୃଷ୍ଟି ହେଲା। ସେହିକ୍ରମରେ ଦୁଃଖନାଶନ ବେହେରା,

ଅଲେଖ ସାହୁ ଓ ବିଶାଖା ରଣା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ଜୟନ୍ତୀ ଦୀପ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ 'କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ' ପ୍ରାପ୍ତ କରିଛନ୍ତି । ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ାର ଅଚ୍ୟୁତ ବେହେରା ଜର୍ମାନୀର ବର୍ଲିନ୍‌ସ୍ଥିତ ଫ୍ରି (Free) ୟୁନିଭର୍ସିଟିରେ ସଞ୍ଚାର ପରିବେଷଣ କରି ଉଚ୍ଚ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ତବଡ଼ାର ଅଚ୍ୟୁତ ବେହେରାଙ୍କ ଘର ଓ ଭଡ଼ିଗାଁର ଦୁର୍ଲଭ ଦାସଙ୍କ ଘର ଏବେ ମଧ୍ୟ ସଞ୍ଚାରକଳା ସାଧନାର କ୍ଷେତ୍ର ଭାବରେ 'ଗୁରୁଘର' ନାମରେ ଅଞ୍ଚଳରେ ଖ୍ୟାତ । ୧୯୮୯ ମସିହାରେ ନେହେରୁ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଜାପାନରେ ଆୟୋଜିତ ହୋଇଥିବା ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ 'INDIA : ETERNAL DANCE AND MUSIC' ରେ ସଞ୍ଚାର କଳାକାର ଦୁଃଖନାଶନ ବେହେରା, ଅଲେଖ ସାହୁ, ବିଶାଖା ରଣା ଓ ଚନ୍ଦ୍ରମା ବାଗ ଅଂଶଗ୍ରହଣ କରି ଜାପାନର ବିଭିନ୍ନ ସହରରେ ଦୁଇ ସପ୍ତାହ ବ୍ୟାପୀ ସଞ୍ଚାରକଳା ପରିବେଷଣ କରିବା ଏହି କଳା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି କୁହାଯାଇପାରେ । ସଞ୍ଚାର କଳା ଓ କଳାକାର ବିଦେଶ ଭୂମିରେ ଉଚ୍ଚ ପ୍ରଶଂସିତ ହେବା ସହ ପ୍ରତ୍ୟେକ କଳାକାରଙ୍କୁ ସ୍ୱତନ୍ତ୍ର ଭାବରେ ନିର୍ମିତ ଏକ ବଡ଼ ଆକାରର ସ୍ୱର୍ଣ୍ଣପଦକ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ୨୦୦୨ ମସିହାରେ ଏହି ସଞ୍ଚାରକଳାର ଅନ୍ୟତମ ପ୍ରଶଂସକ ଓ ପୃଷ୍ଠପୋଷକ ପ୍ରଫେସର ମୀନକେତନ ପୁରୋହିତଙ୍କ ଉଦ୍ୟମରେ ସଞ୍ଚାର କଳାକାର ଅଲେଖ ସାହୁ, ଆଶ୍ଚର୍ଯ୍ୟ କ୍ଷମାନିଧି ସାହୁ, ବୈକୁଣ୍ଠ ଦୁଆନ୍, ବସୁଦେବ ପଶାୟତ ଓ ବିଶାଖା ରଣା ପୁରୀ ଜଗନ୍ନାଥ ମନ୍ଦିରର ଗମ୍ଭୀରା ଭିତରେ ମହାପ୍ରଭୁଙ୍କ ରତ୍ନସିଂହାସନ ସମ୍ମୁଖରେ ଦଳଗତ ସଞ୍ଚାର ପରିବେଷଣ କରି ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ମନ ଓ ହୃଦୟରେ ଚମକ ସୃଷ୍ଟି କରିଥିଲେ ।

ପ୍ରସିଦ୍ଧ ସଞ୍ଚାର ବାୟକମାନଙ୍କ ମଧ୍ୟରୁ ଅଧିକାଂଶ ଜଣେଜଣେ ପ୍ରତିଭାବାନ ଗୀତିକାର ଥିଲେ । ସେମାନେ ମଧ୍ୟ ସ୍ୱତନ୍ତ୍ର ମୃଦଙ୍ଗ ବାଦ୍ୟଶୈଳୀର ସଂରଚକ, ପ୍ରବର୍ତ୍ତକ ଓ ସଂଚରକ ଥିଲେ । ଏହିପରି ଭାବରେ ସଞ୍ଚାର କଳା ସଞ୍ଚରି ଯାଇଥିଲା ଚତୁର୍ଦ୍ଦିଗକୁ । ତାଙ୍କ ସମକାଳୀନ ଓ ପରପୀଢ଼ିର କଳାକାରମାନେ ସେହି ପ୍ରସିଦ୍ଧି ଅର୍ଜନ କରିବାକୁ ସଞ୍ଚାରଶିଳ୍ପୀମାନଙ୍କ ନାମ ସଞ୍ଚାର ମଣ୍ଡଳୀରେ ସସମ୍ମାନ ଉଚ୍ଚାରଣ ପୂର୍ବକ ପ୍ରଣତି ଜଣାଇ ସେମାନଙ୍କ ସ୍ୱରଚିତ ଗୀତ ଗାୟନ କରି ଓ ସେମାନଂକ ସଂରଚନାର ସ୍ୱତନ୍ତ୍ର ବାଦ୍ୟ ବାଦନ କରି କଳାକ୍ଷେତ୍ରରେ ନିଜନିଜ ଉତ୍କର୍ଷ ପ୍ରତିପାଦନ କରିବାକୁ ପ୍ରୟାସ କରୁଥିଲେ । ଯୁଗରୁଚିର ପ୍ରଭାବ ଅନୁସାରେ ଏହି ସଞ୍ଚାର କଳା ପ୍ରତି ଜନଆକର୍ଷଣ ଓ ଜନଆଦୃତି ପୂର୍ବପରି ଦେଖିବାକୁ ମିଳୁନାହିଁ । ତେଣୁ ମୌଳିକତାକୁ ଦୃଷ୍ଟିରେ ରଖି ସତର୍କତାର ସହ ଏହି ପାରଂପରିକ ସଞ୍ଚାରକଳାରେ ନୂତନ ପ୍ରୟୋଗ କରି ଏହାକୁ ଯୁଗୋପଯୋଗୀ କରି ଗଢ଼ି ତୋଳିବାର ଆବଶ୍ୟକତା ଅନୁଭୂତ ହେବାରେ ଲାଗିଛି । ବରଗଡ଼ ଧନୁଯାତ୍ରା ସବୁକାଳରେ, ସବୁ ସମୟରେ ଯଥାସମ୍ଭବ ସଞ୍ଚାରକଳାକୁ ପ୍ରୋତ୍ସାହନ ଯୋଗାଇ ଆସିଛି । ପଶ୍ଚିମ ଓଡ଼ିଶାରେ ବରଗଡ଼ ଧନୁଯାତ୍ରା ବ୍ୟତୀତ ଅନ୍ୟ କୌଣସି ଯାନିଯାତ୍ରା, ଉତ୍ସବ-ଅନୁଷ୍ଠାନ ବା ପର୍ବପର୍ବାଣୀରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏତେ ସଂଖ୍ୟାରେ ସଞ୍ଚାର କଳାକାରମାନେ ସମବେତ ହେବାର ଦୃଷ୍ଟିଗୋଚର ହୁଏ ନାହିଁ । ଯଦିଓ ବରଗଡ଼ ଧନୁଯାତ୍ରା ମହୋତ୍ସବ କମିଟୀ ତରଫରୁ ଆୟୋଜକ କାର୍ଯ୍ୟକର୍ତ୍ତାମାନେ ସଞ୍ଚାର କଳାକାରମାନଙ୍କୁ ପୂର୍ବ ପ୍ରଚଳିତ ଚଳଣି ଅନୁସାରେ ବିଧିବଦ୍ଧ ଭାବରେ ନିମନ୍ତ୍ରଣ କରିଥାନ୍ତି, ତେବେ କୌଣସି ସଞ୍ଚାର କଳାକାର ନିମନ୍ତ୍ରଣର ଅପେକ୍ଷା ନ ରଖି 'ଏହା ଆମର ନିଜର ଯାତ୍ରା' ବୋଲି ମନେ କରି ଚାଲିଆସନ୍ତି । ଯେତେ ସଂଖ୍ୟାରେ ସଞ୍ଚାର କଳାକାର ବରଗଡ଼ ଧନୁଯାତ୍ରାକୁ ଆସିଲେ ମଧ୍ୟ ଆୟୋଜକମାନେ ଉପଯୁକ୍ତ ଆତିଥ୍ୟ ଦେଇ ସମସ୍ତଙ୍କୁ ସଞ୍ଚାର ମଣ୍ଡଳୀରେ ତାଙ୍କ ନିଜସ୍ୱ କଳା ପରିବେଷଣ କରିବା ପାଇଁ ସୁଯୋଗ ଦେଇଥାନ୍ତି । ଏଥିରେ ନବୀନ ଓ ପ୍ରବୀଣ ସମସ୍ତେ ଏକାକାର ହୋଇଯା'ନ୍ତି । ସଞ୍ଚାର କଳା ଦେଖିବା ପାଇଁ ମଧ୍ୟ ଦର୍ଶକମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥାଏ । ଧନୁଯାତ୍ରାର ଅନ୍ତିମ ପର୍ଯ୍ୟାୟରେ କଳାକାରମାନଙ୍କ ମଧ୍ୟରେ ବାଦୀ ଓ ପ୍ରତିଯୋଗିତା ମଧ୍ୟ କରାଯାଇଥାଏ ଏବଂ କୃତୀ ପ୍ରତିଯୋଗୀଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ହସ୍ତରେ ସମ୍ମାନିତ କରାଯାଇଥାଏ । ପରିଶେଷରେ ସମସ୍ତେ ଏକ ସ୍ୱତନ୍ତ୍ର ଭାବରେ ଆୟୋଜିତ ଅନ୍ତରଙ୍ଗ ବନ୍ଧୁମିଳନରେ ଏକତ୍ରିତ ହୋଇ ପରସ୍ପର ସୁଖଦୁଃଖ, ହାନିଲାଭ ଭାବବିନିମୟ କରିଥାନ୍ତି ଓ ବର୍ଷକର ତିହାର୍ ଧନୁଯାତ୍ରାର ପରିସମାପ୍ତି ଘଟିଥାଏ । ମୋଟାମୋଟି ଭାବରେ କହିବାକୁ ଗଲେ ବରଗଡ଼ ଧନୁଯାତ୍ରା ପଶ୍ଚିମ ଓଡ଼ିଶା ଓ ଛତିଶ୍‌ଗଡ଼ର ସଞ୍ଚାର କଳାକାରମାନଙ୍କ ଏକତ୍ରୀକରଣରେ ଏକ ମହାକୁମ୍ଭମେଳାର ରୂପ ନେଇଥାଏ ।

ପରିଶିଷ୍ଟ-(ଚ)

ପ୍ରଥମ ପୀଢ଼ିର ସଞ୍ଚାର ବାୟକମାନଙ୍କ ତାଲିକା (୧୮୫୦ ରୁ)

୧	ମୋହନ ଦାସ	ଭଡ଼ିଗାଁ	ବରଗଡ଼	୫	ଗିରିଧାରୀ ଦାଶ	ଭେଡ଼େନ	ବରଗଡ଼
୨	ମାଧବ ବେହେରା(ତିଅର)	ତବଡ଼ା	ବରଗଡ଼	୬	ଉଦ୍ଧବ ସହଁରା	ତିନ୍‌ମିନି	ରାୟଗଡ଼
୩	ଶମ୍ଭୁ ପଶାୟତ (ଭଣ୍ଡାରୀ)	ଗଁଠିଆପାଲି	ବରଗଡ଼	୭	ଗୋପାଳ ମାଝୀ	ଝରାପାଲି	ସମ୍ବଲପୁର
୪	ଚୈତନ୍ୟ ମାହାର	ମେରିଆପଡ଼ା	ସମ୍ବଲପୁର	୮	ମଦନ ଦାଶ	ବଘରା	ସମ୍ବଲପୁର

ଦ୍ୱିତୀୟ ପୀଢ଼ିର ସଞ୍ଚାର ବାୟକମାନଙ୍କ ତାଲିକା

୧	ଦୁର୍ଲ୍ଲଭ ଦାସ	ଭଡ଼ିଗାଁ	ବରଗଡ଼	୯	ମୁକୁନ୍ଦ ପରଗନିଆଁ	କଟାପାଲି, ଜାମପାଲି	ବରଗଡ଼
୨	ମାୟାଧର ସେଠ୍	ଖରମୁଣ୍ଡା	ବରଗଡ଼	୧୦	ହରି ତିଅର	ଅଡ଼ଗାଁ	ବରଗଡ଼
୩	ଦୟାନିଧି ବେହେରା	ତବଡ଼ା	ବରଗଡ଼	୧୧	ବିଦ୍ୟାଧର ପ୍ରଧାନ	ଡୁଙ୍ଗୁରିପାଲି	ବରଗଡ଼
୪	ନୀଳମଣି ସେଟ୍ (କୈବର୍ତ୍ତ)	ଝଉଁରପୁର	ସମ୍ବଲପୁର	୧୨	ଭୁଲା	ମାଳିଶ୍ରୀଗିଡ଼ା	ବଲାଙ୍ଗିର
୫	କୁନୁ ମାହାର	ମେରିଆପଡ଼ା	ସମ୍ବଲପୁର	୧୩	ଦଳଗଞ୍ଜନ	ଧଣ୍ଡାମୁଣ୍ଡା	ବରଗଡ଼
୬	ଅନନ୍ତ ମାଝୀ	ଝରାପାଲି	ବରଗଡ଼	୧୪	ବଂଶୀଧର	ଲୁକାପଡ଼ା	ବରଗଡ଼
୭	ଧନେଶ୍ୱର ଦାସ	ପପଙ୍ଗା	ବରଗଡ଼	୧୫	ସଂଖାଳି	ଲୁକାପଡ଼ା	ବରଗଡ଼
୮	ଆଦି ସାହୁ	ସୁଲୁସୁଲିଆ	ବରଗଡ଼	୧୬	କାର୍ତ୍ତିକ ବେହେରା	ବତେମୁରା	ସମ୍ବଲପୁର
୯	ମୁକ୍ତେଶ୍ୱର ଦାସ	ସୁଲୁସୁଲିଆ	ବରଗଡ଼		ଜଗନ୍ନାଥ ପଣ୍ଡା	କୁକୁଡ଼ାପାଲି	ସମ୍ବଲପୁର

ତୃତୀୟ ପୀଢ଼ିର ସଞ୍ଚାର ବାୟକମାନଙ୍କ ତାଲିକା

୧	ମନବୋଧ ଭାଟ	ଖୁଣ୍ଟିଚକୁଳି	ସମ୍ବଲପୁର	୧୨	ସହଦେବ ବିଶି	ଦର୍ବେକେଲା	ବରଗଡ଼
୨	ବିହାରି ମାଝୀ	ଝରାପାଲି	ବରଗଡ଼	୧୩	ବ୍ରଜମୋହନ ଗୁଡ଼ିଆ	ସଙ୍କରା	ରାୟଗଡ଼
୩	ସାଗର ପୁଞ୍ଜୀ	ସଲେଣ୍ଡି	ବଲାଙ୍ଗିର	୧୪	ହାରାଚନ୍ଦ ଗଉଡ଼	ବଏଁଶିମାଲ୍	ଝାରସୁଗୁଡ଼ା
୪	ପର୍ଶୁରାମ ଝରା	ମାଧପାଲି	ରାୟପୁର	୧୫	ରାମ୍ ପ୍ରସାଦ୍	ଲହଣ୍ଡା	ବରଗଡ଼
୫	ଅଏବନ ସହଁରା	ବାଲସି	ରାୟପୁର	୧୬	ମୁକ୍ତି ଗଉଡ଼	ବନାବିରା	ବରଗଡ଼
୬	କପିଳ ଦାଶ	ରୂପାପାଲି	ବରଗଡ଼	୧୭	ନିରଞ୍ଜନ ବେହେରା	ନୂଆଁଶରଧାପାଲି	ସମ୍ବଲପୁର
୭	ମୋହନ ଦାଶ	ଫୁଲବନ୍ଦ	ବିଲାସପୁର	୧୮	କାନ୍ଦୁରୁ ସାହୁ	ତାଲ୍‌ମେଣ୍ଡା	ବରଗଡ଼
୮	ତ୍ରିଲୋଚନ ପ୍ରଧାନ	ଛିବିରା	ରାୟପୁର	୧୯	ନିତ୍ୟାନନ୍ଦ ଦାଶ	ଭେଡ଼େନ	ବରଗଡ଼
୯	ଭୀମା ଦାଶ	ବଘୋତ୍	ରାୟଗଡ଼	୨୦	ଅଭିମନ୍ୟୁ ଖମାରୀ (ଡୁମାଲ)	ଚକୁଳି	ସମ୍ବଲପୁର
୧୦	ଗଜ ମେହେର	ତାଲମେଣ୍ଡା	ବରଗଡ଼	୨୧	ଦଳଗଞ୍ଜନ	ଧଣ୍ଡାମୁଣ୍ଡା	ବଲାଙ୍ଗିର
୧୧	ଘାସି ଦାଶ	ଲେନ୍ଧ୍ରା	ରାୟଗଡ଼	୨୨	ଶତ୍ରୁଘ୍ନ କାଲୁ	ଭୁତଲଡିହି	ରାୟପୁର

୨୩	ଉପେନ୍ଦ୍ର-ନରେନ୍ଦ୍ର	କାଏଁଶିର	ବରଗଡ଼	୩୭	ମନବୋଧ ଶଗର	ବିଜାଢ଼ୋଲ	ବରଗଡ଼
୨୪	ବେଣୁଧର ମେହେର	ଭଡ଼ିଗାଁ	ବରଗଡ଼	୩୮	ଲଛମନ୍	ବୁର୍ଦ୍ଧା	ରାୟଗଡ଼
୨୫	ସାଧୁଚରଣ ଛୁରିଆ	ଦେକୁଲବା	ବରଗଡ଼	୩୯	କିଶୋରୀ ମହାରଣା	କାଦୋବାହାଲ	ବରଗଡ଼
୨୬	ସୋମନାଥ ବିଶି	ଦେଉଲି	ବରଗଡ଼	୪୦	ମୁଖି	କୁର୍ରାପାଲି	ବଲାଙ୍ଗିର
୨୭	ରାମଚନ୍ଦ୍ର ପୁରୋହିତ	ଧୁମାଭଠା	ବଲାଙ୍ଗିର	୪୧	ରାଧାକାନ୍ତୀ ବାରିକ (ତୁରୀ)	ବଂଜାରୀ	ବରଗଡ଼
୨୮	ଜିତେନ୍ଦ୍ର-ବିଦ୍ୟାଧର	ଲୁର୍‌କି	ବଲାଙ୍ଗିର	୪୨	ଖିତି-ଟେଙ୍ଗୁନୁ	ଲୁକାପଡ଼ା-ବରଙ୍ଗାକୋଟ	ରାୟଗଡ଼
୨୯.	ବନମାଳି	ବରଗାଁ	ରାୟପୁର	୪୩	ବଂଶୀଧର	ସଙ୍କରା	ରାୟଗଡ଼
୩୦	ଟୁଲି-ସମନା	ବ୍ରାହ୍ମଣଟାଲ	ବରଗଡ଼	୪୪	ରାମ୍‌ଜୀ କେଉଁଟ	ପରୀମାଲ	ସୋନପୁର
୩୧	ସୁନ୍ଦରି ବର୍ହିଆ	ବିଜରାଭଁଠା	ରାୟପୁର	୪୫	ହରିହର ଗାୟକ	ବାଞ୍ଜିପାଲି	ବରଗଡ଼
୩୨	ଗୋପାଳ କଲାର	ଖର୍ରା	ରାୟପୁର	୪୬	ବାବାଜି କର	କୁବେଡ଼େଗା	ବରଗଡ଼
୩୩	ଗୋବିନ୍ଦ ପାଣିଗ୍ରାହୀ	ଝଉଁରପୁର	ସମ୍ବଲପୁର	୪୭	ଦୁଲ୍ଲଭ	ପରୀମାଲ	ସୋନପୁର
୩୪	ପୂର୍ଣ୍ଣଚନ୍ଦ୍ର ଦେହେରୀ	ବାହାବଲ	ବଲାଙ୍ଗିର	୪୮	ନୃପ ଦାଶ	ରୂପାପାଲି	ବରଗଡ଼
୩୫	ଶେଷଦେବ ବୁଢ଼େକ	ଧୁମାଭଠା	ବଲାଙ୍ଗିର	୪୯	ନଟବର	ଭୁତଲଡିହି	ରାୟପୁର
୩୬	ଘସିଆ ମାହାର	ମେରିଆପଡ଼ା	ସମ୍ବଲପୁର	୫୦			

ଚତୁର୍ଥ ପୀଢ଼ିର ସଞ୍ଚାର ବାୟକମାନଙ୍କ ତାଲିକା

୧	ବିରଞ୍ଚି ମାଝୀ	ଝରାପାଲି	ବରଗଡ଼	୧୧	ପୂର୍ଣ୍ଣାନନ୍ଦ ପଟେଲ	ଭେଉଁରିଆ	ବରଗଡ଼
୨	ପୂର୍ଣ୍ଣ ମେହେର	ଝିଲିମିଣ୍ଡା	ବରଗଡ଼	୧୨	ଚତୁର୍ଭୁଜ ପ୍ରଧାନ	ଗୌରିଆ	ରାୟପୁର
୩	ବିପିନ୍ ସେଟ୍	ବର୍ହାଗୁଡ଼ା	ବରଗଡ଼	୧୩	ମହାଦେବ ଭୋଇ	କନ୍‌ଗାଁ	ବରଗଡ଼
୪	ଉପେନ୍ଦ୍ର ବେହେରା (ଡିଅର)	ତବଡ଼ା	ବରଗଡ଼	୧୪	କପିଳ ଗଉଡ଼	ଶାସନ	ସମ୍ବଲପୁର
୫	ଗଜପତି ପସାୟତ (ଭଣ୍ଡାରୀ)	ଗଣ୍ଡିଆପାଲି	ବରଗଡ଼	୧୫	ସୁନ୍ଦର ସାହୁ	ବୁରୋଡ଼ିହି	ରାୟପୁର
୬	ରୁଦ୍ର / କିଶୋର ଶତପଥି	ସୁନାରି	ଝାରସୁଗୁଡ଼ା	୧୬	ନାଗା ଦାଶ	ଗୌରିଆ	ରାୟପୁର
୭	ନଟବର	ଭୁତଲଡିହି	ରାୟପୁର	୧୭	ମୁକ୍ତି ଗଉଡ଼	ବନାବିରା	ବରଗଡ଼
୮	ନୃପ ଦାଶ	ରୂପାପାଲି	ବରଗଡ଼	୧୮	ଚତୁର୍ଭୁଜ ମିଶ୍ର	ଜଡ଼ାମୁଣ୍ଡା	ବରଗଡ଼
୯	ବିଦା ଭୋଇ	ନଲିଚୁଆଁ	ବରଗଡ଼	୧୯	ଚତୁର୍ଭୁଜ ଶତପଥି	ତାଲମେଣ୍ଡା	ବରଗଡ଼
୧୦	ବାବାଜି ଶତପଥି		ରାୟପୁର	୨୦	ମନବୋଧ ଭାଟ	ଖୁଣ୍ଟିଚକୁଳି	ସମ୍ବଲପୁର

ପଞ୍ଚମ ପୀଢ଼ିର ସଞ୍ଚାର ବାୟକମାନଙ୍କ ତାଲିକା

୧	ରସିକ ଦାସ	ଭଡ଼ିଗାଁ	ବରଗଡ଼	୧୮	ଧରମ ସିଂହ	ବାଲସି	ରାୟପୁର
୨	ଡୋଳାମଣି ଡନସନା	ବନାବିରା	ବରଗଡ଼	୧୯	ଦେବ ସହଁରା	ଜାଲପାଲି	ବରଗଡ଼
୩	ଚତୁର୍ଭୁଜ ମିଶ୍ର	ଜଡ଼ାମୁଣ୍ଡା	ବରଗଡ଼	୨୦	ଆଦି ସାହୁ (ତେଲି)	ସୁଲୁସୁଲିଆ	ବରଗଡ଼
୪	ଅଯୋଧ୍ୟା ମେହେର	ବନ୍ଧର୍	ବରଗଡ଼	୨୧	ପୀତାମ୍ବର ପୁଟେଲ	ତଳିଉଡ଼ା	ବଲାଙ୍ଗିର
୫	ଅରକ୍ଷିତ ପଟେଲ	ରିସିଡ଼ା	ରାୟଗଡ଼	୨୨	ସାହେବ ତୁରୀ	ପରମାଣପୁର	ବରଗଡ଼
୬	ଭୋଳାଲିଙ୍ଗ ସାମଲ	ବଲାଙ୍ଗିର	ବଲାଙ୍ଗିର	୨୩	ଦୁଃଖନାଶନ ବେହେରା	ଗୋପାଲପାଲି	ସମ୍ବଲପୁର
୭	ଗୟାଧର ପ୍ରଧାନ	ବସନା	ରାୟପୁର	୨୪	ଭଜମନ ମେହେର	ଦମେଇପାଲି	ବଲାଙ୍ଗିର
୮	କୃତ୍ତିବାସ ସାମଲ	ବର୍‌ନେର୍	ରାୟପୁର	୨୫	ଚନ୍ଦ୍ରମା ବାଗ	ପଣ୍ଡରି	ସମ୍ବଲପୁର
୯	ବୈକୁଣ୍ଠ ଦୁଆନ	ସଙ୍କରା	ରାୟଗଡ଼	୨୬	ଚିନାମାଲି ଦାସ	ରୂପାପାଲି	ବରଗଡ଼
୧୦	ତେଜରାମ ଦେହେରି	ଦଲ୍ଲିପାଲି	ରାୟଗଡ଼	୨୭	ବସନ୍ତ ଗଣ୍ଡ (ତୁରୀ)	ଅନ୍ତରାଡ଼ି	ବରଗଡ଼
୧୧	କଳାକାହ୍ନୁ ସେଠ୍ (ଧୁବା)	ବୁଢ଼ାଝରିଆ	ରାୟଗଡ଼	୨୮	ପାର୍ବତୀ ଦାସ	ରୂପାପାଲି	ବରଗଡ଼
୧୨	ରସିକ ସାହୁ	ଭଟଲି,ବାଞ୍ଜିପାଲି	ବରଗଡ଼	୨୯	ସାନ୍ତରା ଗଣ୍ଡ	ସରଧା	ଝାରସୁଗୁଡ଼ା
୧୩	ଶ୍ରୀମନ୍ତ ଡୁମ୍ବାଲ	ଅପାମରା	ବରଗଡ଼	୩୦	ବନମାଳି ଗଣ୍ଡ	ଜାମଛାପର	ଝାରସୁଗୁଡ଼ା
୧୪	ପୂର୍ଣ୍ଣ ମେହେର	ଲୁହାବଗା	ଝାରସୁଗୁଡ଼ା	୩୧	ପଞ୍ଚୁଲାଲ ବିଶ୍ୱାଳ	ବାଘମୁଣ୍ଡା	ଝାରସୁଗୁଡ଼ା
୧୫	ଅଲେଖ ସାହୁ	ତାଲମେଣ୍ଡା	ବରଗଡ଼	୩୨	ପବିତ୍ର କର	ଶରକଣ୍ଡା	ରାୟପୁର
୧୬	ଭୀଷ୍ମ ରଣା	ସର୍କଟ୍‌ପାଲି	ବରଗଡ଼	୩୩	ବିମ୍ବାଧର	ଝାର୍‌ପାଲି	ଝାରସୁଗୁଡ଼ା
୧୭	ଗଜିନ୍ଦ୍ର ବିଶି	ଦେଉଲି	ବରଗଡ଼	୩୪	ହେମନ୍ତ ବାଗ	କପାଶିରା	ବରଗଡ଼

ବିଭିନ୍ନ ପୀଢ଼ିର ସଞ୍ଚାର ବାୟକ ମାନଙ୍କ ତାଲିକା (୧୮୫୦ ରୁ)

୧	ମୋହନ ଦାସ	ଭଡ଼ିଗାଁ	ବରଗଡ଼	୨୯	ଶତ୍ରୁଘ୍ନ କାଲୁ	ଭୁତଲଡିହି	ରାୟପୁର
୨	ଦୁର୍ଲଭ ଦାସ	ଭଡ଼ିଗାଁ	ବରଗଡ଼	୩୦	ସାଗର ପୁଞ୍ଜ	ସଲେଣ୍ଡି	ରାୟପୁର
୩	ଶମ୍ଭୁ ପଶାୟତ	ଗଁଠିଆପାଲି	ବରଗଡ଼	୩୧	ମନବୋଧ ଭାଟ	ଖୁଣ୍ଟିଚକୁଳି	ସମ୍ବଲପୁର
୪	ଗିରିଧାରୀ ବାବା	ଭେଡ଼େନ	ବରଗଡ଼	୩୨	ବିହାରୀ ମାଝୀ	ଝରାପାଲି	ବରଗଡ଼
୫	ମଦନ ଦାଶ	ବଘରା	ସମ୍ବଲପୁର	୩୩	ନିତ୍ୟାନନ୍ଦ ଦାସ	ଭେଡ଼େନ	ବରଗଡ଼
୬	ରସିକ ଦାସ	ଭଡ଼ିଗାଁ	ବରଗଡ଼	୩୪	ମୋହନ ଦାସ	ଫୁଲବନ୍ଧ	ବିଲାସପୁର
୭	ଭୁବନେଶ୍ୱର ତିଅର	ତବଡ଼ା	ବରଗଡ଼	୩୫	ପରଶୁରାମ ଝରା	ମାଧପାଲି	ରାୟପୁର
୮	ଚୈତନ୍ୟ ମାହାର	ମେରିଆପଡ଼ା	ସମ୍ବଲପୁର	୩୬	ଅଏବନ ସହଁରା	ବାଲ୍‌ସି	ରାୟପୁର
୯	ଉଦ୍ଧବ ସହଁରା	ତିନ୍‌ମିନୀ	ରାୟଗଡ଼	୩୭	ଭୀମା ଦାଶ	ବଘୋତ	ରାୟପୁର
୧୦	ଭୁଲା	ମାଲିଶ୍ରିଗିଡ଼ା	ବଲାଙ୍ଗୀର	୩୮	ତ୍ରିଲୋଚନ ପ୍ରଧାନ	ଛିବ୍‌ରା	ରାୟପୁର
୧୧	ମାଧବ ବେହେରା	ତବଡ଼ା	ବରଗଡ଼	୩୯	ହାରାଚନ୍ଦ ଗଉଡ଼	ବଏଁଶିମାଲ	ସମ୍ବଲପୁର
୧୨	ମାୟାଧର ସେଠ୍	ଖରମୁଣ୍ଡା	ବରଗଡ଼	୪୦	ଘାସି ଦାଶ	ଲେଣ୍ଡ୍ରା	ରାୟପୁର
୧୩	ଧନେଶ୍ୱର ବେହେରା	ତବଡ଼ା	ବରଗଡ଼	୪୧	ନିରଞ୍ଜନ ବେହେରା	ଗୋପାଳପାଲି	ସମ୍ବଲପୁର
୧୪	ରାଧାବଲ୍ଲଭ	ଭାତଲଇଡ଼ା	ସମ୍ବଲପୁର	୪୨	ଗଜ ମେହେର	ତାଲମେଣ୍ଡା	ବରଗଡ଼
୧୫	ଜଗନ୍ନାଥ ପଣ୍ଡା	କୁକୁଡ଼ାପାଲି	ସମ୍ବଲପୁର	୪୩	ବ୍ରଜମୋହନ ଗୁଡ଼ିଆ	ଶଙ୍କରା	ରାୟଗଡ଼
୧୬	ନୀଳମଣି କୈବର୍ତ୍ତ	ଚଉଁରପୁର	ସମ୍ବଲପୁର	୪୪	ମୁକ୍ତି ଗଉର	ବନାବିରା	ବରଗଡ଼
୧୭	ଗାନ୍ଧି ମାଝୀ	ଗିରିପାଲି	ସମ୍ବଲପୁର	୪୫	ସାଧୁ ଚରଣ ଛୁରିଆ	ଦେକୁଲବା	ବରଗଡ଼
୧୮	ପୁଟୁ ବଢ଼େଇ	ଗୁଡ଼େସିଂହା	ସମ୍ବଲପୁର	୪୬	ସୋମନାଥ ବିଶି	ଦେଉଲି	ବରଗଡ଼
୧୯	କୁନୁ ମାହାର	ମେରିଆପଡ଼ା	ସମ୍ବଲପୁର	୪୭	ରାମଚନ୍ଦ୍ର ପୁରୋହିତ	ଧୁମାଭଟା	ବରଗଡ଼
୨୦	ଅନନ୍ତ ମାଝି	ଝରାପାଲି	ବରଗଡ଼	୪୮	ସହଦେବ ବିଶି	ଦର୍ବେକେଲା	ବରଗଡ଼
୨୧	ଧନେଶ୍ୱର ଦାସ	ପପଙ୍ଗା	ବରଗଡ଼	୪୯	ବନମାଳୀ	ବରଗାଁ	ରାୟପୁର
୨୨	ମୁକ୍ତି ଦାସ	ସୁଲସୁଲିଆ	ବରଗଡ଼	୫୦	ଟୁଲି-ସମ୍ନା	ବ୍ରାହ୍ମଣଟାଲ	ବରଗଡ଼
୨୩	ଆଦି ସାହୁ	ସୁଲସୁଲିଆ	ବରଗଡ଼	୫୧	ଉପେନ୍ଦ୍ର-ନରେନ୍ଦ୍ର	କାଏଁସିର	ବରଗଡ଼
୨୪	ମୁକୁନ୍ଦ ପରଗନିଆଁ	କଟାପାଲି, ଜାମପାଲି,	ବରଗଡ଼	୫୨	ସୁନ୍ଦରୀ ବର୍ହିଆ	ବିଜରାଭଁଠା	ରାୟପୁର
୨୫	ବିଦ୍ୟାଧର	ଡୁଙ୍ଗୁରିପାଲି	ବଲାଙ୍ଗୀର	୫୩	ଗୋପାଳ କଲାର	ଖରୋସ୍	ରାୟପୁର
୨୬	ହରି ତିଅର	ଅଡ଼ଗାଁ	ବରଗଡ଼	୫୪	ରାମ ପ୍ରସାଦ	ଲହଣ୍ଡା	ସମ୍ବଲପୁର
୨୭	ବିଦ୍ୟାଧର -ଜିତେନ୍ଦ୍ର	କୁଟୁମଡୁଲା	ବଲାଙ୍ଗୀର	୫୫	ଗୋବିନ୍ଦ ପାଣିଗ୍ରାହୀ	ଚଉଁରପୁର	ସମ୍ବଲପୁର
୨୮	ଦଳଗଞ୍ଜନ	ଧଣ୍ଡାମୁଣ୍ଡା	ବଲାଙ୍ଗୀର	୫୬	କିଶୋରୀ ମହାରଣା	କାଦୋବାହାଲ	ବରଗଡ଼

୫୭	ମୁଖ୍ୟ ଗାୟିକା	କୁର୍ରାପାଲି	ଲୋଇସିଂହା,ବଲାଙ୍ଗିର	୮୬	ବାବାଜି ଶତପଥି	ଗୁଦେରପାଲି	ବରଗଡ଼
୫୮	ଲଛମନ ଭୋଇ	ବୁର୍ଦ୍ଧା	ରାୟପୁର	୮୭	ପୂର୍ଣ୍ଣଚନ୍ଦ୍ର ପଟେଲ	ଭେଉଁରିଆ	ବରଗଡ଼
୫୯	ଦୁର୍ଯ୍ୟୋଧନ ଜୁଆଡ଼ି	ସଲେଣ୍ଡି	ବଲାଙ୍ଗିର	୮୮	ଚତୁର୍ଭୁଜ ପ୍ରଧାନ	ଗୌଁରିଆ	ରାୟପୁର
୬୦	ତୁଳସୀରାମ ବାଗ	ଫଟାମୁଣ୍ଡା (ପଦ୍ମପୁର)	ବରଗଡ଼	୮୯	ଡୋଲାମଣି ସେଠ୍	ଗୌଁରିଆ	ରାୟପୁର
୬୧	ଜୟଦେବ ସାହୁ	କୁଲାଣ୍ଡି(ଲଖମରା)	ବରଗଡ଼	୯୦	ନାଗା ଦାଶ	ଗୌଁରିଆ	ରାୟପୁର
୬୨	ପୂର୍ଣ୍ଣାନନ୍ଦ ପଟେଲ	କୁସଙ୍ଗ	ବଲାଙ୍ଗିର	୯୧	ଡୋଲାମଣି ଡନସନା	ବନାବିରା	ବରଗଡ଼
୬୩	ହରିଲାଲ ସାହୁ	ବନାବିରା (ତବଡ଼ା)	ବରଗଡ଼	୯୨	ମହାଦେବ ଭୋଇ	କନଗାଁ	ବରଗଡ଼
୬୪	ପୂର୍ଣ୍ଣଚନ୍ଦ୍ର ଦେହେରି	ବାହାବଲ	ବଲାଙ୍ଗିର	୯୩	କପିଳ ଗଉଡ଼	ଶାସନ	ସମ୍ବଲପୁର
୬୫	ଶେଷଦେବ ବୁଢ଼େକ	ଧୁମାଭଟା	ବଲାଙ୍ଗିର	୯୪	ସୁନ୍ଦର ସାହୁ	ବୁରୋଡିହି	ସମ୍ବଲପୁର
୬୬	କପିଳ ଦାସ	ରୂପାପାଲି	ବରଗଡ଼	୯୫	ଅରକ୍ଷିତ ପଟେଲ	ବୁରୋଡିହି	ସମ୍ବଲପୁର
୬୭	କାର୍ତ୍ତିକ ବେହେରା	ବତେମୁରା	ସମ୍ବଲପୁର	୯୬	ଡୋଲାମଣି ପଟେଲ	ଗସ୍ତାଡିହି	ବରଗଡ଼
୬୮	ଘସିଆ ମାହାର	ମେରିଆପଡ଼ା	ସମ୍ବଲପୁର	୯୭	ଦାଶରଥି-ବିନ୍ଧାଣୀ	ନୂଆଁପାଲି (କନସିଂହା)	ବରଗଡ଼
୬୯	ମନବୋଧ ଶବର	ବିଜ୍‌ରାଭଁଠା	ରାୟପୁର	୯୮	ଅଶୋକ ରଣା	ସର୍କଟ୍‌ପାଲି (ପଦ୍ମପୁର)	ବରଗଡ଼
୭୦	ରାମଜୀ ଗାୟକ	ପଁରୀମାଲ	ସୋନପୁର	୯୯	ଉଜଲ ସେଠ୍ (ମିର୍‌ଚ୍ଚ)	ବିରମାଲ	ବରଗଡ଼
୭୧	ପୀତାମ୍ବର ଗଣ୍ଡ	ଫବସି	ସୋନପୁର	୧୦୦	କ୍ଷମାନିଧି ସାହୁ	ମହଦା (ଭଟଲି)	ବରଗଡ଼
୭୨	ବାବାଜୀ କର	ସରକଣ୍ଡା	ରାୟପୁର	୧୦୧	ଭୋଲାଲିଙ୍ଗ ସାମଲ	ବଲାଙ୍ଗିର	ବଲାଙ୍ଗିର
୭୩	ଗଜାଧର ପ୍ରଧାନ	ଗୋଡ଼ମରା	ରାୟପୁର	୧୦୨	ଗୟାଧର ଭୁଏ	ଗୋଡ଼ମରା	ରାୟପୁର
୭୪	ବିରଂଚି ମାଝି	ଝରାପାଲି	ବରଗଡ଼	୧୦୩	କୃତ୍ତିବାସ ସାମଲ	ବର୍‌ନେର୍	ରାୟପୁର
୭୫	ପୂର୍ଣ୍ଣଚନ୍ଦ୍ର ମେହେର	ଝିଲ୍‌ମିଣ୍ଡା	ବରଗଡ଼	୧୦୪	ଅଯୋଧ୍ୟା ମେହେର	ବନ୍ଧର	ବରଗଡ଼
୭୬	ବିପିନ ସେଟ୍	ବରାହଗୋଡ଼ା	ବରଗଡ଼	୧୦୫	ତେଜରାମ୍ ଦେହେରି	ଦର୍ଲିପାଲି	ରାୟଗଡ଼
୭୭	ଉପେନ୍ଦ୍ର ବେହେରା	ତବଡ଼ା	ବରଗଡ଼	୧୦୬	କଳାକାହ୍ନୁ ଧୁବା	ପୁଡ଼ାଘରିଆ	ରାୟଗଡ଼
୭୮	ଗଜପତି ପଶାୟତ	ଗଣ୍ଡିଆପାଲି	ବରଗଡ଼	୧୦୭	ବୈକୁଣ୍ଠ ଦୁଆନ	ସଙ୍କରା	ରାୟଗଡ଼
୭୯	ଚତୁର୍ଭୁଜ ମିଶ୍ର	ଜଡ଼ାମୁଣ୍ଡା	ବରଗଡ଼	୧୦୮	ରସିକ ସାହୁ	ବାଞ୍ଜିପାଲି	ବରଗଡ଼
୮୦	ରୁଦ୍ରପ୍ରତାପ ଶତପଥି	ସୁନାରୀ	ଝାରସୁଗୁଡ଼ା	୧୦୯	ଅଲେଖ ସାହୁ	ତାଲମେଣ୍ଡା	ବରଗଡ଼
୮୧	କିଶୋର ଚନ୍ଦ୍ର ଶତପଥି	ସୁନାରୀ	ଝାରସୁଗୁଡ଼ା	୧୧୦	ଶ୍ରୀମନ୍ତ ଡୁମାଲ	ଅପାମରା	ବରଗଡ଼
୮୨	ନଟବର	ଭୁତଲଡିହି	ରାୟପୁର	୧୧୧	ଭୀଷ୍ମ ରଣା	ସର୍କଟପାଲି (ଭେଁରିଆ)	ବରଗଡ଼
୮୩	ଦିବା ଭୋଇ	ନଲିଚୁଆଁ	ବରଗଡ଼	୧୧୨	ଗଜେନ୍ଦ୍ର ବିଶି	ଦେଉଲି (ପଦ୍ମପୁର)	ବରଗଡ଼
୮୪	ଦୁର୍ଲ୍ଲଭ ପରୀମଲିଆ	ରୂପାପାଲି	ବରଗଡ଼	୧୧୩	ପଂଚୁଲାଲ ବିଶ୍ୱାଲ	ବାଘମୁଣ୍ଡା	ଝାରସୁଗୁଡ଼ା
୮୫	ନୃପ ଦାସ	ରୂପାପାଲି	ବରଗଡ଼	୧୧୪	ଦୁଃଖନାଶନ ବେହେରା	ଗୋପାଲପାଲି	ସମ୍ବଲପୁର

୧୧୫	ଚନ୍ଦ୍ରମା ବାଗ	ପଣ୍ଡରି	ସମ୍ବଲପୁର	୧୪୨	ଜିତେନ୍ଦ୍ର-ବିଦ୍ୟାଧର	ଲୁର୍‌କି	ବଲାଙ୍ଗିର
୧୧୬	ସାହେବ ତୁରୀ	ପରମାଣପୁର	ସମ୍ବଲପୁର	୧୪୩	ବନମାଳୀ	ବରଗାଁ	ରାୟପୁର
୧୧୭	ଆଦି ଦାସ	ଜାଲପାଲି	ବରଗଡ଼	୧୪୪	ଘସିଆ ମାହାର	ମେରିଆପଡ଼ା	ସମ୍ବଲପୁର
୧୧୮	ପୀତାମ୍ବର ପୁଟେଲ	ତଳିଉଡ଼ା	ବଲାଙ୍ଗୀର	୧୪୫	ବାଳମୁକୁନ୍ଦ ଶତପଥି	ବାହାବଲ୍	ବଲାଙ୍ଗିର
୧୧୯	ବନମାଳୀ ଷଣ୍ଢ	ବିଶାଳପାଲି	ବରଗଡ଼	୧୪୬	ରାଧାକାନ୍ତୀ ବାରିକ	ଲମ୍ବରୁପାଲି	ବରଗଡ଼
୧୨୦	ଲଏଖନ ମେହେର	ଭଡ଼ିଗାଁ	ବରଗଡ଼	୧୪୭	କ୍ଷିତି-ଟେଙ୍ଗ୍‌ନୁ	ଲୁକାପରା	ରାୟଗଡ଼
୧୨୧	ବେଣୁଧର ମେହେର	ଭଡ଼ିଗାଁ	ବରଗଡ଼	୧୪୮	ରାମଜୀ କେଉଁଟ	ପଁର୍‌ରିମାଲ	ସୋନପୁର
୧୨୨	ଭଜମନ ମେହେର	ଭଡ଼ିଗାଁ	ବରଗଡ	୧୪୯	ହରିହର ଗାୟକ	ବାଞ୍ଜିପାଲି	ବରଗଡ଼
୧୨୩	ସୁନ୍ଦରମତୀ-ଜୟରାମ ସେଠ	ତିନ୍‌ମିନି	ରାୟଗଡ଼	୧୫୦	ତ୍ରିଲୋଚନ	ସିଂଘୋଡ଼ା	ରାୟପୁର
୧୨୪	ବାସୁଦେବ ପସାୟତ	ଗଁଠିଆପାଲି	ବରଗଡ଼	୧୫୧	ଉପେନ୍ଦ୍ର ତିଅର	ତବଡ଼ା	ବରଗଡ଼
୧୨୫	ବୈକୁଣ୍ଠ ପସାୟତ	ଗଁଠିଆପାଲି	ବରଗଡ଼	୧୫୨	ବିଦ୍ୟାଧର ଭୋଇ	ନଳିଚୁଆଁ	ବରଗଡ଼
୧୨୬	ରାଜକୁମାରୀ ଖର୍‌ସଲ୍	କଳାପାଣି	ବରଗଡ଼	୧୫୩	ହେମନ୍ତ ବାଗ	କପାଶିରା	ବରଗଡ଼
୧୨୭	ବିଶାଖା ରଣା	ଜହ୍ନାପଡ଼ା (ଅତାବିରା)	ବରଗଡ଼	୧୫୪	ସୁନ୍ଦର ସାହୁ	ବୁରୋଡ଼ିହି	ରାୟପୁର
୧୨୮	ଅଚ୍ୟୁତ ବେହେରା	ତବଡ଼ା	ବରଗଡ଼	୧୫୫	ଚତୁର୍ଭୁଜ ଶତପଥୀ	ତାଲମେଣ୍ଡା	ବରଗଡ଼
୧୨୯	ବସନ୍ତ ଗଣ୍ଡ	ଅନ୍ତରାଡ଼ି	ବରଗଡ଼	୧୫୬	ପୂର୍ଣ୍ଣ ମେହେର	ଲୁହାବଗା	ଝାରସୁଗୁଡ଼ା
୧୩୦	ଶାନ୍ତି ବିଶ୍ୱାଳ	ପରମାଣପୁର	ସମ୍ବଲପୁର	୧୫୭	ଧରମ ସିଂହ	ସରେଇପାଲି	ରାୟପୁର
୧୩୧	ଅଲେଖ ଭୋଇ	ସିଂଘୋଡ଼ା	ଛତିଶଗଡ଼	୧୫୮	ଦେବ ସହଁରା	ବାଲ୍‌ସି	ରାୟପୁର
୧୩୨	ଶତ୍ରୁଘନ୍ ଖର୍‌ରା	ବଇଦପାଲି	ସରାଇପାଲି	୧୫୯	ପୀତାମ୍ବର ପୁଟେଲ	ତଳିଉଡ଼ା	ବଲାଙ୍ଗିର
୧୩୩	ଚକ୍ର ବାହାକ	ବଏତାଲି	ଝାରବନ୍ଧ	୧୬୦	ଭଜମନ ମେହେର	ଦମେଇପାଲି	ବଲାଙ୍ଗିର
୧୩୪	ଗଣେଶ ବାହାକ	ଝାରବନ୍ଧ	ବରଗଡ଼	୧୬୧	ଚିନାମାଲି ଦାସ	ରୂପାପାଲି	ବରଗଡ଼
୧୩୫	ରଘୁମଣି ବାହାକ	ଘେଁସ	ବରଗଡ଼	୧୬୨	ପାର୍ବତୀ ଦାସ	ରୂପାପାଲି	ବରଗଡ଼
୧୩୬	କୃପାସିନ୍ଧୁ ଭୋଇ	ସମ୍‌କେରା	ସୁନ୍ଦରଗଡ଼	୧୬୩	ସାନ୍ତରା ଗଣ୍ଡା	ଶରଧା	ଝାରସୁଗୁଡ଼ା
୧୩୭	ଗୋପାଳ ମାଝୀ	ଝରାପାଲି	ସମ୍ବଲପୁର	୧୬୪	ବନମାଳୀ ଗଣ୍ଡା	ଜାମଛାପର	ଝାରସୁଗୁଡ଼ା
୧୩୮	ମଦନ ଦାଶ	ବଘରା	ସମ୍ବଲପୁର	୧୬୫	ବିମ୍ବା	ଝରାପାଲି	ରାୟଗଡ଼
୧୩୯	ଦୟାନିଧି ତିଅର	ତବଡ଼ା	ବରଗଡ଼	୧୬୬	ଫକୀର ପ୍ରଧାନ	ଖରାଲି	ବଲାଙ୍ଗିର
୧୪୦	କୁନୁ ମାହାର	ମେରିଆପଡ଼ା	ସମ୍ବଲପୁର	୧୬୭	ଗୌରଚନ୍ଦ୍ର ମନହୀରା	ଦେଗାଁ	ବଲାଙ୍ଗିର
୧୪୧	ଅଭିମନ୍ୟୁ ଖମାରୀ	ଖୁଣ୍ଟିଚକୁଳି	ସମ୍ବଲପୁର	୧୬୮	ଲକ୍ଷ୍ମଣ ରାମସରିଆ	ଗୋବିନ୍ଦପୁର, (ଅମ୍ବାଭୋନା)	ବରଗଡ଼

ମନାପଡ଼ା, ବରଗଡ଼

ତୁରୀ ପରମ୍ପରା

ଭବାନୀଶ ଭୋଇ

ଆମର ଭାରତ ଦେଶେ ଜାତିବାଦଟା ହବୁଠାନୁ ଗୁଟେ ବଡ଼ ସମସ୍ୟା। ଭାରତର ଇତିହାସକେ ଦେଖଲେ ଇନ ବର୍ଣ୍ଣ ବାଦ ରହିଥିଲା। ବ୍ରାହ୍ମଣ, କ୍ଷତ୍ରିୟ, ବୈଷ୍ୟ ଆର ଶୁଦ୍ର ବଲି ୪ଟା ବର୍ଣ୍ଣ। ବର୍ଣ୍ଣ ମାନେ ପ୍ରକୃତି। ଆମର ପ୍ରକୃତିର ୪ଟା ରୁପକେ ୪ଟା ବର୍ଣ୍ଣ ବଲି ବ୍ୟାଖ୍ୟା କରାଯାଇଥିଲା। ଗୁଟେ ପରିବାରରେ ବି ୪ ଭାଇ ବହେନ ୪ ବର୍ଣ୍ଣର ହେଇ ପାରବେ। କେନସି ସମସ୍ୟା ଦେଖା ଦେଲେ ଝନେ ସମାଧାନ ଲାଗି ଜ୍ଞାନର ବାଟ ଖୁଜସି, ଆର ଝନେ ତାର ତାକତଥି ସମାଧାନ ହେଇପାରବା ବଲି ବିଶ୍ୱାସ କରସି ଫେର ଗୁଟେ ଭାଇ ଲାଭ କ୍ଷତିର ହିସାବ କରସି। ହେଲେ ଆର ଝନେ ନିଜକେ ସମର୍ପଣ କରି ଦେସି। ଏନତା ୪ ପ୍ରକୃତି ୪ଟା ବର୍ଣ୍ଣକେ ତିଆର କରସି। ସେଥିର ଲାଗି ବାପାର ବର୍ଣ୍ଣ ପୁଓ ସାଙ୍ଗେ ସମାନ ହେବାର ଜରୁରୀ ନୁହେଁ। ହେଲେ ଆମର ଦେଶେ ବର୍ଣ୍ଣ ବ୍ୟବସ୍ଥା ବଂଶଗତ ହେଇ ଜାତିବାଦର ରୂପ ନେଇଯିବାରଟା ସମସ୍ୟାର କାରଣ ବନି ସାରିଛେ। ହେଲେ ବଛର ବଛର ତକ ଜାତିବାଦ ବେବସ୍ଥା ଜାରି ରହେବାର ଲାଗି ଗୁଟେ ଅଲଗ ପରମ୍ପରା ଆର ବେଭାରର ଧାରାଟେ ତିଆର ହେଇ ସାରିଛେ। ସେଥିର ଲାଗି ଆମର ଦେଶ ଭିତରେ ଭିନ୍ ଭିନ୍ ଭାଷା ଆର ସଂସ୍କୃତି ତିଆର ହେଇ ସାରିଛେ। ହେଲେ ଆମେ ଜାତିବାଦ ଭିତରେ ସେ ଜାତିର ପରମ୍ପରା ଐତିହ୍ୟ ଆର ସଂସ୍କୃତିକେ ଜାନବାର ଚେଷ୍ଟା ନାଇଁ କରବାର। ସେଥିର ଲାଗି ଆମର ଆଖେ ପାଖେ ରହୁଥିବାର ଭିନ୍ ଭିନ୍ ଜାତି ବାବଦେ ଆମେ ନାଇଁ ଜାନି ପାରବାର। ଯେନଟା ଆମର ସାମଗ୍ରୀକ ଭାରତୀୟ ସଂସ୍କୃତିର ଗୁଟେ ଅଂଶବିଶେଷ ଆୟେ। ସେଥିର ଲାଗି ଭାରତୀ ସମାଜ ତରଫରୁ ସାମଗ୍ରୀକ ସାମାଜିକ ବ୍ୟବସ୍ଥାକେ ଅଧ୍ୟୟନ କରାହେଉଛେ। ଭାରତର ସାମଗ୍ରୀକ ସଂସ୍କୃତିକେ ଜାନବାରକେ ହେଲେ ଦେଶ ସବୁ ଜାତିମାନଙ୍କର ଇତିହାସ ଆର ସଂସ୍କୃତିକେ ଜାନବାର ଜରୁରୀ ଆୟେ। ଇ ଅଧ୍ୟାୟରେ ଆମର ଅଞ୍ଚଳର ସେନତା ଗୁଟେ ଅବହେଳିତ ଜାତି ହେଉଛନ୍ ତୁରୀ ଜାତି।

ସାରା ଭାରତରେ ତୁରୀମାନଙ୍କର ସଂଖ୍ୟା ୨୦୧୧ ଜନଗଣନା ଅନସାରେ ଇଟା ମାତ୍ର ୧ ଲାଖ ୯୮ ହଜାର ୩୪୪ ଝନ ରହିଥିଲା। ଓଡିଶାର ଅନୁସୁଚିତ ଜାତି ତଲିକାରେ ତୁରୀ ଜାତୀର ନାଁ ୯୧ ନମ୍ବରରେ ରହିଛେ। ହେଲେ ଇଂରେଜ ଶାସନ ସମିଆରେ ପାଟନା ଡିଭିଜନ ଆର ବଂଗାଲରେ ତୁରୀମାନେ ଜନଜାତୀ ହିସାବେ ୧୯୩୬ ମସିହାଥି ଥାନ ପାଇଥିଲେ। ହେଲେ ଭାରତ ସ୍ୱାଧୀନ ହେବାର ଉତାରୁ ତୁରୀମାନଙ୍କୁ ଅନୁସୂଚିତ ଜାତି ହିସାବେ ଗଣନା କରାଗଲା। ଯେନଟାକି ସେମାନଙ୍କର ମୁଖ୍ୟ ଭାଷା ହେଉଛେ ତୁରୀ। ତୁରୀମାନେ ହେଉଛନ୍ ପ୍ରକୃତି ପୂଜକ। ହେଲେ ନିଜକେ ହିନ୍ଦୁ ଧର୍ମର ଅନୁଯାୟୀ ବଲି କହିଥିସନ।

ବାସସ୍ଥାନ :

ତୁରୀମାନେ ଭାରତର ପୂର୍ବ, ଉତ୍ତର-ପୂର୍ବ ଭାରତ ଆର ବାଂଲାଦେଶରେ ରହୁଥିବା ଗୁଟେ ଦ୍ରାବିଡ଼ ଗୋଷ୍ଠୀ। ତୁରୀମାନଙ୍କର ପାରମ୍ପରିକ କାମ ହେଉଛେ ବାଉଁଶରେ ଘରର ସାଜୋ ସାମାନ ତିଆର କରବାର। ସେଥିର ଲାଗି ତୁରୀମାନେ ଚାଷୀ ଆର ଗାଁର ଦୁସରା ଲୋକମାନଙ୍କର ଜୀବନ ଜୀବିକା ସାଙ୍ଗେ ଜଡ଼ିତ ଗୁଟେ ଜାତି ଆନ। ସେମାନେ ତିଆର କରୁଥିବାର ଜିନିଷମାନଙ୍କର ଭିତରେ ରହିଛେ ବାଉଁଶର କୁଲା, ଡଲା, ଟୁକେଇ, ଚଟ, ଟୋପି ଆର ଖଟ। ତୁରୀମାନେ ସାଧାରଣ ହିସାବରେ ଭୂମିହୀନ କୃଷି ଶ୍ରମିକ କାମ କରସନ। ତୁରୀମାନେ ଅନୁସୂଚିତ ଜାତିରେ ଠାନ ପାଇଛନ। ହେଲେ ସେମାନଙ୍କର ବେଭାର ଆଚାର କେ ଅନୁଧ୍ୟାନ କଲେ ତୁରୀମାନେ ଯେ ଜନଜାତି ଶ୍ରେଣୀରେ ଆସବେ ଇକଥା

ଝନେ ଜାନି ପାରବା। ତୁରୀମାନଙ୍କର ଭିତରେ ନିରକ୍ଷରତା ଗୁଟେ ବଡ଼ ସମସ୍ୟା। ସେମାନଙ୍କର ଭିତରୁ ତିନଭାଗର ଭାଗେ ପଢ଼ା ଲେଖାଥି ଅକ୍ଷମ ହେଇକରି ରହିଯାଇଛନ। ସେଥିର ଲାଗି ତୁରୀମାନଙ୍କର ଭାଷା, ଇତିହାସ ଆର ସଂସ୍କୃତି ବାବଦେ ଯେତକି ଆଲୋଚନା ହେବାର କଥା ସେତକି ହେଇ ନୁହେ ପାରେ। ତାର ସାଂଗେ ଲିଖିତ ହିସାବେ ଜାତିର ଇତିହାସ ସଂଖଲି କରି ରଖବାର ଚେଷ୍ଟା ବି ନାଇଁ କରାହେବାର। ଯେନ କିଛି କାମ କରାହେଇଛେ ସେଟା ତୁରୀ ଭାଷା ସଂସ୍କୃତି ହିସାବେ ବନେ କମ୍ ଆୟେ।

ସମାଜ ବେବସ୍ଥା :

ତୁରୀମାନଙ୍କର ଭିତରେ ହାଁସଦା, ସୁରେନ,ଦୁଆନ, ବାଗେ, ମଲ୍ଲିକ, ମାଝୀ, ପ୍ରଧାନ ଲେଖେ ସଙ୍କା ରହିଥିବାର ଦେଖା ଯାଏସି। ବହୁତଟେ ଲୋକ ଏଛନିର ସମିଆରେ ନିଜର ପାରମ୍ପରିକ ସଙ୍କା ବଦଲେଇ କରି ପୁରାତନ ସଙ୍କାର ଆଧୁନିକ ନାଁ ମାନେ ବି ଲେଖୁଥିବାର ଦେଖବାକେ ମିଲସି। ତୁରୀ ଜାତିନେ -

- ହାଁସଦା ମାନେ ହେଲେ ଜାତିର ମୁଖିଆ।
- ଦୁଆନ ମାନେ ଜାତିର ମନ୍ତ୍ରୀ।
- ପ୍ରଧାନ ମାନେ ଜାତିର ପୁଜାରୀ ଦେବୀକେ ଚରା / ପୂଜା ଦେବାର ଲାଗି ଚରହାଟ ବଲି କହେସନ।
- ମଲ୍ଲିକ ମାନେ ହେଉଛନ ଜାତିର ସେନାପତି। ଆଗରୁ ମଲ୍ଲିକ ମାନଙ୍କୁ ମାଇଲ ବଲି କହୁଥିଲେ। ସମିଆ ଅନସାରେ ସେମାନେ ଏଛନି ମଲ୍ଲିକ ବଲି ଲେଖୁଛନ।
- ବାଗେ ମାନେ ବେପାର କରୁଥିଲେ। ଜାତିର ବାଘ ବଲି କହେସନ। ଏଛନି ବହୁତ ଲୋକ ବାଗ ସଙ୍କା ଲେଖୁଥିବାର ଦେଖାବାକେ ମିଲୁଛେ।
- ବାରିକ- ତୁରୀ ଜାତୀର ଭଣ୍ଡାରୀ। ବିହା ବେଳେ ନଖ କାଟବାର କାମ କରସନ।

ତୁରୀ ଜାତି ବେବସ୍ଥାକେ ଦେଖଲେ ଜନା ଯାଏସି ଆଗରୁ ତୁରୀମାନେ ଜଙ୍ଗଲ ତରାଥି ରହୁଥିଲେ। ବାଉଁଶର ସାମାନ ତିଆର କରି ଗାଁ ଗହଲିକେ ବିକବାରକେ ଯାଉଥିଲେ। ଲୋକମାନେ ଜଙ୍ଗଲନୁଁ ବାଉଁଶ କାଟି କରି ଆନଲା ଉତାରୁ ତାହାକେ ଦୁହି ପରାନି ମିଶିକରି ସାମାନ ତିଆର କରୁଥିଲେ। ମୁଡେ କୁଲା ଡଲା ବୁହିକରି ଗାଁ ଗାଁ ବୁଲି ବିକୁଥିଲେ। ଚାଷ ବାସ ସାଧାରଣ ହିସାବେ ନାଇଁ କରୁଥାଇ। ବାଉଁଶର ସାମାନ ବିକଲେ ଚାଉଲ କି ଧାନ ଆନୁଥିଲେ। ସେଥି ଚଲୁଥିଲେ। ସେଥିର ଲାଗି ତୁରୀ ଜାତିର ସବୁ ଗୀତମାନଙ୍କୁ ଜଙ୍ଗଲର କଥା ଗାଁକେ ବିକି ଗଲା ବେଳେ ହେଉଥିବାର ଅସବିଧାର କଥା ଦେଖବାକେ ମିଲିଥିସି।

ବିହାଘର :

ତୁରୀମାନେ ପାରମ୍ପରିକ ରିତିନୀତି ଅନସାରେ ବିହା ହେଇଥିସନ। ତୁରୀବିହାଥି ବାମହନ ନାଇଁ ଲାଗେ। ତାଙ୍କର ଜାତିର ହାଁସଦା ଆର ମଲ୍ଲିକ ସାମନାରେ ଗାଁର ପଧାନ ପିଲା ଟୁକେଲକେ ବିହା କରେଇଥିସି। ମଡୁଆ ଗଡା ହେବା। ବନ୍ଧୁ ପାନି ଆନିକରି ଶିଲ ଶିଳପାରେ ଠିଆ ହେଇକରି ପଧାନ / ଚରହାଟ ବୁଢା ଦୁହି ଝନକୁ ମିଶି କରି ରହେବାର ପରିବାର କରବାର ଲାଗି ଶପଥ କରେଇ ଥିସି। ଶିଲ ଶିଲପା ଆର ହରଡା ବେଭାର ହେଉଥିଲା। ଶିଲ ଶିଲପାକେ ତୁରୀ ଭାଷାରେ ଗୁଡଗୁଦିରି /ପାଟାଦିରି କହେସନ। ବିହା ସିମଆରେ ତୁରୀ ଭାଷାରେ ପିଲା ଘର ଆର ଟୁକେଲ ଘରର ଲୋକ ଗୀତ ଆକାରେ କଥା ହେଇଥିସନ। ପିଲାର ବୁଆ ଟୁକେଲର ବୁଆକେ ପଚରାସି ମୋର ପୋ ଦିନଭର ଜଙ୍ଗଲକେ ଯାଇକରି ବାଉଁଶ କାଟିକରି ଆନବା ବେଳବୁଡିଗଲେ ତୋର ଝି ଖାଏବାର ଲାଗି ଦେବା।

ଜନମ ବେଳେ କୁଲାଟେ ଲାଗବା ଆର ମଲେ ବି କୁଲାଟେ ଲାଗସି।

ମୋର ପୋ ଜଂଗଲ ଯିବା ବାଉଁଶ ନାଇଁ ଆନି କରି ଫିରି ଆଏଲେ ସହେବୁ, ସମଧି କହେବା ହଁ ସହେମି।

ମୋର ଝି ବି କାମ ନାଇଁ ଶିଖି ସହେବ , ପିଲାର ବୁଆ ସବୁ ସହେମି ବଲି କଥା ଦେଉଥିଲା। ଝିଅର ବୁଆ କହୁଥିଲା - ମୋର ଝି ସାମାନ ବିକି ଗଲେ ଗାଁର କେଉଁଟ ଘରର ମୁରହି ଆର ଗଉର ଘରେ ପାଏନ ପିଇବା ତୁମେ ସହେବ କାୟେଁ? ପିଲାର ବୁଆ ସବୁ ସହେମୁ ବଲି କଥା ଦେଉଥିଲା। ତୁରୀ ଭାଷାନେ ଦୁହି ପଖିଆ ନିଜର କଥାମାନ କହେସନ। ଗାଁର ମୁରବୀମାନଙ୍କର ସାମନାଥି କଥା ଛିଡସି। କନିଆକେ ନେଇକରି ବରପିଲା ନିଜର ଘରକେ ଯାଏସି। ସେ ବିହା ବେଳର ଗୀତମାନେ ତୁରୀ ଭାଷାର ଲୋକ ସାହିତ୍ୟ ଆୟେ। ସାଂପ୍ରତିକ ସମିଆର ଆଚାର ବେଭାର। ଚାଲି ଚଲନ ସବୁକିଛି ତୁରୀ ଗୀତମାନକେ ପ୍ରତିଫଳିତ ହେଇଥିସି।

ସେନତା ଗୁଟେ ଗୀତ ହେଉଛେ -

ଓୟେ କୋଡା କାଏଁ ଯୋଯୋ ମାଁ
ଓୟେ କୋଡା କାଏଁନ କାମି ଆମାଂ ବାର ତାମରେ
କୋଡା ମାନଂ ବାର ତାମ

କାମି ରହ କାମକା ମିର
ହାନତେ ଭିଡିତାମ ରେ କୋଡା
ହାନତେ ଭିଡିତାମ
ଓଏ କୁଡି କାଏଁ ଜୋଜୋମା ଆତୁ ମୁରି ତାମ ରେ ତୁମି
କାଏଁ ଜୋଜୋମା ଆତୁ ମୁରି ତାମ
ଜମେ ରହୋ ହାନତେ ଭିଡିତାମ

ଇତାର ଅର୍ଥ ହେଉଛେ : କାନି ପନତେ ମୁରହି ନାଇଁ ଧର ବୁଚକା କରି ମୁଡେ ଧରିକରି ଆସ ଯେ ଖାଏମା ।

ଭାଷା ସାହିତ୍ୟ :

ତୁରୀ ଲୋକଙ୍କର ମାତୃଭାଷା 'ତୁରୀ' । ତୁରୀ ଭାଷା ଦ୍ରାବିଡ ସମ୍ପ୍ରଦାୟର ଭାଷା । ଦ୍ରାବିଡ ଭାଷା ଗୋଷ୍ଠୀନେ ତୁଲୁ ଗୁଟେ ଭାଷା ଅଛେ । ତୁରୀ ଭାଷା ସାଂଗେ ଦକ୍ଷିଣ ଭାରତର ତୁଲୁ ଆର ଓଡିଶାର କୁଇ, ଆର ମୁଣ୍ଡା ଭାଷା ସାଂଗେ କିଛିଟା ସମାନତା ରହିଥିବାର କୁହାଯାଏସି । ତୁରୀ ଭାଷା ଉପରେ ଅଏଧକା ଅଧ୍ୟୟନର ଆବଶ୍ୟକତା ରହିଛେ । ତୁରୀ ଜାତୀକେ ମୁଣ୍ଡା ଗୋଷ୍ଠୀର ଗୁଟେ ଜାତି ବଲି ବିଚାର କରାଯାଏସି । ତୁରୀମାନେ ଯେହେତୁ ବାଉଁଶର ଜିନିଷ ବିକବାର ଲାଗି ଗାଁ ଗଁଡାକେ ଯାଏସନ । ସେଥିର ଲାଗି ସେମାନଙ୍କର ସାମାନ ବିକା ଲାଗି ସେମାନେ ରହୁଥିବାର ଅଂଚଲର ବ୍ୟବହାରିକ ଭାଷାକେ ବି ଭଲକରି ଜାନସନ । ସେଥିର ଲାଗି ପଶ୍ଚିମାଂଚଳନେ ରହୁଥିବାର ତୁରୀମାନେ ସମ୍ବଲପୁରୀ ଭାଷା କହେସନ । ବିହାରନେ ରହୁଥିବାର ତୁରୀମାନେ ନେ ବିହାରୀ/ ହିନ୍ଦୀ । ବଙ୍ଗଲାର ତୁରୀମାନେ ବଙ୍ଗଲା ଆର ଦୁସରା ଆଂଚଲିକ ଭାରତୀ ଭାଷାରେ କଥା ବାରତା କରସନ । ତୁରୀ ଭାଷାର ଶବ୍ଦ ମାନକେ ଯହକରି ଚନ୍ଦରବିନ୍ଦୁ ବେଭାର ହେସି । ଟିକେ ଟିକେ ଉଚ୍ଚାରଣ ଥି ଅର୍ଥ ବଦଲି ଯାଏସି । ହେଲେ ତୁରୀ ଭାଷାରେ କଥିତ ସାହିତ୍ୟ/ ଲୋକ ସାହିତ୍ୟ କେତନି ରହିଥିବାର ଉତାରୁ ବି ଲିଖିତ ହିସାବେ ତୁରୀ ଭାଷାରେ ସାହିତ୍ୟର କେତନି ଅଭାବ ରହିଛେ ।

ବାଉଁଶ-ମାଁନ
ବାଉଁଶର ଗଁଠିକେ ମେଁନ ,
ଛତା-ଚାତମ
ମୁଁଡ-ବୋହୋ
ବାଲ-ଉଁମ
କପାଲ-ମାଲାନ
ଆଁଖଲ-ମେଦାଁ
ନାକ-ମୁଁ
କୁଲା- ହାଟାଆ
ଝୁରୀ ରଖାବର ଜିନିଷ -ଗୁଚୁ
ବେଁକ-ହୋଟୋଓ
ଠୁଁଡି-ଦୋହା
ପଛଆଡ-ଦେଜା
ହାତ-ତିଇ
ଆଙ୍ଗଠି-କାଟୁଉ
ନଖ- ରାମ
ଗୋଡ-ଡାଙ୍ଗା
ଚମଡା-ପୋଟା
ବାଲ-ଉଉମ
ରକତ-ମଜୋମ
ହାଡ-ଦାଆନ
ଝୁରୀ-ଦିଇଲ
ଭାତ-ତଉଲି
ଉଷୋ-ରାନ
ତେଲ-ସୁନୁମ
ମଦ- ଅର୍କ
ଗରା-ବିଲି
କୁକରା- ସିମ
କୁହୁଡି-ସୁକୁଲ
ବାଲି-ଧୁଇ
ପୃଥବୀ-ଧରତି
ପାନୀ-ଦାଆ
ନଦୀ-ନଇୟ
ରାସ୍ତା-ହୋର
ଜଂଗଲ-ବୁରୁ
ଫୁଲ-ବହ
ପତର-ସେକାମ
ଚେର-ଦେହରୀ
ଡାଲ-ଦୁହୁରା
ସୁର୍ଯ୍ୟ- ସିଙ୍ଗୀ
ଛାୟା-ଉମବୁଲ

ଗଲାକାଲି-ହୋଲେଶ
ଆଜି-ତିସିନ/ ତିହିନ
ଆଏବା କାଲି-ଗପ
ଏକ-ମିଆନ
ଦୁଇ-ବରିଆ
ତିନ-ପିଆ
ଚାଏର-ତାର

ତୁରୀମାନେ ବନାଲା ସାମାନ :

ଚାଷର ବେଭାର ସାମାନ-କୁଲା,କୁଲେଇ, ଚିଡି (ଧାନ ବୁଡା), ବଳଦ ଗାଡିରେ ବେଭାର ହେଉଥିବାର ଲୁଦର, ଟୋପ, ତୁଲ୍‌ଙ୍ଗୀ (ଧାନ ରଖିବାର ଲାଗି), ଡାଲିଆ

ଘରର ବେଭାର ସାମାନ- ଭୁଗା/ ଭୁଗଲି, ଟୁପଲି, ଝଁପି, ଚାଁଗୁର, ଘାରୀ (ଲିଆ ଛଡା),ଡାଲି

ଝୁରୀ ଧରା- ଧଏଁର, କୁମନା, ଖଲେଇ(ଝୁରୀ ରଖିବାର ଲାଗି) ଉଖେର,ଚଟେଇ,ଧୁକନା, ବିଛନା, ଛତା

ବିହା ସମିଆରେ- ଦାରଜା (ଗେଟ), ଝଁପଲି, ଅନକା, ତଲେଇ, ତୁଲାଚାଏଟ,

ନୁଆଁ ସମାନ- ବାଉଁଶର ଚଉକି,

ତୁରୀମାନେ କେନଠାନେ ବେଶି ସଂଖ୍ୟାନେ ରହୁଛନ ?

ଅଧିକାଂଶ ତୁରୀ ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରନ ରହେସନ୍। ତାର ବାହାରେ ବାଂଲାଦେଶନ ବି ତୁରୀ ଜାତିର ଲୋକମାନେ ରହୁଛନ୍। ତୁରୀମାନେ ଗାଁର ତରାରେ ପଡା କରି ବସବାସ କରିଥିସନ। ଗାଁର ଚାଷୀ ବାସୀ ଆର ସାଧାରଣଲୋକମାନଙ୍କର ଲାଗି ଘରେ ଆର ଚାଷ କାମନେ ବେଭାର ହେଉଥିବାର ସାମାନମାନେ ତିଆର କରି ଜୀବନ ଜୀବିକା ଚଳାସନ।

ସେମାନଙ୍କର ଜୀବନ :

ତୁରୀମାନଙ୍କର ଜୀବନ ଜଂଗଲ ସାଂଗେ ଜଡିତ ଆୟେ। ସଖାଲ ପାଏଲେ ଜଂଗଲ ଯାଇକରି ବାଉଁଶ ଆନଲେ ଯାଇକରି ଜୀବିକା ଚଳସି। ହେଲେ ଏଛନିର ସମିଆରେ ତୁରୀମାନକର ଜୀବନ ଜିବିକା ଉପରେ କଡା କଟକନା ପଡିଛେ। ଯୁଆନ ମାନେ ଆର ଜଂଗଲୁ ବାଉଁଶ କାଟିକରି ଆନି ନାଇଁ ପାରବାର। ବାଉଁଶ ନାଇଁ ମିଳବାର ଲାଗି ଜିନିଷ ତିଆର ନାଇଁ ହେବାର। ତାର ସାଂଗେ ପ୍ଲାଷ୍ଟିକ ଜିନିଷ ମିଳଲା ଦିନୁ ବାଁଉଶର ସାମାନକେ ଅଏତକା ପଏସା ଦେଇକରି ଘିନବାକେ ଲୁକେ ବି ନାଇଁ ଚାହେଁବାର। ସେଥିର ଲାଗି ତୁରୀମାନଙ୍କର ଜୀବନ ଜୀବିକା ବିପନ୍ନ ହେବାରକେ ବସିଛେ। ସେଥିର ଲାଗି ତୁରୀମାନେ ଦିନକେ ଦିନ ପାରମ୍ପରିକ କାମ ଛାଡିକରି ଶ୍ରମିକ ହିସାବେ କାମ କବାରଥି ଲାଗିଛନ। ସେଥିର ଲାଗି ସେମାନଙ୍କର ପାରମ୍ପରିକ ବୁତ ହଜବାର ସାଂଗେ ସେମାନଙ୍କର ସଂସ୍କୃତି ବି ବଦଲିବାରକେ ବସିଛେ। ସେଥିର ଲାଗି କେତନି ପରିବାର ବଡାକଷ୍ଟେ ଜୀବନ ବିତଉଛନ୍। ତୁରୀମାନେ କାମ ବନ୍ଦ ହେବାର ଉତାରୁ ସେମାନଙ୍କର ପରିବାର ଲାଗି ଖାନା ଆର ପିନ୍ଧନା ଯୁଗାଡ କରବାର ଲାଗି ସଂଘର୍ଷ କରୁଛନ। ଯେନ କେତେଝନ ତୁରୀ କାମ କରୁଛନ ସେମାନଙ୍କର ସାମାନ ବନାବାର ଲାଗି ବେପାରୀମାନେ ପହେଲାନୁଁ ବଏନା ଦେଉଛନ। ବାଉଁଶ ଦେଉଛନ। ପହେଲାନୁ ବଏନା ନେଇକରି କାମ କରୁଥିବାର ଲାଗି ବେପାରୀମାନେ ସବୁ ସାମାନ ମୁଲେଇ କରି ନେଇ ଯାଏଉଛନ। ଯାଏଁଥିର ଲାଗି ଯେତକି ଟଙ୍କା କାମ ବାବଦକେ ପାଏବାର କଥା ସେଟାବି ନାଇଁ ପାଇପାରବାର।

ତୁରୀ ମାନଙ୍କର ବିଶ୍ୱାସ !

ତୁରୀମାନେ ସେମାନଙ୍କର ଜାତି ଭିତରେ ବିହାଘର କରସନ। ହେଲେ ସେମାନଙ୍କ ବଂଶ କି ଗୋତ୍ର ଭିତରେ ନୁହେ। ପରିବାରର ବଡବଡଖାମାନେ ବିହାଘର ଲାଗି ବ୍ୟବସ୍ଥା କରସନ। ଝିମାନଙ୍କୁ ସେମାନଙ୍କ ଆଗରୁ ବାଲ୍ୟବିବାହ କରଉଥିଲେ। ସୌଭାଗ୍ୟବଶତଃ ସେ ପ୍ରଥାମାନେ ଲୋପ ହେଇ ବସିଛେ।

ଆଗରୁ ପୁଓମାନେ ସେମାନଙ୍କ ବାପାର ସମ୍ପତ୍ତିର ଉତ୍ତରାଧିକାରୀ ହେଉଥିଲେ। ହେଲେ ସମିଆ ବଦଲିବାର ଉତାରୁ ଏଛନି ତୁରୀ ଜାତି ଭିତରେ ବି ନିୟମ କାନୁନ ବଦଲି ଚାଲିଛେ। ତୁରିମାନେ ସେମାନଙ୍କର କେହି ମରିଗଲେ ମର ଶରୀରକେ ମାଟି ଦେସନ। ପିତୃପିତାକେ ସବୁବେଳେ ପୂଜା କରସନ।

ତୁରୀ ସମାଜରେ ପୂଜା ଧଜାର ଅଲଗ ଠାନ ରହିଛେ। ହେଲେ ସେମାନଙ୍କର ହେନ୍ତା ନିର୍ଦ୍ଦିଷ୍ଟ ମାହାପୁରୁ ନାଇଁନ। ତୁରୀ ଜାତୀର ମୁଲିହାର ପ୍ରଧାନ ଝାର ଜଂଗଲକେ ପୂଜା କରିସିଥସନ। ଝାର ଝଂଗଲହିଁ ତୁରୀମାନଙ୍କର ଜୀବନ ଆର ଜିବିକା ସେଥିର ଲାଗି ସେଟାକେ ହି ଦେବି ଦେବତା ବଲି ପୂଜା କରସନ। ତୁରୀମାନେ ପ୍ରକୃତି ପୂଜକ ଆନ। ସେମାନଙ୍କର ମୁଖିଆ ଦେବତା ହେଉଛନ ସିଂହବୋଙ୍ଗା ବା ସୂର୍ଯ୍ୟ। ତୁରୀମାନଙ୍କର ମୁଖିଆ ଖାନା ହେଉଛି ଭାତ, କରଡୀ, ପନିପରିବା, ଆର ଦୁସରା ଶସ୍ୟ ଆଉ ଫଳମୂଳ।

ତୁରୀ ଆର ବେତରା :

ସମ୍ବଲପୁରନେ ରହୁଥିବାର ବେତରାମାନଙ୍କୁ ବହୁତ ଲୋକ ତୁରୀ ବଲି ଭାବି ନେସନ। ଦୁହି ଜାତିର ଏଚନିର ମୁଖିଆ କାମ ବାଉଁଶର ଜିନିଷ ତିଆର କରବାରଟା ଆୟେ। ହେଲେ ତୁରୀମାନଙ୍କର ମୁଖିଆ କାମ ବାଉଁଶର ସାମଗ୍ରୀ ବାନବାରଟା ହେଇଥିବାର ବେଲେ ବେତରାମାନଙ୍କର ମୁଖିଆ କାମ ବେତରେ ଜିନିଷ ବନାବାର ସେଥି ଲାଗି ସେମାନେ ବେତକାର। ବେତକାରନୁଁ ବେତରା ହେଇଚେ। ପୂର୍ବ ଓଡିଶାନୁଁ ସମ୍ବଲପୁର ଇଲାକାକେ ଆସଲା ଉତାରୁ ଇନ ବେତ ନାଇଁ ମିଲଲା। ସେଥିର ଲାଗି ସେମାନେ ଇନ ମିଲୁଥିବାର ବାଉଁଶକେ ନେଇକରି କାମ କଲେ। ହେଲେ ଦୁହି ଜାତିର ଭାଷା, ପରମ୍ପରା ଆର ସଂସ୍କୃତି ପୁରା ଭିନେ ଆୟେ।

ତୁରୀମାନେ ଅନୁସୁଚିତ ଜନଜାତୀ ବଦଲା ହେଇଛନ ଅନୁସୂଚିତ ଜାତି :

ତୁରୀମାନଙ୍କର ଜୀବନ ଶୈଳୀ ଆର ଆଚାର ବେଭାରକେ ଦେଖଲେ ସେମାନେ ଜଙ୍ଗଲଥି ରହୁଥିବାର ଗୁଟେ ଜାତି ଆନ। ସେମାନଙ୍କର ନିଜର ଭାଷା, ପରମ୍ପରା ରହିଛେ। ନିଜର ସମାଜ ଭିତରେ ଶୃଂଖଳିତ ହିସାବେ ସେମାନେ ରହି ଆସିଛନ। ନିଜର ଗୁଟେ ସମାଜ ବେବସ୍ଥା ବି ସେମାନଙ୍କର ରହିଛେ। ହେଲେ ସେମାନେ ଅନୁସୁଚିତ ଜନଜାତୀ ମାନ୍ୟତା ପାଏବାର ବଦଲା ହେଇଛନ ଅନୁସୂଚିତ ଜାତି। ସେଥିର ଲାଗି ଜନଜାତୀର ଯେନ ସୁବିଧା ପାଏବାର କଥା ସେଟା ପାଇ ନାଇଁ ପାଏବାର। ତୁରୀ ଭାଷା ଗୁଟେ ହଜି ଯାଉଥିବାର ଭାଷା ଗୋଷ୍ଠୀର ଭାଷା। ତଥାପି ଜନଜାତୀର ମାନ୍ୟତା ନାଇଁ ଥିବାର ଲାଗି ସେମାନଙ୍କର ଭାଷା ସଂସ୍କୃତି ଉପରେ ଯେତିକ ଅଧ୍ୟୟନ ହେବାର କଥା ହେଇ ନାଇଁ ପାରବାର। କେନସି ବି ତୁରୀ ବସ୍ତୀକେ ଗଲେ ତୁରୀ ଜାତୀର ସତୁର ପ୍ରତିଶତ ଲୋକ ଆର ନିଜର ଭାଷା ନାଇଁ ଜାନବାର। ଗୁଟେ ସଂଗଠିତ ଜାତି ନାଇଁ ହେଇଥିବାର ଲାଗି ସେମାନଙ୍କର ଅଭାବ ଅସବିଧାକେ ବି ସରକାର ଆର ପ୍ରଶାସନ ଆଗାଡେ ଥୁଇବାରଥି ତୁରୀମାନେ ବହୁତ ପଛାଡେ ରହିଛନ।

ତୁରୀମାନଙ୍କର ଦାବି :

ତୁରୀମାନେ ନିଜକେ ଜନଜାତୀ ବଲି ଦାବି କରସନ। କାରଣ ସେମାନଙ୍କର ଜୀବନ ଜିବିକା ସବୁକିଛି ଜଙ୍ଗଲ ସାଂଗେ ଜଡିତ ଆୟେ। ସେମାନଙ୍କର ନିଜର ଗୁଟେ ଅଲଗ ଭାଷା ଅଛେ। ପରମ୍ପରା ଅଛେ। ଏଛନି ଓଡିଶାର ଅନୁସୁଚିତ ଜାତି ତଲିକାରେ ତୁରୀ ଜାତୀର ନାଁ ୯୧ ନମ୍ବର ରେ ରହିଛେ। ହେଲେ ଇଂରେଜ ଶାସନ ସମିଆରେ ପାଟନା ଡିଭିଜନ ଆର ବଂଗାଲରେ ତୁରୀମାନେ ଜନଜାତୀ ହିସାବେ ୧୯୩୬ ମସିହାଥି ଠାନ ପାଇଥିଲେ। ଭାରତ ସ୍ୱାଧୀନ ହେବାର ଉତାରୁ ତୁରୀମାନଙ୍କୁ ଅନୁସୂଚିତ ଜାତୀ ହିସାବେ ଗଣନା କରାଗଲା। ସେମାନଙ୍କର ତୁରୀ ଭାଷା ଥିବାର କଥାକେ ବି ଲିପିବଦ୍ଧ ନାଇଁ କରାଗଲା। ତାର ପଛାଡ଼େ ତୁରୀ ଜାତିର ଲୋକମାନଙ୍କର ଭିତରେ ରହିଥିବାର ଶିକ୍ଷାର ଅଭାବ ଗୁଟେ ବଡ କାରଣ ଆୟେ। ଏଚନି ବି ତୁରୀମାନଙ୍କର ଭିତରେ ସଚେତନତାର ଅଭାବ ଲାଗି ସେମାନଙ୍କର ସଂସ୍କୃତି ପରମ୍ପରା ଆର ଭାଷା ହଜି ଯିବାରକେ ବସଲାନ।

ସେମାନଙ୍କର ଆବଶ୍ୟକତା :

ତୁରୀ ଲୋକଙ୍କର ଜରୁରୀ ଆବଶ୍ୟକତା ହେଉଛେ ସେମାନଙ୍କର ପିଲାମାନଙ୍କର ପାଖକେ ଶିକ୍ଷା ପୁହୁଁଚାବାର। ସେମାନଙ୍କ କଳା କାରିଗରୀକେ ଆଧୁନିକ ଜ୍ଞାନ କୌଶଳ ସାଂଗେ ଜୁଡିକରି ପ୍ରଶିକ୍ଷଣ ଦେବାର ତା'ର ସାଂଗେ ତାଙ୍କର ଦକ୍ଷତା ବଢାବାରଥି ସାହାଜ କରବାର ଜରୁରୀ ହେଇପଡିଛେ। ବାଉଁଶର ଘୋର ଅଭାବ ଦେଖା ଦେଉଥିବାର ବେଳକେ ବାଉଁଶ ଚାଷ କରବାର ବାଟ ବତାବାର ଆବଶ୍ୟକତା ରହିଛେ। ତାର ବାହାରେ ସେମାନଙ୍କୁ ବିଜଲି, ସଫା ପାନି ଆର ପକ୍କା ଘର ଯୁଗେଇ ଦେବାରକେ ସାହାଯ କରବାର ଆବଶ୍ୟକତା ରହିଛେ। ■■

ସମ୍ପାଦକ-ସମ୍ବଲପୁରୀ ଦରପନ
ଭାରତୀ ସମାଜ, ସାରସ୍ୱତ କଲୋନୀ,
ସମ୍ବଲପୁର
ମୋ-୯୪୩୭୭୮୧୨୨୫

(ତଥ୍ୟ ସହଯୋଗ- ଜୟପାଲ ବାଗ, ଜୟନ୍ତୀ ପଧାନ, ଗୁଲା ବାଗ, ମାରବାଡି ମଲ୍ଲିକ, ତୁରୀପଡା, କବରାପାଲି)।

ଠେମରାର ପ୍ରସିଦ୍ଧ ମକରଯାତ୍ରା : ଏକତା ଓମିଳନର ପର୍ବ

ସୂର୍ଯ୍ୟ ପାଣିଗ୍ରାହୀ

ସମ୍ବଲପୁର ଜିଲ୍ଲାର ଠେମରା ଗ୍ରାମ ପୂର୍ବରୁ ମାନେଶ୍ୱର ବ୍ଲକ ଅଧୀନରେ ଥିଲା, ବର୍ତ୍ତମାନ ଏହି ଠେମରା ଗ୍ରାମ ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଛି । ଠେମରା ଗ୍ରାମ ବର୍ତ୍ତମାନ ମହାନଗରରେ ସାମିଲ ହୋଇଥିଲେ ମଧ୍ୟ ଏଠିକାର ଲୋକଙ୍କର ଚାଲିଚଳଣି ଆଜିବି ସେଇ ଗ୍ରାମାଞ୍ଚଳ ଭଳିଆ । କାରଣ ଏଠିକାର ଅଧିବାସୀ ମୁଖ୍ୟତଃ କୃଷି ସହ ଜଡିତ । ଏହି ଗ୍ରାମ ସହରଠାରୁ ମାତ୍ର ଛଅ ସାତ କିଲୋମିଟର ମଧ୍ୟରେ ହୋଇଥିଲେ ମଧ୍ୟ ଗ୍ରାମାଞ୍ଚଳ ସଂସ୍କୃତିକୁ ଛାଡି ନାହାନ୍ତି ଏଠିକାର ଅଧିବାସୀ । ଗ୍ରାମର ଅନେକ ପରିବାର ଚାଷ ଉପରେ ନିର୍ଭରଶୀଳ, ଧାନ ଚାଷ ସହ ପରିବା ଚାଷ ଏଠିକାର ଲୋକଙ୍କର ମୁଖ୍ୟ ବୃତ୍ତି । ଅନେକ ଜାତିର ଲୋକେ ଏହି ଗ୍ରାମରେ ବସବାସ କରିଥିଲେ ମଧ୍ୟ ସେମାନଙ୍କର ମଧ୍ୟରେ ରହିଛି ଏକ ଆତ୍ମୀୟତାର ଭାବ । ସାହି ସାହି ମଧ୍ୟରେ ସାମାନ୍ୟ ମତଭେଦ ଥିଲେ ମଧ୍ୟ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିବାକୁ ପ୍ରୟାସ କରନ୍ତି ଠେମରା ଗ୍ରାମର ବରିଷ୍ଠ ଅଧିବାସୀ । ଏହି ଗ୍ରାମରେ ବସବାସ କରନ୍ତି ବ୍ରାହ୍ମଣଠୁ ନେଇ ଶୁଦ୍ର ଯାଏ ଅନେକ ଜାତିର ଲୋକେ । ହେଲେ ସମସ୍ତଙ୍କର କିଛି ନା କିଛି ଭୂମିକା ଥାଏ ଏହି ପାରମ୍ପରିକ ମକର ଯାତ୍ରାର ଆୟୋଜନରେ । ଏହି ଠେମରା ଗ୍ରାମ ଅନେକ ଲୋକ କଳା ଓ କଳାକାର ସହ ଜଡିତ । ଏହି ଗ୍ରାମର ସ୍ୱର୍ଗତ ରାମନାରାୟଣ ବାବୁଙ୍କୁ ଛାଡି ଦେଲେ ଗ୍ରାମର ଲୋକକଳା କିମ୍ବା ପ୍ରସିଦ୍ଧ 'ମକର ଯାତ୍ରା'ର ପରିକଳ୍ପନା କରାଯାଇନପାରେ ।

ମକର ଯାତ୍ରା ଏକ ବିଶେଷ ସାଂସ୍କୃତିକ ଏବଂ ଧାର୍ମିକ ମହୋତ୍ସବ, ଯାହା ମକର ସଂକ୍ରାନ୍ତି ଦିନ ସାଥିରେ ୨ଦିନ ବ୍ୟାପି ଆୟୋଜନ ହୁଏ । ପ୍ରତିବର୍ଷ ଜାନୁଆରୀ ୧୪ ତାରିଖରେ ହିଁ ଏହି ପର୍ବ ପଡିଥାଏ । ଯାହାକି ଏହା ଏକ ଅପୂର୍ବ ସଂଯୋଗ ବୋଲି କୁହାଯାଇପାରେ । ଏହାକୁ ହରି ବା ବିଷ୍ଣୁ ଓ ହର ବା ମହାଦେବ ଶିବଙ୍କର ମିଳନ ତଥା ମକର ମିଳନ ନାମରେ ମଧ୍ୟ ଜନବିଦିତ । ଏହି ଯାତ୍ରା ସମ୍ବଲପୁର ଅଞ୍ଚଳର ସବୁଠାରୁ ବଡ଼ ମହୋତ୍ସବ ଭାବେ ପରିଚିତ ଏବଂ ଏହା ଗ୍ରାମବାସୀଙ୍କ ମଧ୍ୟରେ ସାମାଜିକ ଏକତା ଓ ମିତ୍ରତାର ପ୍ରତୀକ ଭାବରେ ପାଳନ ହୁଏ ।

ମକରର ଅନେକ ପୌରାଣିକ ଓ ଜ୍ୟୋତିଷ ଶାସ୍ତ୍ର ମତ ମଧ୍ୟ ରହିଛି । ହିନ୍ଦୁ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଏହି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ଗମନ କରନ୍ତି । ଏହି ରାଶି ପରିବର୍ତ୍ତନକୁ ହିଁ ସଂକ୍ରାନ୍ତି କୁହାଯାଏ । ଏହାର ପରଦିନ ସୂର୍ଯ୍ୟ ଦେବଙ୍କର ଉତ୍ତର ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ । ଯାହାକୁ ଉତ୍ତରାୟଣ ମଧ୍ୟ କୁହାଯାଏ ।

ମହାଭାରତର କଥାବସ୍ତୁ ଅନୁସାରେ, କୁରୁକ୍ଷେତ୍ର ଯୁଦ୍ଧରେ ସମର ଶଯ୍ୟାରେ ପିତାମହ ଭୀଷ୍ମ ମକର ସଂକ୍ରାନ୍ତି ଦିନ ହିଁ ଇଚ୍ଛା ମୃତ୍ୟୁ ବରଣ କରିଥିଲେ । କାରଣ ତାଙ୍କର ଦୃଢ ବିଶ୍ୱାସ ଥିଲା ଯେ, ଉତ୍ତରାୟଣ ସମୟରେ ପ୍ରାଣ ତ୍ୟାଗ କଲେ ସ୍ୱର୍ଗ ପ୍ରାପ୍ତି ହୋଇଥାଏ ।

ଏହି ମକର ସଂକ୍ରାନ୍ତି ଦିନ ହିଁ ଭଗବାନ ବିଷ୍ଣୁ ରାକ୍ଷସମାନଙ୍କର ଦମନ କରି ସେମାନଙ୍କର ମୁଣ୍ଡକୁ ପର୍ବତ ତଳେ ପୋତି ଦେଇଥିଲେ । ଯାହାକି ଏହି ବିଜୟର ଦିବସ ଓ ଶୁଭଙ୍କର ଦିନ ବୋଲି ଧରାଯାଏ ।

ବିଶେଷ ଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମକର ଯାତ୍ରା ଦିନ 'ହରି-ହର' ମିଳନର ପ୍ରଥା ଚାଲିଆସିଛି । ଏହି ଦିନକୁ ଶୁଭ ଦିନ ଭାବରେ ମଧ୍ୟ ବିବେଚନା କରାଯାଏ । ଶିବ ଓ ବିଷ୍ଣୁଙ୍କର ଏକତ୍ର ପୂଜା ତଥା ମିଳନ ଉତ୍ସବ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ମହତ ପର୍ବ ଭାବରେ ବିବେଚନା କରାଯାଏ ।। ଏହି ଦିନ

ଓଡ଼ିଶାର ବିଭିନ୍ନ ଶୈବ ପୀଠମାନଙ୍କରେ ମକର ମେଳା ମଧ୍ୟ ଆୟୋଜିତ ହୋଇଥାଏ। ଶ୍ରଦ୍ଧାଳୁମାନେ ପବିତ୍ର ନଦୀରେ ସକାଳୁ ବୁଡ଼ ପକେଇ ମନ୍ଦିର ଯାଇ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି। ମକର ଚାଉଳର ଭୋଗ ଲାଗି ହୁଏ, ଏହି ମକର ସଂକ୍ରାନ୍ତି ଦିନ।

ଏହି ମକର ଯାତ୍ରାକୁ କୃଷି ଓ କୃଷକ ସହ ମଧ୍ୟ ଯୋଡ଼ାଯାଇଛି। ଏହି ସମୟରେ ଧାନ, କୁସେର (ଆଖୁ) ଆଦି ଫସଲ ଅମଳ ହୋଇଯାଇଥାଏ ବୋଲି ଚାଷୀ କୁଳ ବି ଏହି ପର୍ବକୁ ଉତ୍ସାହର ସହ ଆନନ୍ଦ ନିଅନ୍ତି। ଏହି ଦିନରେ 'ମକର ଚାଉଳ'କୁ ପାରମ୍ପରିକ ବ୍ୟଞ୍ଜନ ଭାବରେ ତିଆରି କରାଯାଇଥାଏ। ନୂଆଁ ଚାଉଳ, ଗୁଡ଼, କୁସେର (ଆଖୁ), କଦଳୀ, ନଡ଼ିଆ, ରାଶି, କ୍ଷୀର ଆଦିକୁ ମିଶାଇ ଏହା ଠାକୁରଙ୍କ ପାଖରେ ଭୋଗ ଲଗାଯାଏ। ଏହି 'ମକର ଚାଉଳ'କୁ ବନ୍ଧୁ ବାନ୍ଧବୀ ମାନେ ଦିହେଁ ଦୁହିଁଙ୍କୁ ଖୁଆଇ ଦେଇ ମକର ବସିବାର ପରମ୍ପରା ରହିଛି ଏହି ପଶ୍ଚିମ ଓଡ଼ିଶାରେ। ମକର ଯାତ୍ରା କୁ ପଶ୍ଚିମ ଓଡ଼ିଶାରେ 'ମକର ବସା' ଯାତ୍ରା ଭାବରେ ମଧ୍ୟ କୁହାଯାଇଥାଏ। ଲୋକ ମାନେ ନିଜ ନିଜ ଭିତରେ ସବୁଠୁ ଭଲ ବନ୍ଧୁଙ୍କୁ ବାଛନ୍ତି ଓ ତାଙ୍କ ସହ ମକର ଚାଉଳ ଖୁଆଖୁଇ ହୋଇ ନାରୀମାନେ 'ମକର' ଓ ପୁରୁଷମାନେ 'ମହାର୍ଷାତ' ବସନ୍ତି। ଏହି ବନ୍ଧୁତା ଭାବ ନିଜର ପରିବାରର ସମ୍ପର୍କଠୁ ବି ମଧୁର ଓ ନିବିଡ଼ ହୋଇଥାଏ।

ଏହି ମକର ଯାତ୍ରା ଏକ ଉତ୍ସାହର ପର୍ବ। ପଶ୍ଚିମ ଓଡ଼ିଶାରେ ବିଶେଷ ଭାବରେ ସାମାଜିକ, ସାଂସ୍କୃତିକ ଓ କୃଷି ଜୀବନରେ ଏହାର ଏକ ବିଶେଷ ସ୍ଥାନ ରହିଛି। ଏହି ଠେମରା ଗ୍ରାମର ମକର ଯାତ୍ରାର ଇତିହାସ ପ୍ରାୟ ୧୦୦ରୁ ୧୫୦ ବର୍ଷ ପୁରୁଣା ବୋଲି କୁହାଯାଏ। ଗ୍ରାମର ବରିଷ୍ଠ ବ୍ୟକ୍ତି ମାନେ କହନ୍ତି ଯେ, ତାଙ୍କ ପୂର୍ବପୁରୁଷମାନେ ଏହି ଉତ୍ସବକୁ ଆରମ୍ଭ କରିଥିଲେ। ଯେଉଁ ଉତ୍ସାହର ସହ ପାଳନ ହେଉଥିଲା ଆଜି ବି ଠେମରା ଗ୍ରାମର ଅଧିବାସୀଙ୍କ ମଧ୍ୟରେ ଆଜିବି ତଥା ବଞ୍ଚିରହିଛି। ବଡ଼ ଆଡମ୍ବରପୂର୍ଣ୍ଣ ବାତାବରଣରେ ଉତ୍ସାହର ସହ ପାଳନ ହୋଇଆସୁଛି ଏହି ମକର ଯାତ୍ରା। ଏହା ମହାଭାରତ ଯୁଗରୁ ପ୍ରଚଳିତ ହୋଇଥିବା ପରମ୍ପରାର ଏକ ରୂପାନ୍ତର ବୋଲି ବିଶ୍ୱାସ କରାଯାଏ, କିନ୍ତୁ ଓଡ଼ିଶାରେ ଏହାର ବିଶେଷ ରୂପ ମକର ସଂକ୍ରାନ୍ତି ସହିତ ଯୋଡ଼ି ହୋଇଛି। ପ୍ରାରମ୍ଭରେ ଏହା କେବଳ ମକର ଚାଉଳ ବାଣ୍ଟିବା ଏବଂ ମିତ୍ରତା ପ୍ରତିଷ୍ଠା କରିବାର ଏକ ସରଳ ରୀତି ଥିଲା, କିନ୍ତୁ ସମୟ ସହିତ ଏହା ଏକ ବଡ଼ ଯାତ୍ରାର ରୂପ ନେଇଛି। ଗ୍ରାମର ବିଭିନ୍ନ ପଡ଼ା, ବିଶେଷ ଭାବରେ ଉପର ପଡା ଓ ତଳି ପଡା ମିଳିତ ହୋଇ ଏହି ଉତ୍ସବ ଆୟୋଜନ କରନ୍ତି। ଏହି ଠେମରା ଗ୍ରାମର ମକର ଯାତ୍ରା ଚୌହାନ୍ ରାଜବଂଶର ସମୟରୁ ପ୍ରଚଳିତ କିଛି ଧାର୍ମିକ ପରମ୍ପରା ସହିତ ଯୋଡ଼ି ହୋଇଛି ବୋଲି ମଧ୍ୟ ଐତିହାସିକ ମାନେ ମତ ଦିଅନ୍ତି।

ମକର ଯାତ୍ରାର ମୁଖ୍ୟ ମହତ୍ତ୍ୱ ହେଉଛି ମିତ୍ରତାର ପ୍ରତୀକ। ସ୍ଥାନୀୟ ଭାଷାରେ 'ମକର' ଶବ୍ଦର ଅର୍ଥ ହେଉଛି ମିତ୍ରତା। ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ବିଷ୍ଣୁ (ହରି) ଏବଂ ଶିବ (ହର) ପରସ୍ପରର ସର୍ବୋତ୍ତମ ମିତ୍ର, ତେଣୁ ମକର ସଂକ୍ରାନ୍ତିରେ ଏମାନେ ମିତ୍ରତା ବାଣ୍ଟନ୍ତି। ଏହି ଉତ୍ସବ ଗ୍ରାମବାସୀଙ୍କୁ ଏକତ୍ରିତ କରେ ଏବଂ ବାହାରେ ରହୁଥିବା ଲୋକମାନଙ୍କୁ ଘରକୁ ଫେରାଇ ଆଣେ। ଏହା ଶୈବ ଏବଂ ବୈଷ୍ଣବ ସମ୍ପ୍ରଦାୟର ଏକତାର ପ୍ରତୀକ ମଧ୍ୟ। ମକର ଚାଉଳ ବାଣ୍ଟିବା ଦ୍ୱାରା ଲୋକମାନେ ଜୀବନ ପର୍ଯ୍ୟନ୍ତ ମିତ୍ରତା ପ୍ରତିଷ୍ଠା କରନ୍ତି, ଯାହା ସାମାଜିକ ବନ୍ଧନକୁ ମଜବୁତ୍ କରେ। ଏହି ମହୋତ୍ସବ ସମ୍ବଲପୁରର ସାଂସ୍କୃତିକ ପରମ୍ପରାର ଏକ ଅଂଶ ଏବଂ ଆଧୁନିକ ଯୁଗରେ ମଧ୍ୟ ଏହାର ମହତ୍ତ୍ୱ ବଜାୟ ରହିଛି।

ଏ ସମ୍ପର୍କରେ ଠେମରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଆୟୋଜନ କମିଟିର ଜଣେ ବରିଷ୍ଠ ଉପଦେଷ୍ଟା ବିଜୟ କୁମାର ବଢ଼େଇ କୁହନ୍ତି ଯେ, ଏହି ଠେମରାର ମକର ଯାତ୍ରା କେବେଠୁ ଆରମ୍ଭ ତଥା କହିହେବ ନାହିଁ କାରଣ କିଛି ଲିଖିତ ତଥ୍ୟ ନାହିଁ କିନ୍ତୁ ପୂର୍ବ ପୁରୁଷଙ୍କ କହିବା ଅନୁଯାଇ ଶହେ ବର୍ଷରୁ ଊର୍ଦ୍ଧ ହୋଇଥିବ। ଏହା ଏକ ମିଳନର ପର୍ବ ଭାବରେ ମଧ୍ୟ ପରିଚିତ। ପୂର୍ବପରି ସେ ଉତ୍ସାହ ନଥିଲେ ବି ଆଜିର ଯୁବ ପିଢ଼ିର ଉଦ୍ୟମ ଯୋଗୁଁ ଏହି ପରମ୍ପରା ବଜାୟ ରହିଛି। ଆଗେ ପ୍ରସ୍ତୁତି ପାଇଁ ଆମକୁ ମାସ ମାସ ନିଦ ହେଉନଥିଲା ପ୍ରସ୍ତୁତି ଓ ଆୟୋଜନ ପାଇଁ ବୋଲି କୁହନ୍ତି ଶ୍ରୀ ବଢ଼େଇ।

ଆଗେ ଏହି ଯାତ୍ରାରେ ଲୋକ କଳା ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉଥିଲା। ପାଲା, ଦାସକାଠିଆ, ଗୋଟିପୁଅ, ସମ୍ପ୍ରଦା, ନାଟକ, ସଂକୀର୍ତ୍ତନ, କୃଷ୍ଣଗୁରୁ ପ୍ରଭୃତିର ଆୟୋଜନ ହେଉଥିଲା। ଲୋକେ ରାତିସାରା ଅନିଦ୍ରା ହୋଇ ଉପଭୋଗ କରୁଥିଲେ। ଯାତ୍ରା ସମୟରେ ଗ୍ରାମର ସମସ୍ତଙ୍କର ଘରେ କୁଣିଆ

ଆସି ରହୁଥିଲେ। ଗୋଟିଏ ଉତ୍ସବର ମାହୋଲ ଥିଲା ଏହି ମକର ଯାତ୍ରାରେ। ସାଂସ୍କୃତିକ ଭାବଧାରା ସାଥିରେ ମନୋରଞ୍ଜନର ବାତାବରଣ ସୃଷ୍ଟି ହେଉଥିଲା। ଆଜିର ଆଧୁନିକ ସଭ୍ୟତାରେ ସେ ପୁରାତନ ଦିନର ସଂସ୍କୃତି ଓ ପରମ୍ପରା ହଜି ଯାଉଥିଲେ ବି "ଠେମରାର ମକର ଯାତ୍ରା" ବଞ୍ଚିଛି। ହରି-ହରଙ୍କର ମିଳନ ସାଥିରେ ଉପର ପଡା ଓ ତଳି ପଡା ଭିତରେ ସମ୍ପର୍କ ବି ମଜବୁତ ହେଉଛି। ଠେମରା ତଥା ଆଖ ପାଖ ଗ୍ରାମର ଅଧିବାସୀଙ୍କର ଅପେକ୍ଷା ଥାଏ ଏହି ମକର ଯାତ୍ରା।

ଏହି ଯାତ୍ରା ପ୍ରାୟ ୨-୩ ଦିନ ଧରି ଚାଲେ। ଏହି ମକର ଯାତ୍ରା ର ମୁଖ୍ୟ ରୀତିନୀତି ହେଉଛି, 'ରଥ ଯାତ୍ରା ଏବଂ ହରି-ହର ମିଳନ'। ଗ୍ରାମର ଦୁଇ ପ୍ରାନ୍ତରେ ଥିବା ତଳି ପଡାର ଜଗନ୍ନାଥ ମନ୍ଦିର (ବିଷ୍ଣୁ ରୂପୀ କୃଷ୍ଣ) ଏବଂ ଉପରପଡାର ଶିବ ମନ୍ଦିରରୁ ଦେବତାମାନଙ୍କୁ ରଥରେ ନିଆଯାଏ। କୃଷ୍ଣଙ୍କ ରଥ ପ୍ରାୟ ୪୫ ଫୁଟ୍ ଉଚ୍ଚ ହୁଏ ଏବଂ ଶିବଙ୍କ ରଥ ସହିତ ଗ୍ରାମର ମଝିରେ ମିଳନ ହୁଏ। ଗ୍ରାମ ମୁଖ୍ୟ (ଗୌନ୍ତିଆ) ଏବଂ ପୂଜାରୀ ମାନେ ମିଳିତ ପୂଜା 'ମକର-ମିଳନ ବା ମକର ଭେଟ' କରାନ୍ତି। ପୂର୍ବରୁ ବଡ଼ ରଥ ଥିଲା, କିନ୍ତୁ ଦିନକୁ ଦିନ ରାସ୍ତାର ସଂକୀର୍ଣ୍ଣତା ହେତୁ ଏବେ ଛୋଟ ରଥକୁ ବ୍ୟବହାର କରାଯାଉଅଛି। ମୁଖ୍ୟ ରଥକୁ ନିଆନଯାଇ ଛୋଟ ରଥକୁ ହରି-ହରଙ୍କୁ ମିଳନ ପାଇଁ ନିଆଯାଏ।

ମୁଖ୍ୟ ରଥକୁ ସୁନ୍ଦର ଭାବେ ସଜ୍ଜିତ କରି ନିର୍ମାଣ କରାଯାଏ। ଯେହେତୁ ଠେମରା ଗ୍ରାମ ଏକ କାରିଗରଙ୍କ ଗ୍ରାମ, ବିଶେଷ ଭାବରେ ଏହି ଗ୍ରାମର ସୁନାରୀ ଓ କାଠ କାରିଗରଙ୍କର ଅନେକ କଳାକାର ଅଛନ୍ତି। ସେଥି ପାଇଁ ଏହି ମୁଖ୍ୟ ରଥର ସାଜସଜ୍ଜା ନିଜେ କରନ୍ତି। ଯେଉଁଥିପାଇଁ ସହର ତଥା ଗ୍ରାମାଞ୍ଚଳର ଲୋକ ଏହି ମୁଖ୍ୟ ରଥର ତୋରଣକୁ ଦେଖିବାକୁ ଆସନ୍ତି।

ଏହି ମୁଖ୍ୟ ରଥର ତୋରଣ ତିଆରିର ଜଣେ ମୁଖ୍ୟ ବିନ୍ଧାଣି ତଥା ଓଡ଼ିଶାର ବିଶିଷ୍ଟ କାଠ ଶିଳ୍ପୀ ରୁକ୍ମଣ ବାରିକ କୁହନ୍ତି; ଠେମରା ଗ୍ରାମରେ ଯେହେତୁ ଏନେକ କୁଶଳୀ ସୁନାରୀ ଅଛନ୍ତି, ସେମାନେ ଅତି ସୂକ୍ଷ୍ମ କାରିଗରୀ କରିବାରେ ସିଦ୍ଧହସ୍ତ,ତେଣୁ ସେମାନଙ୍କ ପ୍ରେରଣାରେ ପୁରୁଣା ଦିନରୁ କରାଯାଉଥିଲା ଏହି ସୁକ୍ଷ୍ମ କାରିଗରୀର ତୋରଣ କାର୍ଯ୍ୟ। ହେଲେ ପୂର୍ବେ କାଗଜ, ତାମଡା, ଭେଲବେଟ, ଚୁମକି, ଜରି, ମୋତିରେ ରଥର ତୋରଣ ତିଆରି ହେଉଥିଲା। ମାସ ମାସ ଧରି ଦିନ ରାତି କରି ତିଆରି କରୁଥିଲୁ ରଥକାର୍ଯ୍ୟ। ବନ୍ଧୁଭାବ ଓ ଗୋଷ୍ଠୀ ବଦ୍ଧ ଭାବରେ କାର୍ଯ୍ୟ ହେଉଥିଲା। ପରିଶ୍ରମ ହେଉଥିଲେ ବି ଉତ୍ସାହ ରହୁଥିଲା ମନ ଭିତରେ। ହେଲେ ଆଜିକାଲି ସମୟ ବଦଳି ଗଲାଣି। ଆଜିର ଦିନରେ ଥରମୋକଲ ଓ ଫାଇବର ସାଥିରେ ରଙ୍ଗର କାମ ହେଉଛି। କମ ସମୟ ବି ଲାଗୁଛି। ହେଲେ ବି ପୁରୁଣା ଦିନରେ ଯେଉଁ ଆକର୍ଷଣ ଥିଲା, ତାହା ଆଉ ନାହିଁ କହିଲେ ଚଳେ।

ଠେମରାରେ ମକର ଯାତ୍ରାକୁ ସମସ୍ତେ ଅପେକ୍ଷା କରି ରହିଥାନ୍ତି। ହେଲେ ଆଗେ ଯେମିତି କୁଣିଆରେ ଘର ଭର୍ତ୍ତି ହୋଇଯାଉଥିଲା। ଚାରି ପାଞ୍ଚ ଦିନ ଯାଏ ବନ୍ଧୁ ବାନ୍ଧବ ସମସ୍ତେ ଏକାଠି ହେଉଥିଲେ। ତାହା ଆଉ ପ୍ରାୟତଃ ଦେଖାଯାଉନାହିଁ। ଦିନେ ବେଳେ ରହି ମକର ଯାତ୍ରାରେ ବୁଲି ପ୍ରଭୁଙ୍କର ଦର୍ଶନ କରି ସମସ୍ତେ ପ୍ରାୟ ଫେରି ଯାଉଛନ୍ତି ନିଜ ଘରକୁ। ଠେମରା ବାସୀ କିନ୍ତୁ ଅପେକ୍ଷା କରି ରହିଥାନ୍ତି ମକର ଯାତ୍ରାରେ ନିଜ ବନ୍ଧୁ ବର୍ଗଙ୍କୁ।

ମକର ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ମୁଖ୍ୟ ଆକର୍ଷଣ। ଦଣ୍ଡ ନାଚ (ଲାଠି ନୃତ୍ୟ), ଘଣ୍ଟା ଟୋଲି ପ୍ରଦର୍ଶନ, ସ୍ଥାନୀୟ ଯୁବକମାନଙ୍କ ନୃତ୍ୟ ପ୍ରତିଯୋଗିତା, ମୀନା ବଜାର, ଅପେରା ଆଦି। ବେଳେବେଳେ ସଂକୀର୍ତ୍ତନ ଓ ସମ୍ପ୍ରଦାର ବି ପ୍ରଦର୍ଶନ ହୁଏ। ଏଥି ସହିତ ଖାଦ୍ୟ ସାମଗ୍ରୀର ଦୋକାନ ବେଶ ଜମିଥାଏ। ଚାହିଦା ଦୃଷ୍ଟିରୁ ଗୁପଚୁପ, ଚାଓ୍ୱମିନ ଫାଷ୍ଟ ଫୁଡ, ବରା ପକୁଡି, ମିଷ୍ଟାନ୍ନର ଦୋକାନରେ ଭିଡ଼ ଲାଗିରହେ। ଯେଉଁଠି ସମ୍ବଲପୁର ଅଂଚଳର ପାରମ୍ପରିକ ମିଷ୍ଟାନ୍ନର ପସରା ମଧ୍ୟ ଲାଗେ ଏହି ଯାତ୍ରାରେ। ସମସ୍ତଙ୍କର ଅପେକ୍ଷା ଥାଏ ଏହି ମକର ଯାତ୍ରାକୁ।

ଠେମରା ଗ୍ରାମର ଗ୍ରାମବାସୀ ନିଜସ୍ୱ ଦାନରୁ ଉତ୍ସବ ଆୟୋଜିତ କରନ୍ତି। ପ୍ରତି ଘରରୁ ପ୍ରତିଟି ପରିବାରରୁ ଆର୍ଥିକ ସହାୟତା ହୁଏ। ଆଖ ପାଖର ଗ୍ରାମବାସୀମାନେ ତଥା ସମ୍ବଲପୁରର କିଛି ବଦାନ୍ୟ ବ୍ୟକ୍ତି ମଧ୍ୟ ସହଯୋଗର ହାତ ବଢ଼ାନ୍ତି। ଠେମରା ଗ୍ରାମର ଲୋକ ଯେଉଁମାନେ ବାହାରେ ରହୁଛନ୍ତି, ସେମାନେ ବି ଯଥା ସମ୍ଭବ ସହଯୋଗ କରନ୍ତି। ହେଲେ ସରକାରୀ ସ୍ତରରେ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁ ସହାୟତା ହେବା କଥା ତାହା ହୋଇପାରିନାହିଁ। ଏହା ରାଜନୈତିକ ଇଚ୍ଛା ଶକ୍ତିର ଘୋର ଅଭାବ ବୋଲି କୁହାଯାଇପାରେ। ଯଦି ଏ ଅଞ୍ଚଳର ଜନପ୍ରତିନିଧି ମାନେ ଏହି ବିଷୟରେ ଧ୍ୟାନ ଦିଅନ୍ତି, ତାହେଲେ ଶତାଧିକ ବର୍ଷର ପୁରାତନ

ଏକ ପାରମ୍ପରିକ ଉତ୍ସବ 'ଠେମରା ମକର ଯାତ୍ରା'ର ଏଭଳି ଆର୍ଥିକ ଦୁରାବସ୍ଥା ହୁଅନ୍ତା ନାହିଁ। ଦୁର୍ଭାଗ୍ୟର ବିଷୟ ଏହି ଯେ, ବର୍ଷେ ଦୁଇବର୍ଷର ଅନୁଷ୍ଠାନ ଓ ଉତ୍ସବମାନେ ସରକାରୀ ସହାୟତା ଓ ଶିଳ୍ପନୁଷ୍ଠାନମାନଙ୍କଠୁ ସହାୟତା ପାଉଥିବା ବେଳେ ଏତେ ପୁରାତନ ଓ ପ୍ରସିଦ୍ଧ ଠେମରାର ମକର ଯାତ୍ରା ଆଜିଯାଏ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆସିପାରିନାହିଁ। ଯଦ୍ୱାରା ସେମାନଙ୍କର ଯେଉଁ ପରି ଭାବରେ ଆୟୋଜନ ପାଇଁ ସହାୟତା ହେବା କଥା ତାହା ହୋଇପାରିନାହିଁ।

ତଥାପି ଠେମରାବାସୀ ଗ୍ରାମର ଜୀବନଧାରା ସହ ଜଡିତ ଏହି ମକର ଯାତ୍ରାକୁ ଉତ୍ସାହର ସହ ଆୟୋଜନ କରି ଆସୁଛନ୍ତି। ଯଦ୍ୱାରା ଏତେ ବର୍ଷ ହେଲା ଠେମରାରେ ମକର ଯାତ୍ରା ଉତ୍ସାହର ସହ ଆୟୋଜନ ହୋଇ ଆସୁଛି।

ଏହି ଉତ୍ସବ ମକର ସଂକ୍ରାନ୍ତିର ପବିତ୍ର ସ୍ନାନ, ସୂର୍ଯ୍ୟ ପୂଜା, ପତଙ୍ଗୀ (ଗୁଡ଼ି) ଉଡ଼ାଇବା ଏବଂ ମକର ଚାଉଳ ବାଣ୍ଟିବା ସହିତ ଯୋଡ଼ି ହୋଇଛି, କିନ୍ତୁ ଠେମରାରେ ଏହାର ବିଶେଷତ୍ୱ ହେଉଛି ଦୈବୀ ଏବଂ ସାମାଜିକ ମିତ୍ରତାର ମିଳନ। ସମସ୍ତେ ଅପେକ୍ଷା କରିଥାଆନ୍ତି ଏହି ଯାତ୍ରାକୁ। ସେଇ କିଛି ଦିନ ଠେମରା ବାସୀଙ୍କର ମନରେ ଜଗିଉଠେ ଉନ୍ମାଦନା ଓ ଉତ୍ସାହ। ଉପର ପଡା ଓ ତଳି ପଡାର ଆୟୋଜନ କମିଟି ସଦସ୍ୟଙ୍କର ଏକମାତ୍ର ଲକ୍ଷ୍ୟ ଥାଏ କେମିତି ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳାର ସହ ଯାତ୍ରାଟି ସମାପ୍ତ ହେବ। ପୋଲିସ ପ୍ରଶାସନର ବି ସହଯୋଗ ଠିକ ଭାବରେ ରହିଥାଏ।

ଦିନ ସାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହୁଏ ଓ ଏହା ଆସନ୍ତା ଦିନ ସକାଳ ଯାଏ ଚାଲୁ ରହିଥାଏ। ମକର ସଂକ୍ରାନ୍ତିର ପର ଦିନ ମହାପ୍ରଭୁ ଶିବ ଓ ବିଷ୍ଣୁଙ୍କର ମିଳନ ହୁଏ। ରାସ୍ତାର ସଂକୀର୍ଣ୍ଣତା ହେତୁ ଛୋଟ ରଥରେ ଗ୍ରାମର ଦୁଇପଟୁ ରଥରୁଢ଼ ପ୍ରଭୁମାନେ ଆସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଭେଟ ହୁଅନ୍ତି। ଏହାହିଁ ଠେମରା ମକର ଯାତ୍ରାର ବିଶେଷତ୍ୱ। ଏହି ଭେଟ ଘାଟର ପର୍ବ ସମୟରେ ମଧ୍ୟ ସଂକୀର୍ତନ, ସମ୍ପ୍ରଦା ପରି ଲୋକକଳା ଦଳ ସାଥିରେ ଯାଆନ୍ତି। ଶଙ୍ଖ ଘଣ୍ଟ ହୁଳହୁଲି ହରିବୋଲରେ ଅଞ୍ଚଳ ପ୍ରକମ୍ପିତ ହୁଏ। ଅପେକ୍ଷା ରୁହେ ପୁଣି ଆଗାମୀ ବର୍ଷକୁ। ସେଇ କିଛି ଦିନ ଠେମରାର ପ୍ରତିଟି ଘରେ ଏକ ଅପୂର୍ବ ମାହୋଲ ସୃଷ୍ଟି ହୁଏ। ଦିନେ ବେଳେ ରହି ପୁଣି କୁଣିଆ ମାନେ ଫେରି ଯାଆନ୍ତି ନିଜ ଘରକୁ।

ଏହି ପରମ୍ପରା, ଏକ ସାଂସ୍କୃତିକ ମହାଯାତ୍ରା କେଉଁ କାଳରୁ ଠେମରା ବାସୀଙ୍କର ପ୍ରୟାସରେ ହୋଇ ଆସୁଛି। ଇଚ୍ଛା ଶକ୍ତି ହେଲେ ନିଶ୍ଚିତ ଭାବରେ ଆଗାମୀ ଦିନରେ ଆହୁରି ଆଡମ୍ବରପୂର୍ଣ୍ଣ ଭାବରେ ଏହି ଶତାଧିକ ବର୍ଷ ପୂର୍ବରୁ ଚାଲିଆସିଥିବା ଠେମରା ମକର ଯାତ୍ରା ବିନା ଅନ୍ତରାୟରେ ଆୟୋଜନ ହେବ। ଯାହାକି ଆଗାମୀ ଦିନରେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହେବ।

ଏହି ମକର ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସମ୍ବଲପୁରର ସାଂସ୍କୃତିକ ଏକତା ଏବଂ ମିତ୍ରତାର ପ୍ରତିଫଳନ। ଏହା ଓଡ଼ିଶାର ଗ୍ରାମୀଣ ପରମ୍ପରାକୁ ଜୀବନ୍ତ ରଖିଛି ଏବଂ ଆଗାମୀ ପିଢ଼ିକୁ ପ୍ରେରଣା ଦେଉଛି। ■ ■

ମାରୁତି ନଗର, ଗୋବିନ୍ଦତୋଳା
ସମ୍ବଲପୁର - ୭୬୮୦୦୫
ଫୋନ : ୯୧୭୮୨ ୬୦୨୪୮

ଜୈବ ବିବିଧତାର ଅମୂଲ୍ୟ ସମ୍ପଦ ଗନ୍ଧମାର୍ଦ୍ଦନ

ଦେବେନ ପଟେଲ

ପୁରାଣ ବର୍ଣ୍ଣିତ ଗନ୍ଧମାର୍ଦ୍ଦନକୁ ଲକ୍ଷ୍ମଣଙ୍କ ଶକ୍ତିଭେଦ ପରେ ହନୁମାନ ଲଙ୍କା ପର୍ଯ୍ୟନ୍ତ ନେଇ ଯାଇଥିଲେ। ବାଟରେ ଏହାର ଏକ ଅଂଶ ପଡ଼ି ସାଂପ୍ରତିକ ସମୟର ବରଗଡ଼ ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ସୃଷ୍ଟି ହୋଇଥିବା ଲୋକକଥା ରହିଛି। ତେବେ ପୁରାଣ ବର୍ଣ୍ଣିତ ଏହି ଗାଥା ସହିତ ଗନ୍ଧମାର୍ଦ୍ଦନ ପାହାଡ଼ର ସଂପର୍କ ଅଛି ନା ନାହିଁ ତାହା ସ୍ପଷ୍ଟ ନୁହେଁ; କିନ୍ତୁ ସେହି ଗନ୍ଧମାର୍ଦ୍ଦନଠାରୁ କୌଣସି ଗୁଣରେ କମ୍ ମଧ୍ୟ ନୁହେଁ। ଏଠାରେ ୩,୦୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ଗୁଳ୍ମ, ଲତା ଏବଂ ବୃକ୍ଷ ମିଳିଥାଏ। ୧୮,୯୬୩.୮୯ ହେକ୍ଟର ବିଶିଷ୍ଟ ଏହି ପର୍ବତରେ ୧୧୦୦ ପ୍ରଜାତିର ବୃକ୍ଷଲତା ରହିଥିବା ବୋଟାନିକାଲ ସର୍ଭେ ଅଫ୍ ଇଣ୍ଡିଆ ସ୍ପଷ୍ଟ କରିସାରିଛି। ସେଥିମଧ୍ୟରୁ ୨୨୦ ପ୍ରକାରର ଏଭଳି ଔଷଧୀୟ ଗୁଳ୍ମ ଓ ଲତା ରହିଛି ଯାହାକୁ ସିଧାସଳଖ ଗମ୍ଭୀର ରୋଗର ନିରାକରଣ ଦିଗରେ ବ୍ୟବହାର କରାଯାଇ ପାରୁଛି। ଗୋଟିଏ ପାହାଡ଼ରେ ଏତେ ପ୍ରକାରର ଗୁଳ୍ମ ଓ ଲତା ମିଳିବା ବିଲକ୍ଷଣ। କାରଣ ପରିବର୍ତ୍ତିତ ପ୍ରାକୃତିକ ପରିବେଶ ଅନୁସାରେ ଥଣ୍ଡା ଅଞ୍ଚଳର ବୃକ୍ଷ ଗରମ ପଡୁଥିବା ଜାଗାରେ ଦେଖିବାକୁ ମିଳେ ନାହିଁ। ମାତ୍ର ହିମାଳୟର ଥଣ୍ଡା ପାର୍ବତ୍ୟାଞ୍ଚଳରେ ଦେଖାଯାଉଥିବା ବହୁ ଲତା ଓ ଗୁଳ୍ମ ଏଠାରେ ଦେଖାଯାଏ। ଏଠାକାର ଔଷଧୀୟ ବୃକ୍ଷ ମୃତ୍ୟୁ ସଞ୍ଜୀବନୀ ବିଶଲ୍ୟକରଣୀ ଭଳି। ଏହି ଅଞ୍ଚଳରେ ଏକ ଆୟୁର୍ବେଦ ଗବେଷଣା କେନ୍ଦ୍ର ଥିବାବେଳେ ଏଠାକାର ସ୍ଥାନୀୟ ବୈଦ୍ୟମାନେ ଏବେ ମଧ୍ୟ ଏହି ପର୍ବତରୁ ମିଳୁଥିବା ଔଷଧର ବ୍ୟବହାର କରୁଛନ୍ତି। ଏହି ଅଞ୍ଚଳରେ ରହୁଥିବା ଆଦିବାସୀ ଯେଭଳିକି କନ୍ଧ, ଭୂୟାଁ, ଗଣ୍ଡ ପ୍ରମୁଖ ବାପଅଜା ଅମଳରୁ ଏହି ପର୍ବତରୁ ମିଳୁଥିବା ଔଷଧର ଉପଯୋଗ କରୁଛନ୍ତି। ସେମାନଙ୍କ ପାରମ୍ପରିକ ଚିକିତ୍ସା ଜ୍ଞାନ ହେଉଛି ଓଡ଼ିଶାର ସାଂସ୍କୃତିକ ଧରୋହର।

ସେହିପରି ଏହି ପର୍ବତରେ ୫୦୦ ପ୍ରକାର ପ୍ରାଣୀ ବସବାସ କରୁଥିବା ବେଳେ ସେଥିମଧ୍ୟରୁ ୪୩ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ ଓ ୧୬୧ ପ୍ରକାର ପକ୍ଷୀ, ୪୪ ପ୍ରକାର ସରୀସୃପ ଅଛନ୍ତି। ଏହି ପର୍ବତରେ ୧୧୮ ପ୍ରକାରର ପ୍ରଜାପତି ଓ ୮୩ ପ୍ରକାର ବୁଢ଼ିଆଣୀ ଦେଖିବାକୁ ମିଳନ୍ତି। ସେହିପରି ୧୮ ପ୍ରକାର ବିଲୁପ୍ତ ପ୍ରଜାତିର ପ୍ରାଣୀ ମଧ୍ୟ ଏହି ପର୍ବତରେ ବସବାସ କରୁଛନ୍ତି। ୨୦୨୩ ମାର୍ଚ୍ଚ ମାସରେ ସରକାର ଗନ୍ଧମାର୍ଦ୍ଦନକୁ ଜୈବ ବିବିଧତା ଐତିହ୍ୟସ୍ଥଳର ମାନ୍ୟତା ଦେଇଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ତ୍ରେତୟାରେ ହନୁମାନ ବିଶଲ୍ୟକରଣୀ ଚିହ୍ନି ନ ପାରି ଗନ୍ଧମାର୍ଦ୍ଦନକୁ ସମୂଳେ ଉପାଡ଼ି ଲଙ୍କାକୁ ନେଇ ଯାଇଥିବାବେଳେ ଦ୍ୱାପର ଯୁଗ ସହ ମଧ୍ୟ ଗନ୍ଧମାର୍ଦ୍ଦନ ପାହାଡ଼ର ସଂପର୍କ ଲୋକକଥାରେ ରହିଛି। ଏହି ମତ ଅନୁସାରେ ଭୀଷ୍ମଙ୍କ ପରାମର୍ଶକ୍ରମେ ପାଣ୍ଡବ ଓ କୌରବଙ୍କ ରାଜଗୁରୁ ହେବା ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଏଠାରେ ରହି ଶିଷ୍ୟକୁ ଧନୁର୍ବିଦ୍ୟା ଶିକ୍ଷା ଦେଉଥିଲେ। ତେଣୁ ଏହି ଅଞ୍ଚଳରେ ବହୁ ପ୍ରସିଦ୍ଧ ଧନୁର୍ଦ୍ଧର ରହିଥିବା ଏବଂ ଏବେ ମଧ୍ୟ ଏହି ଅଞ୍ଚଳବାସୀଙ୍କ ମୁଖ୍ୟ ଅସ୍ତ୍ର ଧନୁ ହୋଇ ରହିଯାଇଛି। ଏହି ପର୍ବତରେ ଦ୍ରୋଣଙ୍କ ଗୁରୁ ତଥା ଭଗବାନ ବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ଅନ୍ୟତମ ଚିରଞ୍ଜୀବୀ ପର୍ଶୁରାମ ରହି ତପସ୍ୟା ତଥା ଶସ୍ତ୍ର ସାଧନା କରୁଥିଲେ। ଦ୍ରୋଣଙ୍କ ସହ କର୍ଣ୍ଣ ମଧ୍ୟ ଏଠାରେ ପର୍ଶୁରାମଙ୍କଠାରୁ ଶସ୍ତ୍ର ବିଦ୍ୟା ଗ୍ରହଣ କରିଥିଲେ ବୋଲି ବିଶ୍ୱାସ ରହିଛି।

ଏହାସହ ଇତିହାସ ପୃଷ୍ଠା ଯଦି ଖୋଲିବା ତେବେ ଚୀନ ପରିବ୍ରାଜକ ହୁଏନସାଂ ତାଙ୍କ ଭାରତ ଭ୍ରମଣ କାହାଣୀରେ ଗନ୍ଧମାର୍ଦ୍ଦନ ବାବଦରେ ଉଲ୍ଲେଖ କରିଛନ୍ତି। ଏହି ପାହାଡ଼ ନିକଟରେ ପରିମଳଗିରି ନାମରେ ଏକ ବୌଦ୍ଧ ବିଶ୍ୱବିଦ୍ୟାଳୟ ରହିଥିବା ସେ ଉଲ୍ଲେଖ କରିଛନ୍ତି।

ସଂପ୍ରତି ପାହାଡ଼ର ଉତ୍ତର ପାଦଦେଶରେ ବିଷ୍ଣୁ ମାର୍ଜାର ରୂପରେ ପୂଜା ପାଉଥିବାବେଳେ ଦକ୍ଷିଣ ପାଦଦେଶରେ ବିଷ୍ଣୁ ଏବଂ ଶିବ ହରିଶଙ୍କର ଭାବେ ପୂଜା ପାଉଛନ୍ତି । ଉଭୟ ବରଗଡ଼ ଏବଂ ବଲାଙ୍ଗିର ଜିଲା ସମେତ ପଶ୍ଚିମ ଓଡ଼ିଶାବାସୀଙ୍କ ବିଶ୍ୱାସର ଭାବାବେଗ ସହିତ ଏହି ଦୁଇ ମନ୍ଦିର ଜଡ଼ିତ ହୋଇରହିଛି । ସବୁଠାରୁ ବଡ଼ କଥା ହେଲା ଏହି ପାହାଡ଼ରେ ଉନ୍ନତମାନର ବକ୍ସାଇଟର ଭଣ୍ଡାର ଭର୍ତ୍ତି ହୋଇ ରହିଛି । ୧୯୮୧ ମସିହାରେ ହୋଇଥିବା ଏକ ସର୍ଭେ ଅନୁସାରେ ଏଠାରେ ୨୦୭.୩୭ ମିଲିୟନ ଟନ ବକ୍‌ସାଇଟ ରହିଛି । ଏଠାରେ ରହିଥିବା ବକ୍ସାଇଟରେ ୪୬.୧୦% ଆଲୁମିନିୟମ ରହିଥିବା ପରିପ୍ରେକ୍ଷୀରେ ଏହାକୁ ଏକ ଉତ୍ତମମାନର ବକ୍ସାଇଟ ଖଣି ଭାବେ ବିଚେଚନା କରାଯାଏ । ଏହା ଏକ ସରକାରୀ ତଥ୍ୟ । ତେବେ ବେସରକାରୀ ତଥ୍ୟ ଅନୁସାରେ ଏଠାରେ ମିଳୁଥିବା ବକ୍ସାଇଟରେ ୬୧% ପର୍ଯ୍ୟନ୍ତ ଆଲୁମିନିୟମ ରହିଛି; ଯାହାକି ପ୍ରକୃତିର ଏକ ବୈଚିତ୍ର । ୧୯୮୫ ମସିହାରେ ଭାରତ ଆଲୁମିନିୟମ କଂପାନୀ (ବାଲ୍‌କୋ) ପକ୍ଷରୁ ଏଠାରେ ଏକ ସର୍ଭେ କରାଯାଇଥିଲା । ତତ୍‌କାଳୀନ ସରକାରଙ୍କ ସହ ଚୁକ୍ତି ପରେ ବାଲକୋ ପକ୍ଷରୁ ଗନ୍ଧମାର୍ଦ୍ଦନରୁ ବକ୍‌ସାଇଟ ଖନନ ଓ କୋର୍ବାଠାରେ ଏକ ଆଲୁମିନିୟମ କାରଖାନା ସ୍ଥାପନା ପାଇଁ ଇଚ୍ଛା ପ୍ରକାଶ କରାଯାଇଥିଲା । କୋର୍ବା ଗନ୍ଧମାର୍ଦ୍ଦନଠାରୁ ୩୫୦ କିମି ଦୂର ହୋଇଥିବାବେଳେ ରେଳପଥରେ ବକ୍ସାଇଟ ପଥର ପରିବହନ ଉପରେ ବାଲକୋ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ସ୍ଥାନୀୟ ଲୋକେ ବାଲ୍‌କୋକୁ ପ୍ରତ୍ୟାଖାନ କରିଥିଲେ । ଏକ ବଡ଼ ଧରଣର ଆନ୍ଦୋଳନ ଏଠାରେ ମୁଣ୍ଡ ଟେକିଥଲା । ଶେଷରେ ବାଲ୍‌କୋ ଏଠାରୁ ବାଧ୍ୟ ହୋଇ ହଟି ଯାଇଥିଲା ।

ଓଡ଼ିଶାର ପଶ୍ଚିମ ପ୍ରାନ୍ତରର ବିଭିନ୍ନ ଜିଲାର ସାମାଜିକ, ରାଜନୈତିକ, ସଂସ୍କୃତି ଓ ପରମ୍ପରାର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଛି । ଏହି ଅଞ୍ଚଳର ଅଧିବାସୀଙ୍କ ଆଚରଣ, ଉଚ୍ଚାରଣ, ଚାଲିଚଳଣରେ ଏକ ଭିନ୍ନତା ସ୍ୱତଃ ବାରି ହୋଇପଡେ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଅଞ୍ଚଳର ଲୋକେ ମାଟି ମନସ୍କ । ନୂଆଖାଇ ପରି ପର୍ବପର୍ବାଣିରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳେ । ଏଠାକାର ପାଣି, ପବନ ଓ ପରିବେଶ ପ୍ରତି ତାଙ୍କର ଆନ୍ତରିକ ଶ୍ରଦ୍ଧା ରହିଛି । ତେଣୁ ପାହାଡ଼ ଧ୍ୱଂସ ହୋଇଯିବା ଚିନ୍ତାରେ ଏଠାକାର ଅଧିବାସୀ ଆନ୍ଦୋଳନ କରିଥିଲେ । ଏମିତିରେ ବି ରାଜ୍ୟ ପଶ୍ଚିମାଞ୍ଚଳର ଲୋକେ ଅନ୍ୟାୟ ବିରୁଦ୍ଧରେ ମାଟି ପାଇଁ ଲଢ଼ିବା ଜାଣନ୍ତି । ବୀର ସୁରେନ୍ଦ୍ର ସାଏଙ୍କଠାରୁ ଆରମ୍ଭ କରି ସହୀଦ ମାଧବ ସିଂହ ଓ ତାଙ୍କ ପରିବାର ସଦସ୍ୟଙ୍କ ବଳିଦାନ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଏହି ମାଟିର ଆନ୍ଦୋଳନ ମଧ୍ୟରେ ବାଲକୋ ହଟାଅ ଏକ ସଫଳ ଆନ୍ଦୋଳନ । ସୁନ୍ଦରଲାଲ ବହୁଗୁଣାଙ୍କ ଚିପ୍‌କୋ ଆନ୍ଦୋଳନରୁ ଏହା କୌଣସି ଗୁଣରେ କମ ନୁହେଁ । ଅବଶ୍ୟ ସୁନ୍ଦରଲାଲ ବହୁଗୁଣାଙ୍କ ଆନ୍ଦୋଳନ ଭଳି ଏହାର ସେତେଟା ପ୍ରଚାର ପ୍ରସାର ହୋଇ ପାରି ନଥିଲା । ଏବେ ମଧ୍ୟ ଏହି ବିଶାଳ ପର୍ବତର ସୁରକ୍ଷା ଏଠାକାର ସ୍ଥାନୀୟ ଆଦିବାସୀ କରି ଆସୁଛନ୍ତି । ପଶ୍ଚିମ ଓଡ଼ିଶା ଦୀର୍ଘ ବର୍ଷ ହେବ ଆଞ୍ଚଳିକ ବୈଷମ୍ୟ ପ୍ରତିବାଦରେ ସଂଘର୍ଷ କରି ଆସୁଛି । ତେବେ ଅର୍ଥନୈତିକ ବିକାଶ ଓ ସ୍ଥାନୀୟ ନିଯୁକ୍ତିର ଆଳରେ ଗନ୍ଧମାର୍ଦ୍ଦନକୁ ଲିଜ୍ ଦିଆଯିବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି । ଗନ୍ଧମାର୍ଦ୍ଦନ ଜୈବ ବିବିଧତାର ସ୍ୱର୍ଗ ହୋଇଥିବାବେଳେ ମୃତ୍ତିକା ଓ ଜଳ ସଂରକ୍ଷଣରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି । ଆଖପାଖ ଅଞ୍ଚଳର ମୁଖ୍ୟ ଜଳସ୍ରୋତ ଗନ୍ଧମାର୍ଦ୍ଦନରୁ ବାହାରିଛି ।

ଗନ୍ଧମାର୍ଦ୍ଦନ ପର୍ବତ କେବଳ ପଶ୍ଚିମ ଓଡ଼ିଶା ନୁହେଁ ବରଂ ସାରା ଓଡ଼ିଶାର ଗର୍ବ, ଗୌରବ ଓ ଗରିମାର ପ୍ରତୀକ । ଏହି ପର୍ବତ ସାରା ବିଶ୍ୱ ପାଇଁ ଔଷଧୀୟ ବୃକ୍ଷର ଏକ ପ୍ରାକୃତିକ ଉତ୍ସ ହୋଇପାରିବ । ତେଣୁ ଏହାର ସଂରକ୍ଷଣ ଉପରେ ସମସ୍ତେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସାଂପ୍ରତିକ ପରିସ୍ଥିତିରେ ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ ନେଇ ଚିନ୍ତାଶୀଳ । ଏଭଳି କ୍ଷେତ୍ରରେ ଜୈବ ବିବିଧତାର ସ୍ୱର୍ଗ, ଔଷଧୀୟ ବୃକ୍ଷର ଅପୂର୍ବ ଖଣି ଗନ୍ଧମାର୍ଦ୍ଦନ ନିହାତି ଭାବେ ଏକ ସଞ୍ଜୀବନୀ । ତେଣୁ ଏହି କ୍ଷେତ୍ରରେ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଏହାକୁ ସଂରକ୍ଷଣ ଦିଗରେ ପଦକ୍ଷେପର ଆବଶ୍ୟକତା ରହିଛି । ଏହା ସହ ଏହି ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ମଧ୍ୟ ଏକ ବଡ଼ ସୁଯୋଗ ରହିଛି । ପାର୍ବତ୍ୟାଞ୍ଚଳ ସହ ଏହି ପାହାଡ଼ରେ ରହିଥିବା ନୃସିଂହନାଥ ଏବଂ ହରିଶଙ୍କର ମନ୍ଦିର, ସୁଦୃଶ୍ୟ ଝରଣା, ଔଷଧୀୟ ବୃକ୍ଷ ବାବଦରେ ଗବେଷଣା, ଟ୍ରେକିଂ, ବାର୍ଡ ୱାଚିଂ ପର୍ଯ୍ୟଟକଙ୍କୁ ଯେ ବିମୋହିତ କରିବ ଏଥିରେ କୌଣସି ଦ୍ୱିମତ ନାହିଁ । ଏହି ସବୁ ଧରୋହର ପର୍ଯ୍ୟଟନ ଶିଳ୍ପର ବିକାଶ ସହ ସ୍ଥାନୀୟ ଅଞ୍ଚଳର ଅର୍ଥ ବ୍ୟବସ୍ଥାକୁ ମଜଭୁତ କରିବ । ସବୁଠାରୁ ବଡ଼ କଥା ହେଲା ଏଠାକାର ସମୃଦ୍ଧ ଜୈବ ବିବିଧତା ବୈଜ୍ଞାନିକଙ୍କ ପାଇଁ ଜୀବନ୍ତ ସଂପତ୍ତିର ସଂଜ୍ଞା ଦେଇଥାଏ ଏବଂ ପ୍ରକୃତ ସ୍ୱର୍ଗ ଯେ ମର୍ତ୍ତମଣ୍ଡଳରେ ରହିଛି ଏହା ଆମକୁ ଶିକ୍ଷା ଦେଇଥାଏ । ■■

ସମ୍ବଲପୁର, ମୋ- ୯୦୪୦୧୯୪୩୮୧

ଗୋଣ୍ଡ ଜାତି ଓ ଦାରୁଦେବତା ଜଙ୍ଗାଦେଓ

ଭବାନୀ ଶଙ୍କର ନାୟକ

ଜ୍ଞାନ, ଦର୍ଶନ, ପୂଜନ ଓ ପରାକ୍ରମର ଇତିହାସକୁ ଧାରଣ ଓ ପ୍ରଦର୍ଶନ କରି ଭାରତ ବର୍ଷ ଆଳି ବିଶ୍ୱଦରବାରରେ ବନ୍ଦିତ। ସେଇ ଭାରତବର୍ଷରେ ବାସ କରୁଥିବା ସଂଖ୍ୟାଗରିଷ୍ଠ ଜାତି ହେଉଛନ୍ତି ଗୋଣ୍ଡ ଜନଜାତି। ଇତିହାସ ପୃଷ୍ଠାରେ ଧର୍ମ, ସଂସ୍କୃତି ଓ ଦେଶର ଏକ ନିଷ୍ଠାପର ସେବକ ଭାବରେ ସେଇ ଜାତି ଗର୍ବ ଅନୁଭବ କରେ।

ଗୋଣ୍ଡ ଏକ ପ୍ରାଚୀନ ଜନଜାତି। ଭାରତବର୍ଷର ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଭୂଖଣ୍ଡରେ ସେମାନେ ବସବାସ କରନ୍ତି। ଗୋଣ୍ଡ ଜାତିର ନିଜସ୍ୱ ଭାଷା ସଂସ୍କୃତି ଧର୍ମ ଓ ସ୍ୱତନ୍ତ୍ର ସାମାଜିକ ବ୍ୟବସ୍ଥା ରହିଛି। ଏକଦା ମଧ୍ୟଭାରତର ବିଶାଳ ଅଞ୍ଚଳରେ ବିସ୍ତୀର୍ଣ୍ଣ ଭାବରେ ବସବାସ କରୁଥିଲେ। ଏଇ ଜାତି ଗୋଣ୍ଡୱାନାରେ ଏକ ବିଶାଳ ସାମ୍ରାଜ୍ୟ ଯେ ସ୍ଥାପନ କରିଥିଲା ଇତିହାସ ହେଉଛି ତାର ମୂକସାକ୍ଷୀ। ଏକ ପରାକ୍ରମୀ ଶାସକ ଗୋଷ୍ଠୀ ଭାବରେ ମୋଗଲ ବ୍ରିଟିଶ ସମୟର ବିଭିନ୍ନ ଶାସନ ଯୁଦ୍ଧ ଓ ଐତିହାସିକତାକୁ ରାଜା ଦଳପତ୍ ଶାହା, ରାଣୀ ଦୁର୍ଗାବତୀ, ରାମଜୀ ଗୋଣ୍ଡ, କୀର୍ତ୍ତି ସିଂ, ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ, କୋଲାବିରା ଜମିଦାର କରୁଣାକର ସିଂ, ଲଖନପୁର ଜମିଦାର ବଳଭଦ୍ର ସିଂଦେଓ ଇତ୍ୟାଦିଙ୍କ ତ୍ୟାଗ ଓ ବୀରତ୍ୱ ପ୍ରମାଣିତ କରେ। ଏହି ବୀର ଶାସକ ଜାତିର ଉତ୍ତରାକାରୀ ଯବନମାନଙ୍କ ବାରମ୍ବାର ଆକ୍ରମଣକୁ ସାମନା କରିନପାରି ମଧ୍ୟଭାରତ ଛାଡ଼ି ଓଡ଼ିଶା, ଛୋଟନଗପୁର, ଆନ୍ଧ୍ରପ୍ରଦେଶ, ପରି ବିଭିନ୍ନ ରାଜ୍ୟକୁ ଚାଲିଯାଇ ବାସକଲେ। ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ, କଳାହାଣ୍ଡି, କେଉଁଝର, ନବରଙ୍ଗପୁର, ଅନୁଗୁଳ, ଜିଲ୍ଲାରେ ଏହି ଜାତି ବାସ କରନ୍ତି। ଏମାନଙ୍କ ଧର୍ମ ହେଉଛି ଗୋଣ୍ଡି ଧର୍ମ, ଭାଷା ଗୋଣ୍ଡି ଭାଷା ଓ ଧର୍ମଗୁରୁ "ପାରିକୁପାର ଲିଙ୍ଗୋ"। ଇଷ୍ଟଦେବ ଜଙ୍ଗାଦେଓ। ଗୋଣ୍ଡ କେବଳ ଶାସନ କ୍ଷେତ୍ରରେ ନୁହେଁ ଧର୍ମ ଉପାସନା କ୍ଷେତ୍ରରେ ମଧ୍ୟ ବେଶ ନିଷ୍ଠାପର ଓ ବିଶ୍ୱସ୍ତ।

ପ୍ରାଚୀନ ଗୋଣ୍ଡ ଜାତି ପ୍ରକୃତିର ଉପାସକ। ପ୍ରକୃତିର ବିଭିନ୍ନ ବିଭବ ମାଟି, ଆକାଶ, ପାହାଡ଼, ନଦୀ, ବୃକ୍ଷ ଓ ଜୀବଜନ୍ତୁ ଭିତରେ ଦିବ୍ୟସତ୍ତାକୁ ଅନୁଭବ କରୁଥିଲା। ଏସବୁ ଭିତରେ ଥିବା ଅଫୁରନ୍ତ ଶକ୍ତି, ବୈଚିତ୍ର ଓ ଚିରନ୍ତନତାକୁ ଦେଖି ବିସ୍ମୃତ ହେଉଥିଲା। ଖୁଣ୍ଟଟିଏ ପୋତି ତାରି ଭିତରେ ଥିବା ଦିବ୍ୟସତ୍ତାକୁ ଅନୁଭବ କରି ଫୁଲ, ଦୀପ ଦେଇ ପୂଜାକଲା ବିଶ୍ୱାସର ସିଂହାସନରେ ବସାଇ ଠାକୁର ମଣିଲା ତା' ସମାଜର ସୁରକ୍ଷା ଦାୟିତ୍ୱ ଅର୍ପଣ କରି ନିଜକୁ ସୁରକ୍ଷିତ ମଣିଲା। ପ୍ରକୃତି ତା ଜୀବନଯାପନର ଅଙ୍ଗ ପଲାଟି ଗଲା। ଗୋଣ୍ଡ ସମ୍ପ୍ରଦାୟରେ ତେଣୁ ପ୍ରକୃତି ଉପାସନା ଓ ଦାରୁଦେବତା ପୂଜନର ପ୍ରାଚୀନ ପରମ୍ପରା ରହିଛି।

ଗୋଣ୍ଡ ଜାତି ଅନେକ ଦେବାଦେବୀଙ୍କୁ ପୂଜାକଲେ ମଧ୍ୟ ଜଙ୍ଗାଦେଓ ତାଙ୍କର ମୁଖ୍ୟ ଦେବତା ଜଙ୍ଗାଦେଓଙ୍କୁ ପଶ୍ଚିମ ଓଡ଼ିଶାର ଲୋକମାନେ ବୁଢାଦେଓ, କୁନ୍ଦାଦେଓ ବୋଲି ମଧ୍ୟ କହନ୍ତି। ଜଙ୍ଗାଦେଓ ବା ବୁଢାଦେଓଙ୍କ କଳେବର ଦାରୁରେ ନିର୍ମିତ ହୋଇଥାଏ। ସେମାନେ ବିଶ୍ୱାସ କରନ୍ତି ଯେ ଜଙ୍ଗାଦେଓ ସ୍ୱୟଂ ପରମବ୍ରହ୍ମ ସୃଷ୍ଟିକର୍ତ୍ତା ଏବଂ ନିୟାମକ। ସିଏ ମାନବଲୀଳାର ପ୍ରକାଶ ପାଇଁ ଦାରୁ ରୂପ ଧାରଣ କରିଛନ୍ତି। ଆର୍ଯ୍ୟ ଦେବତା ଦାରୁବ୍ରହ୍ମ ଜଗନ୍ନାଥ ହେଲେ ଗୋଣ୍ଡ କହେ ଦାରୁବ୍ରହ୍ମ ଜଙ୍ଗା ଜଗନ୍ନାଥ।

ଜଗନ୍ନାଥଙ୍କ ପରି ଜଙ୍ଘାଦେଓ ନିଜର ପୁରୁଣା ଶରୀର ତ୍ୟାଗ କରି ନୂତନ ଦେହ ଧାରଣ କରନ୍ତି। ଏହି ଘଟ ପରିବର୍ତ୍ତନର ପ୍ରଥା ହେଉଛି ଦଶନ୍ତ ବା ନବକଳେବର। ଏହା ଦଶବର୍ଷରେ ଥରେ ଅନୁଷ୍ଠିତ ହେଉଥିବାରୁ ଦଶନ୍ତ ବୋଲି କୁହାଯାଏ।

ବିଷ୍ଣୁଙ୍କ ଅନ୍ୟ ଏକ ଅବତାର ହେଉଛନ୍ତି ଜଙ୍ଘାଦେଓ। ପୌରଣିକ କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଅର୍ଜୁନ ସମୁଦ୍ରରେ ଭସାଇ ଦେଲାପରେ ଶ୍ରୀଅଙ୍ଗ ଦାରୁରେ ପରିଣତ ହୋଇଥିଲେ। ସେଇ ଦାରୁବ୍ରହ୍ମ ଭାସି ଆସି ବାଙ୍କି ମୁହାଣରେ ଲାଗିଥିଲା। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଦାରୁବ୍ରହ୍ମଙ୍କ ଉପର ଅଂଶ ଅଣାଯାଇ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ମୂର୍ତି ତିଆରି ହେଲା। କିନ୍ତୁ କଟୀ ତଳ ଅଂଶ ଜଙ୍ଘକୁ ଗୋଣ୍ଡ ସମ୍ପ୍ରଦାୟ ଉଦ୍ଧାର କରି ଦେବତା ରୂପରେ ପୂଜା କଲେ। ତେଣୁ ଲୋକ ବିଶ୍ୱାସ ରହିଛି ଶ୍ରୀକୃଷ୍ଣଙ୍କ ଦେହାବଶେଷରୁ ହିଁ ଜଙ୍ଘାଦେଓଙ୍କ ସୃଷ୍ଟି। ଜଙ୍ଘ ଅଂଶକୁ ଦେବତା ରୂପେ ପୂଜା କରୁଥିବାରୁ ତାଙ୍କ ନାମ ଜଙ୍ଘାଦେଓ ବୋଲି ବିଦିତ।

ଜଙ୍ଘାଦେଓଙ୍କ ଆବିର୍ଭାବ ଓ ଓଡ଼ିଶା ଆଗମନ ସମ୍ପର୍କରେ ଆଉ ଏକ କିମ୍ବଦନ୍ତୀ ରହିଛି ମଧ୍ୟପ୍ରଦେଶ, ଫୁଲଝରର ଗୋଣ୍ଡ ଜାତିର ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ବିଷ୍ଣୁଙ୍କ ସ୍ୱପ୍ନାଦେଶ ହେଲାଯେ ଗଣ୍ଡୁକି ନଦୀକୂଳରେ ଶିଆଳି ଲତାରେ ଜଙ୍ଘାଦେବ ଜଙ୍ଘ ରୂପେ ଦାରୁ ସଦୃଶ୍ୟ ବିଦ୍ୟମାନ ଏବଂ ଝୁଲନ୍ତା ଅବସ୍ଥାରେ ଥିବା ଦାରୁକୁ ଆଣି ପୂଜାକଲେ ସମାଜର ମଙ୍ଗଳ ହେବ। ସେଇ ଦିନଠୁ ଦାରୁକୁ ଆଣି ଇଷ୍ଟଦେବ ରୂପେ ଗୋଣ୍ଡମାନେ ପୂଜାକରି ଆସୁଛନ୍ତି। ପ୍ରାପ୍ତ ଦାରୁଦେବତାର ରୂପ ଜଙ୍ଘାକୃତି ହୋଇଥିବାରୁ ସେ ଜଙ୍ଘାଦେଓ ନାମରେ ନାମିତ ହେଲେ। ଏହି ସମୟରେ ଫୁଲଝର ସମ୍ବଲପୁର ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ସମ୍ବଲପୁର, ବେଙ୍ଗଲ ବିହାର ଓଡ଼ିଶା ପ୍ରେସିଡେନ୍ସିରେ ମିଶିଲା ପରେ ଫୁଲଝର ପୁଣି ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହେଲା। ଏହି ସମୟରେ ମୋଗଲମାନଙ୍କ ବାରମ୍ବାର ଆକ୍ରମଣକୁ ସାମନା କରି ନପାରି ଗୋଣ୍ଡମାନେ ଜଙ୍ଘାଦେଓଙ୍କୁ ଧରି ସୁନ୍ଦରଗଡ଼ର ଭୋଇପାଲିକୁ ଚାଲିଆସିଲେ। ସୁନ୍ଦରଗଡ଼ର ତତ୍କାଳୀନ ରାଜା ଜଙ୍ଘାଦେଓଙ୍କ ଶକ୍ତି ଓ ଅପାର ମହିମା ବିଷୟରେ ଅବଗତ ହୋଇ ଭୋଇପାଲିରେ ଏକ ମନ୍ଦିର ନିର୍ମାଣ କରିଦେଲେ। ସମ୍ପ୍ରତି ପଶ୍ଚିମଓଡ଼ିଶାର ଭୋଇପାଲି ଏକ ଜଙ୍ଘାଧାମ ରୂପେ ପରିଚିତ। କୁଚିଣ୍ଡା ଅଞ୍ଚଳର ବିଭିନ୍ନ ସ୍ଥାନ ଯଥା କୁଡ଼ାପଡ଼ା, ଘୋଷା, ଲଇକେରାର ମୟୂରଡ଼ିମାଠାରେ ତାଙ୍କର ମନ୍ଦିର ସ୍ଥାପିତ ହୋଇଛି।

ଜଗନ୍ନାଥ ଯେପରି ସ୍ନାନ ପୂର୍ଣ୍ଣିମାରେ ରତ୍ନସିଂହାସନରୁ ବାହାରି ସମସ୍ତଙ୍କୁ ଦର୍ଶନ ଦିଅନ୍ତି ପୁଣି ଘୋଷ ଯାତ୍ରାରେ ରଥ ଉପରେ ବିଜେ ହୁଅନ୍ତି ଠିକ୍ ସେହିପରି ଶାମ୍ବଦଶମୀ ତିଥିରେ ଜଙ୍ଘାଦେଓ ସମସ୍ତଙ୍କୁ ଦର୍ଶନ ଦିଅନ୍ତି। ଜଙ୍ଘାଧାମରେ ତାଙ୍କ ପୂଜନ ଓ ଯାତ୍ରା ଅନୁଷ୍ଠିତ ହୁଏ। ଜଙ୍ଘାଦେଓ ଦୁଇଜଣ କିମ୍ବା ଚାରିଜଣ ବରୁଆ କାନ୍ଧରେ ବିଜେ ହୋଇ ନିକଟସ୍ଥ ଜଳାଶୟରେ ସ୍ନାନ କରନ୍ତି। ସ୍ନାନ ପରେ ବିଭିନ୍ନ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଏ। ଜଙ୍ଘାଦେଓଙ୍କ ଶରୀରରେ ଘିଅ ଓ ଜଡ଼ାତେଲର ପ୍ରଲେପ ଦିଆଯାଇଥାଏ। କୁହାଯାଏ ଶ୍ରୀକୃଷ୍ଣଙ୍କ ଅର୍ଧଦଗ୍ଧ ଶରୀର ଦାରୁରୂପ ଧାରଣ ଓ ନିମ୍ନାଂଶ ଜଙ୍ଘକୁ ଦେବତା ରୂପ ଦେଇଥିବାରୁ ଉକ୍ତ ଉତ୍ତପ୍ତ ଦାରୁ ମୂର୍ତ୍ତିର ଶୀତଳିକରଣ ପାଇଁ ଘିଅ ଓ ଜଡ଼ାତେଲର ପ୍ରଲେପ ଦିଆଯାଇଥାଏ। ଆସ୍ଥାନରେ ପୂଜା ପରେ ଜଙ୍ଘାଦେଓଙ୍କ ନିର୍ଦ୍ଦେଶ ଅନୁସାରେ ବରୁଆ କାନ୍ଧରେ ବୋହି ନଗର ପରିକ୍ରମା କରାଏ। ବିଶ୍ୱାସ ଅଛି ନିଜ ଇଚ୍ଛା ଅନୁସାରେ ବରୁଆ କୌଣସି ଦିଗକୁ ଯାଇପାରେ ନାହିଁ। ଜଙ୍ଘାଦେଓଙ୍କ ଆସ୍ଥାନରେ ସୁଦର୍ଶନ ଖଡ୍ଗ ଦେବତା ରୂପେ ଲିଙ୍ଗାଦେଓ ପାର୍ଶ୍ୱ ଦେବତା ରୂପେ ପୂଜା ପାଆନ୍ତି। ଜଙ୍ଘାଦେଓଙ୍କ ଚାରି ଖଡ୍ଗ ଯଥା ସତ୍ରସାଲ, ତମରୁସାଲ, ବୈରିସାଲ ଓ ଜରାଟି ପାଖରେ ପୂଜା ପାଆନ୍ତି। ସତ୍ରସାଲ ବାଦ୍ୟ ବାଦନ କରି ଶତ୍ରୁ ଆଗମନର ସୂଚନା ଦିଅନ୍ତି। ବିପଦ ସମୟରେ ଜଙ୍ଘାଦେଓ ଏହି ଚାରି ଖଡ୍ଗର ବ୍ୟବହାର କରନ୍ତି।

ଜଙ୍ଘାଦେଓ ହେଉଛନ୍ତି ଶୂନ୍ୟବ୍ରହ୍ମ ତେଣୁ ସେ ଶୂନ୍ୟରେ ଝୁଲି ରହନ୍ତି। ଦାରୁ ରୂପକୁ ତଳେ ନରଖି ଶିଆଳି ଲତାରେ ଝୁଲାଇ ରଖାଯାଏ। ସ୍ତ୍ରୀ ପୁରୁଷ ସମସ୍ତେ ଜଙ୍ଘାଦେଓଙ୍କୁ ବହନ କରିବାର ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି।

ଗୋଣ୍ଡ ଜାତିର ଜନଜୀବନରେ ଜଙ୍ଘାଦେଓ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ସରଳ ନିରାଡ଼ମ୍ବର ଗ୍ରାମୀଣ ପରିବେଶରେ ପାଳିତ ହେଉଥିବା ତାଙ୍କର ସରଳ ନୀତିକାନ୍ତି ଓ ଯାତ୍ରା ସମସ୍ତ ଜଗତବାସୀଙ୍କୁ ସରଳ ନିରାଡ଼ମ୍ବର ସଂସ୍କୃତି ପ୍ରାଣ ଜୀବନଯାପନ ସହ ଶାନ୍ତି ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ।

ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧

କନ୍ଧ ଜନଜାତିର ରନ୍ଧନକଳା ଓ ଖାଦ୍ୟ : ବିଚାର ଓ ବିଶ୍ଳେଷଣ

ଡୋଳାମଣି ମାଝୀ

ମଣିଷ ବଞ୍ଚିବାକୁ ହେଲେ ଯେଉଁ ମୌଳିକ ଜିନିଷର ଆବଶ୍ୟକତା ରହିଛି ସେଥି ମଧ୍ୟରୁ ଆହାର ଅନ୍ୟତମ। ଆହାର ବିନା ମଣିଷ ବଞ୍ଚିବା କଷ୍ଟକର। ଅତୀତରେ ମଣିଷ ବଣରେ ରହି ବଣର ଫଳ ମୂଳ ଓ ପତ୍ର ଖାଉଥିଲା। ଧିରେ ଧିରେ ବୁଦ୍ଧିର ବିକାଶ ହେବାରେ କଞ୍ଚାରୁ ଦରପୋଡ଼ା ଖାଇଲା। ତାପରେ ଶିଝା ଖାଇ ବର୍ତ୍ତମାନ ସୁସ୍ୱାଦିଷ୍ଟ ଖାଦ୍ୟ ଯାଏଁ ପହଞ୍ଚିଛି। ଏହି କ୍ଷେତ୍ରରେ ଯଦି କନ୍ଧମାନଙ୍କ ଖାଦ୍ୟକୁ ବିଚାର କରାଯାଏ ତାହେଲେ ଏମାନେ ମଧ୍ୟ ସେହି ଧାରାରେ ଆସିଛନ୍ତି। ଫରକ୍ ଏତିକି ଯେ ଏମାନଙ୍କର ଖାଦ୍ୟ ରୁଚି ବର୍ତ୍ତମାନର ମଧ୍ୟ ଆଧୁନିକ ଢାଞ୍ଚାରେ ତିଆରି ହୁଏ ନାହିଁ। ବରଂ ଏମାନେ ପାରମ୍ପାରିକ ଖାଦ୍ୟ ହିଁ ଗ୍ରହଣ କରିଥାନ୍ତି। ଅବଶ୍ୟ ଏଠାରେ ଏହା ସ୍ପଷ୍ଟ କରିଦିଏ ଯେ ଏମାନଙ୍କର ରନ୍ଧନ କଳା ଉନ୍ନତମାନର ନୁହେଁ କିନ୍ତୁ ରୁଚିକର ଓ ସୁସ୍ୱାଦୁ। ନିମ୍ନରେ ସେଗୁଡ଼ିକ ବିସ୍ତୃତ ଭାବରେ ଆଲୋଚନା କରାଗଲା।

ରନ୍ଧନକଳା – ରନ୍ଧନକୁ ଯେତେବେଳେ କଳା ସହ ଯୋଡ଼ି ଦିଆଯାଏ ତା'ର ଅର୍ଥ ବ୍ୟାପକ ହୋଇଯାଏ। କାରଣ ଆମେ ଜାଣୁ କଞ୍ଚା ଜିନିଷକୁ (ଖାଦ୍ୟ ଉପଯୋଗୀ) ବିଭିନ୍ନ ଢଙ୍ଗରେ ପାକ କରାଗଲା ପରେ ସେଥିରୁ ଯାହା ତିଆରି ହୁଏ ତାକୁ ଖାଦ୍ୟ କହୁଛୁ ଏବଂ ପ୍ରକ୍ରିୟାକୁ ରନ୍ଧନ ବା ରାନ୍ଧିବା କହୁଛୁ। କିନ୍ତୁ ଏହାକୁ ଯେତେବେଳେ ଆମେ କଳା ବୋଲି କହୁଁ ଏହା ଲୋକଧର୍ମୀ ନ ହୋଇ ଶାସ୍ତ୍ରୀୟ ଧର୍ମୀ ହୋଇଯାଏ। ଇନ୍ଧନ ଆରମ୍ଭ ହେବାଠାରୁ ପାତ୍ର ଗରମ ହେବା, ତେଲ ପୋଡ଼ିବାଠାରୁ ମସଲା ପଡ଼ିବା ଯାଏଁ ସବୁର ବିଧି ଆସିଯାଏ କଳା ଭିତରେ। ଏ ବିଧି ଗୁଡ଼ିକ କନ୍ଧମାନଙ୍କର ରନ୍ଧନ କଳାରେ ପ୍ରାୟ ନାହିଁ। କାରଣ ଏମାନେ ହେଉଛନ୍ତି ଆଦିମ ମଣିଷ। ଧିରେ ଧିରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଉଥିଲେ ମଧ୍ୟ ତାଙ୍କର ପରମ୍ପରାକୁ ଛାଡ଼ି ପାରି ନାହାନ୍ତି। ଏଣୁ ରନ୍ଧନକଳା ମଧ୍ୟ ପାରମ୍ପାରିକ ହୋଇ ରହିଯାଇଛି। ଅନ୍ୟ ଭାବରେ ବିଚାର କଲେ ଏମାନଙ୍କର ଆର୍ଥିକସ୍ଥିତି ଯେ ସେତେଟା ସୁଦୃଢ଼ ନୁହଁ ଏଣୁ ପରମ୍ପରାରୁ ମୁକୁଳି ନପାରିବାର ଏହା ମଧ୍ୟ ଗୋଟିଏ କାରଣ।

କନ୍ଧମାନଙ୍କର 'ରନ୍ଧନକଳା' ବିଶେଷ ବିକଶିତ ନଥିବାରୁ ବର୍ତ୍ତମାନ ମଧ୍ୟ କଞ୍ଚା, ଅଧ ପୋଡ଼ା ଓ ଶିଝା ଖାଦ୍ୟକୁ ଖାଇଥାନ୍ତି। କିନ୍ତୁ ଏହା ଯେ ତାଙ୍କର ଦରିଦ୍ରତା ତାହା ନୁହେଁ ; ଖୁସିର ପଣ ବୋଲି ମଧ୍ୟ କହନ୍ତି। ରନ୍ଧନ କାର୍ଯ୍ୟରେ ଏମାନେ ମାଟିପାତ୍ର (ଭଣା, ହାଣ୍ଡି, ସର୍‌ଲା, ତେଲେନ, ଠେକି) କଂସା କିମ୍ବା ପିତଳ ପାତ୍ରର ବ୍ୟବହାରକରିଥାନ୍ତି। ଏହା ସହ କାଠରେ ନିର୍ମିତଚଟୁ, ବେଲା, ଡୁଆ, ଅନ୍‌ଖାଉ ପକରଣ ବ୍ୟବହାର କରିଥାନ୍ତି।

ଖାଦ୍ୟ ବିଚାର – ହଜାର ହଜାର ବର୍ଷ ଧରି ଅନୁଭୂତିର କଷଟି ପଥରରେ ସହସ୍ରବାର ପରୀକ୍ଷା ନିରୀକ୍ଷା କରି କନ୍ଧମାନେ କେଉଁ ପଦାର୍ଥ ଖାଦ୍ୟ ଉପଯୋଗୀ ଏବଂ କେଉଁଟି ଉପଯୋଗୀ ନୁହଁ ସେ କଥା ନିର୍ଣ୍ଣୟ କରିସାରିଛନ୍ତି। ଏହି ଆଧାରରେ ଏମାନଙ୍କର ଜୀବନ ମଧ୍ୟ ଗତିଶୀଳ ହୋଇଛି। ଭୋକର ସଂସାରରେ ସୁଖର ଅମୃତ ମିଳିଛି। ଜୀବନ ମାର୍ଜିତ ହୋଇଛି। ଭୋକ ମରିଛି ଏବଂ ଖାଦ୍ୟକୁ ନେଇ ଏକ ନିଆଁରା ପରିଭାଷା ପାଇଛନ୍ତି। ସେମାନଙ୍କ ଅଭାବ ଅନଟନର ସଂସାର ତାଙ୍କୁ ଶିଖାଇଛି ଖାଦ୍ୟର ଏକ ନିଆଁରା ସ୍ୱାଦ। ତଦନୁସାରେ "ଯାହା ମଣିଷ ଖାଇଲେ ପୁଷ୍ଟ ସାଧନ ହୁଏ, ଶରୀରର ବୃଦ୍ଧି ହୁଏ କେବଳ ତାହା ଖାଦ୍ୟ ନୁହେଁ ; ଯାହାକୁ ଖାଇଲେ ବାସ୍ତବରେ ପେଟ ପୁରେ, ଭୋକ ମରେ କିନ୍ତୁ ମଣିଷମରେ ନାହିଁ; ତାହା ହିଁ

ଖାଦ୍ୟ।"[୧] ଏହି କଥାରେ କନ୍ଧ ପରିଚାଳିତ ହୁଏ ଏବଂ ତାର ଖାଦ୍ୟ ପ୍ରଣାଳୀ ପ୍ରସ୍ତୁତ କରେ। ନିମ୍ନରେ କନ୍ଧମାନେ ଖାଉଥିବା ଖାଦ୍ୟଗୁଡ଼ିକ ବିଚାର କରାଗଲା -

ପେଜ/ଭାତ -

ଚାଉଳରୁ ପ୍ରସ୍ତୁତ ହୁଏ ପେଜ ଓ ଭାତ। ଖାଦ୍ୟରୁ ପାଣି ଛାଡ଼ିଗଲେ ଭାତ ଓ ପାଣି ରହିଲେ ପେଜ ହୁଏ। କିନ୍ତୁ କନ୍ଧ ଲୋକମାନଙ୍କ ପେଜ କହିଲେ ଯେ କେବଳ ଭାତ ପେଜ ନୁହଁ; ମାଣ୍ଡିଆ ପେଜ, ଜାଉପେଜ, କୁଦୋ ପେଜ ଓ ଭାତ ରହିଛି। ଯାହା ଏମାନେ ଆନନ୍ଦର ସହ ଖାଆନ୍ତି। ତାହା ସହ କନ୍ଧମାନେ ଭାତକୁ ମଧ୍ୟ 'ପେଜ' ବୋଲି କହିଥାନ୍ତି। ଏଣୁ କନ୍ଧ ପରିବାରର କୌଣସି ସଦସ୍ୟକୁ ଭୋକ ହେଲେ ସେ ରୋଷେଇ ଦାୟିତ୍ୱରେ ଥିବା ମହିଳାଙ୍କୁ 'ପେଜ୍ ଫଟେ ଦିଆଁ'[୨] ବୋଲି କହିଥାଏ।

ଗୁଣ୍ଡ ବା ଚୂନା ଖାଦ୍ୟ -

କନ୍ଧମାନଙ୍କର ଖାଦ୍ୟ ପରମ୍ପରାରେ ଚୂନା ବା ଚୂର୍ଣ୍ଣ ହୋଇଥିବା ଖାଦ୍ୟର ଭୂମିକା ରହିଛି। ଏହି ଚୂର୍ଣ୍ଣ ହୋଇଥିବା ଖାଦ୍ୟ ଗୁଡ଼ିକକୁ ଏମାନେ 'କୁଣା' ମଧ୍ୟ କହନ୍ତି। ଯଥା - ଗୁର୍ଜିକୁଣା, ଧାନ କୁଣା, ମାଣ୍ଡିଆକୁଣା, ଚଉଳକୁଣା, ଚିରାକୁଣା ପ୍ରଭୃତି ପ୍ରମୁଖ। ଏହି କୁଣା ଜାତୀୟ ଖାଦ୍ୟଗୁଡ଼ିକ ଭୋଗ ଆକାରରେ ତାଙ୍କର ଇଷ୍ଟଙ୍କ ପାଖରେ ନୂଆଁଖାଇ, ଦଶ୍‌ରା, ଚରୋ, ଚଇତ୍ରା ପ୍ରଭୃତି ପର୍ବପର୍ବାଣୀରେ ଅର୍ପଣ କରାଯାଇ ଥାଏ। ଏଣୁ ଏହି ଜାତୀୟ ଖାଦ୍ୟ ଖୁବ୍ ପ୍ରାଚୀନ ବୋଲି ମନେହୁଏ।

ଭଜାଲିଆ-

ମୂଳ ଜିନିଷକୁ ଗରମ ହାଣ୍ଡିରେ ପକାଇ ଫୁଟାଗଲେ ବା ଭାଜିଲେ ତାହା ଭଜା ହୁଏ। ଏମାନଙ୍କ ଭାଷାରେ ଏହାକୁ 'ଲିଆ' କୁହାଯାଏ। ଅନ୍ୟ ସମ୍ପ୍ରଦାୟର ଲୋକମାନେ ଏହାକୁ 'ମୁଢ଼ି' ବା 'ଭୁଜା' କହନ୍ତି।ଏହି ମୁଢ଼ି ଓ ଭୁଜା ଚାଉଳରେ ପ୍ରସ୍ତୁତ ହୋଇଥାଏ। ଯାହା ସର୍ବସାଧାରଣ ଖାଇଥାନ୍ତି। କିନ୍ତୁ କନ୍ଧମାନଙ୍କର ଲିଆ ଖାଦ୍ୟ ପରମ୍ପରାରେ ବିଭିନ୍ନ ପ୍ରକାରର ଦେଖାଯାଏ ଯଥା- ଲିଆ (ଚାଉଳରେ ପ୍ରସ୍ତୁତ), 'ଝଜରାଲିଆ', 'ଚନା ଲିଆ', 'ମୁରି ଲିଆ' (ଚାଉଳରେ ପ୍ରସ୍ତୁତ), 'ମକାଲିଆ' ପ୍ରଭୃତି।

ଜଙ୍ଗଲଜାତ ଖାଦ୍ୟ -

କନ୍ଧମାନେ ଆଦ୍ୟରୁ ହିଁ ଜଙ୍ଗଲ ଉପରେ ନିର୍ଭରଶୀଳ। ଏମାନଙ୍କର ଖାଦ୍ୟ ସାମଗ୍ରୀ ଅଧାରୁ ଅଧିକାଂଶ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି। ଯଥା - କେନ୍ଦୁ, ଚାର, ଟୋଲ, ମହୁଲ, ବନସୁଲା, କଣ୍ଟକୋଲି, କୁସମ, କୁର୍ଲୁ, କରଡ଼ି, ଛତୁ, ସେମେଲ କନ୍ଦା, ଜତାକନ୍ଦା, କଲମୂଳ କନ୍ଦା, ତରଘିଆ କନ୍ଦା, ଗାଡ଼କନ୍ଦା, ଲାଏଟ୍‌କନ୍ଦା, ପାଏନ୍‌କନ୍ଦା, ସାରୁ କନ୍ଦା, ଆମ୍ବ ପଣଷ, ନାରଙ୍ଗି, କଦଳୀ, କାକୁଡ଼ି, କମଲୀ, ଅଅଁଳା, ସୀତାଫଳ, ଜାମ୍ (ପିଜୁଳି) ପ୍ରଭୃତି।

ଶାଗଜାତୀୟ -

ମଣିଷ ତେଲ ଲୁଣର ବ୍ୟବହାର ଯେତେବେଳେ ଜାଣି ନଥିଲା। ସେତେବେଳେ ପାକ (ରନ୍ଧନକଳା) ବା ରୋଷେଇ କରିବା କ୍ଷେତ୍ରରେ କେବଳ ଶିଝା ଖାଉଥିଲା। ଅରଣ୍ୟର ବିଭିନ୍ନ ପତ୍ର, ମାଟିରୁ ଉଠିଥିବା ଲତା ଜାତୀୟ ଗଛ ଗୁଡ଼ିକକୁ ଶିଝାଇ ଖାଉଥିଲା। ପରବର୍ତ୍ତୀକାଳରେ ବିଭିନ୍ନ ପତ୍ରକୁ ନାମକରଣ କଲା ଓ ତାକୁ ଶିଝାଇ (ରୋଷେଇ କରି) ତାର ଭିନ୍ନଭିନ୍ନ ସ୍ୱାଦକୁ ଚାଖିଲା। ଯଥା - ପାନ୍‌ଶାଗ, ଚେରଶାଗ୍, କନୋ (ଖଡ଼ାଶାଗ୍), ଶିରେଲଶାଗ, କୁରେଇ ଶାଗ୍, ଶୋରସୋ ଶାଗ୍, ବହଲ ଶାଗ୍, ଭାଦୁଲ ଶାଗ୍, ମୁଂଗା ଶାଗ୍, ଭାଜିଶାଗ୍, ସୁନ୍‌ସୁନିଆ ଶାଗ୍, କଲମ ଶାଗ୍, ଚକୁଣା ଶାଗ୍, ଗୁବିଶାଗ୍, କେନାଶାଗ୍, ଗୁଞ୍ଜେରଶାର୍, କୁମ୍‌ଡ଼ାଶାଗ୍ ଓ ପାଡ଼ରୀ ଶାଗ୍ ପ୍ରଭୃତି।

ଆମିଷ ଖାଦ୍ୟ -

କନ୍ଧ ତଥା ଆଦିବାସୀମାନେ ମାଂସ ପ୍ରିୟ। ଆଦିମ ଅବସ୍ଥାରୁ କନ୍ଧମାନେ ବଣରେ ବସବାସ କରିବା ସହ ଜୀବଜନ୍ତୁ ଶିକାର କରି ଜୀବନଯାପନ କରି ଆସୁଛନ୍ତି। କଞ୍ଚା ମାଂସ ଖାଇବାର ପ୍ରବୃତ୍ତି ଏହି ଶିକାର କରିବାରୁ ହିଁ ସୃଷ୍ଟି ହୋଇଛି। ସାମ୍ପ୍ରତିକ କାଳରେ ସରକାର ଶିକାର କରିବାକୁ ଅବୈଧ ଘୋଷଣା କରିଥିଲେ ମଧ୍ୟ ଆଦିବାସୀମାନେ ଶିକାର କରିବା ପ୍ରବୃତ୍ତି ଛାଡ଼ି ନାହାନ୍ତି। ତେଣୁ ଆଜି ମଧ୍ୟ ତାଙ୍କର ପ୍ରମୁଖ ଖାଦ୍ୟ ଭାବରେ ମାଂସକୁ ବିଚାର କରାଯାଏ। ଏମାନେ ଖାଉଥିବା ମାଂସଗୁଡ଼ିକ ହେଲା - ଛେଳି ମାଂସ, ପୋଡ଼ ମାଂସ, ଘୁଷୁରୀ ମାଂସ, ବରାହମାଂସ, କୁଟ୍‌ରା ମାଂସ, ଧମନା ସାଁପର ମାଂସ, ଗର୍‌ରା (ମେଣ୍ଢା) ମାଂସ, ଠେକୁଆ ମାଂସ, ଖଡ଼ା ମାଂସ, କୁକୁଡ଼ା ମାଂସ, ବତକ୍ ମାଂସ, ଚେଚେର୍ ମାଂସ, ମୟୂର ମାଂସ, ଗୁଂରୁ ମାଂସ, ଡାହୁକ୍ ମାଂସ, ଚିତଲ ମାଂସ ଓ ସମର ମାଂସ ପ୍ରଭୃତି। ଏହିଠାରେ ମନେରଖିବାକୁ ହେବ ଯେ କନ୍ଧମାନେ ମାଂସ କହନ୍ତି

ନାହିଁ 'ମାଉଁଶ୍' କିମ୍ବା 'ଶିକାର' କହିଥାନ୍ତି ଏବଂ ଆମିଷ ତରକାରିକୁ 'ଶିକାର ତୁନ୍' କହିଥାନ୍ତି ।

ପେୟ (ପାଣିଜାତୀୟ ଆହାର)-

କନ୍ଧମାନେ ମଦ ପ୍ରିୟ ମଣିଷ । ଖାଦ୍ୟକୁ ପରକରି ଦେଇ ପାରନ୍ତି କିନ୍ତୁ ମଦକୁ ନୁହେଁ; ତେଣୁ କୁହାଯାଏ - "କଂଦ୍‌କେ ମଂଦ୍ ଆରୁ ପୋଡ୍‌କେ ପିଆଁଲ୍ ।"[୩] ଅର୍ଥାତ୍ ଯେମିତି ପୋଡ଼କୁ ଯେତେ ପାଳ ଦେଲେ ମଧ୍ୟ ଆରାମ୍‌ରେ ଖାଇଥାଏ, ସେହିଭଳି କନ୍ଧକୁ ଯେତେ ମଦ (ମହୁଲି) ଦେଲେ ମଧ୍ୟ ନିଅଣ୍ଟ । ଅବଶ୍ୟ ଏଥିପାଇଁ କନ୍ଧମାନଙ୍କ ଅଧିକ କ୍ଷତି ମଧ୍ୟ ହୋଇଛି । ତଥାପି ଏମାନେ ମଦ ପିଇବା କମ୍ କରି ନାହାନ୍ତି । ଏମାନଙ୍କ ମଦିରା ପାନରେ ମହୁଲି, ସଲପ, ଖଜୁରି ରସ ରହିଛି । ଏହିତିନି ପ୍ରକାର ମଦିରା ସବୁସ୍ଥାନରେ ଉପଲବ୍ଧ ନୁହେଁ; ଅଞ୍ଚଳ ଭେଦରେ ମିଳିଥାଏ । କଳାହାଣ୍ଡି, ବଲାଙ୍ଗିର, ନୂଆଁପଡ଼ା ସହ ପ୍ରାୟ ଅଞ୍ଚଳରେ ଅଳ୍ପେ ବହୁତେ ମହୁଲରସ ବା ମହୁଲି ମିଳିଥାଏ । କିନ୍ତୁ 'ସଲପ' କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ ଅଞ୍ଚଳରେ ବିଶେଷ ମିଳିଥାଏ । ସେହିଭଳି ସୋନପୁର, ବୌଦ୍ଧ ଓ କନ୍ଧମାନଙ୍କର କିଛି ଅଞ୍ଚଳରେ 'ଖଜୁରୀ ରସ' ବା 'ତାଡ଼ି' ମିଳିଥାଏ ।

ପୋଡ଼ା ଖାଦ୍ୟ-

ଆଦିବାସୀମାନଙ୍କ କ୍ରମବିକାଶର ଉନ୍ମେଶକାଳରେ ପୋଡ଼ା ଖାଦ୍ୟର ସ୍ୱାଦ ମଣିଷ ଚାଖିଥିଲା କାରଣ ନିଆଁର ସୃଷ୍ଟି ଜାଣିବା ପରେ ପରେ ହିଁ ପୋଡ଼ଖାଦ୍ୟର ସୃଷ୍ଟି ହୋଇ ଥିଲା । ଏହି ଧରଣର ଖାଦ୍ୟ ଗୁଡ଼ିକ ହେଲା - ପୋଡ଼ାମାଛ (ପୁଡ଼ାଝୁରି), ପୋଡ଼ାମାଂସ ବା ସୁଲା (ଚଢ଼େଇ ଓ ଜନ୍ତୁ) । କିନ୍ତୁ ଏହି ପୁଡ଼ା ଖାଦ୍ୟ ଗୁଡ଼ିକ ବର୍ତ୍ତମାନର ପାଞ୍ଚ ତାରକା ହୋଟେଲ ଗୁଡ଼ିକରେ 'ବୋମ୍ ବୋ ପୁଡ଼ା', 'ପତ୍ର ପୁଡ଼ା' ପ୍ରଭୃତି ନାମରେ ଉପଲବ୍ଧ ହୋଇଥାଏ ଯାହା ଏହି ଗୋଷ୍ଠୀଠାରୁ ଆରମ୍ଭ ହୋଇ ଆଜି ସର୍ବସାଧାରଣ ପାଖକୁ ପହଞ୍ଚିଛି । ଫରକ ଏତକ କେବଳ ନୂତନ ଢଙ୍ଗରେ ଗ୍ରାହକଙ୍କୁ ପରଶି ଦିଆଯାଇଛି ।

କନ୍ଧମାନଙ୍କର ରନ୍ଧନ କଳା ଓ ଖାଦ୍ୟ ପେୟକୁ ବିଚାର କଲେ ଜଣାଯାଏ ଏମାନେ ପାରମ୍ପାରିକ ଖାଦ୍ୟ ହିଁ ଗ୍ରହଣ କରି ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରୁଛନ୍ତି । ସମୟ ଚକରେ ସମ୍ପୂର୍ଣ୍ଣ ଭାବରେ ସାମିଲ ହୋଇପାରି ନଥିଲେ ମଧ୍ୟ ଆଧୁନିକ କଳାରେ ପ୍ରସ୍ତୁତ ଖାଦ୍ୟରୁ ସଂପୂର୍ଣ୍ଣ ବାଦ୍ ପଡ଼ି ନାହାନ୍ତି । ଏଣୁ ଏମାନଙ୍କର ଖାଦ୍ୟକୁ ପାରମ୍ପରିକ ରୁଚି ସମ୍ପନ୍ନ ଖାଦ୍ୟ ବୋଲି କହିପାରିବା । ■ ■

ଗବେଷକ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର
ମୋ. ୯୧୭୮୭୪୫୬୮୨

ପୃଷ୍ଠଟୀକା -

୧. ମାନସେଠ୍, ଡ. କ୍ଷେତ୍ରବାସୀ, କନ୍ଧମାଳର ଡମ୍‌ଲୋକ ସଂସ୍କୃତି, ଆଦିବାସୀଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜାତି ଓ ଅନୁସୂଚିତଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ପ୍ରଥମ ପ୍ରକାଶ - ୨୦୧୯, ପୃଷ୍ଠା– ୫୦
୨. ନିଜ ସଂଗ୍ରହ - ପ୍ରଧାନୀ, ବାସନ୍ତୀ, ଗୁର୍ଜିଭଟା, ପିପଲପଦର, ଟିଟିଲାଗଡ଼, ବଲାଙ୍ଗିର, ବୟସ - ୮୪
୩. ନିଜସଂଗ୍ରହ - ଜାନୀ, ମାଟୁଲ, ଲାଚୁଟ୍, ସଇଁନ୍ତଲା, ବଲାଙ୍ଗିର, ବୟସ– ୬୨

ଜନଜାତି କୁଟିଆଙ୍କ ଆର୍ଥିକ ଅବସ୍ଥା : ଏକ କ୍ଷେତ୍ର ଅଧ୍ୟୟନ

ପରୀକ୍ଷିତ ଭୋଇ

ଆମ ରାଜ୍ୟରେ ୬୨ ଟି ଆଦିବାସୀ ଗୋଷ୍ଠୀ ଅଛନ୍ତି। ତନ୍ମଧ୍ୟରେ ୧୩ଟି ଆଦିମ ଆଦିବାସୀ ଗୋଷ୍ଠୀ। ଏମାନେ ପାହାଡ଼, ପର୍ବତ ଓ ଜଙ୍ଗଲରେ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ବସବାସ କରନ୍ତି। ଏହିମାନଙ୍କୁ ନେଇ ପୁଣି ଦୁଇଗୋଷ୍ଠୀ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯଥା– (୧) ପ୍ରତ୍ନମୁଣ୍ଡା ପ୍ରଜାତି : ଘୋରେଙ୍ଗା, ଜୁଆଙ୍ଗ ଗଡ଼ିଆ, ସାନ୍ତାଳି, (୨) ପ୍ରତ୍ନ ଦ୍ରାବିଡ଼ ପ୍ରଜାତି : ମୁଣ୍ଡାରି, ଭୂମିଜ, ପରଜା, କୁଟିଆ, ଡ଼ଙ୍ଗାରିଆ ଇତ୍ୟାଦି। ଓଡ଼ିଶାରେ ପ୍ରତ୍ନ ଦ୍ରାବିଡ଼ ପ୍ରଜାତି ଗୋଷ୍ଠୀ ଅଧିକ ଦେଖାଯାଆନ୍ତି। ଏଥିମଧ୍ୟରେ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ସର୍ବାଧିକ ଆଦିବାସୀ ବାସ କରନ୍ତି ବିଶେଷକରି କୋରାପୁଟ, ରାୟଗଡ଼ା, ମାଲ୍‌କାନ୍‌ଗିରି ଓ କଳାହାଣ୍ଡି ଜିଲ୍ଲାରେ ଦେଖାଯାଆନ୍ତି। ସେ ଯାହା ହେଉନା କାହିଁକି ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ କନ୍ଧ ଜନଜାତି ସଂଖ୍ୟାରେ ପ୍ରଥମ ଥିବାବେଳେ ଏହି ଗୋଷ୍ଠୀ ମଧ୍ୟରେ ସର୍ବାଧିକ ହେଉଛନ୍ତି କୁଟିଆ କନ୍ଧ।

ଏମାନଙ୍କ ଆର୍ଥନୈତିକ ଉନ୍ନୟନ ଅତ୍ୟନ୍ତ ନିମ୍ନସ୍ତରର। ତାଙ୍କର ଜମି କିଛି ନଥିବାରୁ ଜଙ୍ଗଲକୁ ପୋଡ଼ି ପୋଡୁ ଚାଷ କରିଥାନ୍ତି। ସେମାନେ ଜଙ୍ଗଲ କାଟି ବିଭିନ୍ନ ଶସ୍ୟର ବିହନ ବୁଣିଥାନ୍ତି। ଆଗରୁ କୁହାଯାଇଛି ଯେ ସେମାନେ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି। ଏତଦ୍‌ବ୍ୟତୀତ କାଠ ଓ ପତ୍ର ସଂଗ୍ରହ କରି ସେମାନେ ବିକ୍ରି କରିଥାନ୍ତି। ଏହି ବିକ୍ରିରେ ଆଶାନୁରୂପ ଲାଭ ହୋଇନଥାଏ। ପରିଶ୍ରମ ମିଳିନଥାଏ। ଏହାଛଡ଼ା ଏମାନେ ଜଙ୍ଗଲର କେନ୍ଦୁପତ୍ର ସଂଗ୍ରହ କରି ବିକ୍ରି କରିଥାନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ଜଙ୍ଗଲ ଅଞ୍ଚଳରେ ବନୌଷଧି ଚାଷ ପାଇଁ ପ୍ରକଳ୍ପ କରିବାର ଯୋଜନା ରହିଛି।

କେନ୍ଦ୍ର ସରକାର ନିଷ୍ପତ୍ତିରେ ୧୯୮୦ ମସିହା ଅକ୍ଟୋବର ୨୫ ତାରିଖ ପୂର୍ବରୁ ଯେତେବେଳେ 'Forest Conservation' ହୋଇଥିଲା ଏବଂ ଯେଉଁ ଆଦିବାସୀମାନେ ଜମି ଦଖଲରେ ଥିଲେ ସେମାନଙ୍କୁ ପାଟ୍ଟା ମିଳିବ ବୋଲି ସେମାନଙ୍କ ଦ୍ୱାରା ଆନ୍ଦୋଳନ ଚାଲିଥିଲା। ତାହା ଅସଫଳ ହୋଇଛି। ଲୋକସଭାରେ ୨୦୦୫ରେ ଏ ବିଷୟରେ ଏକ ବିଲ୍ ଭାରତ ସରକାର ଦ୍ୱାରା ଆଗତ ହୋଇଥିଲା। ଏହାର ନାମ ହେଲା Schedule Tribe Bill, ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ବାସହରା ହେଲେ କିପରି ସାହାଯ୍ୟ କରାଯିବ, ତାହା ବିଲ୍‌ରେ ଅନ୍ତର୍ଭୁକ୍ତ ଅଛି। ପ୍ରତି ଆଦିବାସୀ ପରିବାର ପିଛା ସର୍ବୋଚ୍ଚ ଅଢ଼େଇ ଏକର ଜମି ଦେଇ ପ୍ରସ୍ତାବ ଅଛି। କିନ୍ତୁ ତାହା ବର୍ତ୍ତମାନ ସୁଧା କାର୍ଯ୍ୟକାରୀ ହେଲା ନାହିଁ।

ଏମାନେ ପୋଡୁ ଚାଷରେ ଟଙ୍କା ରୋଜଗାର କରିଥାନ୍ତି। ଏହି ଫସଲ ଅମଳ ଯଥେଷ୍ଟ ହୁଏ ନାହିଁ। ତାଙ୍କର କୃଷିଭିତ୍ତିକ ବିଭିନ୍ନ ପର୍ଯ୍ୟାୟର ପର୍ବ ହେଲା – ବିହନବୁଣା, ବିହନ ଗଜା, ଧାନଗଛ ରୋପଣ କରିବା, ଧାନଚୁଲ ଧରି ଗର୍ଭଧାରଣ କରିବା, ଧାନକଟା ଏହିପରି ଅନେକ।

କୁଟିଆଙ୍କ ପରିବାର ଯୌଥ ପରିବାର। କେବଳ ଖାଇବା-ପିଇବାକୁ ଚାଷରେ ହେଲେ ମଧ୍ୟ ତାଙ୍କର ଜୀବନରେ ବସ୍ତ୍ର, ବାସଗୃହ ପ୍ରଭୃତି ପାଇଁ ଟଙ୍କା ଦରକାର ହୋଇଥାଏ। କଳାହାଣ୍ଡିର ଥୁଆମୂଳ ରାମପୁର, ନିୟମଗିରି, ପେରୁମୁଞ୍ଜି, ଲାଞ୍ଜିଗଡ଼ର ପାଖାପାଖି ଅଞ୍ଚଳରେ ଓ କର୍ଲାପାଟ ଅଭୟାରଣ୍ୟରେ ଅନ୍ତର୍ଗତ ଏହି ଆଦିବାସୀମାନଙ୍କ ଅଞ୍ଚଳରେ ମୁଖ୍ୟତଃ କୋଶ୍‌ଲା, ମାଣ୍ଡିଆ, ବାଜରା, କାନ୍ଦୁଲ, କଟିଙ୍ଗ,

ବିରି, ଝୁଡୁଙ୍ଗ ଏହିପରି ଅନେକ ଡାଲିଜାତୀୟ ଖାଦ୍ୟ ଉତ୍ପାଦନ କରାଯାଏ। ଆଧୁନିକ ପ୍ରଭାବରେ ପଡ଼ି ଏମାନେ ଧାନକୁ ପ୍ରଧାନ ଖାଦ୍ୟ ଭାବରେ ଗ୍ରହଣ କରିଥିଲେ ମଧ୍ୟ ଯଥେଷ୍ଟ ହୁଏନାହିଁ। ଉତ୍ପାଦିତ ଦ୍ରବ୍ୟକୁ କମ୍ ଦରରେ ବଜାରକୁ ଛାଡ଼ିଥାନ୍ତି କିନ୍ତୁ ତାଙ୍କଠାରୁ ଅନ୍ୟମାନେ କିଛି ବଜାରକୁ ଆଣିଲାବେଳେ ତାହା ଦୁଇ ଗୁଣରେ ବିକ୍ରି ହୋଇଥାଏ। ଫଳରେ ଅର୍ଥର ଚାପରେ କୁଟିଆମାନେ ବହୁ କଷ୍ଟକରି କମ୍ ଲାଭ ପାଉଥିବାବେଳେ ବଣିକ ଓ ମଧ୍ୟସ୍ଥିମାନେ ଅଧିକ ଟଙ୍କା ଲାଭ ପାଆନ୍ତି।

ଧାନ, ମାଣ୍ଡିଆ, ଗୁର୍ଜି ସେମାନଙ୍କର ଖାଦ୍ୟ ହୋଇଥାଏ। ସେମାନେ ମାଣ୍ଡିଆ ରାନି ପର୍ବ ବି ପାଳନ କାରିଥାନ୍ତି। ଏହାକୁ ପଶ୍ଚିମ ଓଡ଼ିଶାରେ ଅନ୍ୟ ଗୋଷ୍ଠୀ ଓ ଜାତିମାନେ ନୂଆଖାଇ ବା ନବାନ୍ନ ଭାବରେ ପାଳନ କରନ୍ତି।ଏଥିରୁ ସ୍ପଷ୍ଟ ଯେ ନୂଆଁଖାଇ ପର୍ବ ଆଦିବାସୀମାନେ ହିଁ ଆରମ୍ଭ କରିଥିଲେ ଏଥିରେ ଦ୍ୱିବୋଧ ନାହିଁ।ଆଗରୁ ଖାଦ୍ୟ ଓ ବେଶ-ପୋଷାକ ପ୍ରତି ଧ୍ୟାନ ଦେଉନଥିଲେ। କିନ୍ତୁ ଆଧୁନିକ ଯୁଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ନୂତନ ଜୀବନ ଅତିବାହିତ କଲେଣି। ଏହି ଆଧୁନିକତାର ପ୍ରଭାବ ଫଳରେ ନିଜର ଖର୍ଚ୍ଚ ବଢ଼ି ଚାଲିଛି। କିନ୍ତୁ ଅନ୍ୟ ପଟରେ ଦେଖିଲେ ସେମାନଙ୍କର ରୋଜଗାର ସେତିକି ହେଉ ନାହିଁ। ତଥାପି କୃଷି ପ୍ରଣାଳୀରେ କିଛି ମାତ୍ରାରେ ଉନ୍ନତି କରିବା ଜଣାପଡ଼ିଛି। ସେମାନଙ୍କ ପାଇଁ ସରକାରଙ୍କ ତରଫରୁ କୃଷି ଯୋଜନା ପହଞ୍ଚି ପାରୁ ନାହିଁ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଘରଚଳଣି ପାଇଁ କିଛି ପରିମାଣରେ ପନିପରିବା ଚାଷ କରନ୍ତି। ଏହି ପନିପରିବା ଚାଷ କରିବା ଫଳରେ ଅର୍ଥନୀତ କିଛି ପରିମାଣରେ ସୁଧୁରିଛି। ତାହା ସହିତ ଆଧୁନିକ ଚାଷ ପ୍ରଣାଳୀରେ ଚାଷ କରିବା ଅଜଣା ଥିଲେ ହେଁ ନିଜର ଉପକରଣକୁ ଲଗାଇ ବିଭିନ୍ନ କୌଶଳରେ ଖାଦ୍ୟ ସଂଗ୍ରହ କରୁଛନ୍ତି। ବର୍ତ୍ତମାନ ସେମାନଙ୍କର ଜୀବନ ଉନ୍ନତି ହେବା ସଂଗେ ସଂଗେ ଅର୍ଥର ଚାପ ବହୁ ଭାବରେ ବଢୁଛି। ଏଥିପାଇଁ ଟଙ୍କା ରୋଜଗାର ଲାଗି କେତେ ଲୋକ ଦିନମଜୁରୀ କରିବା ଜାଣିଲେଣି।

କୌଣସି ଅଞ୍ଚଳରେ ପ୍ରାକୃତିକ ଗଠନ ଓ ପରିବେଶର ସ୍ଥିତି ଅନୁସାରେ ସେଠାକାର ଲୋକଙ୍କ ଜୀବନଧାରଣାମାନ ନିୟନ୍ତ୍ରିତ ହୋଇଥାଏ। କଳାହାଣ୍ଡିରେ ଅଞ୍ଚଳ ଶତକଡ଼ା ୪୦ ଭାଗ ଭୂମି ପାର୍ବତ୍ୟ। ଏଥି ଭିତରେ ଅର୍ଦ୍ଧେକ ଭୂମି କୃଷି ଉପଯୋଗୀ ନୁହେଁ। ସମତଳ ଅଳରେ କୃଷିଜୀବୀମାନେ ରବି ଫସଲ ଉତ୍ପାଦନ କରି ନିଜକୁ ଆର୍ଥିକ ଦୁର୍ଗତିକୁ କିଛି ମାତ୍ରାରେ ସୁଧାରି ଦିଅନ୍ତି। ଆଦିବାସୀ ସର୍ବସ୍ୱ ଗୋଷ୍ଠୀଙ୍କ ଭୂମି କୃଷି ଅନୁପଯୋଗୀ ହୋଇଥାଏ। ଏମାନେ ମୁଖ୍ୟତଃ ବର୍ଷର ୮/୯ ମାସ ଅରଣ୍ୟ ଉପରେ ନିର୍ଭର କରିଚଳିଆସୁଛନ୍ତି।

ମହୁଲ ଗଛ ଓ ସଲପ ଗଛ ସେମାନଙ୍କର ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ସମ୍ପତ୍ତି ରୂପେ ଚିହ୍ନିତ ହୋଇଥାଏ। ଏଥିରୁ ପ୍ରସ୍ତୁତ ହେଉଥିବା ମଦ୍ୟରୁ କିଛି ଟଙ୍କା ପାଇଥାନ୍ତି। ମହୁଲ୍ ଓ ଚାଉଳକୁ ଜଣେ ମଦ ତିଆରି କରି ମଧ୍ୟ ବର୍ଷତମାମ ଜୀବନ ନିର୍ବାହ କରିଥାନ୍ତି। ସେହିପରି ସଲପ ଗଛରୁ ମଦ୍ୟ ପ୍ରସ୍ତୁତ କରିଥାନ୍ତି। ସଲପ ଗଛରେ ମଦ୍ୟ ପ୍ରସ୍ତୁତ କରି ଏହାର ବିକ୍ରୟଲବ୍ଧ ଧନରୁ ଜଣେ ୪/୫ ମାସ ଚଳିଯାଏ। ସଲପ ଗଛ ମରିଗଲେ ତାହାକୁ ହାଣି ତହିଁରୁ ମଞ୍ଜି ବାହାର କରି ଶୁଖାଇ ଜନ୍ତାରେ ଗୁଣ୍ଡ କରି ପିଠା ଓ ଜାଉ ପ୍ରସ୍ତୁତ କରିଥାନ୍ତି। ବର୍ଷାବେଳେ କେନ୍ଦୁଗଛର କା କେନ୍ଦୁ ମଞ୍ଜି ବାହାର କରି ତାକୁ ଖରାରେ ଶୁଖାଇ ଜନ୍ତାରେ ଗୁଣ୍ଡ କରି ପିଠା କିମ୍ବା ଜାଉ ପ୍ରସ୍ତୁତ କରି ଖାଆନ୍ତି। ସେହିପରି ଆମ୍ବ ଟାକୁଆ ଓ କସ୍‌ଲା କନ୍ଦା ବି ତାଙ୍କ ଅର୍ଥନୀତିର ମାଧ୍ୟମ ହୋଇଥାଏ।

ଲାଞ୍ଜିଗଡ଼ର କୁଟିଆ ଆଦିବାସୀମାନେ ଆମ୍ବ, କଦଳୀ, କମଳା, ପଣସ, ହଳଦି, ସୋରିଷ ଆଦି ଚାଷ କରି ଅର୍ଥ ଉପାର୍ଜନ କରିଥାନ୍ତି। ଜଙ୍ଗଲକୁ ପୋଡ଼ି ଯେଉଁ ପୋଡୁ ଚାଷ କରନ୍ତି ତହିଁରୁ ପ୍ରଥମ ବର୍ଷ ଅମଳ କରିଥାନ୍ତି କାନ୍ଦୁଲ, ଅଳସି, ବିରି ଇତ୍ୟାଦି ଦ୍ୱିତୀୟ ବର୍ଷ ସୋରିଷ, କାଙ୍ଗୁ, କସଲା ଏବଂ ତୃତୀୟ ବର୍ଷ ଜମି ଉର୍ବର ହେବା ଫଳରେ ଧାନ ଚାଷ କରିଥାନ୍ତି। ଏହିପରି ଆଦିବାସୀମାନଙ୍କର ଉତ୍ପାଦନ ଫଳମୂଳ ଓ ଶିକାର ଇତ୍ୟାଦି ଅବ୍ୟାହତ ରହିଥାଏ। ଅରଣ୍ୟଜାତ ଦ୍ରବ୍ୟ ପାଇଁ କୁଟିଆ, ବଣିକ ବା ବେପାରିମାନେ ଆଦିବାସୀଙ୍କ ଘରକୁ ଯାଇ ଅଳ୍ପ ଦାମ୍‌ରେ କିଣି ସମତଳ ଅଞ୍ଚଳରେ ଚଢ଼ା ଦରରେ ବିକ୍ରି କରିଥାନ୍ତି। ତେଣୁ ତାଙ୍କର ଜୀବିକା ଉପରେ ଆର୍ଥିକର ଚାପ ବିଶେଷ ଭାବେ ପଡ଼ିଥାଏ।

ଇଂରେଜ ଶାସନ କାଳରେ ମିଶନାରୀ ଡାକ୍ତର ଆଦିବାସୀ ଅଞ୍ଚଳରେ ରୋଗ ପାଇଁ ଔଷଧ ମାଗଣାରେ ଯୋଗାଉଥିଲେ। ଏହି ଭୂଖଣ୍ଡର ଆଦିବାସୀ ଆଜି ପର୍ଯ୍ୟନ୍ତ

ଝରଣାରୁ ପାଣି ପିଉଛନ୍ତି। ସେଠାରେ ନଳକୂପ ନାହିଁ କି କୌଣସି ପୋଖରୀ ନାହିଁ। ଦୂଷିତ ପାନୀୟ ଜଳ ଓ ଖାଦ୍ୟ ଯୋଗୁଁ ବିଭିନ୍ନ ମାରାତ୍ମକ ରୋଗମାନ ବ୍ୟାପୁଛି। ସେମାନେ ରୋକଗ୍ରାନ୍ତ ହେଲେ ସେଠାକୁ ଡାକ୍ତରମାନେ ଯାଉନଥିବାରୁ ଗୁଣିଗାରେଡ଼ି ମନ୍ତ୍ରତନ୍ତ୍ର ଡାହାଣୀ, ଚିରିଗୁଣି ପ୍ରଭୃତି ବିଶ୍ୱାସ କରି ସରକାରୀ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଏହି ଆଦିବାସୀଙ୍କୁ ଆଧୁନିକ ଚିକିତ୍ସା ଦେବାପାଇଁ ଉଦ୍ୟମ ଅବ୍ୟାହତ ରହିଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରି ନାହିଁ। କଳାହାଣ୍ଡିର କୁଟିଆ ଆଦିବାସୀମାନଙ୍କ ମଧ୍ୟରେ ବିଶେଷ ଶିଶୁ ମୃତ୍ୟୁ, ମ୍ୟାଲେରିଆ, ହଇଜା, କୃମିରୋଗ, ପୃଷ୍ଠିରୋଗ ବିଶେଷ ଭାବରେ ଦେଖାଯାଏ। ସେଥିପାଇଁ ଏମାନଙ୍କ ବସତିସ୍ଥାପନ କରିଥିବା ସ୍ଥାନରେ ଗୋଟିଏ ଡାକ୍ତରଖାନା ହେବା ଉଚିତ ଏବଂ ମାଗଣାରେ ଔଷଧପତ୍ର ଯୋଗାଇ ଦେବା ଉଚିତ । ଅନ୍ୟ ଗୋଷ୍ଠୀ ବା ଜାତି ଅପେକ୍ଷା ଏମାନଙ୍କର ଜନସଂଖ୍ୟା କମିବାରେ ଲାଗିଛି। ଗବେଷଣାରୁ ଜଣାଯାଇଛି ଯେ ସରକାର ଏମାନଙ୍କ ପାଇଁ କୃଷି ସମବାୟ ପଶୁପାଳନ, ଶିକ୍ଷା, ଶିଳ୍ପ ବ୍ୟବସ୍ଥା କରିଛନ୍ତି। ଜଳସେଚନ, ନାରୀ ଓ ଶିଶୁମାନଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା, ରାସ୍ତାର ବ୍ୟବସ୍ଥା କରିଛନ୍ତି।

ଆଦିବାସୀମାନଙ୍କ ନିମନ୍ତେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ କେତେକ ଯୋଜନା ରହିଛି। ଯେଉଁଭଳି ଭାବରେ ସାରା ଭାରତବର୍ଷ ପାଇଁ ୨୦୦୫-୦୬ ଅଧିବେଶନରେ ପ୍ରସ୍ତାବ ୧୧୪ କୋଟି ହୋଇଥିଲା। କିନ୍ତୁ ସେସବୁ କାଗଜରେ ହିଁ ରହିଗଲା। ସରକାର ୫ ବର୍ଷରେ ଥରେ ଏଭଳି ପଦକ୍ଷେପ ଓ କାର୍ଯ୍ୟ କରିବା ଉଚିତ୍। ଯାହା ଫଳରେ ଘୋର ଅରଣ୍ୟରେ ବସବାସ କରୁଥିବା ଆଦିବାସୀ ରୋଜଗାରକ୍ଷମ ହୁଅନ୍ତେ।

ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିବା କେତେକ ବ୍ୟବସ୍ଥା :

୧. କେନ୍ଦ୍ରୀୟ ଆଦିବାସୀ ମନ୍ତ୍ରଣାଳୟ ତରଫରୁ Tribal Sub Plan ପାଇଁ ସ୍ୱତନ୍ତ୍ର ସାହାଯ୍ୟ।

୨. Special କେନ୍ଦ୍ରୀୟ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ତରଫରୁ Special Component Plan।

୩. ସମ୍ବିଧାନର ୨୭୫ ଧାରା ଅନୁସାରେ ଆର୍ଥିକ ଅନୁଦାନ।

୪. KBK ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ।

୫. Central Plan

ବର୍ତ୍ତମାନ ଏଥିରୁ ଜଣାଯାଏ ଯେ ସରକାର ଆଦିବାସୀମାନଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅନ୍ୟ ପଟରେ ସେହିମାନଙ୍କ ପାଖକୁ ଆସି ଦେଖିଲାବେଳେ ତାହା ଶୂନ୍ୟପଥରେ ଚାଲିଛି। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ସଠିକ୍ ପଦ୍ଧତି ଗ୍ରହଣ କରିବା ଉଚିତ୍। ଯେଉଁ ପଲ୍ଲୀ ବା ଘୋର ଅରଣ୍ୟର ଆଦିବାସୀମାନେ ଯେ ପର୍ଯ୍ୟନ୍ତ ସେହିଭଳି କାଳତିପାତ କରିବେ ସେହି ପର୍ଯ୍ୟନ୍ତ ଭାରତ ଗୋଟିଏ Under Developed Country ଭାବରେ ଦିକ୍ଷୀତ ହୋଇଥିବ।

କେ.ବି.କେ (KBK) ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦୦୪-୦୫ରେ Specidal Central Assistance ହିସାବରେ ୨୫୦ କୋଟି ଟଙ୍କା ବିଭିନ୍ନ ବିଭାଗ ପାଇଁ ଦେଇଥିଲେ। ଅନ୍ୟ ଏକ ନୂତନ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଟି ହେଲା 'Tribal Employment and Livelyhood Programme'। ଏହା ରାଜ୍ୟରେ ୨୦୦୪ ମସିହା ଅକ୍ଟୋବର ୭ ତାରିଖରେ ଚାଲୁହେଲା। ଏହାର ଉଦ୍ଦେଶ୍ୟ ହେଲା ଅଭ୍ୟନ୍ତରିଣ ଅଞ୍ଚଳରେ ଆଦିବାସୀମାନଙ୍କ ଜୀବନଯାପନ ଉନ୍ନତି କରିବା। ପ୍ରକଳ୍ପ ୧୦ବର୍ଷ ପାଇଁ ପ୍ରାୟ ୪୦୩ କୋଟି ଖର୍ଚ୍ଚ କରାଯାଇ ୭ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବା ସତ୍ତ୍ୱେ ଆଜି କଳାହାଣ୍ଡିର ଆଦିବାସୀ ତାହାର ଟିକିଏ ସ୍ୱାଦ ପାଇପାରିନାହାନ୍ତି। IFAD, DFID, WEP ସଂସ୍ଥା ମଧ୍ୟରେ IFAD ସଂସ୍ଥା ବ୍ଲକ୍‌ରେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା ବୋଲି ବିଲ୍ ଆଗତ ହୋଇଥିଲା। କିନ୍ତୁ ଏହାର ଫଳାଫଳ ଉତ୍ସାହଜନକ ହୋଇନଥିଲା।

ଆଦିବାସୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ଲଗାଣ ବିଭାଗ ରହିଛି। କିନ୍ତୁ ସେହି ବିଭାଗଗୁଡ଼ିକର ସଠିକ କାର୍ଯ୍ୟକାରୀ ହୁଅନ୍ତା ତା'ହେଲେ ସେମାନଙ୍କ ଉନ୍ନତି ସହିତ ଭାରତର ବିକାଶ ନିହାତି ଭାବରେ ଅଗ୍ରଗତି ହୁଅନ୍ତା। ଏହାର ଦାୟିତ୍ୱ ଜିଲ୍ଲା ସ୍ତରରେ DWO ସବ୍-ଡ଼ିଭିଜନରେ ଜଣେ ଅତିରିକ୍ତ ମଙ୍ଗଳ ଅଧିକାରୀ (ADWO) ବ୍ଲକ ସ୍ତରରେ ଡଙ୍ଗ ଅବସ୍ଥାପିତ ହୋଇଛନ୍ତି। ଗ୍ରାମ ପାୟତଗୁଡ଼ିକ ପାଇଁ କେତେକ

କମିଟି ରିପୋର୍ଟ ସୁପାରିଶ ଅନୁଯାୟୀ ସ୍ୱତନ୍ତ୍ର ବ୍ୟବସ୍ଥା ଦେବା ଉଚିତ୍ ଯାହା ତାଙ୍କର ସୁରକ୍ଷା ଲାଗି ଆଇନମାନ ହୋଇଛି। (Regulation 2 of ୧୯୫୬) ତାହା କାର୍ଯ୍ୟକାରୀ ଅତ୍ୟାବଶ୍ୟକୀୟ। ବଡ଼ ବଡ଼ ପୁଞ୍ଜିପତି ତଥା ବଣିକ ଓ ମାଲିକମାନେ ଆଦିବାସୀଙ୍କ ଜମିଗୁଡ଼ିକୁ ନିଜ ନାମରେ କରି ତାହାର ଭାଗୀଦାର ହେଉଛନ୍ତି। ଅନ୍ୟ ପଟରେ ସେମାନଙ୍କ ସଂଗୃହୀତ ଦ୍ରବ୍ୟଗୁଡ଼ିକୁ ଅନ୍ୟମାନେ କମ୍ ଦରରେ ନେଇଯାଆନ୍ତି। ଦ୍ରବ୍ୟ ବିକ୍ରୟ ପାଇଁ ସରକାର ତାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା କରିବା ଆବଶ୍ୟକ। ଚଳରେ ଆଦିବାସୀ ସିଧାସଳଖ ଲାଭବାନ ହୁଅନ୍ତେ।

ଆଦିବାସୀ ଗୋଷ୍ଠୀ ପ୍ରାୟତଃ ଅଶିକ୍ଷିତ। ତାଙ୍କ ଗ୍ରାମକୁ ଯିବାପାଇଁ ରାସ୍ତା ମଧ୍ୟ ନାହିଁ। ଆମେ ଯେଉଁ ବ୍ଲକକୁ ଯାଇ ଗବେଷଣା କରିଥିଲୁ ୮ଟି ଗ୍ରାମ ମଧ୍ୟରୁ କେବଳ ଗୋଟିଏ ମାତ୍ର ସ୍କୁଲ ଥିବାର ଲକ୍ଷ୍ୟ କରାଯାଇଛି। ଦେଶରେ ଶିକ୍ଷାର ପ୍ରସାର ହେଲାବେଳକୁ ଏମାନେ ଏପରି ଭାବେ ରହିଛନ୍ତି ତାହା ଅକଳ୍ପନୀୟ। ସେମାନେ ଆଜି ପର୍ଯ୍ୟନ୍ତ ଅନ୍ଧକାର ସଂସାରରେ କାଳତିପାତ କରୁଛନ୍ତି। ପୂର୍ବ ୧୦ ବର୍ଷ ଅପେକ୍ଷା ଆଜି ସେମାନଙ୍କ ଅର୍ଥନୀତି କିଛି ମାତ୍ରାରେ ସୁଧାରିବା ସଂଗେ ସଂଗେ ଶିକ୍ଷାର ମଧ୍ୟ ପ୍ରସାର ଘଟିଛି। ଶିକ୍ଷା ବ୍ୟବସ୍ଥା ତାଙ୍କ ଜୀବନରୁ ବିଚ୍ଛିନ୍ନ ହୋଇପଡ଼ିଛି। ୨୦୦୩-୦୪ ମସିହାରେ Pre Matric & Post Matric ବୃତ୍ତି ପାଇଁ ଯଥାକ୍ରମେ ୩ ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥିରେ କିଛି ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହୋଇଥିବାର ଜଣାପଡି ନାହିଁ।

ଦାରିଦ୍ର୍ୟତାର କଷାଘାତରେ ପାଠପଢ଼ିବା କଷ୍ଟକର ହୋଇପଡ଼ିଛି। ଶିକ୍ଷା ଅର୍ଜନ କରିବା ପୂର୍ବରୁ ବଞ୍ଚିବା ନିହାତି ଦରକାର। ଏଣୁ ଏମାନେ ଖାଦ୍ୟର ଅନ୍ୱେଷଣ ଯୋଗୁଁ ସାରା ଜୀବନକୁ ବଳି ଦେବାକୁ ପଡ଼ିଛି। ପ୍ରଥମେ ବଞ୍ଚିବା ସକାଶେ ପଦକ୍ଷେପ ନେଇ ଶିକ୍ଷାର ବିକାଶ ଘଟାଇବା ଏକାନ୍ତ ଆବଶ୍ୟକ ମନେହୁଏ। ସେମାନେ ହେଉଛନ୍ତି ଆଦିମ ମଣିଷର ଅବିକଳ ନକଲ। ପୂର୍ବେ ମଣିଷ ଘୋର ବନାନୀରେ ରହୁଥିଲା। ଠିକ୍ ସେହିଭଳି ଆଜିବି ଝରଣାର କୁଳୁକୁଳୁ ନାଦରେ ଗଛର ରିମ୍‌ଝିମ୍ ଶବ୍ଦରେ ନିଜକୁ ହଜାଇ ରଖିଛନ୍ତି। ■ ■

ଅଧ୍ୟାପକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ
ଅମୃତ ବିହାର, ସମ୍ବଲପୁର – ୭୬୮୦୦୪
ମୋ-୮୨୪୯୦୧୬୯୫୬

ଲୋକ ମହୋତ୍ସବ-୨୦୨୫ର ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ

ଶ୍ରୀମତୀ ଭାରତୀ ରାୟ
(ଲୋକସଙ୍ଗୀତ)

ଶ୍ରୀଯୁକ୍ତ ସୁରଥ ଚନ୍ଦ୍ର ନାୟକ
(ଲୋକକନୃତ୍ୟ)

ଶ୍ରୀଯୁକ୍ତ ଉତ୍ତମ ବେହେରା
(ନାଟ୍ୟକଳା)

ଶ୍ରୀଯୁକ୍ତ ଋତୁନାଥ ପିଙ୍ଗ
(ଲୋକନୃତ୍ୟ)

ଶ୍ରୀଯୁକ୍ତ ବବଲୁ ବାଗ୍
(ଲୋକ ସାହିତ୍ୟ)

ଶ୍ରୀଯୁକ୍ତ ବୃନ୍ଦାବନ ମହାରଣା
(ଚିତ୍ରକଳା)

ଲୋକ ମହୋତ୍ସବ-୨୦୨୬ର ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ

ଶ୍ରୀଯୁକ୍ତ ମନୋରଞ୍ଜନ ସାହୁ
(ମନ ମାଷ୍ଟ୍ରେ)
(ନାଟ୍ୟ କଳା)

ସୁଶ୍ରୀ ଜ୍ୟୋତ୍ସ୍ନାମୟୀ ମିଶ୍ର
(ମଞ୍ଚ ଅଭିନୟ)

ଶ୍ରୀଯୁକ୍ତ ବରଦାମାଧବ ଗୁରୁ
(ଚିତ୍ରକଳା)

ଶ୍ରୀଯୁକ୍ତ ଡାକ୍ତର୍ ବାରିକ
(ଲୋକବାଦ୍ୟ)

ଶ୍ରୀଯୁକ୍ତ ତେଜରାଜ ନାୟକ
(ଲୋକଗୀତ)

ଡ. ପରମେଶ୍ୱର୍ ମୁଣ୍ଡ
(ଗବେଷଣା)

ଶ୍ରୀଯୁକ୍ତ ପ୍ରଭୁଲାଲ୍ ଗୁପ୍ତା
(ଲୋକଖାଦ୍ୟ)

ଯୁବ ଉଦୟନ ଏସୋସିଏସନ
ସମ୍ବଲପୁର

ଯୁବ ଉଦୟନ
(ଅନୁଷ୍ଠାନ)

कोयला मंत्रालय
Ministry of Coal

एनएलसी इंडिया लिमिटेड

सतत प्रथाओं के माध्यम से

राष्ट्र के ऊर्जा भविष्य में योगदान दे रहा है।

एनएलसीआईएल राष्ट्र के उभरते बहुआयामी ऊर्जा ग्रिड का निर्माण करने में अपनी भूमिका निभाने के लिए प्रतिबद्ध है, जो उभरती अर्थव्यवस्था और 'विकसित भारत' का एक प्रमुख घटक है।

महत्वाकांक्षी लक्ष्य और सामुदायिक कल्याण में अग्रणी:

- मौजूदा और नियोजित लिग्नाइट, कोयला और नवीकरणीय ऊर्जा परियोजनाओं के माध्यम से स्थापित विद्युत उत्पादन क्षमता 2030 तक 6,731 मेगावाट से बढ़कर 20,000 मेगावाट हो जाने की उम्मीद है।
- मच्छकट्टा और पत्रापाड़ा कोयला ब्लॉक चालू होने पर इनकी खनन क्षमता 100 मिलियन टन से अधिक हो जाएगी।
- नवीकरणीय ऊर्जा परियोजनाओं के लिए बड़ा प्रयास – नेयवेली में एक प्रायोगिक स्तर की हरित हाइड्रोजन परियोजना के साथ राजस्थान में 2000 मेगावाट की सौर परियोजना क्षमता और असम में 1000 मेगावाट की सौर ऊर्जा परियोजना क्षमता।
- उच्च क्षमता वाले औद्योगिक पंपों से जलमग्न क्षेत्रों से जल निकासी और बाढ़ के दौरान ज़रूरतमंदों को खाद्य पैकेट उपलब्ध कराने सहित बाढ़ प्रभावित शहरों/क्षेत्रों में राहत कार्यों के माध्यम से अटूट सहयोग
- नेयवेली और उसके आस-पास के विद्यालयों में शिक्षा (कक्षाओं का निर्माण और शैक्षिक सहायता का प्रावधान), के क्षेत्र में बड़े पैमाने पर सीएसआर पहल के प्रति अटूट प्रतिबद्धता, आस-पास के गांवों में स्वास्थ्य शिविरों का आयोजन और दिव्यांगजनों को सहायता और सहायक उपकरण वितरण।
- एनएलसीआईएल द्वारा एनपीटीआई के साथ परियोजना प्रभावित व्यक्तियों (पीएपी) के लिए रोजगारोन्मुखी पोस्ट-डिप्लोमा और स्नातकोत्तर डिप्लोमा पाठ्यक्रम प्रदान किया जा रहा है, जिसके परिणामस्वरूप, उन्हें प्रमुख संस्थानों में नौकरी के अवसर प्राप्त करने में मदद मिलती है।

NLC INDIA
CREATING WEALTH FOR WELLBEING

एनएलसी इंडिया लिमिटेड

भारत सरकार का 'नवरत्न' उद्यम
CIN No.: L93090TN1956GOI003507

www.nlcindia.in

ऊर्जा क्षेत्र में 60 से अधिक वर्षों के अनुभव वाली 'नवरत्न' सार्वजनिक क्षेत्र की कंपनी, एनएलसी इंडिया लिमिटेड, पूरे देश में परिचालन करती है और 2030 तक 104 एमटीपीए की खनन क्षमता और 10 गीगावाट ताप विद्युत उत्पादन के लक्ष्य के साथ **'विकसित भारत'** में एक प्रमुख भूमिका निभाने के लिए प्रतिबद्ध है।

1 गीगावाट नवीकरणीय ऊर्जा उत्पादन को पार करने वाला पहला पीएसयू होने के नाते, एनएलसीआईएल का लक्ष्य 2030 तक 10.11 गीगावाट नवीकरणीय ऊर्जा उत्पादन प्राप्त करना है, जिसमें हरित हाइड्रोजन और फ्लोटिंग सौर ऊर्जा परियोजनाओं की योजना भी शामिल है।

SCAN THE QR TO FOLLOW

पंजीकृत कार्यालय: नबंर.135, ई. वी. आर. पेरियार हाई रोड, किलपॉक, चेन्नई - 600 010 **निगमित कार्यालय : ब्लॉक-1, नेयवेली-607801**


JSW BPSL
Better Everyday
Creating a Better Everyday
for a Brighter, Greener &
Sustainable Tomorrow
At/PO: Thelkoloi, Teh : Rengali, Dist Sambalpur - 768 210, Odisha, India
T +91 (0) 663 663 6000 | website : www.jsw.in

ବାମଣ୍ଡାର ଲୋକଗୀତରେ ପ୍ରଧାନପାଟର ମାହାତ୍ମ୍ୟ

ଡ. ଭାରତ ଭୂଷଣ ନନ୍ଦ

ଓଡ଼ିଶାର ଅତୀତ ଇତିହାସରେ ବାମଣ୍ଡାର ରାଜଧାନୀ ଦେବଦୁର୍ଗ ବା ଆଧୁନିକ ଦେବଗଡ଼ ଦିନେ ଉତ୍କଳର ଉଜ୍ଜୟିନୀ ଭାବରେ ଖ୍ୟାତି ଅର୍ଜନ କରିସାରିଛି, ଯାହାର ମୁଖ୍ୟକାରଣ ହେଉଛି ବାମଣ୍ଡାର ଉନ୍ନତ ସାଂସ୍କୃତିକ ପରମ୍ପରା ଓ ସୁସ୍ଥ ଏବଂ ସୁନ୍ଦର ପ୍ରାକୃତିକ ପରିବେଶ। ବଣ ପାହାଡ଼ ଘେରା ଏବଂ ପ୍ରାକୃତିକ ଝରଣାରେ ପରିପୂର୍ଣ୍ଣ ଏ ପବିତ୍ର ଭୂମି ଆଦି କାଳରୁ ମାଁ ବାଗ୍‌ଦେବୀଙ୍କ ଲୀଳା କ୍ଷେତ୍ର ରୂପେ ଖ୍ୟାତ। ତେଣୁ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଅନେକ ବିଦ୍ୱାନ ପଣ୍ଡିତଙ୍କ ସାଜିଥିଲା କେଳିସରା। ସେମାନଙ୍କ ପାଖରୁ ଏ ମାଟି ଯେତିକି ପାଇଛି ତାଠୁ ଅଧିକ ଦେଇଛି।

ସେହି ଦେବଗଡ଼ ଜିଲ୍ଲାର ମସ୍ତକ ଭାବରେ ପରିଚିତ ପ୍ରଧାନପାଟ ପର୍ବତ ଓ ତାର ମସ୍ତକର ଚିର ଜାଜ୍ୱଲ୍ୟମାନ ମୁକୁଟ ହେଉଛି ଚିରସ୍ରୋତା ନିର୍ଝରିଣୀ ପ୍ରଧାନପାଟ ଜଳପ୍ରପାତ, ଯାହା ଦେବଗଡ଼ବାସୀଙ୍କ ସ୍ୱାଭିମାନର ପରିଚୟ। ତାର ଶ୍ୟମଳିମା ରୂପଲାବଣ୍ୟ, ସୁନ୍ଦର ସବୁଜିମା ଯୁଗ ଯୁଗ ଧରି ପ୍ରକୃତି ପ୍ରେମୀ, ରସିକ, ଭାବୁକ, କବି ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଚାଲିଛି। ପୁଣି କବି ଯୁଗେ ଯୁଗେ ପ୍ରକୃତିର ପୂଜାରୀ। ପ୍ରକୃତିର ବନ୍ଦନା ହେଉଛି ତାର ଜୀବନବ୍ରତ। ତେଣୁ ସେଦିନ ଚିଲିକା ସୁନ୍ଦରୀର ଅପରୂପକୁ ଦେଖି କବିବର ରାଧାନାଥ ଯେପରି ଆତ୍ମହରା ହୋଇ ଗାଇ ଉଠିଥିଲେ -

ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆଁ ଦିଶୁଥାଇ।

କବିଙ୍କ ଏହି ମହନୀୟ ଦାର୍ଶନିକ ଦୃଷ୍ଟିଭଙ୍ଗି ପ୍ରଧାନପାଟ ପାଇଁ ମଧ୍ୟ ଅଭିପ୍ରେତ, କାରଣ ପ୍ରଧାନପାଟ ସମସ୍ତଙ୍କ ପାଇଁ ନିତ୍ୟ ନୂତନ, ଚିରନବୀନ, ଚିର ସବୁଜ, ସୌନ୍ଦର୍ଯ୍ୟମୟୀ ଓ ପ୍ରୀତିକର ପର୍ଯ୍ୟଟନ ସ୍ଥଳ। ତାର ପ୍ରାକୃତିକ ଶୋଭା ସମ୍ପଦରେ ପ୍ରାଣୀଜଗତ ଆତ୍ମହରା ହୋଇଉଠନ୍ତି। ସେଥିପାଇଁ ଆଧୁନିକ ମଣିଷ ତାର ବ୍ୟସ୍ତବହୁଳ କର୍ମକ୍ଲାନ୍ତ ଜୀବନରୁ କିଛି ସମୟ ଶାନ୍ତି ପାଇବା ନିମନ୍ତେ କଂକ୍ରିଟ ଜଙ୍ଗଲ ଛାଡ଼ି ଧାଇଁ ଆସିଥାଏ ଏହି ଶ୍ୟାମଳିମାପୂର୍ଣ୍ଣ ପାଟଶ୍ରେଷ୍ଠ ପ୍ରଧାନପାଟ କୋମଳ କୋଳକୁ। ତାର ପାଦଦେଶ ହିଁ ମଣିଷ ସମାଜର ନିତ୍ୟ ବିଚରଣ ସ୍ଥଳ। କେଉଁ ଆବହମାନ କାଳରୁ ସେହି ଗାଇ ଆସୁଛି ଶାନ୍ତି-ମୈତ୍ରୀ ଓ ପ୍ରୀତିର ଜୟଗାନ ଓ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ବାଣ୍ଟି ଚାଲିଛି ସ୍ନେହ, ମମତା, କରୁଣା ଆଦି ମାଆର ସ୍ନେହ। ତେଣୁ ସେ ହାସ୍ୟମୟୀ, ଲାସ୍ୟମୟୀ, କରୁଣାମୟୀ, ଅମୃତମୟୀ ଓ ପ୍ରେମମୟୀର ମୂର୍ତ୍ତିମନ୍ତ ବିଗ୍ରହ। ତାର କୋଳକୁ ରସିକ ମନନେଇ ଯେ ଆସିଛି ସେ ପାଲଟିଯାଇଛି କବି।

ସୃଷ୍ଟିର ଆଦ୍ୟ ପର୍ଯ୍ୟାୟରୁ ପ୍ରାଣୀଜଗତର କଲ୍ୟାଣ ନିମନ୍ତେ ସ୍ୱର୍ଗ ଗଙ୍ଗା ତୁଲ୍ୟ ନିତ୍ୟ ପ୍ରତ୍ୟହ ସଦାଶିବଙ୍କ ମସ୍ତକରୁ ଦେବୀ ଗଙ୍ଗା ଲମ୍ଫପ୍ରଦାନ କଲାପରି ସେ ମଧ୍ୟ ଶିବ ସଦୃଶ ପ୍ରଧାନପାଟ ପର୍ବତରୁ ଲମ୍ଫ ପ୍ରଦାନକରି ନିଜ କର୍ତ୍ତବ୍ୟ ତୁଲାଇ ଚାଲିଛି। ଏଇ ଛୋଟ ନିର୍ଝରିଣୀର ଅମୃତତୁଲ୍ୟ ସ୍ୱଚ୍ଛ ଓ ସ୍ୱାଦିଷ୍ଟ ଜଳରାଶିକୁ ପାନକରି ସେଦିନ ଶତମୁଖର ହୋଇ ସ୍ୱଭାବକବି ଗଙ୍ଗାଧର ମେହେର ଗାଇଉଠିଥିଲେ -

ଆହା ସେ ପ୍ରଧାନପାଟ ନେତ୍ର ପ୍ରୀତିକର
ଗିରିଶିର ବିଭୁଷିତ ଶୁଭ୍ର-ସ୍ୱଚ୍ଛ ଝର,
ବାବୁକର ଭାବମୟ ହୃଦୟ ରଞ୍ଜନ
ଆପତୋପିତ-ତନୁ-ତାପ-ବିକର୍ତ୍ତନ
ସମୁତ ଶିଖରୁ ଲମ୍ଫ ଦେଇ ବାରମ୍ବାର

ଦୃଷ୍ଟି ହେଉଛଅଛି ଯେହ୍ନେ ମୌକ୍ତିକ ପଟଳ

xxx xxx xxx

ସଦାଶିବ ଶିରୁ ଯେହ୍ନେ ଜାହ୍ନବିର ଧାର

ଦେଖି ଦେଲେ ମନପ୍ରାଣ ହୁଏ ସୁଶୀତଳ

ଡେଉଁଅଛି ତାରିବାକୁ ଭୁବନେ ପତିତ

ଶୁଭ୍ରକରି କୁଣ୍ଡ ଫେନ ବୁଦ ବୁଦନି ବହେ ॥

(ଗଙ୍ଗାଧର ମେହେର ଗ୍ରନ୍ଥାବଳୀ)

ପ୍ରଧାନପାଟର ତିନୋଟି ସ୍ୱରୂପ ଦେଖାଯାଏ । ପ୍ରଥମଟି ହେଉଛି ପାଟଶ୍ରେଷ୍ଠ ପ୍ରଧାନ ପର୍ବତ, ଦ୍ୱିତୀୟଟି ହେଉଛି ଗଙ୍ଗା ତୁଲ୍ୟ ଅମୃତମୟୀ ନିର୍ଝରିଣୀ ପ୍ରଧାନପାଟ ଓ ତୃତୀୟ ହେଉଛନ୍ତି ପ୍ରଧାନପାଟେଶ୍ୱରୀ । ଦେବଗଡ ସହରବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ଧର୍ମୀୟ ଜୀବନରେ ପ୍ରଧାନପାଟର ଜଳ ଓ ମାଟିର ବହୁମୂଲ୍ୟ ଅବଦାନ ରହିଆସିଛି । ତେଣୁ କୌଣସି ପାର୍ବଣର ଶୁଭ ଅବସରରେ ସେ ନୃତ୍ୟ ପରିବେଷଣ କଲାବେଳେ ବିଦଗ୍ଧ କବିଙ୍କ ଭଳି ଏ ଜିଲ୍ଲାର ଲୋକକବି ତାର କରୁଣାମୟୀ ମାଁ ପଧାନୀଙ୍କ ବନ୍ଦନା ଗାନ କରି ଗାଇଯାଏ -

ମାଁ ଗୋ ମୋର ପଧାନୀ ମା ମାଁ ଗୋ ମୋର ମାହେଶ୍ୱରୀ

ତୁଇ ପଧାନପାଟେ ଉଭା ହେଲୁ ମାହେଶ୍ୱରୀ ନାମେ

ତୁଇ ଝରନା କୂଳେ ପୂଜା ପାଇଲୁ ମାଁ ପଧାନୀର ନାମେ ଗୋ

ସିନ୍ଦୁର ମଖା ପାହାଡ଼ ତଳେ ଡମ୍‌ଗୁରୁଡର ମୂଳେ ମାଁ

ସଂସାରେ ଉଡାଇ ବାନା ॥

ପ୍ରଧାନପାଟ ବର୍ତ୍ତମାନ ମଧ୍ୟ ଏ ଜିଲ୍ଲାର ଗର୍ବ, ଗୋରବ ଓ ସ୍ୱାଭିମାନର ପ୍ରତୀକ । ସେଥିପାଇଁ ତ ରାଜତନ୍ତ୍ର ସମୟରୁ ଏମାଟିକୁ ଓଡିଶା ବାହାରୁ ଅନେକ କାବ୍ୟ ସ୍ରଷ୍ଟାଙ୍କ ଆଗମନ ହୋଇଥିବା ଇତିହାସ ସାକ୍ଷ୍ୟ ପ୍ରଦାନ କରେ । ଏହି କାବ୍ୟ ସ୍ରଷ୍ଟାଗଣ ପ୍ରଧାନପାଟ ପାଦଦେଶରେ ବସି ବସନ୍ତ ନିବାସର ଗର୍ଭରେ ବସନ୍ତ ବୃତ୍ତ ଓ ବସନ୍ତ ରାଗରେ ଅନେକ କବିତା ରଚନାକରି ଅମର ହୋଇ ରହିଛନ୍ତି । ବିଦଗ୍ଧ ସ୍ରଷ୍ଟାମାନଙ୍କର ଏହି ମହନୀୟ ଅବଦାନକୁ ସମ୍ମାନ ଜଣାଇ ଲୋକବି ମଧ୍ୟ ଗୀତର ସୁର ମେଲି ଗାଇଯାଏ -

ଡାଲଖାଇରେ.... ଡାଲଖାଇରେ.....

ଓଡ଼ିଶା ଭିତରେ ଦେବଗଡ଼ ଜିଲ୍ଲା

ପଧାନପାଟେ ପୂଜା ପାଏ ବିମଳା

ପାହାଡ ତଳ ଦିଶେ ଉଜ୍ଜଳ.... (୨)

ଚାଲ ଦେଖିଯିମା ବଉଲ

ପଧାନପାଟ ଉତ୍ସବ ନାଟ ଛାଡ଼ିଦେ ବାଟା

କାଏଁ ଡାଲଖାଇରେ ॥

ପ୍ରଧାନପାଟ ପର୍ବତ ଓ ପ୍ରଧାନପାଟ ଜଳପ୍ରପାତର ପାଦେଶେରେ ମାଁ ପଧାନୀଙ୍କ ନିବାସ । ସେ କେଉଁ କାଳରୁ ପ୍ରାଣୀଜଗତର ମଙ୍ଗଳ ନିମନ୍ତେ ଆଶିର୍ବାଦ ମୁଦ୍ରାରେ ଜଗି ବସିଛନ୍ତି । ମାଁ ପଧାନୀଙ୍କ ମହିମା ଅପାର ତାକୁ ଭଲ ଭାବରେ ଅନୁଭବ କରିଛି ଲୋକକବି । କାରଣ ମାଁ ପଧାନୀ ହିଁ ତାର ସୁଖ-ଦୁଃଖର, ହସ-କାନ୍ଦର ଓ ଧର୍ମ-ଧାରାର ସାଥୀ । ନିଜର ସମସ୍ତ କର୍ମରେ ପଧାନୀ ମାଁ ହିଁ ଏକା ତାର ସାହା ଭରସା, ତେଣୁ ସେହି ଅଭୟ ବରଦାୟିନୀଙ୍କ ଅପାର ମହିମାକୁ ଭୁରି ଭୁରି ପ୍ରଶଂସା କରି ଗାଇଥାଏ -

ଜୟ ମାଁ ପଧାନୀ ତୁଇ ଗୋ ଭବାନୀ ଜନନୀ ତୁ ଆମର ମୂଳକେ

ପାଇ ତୋର କରୁଣା ନାଇଁ କରୁ ମନ ଉନା....(୨)

ପଧାନପାଟେ ହେଲୁ ଉଭାଗୋ ମାତ ସିଂହବାହିନୀ

ତୁଇ ସକଳ ଜୀବର ସାହା ଗୋ

ମାତ ସିଂହବାହିନୀ ॥

ବାମଣ୍ଡାର ଲୋକକବି ହୋଇପାରେ ଅଶିକ୍ଷିତ, ମାତ୍ର ନିଜର ଆଶୁ କବିତ୍ୱରେ ବେଳେବେଳେ ବର୍ଣ୍ଣନା ଚାତୁରୀରେ ସେ ବିଦଗ୍ଧ କବିମାନଙ୍କୁ ମଧ୍ୟ ବଳିଯାଏ । ନାରୀର ରୂପ ବର୍ଣ୍ଣନା କ୍ଷେତ୍ରରେ ସେ ମଧ୍ୟଯୁଗୀୟ କବିଙ୍କ ସମକକ୍ଷ ହୋଇଯାଏ । କାରଣ ସେ ସୌନ୍ଦର୍ଯ୍ୟର ଉପାସକ, ଯାହା ତାକୁ ସୁନ୍ଦର ଦିଶେ ତାକୁ ହିଁ ସେ ଗୀତ ମାଧ୍ୟମରେ ପ୍ରକାଶ କରେ । କଳ୍ପନା ବିଳାସର ଅବାଧ ସଂଚରଣ ଘଟି ତାର ରସିକତାର ପରିଚୟ ମିଳେ । ଯେପରି -

ଡାଲଖାଇରେ... ଡାଲଖାଇରେ...

ପଧାନ ପାଟର ଘାଗି ସୁରୁବାଲି

ପଧାନ ପାଟର ଘାଗି

ଖଣ୍ଡ ଖଣ୍ଡ ମନ ଯାଉଛି ଭାଙ୍ଗି

ତୁମର ଯୁବା ଦେହ ଲାଗି କାଏଁ

ଡାଲଖାଇରେ..... ॥

ସେହିପରି ତାର ମନ ଭିତରେ ଅନେକ ଦିନରୁ ବସାବାନ୍ଧି ରହିଥିବା ଭଲ ପାଇବାର ଭାବନା ଚୁଲ୍‌ବୁଲି ନାୟିକାର ହାବଭାବକୁ ନିରୀକ୍ଷଣ କରି ଆତ୍ମହରା ହୋଇ ସେ ସଜନୀ ଗୀତରେ ଗାଇଯାଏ -

ପଧାନପାଟର ପକ୍ଷା
ଦୁଇ କାନେ ଦେବି ଯୁଡ଼େ ଝୁଲୁକା
ଧନ ଦୁହେଁ ଦିଶୁଥିବା ଏକା ସଜନୀ
ତୁମ ଧୂକା ମାରେ ଫେରି ଫେରି ସଜନୀ ।।

ମାତ୍ର ନାୟକର ଭଲ ପାଇବାର ସମସ୍ତ ଆଶା, ଆକାଂକ୍ଷା ଯେତେବେଳେ ବିଫଳତା ଆଡ଼କୁ ଗତିକରେ ସେତିକିବେଳେ ପ୍ରେମର ଅମୋଘ ଅସ୍ତ୍ର ମହନୀର ସହାୟତା ନେବାକୁ ଅଣ୍ଟା ଭିଡ଼ିଥାଏ । ଯେପରି -

ପଧାନ ପାଟର ପାନି
ଆର ଏତେ ଛିନ୍‌ଛିନା ନାଇଁ ହୁଅଲୋ ନନୀ
ଟୁକେଲ ପେଶିବି ରାଜମହନିରେ, କଷିଲବଙ୍ଗ
ତୁଇ କେତେ ଦେଖାଉଛୁ ଢଙ୍ଗରେ କଷି ଲବଙ୍ଗ ।।

ପ୍ରଧାନପାଟ ଝରଣାର ଅନତି ଦୂରେ ଅନ୍ୟ ଏକ ପ୍ରାକୃତିକ ଝରଣା ପର୍ଯ୍ୟଟକ ଓ ଐତିହାସିକଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି, ଯାହାର ନାମ କୁରୁଡକୁଟ ଜଳପ୍ରପାତ । ଏହି ପ୍ରପାତର ରହିଛି ଏକ ସ୍ୱର୍ଣ୍ଣିମ ଇତିହାସ । ମାତ୍ର ଆଜିର ଯୁବ ସମାଜ ନିମନ୍ତେ ଏହା ଏକ ଜନଶ୍ରୁତି । ପ୍ରାକୃତିକ ଶୋଭା ସମ୍ପଦ, ସବୁଜ ଅରଣ୍ୟାନୀରେ ପରିପୂର୍ଣ୍ଣ ଏହି ପ୍ରପାତ ଭାରତର ପ୍ରଥମ ଏବଂ ଏସିଆର ଦ୍ୱିତୀୟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଭାବରେ ସୁଖ୍ୟାତି ଅର୍ଜନ କରିସାରିଛି । ତେଣୁ ବିଦଗ୍ଧ କବିଙ୍କ ଭଳି ବାମଣ୍ଡାର ଲୋକକବି ମଧ୍ୟ ତାର ମହତ୍ତ୍ୱକୁ ଉପଲବ୍ଧି କରି ଗାଇଯାଏ -

ପ୍ରଧାନପାଟ ପର୍ବତ
ତାହାର ପାଖରେ କୁରୁଡକୁଟ
ଧନ ଦିଶେ ଶାଗୁଆ ମୁକୁଟ, ମୋ ଦୋଳିରେ

ସେହିପରି ଏ ଜିଲ୍ଲାର ପୁରାଣାଗଡ଼ରେ କେଉଁ କାଳରୁ ଶୋଭା ପାଇ ଆସୁଥିବା 'ଓଲଟବଟର' ମହିମା ଓଡ଼ିଶାରେ ପ୍ରଚଳିତ । ଏହି ପବିତ୍ର ବୃକ୍ଷକୁ ଦର୍ଶନକରି ତାର ପତ୍ରକୁ ସାଥୀରେ ନେବା ପାଇଁ ନିତ୍ୟ ପ୍ରତ୍ୟହ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକେ ଏକତ୍ରିତ ହୋଇଥାନ୍ତି । ଜନକଲ୍ୟାଣର ଏହି ମହନୀୟ ବୃକ୍ଷର ମହନୀୟତାକୁ ବିଦଗ୍ଧ ସ୍ରଷ୍ଟାଙ୍କ ଭଳି ଲୋକ କବି ମଧ୍ୟ ଉପଲବ୍ଧି କରି ଗାଇଯାଏ -

ପ୍ରପାତ ପ୍ରଧାନପାଟ
ପୁରୁଣାଗଡ଼ର ଓଲଟବଟ ଲୋ
ବଡ଼ ଦେଉଳ ନିକଟ, ମୋ ଦୋଳିରେ ।।

ଏହିପରି ଦେଖିଲେ ଶହ ଶହ ବର୍ଷ ଧରି ବାମଣ୍ଡାର ବିଦଗ୍ଧ କବିଙ୍କ ପରି ଲୋକ କବି ମଧ୍ୟ ବାମଣ୍ଡାର ଚିର ଜାଜ୍ୱଲ୍ୟମୟ ପ୍ରଧାନପାଟକୁ କେନ୍ଦ୍ରକରି ଅନେକ ଲୋକଗୀତ ସୃଷ୍ଟି କରି ଆସିଛି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ ଅତୀତର ଗୌରବାବହ ବାମଣ୍ଡାଗଡ଼ ବା ବାମଣ୍ଡା ରାଜ୍ୟ ଆଉ ନାହିଁ । ୧୯୯୪ ମସିହାରୁ ଏହା ଦୁଇ ଭାଗରେ ବିଭକ୍ତ ହୋଇ ଦେବଗଡ଼ ଜିଲ୍ଲା ଭାବେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି । ତଥାପି ବି ପ୍ରଧାନପାଟ ଏ ଜିଲ୍ଲାର ଗର୍ବ ଓ ଗୌରବ । ସେ ଜିଲ୍ଲାବାସୀଙ୍କ ସ୍ୱାଭିମାନ । ଜିଲ୍ଲା ବାହାରେ ପ୍ରଦାନପାଟ ହିଁ ଏକା ଆମର ସ୍ୱତନ୍ତ୍ର ପରିଚୟ । ତେଣୁ ଗୋଟିଏ ଭାଷାରେ କହିଲେ; ସାରା ବିଶ୍ୱରେ ତ୍ରିରଙ୍ଗାପତାକା ଯେମିତି ସାରା ଭାରତୀୟଙ୍କ ଆନ୍ ବାନ୍ ସାନ୍ ଠିକ୍ ସେହିପରି ଯେତେବେଳେ କୌଣସି ଏକ କ୍ଷେତ୍ରର କଥା ଆସେ ସେତେବେଳେ ଦେବଗଡ଼ ଜିଲ୍ଲାର ଆନ୍ ବାନ୍ ସାନ୍ ହେଉଛି ଆମ ଚିର ସବୁଜ ପ୍ରଧାନପାଟ । ତେଣୁ ତାର ସୁରକ୍ଷା ଓ ଯତ୍ନ କୌଣସି ବିଭାଗର ନୁହେଁ; ବରଂ ସମଗ୍ର ଜିଲ୍ଲାବାସୀଙ୍କର ହେବା କଥା, ବାମଣ୍ଡାର ଲୋକକବି ଏହି ଦୃଢ଼ୋକ୍ତି ପ୍ରକାଶ କରେ । ■ ■

ପ୍ରାକ୍ତନ ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

ସଞ୍ଚାର - ଶାସ୍ତ୍ରୀୟ ଓ ଲୋକକଳାର ସମନ୍ୱିତ ବିଭବ

ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ

ଭାରତୀୟ ସଂସ୍କୃତିର ମୌଳିକ ବିଶେଷତତ୍ୱ ଆଧ୍ୟାତ୍ମିକତା, ତା ସହିତ କଳା ଓ ଧାର୍ମୀକ ଚିନ୍ତାଧାରା ଆଙ୍ଗାଙ୍ଗୀ ଭାବେ ଜଡ଼ିତ। ଯେହେତୁ ସଂସ୍କାର ସହିତ ସଂସ୍କୃତିର ସମ୍ବନ୍ଧ ସେ ଯୋଗୁଁ ପୁରାତନ ସମୟରୁ ଏ ଦେଶର ମନିଷୀଗଣ ସାହିତ୍ୟ ରୂପକ ଜ୍ଞାନର ଅନ୍ୱେଷଣରେ ବ୍ରତୀ ରହୁଥିଲେ। ସଭ୍ୟତା ଓ ସସ୍କୃତି ମାନବ ଶ୍ରେଣୀର ବିକାଶର ଦୁଇ ପ୍ରାଥମିକ ଉପାଦାନ। ସମୟର ଗତିକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରେ କଳାର ଭିନ୍ନ ଭିନ୍ନ ରୂପ ପ୍ରତୀୟମାନ ହୁଏ।

ପଶ୍ଚିମ ଓଡ଼ିଶାର ଲୋକ ଚଳଣି ଓ ସଂସ୍କୃତି ସହିତ ସଂଚାର କଳା କେଉଁ ଅନାଦି କାଳରୁ ଜଡ଼ିତ ଯାହର ମୂଳ ଉଦ୍ଦେଶ୍ୟ ଦର୍ଶକଙ୍କୁ ଭ୍କତିରସରେ ରସାଣିତ କରିବା ସହ ମନୋରଞ୍ଜନର ଖୋରାକ ଯୋଗାଇବା। ଗ୍ରାମେ ଗ୍ରାମେ ଏହା 'ଗାହାକ-ବାହାକ' ଯାତ୍ରା ନାମରେ ପରିଚିତ। ସଞ୍ଚାର ପ୍ରଦର୍ଶନର ପ୍ରାରମ୍ଭରେ ଭକ୍ତି ସହ ପୂଜାର୍ଚ୍ଚନା ପରେ ଗାୟକ ତଥା ପାଳିଆ ମୃଦଙ୍ଗ ବାଦ୍ୟର ତାଳେ ତାଳେ ପାଦର ନୂପୁର ନିକ୍ୱଣ ଧ୍ୱନୀ ସହ ଗୀତ ଗାୟନ ପୂର୍ବକ ବିଭିନ୍ନ ଛନ୍ଦରେ ପଦ ପାତ ସହ ନୃତ୍ୟ ପରିବେଷଣ କରନ୍ତି। ମୃଦଙ୍ଗରୁ ସୃଷ୍ଟି ହେଉଥିବା ନାଦ ବ୍ରହ୍ମ ସହିତ ସଞ୍ଚାର ଶିଳ୍ପୀଙ୍କର ନର୍ତ୍ତନରୁ ସୃଷ୍ଟି ହୁଏ ବ୍ରହ୍ମ ଝଙ୍କାର, ଏହା ପରିବେଶକୁ ଈଶ୍ୱରୀୟ ଭକ୍ତି ରସାପ୍ଲୁତ କରିବା ସହ ଦର୍ଶକଙ୍କ ହୃଦୟକୁ ମଧ୍ୟ ଝଙ୍କୃତ କରେ। ସଞ୍ଚାର ଶିଳ୍ପୀ ପରିବେଷଣ କରୁଥିବା ଗୀତରେ ଯଥେଷ୍ଟ ମାତ୍ରାରେ ଶାସ୍ତ୍ରୀୟ ଉପାଦାନ ରହିଛି। କାରଣ ଏହି 'ରାଗ' ମଧ୍ୟରେ ରହିଛି ନିଶାଦ, ରିଷଣ, ଗାନ୍ଧାର, ଷଡ଼ଜ, ମଧ୍ୟମ, ଧୈବତ, ପଞ୍ଚମ ସେହିଭଳି ରାଗିଣୀରେ ରହିଛି ଆଷାଢ଼, ଶୁକ୍ଳ, ରଷିକୂଲ୍ୟା, କାମେଦୀ, ଚୋଖି, ସାବେରୀ, ବସନ୍ତ କରାଳୀ, ଚିନ୍ତା ଦେଶାକ୍ଷର. କାମୋନୀ, ଆଦ୍ୟ ଯମକ, ଆହରୀ, କୌଶିକ, ମାଳେଶ୍ରୀ ଇତ୍ୟାଦି। ଏହା ସହିତ ସଞ୍ଚାର କଳା ନବରସରେ ସମୃଦ୍ଧ ଯାହାର ନୃତ୍ୟ, ଗୀତ, ବାୟନ ଶୈଳୀ, ଶୃଙ୍ଗାର, ବୀର, କରୁଣ, ହାସ୍ୟ ବିଭତ୍ସ, ଭୟାନକ, ରୌଦ୍ର, ନିଶାନ୍ତ, ବାତ୍ସଲ୍ୟ ରସକୁ ପରିବେଷଣ ସମୟରେ ଆଧାର ସ୍ୱରୂପ ଗ୍ରହଣ କରି ଶ୍ରୋତାମଣ୍ଡଳୀକୁ ପରଶି ଦେଇ ସେମାନଙ୍କୁ ବିମୋହିତ କରେ।

ପଶ୍ଚିମ ଓଡ଼ିଶାର ବହୁ ପ୍ରାଚୀନ ଲୋକକଳା ଓ ସଂସ୍କୃତିକୁ ସଞ୍ଚାର କଳା ଅନେକ ପରିମାଣରେ ଋଦ୍ଧିମନ୍ତ କରି ଆସିଛି ସେଥିପାଇଁ ପୁରାତନ ସଞ୍ଚାର ଶିଳ୍ପୀମାନଙ୍କ ଅବଦାନ ଓ ସେମାନଙ୍କ ପରିଶ୍ରମ ଚିର ସ୍ମରଣୀୟ। ଓଡ଼ିଆ ସହିତ ସମ୍ବଲପୁରୀ ଭାଷାରେ ପରିବେଷିତ ଗୀତ ସଞ୍ଚାର କଳାକୁ ବହୁ ଜନାଦୃତ ହେବା ଦିଗରେ ସାହାଯ୍ୟ କରିବା ସହ ଭାଷା ସାହିତ୍ୟର ଭଣ୍ଡାରକୁ ମଧ୍ୟ ସଞ୍ଚାର ଶିଳ୍ପୀମାନେ ତାଙ୍କ ଅବଦାନରେ ବିଶେଷ ସମୃଦ୍ଧ କରି ପାରିଛନ୍ତି।

ସଞ୍ଚାର ପଶ୍ଚିମ ଓଡ଼ିଶା ସହିତ ଛତିଶଗଡ଼, ଅଞ୍ଚଳର ରାୟପୁର, ସାରଙ୍ଗଗଡ଼, ରାୟଗଡ଼ ଆଦି ଅଞ୍ଚଳରେ ପ୍ରଦର୍ଶିତ ହୋଇ ଆସୁଛି। ଏଠାରେ ସଞ୍ଚାର ଓଡ଼ିଆ, ହିନ୍ଦୀ, ଛତିଶଗଡ଼, ସମ୍ବଲପୁରୀର ମିଶ୍ରିତ ଭାଷାରେ ପରିବେଷିତ ହୋଇ ଅଦ୍ଭୁତି ଲାଭ କରିବା ଏହାର ଏକ ଭିନ୍ନ ଦିଗ।

ମାନବ ସଭ୍ୟତାର ଦ୍ରୁତ ବିକାଶ ଯୋଗୁଁ ଆଧୁନିକତାର ପ୍ରବେଶ ଫଳରେ ଗ୍ରାମ୍ୟ ପରିବେଶକୁ ମଧ୍ୟ ସହରୀ ସଭ୍ୟତାର ଆଗମନ ଯୋଗୁଁ ସଞ୍ଚାର ଭଳି ଏକ ଉଚ୍ଚ ମାନର କଳାର ଲୋକପ୍ରିୟତାରେ କେତେକାଂଶରେ ହ୍ରାସ ଅନୁଭବ ହେଉଥିଲେ ସୁଦ୍ଧା ଆଜି ମଧ୍ୟ ସଞ୍ଚାର ଶିଳ୍ପୀମାନେ ଏହାକୁ ବଞ୍ଚାଇ ରଖିବାକୁ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ଏହା ଯେମିତି ଶାସ୍ତ୍ରୀୟତାର ମାନ୍ୟତା ପାଇବ ଓ ସର୍ବଜନାଦୃତ ହୋଇପାରିବ ସେ ଦିଗରେ ସମସ୍ତ କଳାପ୍ରେମୀ, ବୁଦ୍ଧିଜୀବୀ ତଥା ସରକାରୀ ସ୍ତରରେ ମଧ୍ୟ ଉଦ୍ୟମ ଏକାନ୍ତ କାମ୍ୟ। ■ ■

ମୋ- ୯୮୬୧୦ ୯୫୫୭୧

ପଶ୍ଚିମ ଓଡିଶାର ଲୋକକ୍ରୀଡା : ଏକ ଅଧ୍ୟୟନ

ଡ. ସ୍ୱୟଂ ପ୍ରକାଶ ପଣ୍ଡା

ଉତ୍କୃଷ୍ଟ କଳାର ରାଜ୍ୟ ହେଲା ଉତ୍କଳ ବା ଓଡିଶା। ରାଜ୍ୟର ଗୋଟିଏ ସୀମା ସମୁଦ୍ରଦ୍ୱାରା ବାନ୍ଧି ହୋଇଥିବାବେଳେ ଅନ୍ୟ ପ୍ରାନ୍ତ ସଂପୂର୍ଣ୍ଣ ସୁଉଚ୍ଚ ପାର୍ବତ୍ୟାଞ୍ଚଳ ଦ୍ୱାରା ପରିବେଷ୍ଟିତ। ଆଲୋଚନାର ବିଷୟବସ୍ତୁ ଯେହେତୁ ପଶ୍ଚିମ ଓଡିଶାର ଲୋକକ୍ରୀଡା ତେବେ ଏଠାରେ କେବଳ ପଶ୍ଚିମାଞ୍ଚଳ ବା ପଶ୍ଚିମ ଓଡିଶାରେ ଖେଳା ଯାଉଥିବା ଖେଳ ବିଷୟରେ ଆଲୋଚନା କରାଯିବ। ୧୧ ଗୋଟି ଜିଲ୍ଲାର ଭାର ବହନ କରୁଥିବା ପଶ୍ଚିମାଞ୍ଚଳର ଭୌଗୋଳିକ ପରିସୀମା, ପରିବେଶ, ଜନସମୂହ, କଳାସ୍ଥାପତ୍ୟ, ରୀତି, ନୀତି, ଚାଲିଚଳନ ଓଡିଶାର ଅନ୍ୟ ଅଞ୍ଚଳଠାରୁ ଭିନ୍ନ ତଥା ସ୍ୱତନ୍ତ୍ର ମନେହୁଏ। ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ବରଗଡ, କଳାହାଣ୍ଡି, କୋରାପୁଟ ଇତ୍ୟାଦି ଜିଲ୍ଲା ସମୂହକୁ ପଶ୍ଚିମ ଓଡିଶା ବୋଲି କହିଥାଉଁ ଏବଂ ଏ ଅଞ୍ଚଳର ବ୍ୟବହାରିକ ଭାଷା ସମ୍ବଲପୁରୀ ରାଜ୍ୟର ଅନ୍ୟ ଅଞ୍ଚଳଠାରୁ ସ୍ୱତନ୍ତ୍ର ଅଟେ। ଆମେ ଏଠାରେ ବିଭିନ୍ନ ଜନଜାତିର ଲୋକ ଦେଖିବାକୁ ପାଇଥାଉଁ, ଯେପରିକି – ଶବର, କନ୍ଧ, ଗୌଡ, ଗଣ୍ଡ, ବିଞ୍ଝାଲ, ସୌରା, ଭଏନା, ଭୂୟାଁ, କୋହ୍ଲ, କିଷାନ, ଖଡିଆ, କୁଡା, ମୁଣ୍ଡା, ମାହାର, କୋଷ୍ଟା, ପଏନକା, ଘସିଆ, ଚମାର, ସହଁରା, ବ୍ରାହ୍ମଣ, କୁଲତା, ଡୁମାଲ, ତେଲି, ମାଲି, କଁସାରୀ, ସୁନାରୀ ଇତ୍ୟାଦି। ପଶ୍ଚିମ ଓଡିଶାରେ ଗ୍ରାମୀଣ ପରିବେଶରେ ଏବଂ ଜଙ୍ଗଲରେ ଲୋକେ ବସତିସ୍ଥାପନ କରୁଥିବାରୁ ଏଠିକାର ପରିବେଶ, ଜଙ୍ଗଲ, ଖଣିଜ ଦ୍ରବ୍ୟ, ମନୋରମତା ବଜାୟ ରହିଅଛି। ଏମାନଙ୍କର ଜୀବନ ଶୈଳୀ ନିଜସ୍ୱ ବିଚିତ୍ର ସରଳ ବିଶ୍ୱାସରେ ଗଢି ଉଠୁଅଛି, କାରଣ ଏଠାକାର ଲୋକେ ଭାରୀ ସରଳ, ନିଷ୍କପଟ, ବନ୍ଧୁପ୍ରିୟ ତଥା ଭାରି ସଚ୍ଚୋଟ।

ମଣିଷ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ କିଛିନା କିଛି ଖେଳ ଖେଳୁଥାଏ। ଏଠାରେ ପ୍ରଶ୍ନ ହୋଇପାରେ ଜନ୍ମ ଶିଶୁ କେଉଁ ପ୍ରକାରର ଖେଳ ଖେଳେ ? ଆମେ କହିପାରିବା ଯେ ଜନ୍ମ ପରେ ଛୋଟ ଶିଶୁ ହାତ ଗୋଡ ହଲେଇ ହଲେଇ, କୁଆଁ ରାବ କରି, ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ କରୁଥାଏ, ସେଇଟାହିଁ ଛୋଟ ଶିଶୁ ପାଇଁ ଖେଳ। କାରଣ ସେହିଥିରେ ସେ ଆନନ୍ଦ ପାଇଥାଏ। ଜଣେ ଖେଳ ଖେଳେ ଆନନ୍ଦ ପାଇବା ପାଇଁ। ଦିନରାତି କମ୍ପ୍ୟୁଟର ଏବଂ ମୋବାଇଲରେ ସମୟ ଅତିବାହିତ କରିବା, ଶାରୀରିକ ବ୍ୟାୟାମ କିମ୍ବା ଖେଳ ପ୍ରତି ଧ୍ୟାନ ନଦେବା ଦ୍ୱାରା ମଣିଷ ଧିରେ ଧିରେ ଶାରୀରିକ ତଥା ମାନସିକ ରୋଗଗ୍ରସ୍ତ ହୋଇଯାଉଛି। ଆଜିକାର ସମୟରେ ଏପରି ଏକ ବିଷୟ ଆଲୋଚନା କରାଯିବାର ନିତାନ୍ତ ଆବଶ୍ୟକ। କାରଣ ମଣିଷ କ୍ରୀଡାଦ୍ୱାରା ଶାରୀରିକ ତଥା ମାନସିକ ଭାବରେ ସୁସ୍ଥ ରହିପାରିବ ଏବଂ ଶାରୀରିକ ତଥା ମାନସିକ ସୁସ୍ଥତା ଆସିଲେ ପ୍ରଥମେ ତା ନିଜର ପରେ ସେ ସମାଜର, ଜାତିର, ଦେଶର ମଙ୍ଗଳକାର୍ଯ୍ୟ କରିପାରିବ ଏବଂ ଗୋଟିଏ ଉତ୍ତମ ଦେଶ ଗଢିପାରିବ। ମଣିଷ ତାର କର୍ମଜଞ୍ଜାଳ ଭିତରେ ଏଭଳି ବାନ୍ଧି ହୋଇଯାଉଛି ଯେ ବେଳେବେଳେ ଆତ୍ମହତ୍ୟା କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହିଁ।

ପଶ୍ଚିମ ଓଡିଶାର 'ଲୋକକଳା', 'ଲୋକକଥା', 'ଲୋକନୃତ୍ୟ', 'ଲୋକଗୀତ', 'ଲୋକବାଦ୍ୟ', ଭଳି 'ଲୋକକ୍ରୀଡା', 'ଲୋକସଂସ୍କୃତି' ଅନ୍ତର୍ଗତ। ଲୋକସଂସ୍କୃତି ଏକ ବିଶାଳ ଅଧ୍ୟାୟ। ଆମେ ଲୋକକ୍ରୀଡା ବିଷୟ ଆଲୋଚନା କରିବା ସମୟରେ ଲୋକ, ଲୋକସଂସ୍କୃତି, ଲୋକ ମାନସିକତା ଇତ୍ୟାଦିକୁ ବୁଝିବାକୁ ପଡିବ। କାରଣ

ଏସବୁ ବିଷୟ ଜାଣି ସାରିଲା ପରେ ହିଁ ଏ ଅଞ୍ଚଳରେ ଖେଳାଯାଉଥିବା ଲୋକକ୍ରୀଡାକୁ ଆମେ ଆରାମରେ ଆଲୋଚନା କରିପାରିବା ଏବଂ ପାଠକ ମଧ୍ୟ ତାକୁ ଠିକ ଭାବରେ ବୁଝିପାରିବ। ଏଠାରେ ଆମେ ଏହାର ବିଶେଷ ଆଲୋଚନା କରିବା ନାହିଁ। ଲୋକ କହିଲେ ସାଧାରଣ ମଣିଷ। ସେ ଗ୍ରାମାଞ୍ଚଳରେ ବାସ କରିପାରେ କିମ୍ବା ସହରାଞ୍ଚଳରେ। କାହା ପାଖରେ **'ଲୋକମାନଓ'** ଅଳ୍ପ ପରିମାଣରେ ଦେଖିବାକୁ ମିଳେ ତ କାହା ପାଖରେ ଭରପୁର ଥାଏ। ସଂସ୍କୃତିକୁ ଭଲ ଭାବରେ ହୃଦୟଙ୍ଗମ କରିପାରୁଥିବା, ତା ସହିତ ସମ ପାଦ ଦେଇ ଚାଲିପାରୁଥିବା ବ୍ୟକ୍ତି ପାଖରେ ଲୋକମାନସ ବଳବତ୍ତର ହୋଇ ରହିଥାଏ। ଏହି ଲୋକମାନସ ଲୋକସଂସ୍କୃତିର ତଥା ଲୋକର ଏକ ବିଶେଷ ଅଙ୍ଗ। ତେଣୁ ଯେଉଁ ଜାଗାରେ ଆମେ ଲୋକକ୍ରୀଡା ଦେଖିବାକୁ ପାଉ ସେ ଜାଗାରେ ଲୋକସଂସ୍କୃତି ବଞ୍ଚିଅଛି ବୋଲି କହିପାରିବା କିମ୍ବା ଯେଉଁ ଜାଗାରେ ଲୋକସଂସ୍କୃତି ବଳବତ୍ତର ଅଛି ସେ ଜାଗାରେ ଲୋକକ୍ରୀଡା ଦେଖିବାବାକୁ ମିଳିଥାଏ। 'ଲୋକ', 'ଲୋକସଂସ୍କୃତି' ଏବଂ 'ଲୋକକ୍ରୀଡା' ପ୍ରତ୍ୟେକେ ପ୍ରତ୍ୟେକଙ୍କର ପରିପୂରକ ପରି ମନେହୁଏ। କାରଣ ଲୋକ ପାଖରେ ଲୋକ ମାନସିକତା ବଞ୍ଚି ରହେ ଏବଂ ସେ ଲୋକସଂସ୍କୃତିକୁ ବଞ୍ଚାଇ ରଖେ। ତେଣୁ ଆମେ ଲୋକସଂସ୍କୃତି, ଲୋକ, ଲୋକମାନସର ଅଳ୍ପ ଧାରଣା ପାଇ ସାରିଲା ପରେ ଲୋକକ୍ରୀଡା ବାବଦରେ ଆଲୋଚନା କରିବା ପାଇଁ ମଧ୍ୟ ସହଜ ହେବ। ତେବେ ଲୋକସଂସ୍କୃତିର ଅନ୍ୟାନ୍ୟ ବିଭାଗକୁ ବାଦ୍‌ଦେଇ ଏଠାରେ କେବଳ ଲୋକକ୍ରୀଡାକୁ ହିଁ ଆଲୋଚନା କରାଯିବ। ଆଧୁନିକତାର ପ୍ରଭାବ, କମ୍ପ୍ୟୁଟରର ବିଶେଷ ଚାହିଦା, ମୋବାଇଲର ବ୍ୟବହାର (ମୋବାଇଲ ମାନିଆ), ନିଜକୁ ଯନ୍ତ୍ର ଭଳି ବ୍ୟବହାର କରିବାର ପ୍ରଭାବରେ ଧିରେ ଧିରେ ଲୋକକ୍ରୀଡାଗୁଡିକ ଲୋପ ପାଇବାକୁ ବସିଲାଣି। ତେଣୁ ଏସବୁ ବିଷୟରେ ଆଲୋଚନା କରାଯିବା ନିତାନ୍ତ ଆବଶ୍ୟକ, ଯାହାକି ଏ ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ।

ସାଧାରଣତଃ ଖେଳ ବା କ୍ରୀଡା ଦୁଇ ଭାଗରେ ଖେଳା ଯାଇଥାଏ। ଗୋଟିଏ ଘର ଭିତରେ ଓ ଅନ୍ୟଟି ଘର ବାହାରେ ବା ପଡିଆରେ। ଖେଳ ଭିତରେ ଥାଏ ଉତ୍କଣ୍ଠା, ଉନ୍ମାଦନା, ଉତ୍ତେଜନା, ଉଦ୍‌ବୋଧନା, ପ୍ରୋତ୍ସାହନ ଇତ୍ୟାଦି। କିଏ ଖେଳ ଖେଳିକି ଖୁସି ହୋଇଥାଏ ତ ଆଉ କିଏ ପୁଣି ସେ ଖେଳ ଦେଖିକି କିମ୍ବା ତା ସହିତ ସଂଶ୍ଳିଷ୍ଟ ହେଇ କି ଖୁସି ଅନୁଭବ କରିଥାଏ। ପ୍ରକାରାନ୍ତରେ ମଣିଷ ସମାଜ କ୍ରୀଡା ବା ଖେଳ ଦ୍ୱାରା ଖୁସି ହିଁ ପାଇଥାଏ। ଖେଳ ଭିତରେ ଯେତେବେଳେ ହାର ଜିତ୍‌ର ସମୟ ଆସେ ସେ ସମୟରେ ଜିତିଥିବା ଲୋକ ବହୁତ ଖୁସି ହୁଏ ଏବଂ ହାରିଗଲେ କିଛି ସମୟ ଦୁଃଖ କରେ ଏବଂ ପୁଣି କିଭଳି ଜିତିପାରିବ ତାପାଇଁ ପ୍ରସ୍ତୁତ ହୁଏ। ଘର ଭିତରେ ହେଉ କିମ୍ବା ଘର ବାହାରେ ହେଉ ଖେଳିବା ଦ୍ୱାରା ଆମେ କି କି ଲାଭ ପାଇଥାଉଁ ତାର ଏକ ବିବରଣୀ ତଳେ ଉପସ୍ଥାପନ କରାଗଲା। ଖେଳିବା ଦ୍ୱାରା ଆମେ ମାନସିକ ଚାପରୁ ଦୂରରେ ରହୁ, ପରିବାର ସହିତ ସମୟ ଅତିବାହିତ କରିବାର ସୁଯୋଗ ମିଳେ, ନିଜର ଜ୍ଞାନ ତଥା କୌଶଳର ଦକ୍ଷତା ବଢେ, ଶାରୀରିକ ଏବଂ ମାନସିକ ସୁସ୍ଥତା ଆସେ, ସୃଜନଶୀଳତାକୁ ଉତ୍ସାହିତ କରେ, ହାତ ଏବଂ ଚକ୍ଷୁ (ଆଖି)ର ସମନ୍ୱୟ ରକ୍ଷା କରେ, ରକ୍ତଚାପ କମାଏ, ନୂତନ ଅଭିଜ୍ଞତା ଆଣେ, ନିଜସ୍ୱ କର୍ମକୁ ସ୍ୱତନ୍ତ୍ର ଭାବରେ କରିବାର ଶିଖେ, ଖେଳଦ୍ୱାରା ସଭ୍ୟତା/ ସଂସ୍କୃତି/ପରମ୍ପରା ଶିଖିବାର ସୁବିଧା ସୁଯୋଗ ପାଇଥାନ୍ତି, ହାତ ମାଂସପେଶୀ ଶକ୍ତ ହୁଏ, ସାମାଜିକ ସଂହତିକୁ ବଢାଏ, ଆତ୍ମଦୃଢତାକୁ ବଳବତ୍ତର କରେ, ଜଣେ ଆଉ ଜଣକୁ ବୁଝିପାରେ, ଆବେଗାତ୍ମକତା ବୃଦ୍ଧି ପାଏ, ସମସ୍ୟାର ସମାଧାନ ପାଇଁ ରାସ୍ତା ପାଏ, ନୂଆଁ କିଛି ସୃଷ୍ଟି କରିବାରେ ସହାୟକ ହୁଏ ଇତ୍ୟାଦି। ଉପରୋକ୍ତ ପ୍ରତ୍ୟେକଟି ବିଷୟ ଯେହେତୁ ମଣିଷ ପାଇଁ ସକରାତ୍ମକ ତେବେ ମଣିଷ ସମାଜ ପାଇଁ ସେ ଶିଶୁ, କିଶୋର, ଯୁବକ ତଥା ପ୍ରୌଢ ହେଉ ସମସ୍ତେ କ୍ରୀଡା ପ୍ରତି ଆକର୍ଷିତ ହେବା ତଥା ନିୟମିତ ଖେଳିବା ଉଚିତ।

ଜାତୀୟ ତଥା ଆର୍ନ୍ତଜାତୀୟ ସ୍ତରରେ ଖେଳା ଯାଉଥିବା କ୍ରିକେଟ, ଫୁଟବଲ, ଭଲିବଲ,କବାଡି ଇତ୍ୟାଦି ଖେଳକୁ ସମସ୍ତେ ଦେଖୁଛନ୍ତି, ଖେଳୁଛନ୍ତି, ମନୋରଞ୍ଜନ କରୁଛନ୍ତି। କିନ୍ତୁ ଏଠାରେ ପଶ୍ଚିମ ଓଡିଶାରେ ବର୍ତ୍ତମାନ ମଧ୍ୟ ଖେଳା ଯାଉଥିବା କିମ୍ବା ପୂର୍ବରୁ ଖେଳା ଯାଉଥିବା କେତେଗୋଟି ଖେଳ ବାବଦରେ ଏଠାରେ ଆଲୋଚନା କରାଯିବ। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡିଶାରେ କେବଳ ଝିଅମାନଙ୍କ ଦ୍ୱାରା, କେବଳ ପୁଅମାନଙ୍କ ଦ୍ୱାରା ଏବଂ ପୁଅ ଓ ଝିଅ ଉଭୟଙ୍କ

ଦ୍ୱାରା ଖେଳା ଯାଉଥିବା ଖେଳଗୁଡିକ ହେଲା – ହୁମୋ, କସାଡି, ରସିଡେଗାନି, ଛିଲୋଲାଇ ବା ପୁଚି, ଷୁହ୍ଲେଇ, ଟୁକ, ସମଧେନ ଖେଳ, ଛୁରକି, ଛୋଟ ହଁଡା କି ବଡ ହଁଡା, ଘୋ ଘୋ ରାନୀ, କିତ୍ କିତ୍, କେଲିବାଡି, ବାଟି, ଲୁହାଗବାନି ବା ଗୁଜେରବାଡି, ନଟୁ, ପତାଙ୍ଗୀ ବା ଗୁଡି, ଡାହିମାକଡି, ବାଡିଡେଗାନି, ପଥରନୁରା , ବିଷଅମୃତ, ବାଗଡି (ବାଗ୍ ଛେଲ), ଫୁକୁଡ, କପ୍‌ଟି, କୁଡା ଲୁକାନି ବା ବେଁଟିଆ ଲଗାନି ଇତ୍ୟାଦି । ଲୋକକ୍ରୀଡାର ମୂଳ ଉପକରଣଗୁଡିକ ଆମ ପ୍ରକୃତି ଏବଂ ପରିବେଶରୁ ହିଁ ପ୍ରାପ୍ତ ହୋଇଥାଏ । ଖେଳ ଭିତରେ ବିଜେତା ଦଳ ବେଳେବେଳେ ପରାଜିତ ଦଳ ପାଇଁ ଦଣ୍ଡବିଧାନର ମଧ୍ୟ ବ୍ୟବସ୍ଥା କରିଥାଏ । ପୁଣି ଏହି ନିୟମଗୁଡିକ ବେଳେବେଳେ ଖେଳାଳୀମାନଙ୍କର ନିଜ ନିଜ ଭିତରେ କଥାବାର୍ତ୍ତା ହୋଇ ପରିବର୍ତ୍ତନ ମଧ୍ୟ ହେଇଥାଏ । କାରଣ ଲୋକକ୍ରୀଡାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ଏହାର କୌଣସି ଲିଖିତ ନିୟମାବଳୀ ନଥାଏ । ବରଂ ସମୟ, ଖେଳାଳୀ ଓ ପରିସ୍ଥିତି ଅନୁଯାୟୀ ଖେଳାଳୀମାନେ ନିଜ ନିଜ ଭିତରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ନିୟମରେ ଖେଳକୁ ଆନନ୍ଦପୂର୍ବକ ଖେଳିଥାନ୍ତି ।

ଲୋକକ୍ରୀଡାଗୁଡିକ ବିଭିନ୍ନ ପରିସ୍ଥିତି, ପରିବେଶକୁ ନେଇ ଖେଳା ଯାଇଥାଏ । କେଉଁଠି ମନ୍ଦିର ପ୍ରାଙ୍ଗଣରେ, ପୋଖରୀ ଜଳରେ, ଗଛ ମୂଳରେ, ଘର ସାମନା ଗାଁ ଦାଣ୍ଡରେ, ଖୋଲା ପଡିଆରେ, ବୃକ୍ଷରେ ଖେଳାଯାଇଥାଏ । ଆଲୋଚନା ପରିପ୍ରେକ୍ଷୀରେ କେତେକ ଖେଳ କେବଳ ଝିଅମାନଙ୍କ ଦ୍ୱାରା ଓ ଅନ୍ୟ କେତେକ ଖେଳ କେବଳ ପୁଅମାନଙ୍କ ଦ୍ୱାରା ଏବଂ ବେଳେବେଳେ ଛୁଆମାନେ (ଉଭୟ ପୁଅ ଓ ଝିଅ) ଏକାସାଙ୍ଗରେ ଖେଳିଥାନ୍ତି । ଖେଳ ଖେଳିଲା ସମୟରେ କେତେକ ଜାଗାରେ ଗୀତର ପ୍ରୟୋଜନ ମଧ ହୋଇଥାଏ । ପୁଅମାନଙ୍କର ଖେଳଗୀତ ନିତାନ୍ତ କ୍ଷୁଦ୍ର ଓ ଆବୃତ୍ତଧର୍ମୀ । କିନ୍ତୁ ଝିଅମାନଙ୍କର ଖେଳଗୀତଗୁଡିକରୁ ଅଧିକାଂଶ ହେଉଛି ଗାନପୋଯୋଗୀ ଏବଂ ଅପେକ୍ଷାକୃତ ଦୀର୍ଘ । ଗୀତ ଆବୃତ୍ତି ଦ୍ୱାରା ବାଳକମାନଙ୍କ ମନରେ ପ୍ରେରଣା ଓ ଦେହରେ ବଳ ଦ୍ୱିଗୁଣିତ ହୋଇଥାଏ । କିନ୍ତୁ ଝିଅମାନଙ୍କର ଖେଳଗୁଡିକରେ ପ୍ରେରଣା କିମ୍ବା ବଳର ବିଶେଷ ଦରକାର ହୋଇନଥାଏ । ତେଣୁ ନିମ୍ନରେ ପ୍ରଥମେ କେବଳ ଝିଅମାନଙ୍କର ଦ୍ୱାରା ଖେଳାଯାଉଥିବା ଖେଳଗୁଡିକର ବିଶଦ୍ ବର୍ଣ୍ଣନା ଏଠାରେ କରାଯାଉଅଛି ।

ହୁମୋ :– ଏଥିରେ ଦୁଇଧାଡି ଝିଅ ସାମାନା ସାମନି ପ୍ରତ୍ୟେକେ ନିଜ ନିଜ କାନ୍ଧରେ ହାତ ରଖି ଗୀତର ତାଳେ ତାଳେ ଖେଳ ଖେଳିଥାନ୍ତି । ଦୁଇଧାଡି ଯାକ ପରସ୍ପର ମୁହାଁମୁହିଁ ହୋଇ ଠିଆ ହୁଅନ୍ତି । ଗୋଟିଏ ଦଳ ହୁମୋ ଗୀତ ଗାଇ ଦୁଇ ଚାରି ପାଦ ଆଗକୁ ଯାଇ ପୁଣି ପଛକୁ ଫେରି ଆସନ୍ତି, ଠିକ ସେହିପରି ସାମନାରେ ଥିବା ଅନ୍ୟ ଦଳର ଝିଅମାନେ ସେହି କଥାର ଖଣ୍ଡନ କିମ୍ବା ପ୍ରଶ୍ନ ହୋଇଥିଲେ ତାର ଉତ୍ତର ଦେବା ଛଳରେ ସେମାନେ ମଧ୍ୟ ଦୁଇ ଚାରି ପାଦ ଆଗକୁ ଯାଇ ପୁଣି ପଛକୁ ଫେରିଆସନ୍ତି । ଅନେକ ସମୟ ଧରି ଉଭୟଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ । ଏଥିରେ ଶାରୀରିକ ଶ୍ରମଠାରୁ ମସ୍ତିଷ୍କ ଚାଳନାର ମାତ୍ରା ଅଧିକ ରହିଥାଏ । ଖେଳ ଭିତରେ ବୋଲାଯାଉଥିବା ଗୀତ ସେମାନେ କୌଣସିଠାରୁ ମୁଖସ୍ତ କରିନଥାନ୍ତି ବରଂ ଏହା ପାରମ୍ପରିକ ରୀତିରେ ଆପେ ଆପେ ଗାଇଥାନ୍ତି । ଗୀତ ଭିତରେ କେତେବେଳେ ବାପଘରର ସୁଖ ସମୟର କଥା ପୁଣି ଶାଶୁ ଘରକୁ ଗଲା ପରେ ସେଠାରେ ଗଞ୍ଜଣାର ଦଶାକୁ ସୂଚିତ କରାଯାଇଥାଏ । ଗୀତଗୁଡିକର ଶେଷରେ ବଉଲୀରେ କହି ସମ୍ବୋଧନ କରାଯାଇଥାଏ ଏବଂ ତା ଭିତରେ ପୁଣି ପୁରାଣର ଚରିତ୍ର ବା ଘଟଣା ତଥା ଲୌକିକ ଜୀବନର ସୁଖ-ଦୁଃଖ, ପ୍ରେମ-ପ୍ରଣୟ ଆଦିର ରୂପ ସ୍ଥାନ ପାଇଥାଏ । ହୁମୋ ଗୀତ ମାଧ୍ୟମରେ ଏ ଅଞ୍ଚଳର ଝିଅ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବାହା ହୋଇ ଯିବା ପାଇଁ ସହମତି ପ୍ରକାଶ କରୁନାହିଁ । ଯାହାକୁ ସେ ଗୀତ ମାଧ୍ୟମରେ କହୁଛି –

"ହୁମୋ ନ ନ ନ ନ ଦେଶ ବଉଲୀରେ,
ହୁମୋ ନ ନ ନ ନ ଦେଶରେ
ନ ଖାଉଁ ନ ପିଉଁ ଗୁଆ ପଣସରେ
ନ ଯାଉଁ ତୁମର ଦେଶ ବଉଲୀରେ,
ନ ଯାଉଁ ତୁମର ଦେଶ ।"

ଗୀତ ମଧ୍ୟରେ ଝିଅଟିଏ ତା ବାପଘରେ ଅତିବାହିତ କରୁଥିବା ଜୀବନକୁ ଶୁକ୍ଳପକ୍ଷର ପନ୍ଦର ଦିନ ସହ ଏବଂ ଶ୍ୱଶୁର ଘରକୁ ଗଲା ପରେ କୃଷ୍ଣ ପକ୍ଷ ସହିତ ତୁଳନା କରାଯାଇଅଛି । ଯେପରି –

"କୁସେର ବାରିଁ ଉଦେ ଜନ ବଉଲୀରେ କୁସେର ବାରି ଉଦେ ଜନରେ

ଉଦିଥାରେ ଜନ ପନ୍ଦର ଦିନ ଉଦିଥାରେ ଜନ ପନ୍ଦର ଦିନ
ପଡିବ ହସ୍ତ ବନ୍ଧନ ବଉଲୀରେ ପଡିବ ହସ୍ତ – ବନ୍ଧନରେ।"
କିମ୍ବା,
"ଲାଲଧାନ ଅଧମାନ ବଉଲୀରେ ଲାଲଧାନ ଅଧମାନରେ
ମାଆଁ ଘରେ ଝିଅ ପନ୍ଦର ଦିନ ମାଆଁ ଘରେ ଝିଅ ପନ୍ଦର ଦିନ,
ଶାଶୁ ଘରେ ସବୁଦିନେ ବଉଲୀରେ ଶାଶୁ ଘରେ ହୀନିମାନରେ।"

ଏଠାରେ ଗୋଟିଏ ନାରୀ ଜୀବନର ନିଛକ ଚିତ୍ରକୁ ସେ ଛୋଟଟି ଦିନରୁ ଅନୁଭବ କରି ହୁମୋ ଗୀତ ବା ହୁମୋ ଖେଳ ଦ୍ୱାରା ଉଭୟ ଉଭୟଙ୍କର କଥାବାର୍ତ୍ତା ମାଧ୍ୟମରେ ମନର କଥାକୁ ପ୍ରକାଶ କରିଥାନ୍ତି। ପଶ୍ଚିମ ଓଡିଶାରେ ହୁମୋ ଖେଳକୁ ଅନ୍ୟ ସ୍ଥାନରେ ବାଙ୍ଗ୍‌ରୀ ଗୀତ ବା ଖେଳ ବୋଲି ମଧ୍ୟ କୁହାଯାଇଥାଏ। ବାଙ୍ଗ୍‌ରୀ ଗୀତରେ ମଧ୍ୟ ସେହି ବ୍ୟବଧାନରେ, ସେହି ସମାନ ଆଗକୁ କିମ୍ବା ପଛକୁ ହୋଇ ଖେଳ ଖେଳିଥାନ୍ତି। ଉଭୟ ହୁମୋ ଓ ବାଙ୍ଗ୍‌ରୀ ଖେଳ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ଏଠାରେ ବଉଲୀରେ କିମ୍ବା

ବାଙ୍ଗୁରୀରେ ହେଲା ଗୀତରେ ବ୍ୟବହୃତ ହେଉଥିବା ସମ୍ବୋଧନାତ୍ମକ ବାରମ୍ବାର ଉଚ୍ଚାରିତ ଶବ୍ଦ। ତାର ଏକ ଉଦାହରଣ ନିମ୍ନରେ ଉଦାହୃତ ହୋଇପାରେ। ଯେପରି –

"ହାତୀଗଲା ପତରାକୁ ବାଙ୍ଗୁରୀରେ
କେତେ ପଚାରୁଛ ଜାତିକୂଳକୁ,
କେତେ ପଚାରୁଛୁ ଜାତିକୂଳକୁ ବାଙ୍ଗୁରୀରେ
ସମିପକା ଯାଘରକୁ ବାଙ୍ଗୁରୀରେ।
ଶିଲରେ ବାଟିଲି ମେଥି ବାଙ୍ଗୁରୀରେ
ତୋର ମାଆ ବଲୁଛେ ମୋର ଝିଅ ସତୀ,
ତୋର ମାଆ ବଲୁଛେ ମୋର ଝିଅ ସତୀ ବାଙ୍ଗୁରୀରେ.
ବଲୁଥିସୁ ଅଧରାତି ବଉଲୀରେ।"

ଭାଏ-ବହେନ ଖେଳ : – ହୁମୋ ବା ସମଧେନ ଖେଳ ପରି ଭାଏ-ବହେନ ଖେଳ ଖେଳା ଯାଇଥାଏ। ଏଠାରେ ମଧ୍ୟ ଝିଅମାନେ ଦୁଇ ଦଳରେ ଭାଗ ହେଇଯାଆନ୍ତି। ସାମନା ସାମନି ଦୁଇ ଦଳ ଛିଡା ହୋଇ ପ୍ରଶ୍ନୋତ୍ତର ହେଉ କିମ୍ବା କଥାବାର୍ତ୍ତା ହେଉ ସେମାନେ ଆଗକୁ ପଛକୁ ହେଇ ଖେଳ ଖେଳିଥାନ୍ତି। ଭାଇ ଓ ଭଉଣୀ ଭିତରେ ଥିବା ସମ୍ପର୍କ, ଥଟ୍ଟା କିମ୍ବା ଯେତେବେଳେ ତା ଭଉଣୀ ଶାଶୁଘରକୁ ଯିବ ସେ ସମୟରେ ଭାଇ ତା ଭଉଣୀକୁ କଣ କଣ ଦେବ ସେ ସବୁର ବିଷୟକୁ ଗୀତ ଗାଇଲା ଭଳି ଗାଇ ଗାଇ ଖେଳିଥାନ୍ତି।

ଗୀତ ଭିତରେ କେତେବେଳେ ଶାଶୁଘରର ଦୁଃଖର କଥା, ଯୌତୁକ ଗଞ୍ଜଣାର କଥା ଦର୍ଶାଇଥାନ୍ତି। ଯେପରି –

ଭଉଣୀ – "କାଏଁ କାଏଁ ସାଜୋ ଦେବୁ ଗୋ ଦଦା ଝୁମ୍‌କୁଟା।
ଭାଇ – ଝଲକା ହଲେଁ ଦେମିରେ ବହେନ ଭଲେଁ ଥା।
ଭଉଣୀ - ଆର କାଏଁ ଟା ଦେବୁରେ ଦଦା ଝୁମ୍‌କୁଟା।
ଭାଇ – ଖଗ୍‌ଲା ପତରେ ଦେମିରେ ଦଦା ଭଲେ ଥା।"
ଇତ୍ୟାଦି

ଏଭଳି ଭାବରେ ଭାଇ ଓ ଭଉଣୀର ନିଛକ ଜୀବନର ଚିତ୍ର ଖେଳ ମାଧ୍ୟମରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥାଏ। ଏହି ଖେଳ ଓ ଗୀତ ମାଧ୍ୟମରେ ଶରୀରର ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ସାଙ୍ଗରେ ଶାରୀରିକ କସରତ ମଧ୍ୟ ହେଉଥାଏ।

କଁସାଡି : – ଏହା ମୂଳତଃ ଝିଅମାନେ ହିଁ ଖେଳିଥାନ୍ତି। ଖେଳାଳୀ ସଂଖ୍ୟା ୨ଜଣ ହିଁ ଥାଆନ୍ତି। ପାଖରେ ବସି ଦେଖଣାହାରିଙ୍କ ଏବଂ ଖେଳାଳୀମାନଙ୍କୁ ମଝିରେ ମଝିରେ ବତାଇବା ଏବଂ ଉତ୍ସାହିତ କରିବା ପାଇଁ ଦର୍ଶକଙ୍କର ଭିଡ ଜମେ। କସାଡି ବା ସାତଗାତି ପ୍ରଧାନତଃ ପଥର ବା କାଠରେ ନିର୍ମିତ ହୋଇଥାଏ ଏବଂ ଏହାକୁ ଖେଳିବା ପାଇଁ ତେନ୍ତୁଳି ମଞ୍ଜିର ବ୍ୟବହାର କରାଯାଏ, ଯାହାକୁ କଡା ବୋଲି ମଧ୍ୟ କୁହାଯାଏ। କସାଡିର ଉଭୟ ପାର୍ଶ୍ୱରେ ଦୁଇଜଣ ଖେଳାଳୀ ବସି ସମାନ ଭାବରେ ତେନ୍ତୁଳି ମଞ୍ଜି ବା କଡାକୁ ଭାଗକରି ପ୍ରତ୍ୟେକ ଗାତରେ ୧୨ଟି ଲେଖାଏଁ ଭର୍ତ୍ତି କରନ୍ତି। କେବଳ ସାମନା ସାମନି ଦୁଇଗୋଟି ଗାତ (କଁସାଡି ଗାତ)କୁ ଛାଡି ଦେଇ ନିଜର ଗୋଟିଏ ଗାତର ମଞ୍ଜିକୁ ବାହାର କରି ବାକି ସବୁ ଗାତରେ ଗୋଟିଏ ଗୋଟିଏ କରି ସମାନ ଭାବରେ ବଣ୍ଟନ କରାଯାଏ। ଦୁଇ ମୁଣ୍ଡରେ ଥିବା ଟିକିଏ ବଡ ଗାତକୁ ମାଇ ଗାତ ବୋଲି କୁହାଯାଏ। ତା ପରେ ଉଭୟ ଖେଳାଳୀଙ୍କ ସହମତିରେ କେହି ଜଣେ ଖେଳ ଆରମ୍ଭ କରେ। ନିଜର ଗୋଟିଏ ଗାତର କଡାକୁ ବାହାର କରି ଅନ୍ୟ ସମସ୍ତ ଗାତରେ ତାକୁ ସମାନ ଭାବରେ ବଣ୍ଟନ କରେ। ଯେଉଁ ଗାତରେ ମଞ୍ଜି ସରିଗଲା ପୁଣି ତାର ପର ଗାତର ମଞ୍ଜିକୁ ଉଠାଇ ବଣ୍ଟାଯାଏ। ଏଭଳି ଖେଳୁ ଖେଳୁ ଯଦି କଁସାଡି ଗାତର ପୂର୍ବରୁ ମଞ୍ଜି

ସରିଯାଏ ସେହି ଗାତଟି ଖାଲି ପଡେ ତେବେ ସେଠାରେ ଖେଳାଳୀ କାଣି ହୁଏ କିମ୍ବା କଁସାଡି ବାଡାଏ। ଅର୍ଥାତ କଁସାଡି ଗାତରେ ଯେତେ ମଞ୍ଜି ଥିବ ସେସବୁ ନିଜର ହୋଇଯାଏ। ପୁଣି ଦ୍ୱିତୀୟ ଖେଳାଳୀ ତାର (ଦାନ୍) ଖେଳ ଆରମ୍ଭ କରେ। ନିଜ ପଟର ଗାତଗୁଡିକରେ ଯଦି ୪ଟି ମଞ୍ଜି ହୋଇଗଲା ସେହି ମଞ୍ଜିଗୁଡିକ ନିଜର ହେଇଯାଏ। ୪ଟି ମଞ୍ଜିକୁ ସାରେ କୁହାଯାଏ। ଏଭଳି ଭାବରେ ଖେଳି ଖେଳି ଯେତେବେଳେ ଯାହା ପାଖରେ ବେଶି ମଞ୍ଜି ବା କଡା ରହିଯାଏ ସେ ଜିତିଯାଏ। ଏହି କଁସାଡି ବା ସାତ୍‌ଗାତିକୁ ଆଗରୁ ଗ୍ରାମାଞ୍ଚଳରେ ପାଖାପାଖି ସମସ୍ତ ସ୍ତ୍ରୀଲୋକମାନେ ଖେଳୁଥିଲେ। ଝିଅଟିଏ ଶାଶୁଘରକୁ ଆସିଲା ସମୟରେ ମାଁଘର ଲୋକେ ଝିଅକୁ ଏହି କଁସାଡି ଦେଉଥିଲେ। କାରଣ ସେମାନେ ଜାଣୁଥିଲେ ଝିଅ ତ ବାହାରକୁ ଯିବା ଆସିବାର ବିଶେଷ ସୁଯୋଗ ପାଇବ ନାହିଁ, ତେଣୁ ଏହାକୁ ନେଇଥିଲେ ତାକୁ ସେ ଘର ଭିତରେ ଖେଳି ତାର କର୍ମଜଞ୍ଜାଳ ଜୀବନ ଭିତରୁ ଟିକିଏ ମୁକ୍ତି ପାଇପାରିବ।

ରଶିଡେଗାନି ବା ରଶିଡିଆଁ :- ଏହି ଖେଳ ମଧ୍ୟ କେବଳ ଝିଅମାନଙ୍କ ଦ୍ୱାରା ଖେଳା ଯାଇଥାଏ। ମଫସଲ ଅଞ୍ଚଳରେ ତାକୁ ରଶିଡେଗାନି କୁହାଯାଏ ଏବଂ ସହରୀ ସଭ୍ୟତାରେ ତାକୁ ସ୍କିପିଙ୍ଗ (Skipping) ବୋଲି କୁହାଯାଇଥାଏ। ବର୍ତ୍ତମାନ ବାଳକମାନେ ମଧ୍ୟ ନିଜ ଶରୀରର ବ୍ୟାୟାମ ପାଇଁ ଏହି ରସିଡେଗାନିକୁ ବ୍ୟବହାର କରୁଛନ୍ତି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ସମୟ ବା ସ୍ଥାନ ନଥାଏ। ସ୍କୁଲରେ, ଘରେ, ଘର ବାହାରେ, ପଡିଆରେ ଏହିଭଳି ବିଭିନ୍ନ ସ୍ଥାନରେ ଏହା ଖେଳିଥାନ୍ତି। ଜଣେ, ଦୁଇଜଣ ଅଥବା ଏକାଥରକୁ ଅନେକ ଜଣ ଏହାକୁ ଖେଳିପାରିବେ। ଅନେକ ଖେଳାଳି ଯେତେବେଳେ ଭାଗ ନିଅନ୍ତି ସେତେବେଳେ ଏହା ପ୍ରତିଯୋଗିତାର ରୂପ ନିଏ। ସ୍କୁଲ, କଲେଜମାନଙ୍କରେ ଏହା ଏକ ପ୍ରତିଯୋଗିତା ଭାବରେ ମଧ୍ୟ କରାଯାଇଥାଏ। ପ୍ରତିଯୋଗୀମାନେ ଡେଇଁ ଡେଇଁ ଥକିଯାଇ ଯିଏ ସବା ଶେଷରେ ତା ଦଉଡିକୁ ଡେଇଁବାରେ ବିରାମ ଦିଏ ସେ ପ୍ରଥମ ସ୍ଥାନ ଅଧିକାର କରେ ଏବଂ ଯିଏ ସର୍ବପ୍ରଥମେ ରସି ଡେଇଁବାରୁ (ଦଉଡି ଡେଇଁବାରୁ) ବିରାମ ନିଏ ସେ ଶେଷ ସ୍ଥାନ ଅଧିକାର କରିଥାଏ। ବେଳେବେଳେ ଦୁଇ ଜଣ ସାଙ୍ଗ ଏକାବେଳକେ ସାମାନା ସାମନି ମୁହଁକରି ଏକାଥରକୁ ଗୋଟିଏ ଦଉଡିରେ ଡେଇଁଥାନ୍ତି। ଯେହେତୁ ଗୋଟିଏ ଦଉଡିରେ ଉଭୟେ ଡେଇଁବାର ଥାଏ ତେବେ ସେମାନଙ୍କର ମାନସିକ ସନ୍ତୁଳନ, ଆଖିରେ ଆଖି ମିଶାଇ ଉଭୟେ ଉଭୟଙ୍କୁ ଠିକ ଭାବରେ ବୁଝିପାରବା ଦ୍ୱାରା ଉଭୟଙ୍କର ସନ୍ତୁଳନ ରକ୍ଷାକରି ବହୁ ସମୟ ପର୍ଯ୍ୟନ୍ତ ଡେଇଁପାରନ୍ତି ଏବଂ ଆନନ୍ଦ ମଧ୍ୟ ପାଆନ୍ତି। ଏହି ଖେଳରେ ଝିଅମାନେ ଆନନ୍ଦ ପାଇବା ସାଙ୍ଗରେ ତାଙ୍କର ଶାରୀରିକ ବ୍ୟାୟାମ, ମାନସିକ ସ୍ଥିରତା ତଥା ଏକାଗ୍ରତା ବୃଦ୍ଧି ପାଇଥାଏ। ଆଜିକାର ଝିଅମାନେ ଯେତେବେଳେ ମୋବାଇଲ, କମ୍ପ୍ୟୁଟରରେ ବହୁତ ସମୟ ଅତିବାହିତ କରୁଛନ୍ତି ଏମାନଙ୍କ ପାଇଁ ଏଭଳି ଖେଳ ନିତାନ୍ତ ଆବଶ୍ୟକ। ଏହି ଖେଳ ଆହୁରି ବିଭିନ୍ନ ପ୍ରକାରେ ଖେଳା ଯାଇପାରେ। ଯେମିତି, କେତେବେଳେ ଦୁଇ ଗୋଡକୁ ଉଠାଇ ଡିଆଁଯାଏ (ଦୁଇଗୁଡିଆ), କେତେବେଳେ ଗୋଟିଏ ଗୋଡକୁ ଭାଙ୍ଗି କେବଳ ଗୋଟିଏ ଗୋଡରେ ଡେଇଁ ଡେଇଁ ଖେଳାଯାଏ (ଏକଗୁଡିଆ), ଆହୁରି ପୁଣି କେତେବେଳେ ଦଉଡିକୁ ଛନ୍ଦି, ଏପଟ ସେପଟ କରି ଏହି ଖେଳକୁ ଆନନ୍ଦ ପୂର୍ବକ ଖେଳିଥାନ୍ତି।

ଛିଲୋଲାଇ ବା ପୁଚି :- ମୂଳତଃ ଝିଅମାନଙ୍କ ଦ୍ୱାରା ଖେଳାଯାଇଥିବା ଏହି ଖେଳକୁ ପଶ୍ଚିମ ଓଡିଶାରେ ଛିଲୋଲାଇ ବୋଲି କହୁଥିବା ବେଳେ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହାକୁ ପୁଚି ଖେଳ ବୋଲି କୁହାଯାଇଥାଏ। ଅଳ୍ପ ବୟସର ଝିଅମାନେ ଏହି ଖେଳକୁ ଆନନ୍ଦର ସହ ଖେଳିଥାନ୍ତି। କାରଣ ଛୋଟ ଥିବା ସମୟରେ ସେମାନଙ୍କର ହାତ, ଗୋଡ, ଅଣ୍ଟା ଇତ୍ୟାଦି ଅଙ୍ଗ ପ୍ରତ୍ୟଙ୍ଗ ବହୁତ ନମନୀୟ ଥାଏ ଏବଂ ଏମାନେ ଆରାମରେ ତାହାକୁ ବୁଲେଇ ବୁଲେଇ ଖେଳିପାରିଥାନ୍ତି। କିନ୍ତୁ ବୟସ ବଢିବା ସାଙ୍ଗରେ ମଣିଷର ଓଜନ ବୃଦ୍ଧି, ଶାରୀରିକ ସୁସ୍ଥତା ପାଇଁ ଏହି ଖେଳକୁ ଖେଳିବା କଷ୍ଟକର ହୋଇଥାଏ। ତେଣୁ ଏହାକୁ ଛୋଟ ଛୁଆମାନେ ହିଁ ଆରାମରେ ଖେଳି ପାରନ୍ତି। ଖେଳ ଖେଳିବା ସମୟରେ ପ୍ରତ୍ୟେକ ଝିଅ ପାଇଁ ଏକ ସୀମିତ ଅଞ୍ଚଳ ବା ଗୋଲେଇ ଭିତରେ ସେମାନେ ବସି ଆଣ୍ଠୁମାଡି ଗୋଡକୁ ଏପଟ ସେପଟ ହଲେଇ ହଲେଇ ଅନେକ ସମୟ ଧରି ଖେଳିଥାନ୍ତି। ସେମାନେ ଏହି ଖେଳ ଖେଳୁଥିବା ସମୟରେ ସୁନ୍ଦର ସୁନ୍ଦର ଗୀତମାନ ଗାଇ ଗାଇ ଖେଳୁଥାନ୍ତି। ଯେପରିକି –

"ଛିଲୋଲାଇ,

ଆ ଖେଳମା ବାଇ,
ବାଇ ଗଲା ରୁସି,
ଆ ଗୋ ମା ପିଉସି।
ପନସ ବାଏର କେ ଯାଇଥିଲି,
ପନସ ଗୁଟେ ପାଇଥିଲି,
ସେ ପନସଟା ପିତା,
ବହୁକେ ଲାଗଲା ଚିଁତା।"

ଏଭଳି ଅନେକ ପ୍ରକାରର ଗୀତ ସେମାନେ ବୋଲୁଥାନ୍ତି ଏବଂ ଖେଳୁଥାନ୍ତି। ବେଳେବେଳେ ଏହି ଗୀତଗୁଡିକର କୌଣସି ବିଶେଷ ଅର୍ଥ ନଥାଏ। ପଦକୁ ପଦ ଯୋଡି ଗୀତ ଗାଇବା ଭିତରେ ସେମାନେ ନିଜକୁ ଅଧିକ ସମୟ ଖେଳିବା ପାଇଁ ଶକ୍ତି ସଂଯୋଗ କରୁଥାନ୍ତି ଏବଂ ବିପକ୍ଷ ଖେଳାଳୀମାନଙ୍କୁ ଏହି ଗୀତ ମାଧ୍ୟମରେ ଘାଣ୍ଟି ହରାଇ ପାଇଁ ଚେଷ୍ଟା କରୁଥାନ୍ତି।

ଏହି ଖେଳରେ ଝିଅମାନେ ଯେଉଁ ଭଳି ଭାବେ ନିଜର ଅଣ୍ଟା, ଗୋଇଠି, ପାଦ ତଥା ପାଖାପାଖି ସମସ୍ତ ଶରୀରକୁ ବୁଲେଇ ବୁଲେଇ ଖେଳୁଥାନ୍ତି, ଯଦ୍ୱାରା କି ସେମାନଙ୍କର ଗୋଡର, ଜଂଘର ହାଡ ତଥା ମାଂସପେଶିଗୁଡିକ ମଜ୍‌ବୁତ୍ ହୋଇଥାଏ। ଯାହାକି ପରବର୍ତ୍ତୀ ସମୟରେ ବା ଭବିଷ୍ୟତରେ ସେହି ଝିଅମାନେ ଯେତେବେଳେ ୯ ମାସ ନିଜ ପେଟରେ ଛୁଆଟିଏକୁ ଧାରଣ କରନ୍ତି କିମ୍ବା ପ୍ରସବ ସମୟରେ କଷ୍ଟ ପାଆନ୍ତି ଏହି ଖେଳକୁ ସହି ପାରିବାରେ ସହାୟକ ହୋଇଥାଏ। ଏହି ଖେଳ ଦ୍ୱାରା ସର୍ବାଙ୍ଗ ସଞ୍ଚାଳିତ ହେଉଥିବାରୁ ସେମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ବ୍ୟାୟାମ ହୋଇପାରିଥାଏ। ଏହି ଛିଲୋଲାଇ ଖେଳକୁ ବର୍ତ୍ତମାନ ସ୍କୁଲ କଲେଜମାନଙ୍କରେ ଛାତ୍ରୀମାନଙ୍କ ମଧ୍ୟରେ ଖେଳା ଯାଉଛି ତଥା ପ୍ରତିଯୋଗିତା ମଧ୍ୟ କରାଯାଉଛି। ଖେଳ ଖେଳିବା ଭିତରେ ଝିଅମାନେ ଆହୁରି ମଧ୍ୟ ଗାଉଥାନ୍ତି –

"ହଟାଲିରେ ହଟାଲି,
କୁକୁର ଗୁହୁ ଚଟାଲି।"

ଅର୍ଥାତ, ଜଣେ ଆଉ ଜଣଙ୍କଠାରୁ ଯେତେବେଳେ ବେଶି ସମୟ ଧରି ଛିଲୋଲାଇ ଖେଳି ଅନ୍ୟକୁ ହରେଇ ଦିଏ ସେ ସମୟରେ ଏଭଳି ଏକ ଉକ୍ତି କହି ସେ ଅନ୍ୟମାନଙ୍କୁ ଥଟ୍ଟା କରେ ବା ଚିଡାଏ। ଏହି ଖେଳ ଝିଅମାନଙ୍କ ପାଇଁ ଭାରି ଉପାଦେୟ ଅଟେ।

ଷୁହ୍ଲେଇ : – ଏହା ମଧ୍ୟ ଝିଅମାନଙ୍କଦ୍ୱାରା ହିଁ ଖେଳା ଯାଇଥାଏ। ୪ ରୁ ୫ ଜଣ ଝିଅ ଏହାକୁ ଏକା ସାଙ୍ଗରେ ଖେଳିପାରିବେ। ଏକାଥରକୁ ୫୦ ରୁ ୧୦୦ ଗୋଟି ତେନ୍ତୁଳି ମଞ୍ଜି ବା କଡା ମାଟିରେ ବିଛେଇ ଦିଆଯାଏ। ନିଜ ନିଜ ଭିତରେ ବୁଝାମଣା କରି ଖେଳ ଖେଳା ହୁଏ କିମ୍ବା ସମସ୍ତେ ହାତ ପାପୁଲିକୁ ତା ଉପରେ ଉପରେ ରଖି ଥରକୁ ଉଠାଇ କେଉଁଟା ବେଶି ସିଧା ପଟ ଏବଂ କେଉଁଟା ଓଲଟା ପଟ ହିସାବ କରାଯାଏ। ଏଭଳି ଭାବରେ ଶେଷରେ ଯେଉଁ ଗୋଟିଏ ହାତ ବଞ୍ଚିଯାଏ ସେ ହିଁ ପ୍ରଥମେ ଖେଳ ଆରମ୍ଭ କରେ। ପ୍ରଥମ ଖେଳାଳୀ ଗୋଟିଏ ଗୁଟ ବା ତେନ୍ତୁଳି ମଞ୍ଜିକୁ ନେଇ ଖେଳ ଆରମ୍ଭ କରେ। ସେହି ଗୋଟିଏ କଡାକୁ ଉପରକୁ ଫିଙ୍ଗେ ଏବଂ ତଳେ ବିଛେଇ ହେଇ ପଡିଥିବା ତେନ୍ତୁଳି ମଞ୍ଜିଗୁଡିକୁ ଗୋଟିଏ ଗୋଟିଏ କରି ସାବଧାନତାର ସହିତ ଉଠାଏ। ଉଠାଇବା ସମୟରେ ଗୋଟିଏ ହିଁ କଡା କେବଳ ଉଠାଇ ପାରିବେ। ଅନ୍ୟ କୌଣସି ମଞ୍ଜିରେ ଯଦି ହାତ ବାଜିଯାଏ ତେବେ ସେ ଖେଳରୁ ବାହାରିଯାଏ ଓ ଦ୍ୱିତୀୟ ଖେଳାଳୀ ଖେଳିବାର ସୁଯୋଗ ପାଏ କିନ୍ତୁ ଯେତେ ସମୟ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ କରି ଉଠାଉଥିବ ସେ ସମୟରେ କୌଣସି ମଞ୍ଜିରେ ହାତ ବାଜେନାହିଁ ସେ ସମୟ ପର୍ଯ୍ୟନ୍ତ ସେ ଖେଳୁଥାଏ ଏବଂ ନିଜର କଡା ବା ମଞ୍ଜି ସଂଖ୍ୟା ବଢେଇ ଚାଲେ। ଏହି ଭାବରେ ୪ କଡା (ମଞ୍ଜି) ରେ ସାରେ ବା (pair) ବା ୧ ହଳ ହୁଏ। ଏମିତି ଭାବରେ ୪ ସାର ହେଲେ ୧ ଷୁହ୍ଲେଇ ହୋଇଥାଏ। ଅର୍ଥାତ ୧ ସାର ଗୁଣନ ୪ ସାର ସମାନ ୧୬ ଗୋଟି କଡା ବା ମଞ୍ଜି ଓ ୧୬ ଗୋଟି କଡା ମାନେ ୧ ଷୁହ୍ଲେଇ। ଏଭଳି ଭାବରେ ଯିଏ ଯେତେ ବେଶି ଷୁହ୍ଲେଇ ଜିତେ ସେହି କ୍ରମରେ ସେମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇଥାନ୍ତି। ମୂଳତଃ ଏହା ଘର ଭିତରେ ଖେଳାଯାଏ ଏବଂ ଖେଳୁଥିବା ଖେଳାଳୀ ଯେତେ ଆନନ୍ଦ ପାଏ ପାଖରେ ବସି ଦେଖୁଥିବା ଦର୍ଶକ ବି ବେଳେବେଳେ ଉଞ୍ଚେଜିତ ହୋଇ ନିଜେ ନିଜକୁ ଖେଳାଳୀ ଭାବିନିଏ ଓ ବେଶି ଖୁସି ଅନୁଭବ କରେ।

ଟୁକ : – ଏହି ଖେଳ ଘର ଭିତରେ, ଘରକୁ ଲାଗିଥିବା ପିଣ୍ଡାରେ ଖେଳାଯାଇଥାଏ। ଏଠାରେ ୪ ଜଣ ଝିଅ ଖେଳାଳୀ ହିଁ ଏକାଥରକୁ ଖେଳିପାରିବେ। ଗୋଟିଏ ବଡ ବର୍ଗକ୍ଷେତ୍ର ଭିତରେ ୨୫ ଗୋଟି ଛୋଟ ବର୍ଗକ୍ଷେତ୍ର ମାଟିରେ ଚିତ୍ର ଅଙ୍କନ

କରାଯାଏ। ୪ ଜଣଙ୍କ ପାଇଁ ୪ ଗୋଟି ଛକି ବିଶିଷ୍ଟ ନିଜସ୍ୱ ଘର କରିଦିଆଯାଏ ଏବଂ ପ୍ରତ୍ୟେକ ନିଜସ୍ୱ ଛକି ଘର ଉପରେ ଅର୍ଦ୍ଧ ବୃତ୍ତାକାର ଗୋଲେଇ ଅଙ୍କାଯାଏ। ସେହି ଅର୍ଦ୍ଧ ବୃତ୍ତାକାର ଗୋଲେଇରେ ନିଜର ଖେଳ ସାମଗ୍ରୀ ରଖାଯାଏ। ଚାରି ଜଣଙ୍କ ଭିତରେ କଥାବାର୍ତ୍ତା ହେଇ କେହି ଜଣେ ପ୍ରଥମେ ଖେଳିବାର ଆରମ୍ଭ କରେ। ତେନ୍ତୁଳି ମଞ୍ଜିରେ ହିଁ ଦାନ ଖେଳାଯାଏ ଏବଂ ଭିତରେ ଟୁକୁଡା ଚୂଡି କିମ୍ବା ଛୋଟ ପଥର ଖଣ୍ଡ ବା ଗେଟିରେ ଖେଳାଯାଏ। ଖେଳକୁ ଖେଳିବା ପାଇଁ ୪ ଗୋଟି ତେନ୍ତୁଳି ମଞ୍ଜିର ବ୍ୟବହାର କରାଯାଏ। ତାକୁ ଦୁଇ ଫାଳ କରାଯାଏ ବା ଖଦଡା ଯାଗାରେ ଘସି ଘସି ଗୋଟିଏ ପଟ ଧଳା ଓ ଅନ୍ୟ ପଟଟି କଳା ରହେ। ୪ ଟି ମଞ୍ଜିକୁ ଯେତେବେଳେ ଖେଳାଳୀ ପକାଏ ସେଠାରୁ ତାର ଗଣନା କରି ସେହି ଭଙ୍ଗା ଚୂଡିକୁ ନିଜ ଘରଠାରୁ ଗଣି ଗଣି ଆଗକୁ ବଢାଇବାକୁ ହୁଏ ଏବଂ ସେହି ଚୂଡି ଖଣ୍ଡକୁ ବୁଲି ବୁଲି ମଝିରେ ଥିବା ଘରକୁ ପହଞ୍ଚାଇବାକୁ ପଡେ। ଯିଏ ପ୍ରଥମେ ପହଞ୍ଚେ ସେ ବିଜୟୀ ହୋଇଥାଏ। ଏଭଳି ଭାବରେ ଜଣେ ଜଣେ କରି ଜିଣିଥାନ୍ତି। ଧରାଯାଉ ୩ ଟି ଧଳା ପାର୍ଶ୍ୱ ଏବଂ ୧ ଟି କଳା ପାର୍ଶ୍ୱର ମଞ୍ଜି ପଡିଲେ ୩ ଟୁକ ବା ୩ ପାଦ ଆଗକୁ ବଢାଏ। ସେହିପରି ଚାରୋଟି ଯାକ ମଞ୍ଜି କଳା ପଡିଗଲେ ୮ ପାଦ ଆଗକୁ ବଢିବ ଏବଂ ୪ ଗୋଟି ଯାକ ମଞ୍ଜି ଯଦି ଧଳା ପଡେ ତେବେ ୧୨ ପାଦ ଆଗକୁ ବଢିବାର ସୁଯୋଗ ମିଳେ। ଏଭଳି ଭାବରେ ପ୍ରତ୍ୟେକଙ୍କର ପାଳି ଅନୁଯାୟୀ ଖେଳ ଖେଳନ୍ତି ଏବଂ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥାନ୍ତି।

ସମଧେନ ଖେଳ : – ହୁମୋ ଖେଳ ଭଳିଆ ପଶ୍ଚିମ ଓଡିଶାରେ ସମଧେନ ଖେଳ ଖେଳା ଯାଇଥାଏ। ହୁମୋ ଭଳିଆ ଦୁଇ ଧାଡି ହୋଇ ଝିଅମାନେ ଠିଆ ହୋଇ ଗୀତ ମାଧ୍ୟମରେ ଆଗକୁ ଯାଇ ସେଠାରୁ ଡେଇଁ ପୁଣି ନିଜ ସ୍ଥାନକୁ ଫେରିଆସନ୍ତି। ଏହି ଡେଇଁବା ହୁମୋ ଖେଳରେ ବିଶେଷତଃ ଦେଖିବାକୁ ମିଳେ ନାହିଁ। ଯେହେତୁ ଏହି ଖେଳର ଶୀର୍ଷକ ସମଧେନ ଖେଳ ତେଣୁ ପରସ୍ପର ଦଳର ଝିଅମାନେ ଗୋଟିଏ ଦଳ ଝିଅର ମାଁ ହେଲେ ଅନ୍ୟ ଦଳଟି ବାପାର ମାଁ ହୋଇଥାନ୍ତି। ପରେ ଉଭୟଙ୍କ ମଧ୍ୟରେ ଗୀତ ମାଧ୍ୟମରେ ଖେଳ ଆରମ୍ଭ ହୁଏ। ଯେପରି –

"ପୁଅ ମାଁ ଦଳ – ବହ ଦିଅ ସମଧେନ ବହ ଦିଅ।
ଝିଅ ମାଁ ଦଳ – ରାନ୍ଧି ବାଢୀ ନାଇଁ ଜାନଲେ କାଏଁ ଦେମୁ ଝିଅ ସମଧେନ କାଏଁ ଦେମୁ ଝିଅ।
ପୁଅ ମାଁ ଦଳ – ରନ୍ଧାବଢା ଶିଖେଇ ଦେମୁ ବହ ଦିଅ ସମଧେନ ବହ ଦିଅ।
ଝିଅ ଦଳ ମାଁ – ଯୁରା ବୁହି ନାଇଁ ଜାନଲେଁ କାଏଁ ଦେମୁ ଝିଅ ସମଧେନ କାଏଁ ଦେମୁ ଝିଅ।
ପୁଅ ମାଁ ଦଳ – ଯୁରା ବୁହା ଶିଖେଇ ଦେମୁ ବହ ଦିଅ ସମଧେନ ବହ ଦିଅ।"

ଏଭଳି ଭାବରେ ପ୍ରଶ୍ନୋତ୍ତର ବା ଥଟ୍ଟା ତାମସାରେ ଉଭୟ ଦଳ ଖେଳ ପ୍ରଦର୍ଶନ କରି ଗୀତ ମାଧ୍ୟମରେ ମନୋରଞ୍ଜନ କରିଥାନ୍ତି। ଖେଳ ଭିତରେ ଏହି ଗୀତ ମାଧ୍ୟମରେ ମା ଘରୁ ଶାଶୁ ଘରକୁ ଗଲେ ଗୋଟିଏ ବୋହୂକୁ କି କି କାମ କରିବାକୁ ପଡିପାରେ ଏବଂ ଝିଅ ତାର ମା ଘରେ ସେସବୁ କାମ ଶିଖିଥାଉ କିମ୍ବା ନଥାଉ ଶ୍ୱଶୁର ଘର ଲୋକେ ତାକୁ ସବୁ କଥା ଶିଖେଇଦେବେ ବୋଲି ପ୍ରତିଶ୍ରୁତି ଦେଉଥାନ୍ତି। ଯାହାକି ପଶ୍ଚିମ ଓଡିଶାରେ ଖେଳ ମାଧ୍ୟମରେ ବାସ୍ତବିକ ଜୀବନର କଥା ତଥା ଜୀବନଶୈଳୀ ଭିତରେ ଦେଖିବାକୁ ମିଳିଥାଏ।

ଛୁରକି ଖେଳ : – ଏହି ଖେଳରେ ଦୁଇ ଜଣ ଝିଅ ସାମାନା ସାମନି ମୁହଁ କରି ଠିଆ ହୋଇ, ଅଣ୍ଟାରେ ହାତ ଦେଇ ନିଜର ଦୁଇ ପାଦକୁ ଯୋଡି ଆଗକୁ ଏବଂ ପଛକୁ ଡେଇଁ ଡେଇଁ ଗୀତ ଗାଇ ଗାଇ ଆନନ୍ଦପୂର୍ବକ ଖେଳୁଥାନ୍ତି। ଯେପରି –

"ଛୁର୍ ଛୁର୍ ଛୁରକି
ଲିଆ ଭଜା ଭୁରକି।
ମୋର ବିହାକେ ଆଏବୁରେ
ବନା ଲୁଗା ପିନ୍ଧବୁରେ .....।"

ଖେଳ ଖେଳିବାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ। ଏଠାରେ ମଧ୍ୟ ପୁଅ ଘର ଏବଂ ଝିଅ ଘର ଦୁଇ ପଟର ହୋଇ ଖେଳିଥାନ୍ତି। ପୁଅ ଘର ତରଫରୁ ଝିଅକୁ କୁହାଯାଉଛି ଯେ ତୁ ବନା ଲୁଗା ବା ବନ୍ଦାପନା ଲୁଗା ବା ବାହାଘରିଆ ଲୁଗା ପରିଧାନ କରି ଆସିବୁ। ଏଥିରେ ଅନେକ ସମୟ ଧରି ଡେଇଁ ଡେଇଁ ଖେଳିବା ଦ୍ୱାରା ଝିଅମାନଙ୍କର ମାଂସପେଶୀ ମଜବୁତ୍ ହୋଇଥାଏ ଏବଂ ସେମାନେ ଘରର ଅନ୍ୟାନ୍ୟ କାମ କରିବା ପାଇଁ ଦୁର୍ବଳ ହୋଇପଡନ୍ତି ନାହିଁ।

ଛୋଟ ହଁଡା କି ବଡ ହଁଡା : – ଏହି ଖେଳକୁ ୬ ରୁ ୭ କିମ୍ବା ୧୦ ଜଣ ପର୍ଯ୍ୟନ୍ତ ଝିଅ ଏକା ସାଙ୍ଗରେ ଖେଳିପାରନ୍ତି। ଏହା ଘର ପ୍ରାଙ୍ଗଣରେ କିମ୍ବା ପଡିଆରେ ମଧ୍ୟ ଖେଳାଯାଏ। ଗୋଟିଏ ଗୋଲେଇ ଟଣାଯାଏ ଏବଂ ତା ପାଖରେ ୪/୫ ଫୁଟ ଦୂରରେ ଆଉ ଗୋଟିଏ ଗାର ଟଣାଯାଏ। ଖେଳରେ ପ୍ରଥମେ ସମସ୍ତେ ଗୋଟିଏ ହାତର ପାପୁଲିକୁ ଉପରକୁ ଉପର ରଖି ଏକାଥରକୁ ଉଠାଇ ପୁଣି ଦେଖାଇବାକୁ ପଡେ। ୧୦ ଜଣଙ୍କ ଭିତରୁ ଯଦି ୫ ଜଣ ପାପୁଲିର ସିଧା ପଟ ଦେଖାଇଲେ ତେବେ ସେମାନେ ବାହାରିଲେ ଏବଂ ପୁଣି ସେହି ପାପୁଲି ଉଠାଇ ଦେଖାଇବାକୁ ପଡେ। ପୁନର୍ବାର ଯଦି ୪ ଜଣଙ୍କର ପାପୁଲି ସିଧା ହୋଇଥାଏ ଏବଂ ଜଣକର ହାତ ପାପୁଲି ଯଦି ଓଲଟା ହୁଏ ତେବେ ତାର ହିଁ ପାଳି ପଡେ ବା ଦାନ୍ ହୁଏ। ଅର୍ଥାତ ସେ ଜଣକ ଖେଳ ଖେଳିବାର ଆଉ ବିଶେଷ ସୁଯୋଗ ପାଏ ନାହିଁ। ଅନ୍ୟ ଖେଳାଳୀମାନେ ଗୋଲେଇ ଭିତରେ ଥିବା ଖେଳାଳିକୁ ପଚାରନ୍ତି କେଉଁ କେଉଁ ପତ୍ର ତୋଳିକି ଆଣିବୁ? ସେ ଜଣକ ସେହି ଗୋଲେଇ ଭିତରେ ରହେ ଏବଂ ଅନ୍ୟ ୮ / ୯ ଜଣଙ୍କୁ ଆଖ ପାଖରେ ଥିବା ପ୍ରତ୍ୟେକ ପତ୍ରର ନାଁ କହି ବିଭିନ୍ନ ପ୍ରକାର ପତ୍ର ତୋଳି ଆଣି ଦେବାକୁ କହିଥାଏ। ପ୍ରତ୍ୟେକେ ଆଖ ପାଖରେ ଦୌଡା ଦୌଡି କରି ସେଠାରେ ମିଳୁଥିବା ଏବଂ ଗୋଲେଇ ଭିତରେ ଥିବା ଝିଅଟିର ଆଦେଶାନୁସାରେ ପତ୍ରଗୁଡିକୁ ସଂଗ୍ରହ କରି ପୁଣି ଦୌଡିକରି ଆସି ସେ ଗାର ପାଖରେ ଠିଆ ହୋଇ ଆଣିଥିବା ପତ୍ରକୁ ସେ ଗୋଲେଇ ଭିତରକୁ ଫିଙ୍ଗିବାକୁ ପଡିଥାଏ। ସମସ୍ତେ ପତ୍ର ଆଣି ଗୋଲେଇ ଭିତରକୁ ଫିଙ୍ଗିଦେଲେ ଗୋଲେଇ ଭିତରେ ଥିବା ଝିଅଟି ପୁଣି ଥରେ ସେ ଭିତରେ ରହିଯାଏ ଏବଂ ଅନ୍ୟମାନଙ୍କୁ ପୁଣି ଖେଳିବାର ସୁଯୋଗ ମିଳେ। ଖେଳ ଆରମ୍ଭରୁ ହାତ ପାପୁଲିକୁ ଓଲଟାଇବା ସମୟରେ ପ୍ରତ୍ୟେକେ ଛୋଟ ହଁଡା କି ବଡ ହଁଡା ଶବ୍ଦ ଉଚ୍ଚାରଣ କରି ଖେଳିଥାନ୍ତି। ଏଠାରେ ଗୋଲେଇ ଭିତରେ ଥିବା ଝିଅଟିକୁ ଛାଡିଦେଲେ ବାକି ସମସ୍ତେ ହସ ଖୁସିରେ ଖେଳିଥାନ୍ତି ଏବଂ ସେ ଏକା ତା ଭିତରେ ରହି କେବଳ ବିରକ୍ତ ହୋଇଥାଏ। ଗୋଲେଇ ଭିତରେ ଥିବା ଝିଅଟି ଯଦି ଭାବୁଥାଏ ଯେ ସେ ଗୋଲେଇ ଭିତରେ ଆରାମରେ ଅଛି ତେବେ ସିଏ ଉପଯୁକ୍ତ ଖେଳାଳୀ ନୁହେଁ। ସେ ଆଉ ଖେଳର ମଜା ନେଇପାରେ ନାହିଁ। ଏଥିରେ ମଧ୍ୟ ଦୌଡା ଦୌଡି କରି ଯିବା ଆସିବାରେ ଝିଅମାନଙ୍କର ଶାରୀରିକ ବ୍ୟାୟାମ ଭଲ ଭାବରେ ହୋଇଥାଏ।

ଉପରେ ଆଲୋଚିତ ଖେଳଗୁଡିକ କେବଳ ଝିଅମାନଙ୍କ ଦ୍ୱାରା ଖେଳା ଯାଉଥିବା ବେଳେ ଆହୁରି ଏଭଳି ଆଞ୍ଚଳିକ ଖେଳଗୁଡିକ ଯାହାକି କେବଳ ପୁଅମାନଙ୍କ ଦ୍ୱାରା ଖେଳାଯାଇଥାଏ। ସେଗୁଡିକର ବିଶଦ ଆଲୋଚନା ନିମ୍ନରେ କରାଯାଉଛି। ଝିଅମାନଙ୍କର ଖେଳରେ ବିଶେଷ ଭାବରେ ଯେଭଳି ଦଣ୍ଡବିଧାନ ନଥାଏ ପୁଅମାନଙ୍କ ପାଖାପାଖି ପ୍ରତ୍ୟେକ ଖେଳରେ ଦଣ୍ଡବିଧାନ ରହିଅଛି। ଯେପରି –

କେଲିବାଡି : – ଏହି ଖେଳ ପଡିଆରେ ହିଁ ଖେଳା ଯାଇଥାଏ। ଏଥିରେ ଯେତେଜଣ ପିଲା ହେଲେ ମଧ୍ୟ ଖେଳିପାରିବେ। ପଡିଆରେ ଗୋଟିଏ ଜାଗାରେ ୧୫ ରୁ ୨୦ ସେଣ୍ଟି ମିଟର ବିଶିଷ୍ଟ ଡଙ୍ଗା ଭଳିଆ ଗୋଟିଏ ଗାତ କରାଯାଏ। ଖେଳ ସାମଗ୍ରୀ ଭାବରେ ଗୋଟିଏ ଦେଢ ଫୁଟର ବାଡି ଏବଂ ଆଉ ଗୋଟିଏ ୧୦ ରୁ ୧୫ ସେଣ୍ଟି ମିଟର ବିଶିଷ୍ଟ ଛୋଟିଆ ବାଡି ବା କାଠ ଖଣ୍ଡ ଯାହାର ଦୁଇ ପଟ ଗୋଟିଆ ରହିଥାଏ ଏବଂ ମଝି ଭାଗଟା ସମାନ ରହିଥାଏ। ଯେତେଜଣ ଖେଳାଳୀ ଥିବେ ସମସ୍ତଙ୍କୁ ଗୋଟିଏ ନମ୍ବର ଦିଆଯାଇଥାଏ (୧, ୨, ୩, ୪ ଇତ୍ୟାଦି)। ଜଣେ ଖେଳାଳୀର ପଛପଟ ପିଠିରେ ଆଉ ଜଣେ ଆଙ୍ଗୁଠିରେ ବିଭିନ୍ନ ନମ୍ବର (ଅଙ୍କ) ଦେଖାଇବ ଯାହାକି ଅନ୍ୟମାନେ ସମସ୍ତେ ଦେଖୁଥିବେ ଏବଂ ପଛ କରି ଠିଆ ହୋଇଥିବା ପିଲାଟି ଗୋଟିଏ ଗୋଟିଏ କରି ନମ୍ବର କହିବ। ପଛରେ ଦେଖାଇଥିବା ନମ୍ବର ଆଉ ସେ କହୁଥିବା ନମ୍ବର କେତେବେଳେ ଯଦି ସମାନ ହୁଏ ତେବେ ସେହି ନମ୍ବର ପାଇଥିବା ଖେଳାଳୀ କ୍ରମାନ୍ୱୟରେ ସ୍ଥାନ ପାଏ। ତା ପରେ ଖେଳ ଆରମ୍ଭ ହୁଏ। ପ୍ରଥମ ଖେଳାଳୀ ସେହି ଛୋଟ କାଠଟିକୁ ବା କେଲି ସେହି ଗାତ ସାମନାରେ ରଖି ତାକୁ ଜୋରରେ ସାମନାରେ ଥିବା ପିଲାମାନଙ୍କୁ ବଞ୍ଚାଇ ଦୂରକୁ ଫିଙ୍ଗିବାକୁ ଚେଷ୍ଟା କରେ। ଯେମିତିକି ସାମନାରେ ଥିବା ପିଲାମାନେ ତାକୁ ଉପରୁ ଉପରୁ ଧରି ନ ପକାନ୍ତି। ସାମନାରେ ଥିବା ଖେଳାଳୀମାନେ ସେହି କେଲିକୁ ତଳେ ନପଡିବା ପୂର୍ବରୁ ହାତରେ ଧରି ପକାଇଲେ ସେ ଖେଳାଳୀ ଖେଳରୁ ବାହାରିଯାଏ। ତା ବଦଳରେ ଦ୍ୱିତୀୟ ସ୍ଥାନରେ ଥିବା ଅନ୍ୟ ଜଣେ ଖେଳାଳୀ ପୁଣି ସେହି ଗାତ ପାଖକୁ ଖେଳିବା ପାଇଁ ଯାଏ। ସାମନାରେ ଥିବା ଖେଳାଳୀମାନଙ୍କ ପାଖରେ ଯଦି କେଲି ତଳେ ପଡିଗଲା ତେବେ ସେମାନଙ୍କ

ମଧ୍ୟରୁ ଜଣେ ସେହି କେଲିକୁ ଗାତ ପାଖରେ କିମ୍ବା ଗାତର ମଧ୍ୟ ଭାଗରେ ଥିବା ଦେଢ ଫୁଟିଆ ବାଡିଟି ପାଖକୁ ଫିଙ୍ଗିବେ। ଯଦି କେଲିଟା ବାଡିରେ ବାଜିଯାଏ ତେବେ ମଧ୍ୟ ଖେଳଳୀ ଖେଳରୁ ବାଦ ପଡେ। କିନ୍ତୁ ଯଦି କେଲି ଯାଇ ବାଡିରେ ନ ବାଜେ ତେବେ ସେଠାରୁ ସେହି ଦେଢ ଫୁଟିଆ ବାଡିରେ ସେହି ଛୋଟ କେଲିକୁ ୩ ଥର ଜୋରରେ ମାରି ଦୂରକୁ ପଠାଇବାକୁ ଚେଷ୍ଟା କରେ। ମାରିଲା ବେଳେ ଯଦି ସେହି ଛୋଟ କେଲିଟା ଉପରକୁ ଉଠିଲା ସମୟରେ କେହି ଅନ୍ୟ ଖେଳାଳୀ ତାକୁ ଉପରେ ଉପରେ ନିଜ ହାତ ମୁଠାକୁ ନେଇଯାଏ ତେବେ ମଧ୍ୟ ଖେଳାଳୀ ଖେଳରୁ ବାହାର ହେବାକୁ ପଡେ। ଯଦି ୩ ଥର ଭିତରେ ମାରୁଥିବା ଖେଳାଳୀ ବଞ୍ଚିଗଲା ତେବେ ଦୂରରେ ପଡିଥିବା କେଲିକୁ ଅନ୍ୟ ଖେଳାଳୀମାନେ ନିଜର ମୁଣ୍ଡ ଉପରେ ସାବଧାନତାର ସହିତ ବୋହି ଆଣି ସେହି ଛୋଟ ଗାତ ପାଖରେ ପକାନ୍ତି। ଯଦି ସେହି କେଲି ଗାତର ଦେଢ ଫୁଟ ଭିତରେ ପଡେ ତେବେ ସେ ଖେଳାଳୀ ଖେଳରୁ ବାହାରିଯାଏ। କାରଣ ସେହି ଦେଢ ଫୁଟିଆ ବାଡିରେ ତାକୁ ମପା ଯାଏ। ସେହି ବାଡିରେ ଯଦି ଗାତ ଠାରୁ କେଲିର ଦୂରତ୍ୱ ଦେଢ ଫୁଟରୁ ବେଶି ହେଇଯାଏ ତେବେ ସେହି ଖେଳିଥିବା ଖେଳାଳୀ ସେମାନଙ୍କୁ ପୁଣି ହଇରାଣ କରେ। ଏହି ମୁଣ୍ଡରେ ବୋହିକି ଆଣୁଥିବାକୁ ପିଦ୍‌ବା ବା ଦଣ୍ଡ (Punishment) କୁହାଯାଏ। ଯାହାକି ଖେଳକୁ ଆହୁରି ଆକର୍ଷଣୀୟ କରିଥାଏ। ଏହି ଖେଳ ଖେଳିବାକୁ ମା ବାପାମାନେ ଅନେକ ଥର ମନା କରିଥାନ୍ତି। କାରଣ ଏଥିରେ ଖେଳା ଯାଉଥିବା ସମୟରେ ଟିକିଏ ଅସାବଧାନ ହେଲେ ଛୋଟ କାଠ ଖଣ୍ଡ ଜୋରରେ ଆସି ଆଖି, ନାକ ଆଦିରେ ବାଜି କ୍ଷତି ପହଞ୍ଚାଇଥାଏ। ତଥାପି ବାଲ୍ୟ ସମୟରେ ମା ବାପାଙ୍କର କଥା ନ ମାନି ଏହି ଖେଳ ଖେଳିବାର ମଜାକୁ ଉପଭୋଗ କରିଥାନ୍ତି। ଏହାକୁ ଆମେ ଆଧୁନିକତାର ସ୍ୱରରେ କ୍ରିକେଟ ଖେଳର ପୂର୍ବାରମ୍ଭ ବୋଲି କହିପାରିବା।

ବାଟି : – ଏହା କେବଳ ପିଲାମାନଙ୍କ ଦ୍ୱାରା ହିଁ ଖେଳା ଯାଇଥାଏ। କାଚ ତିଆରି ଏବଂ ଚିନା ମାଟି ତିଆରି ବାଟିରେ ହିଁ ଏହି ଖେଳ ହୋଇଥାଏ। ଏହାକୁ ସାଧାରଣତଃ ଚାରି ପାଞ୍ଚ ପ୍ରକାରର ଖେଳା ଯାଇଥାଏ। ଯଥା – ଗୁଲେଇ, ଟି, ବର ଦା, ଚୋରସ, ଇତ୍ୟାଦି।

୧ – ଗୁଲେଇ – ଏଥିରେ ୪ ରୁ ୫ କିମ୍ବା ୬ ଜଣ ପର୍ଯ୍ୟନ୍ତ ପିଲା ଏକାଥରକୁ ଖେଳିପାରନ୍ତି। ଏହା ମଧ୍ୟ ଖୋଲା ପଡିଆରେ ଖେଳା ଯାଇଥାଏ। ୩ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ଗୋଲେଇ ଅଙ୍କାଯାଏ। ତା ପରେ ଗୋଲେଇର ଭିତରେ ୧ ଫୁଟ୍ ତଳକୁ ଗୋଟିଏ ଗାର ଗୋଲେଇର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଛୁଇଁ ଟଣାଯାଏ। ଆଉ ଗୋଟିଏ ଗାର ଗୋଲେଇର ବାହାରେ ୩ ରୁ ୪ ଫୁଟ ଦୂରରେ ଟଣାଯାଏ। ଗୋଲେଇର ବାହାରେ ଥିବା ଗାର ପଛରୁ ପ୍ରତ୍ୟେକ ଖେଳାଳୀ ଗୋଲେଇ ଭିତରେ ଥିବା ଗାର ପାଖକୁ ନିଜର କାଚ ବାଟିଗୁଡିକୁ ଜଣେ ଜଣେ କରି ଫିଙ୍ଗିବେ। ଯାହାର ବାଟି ଗୋଲେଇ ଭିତରେ ଥିବା ଗାରର ଯେତେ ପାଖରେ ରହିବ ସେ ହିଁ ପ୍ରଥମ ଖେଳିବା ପାଇଁ ସୁଯୋଗ ପାଇବ। ଯିଏ ପ୍ରଥମ ହୁଏ ସେ ସମସ୍ତଙ୍କର ଗୋଟିଏ ଗୋଟିଏ ବାଟି ସଂଗ୍ରହ କରି ଗୋଲେଇ ବାହାରେ ଥିବା ଗାରରୁ ଗୋଲେଇ ଭିତରକୁ ସବୁ ବାଟି ଫିଙ୍ଗେ। ସବୁ ବାଟି ଗୋଲେଇ ଭିତରେ ରହିବା ଦରକାର। ଗୋଲେଇ ଭିତରେ ଟଣାଯାଇଥିବା ଗାରକୁ ଯେଉଁ ବାଟି ସ୍ପର୍ଶ କରେ ସେ ଖେଳାଳିର ବାଟି ବଞ୍ଚିଯାଏ। ବାକିତକ ବାଟିରେ ଖେଳ ହୁଏ। ଗୋଲେଇ ଭିତରେ ବିଛେଇ ହୋଇ ସବୁ ବାଟି ପଡି ସାରିଲା ପରେ ଅନ୍ୟ ଖେଳାଳୀମାନେ ଯେଉଁ ବାଟିଟାକୁ ମାରିବା ପାଇଁ କଷ୍ଟ ସେହି ବାଟିଟାକୁ ହିଁ ଚିହ୍ନିତ କରନ୍ତି। ଯଦି ଚିହ୍ନିତ କରାଯାଇଥିବା ବାଟିକୁ ଗୋଲେଇ ବାହାରେ ଟଣାଯାଇଥିବା ଗାରରୁ ମାରି ଗୋଲେଇ ବାହାରକୁ କରିଦିଏ ତେବେ ଗୋଲେଇ ଭିତରେ ଥିବା ସମସ୍ତ ବାଟିଯାକ ତାର ହୋଇଯାଏ। କିନ୍ତୁ ଯଦି ନିର୍ଦ୍ଦିଷ୍ଟ ବାଟିକୁ ନ ମାରି ମାରିଲା ବେଳେ ଅନ୍ୟ କୌଣସି ବାଟିରେ ବାଜିଯାଏ ତେବେ ତାକୁ ଜରିମାନା (Fine) ସ୍ୱରୂପ ଆଉ ଗୋଟିଏ ବାଟି ଦେବାକୁ ପଡିଥାଏ। ତାପରେ ଦ୍ୱିତୀୟ ସ୍ଥାନରେ ଥିବା ଖେଳାଳୀ ଖେଳିବାର ସୁଯୋଗ ପାଏ। ଏହି ସମୟରେ ପ୍ରତ୍ୟେକଙ୍କ ମନ ଭିତରେ କେବଳ ଗୋଟିଏ କଥା ହିଁ ଚାଲିଥାଏ ଯେ କିପରି ଅନ୍ୟମାନେ ବାଟିକୁ ମାରି ଜିତି ନ ଯାଆନ୍ତୁ ଏବଂ ମୁଁ ହିଁ ମାରି ସବୁ ବାଟିର ମାଲିକ ହୁଏ। ଏପରି ଭାବରେ ଜଣେ ଘରକୁ ୨୦ ରୁ ୩୦ ପଟ୍ ବା ଗୋଟି ବାଟି ଧରି ଫେରିଲା ବେଳକୁ ଅନ୍ୟମାନେ ଖାଲି ପକେଟରେ ମନଦୁଃଖ କରି ଘରକୁ ଫେରନ୍ତି।

୨ - ଟି – ଏହା ମଧ୍ୟ ଖୋଲା ପଡିଆରେ ଖେଳାଯାଏ। ଗୋଟିଏ ଜାଗାରେ ଗୋଟିଏ ଇଂରାଜୀ ଟି ବା T ଏଭଳି ଆକାରର ଚିତ୍ର ଅଙ୍କନ କରାଯାଏ। ଏହି ଖେଳରେ ଯେତେ ଜଣ ଖେଳାଳୀ ଚାହିଁଲେ ଖେଳି ପାରିବେ। ଯେତେଜଣ ଖେଳାଳୀ ଖେଳୁଥିବେ ସେମାନେ ନିଜ ନିଜର ସହମତି ଅନୁଯାୟୀ ୧ ଟି କିମ୍ବା ୨ଟି ଲେଖାଏଁ ବାଟି ସେହି T ରେ ସମାନ ବ୍ୟବଧାନରେ ସଜେଇ ରଖିବେ। ଟିଠାରୁ ୧୫ ରୁ ୨୦ ମିଟର ଦୂରରେ ଗୋଲିଏ ଗାର ଟଣାଯାଏ। ସମସ୍ତ ଖେଳାଳୀ ଟି ପାଖରେ ଠିଆ ହୋଇ ଦୂରରେ ଥିବା ଗାର ପାଖକୁ ସମସ୍ତେ ନିଜ ନିଜର ବାଟିକୁ ଫିଙ୍ଗିବେ। ଯାହାର ବାଟି ଗାରର ଯେତେ ବେଶି ପାଖରେ ରହିବ ସେ ଅନୁସାରେ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ସେହି ଗାରଠାରୁ ଅନ୍ୟ ଏକ ବାଟି ଦ୍ୱାରା ସେହି T ରେ ଥିବା ବାଟିଗୁଡିକ ଆଡକୁ ମରାଯାଏ। ଫିଙ୍ଗା ଯାଇଥିବା ବାଟି ଯାଇ ଯଦି ଟି ମଝିରେ ବାଜେ ଏବଂ ଯେଉଁ ବାଟିରେ ବାଜେ ତା ତଳକୁ ଯଦି ଆହୁରି ୫ ରୁ ୭ ଟି ବାଟି ଅଛି ତେବେ ସେସବୁ ତାର ହୋଇଯାଏ। କିନ୍ତୁ ଫିଙ୍ଗା ଯାଇଥିବା ବାଟି ଯଦି ଗୋଟିଏକୁ ବାଜି ଆଉ ଗୋଟିଏରେ ବାଜିଯାଏ ତେବେ ତାକୁ ଜରିମାନା (Fine) ଦେବାକୁ ପଡେ।

ପୁଣି ଦ୍ୱିତୀୟ ଖେଳାଳୀ ସେଭଳି ଭାବରେ ଖେଳେ। ଯଦି କୌଣସି ଖେଳାଳୀ ଟି (T)ର ସବୁଠାରୁ ଉପରେ ଥିବା ବାଟିକୁ ମାରି ସେହି ଗାରରୁ ବାହାରକୁ ବାହାର କରିଦିଏ ତେବେ ଟି (T)ରେ ଥିବା ସମସ୍ତ ବାଟି ତାର ହୋଇଯାଏ। ଏଥିରେ ମଧ୍ୟ ଜଣେ ଜଣେ ବହୁତ ବାଟି ରୋଜଗାର କରନ୍ତି ଏବଂ ଅନ୍ୟମାନେ ଖାଲି ପକେଟରେ ମନ ଦୁଃଖ କରି ଘରକୁ ଫେରନ୍ତି।

୩ – ବର୍‌ଦା – ଏହା ମଧ୍ୟ ୫ କିମ୍ବା ୭ କିମ୍ବା ୧୦ ଜଣ ପର୍ଯ୍ୟନ୍ତ ପିଲା ଏକାଥରକୁ ଖୋଲା ପଡିଆରେ ଖେଳିଥାଆନ୍ତି। ଏଥିରେ ଦୁଇ ଗୋଟି ଗାର ୮ ରୁ ୧୦ ଫୁଟ ବ୍ୟବଧାନରେ ଟଣାଯାଏ। ଗୋଟିଏ ଗାରରୁ ୧ ରୁ ୨ ଫୁଟ ବାହାରେ ଗୋଟିଏ ଛୋଟିଆ ଗାତ କରାଯାଏ। ଗୋଟିଏ ଗାରରେ ଠିଆହୋଇ ଅନ୍ୟ ଗାର ପାଖକୁ ନିଜର କାଚ ବାଟି ଫିଙ୍ଗିଥାନ୍ତି। ସେଥିରେ ଯାହାର ବାଟି ଗାରର ଯେତେ ପାଖରେ ରହେ ସେ ଅନୁଯାୟୀ ସେମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏଭଳି କ୍ରମାନ୍ୱୟରେ ଖେଳିଥାନ୍ତି। ପ୍ରଥମ ଖେଳାଳୀ ସମସ୍ତଙ୍କଠାରୁ ଗୋଟିଏ ଗୋଟିଏ ବାଟି ଆଣି ସବୁକୁ ଏକା ସାଙ୍ଗରେ ସେହି ସମାନ ପ୍ରଣାଳୀରେ ଫିଙ୍ଗେ। ଯେଉଁ ବାଟି କଷ୍ଟ ବା ଅସୁବିଧା ସ୍ଥାନରେ ଥାଏ ତାକୁ ମାରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଯଦି ନିର୍ଦ୍ଦେଶାନୁସାରେ ବତା ଯାଇଥିବା ବାଟିକୁ ଠିକ ଭାବରେ ବଜାଇ ଦିଏ ତେବେ ସବୁ ବାଟି ତାର ହୋଇଯାଏ। ମାରିଲା ସମୟରେ ଅନ୍ୟ କୌଣସି ବାଟିରେ ଯଦି ବାଜିଯାଏ ତେବେ ଖେଳାଳୀକୁ ଗୋଟିଏ ବାଟି ଜରିମାନା (Fine) ଦେବାକୁ ପଡିଥାଏ। ବେଳେବେଳେ ବାଟି ଯାଇ ଗାତ ଭିତରେ ମଧ୍ୟ ପଡିଯାଏ ଏବଂ ଅନ୍ୟ ଖେଳାଳୀମାନେ ସେହି ଗାତ ଭିତରେ ଥିବା ବାଟିକୁ ମାରିବା ପାଇଁ କହିଥାନ୍ତି। କାରଣ ଗାତ ଭିତରେ ଥିବା ବାଟିକୁ ମାରି ବାହାର କରିବା ସେତେ ସୁବିଧା ନୁହେଁ। ଯଦି ସେହି ଗାତ ଭିତରୁ ବାଟିକୁ ମାରି ବାହାର କରିଦିଏ, ତେବେ ମଧ୍ୟ ସବୁ ବାଟି ତକ ତାର ହୋଇଯାଏ। ଏଭଳି ଭାବରେ ଖେଳାଳୀମାନେ ଆନନ୍ଦପୂର୍ବକ ଖେଳକୁ ଖେଳିଥାନ୍ତି।

୪ - ଚୌରସ – ଏଠାରେ ମଧ୍ୟ ଖେଳାଳୀମାନେ ଖୋଲା ପଡିଆରେ ୭ କିମ୍ବା ୮ କିମ୍ବା ୧୦ ଜଣ ଖେଳାଳୀ ଏକାଥରକୁ ଖେଳିପାରିବେ। ପଡିଆରେ କୌଣସି ଗୋଟିଏ ଜାଗାରେ ୨ ଫୁଟ ବିଶିଷ୍ଟ ବର୍ଗକ୍ଷେତ୍ର ଅଙ୍କାଯାଏ। ତାକୁ ଚୌରସ କୁହାଯାଏ। ସେଠାରୁ ୬ ରୁ ୭ ଫୁଟ ଦୂରରେ ଗୋଟିଏ ଗାର ଟଣାଯାଏ। ଉପରୋକ୍ତ ଖେଳ ଭଳିଆ ଖେଳାଳୀମାନେ ପ୍ରତ୍ୟେକେ ନିଜ ନିଜର ବାଟିକୁ ଚୌରସର ଗାର ପାଖକୁ ଫିଙ୍ଗନ୍ତି। ଯାହାର ବାଟି ଗାରର ବେଶି ପାଖରେ ରହିଯାଏ, ସେହିଁ ପ୍ରଥମେ ଖେଳିବା ପାଇଁ ସୁବିଧା ପାଏ। ପ୍ରଥମେ ସମସ୍ତଙ୍କର ବାଟିକୁ ସେହି ଚୌରସ ପାଖରେ ଥାଇ ଚୌରସ ଭିତରକୁ ସବୁ ବାଟିକୁ ବିଛେଇ ଫିଙ୍ଗି ଦିଆଯାଏ। ତାପରେ ଦୂରରେ ଥିବା ଗାର ପାଖକୁ ଯାଇ ମାରିବା ପାଇଁ ପ୍ରସ୍ତୁତ ହୁଏ। ଅନ୍ୟ ଖେଳାଳୀମାନେ ଦେଖାଇଥିବା ବାଟିକୁ ହିଁ ମାରିବାକୁ ପଡେ। ନିର୍ଦ୍ଦେଶ ଦିଆଯାଇଥିବା ବାଟିକୁ ଯଦି ଖେଳାଳୀ ନିଜ ବାଟିରେ ମାରି ବଜେଇଦିଏ ତେବେ ସମସ୍ତ ବାଟି ତାର ହୋଇଯାଏ। କିନ୍ତୁ ମାରିଲା ବେଳେ ଯଦି ଅନ୍ୟ କୌଣସି ବାଟିରେ ତାହା ବାଜିଯାଏ ତେବେ ତାହାକୁ ଜରିମାନା ଦେବାକୁ ପଡେ। ଏଭଳି ଭାବରେ ଏହି ଖେଳକୁ ମଧ୍ୟ ଖେଳାଳୀମାନେ ମଜା ମଜଲିସ କରି ଖେଳିଥାନ୍ତି।

ଲୁହାଗବାନି ବା ଗୁଜେରବାଡି :– ଏହି ଖେଳ ପୁଅମାନଙ୍କ ଦ୍ୱାରା, ସ୍କୁଲରୁ ଫେରିଲା ପରେ ପଡିଆରେ ଖେଳାଯାଏ। ମୂଳତଃ ଏହି ଖେଳ ବର୍ଷା ସମୟ ଏବଂ କିଛି ମାସ ଶୀତରେ ହିଁ ଖେଳା ଯାଇଥାଏ। ପଡିଆ ଭିତରେ କୌଣସି ଗୋଟିଏ ଜାଗାରେ ଖେଳାଳୀ ଅନୁଯାୟୀ ଗୋଟିଏ ଗୋଲେଇ କରାଯାଏ। ଯେତେଜଣ ଖେଳାଳୀ ଖେଳୁଥିବେ ପ୍ରତ୍ୟେକେ ଗୋଟିଏ ୨ ଫୁଟ ବିଶିଷ୍ଟ ଲୁହା ଛଡକୁ ଗୋଲେଇ ଭିତରେ ମାରିବେ। ସେହି ଲୁହା ଖଣ୍ଡିକ ମାଟିରେ ପଶି ଠିଆ ହେବା ଦରକାର। ଯାହାର ଲୁହା ମାଟିରେ ନ ପଶି ତଳେ ପଡିଯାଏ ତାର ଦାନ୍ (ଦଣ୍ଡ ପାଏ) ହୁଏ। ତାପରେ ବାକି ପିଲାମାନେ ସେହି ଲୁହା ଖଣ୍ଡଟିକୁ ମାଟିରେ ମାରି ମାରି ଆଗକୁ ବଢନ୍ତି। ଯେଉଁ ପର୍ଯ୍ୟନ୍ତ ମାଟିରେ ଲୁହା ଖଣ୍ଡିକ ପଶି ପଶି ଯାଉଥାଏ ସେ ପର୍ଯ୍ୟନ୍ତ ସମସ୍ତେ ସାଙ୍ଗରେ ଯାଉଥାନ୍ତି। ଯେଉଁ ଜାଗାରେ ଲୁହା ମାଟିରେ ନ ପଶି ତଳେ ପଡିଯାଏ, ସେଠାରୁ ଗୋଲେଇ ଭିତରେ ମାଟିରେ ପଶାଇ ନ ପାରିଥିବା ଖେଳାଳୀ ଦଣ୍ଡ ପାଇବାର ଆରମ୍ଭ ହୁଏ। ତାକୁ ପିଦ୍‌ବା ବୋଲି କୁହାଯାଏ। ସେଠାରୁ ସେହି ଖେଳାଳୀ ଗୋଟିଏ ଗୋଡରେ ଡେଇଁ ଡେଇଁ ସେହି ଗୋଲେଇ ପର୍ଯ୍ୟନ୍ତ ପହଞ୍ଚିବାକୁ ପଡେ। ଯଦି ଗୋଲେଇ ପାଖକୁ ପହଞ୍ଚିଗଲା ତେବେ ନୂଆ ଖେଳ ପୁଣି ଆରମ୍ଭ ହୁଏ। କିନ୍ତୁ ଯଦି ମଝିରେ କୌଣସି ଜାଗାରେ ଯଦି ସେ ଖେଳାଳୀଟା ରହିଯାଏ କିମ୍ବା ତାର ଗୋଡ ତଳେ ପଡିଯାଏ ତେବେ ସେହି ଜାଗାରୁ ପୁଣି ଅନ୍ୟ ଖେଳାଳୀମାନେ ଲୁହାକୁ ମାଟିରେ ମାରି ମାରି ଯାଆନ୍ତି ଏବଂ ପୁଣି ତାକୁ ସେଠାରୁ ଗୋଟିଏ ଗୋଡରେ ଡେଇଁ ଡେଇଁ ଆସିବାକୁ ପଡେ। ଏମିତି ଜଣେ ଦଣ୍ଡ ପାଇ କରି ଖେଳ ଖେଳୁ ଖେଳୁ ପାଖାପାଖି ଗୋଟିଏ ଦିନର ଖେଳ ସରିଯାଏ। ଯିଏ ଦଣ୍ଡ ପାଇଥାଏ ସେଦିନ ରାତିରେ ସେ ବହୁତ କଷ୍ଟ ପାଇଥାଏ। କାରଣ ଗୋଟିଏ ଗୋଡରେ ଡେଇଁ ଡେଇଁ ପାଖାପାଖି ୧୦୦ ରୁ ୨୦୦ ମିଟର ଯିବା ସେତେ ସହଜସାଧ୍ୟ ନୁହେଁ। ଏହି ଖେଳରେ ମଧ୍ୟ ପିଲାମାନେ ବହୁତ ମନୋରଞ୍ଜନ କରନ୍ତି।

ଗିଡିଡାଂଗ ବା ଗେଡି :– ଏହି ଖେଳ ମଧ୍ୟ ବାଳକମାନଙ୍କ ଦ୍ୱାରା ହିଁ ଖେଳାଯାଇଥାଏ। ଏହା ମୂଳତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ ଏବଂ ବର୍ଷାଦିନରେ ହିଁ ଖେଳା ଯାଇଥାଏ। ଏଠାରେ ବ୍ୟବହୃତ ହୋଇଥାଏ ବାଉଁଶର ବାଡି କିମ୍ବା କୌଣସି ଭଲ ନିଦା ବାଡି ଏବଂ କାଠର ପଟା ଖଣ୍ଡିଏ। ମଜବୁତ ବାଡି ପାଖାପାଖି ୫ ରୁ ୬ ଫୁଟ ବିଶିଷ୍ଟ ଏବଂ ଶକ୍ତ ପଟା ଖଣ୍ଡିକ ପାଦ ଭଲ ଭାବରେ ରହୁଥିବ ସେହିଭଳି ସରଞ୍ଜାମର ବ୍ୟବସ୍ଥା କରାଯାଏ। ସେହି କାଠ ପଟା ଖଣ୍ଡିକକୁ ବାଡିର ୨ ରୁ ୩ ଫୁଟ ଉପରେ ଭଲ ଭାବରେ ପିଟିକରି ବନ୍ଧାଯାଏ। କାରଣ ତା ଉପରେ ହିଁ ପିଲାମାନଙ୍କର ସମସ୍ତ ଓଜନ ପଡିଥାଏ। ଗାଁମାନଙ୍କରେ ଯେତେବେଳେ ବର୍ଷା ଆରମ୍ଭ ହୁଏ ପିଲାମାନେ ତାଙ୍କର ସେହି ବାଡି ଧରି କରି ଗାଁ ଦଣ୍ଡକୁ ବାହାରି ପଡନ୍ତି। ଏଥିରେ ପାଖାପାଖି ୮ ରୁ ୧୦ ଜଣ ପିଲା ପର୍ଯ୍ୟନ୍ତ ଖେଳି ପାରନ୍ତି। ପ୍ରଥମେ ସେମାନଙ୍କ ଭିତରେ ଜଣକୁ ବଛାଯାଏ ଯିଏକି ଅନ୍ୟମାନଙ୍କୁ ଖେଳାଏ। ପ୍ରତ୍ୟେକେ ନିଜର ହାତ ପାପୁଲିକୁ ସିଧା କରି ତା ଉପରେ ତା ଉପରେ ରଖନ୍ତି ଏବଂ ଏକାଥରକୁ ସମସ୍ତେ ନିଜ ନିଜର ପାପୁଲିକୁ ଉଠାଇ କିଏ ସିଧା କିଏ ଓଲଟା କରି ଛିଡା ହୁଅନ୍ତି। ସମସ୍ତଙ୍କ ଭିତରୁ କେହି ଜଣେ ଯଦି ତାର ହାତ ପାପୁଲିକୁ ଓଲଟା କରିଥାଏ ଏବଂ ବାକିମାନେ ଯଦି ନଜର ହାତ ପାପୁଲିକୁ ସିଧା କରିଥାଆନ୍ତି, ତେବେ ଓଲଟା କରିଥିବା ପିଲାର ଦାନ୍ (ବାକି ସମସ୍ତେ ଗୋଟିଏ ପଟେ ଏବଂ ସେ ଏକା ଗୋଟିଏ ପଟେ) ହୁଏ। କିନ୍ତୁ ହାତ ପାପୁଲି ଓଲଟାଇବାରେ ଯଦି ୫ ଜଣ ସିଧା ଏବଂ ଆଉ ୫ ଜଣ ଓଲଟା କରନ୍ତି, ତେବେ ପୁଣି ଥରେ ସମସ୍ତଙ୍କୁ ପାପୁଲି ଉପରକୁ ଉଠାଇ ପୁଣି କରିବାକୁ ପଡିଥାଏ। ଯଦି ସେମାନଙ୍କ ମଧ୍ୟରୁ ୭ ଜଣ ଓଲଟା କଲେ ଏବଂ ୩ ଜଣ ସିଧା କଲେ ତେବେ ୭ ଜଣ ଗୋଟିଏ ପଟ ହେଇଯିବେ ଏବଂ ୩ ଜଣ ପୁଣି ଥରେ ହାତ ପାପୁଲିକୁ ଉଠାଇ ଖେଳିବେ। ଏଭଳି ଭାବରେ ଗୋଟିଏ ପିଲା ଶେଷ ପର୍ଯ୍ୟନ୍ତ ନହେବା ଯାଏ ଏହି ପାପୁଲି ଓଲଟାଇବା ଉଦ୍ୟମ ଚାଲେ। ଶେଷରେ ଯେତେବେଳେ ଗୋଟିଏ ପିଲା ବଞ୍ଚିଯାଏ ସେ ହିଁ ଅନ୍ୟମାନଙ୍କୁ ଗୋଡେଇ ଗୋଡେଇ ଖେଳେ। ଗାଁର ଯେଉଁଟା ଟିକିଏ ଉଚ୍ଚ ପିଣ୍ଡା ହୋଇଥାଏ ତାକୁ ହିଁ ଚୟନ କରାଯାଏ। କାରଣ ସେହି ଉଚ୍ଚ ପିଣ୍ଡାରୁ ହିଁ ସେହି କାଠ ପଟା ଉପରକୁ ଆରାମରେ ଚଢିହୁଏ ଏବଂ ଉତୁରି ମଧ୍ୟ ହୋଇଥାଏ। ଜଣେ ଜଣେ ତ ସିଧାସଳଖ ସେହି ପଟା ଉପରକୁ ଡିଆଁମାରି ଚଢିଯାଇଥାନ୍ତି। ଯେତେବେଳେ ଗାଁ ଦାଣ୍ଡରେ ବର୍ଷା ସମୟରେ ସେହି ଛୋଟ ଛୋଟ ପିଲାମାନେ ମାଟିଠାରୁ ୩ ଫୁଟ ଉପରେ ପଟା ଖଣ୍ଡିଏ ଖଞ୍ଜା ଯାଇଥିବା ଗୋଟିଏ ବାଡି ଉପରେ ଚଢି ଦଉଡି ଦଉଡି ଖେଳୁଥାନ୍ତି ସେ

ଦୃଶ୍ୟ ଅତି ଆକର୍ଷଣୀୟ ।

ଏହି ଖେଳର ନିୟମ ହେଲା ଯାହାର ଦାନ୍ ବା ମାରିବାର ପାଳି ଆସେ ସେ ସେହି ବାଡିରେ ଥିବା ପଟା ଉପରେ ଠିଆ ହୋଇ ଅନ୍ୟମାନଙ୍କୁ ଗୋଡେଇ ତାଙ୍କୁ ସେହି ବାଡି ଦ୍ୱାରା ଠେଲିବାକୁ କିମ୍ବା ମାରିବାକୁ ଚେଷ୍ଟା କରେ । ଯଦି କାହାକୁ ମାରେ ଏବଂ ସେ ତଳେ ପଡିଯାଏ ତେବେ ଯିଏ ତଳେ ପଡିଯାଏ ସେ ପୁଣି ଅନ୍ୟମାନଙ୍କୁ ମାରିବା ପାଇଁ ଗୋଡାଏ । ଏଭଳି ଭାବରେ ପ୍ରତ୍ୟେକେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରନ୍ତି ଏବଂ ମାରୁଥିବା ବାଳକ ଅନ୍ୟମାନଙ୍କୁ ମାରିବା ପାଇଁ ଲାଗିଥାଏ । କୌଣସି କୌଣସି ଗାଁରେ ଯେତେବେଳେ ବର୍ଷାରେ ଗାଁ ଦାଣ୍ଡରେ ପାଣି ତଳିଆ ଅଞ୍ଚଳକୁ ବହୁଥାଏ ସେ ସମୟରେ ଏଭଳି ପିଲାମାନଙ୍କର ଗେଡି ବା ଗିଡିଡାଂଗ ଖେଳର ଦୃଶ୍ୟ ଭାରି ମନୋରମ ହୋଇଥାଏ । ଏଥିରେ ପିଲାମାନଙ୍କର ଶାରୀରିକ ବ୍ୟାୟାମ ସୁନ୍ଦର ଭାବରେ ହୋଇଥାଏ ।

ବାଡି ଡେଗାନି :– ଏହି ଖେଳ ମଧ୍ୟ କେବଳ ପୁଅମାନଙ୍କ ଦ୍ୱାରା ହିଁ ଖେଳା ଯାଇଥାଏ । ଏହା ଖୋଲା ପଡିଆରେ ଖେଳା ଯାଇଥାଏ । ଏଠାରେ ମଧ୍ୟ ୮ ରୁ ୧୦ ଜଣ ପିଲା ପର୍ଯ୍ୟନ୍ତ ଏକାଥରକୁ ଖେଳିପାରନ୍ତି । ଏହି ଅଞ୍ଚଳରେ ଅମରି ବାଡି ପ୍ରଚୁର ପରିମାଣରେ ମିଳେ । ତେଣୁ ଏହି ଖେଳକୁ ଅମରି ବାଡି ନଚେତ କୁରେଇ ବା କୁରେ ଗଛର ବାଡିରେ ଖେଳିଥାନ୍ତି । ସମସ୍ତ ପିଲାଙ୍କ ଭିତରେ ଜଣକୁ ହିଁ ଦାନ୍ ବା ହଇରାଣ ହେବାକୁ ପଡିଥାଏ । ଏଥିରେ ପ୍ରତ୍ୟେକେ ସାମନା କରି ବାଡି ଖଣ୍ଡେ ଧରି ଠିଆ ହୁଅନ୍ତି । ବାଡି ଧରିଥିବା ପିଲାର ପଛପଟୁ ସମସ୍ତେ ଜଣେ ଜଣେ କରି ଅନ୍ୟ ଏକ ବାଡି ଦ୍ୱାରା ସେହି ବାଡିକୁ ପଛକୁ ଜୋରରେ ଫିଙ୍ଗନ୍ତି । ଯାହାର ଯେତେ ବେଶି ଦୂରରେ ପଡେ ସେ ପ୍ରଥମ ସ୍ଥାନ ପାଏ ଏବଂ ଯାହାର ଶେଷରେ ପଡିଯାଏ ସେ ହିଁ ଦଣ୍ଡ ପାଏ । ଯିଏ ଦଣ୍ଡ ପାଏ ସିଏ ସେହିପରି ଭାବରେ ସମସ୍ତଙ୍କୁ ପଛକରି ବାଡିକୁ ହାତରେ ଧରି ଉପରକୁ ଉଠାଏ । ଅନ୍ୟମାନଙ୍କ ଭିତରୁ ଜଣେ ଯାଇ ପଛ କରି ଠିଆ ହୋଇଥିବା ପିଲାଟିର ବାଡିକୁ ନିଜ ବାଡିଦ୍ୱାରା ଜୋରରେ ଫିଙ୍ଗି ଦିଏ ଏବଂ ନିଜେ ଯାଇ ଯେ କୌଣସି ନିରାପଦ ସ୍ଥାନରେ ନିଜ ବାଡିକୁ ସ୍ପର୍ଶ କରି ଠିଆ ହେଇଯାଏ । ଏଠାରେ ଖେଳର ନିୟମ ହେଲା ପଛ କରି ଠିଆ ହେଇଥିବା ପିଲାର ବାଡି ଫିଙ୍ଗି ସାରିଲା ପରେ ସିଏ ସମସ୍ତଙ୍କୁ ଛୁଇଁବା ପାଇଁ ଚେଷ୍ଟା କରେ । ବାକି ପିଲାମାନେ ନିଜକୁ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି । ସେମାନେ ନିଜେ ମଧ୍ୟ ବଞ୍ଚନ୍ତି ଏବଂ ପଡିଥିବା ବାଡିକୁ ଦୂରରୁ ଦୂରକୁ ଫିଙ୍ଗିବା ପାଇଁ ଚେଷ୍ଟା କରନ୍ତି । ଖେଳାଳୀମାନେ ବଞ୍ଚିବାର ଜାଗାଗୁଡିକ ହେଲା ଛୋଟ ଛୋଟ ଘାସ ବୁଦା, ଶୁଖିଲା ଗୋବର, ଛୋଟ ପଥର ଇତ୍ୟାଦି । ସେମାନେ ଯଦି ନିଜର ବାଡିଗୁଡିକୁ ସେହି ଜିନିଷ ଉପରେ ରଖିଥାନ୍ତି, ତେବେ ସେମାନେ ଖେଳରୁ ବାହାରନ୍ତି ନାହିଁ । ଏଭଳି ଭାବରେ ତଳେ ପଡିଥିବା ବାଡିକୁ ଦୂରକୁ ଫିଙ୍ଗି ଦିଆଯାଏ । ସେହି ବାଡି ଯେତେ ଦୂରରେ ପଡିଥାଏ ସେଠାରୁ ସେହି ଦାନ୍ ବା ଦଣ୍ଡ ପାଇଥିବା ପିଲାଟି ଗୋଟିଏ ଗୋଡରେ ଡେଇଁ ଡେଇଁ ସେହି ଗାର ପାଖକୁ ପହଞ୍ଚେ । ଯଦି ପହଞ୍ଚିଗଲା ତେବେ ପୁଣି ନୂଆ ଖେଳ ଆରମ୍ଭ ହୁଏ ନତେଚ ଯେଉଁ ପିଲାର ପ୍ରଥମରୁ ଦାନ୍ ହେଇଥାଏ ତାକୁ ପୁଣି ସେଭଳି ଭାବରେ ଖେଳିବାକୁ ପଡିଥାଏ । ଏହି ଖେଳରେ ମଧ୍ୟ ପିଲାମାନେ ଅତ୍ୟନ୍ତ କ୍ଳାନ୍ତ ହୋଇଯାଆନ୍ତି । କ୍ଳାନ୍ତ ହେଲେ ମଧ୍ୟ ସେମାନେ ଖେଳଟିକୁ ଖୁସି ମନରେ ଖେଳୁଥାଆନ୍ତି ।

ଡାହିମାକଡି : – କୈଶୋରାବସ୍ଥାରେ ଏହି ପାରମ୍ପରିକ ଡାହିମାକଡି ଖେଳ ଅତି ମନୋରଞ୍ଜନ ଧର୍ମୀ । ଏଥିରେ ମଧ୍ୟ ୫ କିମ୍ବା ୭ ଜଣ ଜଣ ପିଲା ଏକାଥରକୁ ଖେଳିପାରନ୍ତି । ଏଥିରେ ମୂଳ ଜିନିଷ ହେଲା ଅନେଗୁଡିଏ ଶାଖାକୁ ବହନ କରୁଥିବା ଭଲ ଗଛ । ଯେଉଁ ଗଛରେ କି ଆରାମରେ ଚଢା ଯାଇପାରୁଥିବ, ଏ ଡାଳରୁ ସେ ଡାଳକୁ ଡିଆଁ ମରା ଯାଇ ପାରୁଥିବ ଇତ୍ୟାଦି । ଏଥିରେ ଯେତେଜଣ ପିଲା ଖେଳୁଥିବେ ସେମାନଙ୍କ ଭିତରେ ପ୍ରଥମେ କାହାର ପାଳି, ଦ୍ୱିତୀୟରେ କିଏ ଏଭଳି ଚୟନ କରାଯାଏ । ନିର୍ଦ୍ଦିଷ୍ଟ ଗଛଠାରୁ ୧୦୦ ମିଟର ଦୂରକୁ ଦୌଡି କରି ଯାଇ ପୁଣି ସେଠାରୁ ଫେରି ଯିଏ ପ୍ରଥମେ ଗଛକୁ ଛୁଇଁବ ସେହିଁ ପ୍ରଥମେ ବଞ୍ଚିଯାଏ । ଏଭଳି ଜଣେ ପରେ ଜଣେ ଆସି ଗଛକୁ ଛୁଅଁନ୍ତି ଏବଂ ସେମାନେ କ୍ରମାନ୍ୱୟରେ ବଞ୍ଚିଯାଆନ୍ତି । ସବାଶେଷରେ ଯିଏ ଗଛ ପାଖରେ ପହଞ୍ଚେ ତାର ହିଁ ପାଳି ପଡେ ବା ଦାନ୍ ହୁଏ । ତା ପରେ ଖେଳ ଆରମ୍ଭ ହୁଏ । ସବା ଶେଷରେ ପହଞ୍ଚିଥିବା ପିଲାଟି ଗଛତଳେ ଠିଆ ହୋଇ ୧ ରୁ ୫୦ ନମ୍ବର ପର୍ଯ୍ୟନ୍ତ ଜୋରରେ କହିବ ଏବଂ ସେ ଭିତରେ ବାକି ସବୁ ପିଲା ନିଜର ସୁବିଧା ଅନୁଯାୟୀ ଗଛ ଉପରକୁ ଚଢିଯିବେ । ଖେଳର ନିୟମ ହେଲା ତଳେ ଥିବା ପିଲାଟି ୫୦ ପର୍ଯ୍ୟନ୍ତ ଗଣି ସାରିଲା ପରେ ସେ ଗଛ ଉପରକୁ ଚଢିବ ଏବଂ

ଉପରେ ଥିବା ପିଲାମାନଙ୍କର ମୁଣ୍ଡକୁ ଛୁଇଁବ ଏବଂ ଉପରେ ଥିବା ପିଲାମାନେ ତାଙ୍କର ମୁଣ୍ଡକୁ ବଞ୍ଚାଇବେ। ଉପରେ ଥିବା ପିଲାମମାନଙ୍କ ଭିତରେ ଗୋଟିଏ ସଂଗଠିତ ଦଳର ମାନସିକତା ଥାଏ। ସେମାନେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ସାହାଯ୍ୟ କରା କରି ହେଉଥାଆନ୍ତି। ତଥାପି ତାଙ୍କ ଭିତରେ ଯଦି କେହି କାହାରି ସାଙ୍ଗରେ ପଡୁ ନଥାଏ ତେବେ ସେହି ପିଲାଟିକୁ କେମିତି ହଇରାଣରେ ପକାଇବ ତାର ମଧ୍ୟ ଚେଷ୍ଟା କରେ। ଅନେକ ପରିଶ୍ରମ ପରେ ଯଦି କାହାର ମୁଣ୍ଡକୁ ଛୁଇଁଦିଏ ତେବେ ପରବର୍ତ୍ତୀ ପାଳି ତାର ହୋଇଯାଏ। ଯାହାର ମୁଣ୍ଡ ଛୁଆଁ ଯାଇଥାଏ ସେ ପୁଣି ତଳକୁ ଆସେ ୫୦ ଗଣେ ଏବଂ ଉପରକୁ ଯାଇ ଅନ୍ୟମାନଙ୍କୁ ଛୁଇଁବା ପାଇଁ ଚେଷ୍ଟା କରେ। ଏଭଳି ଭାବରେ ସନ୍ଧ୍ୟା ହେବା ପର୍ଯ୍ୟନ୍ତ କିମ୍ବା ନିଜେ ନିଜେ କ୍ଳାନ୍ତ ହେବା ପର୍ଯ୍ୟନ୍ତ ବେଶ ଆନନ୍ଦରେ ଖେଳିଥାନ୍ତି।

ଗାଚା : – ଏହି ଖେଳ ସାଧାରଣତଃ ଗ୍ରାମାଞ୍ଚଳରେ ଛୋଟ ଛୁଆମାନେ କିମ୍ବା ସହରାଞ୍ଚଳରେ ବସ୍ତି ବାସିନ୍ଦାଙ୍କ ଭିତରେ ଖେଳା ଯାଇଥାଏ। ଛୋଟ ଛୁଆମାନେ ଘରୁ ପାଉଥିବା ୫୦ ପଇସା କିମ୍ବା ୧ ଟଙ୍କାରେ ଏହି ଖେଳହୁଏ। ଏହି ଖେଳକୁ ଘର ଲୋକେ ପସନ୍ଦ କରନ୍ତି ନାହିଁ। ଅନ୍ୟ ଅର୍ଥରେ ଏହାକୁ ଜୁଆ ଖେଳ ଭାବରେ ମଧ୍ୟ ବିଚାର କରାଯାଏ। ଛୁଆମାନଙ୍କ ମନ ଭିତରେ ଆମେ ଜୁଆ ଖେଳୁଛୁ ଏହି ଧାରଣା ନଥାଏ କିନ୍ତୁ ଏହି ଖେଳରୁ ପଇସା ଆଦାୟ କରାଯାଇପାରେ ଏହା ଜାଣୁଥିଲେ। ଆଜିକାଲି ଯାହାକୁ ସହରୀ ମଣିଷ ସେୟାର ମାର୍କେଟିଙ୍ଗ ବା ଟ୍ରେଡିଙ୍ଗ ବୋଲି କହୁଛୁ ବା ଖେଳୁଛୁ ବହୁ ଆଗରୁ ପଶ୍ଚିମ ଓଡିଶାର ଗାଁଗୁଡିକରେ ଏଭଳି ଖେଳ ଚାଲିଥିଲା। ଗାଚାକୁ ଛୁଆମାନେ ସମସ୍ତଙ୍କ ସମ୍ମୁଖରେ ଖେଳୁନଥିଲେ। ଏମିତି ଏକ ଜାଗାରେ ଖେଳୁଥିଲେ ଯେଉଁ ଜାଗାକୁ ଲୋକଙ୍କର ବେଶି ଗମନା ଗମନ ନଥିବ। ଏହି ଖେଳର ନିୟମ ହେଲା ବାଟି ଖେଳର ବରଦା ଭଳିଆ। ୫, ୬ ଫୁଟ ବ୍ୟବଧାନରେ ଦୁଇଗୋଟି ଗାର ଟଣାଯାଏ। ଗୋଟିଏ ଗାରର ଆଗକୁ ୨ ରୁ ୩ ଇଞ୍ଚ ବିଶିଷ୍ଟ ଗାତ ଗୋଟିଏ କରାଯାଏ। ଯେତିକି ପିଲା ଖେଳୁଥିବେ ପ୍ରତ୍ୟେକେ ନିଜ ନିଜର ପଇସା ସେହି ଗାତ ପାଖକୁ ଫିଙ୍ଗିବେ। ଯାହାର ପଇସା ଗାତର ଯେତେ ବେଶି ପାଖରେ ରହେ ସେମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ଖେଳିଥାନ୍ତି। ପ୍ରଥମ ପିଲା ସମସ୍ତଙ୍କର ପଇସାକୁ ଠୁଳ କରି ଦୂରରେ ଥିବା ଗାରରୁ ସେହି ଗାତକୁ ଫିଙ୍ଗେ। ସେହି ଗାତ ଭିତରେ ଯେତେଗୋଟି ପଇସା ଗଳେଇ ପାରିଲା ସେସବୁ ତାର ହୋଇଯାଏ। ଏଭଳି ଭାବରେ ଜଣେ ଜଣେ କରି ଭୁରଭୁସ୍ ବା ଜଣଙ୍କ ପାଖରେ ପଇସା ସରିଯିବା ପର୍ଯ୍ୟନ୍ତ ଖେଳ ଚାଲେ। ହାରି ଯାଇଥିବା ପିଲା ମନଦୁଃଖ କରି ଘରକୁ ଫେରେ ଏବଂ ଜିତିଥିବା ପିଲା ମନଖୁସିରେ ଘରକୁ ପଇସା ଧରି ଫେରେ କିମ୍ବା ଘର ଲୋକଙ୍କ ଭୟରେ ଫେରୁଥିବା ରାସ୍ତାରେ ହିଁ ସେହି ପଇସାରେ କିଛି ନିଜେ ଓ ଆଉକିଛି ନିଜର ସାଙ୍ଗମାନଙ୍କ ସହିତ ମିଶି ଖାଇ ମଜା ମଜଲିସ କରିଥାନ୍ତି।

ବାଚା : – ବାଚା ମଧ୍ୟ ଠିକ୍ ଗାଚା ଭଳି ପଇସାରେ ହିଁ ଖେଳାଯାଏ। ଏହା ମଧ୍ୟ ପୁଅମାନେ ହିଁ ଖେଳିଥାନ୍ତି। ଗୋଟିଏ ଖୋଲା ଅଞ୍ଚଳରେ ୩ ଫୁଟ ବ୍ୟାସାର୍ଦ୍ଧର ଗୋଲେଇ ଅଙ୍କାଯାଏ। ସେହି ଗୋଲେଇ ଭିତରେ ୧ ଫୁଟ୍ ତଳକୁ ଗୋଟିଏ ଗାର ଟଣାଯାଏ ଯାହାକି ଗୋଲେଇର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ସ୍ପର୍ଶ କରିବ। ଆଉ ଗୋଟିଏ ଗାର ଗୋଲେଇର ବାହାରେ ପାଖାପାଖି ୪ ରୁ ୫ ଫୁଟ ଦୂରରେ ଟଣାଯାଏ। ପ୍ରତ୍ୟେକ ପିଲା ନିଜ ନିଜର ପଇସା ଗୋଲେଇ ଭିତରେ ଥିବା ଗାର ପାଖକୁ ଫିଙ୍ଗିବେ। ଯାହାର ପଇସା ଗାରର ଯେତିକି ପାଖରେ ରହିବ ସେ ପ୍ରଥମ, ତା ପରେ ଯାହାର ପଇସା ରହିବ ସେ ଦ୍ୱିତୀୟ, ଏଭଳି ଭାବରେ କ୍ରମାନ୍ୱୟରେ ଖେଳାଳୀମାନେ ଖେଳିଥାନ୍ତି। ଯିଏ ପ୍ରଥମ ହେବ ସିଏ ସମସ୍ତଙ୍କର ଗୋଟିଏ ଗୋଟିଏ ପଇସା ଆଣି ସବୁକୁ ବିଛେଇ କରି ଗୋଲେଇ ଭିତରକୁ ଫିଙ୍ଗିବ।

ଗୋଲେଇରେ ପଇସା ବିଛେଇ ହେଇକରି ପଡିସାରିଲା ପରେ ଅନ୍ୟ ଖେଳାଳୀମାନେ ଯେଉଁ ପଇସାଟା ଅସୁବିଧାରେ ଥାଏ ତାକୁ ହିଁ ମାରିବା ପାଇଁ ଚିହ୍ନିତ କରାଯାଏ। ତାପରେ ପ୍ରଥମ ସ୍ଥାନରେ ଥିବା ଖେଳାଳୀ ନିର୍ଦ୍ଦିଷ୍ଟ ପଇସାକୁ ମାରିଥାଏ। ପଇସାକୁ ମାରିବା ପାଇଁ ବାଚା ପଖନ ବା ଗୋଟିଏ ଗୋଲାକାର ଚେପଟା ପଥର ଖଣ୍ଡର ବ୍ୟବହାର କରାଯାଏ। ପଇସାକୁ ମାରିଲା ବେଳେ ସେହି ପଇସାଟି ଏବଂ ପଥର ଖଣ୍ଡଟି ଉଭୟକୁ ଗୋଲେଇ ବାହାରକୁ ଯିବାକୁ ପଡିଥାଏ। ଯଦି ନିର୍ଦ୍ଦିଷ୍ଟ ପଇସାଟା ଏବଂ ବାଚା ପଖନ ଗୋଲେଇ ବାହାରକୁ ଚାଲିଯାଏ ତେବେ ଗୋଲେଇ ଭିତରେ ଥିବା ସବୁ ପଇସା ତାର ହୋଇଯାଏ। କିନ୍ତୁ ମାରିଲା ବେଳେ ଯଦି ଅନ୍ୟ କୌଣସି ପଇସାରେ ବାଜିଯାଏ, ତେବେ ସେହି ଖେଳାଳୀକୁ ଆଉ ଗୋଟିଏ ପଇସା

ଦଣ୍ଡ ସଦୃଶ ଜରିମାନା (Fine) ଦେବାକୁ ପଡେ। ଏଭଳି ଭାବରେ ଖେଳ ଚାଲେ। ଉପରୋକ୍ତ ଗାଚା ଭଳି ଏହି ବାଚାରେ ମଧ୍ୟ କାହାକୁ ଭଲ ପଇସା ମିଳେ ତ ଆଉ କିଏ ଭୁରଭୁସ ବା ଲାଣ୍ଡୁ ହେଇ ଘରକୁ ଫେରେ। ଏଠାରେ ଲାଣ୍ଡୁର ଅର୍ଥ ମୁଣ୍ଡର ବାଳକୁ ସଂପୂର୍ଣ୍ଣ ସଫା କରିଦେବା ନୁହେଁ, ସେ ଖେଳାଳୀଟା ଘରକୁ ଖାଲି ହାତରେ ଫେରେ।

ଏହି ଖେଳ ଭଳିଆ ସିଗାରେଟ ଖୋଳର ଦୁଇ ପାର୍ଶ୍ୱର କାଗଜକୁ ନେଇ ଖେଳା ଯାଇଥାଏ। ଏହାକୁ ଗୋଲେଇ ପତି ବା ଗୁଲେଇ ପତି ବୋଲି କୁହାଯାଉଥିଲା। ବାଚା ଭଳି ପ୍ରଥମେ କିଏ ମାରିବ ଏହାକୁ ଚୟନ କରିସାରିଲା ପରେ ଯେତେଜଣ ଖେଳାଳୀ ଥିବେ ସମସ୍ତଙ୍କର ସିଗାରେଟ ପତିଗୁଡିକୁ ଅଧା ଅଧା ମୋଡି ଗୋଲୋଇ ମଝିରେ ରଖାଯାଏ। ତାପରେ ଜଣେ ଜଣେ କରି କ୍ରମାନ୍ୱୟରେ ମାରିଥାନ୍ତି। ଥାକ ମାରିକି ଥିବା ସିଗାରେଟ ଖୋଳ ଭିତରୁ ଯେତେଗୋଟି ସିଗାରେଟ ପତି ଗୋଲେଇ ବାହାରକୁ ଯାଏ ସେସବୁ ପତି ତାର ହୋଇଯାଏ। ଏଭଳି ଭାବରେ ପିଲମାନେ ଏହି ଖେଳକୁ ଆନନ୍ଦରେ ଖେଳିଥାନ୍ତି।

ନଟୁ : – ଏହା ମଧ୍ୟ କେବଳ ପିଲାମାନଙ୍କର ଦ୍ୱାରା ହିଁ ଖେଳାଯାଇଥାଏ। ଏହା ଘର ସାମନାରେ, ଗାଁ ଦାଣ୍ଡରେ କିମ୍ବା ପଡିଆରେ ଖେଳାଯାଇଥାଏ। ଏଥିରେ ଯେଉଁ ଖେଳ ସାମଗ୍ରୀର ବ୍ୟବହାର କରାଯାଏ ତାକୁ ନଟୁ ବୋଲି କୁହାଯାଇଥାଏ। କାଠରେ ନିର୍ମିତ ଗୋଟିଏ ଛୋଟିଆ ଗୋଲାକାର ବସ୍ତୁ ଯାହାର ତଳ ଭାଗରେ ଗୋଟିଏ ଛୋଟିଆ କଣ୍ଟା ଲାଗିକି ରହିଥାଏ ଏବଂ ସେହି ନଟୁର ଅଧାରୁ ବେଶି ଭାଗ ସରୁ ବା ପତଳା ରସି ଗୁଡେଇବା ପାଇଁ କାଟି କାଟି କରି ଗାର ଗାର ହୋଇ ରହିଥାଏ। ସେହି ରସିକୁ ନଟୁର ସେହି ଗାର ଅଂଶରେ ଗୁଡେଇ ତାକୁ ଜୋରରେ ତଳେ ସାବଧାନତାର ସହିତ ମରାଯାଏ ଏବଂ ସେହି ନଟୁଟି ଘୁରିବୁଲେ। ଏହି ଖେଳର ନିୟମ ହେଲା ଯେତେ ଜଣ ବି ଖେଳାଳୀ ଖେଳିବେ ସମସ୍ତେ ନିଜ ନିଜର ନଟୁକୁ ରସି ବା ଦଉଡି ସାହାଯ୍ୟରେ ମାଟିରେ ଘୁରାଇବେ। ଯାହାର ନଟୁ ସବୁଠାରୁ ବେଶି ସମୟଧରି ଘୁରି ଘୁରି ତଳେ ପଡେ ସେ ପ୍ରଥମେ ଖେଳିବା ପାଇଁ ସୁଯୋଗ ପାଏ। ସେହି ଅନୁଯାୟୀ ଯାହାର ଦ୍ୱିତୀୟରେ ପୁଣି ତୃତୀୟରେ ଏଭଳି ଭାବରେ ପଡେ ସେମାନେ ଖେଳିବାର ସୁଯୋଗ ପାଆନ୍ତି। ତା ପରେ ଗୋଟିଏ ୧ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଛୋଟିଆ ଗୋଲେଇ ଅଙ୍କାଯାଏ। ସେ ଭିତରେ ଅନ୍ୟ ସମସ୍ତଙ୍କ ନଟୁକୁ ରଖିବାକୁ ହୁଏ। ଏବଂ ଯିଏ ପ୍ରଥମ ହେଇଥିବ ସିଏ ତା ନଟୁରେ ଏହି ନଟୁମାନଙ୍କ ଉପରେ ଜୋରରେ ମାରେ। ସେହି ମାରିଲା ବେଳେ ଯିଏ ମାରିଥିବ ତାର ନଟୁ ଅନ୍ୟମାନଙ୍କୁ ଆଘାତ ଦେବା ପରେ ମଧ୍ୟ ତା ନିଜର ନଟୁ ଘୁରିବା ଆବଶ୍ୟକ। ପ୍ରଥମ ଖେଳାଳୀର ନଟୁର ଆଘାତରେ ଯେତେଜଣଙ୍କର ନଟୁ ଗୋଲେଇ ବାହାରକୁ ଯାଇଥାଏ, ସେମାନେ ସମସ୍ତେ ବଞ୍ଚିଯାଆନ୍ତି। ଯଦି ଗୋଲେଇ ଭିତରେ ଗୋଟିଏ କିମ୍ବା ଦୁଇଟା ନଟୁ ରହିଯାଏ ତେବେ ସମସ୍ତେ ମିଶି ତାକୁ ପୁଣି ରସି ଓ ନଟୁ ସାହାଯ୍ୟରେ ମାରନ୍ତି। ଯଦି ଏଥର ମଧ୍ୟ ଗୋଟିଏ ନଟୁ ଭିତରେ ରହଯାଏ ତେବେ ସେହି ଶେଷ ନଟୁଟି ବହୁତ ଦଣ୍ଡ ପାଇଥାଏ। ସମସ୍ତେ ସେହି ଗୋଟିଏ ନଟୁକୁ ନିଜ ନଟୁର ଲୁହାରେ ଥରେ ଥରେ ହାତରେ ଧରି ଆଘାତ କରନ୍ତି। ଯଦ୍ୱାରା କି ଶେଷରେ ରହିଯାଇଥିବା ନଟୁ ଖଣ୍ଡିଆ ଖାବରା ହୋଇଯାଇଥାଏ। ଯଦ୍ୱାରା କି ଯାହାର ନଟୁ ଶେଷରେ ରହେ ସେ ବିଚରା ମନ ଦୁଃଖ କରି ଘରକୁ ଫେରିଆସେ।

ପତାଙ୍ଗି ଉଡା ବା ଗୁଡିଉଡା : – ଏହି ଖେଳ ମଧ୍ୟ ମୂଳତଃ ପିଲମାନେ ହିଁ ଖେଳିଥାନ୍ତି। ଗାଁର ମୁଣ୍ଡରେ ବା ପଡିଆରେ କିମ୍ବା ଯେଉଁଠି ଖୋଲା ଜାଗା ଥାଏ ସେଠାରେ ଏହି ପତାଙ୍ଗି ଉଡା ବା ପତାଙ୍ଗି ଉଡା ପ୍ରତିଯୋଗିତା ମଧ୍ୟ ହୋଇଥାଏ। ଖେଳିବାର ସାମଗ୍ରୀ ଭାବରେ ପତାଙ୍ଗି, ସୂତା ଓ ନଟେଇର ବ୍ୟବହାର କରାଯାଏ। ଛୁଆମାନେ ଦ୍ୱିପହରରେ ବସି ବସି କାଗଜ କାଟି ପତଳା ବାଉଁଶ ଖଡିକା ବା ବାଉଁଶ ଖଡ୍‌କା ଦ୍ୱାରା ପ୍ରଥମେ ବର୍ଗାକାର କ୍ଷେତ୍ରର ଗୁଡି ବା ପତାଙ୍ଗି ତିଆରି କରାଯାଏ। ପୁଣି ସେହି ଗୁଡିର ତଳ ପଟେ ଲମ୍ବା ଲାଙ୍ଗୁଡ ବା ଲେଞ୍ଜର ବ୍ୟବହାର କରାଯାଏ। ଯାହାର ଗୁଡି ଯେତେ ବେଶି ଭଲ ହୋଇ ତିଆରି ହୋଇଥାଏ ସେ ସେତେ ବେଶି ଖେଳରେ ତାର ପ୍ରଦର୍ଶନ ଦେଖାଇପାରେ। ଗୁଡି ତିଆରି ହୋଇସାରିଲା ପରେ ସୂତାକୁ ପ୍ରସ୍ତୁତ କରାଯାଏ। ସାଧାରଣ ସୂତାରେ ମାଞ୍ଜୋ ଦିଆଯାଏ। ମାଞ୍ଜୋର ପ୍ରସ୍ତୁତିକରଣ ଅତି ସୁନ୍ଦର। ଚାଉଳରୁ ତିଆରି ଭାତକୁ ସୂତାରେ ଘସି ଘସି ସୂତାଟିକୁ ଶକ୍ତ କରିଦିଆଯାଏ। ତାକୁ ନେଇ ଖରାରେ ପୁଣି ଶୁଖାଯାଏ। ବେଳେବେଳେ ପିଲାମାନେ ଭାତକୁ ସେହି ସୂତାରେ ଘସିବା ସମୟରେ ତା ସାଙ୍ଗରେ କିଛି କାଚ ଗୁଣ୍ଡ ବା ବାଲିର ବ୍ୟବହାର

କରି ସୂତାଟିକୁ ଆହୁରି ଶକ୍ତ ଏବଂ ମାରାତ୍ମକ କରିଥାଆନ୍ତି । ପରେ ସେହି ସୂତାକୁ କାଠରେ ତିଆରି ଗୋଟିଏ ନଟେଇରେ ଗୁଡେଇ ଖେଳିଯିବା ପାଇଁ ପ୍ରସ୍ତୁତ ହେଇଥାନ୍ତି । ଏହି ଖେଳକୁ ସବୁଦିନ ଖେଳା ଯାଇ ପାରେ ନାହିଁ । ଯେଉଁଦିନ ଟିକିଏ ଭଲ ପବନ ହୁଏ ସେହିଦିନ ହିଁ ପିଲାମାନେ ଆନନ୍ଦ ସହକାରେ ଖେଳିଥାନ୍ତି । ନିଜ ନିଜର ସାଙ୍ଗମାନଙ୍କୁ ଡକା ଡକି କରି ସେମାନେ ଖୋଲା ଜାଗାକୁ ଖେଳିବା ପାଇଁ ବାହାରନ୍ତି । ସେଠାରେ ଏହି ଗୁଡିକୁ ନେଇ ଦୁଇ ପ୍ରକାର ଖେଳ ଖେଳାଯାଏ । ଗୋଟିଏ ହେଲା କେବଳ ଗୁଡି ଉଡାଇ ମଜାନେବା ଏବଂ ଅନ୍ୟଟି ହେଲା କାହାର ଗୁଡି କେତେ ବେଶି ଦୂର ବା ଉଚ୍ଚକୁ ଉଡୁଛି ତାକୁ ଦେଖାଯାଏ । ଯାହାର ଗୁଡି ଯେତେ ବେଶି ଉପରକୁ ଓ ସୁନ୍ଦର ଭାବରେ ଉଡିପାବିବ ସେ ଅନ୍ୟମାନଙ୍କଠାରୁ ଜିତିବ । ଆଉ ଗୋଟିଏ ପ୍ରକାର ଖେଳ ହେଲା ଗୁଡି କଟା ।

ଅର୍ଥାତ ଜଣେ ଆଉ ଜଣଙ୍କର ଗୁଡିକୁ ଉପରେ ଉପରେ କାଟିଦେବା । ଏଥିରେ ସେହି ମାଞ୍ଜୋ ସୂତାର ବ୍ୟବହାର କରାଯାଏ । ସମସ୍ତେ ନିଜର ଗୁଡିକୁ ଉଡାଉଥିବା ସମୟରେ ନିଜ ନିଜ ଭିତରେ ଗୁଡି କଟା କଟି ଆରମ୍ଭ ହୁଏ । ଜଣେ ଆଉ ଜଣଙ୍କର ଗୁଡିକୁ ସେହି ମାଞ୍ଜୋ ଦିଆଯାଇଥିବା ବା ଚଢାଯାଇଥିବା ସୂତା ସାହାଯ୍ୟରେ ଅନ୍ୟର ସୂତାକୁ କାଟିଥାଆନ୍ତି । ଯଦ୍ୱାରାକି ଯାହାର ଗୁଡିକୁ କାଟି ଦିଆଯାଏ ସେମାନେ ହାରି ଯାଆନ୍ତି ଏବଂ ଯାହାର ସୂତା ନ କଟି ରହିଯାଏ ସେ ହିଁ ବିଜେତା ହୋଇଥାଏ । ଏହି ଖେଳକୁ ଖେଳିଲା ବାଲା ଏବଂ ଦେଖିଲା ବାଲା ଉଭୟେ ଉପଭୋଗ କରିଥାନ୍ତି । ବର୍ତ୍ତମାନ ଅନେକ ଦେଶମାନଙ୍କରେ ଏହି ଖେଳକୁ ମାନ୍ୟତା ମଧ୍ୟ ଦେଲେଣି । ସମସ୍ତଙ୍କ ଭିତରେ ଗୋଟିଏ ଭଲ ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭ୍ରାତୃତ୍ୱଭାବର ବାତାବରଣ ସୃଷ୍ଟି କରିବା ପାଇଁ ଅର୍ନ୍ତଜାତୀୟ ସ୍ତରରେ ୧୪ ଜାନୁୟାରୀକୁ ଆର୍ନ୍ତଜାତୀୟ ଗୁଡି ଦିବସ ଭାବରେ ପାଳନ କରାଯାଉଅଛି ।

ସାତଖପରି ବା ସେଭେନ ଡେସ୍କ : – ଏହି ଖେଳକୁ ଗ୍ରାମାଞ୍ଚଳରେ ସାତଖପରି ଏବଂ ସହରାଞ୍ଚଳରେ ସେଭେନ ଡେସ୍କ (Seven Desk) ବୋଲି କହିଥାନ୍ତି । ଏଥିରେ ବ୍ୟବହୃତ ହୁଏ ସାତଗୋଟି ଖପରି ବା ଖପରା ବା ପଥର ଏବଂ ଗୋଟିଏ ସ୍ୱଞ୍ଚ ବଲ ବା ନରମ ବଲ । ଏହି ଖପରା ସାଧାରଣତଃ ଘରଗୁଡିକରେ ଛପର କାର୍ଯ୍ୟରେ ହିଁ ବ୍ୟବହୃତ ହୋଇଥାଏ । ବେଳେବେଳେ ଖପରି ବଦଳରେ ଏମିତି ସାତଗୋଟି ପଥର ଅଣାଯାଏ ଯାହାକୁ ସହଜରେ ସଜାଡି ରଖାଯାଇ ପାରିବ ନାହିଁ । ଏହା ମୂଳତଃ ଖୋଲ ପଡିଆରେ ହିଁ ଖେଳା ଯାଇଥାଏ । ଖେଳର ନିୟମ ହେଲା ଏଥିରେ ଯେତେ ଜଣ ପିଲା ଥିବେ ସମସ୍ତେ ନିଜକୁ ଦୁଇ ଭାଗରେ ବିଭକ୍ତ କରିଦେବେ । ତା ପରେ ଉଭୟ ଦଳଙ୍କ ଭିତରେ ଗୋଟିଏ ପଇସାକୁ ଉପରକୁ ଫିଙ୍ଗାଯାଏ । ଗୋଟିଏ ଦଳ ମୁଣ୍ଡ ପଟ ବା ପଟ୍ ପାର୍ଶ୍ୱ ନେଲାବେଳେ ଅନ୍ୟ ଦଳ ଚିତଗ ପାର୍ଶ୍ୱ ନେଇଥାନ୍ତି । ଉଭୟ ଦଳ ନିଜ ନିଜର ପାର୍ଶ୍ୱକୁ କହିଥାନ୍ତି ଏବଂ ପଇସାକୁ ଉପରକୁ ଫିଙ୍ଗି ଦିଆଯାଏ । ଯେତେବେଳେ ପଇସା ତଳେ ପଡେ ସେ ଯେଉଁ ପାର୍ଶ୍ୱରେ ପଡିଥିବ ସେହି ଦଳଟି ପ୍ରଥମେ ବଲ ଦ୍ୱାରା ସେହି ସାତୋଟି ପଥରକୁ ମାରନ୍ତି । ଯେଉଁମାନେ ବଲରେ ପଥର ମାରନ୍ତି ସେମାନେ ବିପକ୍ଷ ଦଳ (Defensive) ଏବଂ ଯେଉଁମାନେ ବଲରେ ଖେଳାଳୀମାନଙ୍କୁ ମାରନ୍ତି ସେମାନେ ହେଲେ ସପକ୍ଷ ଦଳ (Offensive) ହୋଇ ଖେଳିଥାନ୍ତି । ଖେଳର ନିୟମ ହେଲା ଗୋଟିଏ ଦଳର ଖେଳାଳୀମାନେ ବଲ ଦ୍ୱାରା ସେହି ପଥରକୁ ମାରିଥାନ୍ତି । ପଥରଗୁଡିକ ପଡି ଗଲାପରେ ବଲ ମାରିଥିବା ଦଳ ଏପଟେ ସେପଟେ ପଳାନ୍ତି ଏବଂ ଅନ୍ୟ ଦଳ ସେହି ବଲଦ୍ୱାରା ସେମାନଙ୍କୁ ମାରନ୍ତି । ବଲଦ୍ୱାରା ପଥରକୁ ମାରିଥିବା ଦଳ ଅନ୍ୟ ଦଳର ପିଲାମାନଙ୍କ ଠାରୁ ବଞ୍ଚିବାକୁ ଚେଷ୍ଟା କରନ୍ତି । ସେମାନଙ୍କ ମାରିବାରୁ ବଞ୍ଚିବା ପାଇଁ ଦୁଇ ହାତରେ ନିଜର ଚପଲକୁ ଗଳେଇଥାନ୍ତି । ଯେତେବେଳେ ଅନ୍ୟ ଦଳ ବଲ ମାରନ୍ତି ସେମାନେ ସେହି ଚପଲଦ୍ୱାରା ହିଁ ବଞ୍ଚନ୍ତି (Defense) ବା ନିଜର ସୁରକ୍ଷା କରନ୍ତି । ବଲ ଯଦି ଶରୀରର କୌଣସି ଜାଗାରେ ବାଜିଯାଏ ତେବେ ଅନ୍ୟ ଦଳର ସମସ୍ତେ ଖେଳରୁ ବାଦ ପଡନ୍ତି ଏବଂ ପୁଣି ନୂଆ ଖେଳ ଆରମ୍ଭ ହୁଏ । ଏହି ବଲ ମାରିବା ଭିତରେ ଅନ୍ୟ ଦଳ ଭାଙ୍ଗିଯାଇଥିବା ପଥରଗୁଡିକୁ ସଜାଡି ରଖିଥାନ୍ତି । ପଥରଗୁଡିକ ସମାନ ଆକାରର ନଥାଏ । କାରଣ ସଜାଇବାକୁ ବିଳମ୍ବ ହେଲେ ହିଁ ଖେଳର ମଜା ଜମେ । ଯଦି ପଥର ଭାଙ୍ଗିଥିବା ଦଳ ପଥରକୁ ଗୋଟିଏ ଗୋଟିଏ କରି ଉପରକୁ ଉପରକୁ ସଜାଇ ଦିଆଯାଏ ତେବେ ଭାଙ୍ଗିଥିବା ଦଳ ପୁଣିଥରେ ମାରିବା ପାଇଁ ସୁଯୋଗ ପାଇଥାନ୍ତି । ଏଭଳି ଭାବରେ ଗୋଟିଏ ଦଳ ପଥର ସଜାଡି ଦେଲେ ପୁଣି ଥରେ ଖେଳିବେ ଏବଂ ସଜାଡି ନ ପାରିଲେ ସେମାନଙ୍କର ପାଳି ସରିଯାଏ ଏବଂ ଅନ୍ୟ ଦଳ ଖେଳିବାର ଆରମ୍ଭ କରେ ।

ପଶ୍ଚିମ ଓଡିଶାରେ ଝିଅମାନଙ୍କଦ୍ୱାରା ଏବଂ ପୁଅମାନଙ୍କଦ୍ୱାରା ଖେଳା ଯାଉଥିବା ପାରମ୍ପରିକ ଖେଳର ଆଲୋଚନା କରାଗଲା ପରେ ବର୍ତ୍ତମାନ ବିଷୟ ହେଲା ଉଭୟେ ଝିଅ ଓ ପୁଅ ମିଶିକରି ଖେଳୁଥିବା ଖେଳଗୁଡିକର ଆଲୋଚନା। ଏହି ଅଞ୍ଚଳରେ ଏମିତି ଆହୁରି ଅନେକ ଖେଳ ଅଛି ଯାହାକୁ ଉଭୟେ ପୁଅ ଝିଅ ମିଶିକି ଖେଳିଥାନ୍ତି। ଛୁଆମାନେ ଛୋଟ ଥିବା ସମୟରେ ଏକାସାଙ୍ଗରେ ଖେଳି ମଧ୍ୟ ମନୋରଞ୍ଜନ କରିଥାନ୍ତି। ବର୍ତ୍ତମାନ ନିମ୍ନରେ କେତେଗୋଟି ଖେଳର ଆଲୋଚନା କରାଯିବ ଯାହାକି ଉଭୟେ ପୁଅ ଓ ଝିଅ ମିଶିକି ଖେଳିଥାନ୍ତି। ଯେପରି –

ଖମଖମାଲୋ :– ଏହା ମୂଳତଃ ଗ୍ରାମଞ୍ଚଳରେ ପୁଅ ଓ ଝିଅ ଉଭୟେ ଗାଁ ଦାଣ୍ଡରେ ଖେଳିଥାନ୍ତି। ଗାଁର ମନ୍ଦିର ପ୍ରାଙ୍ଗଣ, କାହାର ଘରର ସାମନାରେ ଖୁମ୍ବଗୁଡିକ ଥାଏ ସେହି ଯାଗାମାନଙ୍କରେ ଏହି ଖେଳ ଖେଳିଥାନ୍ତି। ପ୍ରତ୍ୟେକେ ନିଜ ନିଜ ଭିତରେ ବୁଝାମଣାରେ କିମ୍ବା ସେହି ଏକାଥରକୁ ପାପୁଲି ଓଲଟାଇ ଜଣକୁ ବଛାଯାଏ। ଯିଏ ଶେଷରେ ରହେ ତାର ହିଁ ପାଳି ପଡେ। ତାପରେ ପ୍ରତ୍ୟେକେ ଗୋଟିଏ ଗୋଟିଏ ଖୁମ୍ବକୁ ଧରି ଛିଡା ହୁଅନ୍ତି। ଜଣେ କେବଳ ରହିଯାଏ ଯିଏକି ବୁଲି ବୁଲି ଅନ୍ୟମାନଙ୍କୁ ଛୁଇଁବା ପାଇଁ ଚେଷ୍ଟା କରେ। ବାକି ଯେଉଁମାନେ ଖମ୍ବକୁ ଧରି ଖେଳୁଥାନ୍ତି ସେମାନେ ସମସ୍ତେ ନିଜକୁ ନିଜେ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି। ସମସ୍ତ ଖେଳାଳୀ ଏ ଖୁମ୍ବରୁ ସେ ଖୁମ୍ବ ସେ ଖୁମ୍ବରୁ ଏ ଖୁମ୍ବ ହେଇ ଖେଳୁଥାନ୍ତି ଏବଂ ଯିଏ ଏକା ରହିଯାଇଥାଏ ତାକୁ ଥଟ୍ଟା କରି ଚିଡାଉଥାଆନ୍ତି। ଅନ୍ୟ ଖେଳାଳିମାନେ ନିଜ ନିଜ ଭିତରେ ମଜା ମଜଲିସ କରି ଖେଳୁଥାନ୍ତି। ଖେଳାଳିମାନେ ଖୁମ୍ବରୁ ଖୁମ୍ବକୁ ଡେଇଁ ଡେଇଁ ଖେଳୁଥିବା ସମୟରେ ଯଦି କୌଣସି ପିଲାକୁ ସେ ଛୁଇଁଦିଏ ତେବେ ସେ ଖେଳରୁ ବାହାରିଯାଏ ଏବଂ ତାର ଦାନ୍ ହୁଏ। ବର୍ଞ୍ଚମାନ ଯାହାକୁ ଛୁଇଁଥାଏ ସେ ଅନ୍ୟମାନଙ୍କୁ ଛୁଇଁବା ପାଇଁ ଚେଷ୍ଟା କରେ। ଏହି ଖେଳ ଭିତରେ ସେମାନେ ଗୀତ ମଧ୍ୟ ପଦେ ପଦେ ଗାଇ ଖେଳୁଥାନ୍ତି। ଯେପରି –

ଖମଖମାଲୋ ମଝିର ମାଲୋ,
ମୋର ଖମ୍‌ଟା ଛାଡିଦେ,
ମୋର ଖମଟା ଛାଡିଦେ।

ଏଭଳି ଏକ ସୁନ୍ଦର କଥା ବା ଗୀତ ମାଧ୍ୟମରେ ପିଲା ଏବଂ ଝିଅମାନେ ଆନନ୍ଦରେ ଗାଁ ଦାଣ୍ଡରେ ସମସ୍ତଙ୍କ ସାମନାରେ ଖେଳିଥାନ୍ତି। ଏହି ଖେଳ ଦ୍ୱାରା ପୁଅ କିମ୍ବା ଝିଅମାନଙ୍କର ସୁନ୍ଦର ଶାରୀରିକ ପରିଶ୍ରମ ହୋଇଥାଏ। ଖେଳ ଖେଳିବା ସାଙ୍ଗରେ ଅନ୍ୟମାନଙ୍କୁ ଭଲ ଭାବରେ ଜାଣି ପରିବା, ଅନ୍ୟମାନଙ୍କୁ ବୁଝିବା, ସମସ୍ତଙ୍କ ସହିତ ମିଳି ମିଶି ଭାଇ ଭଉଣୀର ସଂପର୍କରେ ସେମାନେ ହସ ଖୁସିରେ ନିଜେ ସମୟକୁ ଅତିବାହିତ କରିଥାନ୍ତି।

ଘୋ – ଘୋ ରାନୀ :– ଏହା ମଧ୍ୟ ଗ୍ରାମାଞ୍ଚଳରେ ପୁଅ ଓ ଝିଅ ଉଭୟେ ଖେଳିଥାନ୍ତି। ଏହା ଛୋଟ ଛୋଟ ଛୁଆମାନେ ହିଁ ଖେଳିଥାନ୍ତି। ଏହି ଖେଳରେ ୧୦ ରୁ ୧୨ ଜଣ ଝିଅ ଏବଂ ୨ ରୁ ୩ ଟି ପୁଅ ଖେଳିଥାନ୍ତି। ପ୍ରଥମେ ଦୁଇଗୋଟି ଝିଅ ନିଜର ହାତକୁ ପରସ୍ପର ସହିତ ସ୍ପର୍ଶ କରି ଉପରକୁ ଉଠାଇ ଛିଡାହୁଅନ୍ତି। ଅଳ୍ପ କିଛି ବ୍ୟବଧାନରେ ଆହୁରି ୮ ରୁ ୧୦ ଜଣ ଝିଅ ସେହିଭଳି ଭାବରେ ହାତକୁ ସ୍ପର୍ଶ କରି ଛିଡା ହେଇଥାନ୍ତି। ସେହି ଦୁଇଟି ଯାକ ପିଲା ହାତ ଉଠାଇ ଥିବା ଝିଅମାନଙ୍କ ମଝିରୁ ଗଳିକି ଯାଆନ୍ତି। ସେହି ପିଲାମାନେ ଯିବା ସମୟରେ ପ୍ରଥମ ଦୁଇଟି ଝିଅ -

"ରଜାର ବାଏରକେ ସମଲା ଚୁର,
ଇ ଚୁରକେ ଧର ଧର ଧର ହୋ ଧର।"

ଆବୃତ୍ତି କରି କରି ସେହି ପିଲାକୁ ଧରିପକାନ୍ତି। ତା ପରେ ସେହି ପିଲାକୁ ପୁଣି ଛାଡି ଦିଆଯାଏ। ସେହି ପିଲା ପୁଣି ବେଶି ଝିଅ ଯେଉଁ ହାତ ଉଠାଇ ଠିଆ ହୋଇଥାନ୍ତି ସେହି ଭିତରକୁ ପଶନ୍ତି। ସେଠାରେ ପଶିବା ସମୟରେ ଏକ ସୁନ୍ଦର ଆଳାପଧର୍ମୀ ଗୀତ ମାଧ୍ୟମରେ ଏହି ଖେଳକୁ ଖେଳୁଥାନ୍ତି। ଯେପରି –

"ଘୋ ଘୋ ରାନୀ,
ପାଦେ ପାଦେ ରାନୀ।
ଘୋ ଘୋ ରାନୀ,
ଆଁଠେ ଆଁଠେ ପାନି।
ଘୋ ଘୋ ରାନୀ,
ଅଁଟେ ଅଁଟେ ପାନି।
ଘୋ ଘୋ ରାନୀ,
ପେଟେ ପେଟେ ପାନି।"
.....

ଏଭଳି ଭାବରେ ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ ସମସ୍ତ ଜାଗାର କଥା କହି କହି ଖେଳକୁ ଶେଷ କରିଥାନ୍ତି।

ବିଷ ଅମୃତ : – ଏହି ଖେଳକୁ ଉଭୟେ ପିଲା ଝିଅ ଗାଁ ଦାଣ୍ଡରେ ଖେଳିଥାନ୍ତି । ଉଭୟ ପିଲା ଓ ଝିଅଙ୍କ ମଧ୍ୟରେ ଜଣଙ୍କୁ ଚୟନ କରାଯାଏ ଯିଏକି ଅନ୍ୟମାନଙ୍କୁ ଦଉଡାଏ ଏବଂ ଅନ୍ୟମାନେ ଦଉଡି ଦଉଡି ଖେଳିଥାନ୍ତି । ଏହା ମଧ୍ୟ ସେହି ପାପୁଲିକୁ ଓଲଟା କରିବା ରୀତିରେ ଖେଳାଳୀ ଚୟନ କରାଯାଏ । ଯେଉଁ ପିଲାର ପାଳି ପଡିଥାଏ ସେ ସମସ୍ତଙ୍କୁ ଦଉଡି ଦଉଡି ଛୁଇଁବାକୁ ଚେଷ୍ଟା କରେ । ଯଦି କାହାକୁ ଛୁଇଁଦିଏ ତେବେ ସେ ପିଲାଟା ମଧ୍ୟ ବିଷ୍ ହେଇଯାଏ ଓ ସେହି ସ୍ଥାନରେ ଠିଆ ହୋଇ ରହିଯାଏ ଏବଂ ଯେଉଁ ସମୟ ପର୍ଯ୍ୟନ୍ତ ସେମାନେ ସେହି ବିଷ୍ ପିଲା (ଯିଏ ଦଉଡାଉଥାଏ) ନ ଛୁଏଁ ସେ ସମୟ ପର୍ଯ୍ୟନ୍ତ ସେମାନେ ଅମୃତ ହୋଇକରି ଥାଆନ୍ତି । ଅମୃତ ହେଇକରି ଥିବା ଖେଳାଳୀମାନେ ଚେଷ୍ଟା କରନ୍ତି କିପରି ଯାଇକରି ତାଙ୍କର ଆଉ ଜଣେ ସାଙ୍ଗ ଖେଳାଳୀ ଯିଏକି ବିଷ୍‌ର ଦଣ୍ଡ ପାଉଥାଏ ତାକୁ ମୁକୁଳାଇବେ । ଅମୃତ ଥିବା ଖେଳାଳୀ ଯଦି ସେହି ବିଷ୍ ହୋଇଥିବା ଖେଳାଳୀକୁ ଛୁଇଁ ଦିଏ, ତେବେ ସେହି ବିଷ୍ ହେଇଥିବା ପିଲାଟି ପୁଣି ଅମୃତ ହେଇଯାଏ ଏବଂ ଅନ୍ୟ ଖେଳାଳୀଙ୍କ ଭଳି ମୂଖ୍ୟ ସ୍ରୋତରେ ମିଶିଯାଏ । ଏଭଳି ଭାବରେ ଖେଳ ଚାଲେ । ପ୍ରଥମ ବିଷ୍ ହୋଇଥିବା ଖେଳାଳୀଟି ଯଦି ଅନ୍ୟ ସମସ୍ତଙ୍କୁ ଛୁଇଁ ଛୁଇଁ କରି ବିଷ୍ କରିଦିଏ ତେବେ ପୁଣି ଥରେ ଖେଳ ଆରମ୍ଭ ହୁଏ । ଠିକ୍ ସେହିଭଳି ଅନ୍ୟ ଏକ ଖେଳ ହେଲା ପାହାଡ ପାନି । ଯାହାକି ଗାଁ ଦଣ୍ଡରେ ଥିବା ଘରର ପିଣ୍ଡା ଓ ସାମନାରେ ଥିବା ରାସ୍ତାକୁ ବ୍ୟବହାର କରାଯାଏ । ଯେଉଁ ଜଣକ ପାପୁଲି ଓଲଟାଇ ଶେଷରେ ଏକା ରହିଯାଏ ତାର ହିଁ ଦାନ ବା ପାଳି ପଡେ । ପାଳି ପଡିଥିବା ପିଲା ଗୋଟିଏ ପଟେ ଓ ଅନ୍ୟ ସମସ୍ତେ ଗୋଟିଏ ପଟେ । ଅନ୍ୟ ଖେଳାଳୀମାନେ ପିଣ୍ଡା ଉପରେ ଥିବା ପର୍ଯ୍ୟନ୍ତ ନିରାପଦ । ସେମାନେ ଯେତେବେଳେ ପିଣ୍ଡାରୁ ତଳକୁ ଓହ୍ଲାଇ ଆସିବେ ଏବଂ ସେ ସମୟରେ ରାସ୍ତାରେ ଅର୍ଥାତ ପାନିରେ ଥିବା ଖେଳାଳୀ ଯଦି ଛୁଇଁଦିଏ, ତେବେ ପରବର୍ତ୍ତୀ ସମୟରେ ତାର ପାଳି ହୋଇଯାଏ । ଏଭଳି ଭାବରେ ଅନେକ ସମୟ ଧରି ଖେଳାଳୀମାନେ ଗାଁ ଦାଣ୍ଡରେ ଏହି ଖେଳକୁ ମନ ଖୁସିରେ ଖେଳିଥାନ୍ତି ।

କୁଡା ଲୁକାନି ବା ବେଁଟିଆ ଲୁକାନି : – ଏହା ମଧ୍ୟ ଉଭୟ ପିଲା ଏବଂ ଝିଅମାନେ ମିଶିକରି ଖେଳିଥାନ୍ତି । ଗାଁ ଦାଣ୍ଡରେ କିମ୍ବା କାହା ଖଳାରେ (ଯେଉଁଠି ଧାନକୁ ବସ୍ତାରେ ଭର୍ତ୍ତି ନ କଲା ପର୍ଯ୍ୟନ୍ତ କିଛି ଦିନ ପାଇଁ ରଖାଯାଏ) ଖେଳିଥାନ୍ତି । ପ୍ରଥମେ ସମସ୍ତେ କଥା ହେଇ ଗୋଟିଏ ଜାଗାରୁ ଯେଉଁ ଜାଗାରେ ଖେଳ ହେବ ସେ ଜାଗା ପର୍ଯ୍ୟନ୍ତ ଦଉଡିକି ଯିଏ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ଏଭଳି କ୍ରମାନ୍ୱୟରେ ପହଞ୍ଚନ୍ତି ସେହି ଅନୁଯାୟୀ ସେମାନଙ୍କର ପାଳି ପଡେ । ସବା ଶେଷରେ ଯିଏ ସେହି ଜାଗାକୁ ପହଞ୍ଚେ ତାର ହିଁ ପାଳି ପଡେ । ତା ପରେ ସମସ୍ତ ପିଲା ଝିଅ ଗୋଟିଏ ଜାଗାରେ ବଡ ଗୋଲ ହୋଇ ତଳେ ବସନ୍ତି । ବର୍ତ୍ତମାନ ଏମାନେ ସମସ୍ତେ ଗୋଟିଏ ପଟ ଏବଂ ସବା ଶେଷରେ ପହଞ୍ଚିଥିବା ପିଲା ବା ଝିଅ ଗୋଟିଏ ପଟର । ସବା ଶେଷରେ ପହଞ୍ଚିଥିବା ପିଲାଟି ଗୋଟିଏ ଗାମୁଛାକୁ ମୋଡି ମୋଡି ପ୍ରଥମେ ଗୋଟିଏ କୁଡା ବା ବେଁଟିଆ ପ୍ରସ୍ତୁତ କରେ । ଗାଁଲୋକେ ଯେଭଳି ଶୀତ ଦାଉରୁ ରକ୍ଷା ପାଇବା ପାଇଁ ପାଳ ବା ପୁଆଳକୁ ମୋଡି ମୋଡି ବେଁଟିଆ ପ୍ରସ୍ତୁତ କରନ୍ତି ଠିକ ସେହି ଭଳିଆ ଏଠାରେ ମଧ୍ୟ ଗାମୁଛାର ଗୋଟିଏ ବେଁଟିଆ ପ୍ରସ୍ତୁତ କରାଯାଏ । ଅନ୍ୟ ପିଲାମାନେ ଯେଉଁ ତଳେ ବସିଥାନ୍ତି ସେମାନେ ସମସ୍ତେ ସାମନା ସାମନି ମୁହଁ କରି ବସିଥାନ୍ତି । ଯିଏ ଶେଷରେ ପହଞ୍ଚିଥାଏ ସେ ବେଁଟିଆଟିକୁ ଧରି ସେମାନଙ୍କ ପଛରେ ପଛରେ ବୁଲୁଥାଏ । ଏମିତି ବୁଲିବା ଭିତରେ ସେ କେତେବେଳେ ସେହି ବେଁଟିଆଟିକୁ କାହାର ପଛ ପଟେ ରଖିଦିଏ । ଜଣଙ୍କର ପଛପଟେ ରଖିଦେଇ ସିଏ ସେମିତି ବୁଲୁଥାଏ । ସେ ଖେଳାଳିଟି ଯାହା ପଛ ପଟେ ବେଁଟିଆକୁ ଛାଡିଥାଏ, ସେ ବୁଲି ବୁଲି ଯଦି ସେହି ପିଲା ପାଖକୁ ପୁଣି ପହଞ୍ଚିଗଲା ଏବଂ ବସିଥିବା ପିଲାଟି ଜାଣି ନପାରିଲା ତେବେ ସେ ସମୟରେ ବସିଥିବା ପିଲାଟିର ପାଳି ପଡେ । କିନ୍ତୁ ଯଦି ବେଁଟିଆଟି ଛାଡିଥିବା ଖେଳାଳୀ ଜାଣି ପାରିଲା ଯେ ତା ପଛରେ ବେଁଟିଆ ପଡିଛି ସେ ଶୀଘ୍ର ଉଠି ବେଁଟିଆକୁ ଧରି ତାକୁ ବାଡେଇବା ପାଇଁ ଗୋଡାଏ । ଏମିତି ଦୌଡି ଦୌଡି ଯଦି ପ୍ରଥମ ପିଲାଟି ଦୌଡିଯାଇ ସେହି ଖାଲି ସ୍ଥାନରେ ବସିଯାଏ, ତେବେ ମଧ୍ୟ ପ୍ରଥମେ ତଳେ ବସିଥିବା ପିଲାର ହିଁ ପାଳି ହୋଇଥାଏ । ଏଭଳି ଭାବରେ ଖେଳଟି ଅତି ସୁନ୍ଦର ଭାବରେ ଖେଳିଥାନ୍ତି । ଏହି ଖେଳ ଭଳିଆ ରୁମାଲ ଚୋରି ମଧ୍ୟ ଗୋଟିଏ ସୁନ୍ଦର ଖେଳ । ଏଠାରେ ଗୋଟିଏ ରୁମାଲକୁ ବ୍ୟବହାର କରାଯାଏ । ନଚେତ ବାକି ସବୁ ସମାନ ।

କିତ୍ କିତ୍ ବା କପ୍‌ଟି : – ଏହା ଗୋଟିଏ ଏପରି ଖେଳ ଯାହାକୁ ଝିଅମାନେ ଖେଳିଲେ କିତ୍ କିତ୍ କୁହାଯାଏ ଏବଂ ପିଲମାନେ ଖେଳିଲେ କପ୍‌ଟି ବୋଲି କୁହାଯାଏ । ଏହା ୪ ଜଣ

କିମ୍ବା ୫ ଜଣ ମଧ୍ୟ ଖେଳି ପାରନ୍ତି। ଗାଁ ଦାଣ୍ଡରେ ସାତଗୋଟି ଗୋଲେଇ ଅଙ୍କାଯାଏ। ପ୍ରଥମେ ଗୋଟିଏ ଗୋଲେଇ, ତାକୁ ଲାଗିକି ଆଗକୁ ଦୁଇ ପାର୍ଶ୍ୱରେ ଦୁଇଟି ଗୋଲେଇ ପୁଣି ଗୋଟିଏ ଗୋଲେଇ, ତାକୁ ଲାଗିକି ଆଗକୁ ପୁଣି ଦୁଇଟି ଗୋଲେଇ ଏବଂ ଶେଷରେ ଗୋଟିଏ ଗୋଲେଇ ଏଭଳି ଭାବରେ ୭ ଗୋଟି ଗୋଲେଇ ଅଙ୍କାଯାଏ। ତା ପରେ ଜଣେ ଜଣେ କରି ସେଠାରେ ଗୋଟିଏ ଛୋଟିଆ ପଥରକୁ ସେହି ଗୋଲେଇ ଭିତରକୁ ଫିଙ୍ଗନ୍ତି। ଯେଉଁ ଜାଗାରେ ପଡିଲା ସେଠାରୁ ତାକୁ ଗୋଟିଏ ଗୋଡରେ ଡେଇଁ ଡେଇଁ ପାଦରେ ଖୋରେଇ ଖୋରେଇ ଅନ୍ୟ ଗୋଲ ଭିତରକୁ ନିଅନ୍ତି। ସେମାନେ ସତର୍କତାର ସହିତ ତାକୁ ଖେଳୁଥାନ୍ତି। କାରଣ ସେହି ପଥର ଯାଇ ଯଦି ଗୋଲେଇ ବାହାର ହୋଇଯାଏ କିମ୍ବା ଗୋଲେଇର ଗାରରେ ଲାଗି ରହେ ତେବେ ସେହି ଖେଳାଳୀ ଖେଳରୁ ବାହାରିଯାଏ। ଏମିତି ଖେଳି ଖେଳି ଯଦି ସେହି ପଥରକୁ ଶେଷ ଗୋଲେଇ ଭିତର ପର୍ଯ୍ୟନ୍ତ ପହଞ୍ଚାଇ ପାରେ ତେବେ ସେଠାରୁ ସେହି ଖେଳାଳୀ ଜଣକ ଠିଆହୋଇ ପଛ ପଟକୁ ସେହି ପଥରକୁ ଅନ୍ୟ ଗୋଲେଇକୁ ଫିଙ୍ଗେ। ଯଦି ସେହି ପଥି କୌଣସି ଗୋଲେଇ ଭିତରେ ରହେ ତେବେ ସେହି ଗୋଲେଇଟି ତାର ହୋଇଯାଏ। ପରବର୍ତ୍ତୀ ପର୍ଯ୍ୟାୟରେ ଯେତେବେଳେ ଅନ୍ୟ ଏକ ଖେଳାଳୀ ତାହା ଖେଳିବା ପାଇଁ ଯାଏ ସେ ସମୟରେ ପୂର୍ବରୁ ଜିତିଥିବା ସେହି ଗାତକୁ ନ ସ୍ପର୍ଶ କରି ତାକୁ ଆଗକୁ ଡେଇଁ କରି ଖେଳିବାକୁ ପଡିଥାଏ। ଏଥିରେ ପ୍ରଥମେ ଗୋଟିଏ ଗୋଡକୁ ମୋଡି କରି ଗୋଟିଏ ଗୋଡରେ କେବଳ ଡେଇଁବାକୁ ପଡିଥାଏ ପୁଣି ଆଉ ଦୁଇଟି ଗୋଲେଇରେ ଦୁଇଟି ଗୋଡ ରଖିବାର ସୁଯୋଗ ମିଳେ। ପୁଣି ଗୋଟିଏ ଗୋଡରେ ଖେଳେ। ଏଭଳି ଭାବରେ ଏହି ଖେଳ ମଧ୍ୟ ଅତି ସୁନ୍ଦର ଭାବରେ ପୁଅ ଝିଅମାନେ ଖେଳିଥାନ୍ତି।

ପଥର ଖୁଜାନି :– ଏହା ପାଣିରେ ହିଁ ଖେଳାଯାଇଥାଏ। ପିଲାମାନେ କିମ୍ବା ଝିଅମାନେ ଯେତେବେଳେ ଏକାସାଙ୍ଗରେ ପୋଖରୀକୁ ଗାଧୋଇବା ପାଇଁ ଯାଆନ୍ତି ସେହି ସମୟରେ ହିଁ ଏହି ଖେଳ ଖେଳିଥାନ୍ତି। ଯେହେତୁ ଗୋଟିଏ ତୁଠରେ ଉଭୟ ପିଲା ଓ ଝିଅ ଗାଧୋଇବାର ସୁବିଧା ନଥାଏ ତେଣୁ ଉଭୟ ପିଲା ଓ ଝିଅମାନେ ସେହି ସମାନ ଖେଳ ଖେଳିଥାନ୍ତି କିନ୍ତୁ ନିଜ ନିଜ ତୁଠରେ। ପ୍ରଥମେ ସେମାନେ ଗୋଟିଏ ସୁନ୍ଦର ପଥରକୁ ଚୟନ କରିବେ। ସମସ୍ତେ ସେହି ପଥରକୁ ଭଲ ଭାବରେ ମନେ ରଖିବେ। ତା ପରେ ଏହି ପଥରକୁ ପୋଖରୀର ପାଣି ମଧ୍ୟକୁ ଫିଙ୍ଗି ଦିଆଯାଏ ଏବଂ ସମସ୍ତେ ସେହି ପଥରକୁ ଖୋଜି ଆଣିବା ପାଇଁ ପାଣି ଭିତରକୁ ଡିଆଁ ମାରନ୍ତି। ସମସ୍ତ ଖେଳାଳୀ ସେହି ପଥରକୁ ନପାଇଲା ପର୍ଯ୍ୟନ୍ତ ପାଣି ଭିତରେ ବୁଡି କରି ରହନ୍ତି କିମ୍ବା ଯଦି ଜଣକୁ ଅଣନିଶ୍ୱାସୀ ଲାଗେ ସେ କିଛି ସମୟ ପାଇଁ ପାଣି ବାହାରକୁ ଆସେ ଏବଂ ପୁଣି ପାଣି ଭିତରକୁ ପଥର ଖୋଜିବା ପାଇଁ ପଶେ। ଏଭଳି ଭାବରେ ଅନେକ ସମୟ ପରେ ଯିଏ ପଥରକୁ ପାଏ ସେ ହିଁ ବିଜେତା ହୁଏ। ପୁଣି ଥରେ ସମସ୍ତେ ପୋଖରୀ ହୁଡାକୁ ଉଠନ୍ତି ଏବଂ ପୁଣି ପଥରକୁ ପାଣି ଭିତରକୁ ଫିଙ୍ଗି ଦିଆଯାଏ। ଏଭଳି ଭାବରେ ପାଖାପାଖି ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଏହି ଖେଳ ଚାଲେ।

ବାଗଡି ବା ବାଘ୍‌ଛେଲ (ବାଘ ଛେଳି) : – ଏହା ଗାଁମାନଙ୍କରେ ଘରର ପିଣ୍ଡାରେ ଖେଳାଯାଇଥାଏ। ଏହି ଖେଳାଳି ସଂଖ୍ୟା ୨ କିନ୍ତୁ ଦେଖଣାହାରୀ ସଂଖ୍ୟା ଅନେକ। ଏଠାରେ ବାଘ ଓ ଛେଳିର ଖେଳ ହୁଏ। ଚାରିଗୋଟି ବଡ ଗୋଡି ବା ପଥର ବାଘ ଏବଂ ଛୋଟ ଛୋଟ ଗୋଡି ବା ପଥର ଛେଳି ହୁଅନ୍ତି। ପିଣ୍ଡାରେ ଗୋଟିଏ ବର୍ଗ କ୍ଷେତ୍ର ଅଙ୍କାଯାଏ। ତା ଭିତରେ ଆହୁରି ଗାରଗୁଡିକ ଟଣାଯାଇ ସେଥିରେ ସେହି ପଥରକୁ ବସାଯାଏ। ବର୍ଗକ୍ଷେତ୍ରର ଚାରିଟା ଯାକ କୋଣ ବା ବିନ୍ଦୁରେ ବାଘମାନଙ୍କୁ ବସାଯାଏ। ଅନ୍ୟ ୨୦ ଗୋଟି ଛେଳିରୁ ୧୮ ଗୋଟି ଛେଳିକୁ ବିଭିନ୍ନ ସ୍ଥାନରେ ବସାଯାଏ। ସବୁ ଘର ଭିତରୁ ୨ ଗୋଟି ଘର ଖାଲି ରହେ। ଏଠାରେ ଖେଳର ନିୟମ ହେଲା ୧୮ ରୁ ୨୦ ଗୋଟି ଛେଳିକୁ ନେଇକରି ସେ ବାଘକୁ ବାନ୍ଧିବ, ଯଦ୍ୱାରା କି ବାଘ ଆଉ କୌଣସି ଜାଗାକୁ ଯାଇ ପାରିବ ନାହିଁ ଓ ସେ ହାରିଯିବ। ଠିକ ସେହିପରି ବାଘର କାମ ହେଲା ସେ କିଭଳି ଭାବରେ ଛେଳିମାନଙ୍କୁ ଖାଇବ। ତାପରେ ଖେଳ ଚାଲେ। ଛେଳିବାଲା ପାଖରେ ଯେଉଁ ଆଉ ଦୁଇଟି ଛେଳି ବାକିଆ ଅଛି ତାକୁ ସେ ସମୟ ଅନୁସାରେ ବ୍ୟବହାର କରେ। ବାଘ ଗୋଟିଏ ଛେଳିକୁ ଅତିକ୍ରମ କରି ଆଉ ଗୋଟିଏ ଘର ଯଦି ଖାଲି ଥାଏ ତେବେ ସେ ଛେଳିଟାକୁ ଖାଇ ପାରିବ। ଏଭଳି ଭାବରେ ଉଭୟ ଖେଳାଳୀଙ୍କ ଭିତରେ ବୁଦ୍ଧି ପରୀକ୍ଷା ଭଳି ଏହି ଖେଳଟିକୁ ଖେଳାଯାଏ। ସହରୀ ଜୀବନରେ ଆମେ ଯାହାକୁ ଚେସ (Chess) ଖେଳ ସାଙ୍ଗରେ ସମକକ୍ଷ ବୋଲି କହିପାରିବା।

ଆଙ୍ଗଠି ଲୁକାନି ବା ଆଙ୍ଗୁଠି ଲୁଚା ଖେଳ :– ଏହା

ସଦାସର୍ବଦା ଏକ ସୁନ୍ଦର ଖେଳ। ଏହି ଖେଳ ପ୍ରତ୍ୟେକ ସମୟରେ, ଯେ କୌଣସି ବୟସର ଲୋକ ଖେଳି ପାରିବ। ଏହା ମୂଳତଃ ୨ ରୁ ୩ ଜଣଙ୍କ ଭିତରେ ଖେଳହୁଏ। ଯେଉଁ ଦୁଇ ତିନିଜଣ ଖେଳାଳୀ ଥାଆନ୍ତି ସେମାନଙ୍କୁ ଜଣେ ନିଜର ଯେ କୌଣସି ଆଙ୍ଗୁଠିକୁ ଦେଖାଇବ ଏବଂ ତା ପରେ ସେହି ଆଙ୍ଗୁଠିକୁ ହାତ ପାପୁଲି ଭିତରେ ତାକୁ ଲୁଚେଇବ ଯାହାକି ଅଳ୍ପ ଅଳ୍ପ ଦେଖାଯାଉଥାଏ। ସେଠାରେ ପାଖାପାଖି ସବୁ ଆଙ୍ଗୁଠିଗୁଡିକ ସମାନ ଦେଖାଯାଉଥାଏ। ତେଣୁ ଅନ୍ୟମାନଙ୍କୁ ତାକୁ ବାହାର କରିବା ପାଇଁ କୁହାଯାଏ। ଅନ୍ୟ ଖେଳାଳୀ ଯଦି ତାକୁ ବାହାର କରିଦିଏ ତେବେ ବର୍ତ୍ତମାନ ଅନ୍ୟ ଜଣଙ୍କର ପାଳି ପଡେ। ନଚେତ ସେ ପ୍ରଥମ ଖେଳାଳୀ ହିଁ ଅନ୍ୟମାନଙ୍କୁ ଖେଳାଉଥାଏ। ଏହା ଘରେ ଘରେ ସମସ୍ତେ ପୁଅ, ଝିଅ, ମାଁ, ବାପା, ଅଜା, ଆଇ ଖେଳିପାରନ୍ତି।

ଫୁକୁଡ୍ ବା ଫୁକଡ୍ : – ଏଥିରେ ଉଭୟ ପୁଅ ଏବଂ ଝିଅମାନେ ଘର ଭିତରେ ଖେଳିଥାନ୍ତି। ଏଥିରେ ୪ ରୁ ୫ ଜଣ ଏହାକୁ ଖେଳି ପାରିବେ। ଏହି ଖେଳର ମୂଳ ଉପାଦାନ ହେଲା ତେନ୍ତୁଳି ମଞ୍ଜି। ୪ ଟି ତେନ୍ତୁଳି ମଞ୍ଜି ବା କଉଡରେ ଖେଳାଯାଏ। ତେନ୍ତୁଳି ମଞ୍ଜିକି ଘୋରି ଘୋରି ଗୋଟିଏ ପଟ ଧଳା କରାଯାଏ ଓ ଅନ୍ୟ ପଟଟି କଳା ରହେ। ତାପରେ ସମସ୍ତ ଖେଳାଳୀ ନିଜର ହାତର ପାପୁଲିକୁ ଉପରେ ଉପରେ ରଖି ତାକୁ ଓଲଟାଇ ୧, ୨, ୩ ସ୍ଥାନ ପାଇଥାନ୍ତି। ୧୦୦ ପର୍ଯ୍ୟନ୍ତ ଖେଳ ଖେଳାଯାଏ। ଚାରୋଟି ଯାକ ତେନ୍ତୁଳି ମଞ୍ଜିକୁ ପ୍ରଥମ ଖେଳାଳୀ ତଳେ ପକାଏ। ଯଦି ଚାରୋଟି ଯାକ ମଞ୍ଜି ଧଳା ଦେଖାଯାଏ ତେବେ ସେହି ଖେଳାଳୀର ୧୬ ନମ୍ବର ଆସିଥାଏ ଏବଂ ଏହା ପଡିଲା କ୍ଷଣି ଅନ୍ୟ ଖେଳଳୀମାନେ ତାକୁ ଛଡାଇ ନେଇ ପାରିବେ। ଯିଏ ଯିଏ ସେହି ମଞ୍ଜିକୁ ପାଇଥିବେ ତାଙ୍କର ସେହି କ୍ରମରେ ନମ୍ବର ମିଳେ। ଯଦି ଚାରୋଟି ଯାକ ମଞ୍ଜି କଳା ହୋଇ ପଡିଲା ତେବେ ତାହା ୮ ନମ୍ବର ହିସାବ ହୁଏ। ଯଦି ଚାରୋଟି ଯାକ ମଞ୍ଜି ଧଳା କଳା ମିଶିକି ପଡେ ତେବେ ସେଠାରେ ଥିବା ଗୋଟିଏ ମଞ୍ଜିରେ ଆଉ ଗୋଟିଏ ମଞ୍ଜିକୁ ମରାଯାଏ। ମଞ୍ଜିକୁ ମଞ୍ଜି ବାଜୁଥିବା ପର୍ଯ୍ୟନ୍ତ ଖେଳ ଚାଲିଥାଏ ଏବଂ ନମ୍ବର ହିସାବ ହେଉଥାଏ। ଏଭଳି ଭାବରେ ଗୋଟିଏ ଖେଳାଳୀର ୧୦୦ ନମ୍ବର ହେଇଗଲେ ସେ ଅନ୍ୟମାନଙ୍କୁ ଦଣ୍ଡ ଦିଏ। ତାପରେ ଜିତିଥିବା ଖେଳାଳୀ ନିଜ ହାତ ମୁଠାରେ ୪ ଗୋଟି ମଞ୍ଜି ପିଠି ପଛ ପଟକୁ ନେଇ ସେଠାରୁ ହାତ ପାପୁଲିରେ ୧ ଟି କିମ୍ବା ୨ ଟି କିମ୍ବା ହାତରେ ବିଲକୁଲ କୌଣସି ମଞ୍ଜି ନଥାଇ ସେ ହାତକୁ ସାମନାକୁ ଆଣି ଅନ୍ୟ ଖେଳାଳୀମାନଙ୍କୁ ପଚାରେ ଯେ ହାତ ମୁଠା ଭିତରେ କେତେଗୋଟି ମଞ୍ଜି ଅଛି। ଯଦି ଉତ୍ତର ଠିକ ହୁଏ ତେବେ ସେହି ମଞ୍ଜିଟି ତାର ହୋଇଯାଏ ଏବଂ ତା ଖାତାରେ ୪ ନମ୍ବର ଚଢିଯାଏ। କିନ୍ତୁ ଉତ୍ତର ଯଦି ଭୁଲ ହୋଇଯାଏ ତେବେ ତାକୁ ମାଡ ଖାଇବାକୁ ପଡିଥାଏ। ଖେଳ ଭିତରେ ଏହି ମାଡ ଦେବା ଏବଂ ମାଡ ଖାଇବା ବହୁତ ମଜା ଲାଗିଥାଏ। ଏହାକୁ ଘରଭିତରେ ସମସ୍ତେ ମନ ଖୁସିରେ ଖେଳିଥାନ୍ତି।

ଏଭଳି ଭାବରେ ପଶ୍ଚିମ ଓଡିଶାରେ ଖେଳା ଯାଉଥିବା ଅନେକଗୁଡିଏ ଖେଳର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ଏଠାରେ ଅନେକ ଖେଳ ପ୍ରାକୃତିକ ଉପାଦାନକୁ ନେଇ ହିଁ ଖେଳାଯାଉଛି। ଯେପରି ତେନ୍ତୁଳି ମଞ୍ଜି, ଫୁଲ, ପତ୍ର, ଗାମୁଛା, ଅମରି ବାଡି, ଗୋଡି, ପଥର ଇତ୍ୟାଦି। ଏହି ଉପକରଣଗୁଡିକ ତିଆରି କରିବା ପାଇଁ ବହୁତ ପଇସାର ଖର୍ଚ୍ଚ ହୋଇ ନଥାଏ ଏବଂ ସମୟସାପେକ୍ଷ ମଧ୍ୟ। ନିଜର ଆଖ ପାଖରେ ବ୍ୟବହୃତ ହେଉଥିବା ବସ୍ତୁଗୁଡିକୁ ନେଇ ଏହି ଖେଳ ଖେଳା ଯାଇପାରେ। ଖେଳର ମୂଳ ଉପଜୀବ୍ୟ ବିଷୟ ହେଲା ମନୋରଞ୍ଜନ, କିଛିଟା ଶାରୀରିକ ବ୍ୟାୟାମ, ମାନସିକ ବ୍ୟାୟାମ, ହାର ଜିତ୍‌ର ମଜା, ଥରେ ହାରିଗଲେ ଆଉ ଥରେ ପୁଣି ଜିତିବା ପାଇଁ ଉତ୍ସାହ ଆଦିକୁ ନେଇ ହିଁ ବଞ୍ଚିଥାଏ। ପ୍ରବନ୍ଧ ଭିତରେ ଅନେକ ସ୍ଥାନରେ ଯଦି କିଛିଟା ଚିତ୍ର ସହିତ ତାର ଅବତାରଣା କରାଯାଇଥାନ୍ତା ତେବେ ଏହା ଆହୁରି ଭଲ ହୋଇପାରନ୍ତା। କିନ୍ତୁ ତା ପାଇଁ ଅନେକ ସମୟ ଦରକାର ଓ ଭଲ ଜଣେ ଚିତ୍ରଶିଳ୍ପୀର ମଧ୍ୟ ଆବଶ୍ୟକତା ରହିଛି। ଏହି କାମ ପରବର୍ତ୍ତୀ ସମୟରେ କରାଯାଇ ପାରିଲେ ଆହୁରି ଅନେକ ଜିନିଷ କାଳ କାଳ ପାଇଁ ବଞ୍ଚିରହିଯିବ ଯାହାକି ପରବର୍ତ୍ତୀ ଦାୟଦ କାଗଜର ଚିତ୍ରରୁ ହିଁ ଜାଣିବାକୁ ପାଇବେ। ଆମ ସମସ୍ତଙ୍କୁ ଏଭଳି ଅନେକ ଲୁପ୍ତ ପ୍ରାୟ ଖେଳଗୁଡିକୁ ବଞ୍ଚାଇ ରଖିବା ଉଚିତ କିମ୍ବା କାଗଜ କଲମରେ କମ୍ ସେ କମ୍ ଭବିଷ୍ୟତ ପିଢି ପାଇଁ ବଞ୍ଚାଇବା ଆବଶ୍ୟକ। ଏଠାରେ ଆଲୋଚିତ ଅନେକ ଖେଳ ପ୍ରାବନ୍ଧିକ ନିଜେ ଖେଳିଛି ଏବଂ ତାର ମଜା ମଧ୍ୟ ଉପଭୋଗ କରିଛି। ■ ■

ସହାୟକ ଗ୍ରନ୍ଥସୂଚୀ :

ଓଡିଆ –

୧. ଆଚାର୍ଯ୍ୟ, ଦାଶରଥି (ଡ.); "କଳହାଣ୍ଡିର ଖେଳ", ପ୍ରକାଶକ - ନବଦିଗନ୍ତ, ବିନୋଦବିହାରୀ, କଟକ – ୭୫୩୦୦୨, ଦ୍ୱିତୀୟ ସଂସ୍କରଣ – ୨୦୧୬।

୨. ପ୍ରହରାଜ, ଗୋପାଳଚନ୍ଦ୍ର; "ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ" (୨ୟ ଖଣ୍ଡ), ପ୍ରକାଶକ – ବିଶ୍ୱନାଥ କର, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୩୨।

୩. ନନ୍ଦ, ଦୁର୍ଗାମାଧବ (ଡ.); "ଆମ ଲୋକସଂସ୍କୃତି", ଲୋକସଂସ୍କୃତି ଗବେଷଣା ପରିଷଦ, ପ୍ରଥମ ପ୍ରକାଶ - ୧୯୯୯, ୨ୟ କୋପୋରେଟିଭ ଲେନ, ବ୍ରହ୍ମପୁର – ୭୬୦୦୦୪।

୪. ପଣ୍ଡା, ନିମାଇଁ ଚରଣ (ଡ.); "ପଶ୍ଚିମ ଓଡିଶାର ଲୋକ ସାହିତ୍ୟର ସ୍ୱରୂପ", ପ୍ରକାଶକ – ମେନକା ପ୍ରକାଶନୀ, ଗୋଲବଜାର, ସମ୍ବଲପୁର, ପ୍ରଥମ ପ୍ରକାଶ – ୧୯୯୭।

୫. ପ୍ରଧାନ, କୃଷ୍ଣଚନ୍ଦ୍ର (ଡ.); "ଓଡିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି", ପ୍ରଥମ ପ୍ରକାଶ – ୧୯୯୫, ପ୍ରକାଶକ – ବିଦ୍ୟାପୁରୀ, କଟକ – ୭୫୩୦୦୨।

୬. ବେହେରା, ଭୁବନେଶ୍ୱର (ପ୍ରଫେସର); "କଳାହାଣ୍ଡି କଳା ସଂସ୍କୃତି", ପ୍ରକାଶକ – ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଭବାନୀପାଟଣା, କଳାହାଣ୍ଡି, ୧୯୮୯।

୭. ମିଶ୍ର, ଅଜୟ କୁମାର (ଡ.); "ଓଡିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି", ପ୍ରଥମ ପ୍ରକାଶ – ଜାନୁୟାରୀ – ୧୯୯୫, ଇଣ୍ଡିଆନ ବୁକ ଡିଷ୍ଟ୍ରିବ୍ୟୁଟରର୍ସ, ବାଦାମବାଡି, କଟକ – ୨।

୮. ମିଶ୍ର, ମହେନ୍ଦ୍ର କୁମାର (ଡ.); "କଳାହାଣ୍ଡିର ଲୋକ ସଂସ୍କୃତି", ପ୍ରକାଶକ- ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ- ୧୯୯୬।

୯. ସଞ୍ଜୀ, କୁମାର ବାଗ (ଡ.); "ପଶ୍ଚିମ ଓଡିଶାର ପାରମ୍ପରିକ କ୍ରୀଡା":ଏକ ଲୋକତାତ୍ତ୍ୱିକ ଅଧ୍ୟୟନ, ଏଥେନା ବୁକ୍ସ, ଭୁବନେଶ୍ୱର – ୨, ପ୍ରଥମ ପ୍ରକାଶ – ୨୦୦୯।

ହିନ୍ଦୀ -

୧. ଉପାଧ୍ୟାୟ, କୃଷ୍ଣଦେବ (ଡ.); "ଲୋକ ସାହିତ୍ୟ କି ଭୂମିକା", ତୃତୀୟ ସଂସ୍କରଣ – ୧୯୭୭, ସାହିତ୍ୟ ଭବନ (ପ୍ରା.) ଲିମିଟେଡ, ଇଲହାଦାଦ - ୩।

୨. ସତ୍ୟେନ୍ଦ୍ର (ଡ.); "ଲୋକ ସାହିତ୍ୟ ବିଜ୍ଞାନ", ଶିବଲାଲ ଅଗ୍ରବାଲ ଏଣ୍ଡ କମ୍ପାନୀ, ଆଗ୍ରା-୩, ଦ୍ୱତୀୟ ସଂଶୋଧିତ ସଂସ୍କରଣ- ୧୯୭୧।

ବଂଗାଳୀ -

୧. ଚକ୍ରବର୍ତ୍ତୀ, ବରୁଣ କୁମାର (ଡ.); "ବଙ୍ଗୀୟ ଲୋକସଂସ୍କୃତି କୋଷ", ପ୍ରଥମ ପ୍ରକାଶ – ଜୁଲାଇ – ୧୯୯୫, ଅପର୍ଣ୍ଣା ବୁକ ଡିଷ୍ଟ୍ରିବ୍ୟୁଟର୍ସ, ୧୩ ମହାତ୍ମାଗାନ୍ଧୀ ରୋଡ, କଲିକତା।

୨. ମଣ୍ଡଲ, ଚିତ୍ତ ; "ଫୋକ୍‌ଲୋରେର ସ୍ୱରୂପ", ପ୍ରଥମ ପ୍ରକାଶ – ୧୯୮୩, ପୁସ୍ତକ ବିପଣୀ, ୨୭ ବେନିୟାତୋଲା ଲେନ, କଲିକତା।

୩. ସେନଗୁପ୍ତ, ପଲ୍ଲବ (ଡ.); "ଲୋକସଂସ୍କୃତି ସୀମାନା ଓ ସ୍ୱରୂପ", ପ୍ରଥମ ପ୍ରକାଶ – ୧୯୯୫, ୨୭ ବେନିୟାତୋଲା ଲେନ, କଲିକତା।

ଇଂରାଜୀ-

1. Arya, S.P. ; "A Sociological Study of Folklore", Indian Publication, New Delhi, 1980.
2. Bhagawat, Durga; "An outline of Folklore", Popular Book Depot, Bombay, 1968.
3. Dash, K.B.,; "A study of Orissan Folklore", Shantiniketan, Viswa Bharati, 1953.
4. Dundus, Alan; "A study of Folklore", New Jersey, Prentize Hall, 1965.
5. Handoo, Jawaharlal ; "Current Trends in Folklore", Institudes Kannad Studies, Mysore University, 1978.
6. Vidyarthi, L.P.; "Essays In Indian Folklore", Indian Publications, Calcutta –14.
7. Islam, Mazharul (Dr.) ; "Folklore The Pulse of The People", First Published– 1985, Anand Prabat, New Delhi – 110005.

ହଜି ବସଲାନ ପଶ୍ଚିମ ଓଡ଼ିଶାର ଭିନ୍ ଭିନ୍ ଲୋକକଳା

ଭେଲାରାମ କୁମ୍ଭାର (ହିମାଂଶୁ)

ପଶ୍ଚିମ ଓଡ଼ିଶାର ପେହେଚାନ୍ ହେଉଛେ ଇନର ଲୋକ୍ କଳା, ସଂସ୍କୃତି, ପରମ୍ପରା ଐତିହ୍ୟ। ଇଠାନେ ଲୋକକଳାର୍ ଭଁଣାର୍ ଭରି ରହିଛେ। ପଶ୍ଚିମ ଓଡ଼ିଶାର ଗାଆଁ ଗାଁଲି ନୁ ଆଦିବାସୀ ଅଂଚଳ ତକ୍ ଲୋକ କଥା ଲୋକ ସଂସ୍କୃତି ଦେଖା ଯାଏସି। ପଶ୍ଚିମ ଓଡ଼ିଶାର ଭିନ ଭିନ୍ ପରକାର୍ ଲୋକ କଳାମାନେ ହେଲା ଘୁମୁରା, ବ୍ରହ୍ମ ବିଣା, ଗଁଡାବଜା, ଖଂଜନି, ସାରଙ୍ଗି, ଡଣା, ମୁଡ୍ ତୁପାଖେଲ୍, ସରମଙ୍ଗଲା, ଘୁଁଘୁନାଦିଆ, ଡାଙ୍ଗଚଢା, ଘୁଡକା ନାଚ, ପରଶୁରାମ୍ (ଜାନୁଘଂଟି), ନଚନିଆ, ଢାପ ନାଚ, ରାମ କାଠି, ଡାଲଖାଇ ଇ ଲୋକକଳାମାନେ ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର ମାନକେ ଦେଖବାରକେ ମିଲସି। ତାର୍ ବାହାରେ ଆର୍ ବି ଭିନ୍ ଭିନ୍ ପ୍ରକାରର ଲୋକକଳା ଯେନତା କି ତନା ବୁନା (ସମଲପୁରୀ କପଟା ବୁନା) ସାରା ପୁରଥୀ ଜାନିଛେ। ଇଥିର ଲାଗି ପଶ୍ଚିମ ଓଡ଼ିଶା ସାରା ପୁଥିରେ ନାଁ କରିଛେ। ଇ ଲୋକକଳାମାନେ ସବୁଦିନେ ଆମକୁ ଉସତ୍ ଆନନ୍ଦ ଆର୍ ଶିକ୍ଷା ଦୀକ୍ଷା ବି ଦେଉଛେ। ହେଲେ ଇହାଦେର୍ ଆଧୁନିକ ଯୁଗେ ଧୀରେ ଧୀରେ ଲୋପ ପାଇ ବସଲାନ ଆମର୍ ପୁରଖା ପୁରଷା ଲୋକକଳା। ଆସୁନ ହଜି ଯାଉଥିବାର୍ କେତେ ଟା ଲୋକକଳା ବାବଦେ ଜାନମା।

ଘୁଡୁକା:-

ଘୁଡୁକା ଗୁଟେ ଜୁନହା ଲୋକ କଳା। ଇ ଲୋକକଳା ପଶ୍ଚିମ ଓଡ଼ିଶାର ଗାଁ ଗଁଅଲି ରେ ଦେଖବାର୍ କେ ମିଲସି। ଇଥି ଝନେ ବଜନିଆ ଆର୍ ଗନିଆଝନେ ଯଦି କାହାକେ ଗୀତର୍ ପାଲିଆ ଧରାଲେ ବି ହେସି। ଇ ଘୁଡୁକା ବିଶେଷ କରି ମାହେଜି ମୁନୁଷ୍ (ସ୍ୱାମୀ/ସ୍ତ୍ରୀ) ଗାଁ ଗାଁ ବୁଲି କରି ଗୀତ ଗାଇ ବଜେଇ କରି ମାଗି ଜାଁଚି ଖାଏସନ୍ ଆର୍ ଅଁଚେ ଖୁଚେ ଅଗଲାଲେ ଛଁଚି ରଖିଥିସନ୍।

ଡଁଣା ନାଚ୍:-

ଡଁଣା ନାଚ୍ (ଡଣହା) କାହିଁନି କେତେ ଯୁଗୁ ଭିନ୍ ଭିନ୍ ଜାତିର୍ ଲୋକମାନେ ନାଚି ଆସୁଛନ୍। ଇ ନାଚ୍‌ଥି ବାଏଛ୍ ବିଚାର୍ ନେଇ ଥାଏ, ସଭେ ଗୁଟେ ମାଁ ର ଛୁଆ ହେଇ ନାଚସନ୍। ଇ ଡଁଣା ନାଚ୍‌ଥି ୧୮/୨୦ ଟା ଜୁଆନ୍ ଆଧା ବଏସିଆ ବୁଢା ମାନେ ଭିଲ୍ ଥିସନ। ଇ ନାଚ୍‌ଥି ଜୁଆନ୍ ମାନେ ଡେବରି ଫାଲୁ ଭୁଜନି ଫାଲ୍ କେ ବାଡି ଠୁଡ୍‌କାସନ୍। ସଭେ ଯାକର୍ ଗୁଟେ ରକମର୍ ପାରମ୍ପରିକ ସାଜୋ ସାମାନ୍ ପିନ୍ଧି ନାଚସନ୍। ଇ ଡଁଣା ନାଚ୍ ଖାସକରି ଗାଁ ଖୁଇଲ୍ ବୁଲି ବୁଲି ଛେର୍ ଛେରା ମାଗିଥିସନ୍। ଡଁଣା ୩୨ ଛାନ୍ଦ୍ ଆର୍ ତାର୍ ବାଜନା ପାର୍ ଭିନେ ଅଛେ। ସମଧି ସମଧେନ୍ ଭେଟ୍, ଛୁଆ ରଙ୍ଗେନ୍ ଆର୍ ଗୁରୁଦୁଟେ ଅଛେ। ଛୋଟ ମରଦଲ୍ ବାଜସି ଆର୍ ସମିଆ ଦେଖି ଧୁର୍ ମାନ୍ଦଲ୍ ବଜାସନ୍।

ପାର୍ - ତିନ୍ ନାକ୍ ଦାଁ ଦୁର୍..... ତିନ୍ ନାକ୍ ଦାଁ ଦୁର୍

ଘୁମୁରା:-

କଲାହାଁଣିର୍ ବୀର ବାଦ୍ୟ ହେଉଛେ ଘୁମୁରା ବଜା। ଯେନ ବଜା କି ସାରା ପୁରଥି ବିଖ୍ୟାତ କରିଛେ। ଇ ଘୁମୁରା ବଜା ମାଁ ମାଣିକେଶ୍ୱରୀଙ୍କର ଛତର୍ ଯାତରା ହେଲେ ମୁଲୁ ଶେଷ ପତେ ବାଜିଥିସି। ହେ ଘୁମୁରା ବଜା ନେ ମାଁ ବୁଲି ବୁଲି ନାଚିଥିସନ।

ଖଂଜନି:-

ଲୋକ ବାଦ୍ୟ ଭିତରେ ଗୁଟେ ଭିନେ ପ୍ରକାର ଲୋକବାଦ୍ୟ ହେଉଛେ 'ଖଂଜନି'। ଖଂଜନି ଖାଲି ପଶ୍ଚିମ ଉଡଶା ନେଇ ସାରା ଉଡଶା ଜାନିଛେ। ବିଶେଷ କରି ଖଂ

ଜନି କେ ଅଲେଖ ମହିମା ଧର୍ମର କୁମପଟିଆ ବାବାମାନେ ତାକର ଭଜନ କଲେ ବଜେଇଥିସନ। କେନ କେଭେ ଘି ପୁଡାଲେ (ହୁମ) ବେଲବୁଢା ନୁ ସକାଲ ପୁଆତକ୍ 'ଖଂଜନି' ଭଜନ କରିଥିସନ।

ବ୍ରହ୍ମ ବୀଣା:-

ବ୍ରହ୍ମ ବୀଣା ବି ଗୁଟେ ଭିକ୍ଷା ବୃତ୍ତି ଲୋକକଳା ଇତାକେ ଅଧା ଲୋକ କହେସନ୍ ସେ ଇଟା ଗୁଟେ ଭିକ୍ଷା ବୃତ୍ତି କଳା ବଲି। ଇ କଳା ଆମର୍ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଜିଲ୍ଲା ଭିନ୍ ଭିନ୍ ଇଲାକା ମାନକେ ଦେଖିବାର୍‌କେ ମିଲସି। ଇଟା ଗୁଟେ ତାର୍ ଯୁକ୍ତ ବାଦ୍ୟ। ବ୍ରହ୍ମ ବୀଣା କେ ଦେବଗୁରୁ ଜାତିର୍ ଲୋକମାନେ ବଜାଉଥିବାର୍ ଲାଗି ଦେବଗୁନିଆଁ ବଲି କହେସନ୍। ଇଟା ଖାସକରି ମଗଶୀର୍ ମାସେ ମାଁ ଲକ୍ଷ୍ମୀଙ୍କର୍ ପ୍ରଚାର ପ୍ରସାର ଲାଗି ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରିଥିସନ୍। ତାର୍ ସାଙ୍ଗେ ଦେବଗୁନିଆମାନେ ଧାନରେ ଛୋଟ ଛୋଟ ଲକ୍ଷ୍ମୀ ଆର୍ ଜଗନ୍ନାଥ ସୁନ୍ଦର୍ ସୁନ୍ଦର୍ ପୁତଲିମାନେ ବନେଇ ଥିସନ। ଯେକେନସି ଲୁକର୍ ବାଟ୍ ଦୁଆର୍ କେ ଆସି ବସି କରି ଲକ୍ଷ୍ମୀ ଠାକୁରାଣୀଙ୍କର୍ ଗୀତ ଗାଇ ବ୍ରହ୍ମ ବୀଣା ବଜେଇ ବଜେଇ, ସେ ଘରକେ ସେ ପୁତଲି ଦେଇ ଚାଉଲ୍ ପଏସା ଜାଣା ଦେଲେ ନେସନ୍।

କେନ୍ଦରା - ଭଜୁକିନା ରାମ ନାମରେ କୁମର
ଜପୁ କିନା ରାମ ନାମ.....

ଇ ଗୀତର୍ ଶବଦ୍ ମାଁ ମାନଙ୍କର କାନେ ବାଜଲେ ସାଙ୍ଗେ ସାଙ୍ଗେ ଘରୁ ଦୁଆର୍‌କେ ବାହାରି ଆଏସନ୍। ଇ ଟୀକା ଗୋବିନ୍ଦ ଚନ୍ଦ୍ର ଗୀତ୍ ସୁନି ବୁଢ଼ାବୁଢ଼ୀ ମାଁମାନେ କନ୍ଦ୍ କନ୍ଦନିଆଁ ହେଇଯାଏସନ୍। କାଏଁ କରି ବଏଲେ ରଜାପିଲା ଗୋବିନ୍ଦ ଚନ୍ଦ୍ର ଅଧା ଦିନିଆ କଥା ସୁନି ରାନୀ ମା ଯୁଗୀ ଭେସେ ହାଡିପା ଗୁରୁ ସାଙ୍ଗେ ଘର ଘର ବୁଲି ଭିଖିଆ ମାଗବାର୍‌କେ ପଠାସନ୍। ସେ ଦିନୁ ଆଏଜ ପତେ ନାଥ ସଂପ୍ରଦାୟର ଲୋକମାନେ ଗାଁ ଗାଁ ବୁଲି ଘର ଘର ଯେଇ ଲୋକ କେ ଚେତଉ ଥିଲେ। କାଏଁ ବଲି କି, ଇ ଜୀବନ ଜଞ୍ଜାଳ ଭିତରେ ଟିକେ ଅଧେ ହେ ଧରମ୍ କାମକର ବଲି। ନେଇତ ହରି ନାମ ଭଜ ବଲି ତାକର୍ ଗୀତେ କହିଥିସନ। ହେ ଯୁଗୀମାନେ ଇଟା ଦିଅ ସେଟା ଦେଲେ ଯାଇ ଚଲବା ନେଇ କହନ, ଆମେ ଯାହା ଦେଲେ ତାହା ନେସନ।

ନଚନିଆଁ :-

ପଶ୍ଚିମ ଓଡ଼ିଶାର ସବୁ ଲୋକକଳା ଭିତରୁ ନଚନିଆଁ ଗୁଟେ ଭିନେ ପ୍ରକାରର। ଇ ନଚନିଆଁ ଲୋକକଳା କାହୁଁ କେତେ ଯୁଗରୁ ଚାଲିଆସୁଛେ କିହେ ବି ଆଏଜ୍ ପତେ ଠିକ୍ ହିସାବେ ଆଦି ଅନ୍ତ ନେଇ ପାଆନ୍ ତାଏଲ୍। ଆଘୋକାଲର୍ ବୁଢା ମାନେ କହେସନ୍, ଦୁଆପର୍ ଯୁଗୁ ଇ ନଚନିଆଁ ହେଇ ଆସୁଛେ। ଇ ନଚନିଆଁ ଥି ୨ଝନ ପିଲା ଲୋକ ଝନେ କୃଷ୍ଣ ଭୂମିକା ଆର୍ ଝନେ ରାଧା ଭୂମିକା ନଚନିଆଁ ପରିବେଷନ୍ କରସନ୍। ଇ ନାଚ୍ ଖାସ୍ କରି ବିହା ବରପନ୍‌ଥି ନଚା ଯାଏସି। ଆଘକାଲେ ସବୁ ଜାତିର୍ ଲୁକେ ନଚନିଆଁ ସାଙ୍ଗେ ଗଁଡାବଜର୍ ବଜନିଆ ନି ହେଲେ ବିହା ନେଇ ହେଉଥିଲେ। ଗାଁ ଖୁଇଲ୍‌ଥି ଯଦି ନଚନିଆଁ ନଚୁଥିବେ ବେଲେ ଚାଲିଗଲା ଲୋକ୍ ଛନେ ଅଟକି କରି ଦେଖୁଥିଲେ। ହେଲେ ସମିଆର୍ ଖେଲର୍ ଲାଗି ସବୁ ଜିନିଷ ବଦଳି ଗଲାନ। ପଶ୍ଚିମ ଓଡ଼ିଶାର କେନେ କେନତା ଦେଖବାର୍ କେ କାଁ ଭାଁ ମିଲୁଛେ।

ଢାପ୍ ନାଚ୍ :-

ଢାପନାଚ୍ ଗୁଟେ ଆଦିବାସୀ ଲୋକକଳା। ଇ ଲୋକକଳା ନାଚ୍ ପ୍ରାଏ କଲାହାଣି, ନୂଆପଡ଼ା, ବଲାଙ୍ଗୀର ଆର୍ ରାଏଗଡା ଜିଲ୍ଲାର ଭିନ୍ ଭିନ୍ ଇଲାକାମାନକେ ନାଚିଥିସନ୍। ଇ ନାଚ୍ ଖାସକରି ଆଦିବାସୀ ସଂପ୍ରଦାୟ ଧଙ୍ଗରା ଧାଙ୍ଗରୀମାନେ ନାଚିଥିସନ୍। ସେମାନେ ତାକର୍ ଭିନ୍ ଭିନ୍ ତିହାର୍ ପରବ୍ ଯାନିଯାତ୍ରା ମାନକେ ଛାଡ଼ି ଦେଲେ ଦଶରା ମାସର୍ ଉଜଲ୍ ପଖ୍ ଥି ନାଚିଥିସନ୍। ସେମାନେ ସକାଲୁ କାମ୍ ବୁଡା ବେଲବୁଡ଼ା ପତେ କରି ଉରଘା ବତା ହେଇ ଆସିଥିସନ୍। ସେଥିର୍ କାଜେ ମହୁଲି ରସ୍ ସୁରପେ ସୁରପେ ରେଙ୍ଗାଲ୍ ପତରେ ମାରି ମନ୍ ଫୁରତି କରସନ୍। ତେହେଁରୁ ଗାଁ ଖୁଇଲି ଥି ମଝାମୁଝି ଅଁତରା ଜଳୁଥିବା ଆର୍ ଧଙ୍ଗରା ଧାଙ୍ଗରୀ ଗୀତ୍ ପଦେ ଅଧେ ଜୁରା ଜୁରି ହେଇ ଢାପ୍ ନାଚ୍ କରିଥିସନ୍।

ଗଁଡାବଜା :-

ଲୋକକଳା ଭିତରେ ପଶ୍ଚିମ ଉଡଶାର୍ ଲୋକବାଏଦ୍ ବା ଗଁଡାବଜା ସବୁ ଲୋକକଳା ଠାନୁ ଗୁଟେ ଭିନେ ପ୍ରକାରର। ଆମର୍ ପଶ୍ଚିମ ଉଡଶାର୍ ସଂସ୍କୃତି, ପରମ୍ପରା, ଐତିହ୍ୟ ସାଙ୍ଗେ ଇଠାନେ ଲୋକ କଳାର୍ ଭଁଣାର୍ ରହିଛେ। ଯେନତା ଆଦିମ୍ ସମିଆଁ ନେ ଲୋକମାନେ ପରକୁତିନୁ ଶବଦ୍ ବାହାର୍ କରିଛନ୍। ସେନତା କି ଝରନାର୍ ଖୁଲ୍ ଖୁଲ୍ ଶବଦ୍, ମେଘ ବାଦଲର୍ ଘଡ୍‌ଘଡି ଶବଦ୍, ପବନ୍ ଧୁକାର୍ ସାଁଏ ସାଁଏ ଶବଦ୍ ଇ ପରକୁତିର୍ ଆର୍ ଭିନ୍ ଜୀବଜଁତୁର୍ ଚେରେ ଚିରଙ୍ଗୁଲର୍ ସୋର୍ କେ ନେଇ କରି ଶବଦ୍‌ମାନେ ବାହାରିଛେ। ଆମର୍ ଇ ମୁନୁଷ୍ ସମାଜନେ ଭିନେ ଭିନେ ଜାତିର ଲୋକ ଭିନ୍ ଭିନ୍ ପ୍ରକାରର୍ ଜୀବନ୍ ଜୀବିକା କରି ଚଲିଆସୁଛନ୍। ହେଲେ ଗଁଡାଜାତିର୍ ଲୋକମାନକର୍ ଜୀବନ୍ ଜୀବିକା ହେଉଛେ ତାକର୍ 'ଗଁଡାବଜା'। ଢୋଲ୍, ନିଷାନ୍, ତାସା (ମାଏଟ୍), ମୁହୁରୀ ଆରୁ ଟିମକିଡି (ଟମକ୍)କେ ମିଶଲେ ଗଁଡାବଜା ବାଜସି। ଫେର୍ ଇ ବଜାକେ ଗଁଡାଜାତିର୍ ଲୋକମାନେ ବଜାସନ୍ ବଲି ତାର୍ ନାଁ ହେଲା ଗଁଡାବଜା। ଇହାଦେ ପଶ୍ଚିମ ଉଡଶାର୍ ଲୋକ୍ ବଏଦା ଗଁଡାବଜା ସାରା ପୁରଥି ଚହଲ୍ ପକେଇ ସାରିଛେ। ଲୋକ କଥାନେ ଅଛେ, 'ଆଘେ ବଜା ପଛେ ରଜା' , 'ଆଘେ ବଜା ପଛେ ଦେବତା', ଆଘେ ବଜନିଆଁ ପଛେ ନଚନିଆଁ '। ଏନତା ଏନତା ଲୋକ୍ କଥା ମାନେ ଭରି ରହିଛେ, କହେଲେ ଗୁଟେ ବହି ହେବା। ଇ ଗଁଡାବଜା ହେଉଛେ ଆମର୍ ସଂସ୍କୃତି, ଆମର୍ ପରମ୍ପରା, ଆମର୍ ଜାତିର୍ ଅସ୍ମିତା, ଆମର୍ ପେହେଚାନ୍ ହେଉଛେ ଆମର୍ ଗଁଡାବଜା। ଇ ଗଁଡାବଜା ଗୁଟେ ଜାତି ଭିତ୍ତିକ ବଜା ଆଏ। ଇ ପାଁଚଟା ଜିନିଷ୍ ଢୋଲ୍, ନିଷାନ୍, ତାସା, ମୁହୁରୀ, ଟିମକିଡି କେ ଆଏଜ୍ ପତେ ଆମର୍ ଗଁଡା ଜାତିର୍ ପୁରଖା ପୁରଷା ବଁଶଧାରୀମାନେ ବଁଚେଇ ରଖି ଆସିଛନ୍। ପଶ୍ଚିମ ଉଡଶାର୍ ସାମାଜିକ୍ ଆରୁ ସାଂସ୍କୃତିକ୍ ଜୀବନ୍ ଭିତରେ ଏନତା ଭାବେ ଗଁଡାବଜା ଜଡି ରହିଛେ ଯେ, ଜନମ୍‌ରୁ ମରନ୍ ତକ୍ ଆର୍ ବିହାବରପନ୍, ଏକଶିଆ, ତିହାର ପରବ୍, ଯାନିଯାତ୍ରା ଇସବୁ ଗଁଡାବଜା ବିନା ହେଇନି ପାରେ । ପଶ୍ଚିମ ଉଡଶାର୍ ଶହ ଶହ ଗଁଡାବଜନିଆଁ ତାକର୍ ଜୀବନ୍ ଜଞ୍ଜାଲ୍ ଭିତରେ କେତେ ଖରା ବରଷା ଶୀତ୍ କାଁକର୍ ନେଇ ମାନିକରି ସବୁବେଳେ ଅଲଗା ଲୁକର୍ ଭଲ୍ ଲାଗି ନିଜକେ ସଁପି ଦେଇଥିସନ୍।

ଇ ପଶ୍ଚିମ ଓଡ଼ିଶାର ଯେତେ ଲୋକକଳାମାନେ ଅଛେ, ସବୁ ଇହାଦର୍ ସମିଆ କେ ହଜି ଲୁକି ବସଲାନ। ଇହାଦେର୍ ଲୋକ୍ ଆଧୁନିକ ଯୁଗେ ପଡିକରି ଡିଜେ ବଜା ଫାଏବର୍ ତାସା, ଢୋଲ ଆର୍ ଭିନ୍ ଭିନ୍ ପ୍ରକାରର ବଜାକେ ଅପନାଉଛନ୍। ଆମର୍ ନିଜର୍ ମାଁ ମାଟିର୍ ଲୋକକଳାକେ ଭୁଲି ବିଦେଶୀ ଢାଚା ସୋର୍ ଧରୁଛନ୍। ଯଦି ଇ ବେଲାବୁଲି ଆମେ ଇ ଲୋକକଳାକେ ବଁଚେଇ ଆର୍ ବେଭାର୍ ନେଇ କରମା ବଏଲେ ଆଗକେ ଖୁଜଲେ ନୁରଲେ ବି ଚିନ୍‌ହା ବନା ନେଇ ମିଲେନ। ହେତିର୍ ଲାଗି ଆମର୍ ପଶ୍ଚିମ ଓଡ଼ିଶାର ସମଲପୁର୍ ଇନଭର୍ସିଟି, ରାଜେନ୍ଦ୍ର ଇନଭର୍ସିଟି ବଲାଙ୍ଗୀର ଆର୍ ମାଁ ମାଣେକେଶ୍ୱରୀ ଇନଭର୍ସିଟି କଲାହାଣି ତରଫୁ ଯଦି ପିଲା ଟୁକେଲ୍ ମାନକେ ଗବେଷନା କରବାର୍ କେ ସାହାଜ୍ ମିଲତା ବଏଲେ ଇ ଭିନ୍ ଭିନ୍ ଲୋକକଳା ହଜବାରୁ ନୁ ବଁଚି ପାରତା। ■■

ଗଁଡାବଜା ଗବେଷକ
କୁତମୁଣ୍ଡା, ପାଟଣାଗଡ଼, ବଲାଙ୍ଗୀର
ମୋ-୯୦୯୦୭୩୨୧୩୦
ଗୋପାଳମାଲ, ବୁଢ଼ାରଜା, ସମ୍ବଲପୁର
ମୋ- ୯୮୬୧୦ ୯୫୫୭୧

ଅକ୍ଷୟ ମହାନ୍ତିଙ୍କର ସମ୍ବଲପୁରୀ ଗୀତ

ପ. ଅକ୍ଷୟ କୁମାର ପଣ୍ଡା

ଓଡ଼ିଆ ସଂଗୀତ ଜଗତର ପ୍ରବାଦ ପୁରୁଷ ଅକ୍ଷୟ କୁମାର ମହାନ୍ତି କେବଳ ଓଡ଼ିଆ ଭଜନ, ଆଧୁନିକ ଗୀତ ଓ ଚଳଚିତ୍ର ସଂଗୀତର କଣ୍ଠ ଶିଳ୍ପୀ ନଥିଲେ, ସେ ମଧ୍ୟ କେତେ ଗୁଡ଼ାଏ ସମ୍ବଲପୁରୀ ଗୀତ ଗାଇଥିଲେ ଏବଂ କିଛି ଗୀତର ସଂଗୀତ ମଧ୍ୟ ଦେଇଥିଲେ। ଏଇ ପରିପ୍ରେକ୍ଷୀରେ ତାଙ୍କ ଦ୍ୱାରା ଗାୟନ କରାଯାଇଥିବା ତଥା ତାଙ୍କ ନିର୍ଦ୍ଦେଶନାରେ ସୃଷ୍ଟ କେତେକ ଲୋକପ୍ରିୟ ସମ୍ବଲପୁରୀ ଗୀତ ସମ୍ବନ୍ଧରେ ଏଠାରେ ଆଲୋଚନା କରିବା ସମିଚୀନ ମନେହୁଏ।

୧୯୭୦ ମସିହାରେ ସଂସାର କଥାଚିତ୍ରର ଗୀତ ମୁରାରୀ ମିଶ୍ରଙ୍କ ରଚନାରୁ ସମବେତ କଣ୍ଠରେ ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା "ଯାଇଫୁଲରେ... କେଲି କଦମ ତଳେ କଳାକାହ୍ନୁ ବସିକରି" ଶୀର୍ଷକ ସମ୍ବଲପୁରୀ ଗୀତ। ଉକ୍ତ ଗୀତରେ ମୁଖ୍ୟ କଣ୍ଠଶିଳ୍ପୀ ଭାବେ ଶ୍ରୀ ମହାନ୍ତି କଣ୍ଠଦାନ କରିଥିବା ବେଳେ ତାଙ୍କ ସହିତ ତୃପ୍ତି ଦାସ, ଗୀତା ପଟ୍ଟନାୟକ ଆଦି ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ସାଥୀ ମଧ୍ୟ ସମ୍ମିଳିତ ଭାବେ ଗାଇଥିଲେ।

ଗୀତଟିର ମୁଖୁଡ଼ା ଥିଲା ଏହିଭଳି..... "ଜାଇ ଫୁଲରେ..... କେଲିକଦମ୍ ତଳେ କଳା କଦମ୍ ତଳେ କଳା କାହ୍ନୁ ବସିକରି, ବଜେଇଦେଲେ ମୋହନ ବେନୁ ଯମୁନା ଗଲା ଥରି, ଯେତେ ସଖି ଠୁଲ ହେଲେନ ମାନ କରିଛେ ଗୁରି, ପଲେଇ ଗଲେ ବଏଁଶୀ ଧାରୀ ବଉଲ, ରାଧାନନୀ ମଲାନ ଝୁରି କାଏଁ ଜାଇ ଫୁଲରେ...., ବେନୁପାନୀର ଗୁନର କଥା ସୁମୁରି ସୁମୁରି ଗୁରି ମଲାନ ଝୁରି କାଏଁ ଯାଇଫୁଲରେ...."

ଗୀତଟା ଅକ୍ଷୟ ମହାନ୍ତିଙ୍କୁ ଏତେ ସ୍ପର୍ଶ କରିଥିଲା ଯେ ସେଇ ଗୀତ ଆଧାରରେ ଏକ ବଙ୍ଗଳା ଆଧୁନିକ ଗୀତ ଗାଇ ଡିସ୍କ ରେକର୍ଡ଼ିଂ କରାଇ ଥିଲେ "କେଓ ଗେଲୋ ରେ....." ଓ ବଙ୍ଗୀୟ ସଂଗୀତ ଜଗତରେ ମଧ୍ୟ ଉଚ୍ଚ ଲୋକପ୍ରିୟତା ହାସଲ କରିଥିଲେ।

ଅକ୍ଷୟ ମହାନ୍ତି ଓ ସାଥୀଙ୍କ କଣ୍ଠରେ ବହୁ ଜନାଦୃତ ଅନ୍ୟ ଏକ ସମ୍ବଲପୁରୀ ଗୀତ ହେଲା "ଢୁଲ ପାରେ ବଜା ଆରେ ବଜନିଆଁ ....."। ଗୀତଟି 'ସଙ୍ଗସ୍ ଫ୍ରମ୍ ଦି ଲ୍ୟାଣ୍ଡ ଅଫ୍ ଜଗନ୍ନାଥ' ନାମକ ଏକ ଗ୍ରାମୋଫୋନରେ ୧୯/୦୮/୧୯୭୧ରେ ରେକର୍ଡ଼ିଂ ହୋଇଥିଲା। ବଜନିଆଁ ଶୈଳୀରେ ଆଧାରିତ ଉକ୍ତ ଗୀତଟିକୁ ରଚନା କରିଥିଲେ ଆକାଶବାଣୀ ସମ୍ବଲପୁରର ଅନ୍ୟତମ ସ୍ୱୀକୃତି ପ୍ରାପ୍ତ ଗୀତିକାର ଲାଲ ରତ୍ନାକର ସିଂ। ଗୀତଟିକୁ ଗାଇବା ପୂର୍ବରୁ ତାର ଗାୟନ ଶୈଳୀ, ଛଟକା ତଥା କେତେକ ଶବ୍ଦାର୍ଥ ଜାଣିବାପାଇଁ ଗାୟକ ଶ୍ରୀ ମହାନ୍ତି ନିଜେ ବିଶିଷ୍ଟ ସମ୍ବଲପୁରୀ ମ୍ୟୁଜିକ କମ୍ପୋଜର ଗୁରୁ ଅରୁଣ ସେଠଙ୍କ ସମ୍ବଲପୁର କୁଞ୍ଜେଲ ପଡ଼ା ସ୍ଥିତ ବାସଭବନକୁ ଯାଇ ତାଙ୍କଠାରୁ ନିଃସଙ୍କୋଚରେ ଶିଖିଥିଲେ ଓ ଶ୍ରୀ ସେଠ ମଧ୍ୟ ତାଙ୍କୁ ବିନା ଦ୍ୱିଧାରେ ଗୀତର ଗାୟନ ଶୈଳୀ ଉପରେ ପରାମର୍ଶ ଦେଇଥିଲେ ବୋଲି ଶ୍ରୀ ସେଠ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପାଠକମାନଙ୍କ (ବିଶେଷ କରି ନୂତନ ପିଢ଼ିର ପାଠକମାନଙ୍କ ପାଇଁ) ସଦୟ ଅବଗତି ନିମନ୍ତେ ଗୀତର ମୁଖୁଡ଼ାକୁ ଏଠାରେ ଉପସ୍ଥାପନ କରାଗଲା।

"ଢୁଲ ପାରେ ବଜା ଆରେ ବଜନିଆଁ ଢୁଲ ପାରେ ବଜା ବଜା. ..... (୨ଥର)

ସାଙ୍ଗସରିସାରେ ନାଚମି ମୁହିଁ ରେ ମୁହୁରିଆ, ଆରେ ମୁହୁରିଆ ମୁହୁରି ସଜାରେ ଯାରେ ଯା ଯା ରେ ଯା ରେ.....

ନିଲି ବସନ୍ତିରେ ନିଲି ବସନ୍ତି..... (୨ଥର)

ନିଲି ବସନ୍ତି ର ଗାରେ ଗାରେ ରେ ଯାରେ ଯାଯା ରେ ଯାରେ.....

ଏତଦ୍ ବ୍ୟତୀତ ଲାଲ ରତ୍ନାକର ସିଂଙ୍କ ଦ୍ୱାରା ଲିଖିତ "ମୁହୁରିଆରେ ବଜାନ ମୁହୁରି", "କଳାକାଁହ୍ନୁରେ ତୁଇ ତ କଲା ବରନ" ଆଦି ସମ୍ବଲପୁରୀ ଗୀତ ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ଆକାଶବାଣୀ ମାଧ୍ୟମରେ ବହୁବାର ପ୍ରଚାରିତ ହୋଇଥିବା ବିଷୟ ନିଜେ ଗୀତିକାର ପ୍ରକାଶ କରିଥିଲେ। ଗୀତିକାର ଶ୍ରୀ ସିଂଙ୍କ କହିବା ଅନୁଯାୟୀ ଅକ୍ଷୟ ମହାନ୍ତି ତାଙ୍କ ରଚିତ ଏକାଧିକ ସମ୍ବଲପୁରୀ ଗୀତରେ କଣ୍ଠ ଦାନ କରିଥିଲେ। ତନ୍ମଧ୍ୟରୁ କେତେଗୁଡିଏ ଆକାଶବାଣୀରେ ପ୍ରଚାରିତ ହୋଇଥିବାବେଳେ ଆଉ କିଛି ଗୀତ ମଧ୍ୟ ବାହାରେ ରେକର୍ଡିଙ୍ଗ ହୋଇଥାଇପାରେ। ଦୁର୍ଭାଗ୍ୟର ବିଷୟ ତନ୍ମଧ୍ୟରୁ ବହୁ ଗୀତ ଇରେଜ୍ ହୋଇ ଯାଇଥିବା ବା ଲିଭି ଯାଇଥିବା ଯୋଗୁଁ ସମ୍ପ୍ରତି ଶ୍ରୋତାମାନେ ଶୁଣିବାରେ ବଂଚିତ ହେବା ସ୍ୱାଭାବିକ।

ଅନ୍ୟ ଏକ ଓଡ଼ିଆ କଥାଚିତ୍ର ଅଶାନ୍ତ ଗ୍ରହର ଗୀତ "ଅଧା ଧୁରୁ ଘିଚି ନେଲା, ତିକ ତାହାଁ ତାହାଁ ତୁର ନାନ୍ଦା ମାନ୍ଦଲ ବାଜିଲାରେ ପୀରତି ନିଶା ସବକେ ବାଇ କଲା" ର ରଚୟିତା ପ୍ରଭୁଦତ୍ତ ପ୍ରଧାନ ହୋଇଥିବାବେଳେ ଏହାର ସ୍ୱରକାରର ମାନ୍ୟତା ଅକ୍ଷୟ ମହାନ୍ତିଙ୍କୁ ଦିଆଯାଏ ବୋଲି ବିଶିଷ୍ଟ ଗବେଷକ ସୂର୍ଯ୍ୟ ଦେଓ ପ୍ରକାଶ କରନ୍ତି। ଏହି ଗୀତଟିରେ କଣ୍ଠ ଦେଇଥିଲେ ଫକୀର ପଟ୍ଟନାୟକ ଓ ପୂର୍ଣ୍ଣପ୍ରଭା ବହିଦାର।

ଅକ୍ଷୟ ମହାନ୍ତିଙ୍କ ସୃଷ୍ଟ ଅତିପରିଚିତ କାଳଜୟୀ ଦ୍ୱୈତ କଣ୍ଠ ରେ ପାରିବେଷିତ ଗୀତ "ଯାରେ ଭାସି ଭାସି ଯା... ନଉକା ମୋର ଭାସିଯା...."ର ପ୍ରଥମ ଅନ୍ତରା ରେ "ସମ୍ବଲପୁର ନଈରେ ଆହା ସିନାନ କରେ ନନୀ".... ପଦରେ ସଙ୍ଗୀତଜ୍ଞଙ୍କର ସମ୍ବଲପୁର ପ୍ରତି ବିଶେଷ ଦରଦ ଥିବା ସ୍ୱତଃ ବାରି ହୁଏ। "ନନୀ" ହେଉଛି ଆମ ପଶ୍ଚିମ ଓଡ଼ିଶାର ଏକ ପାରିବାରିକ ଶବ୍ଦ ଯାହାର ଅର୍ଥ ଝିଅ। ଏହିପଦରେ "ନନୀ" ଶବ୍ଦ ଜଣେ କୁଆଁରି କନ୍ୟା ବା ଅବିବାହିତା ଯୁବତୀ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି।

୧୯୮୭ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ କଥାଚିତ୍ର "ସବୁ ମାୟାରେ ବାୟା"। ଉକ୍ତ ଚଳଚ୍ଚିତ୍ରରେ "ଛିଇଁ ଦେଲେ ଛଇଲିକେ କଦମ୍ ଫୁଲ ଫୁଟେ" ଶୀର୍ଷକ ଏକ ସମ୍ବଲପୁରୀ ଗୀତ ସ୍ଥାନିତ ହୋଇଥିଲା। ଏହାର ରଚୟିତା ଥିଲେ ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ ଗୀତିକାର ଡ.ପଞ୍ଚାନନ ମିଶ୍ର (ତତ୍କାଳୀନ ଟିଟିଲାଗଡ଼ ଡି.ଏ.ଭି. କଲେଜ ଅଧ୍ୟକ୍ଷ) ହୋଇଥିବାବେଳେ ଦ୍ୱୈତ କଣ୍ଠରେ ଗାଇଥିଲେ ଫକୀର ମୋହନ ପଟ୍ଟନାୟକ ଓ ଅନୁରାଧା ପଡ଼ୱାଲ। ଏହାର ସଂଗୀତ ନିର୍ଦ୍ଦେଶକ ଥିଲେ ଅକ୍ଷୟ ମହାନ୍ତି।

ଖୁବ୍ କମ୍ ସମୟ ମଧ୍ୟରେ ଅତି ଏକ ଖିଆଲି ତଥା ହାଲକା ମୁଡରେ ଶ୍ରୀ ମହାନ୍ତି ଗୀତଟିକୁ ସଂଗୀତରେ ସଜେଇ ଥିଲେ ଓ ତାଙ୍କ ଯାଦୁକରୀ ସ୍ପର୍ଶରେ ଗୀତଟି ଅତି ଚମତ୍କାର ହୋଇ ବହୁ ଶ୍ରୋତା ଓ ଦର୍ଶକଙ୍କ ଶ୍ରଦ୍ଧା ସାଉଁଟି ଥିଲା...। ଓଡ଼ିଆ ସିନେମାରେ ଏବେ ମଧ୍ୟ ଏହା ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରୀ ମହାନ୍ତିଙ୍କ ଅବର୍ତ୍ତମାନରେ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଏକ ଦୈନିକ ଖବର କାଗଜରେ ଏହି ବିଷୟ ଉଲ୍ଲେଖ କରିଥିଲେ ଗୀତିକାର ଡ. ପଞ୍ଚାନନ ମିଶ୍ର।ତାଙ୍କ ଶ୍ରଦ୍ଧାଞ୍ଜଳି ଶୀର୍ଷକ ଥିଲା "ଛିଇଁ ଦେଲେ ଛଇଲିକେ"।

ସ୍ୱନାମଧନ୍ୟା ନାରୀକବି ଶ୍ରୀମତୀ ଲୋକଜନନୀ ପଣ୍ଡାଙ୍କ ଲିଖିତ "ବାହାଲର ତେନ୍ତୁଲିକେ ବାଜିଗଲା ଖରା" ଶୀର୍ଷକ ସମ୍ବଲପୁରୀ ଗୀତକୁ ଦ୍ୱୈତ କଣ୍ଠରେ ଏକ ବିଶେଷ କାର୍ଯ୍ୟକ୍ରମ ପାଇଁ ଅକ୍ଷୟ ମହାନ୍ତି ଓ ତୃପ୍ତି ଦାସ ଗାଇଥିଲେ। ଗୀତଟି ଆକାଶବାଣୀ କଟକ କେନ୍ଦ୍ରରୁ ତା. ୨୯/୦୧/୧୯୮୧ ରେ ପ୍ରଚାରିତ ହୋଇଥିବାକଥା କବୟିତ୍ରୀଙ୍କ ଗୀତିକବିତା ସଂକଳନ "ଗୀତି ଗୁଞ୍ଜନ"ରୁ ଜାଣି ହୁଏ।

ଏହିଭଳି ଅନେକ ସମ୍ବଲପୁରୀ ଗୀତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗୀତିକାରଙ୍କ ରଚନାରୁ (ଯଦିଓ ସବୁଯାକ ଗୀତ ବର୍ତ୍ତମାନ ଉପଲବ୍ଧ ନୁହେଁ) ଏଇ ମହାନ୍ କଣ୍ଠଶିଳ୍ପୀ ଗାୟନ କରି ଆମ ସମ୍ବଲପୁରୀ ସଂଗୀତକୁ ଅଧିକ ରୁଦ୍ଧିମନ୍ତ କରିବା ସଂଗେ ସଂଗେ ଉକ୍ତ ସଂଗୀତକୁ ଭଲ ପାଉଥିବା ନିଦର୍ଶନ ଦେଖେଇ ଯାଇଛନ୍ତି। ତାଙ୍କ ଅବର୍ତ୍ତମାନରେ ଆମର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି। ■ ■

(ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ତଥା କଲେଜ ଅଧ୍ୟକ୍ଷ)
ଶ୍ରୀ ଗଣେଶ ଭିଲ୍ଲା, ବିକାଶ ନଗର, ତୁରଙ୍ଗ, ଅନୁଗୁଳ

ପ୍ରସଂଗ: ସମଲ୍‌ପୁରୀ ଅସ୍ମିତା

✍ ମୁକ୍ତକଂଠ ପ୍ରଧାନ୍

ସମଲ୍‌ପୁରୀ ବଏଲେଁ କାଣା ?

ସମଲ୍‌ପୁରୀ କାଣା ଆଏ ? ତା'ର୍ ପରିଚୟ କାଣା ଆଏ ? ତା'ର୍ ଅସ୍ମିତା କାଣା ଆଏ ? ସେକଥା ଇନେ ସ'। ସ'। ଆଲୋଚନା କରି ଦେଖିବାର୍‌କେ ହେବା। କେତେ ଲୁକର୍ ଲାଗି ସମଲ୍‌ପୁରୀ ଗୁଟେ ବିଶେଷ୍ ବାଂଧଶିଲ୍ପ ଆଏ, ଚିତ୍ରବିଚିତ୍ର କାରୁକାର୍ଯ୍ୟ ହଇଥିଲା ପର୍‌ଦା ଶାଢ଼ୀ ଆଏ, କେଭେଁ ନି 'କାଲା ରଂଗ୍ ଆଉ କେଭେଁ ଜୁନ୍‌ହାଁ ନାଇଁ ହେଲା କପ୍‌ଡ଼ା ଆଏ। କେତେ ଲୁକର୍ ଲାଗି ସମଲ୍‌ପୁରୀ ଗୁଟେ ନାଚର୍ ଧାରା ଆଏ, ଅଁଟା ଲୁହିଁ ଲୁହିଁ ନାଚ୍‌ଲା ବେଲ୍‌କେ ମୁହଁର୍ ହଁସି ଆଏ, ପଂଚବାଦ୍ୟର୍ ତାଲେଁ ତାଲେଁ ନାଚ୍‌ତେ ନାଚ୍‌ତେ ପାର୍ ଛିଡ଼ାଲା ବେଲର୍ ଆକସ୍ମିକ୍ ଅଂଗଭଂଗୀ ଆଏ। ଆଉ କେତେ ଲୁକର୍ ଲାଗି ସମଲ୍‌ପୁରୀ ଗୁଟେ ସରଲ୍ ଗୀତର୍ ତରଲ୍ ଲହର୍ ଆଏ, ଗଂଧମାର୍‌ଦନ୍ କି ନିୟମ୍‌ଗିରିନ୍ଁ 'ଟିକରି ଖଲ୍‌ଖଲାତେ ବୁହିଗଲା ଝରନ୍‌ର୍ ଖଲର୍ ଖଲର୍ ଗୁଂଜନ୍ ଆଏ, ଦେଶ, କାଳ, ପାତ୍ରର୍ ସୀମା ବହଁକି କରି ସାରା ବିଶ୍ୱକେ କ୍ଷେପି ଯାଉଥିବାର୍ ଗୁଟେ କହଁର୍ ଆଏ।

ଆଉ କେତେ ଲୁକର୍ ଲାଗି ସମଲ୍‌ପୁରୀ ଗୁଟେ ସୁରୁତ୍ କଅଁଲ୍ ଭାଷା ଆଏ, ଯେନ୍ ଭାଷାଥିଁ ଦୁନିଆଁର୍ ଶୂଇନ୍‌ବିହାରୀ ଦାର୍ଶନିକ୍ ତତ୍ତ୍ୱ ଯେନ୍‌ତା ପାଖିଡ଼ା ପସ୍‌ରେଇ ପାର୍‌ସି, ଛିନାଛକାର୍ ମିଲନ୍ ଗୀତ୍ ଭି ହେତ୍‌କି ବତ୍‌ରେଁ ବତ୍‌ରେଁ ଗୁଦ୍‌ଗୁଦେଇ ଦେଇପାର୍‌ସି।

ଗୁଟେ ଭାରତୀୟ ଜନଗୋଷ୍ଠୀର୍ ସଂସ୍କୃତି ଆଏ ସମଲ୍‌ପୁରୀ

ହେଲେଁ, ଅବ୍‌ଗା ଏତ୍‌କି ନୁହେ ସମଲ୍‌ପୁରୀର୍ ପରିଚୟ ! ସମଲ୍‌ପୁରୀ ଗୁଟେ ସ୍ୱତଂତ୍ର ଜନଗୋଷ୍ଠୀର୍ ସଂସ୍କୃତି ଆଏ। ଭାରତ୍ ଭୂମିର୍ ମଏଧ୍‌ଭାଗର୍ ଛୋଟ୍‌ନାଗ୍‌ପୁର୍ ମାଲଭୂମି ଅଂଚଲ୍‌ଥୁଁ ପୂରୁବ୍ ଦିଗର୍ ନାସାକେ ଉତ୍‌ରି ଆଏଲେଁ ଯେନ୍ ଡଂଗର୍ ଟାଂଗର୍ ଝାର୍‌ଖମନ୍, ସେ ଭିତ୍‌ରେଁ ପାଏନ୍ ଧାର୍ ଦେଖି ଦେଖି କରି ଯେନ୍ ଆଦିମ୍ ଅଧିବାସୀମାନେ 'ଝିତ୍‌ରୀ ଝିତ୍‌ରୀ ଡାଲ୍‌କୁରିଆ'ର୍ ସୁରୁସୁରୁ ଗାଆଁ, ସେମାନ୍‌କେଁ ରହିକରି, ଜୀବନ୍ ଧାରଣ୍‌ଲାଗି ପ୍ରକୃତି ସାଂଗେଁ ଯୁଝି ଯୁଝି, ରୋଜ୍ ରୋଜ୍ ମରିଜୀଇଁ ବସବାସ୍ କରୁଛନ୍, ସେମାନ୍‌କର୍ ସଂସ୍କୃତି ଆଏ।

ଇ ସମଲ୍‌ପୁରୀ ଗୀତ୍, ନାଚ୍, ବାଜ୍‌ନା, ବାଂଧ ଆରୁ ଉଂଜା କାରୁକାର୍ଯ୍ୟ ଇସବୁ ସମଲ୍‌ପୁରୀ ସଂସ୍କୃତିର୍ ଗୁଟେ ଗୁଟେ ଶୋଭା ଆଏ, ଅଲଂକାର୍ ଆଏ, ମଂଡନ୍ ଆଏ। ଇନର୍ ନୂଆଁଖାଇ, ପୁଷ୍‌ପୁନି, ଗୁଁଡ଼ିଖାଇ ଆଉ କାଦୋପୂଜା, କୀର୍‌ତନ୍-ଭାଗ୍‌ବତ୍, ବିହାବର୍‌ପନ୍, ଉଷତ୍-ଆନଂଦ୍, ଖେଲ୍‌କୁଦ୍, ପିଠାପନା, ପିଂଧନ୍-ଉଢ଼ନ୍ ଇ ସବୁ ଇ ସଂସ୍କୃତିକେ ଭାରତର୍ ଗୁଟେ ନିଆରା ଲୋକସଂସ୍କୃତି ବଲି ଚିନ୍‌ହାବାର୍ ଲାଗି ଯଥେଷ୍ଟ ଆଏ। କାହାକେ ବତାବାର୍ ଦର୍‌କାର୍ ନାଇଁ। ଦୁନିଆଁ ଜାନି ସାର୍‌ଲାନ। ଯଦି ଓଡ଼ିଶାର୍ କେହି ନାଇଁ ଜାନି ସେଇଟା ତା'ର୍ ଦୁର୍ଭାଗ୍ୟ ଆଏ। ଯଦି ଭାରତର୍ କେହି ନାଇଁ ଜାନି ସେଇଟା ତା'ର୍ ଦୁର୍ବଳତା ଆଏ।

ଗୁଟେ ସ୍ୱାଭିମାନୀ ଜନଗୋଷ୍ଠୀର୍ ଐତିହ୍ୟ ଆଏ ସମଲ୍‌ପୁରୀ

ଇ ସଂସ୍କୃତି ଯେନ୍‌ମାନ୍‌କର୍ ଆଏ, ସେମାନ୍‌କର୍ ସଂସ୍କୃତି ବହୁତ୍ ଗୌରବ୍‌ମୟ ଆଏ। ସେମାନେ ଖଟିଖାଇ ଜାନିଛନ୍, ମହଲ୍ ବନେଇ ନାଇଁ ଜାନି। ସେମାନେ ଛ'କୋର୍ ଜାତିଁ ଭାଗ୍ ଭାଗ୍ ହଇଥିଲେଁ ଭି ଗାଆଁ-ମାଆ ବଲି ନିଜର୍ ନିଜର୍ ଭିତରେଁ ଭାଇଭାଇ ହଇ ରହି ଜାନିଛନ୍, ଆପଦ୍-ବିପଦ୍ ବେଲେଁ ସମ୍‌କର୍ ଲାଗି ଝନ୍‌ଏ ଆରୁ ଝନ୍‌କର୍ ଲାଗି ସଭେ ଠାଡ଼୍ ହଇ ଜାନିଛନ୍। ବଏଢ଼୍ ହଉ, ଘର୍‌ପୁଡ଼ି ହଉ,

ରଇ ଲାଗୁ, ହଜାରେ ଦୁଃଖ୍ ଥିଲେଁ ଭି ସଭେ ସମ୍କୁଁ ସଁଖ୍ଲି କରି ଅଏନ୍ ହଇ ଚଲି ଶିଖିଛନ୍। ଗୀତ୍ ଗାଇ ନାଚି ବଜା ବଜେଇ ଦୁଃଖ୍କେ ହଁସି ଉଡ଼େଇ ଦେଇ ଜାନିଛନ୍। ହେଥିର୍ ଲାଗି କାହାକେ ପର୍ବାୟ ନାଇଁ କରି। ନ-ଖା, ନ-ଡର୍। କାହାରିର୍ନେ ମୁଡ଼୍ ନାଇଁ ଲୁହେଇଁ, କି କାହାକେ ଖୁସାମତ୍ କରି ବଡ଼୍ ଲୋକ୍ ହେବାର୍ ସପନ୍ ନାଇଁ ଦେଖି।

ହେଥିର୍ ଲାଗି ବୀର ସୁରେଂଦ୍ର ସାଏ ୩୭ ବଛର୍ ଜେଲ୍ ଖଟ୍ସନ୍ ପଛେ, ବିଂଝାଲ୍ ଜମିଦାର୍ ମାଧୋ ସିଂ ଆଉର୍ ତାଁକର୍ ପୁଓମାନେ ଜୀବନ୍ ଦେଇଦେସନ୍ ପଛେ, ବ୍ରିଟିଶ୍ ସର୍କାରର୍ ଅଧୀନତା ସୀଉକାର୍ ନାଇଁ କରନ୍। ସ୍ୱାଧୀନତା ସଂଗ୍ରାମ୍ଥିଁ ହଜାର୍ ହଜାର୍ ଲୋକ୍ ସଂଗ୍ରମୀ ସାଜ୍ସନ୍। ଇ ସ୍ୱାଭିମାନ୍ ଲାଗି କବି ଗଂଗାଧର୍ ମେହେର୍ ଦୀନତା ବରଣ୍ କର୍ସନ୍। ଇ ସ୍ୱାଭିମାନ୍ ଲାଗି ପୁରୀ ମଂଦିର ଉପ୍ରେଁ ପଂଡାମାନ୍କର୍ ଆଧିପତ୍ୟକେ ବିରୋଧ୍ କରି ଆକ୍ରମଣ୍ କରି ବାହାର୍ସନ୍ ସଂଥ କବି ଭୀମ ଭୋଇ। ଇ ସ୍ୱାଭିମାନ୍ ଲାଗି ଚିର ସ୍ମରଣୀୟ ହେଇକରି ରହେସନ୍ ପରମ୍ ତ୍ୟାଗୀ ଜନନେତା ପ୍ରସନ୍ନ ପଂଡା।

ଭାରତର୍ ଇ ସ୍ୱାଭିମାନୀ ଜନଗୋଷ୍ଠୀର୍ ଐତିହ୍ୟର୍ ଦୁସ୍ରା ନାଁ ହଉଛେ ସମଲ୍ପୁରୀ।

କେହି କେହି ଇ ଅଂଚଲ୍କେ ପ୍ରାଚୀନ୍ କୋଶଲ୍ର ଅଂଶଟେ ବଲି ବିଚାର୍ କର୍ସନ୍। ଆଉ ନିଜ୍କେ କୋଶଲୀ ବଲି ପରିଚୟ ଦେବାର୍କେ ପସଂଦ୍ କର୍ସନ୍। ଇତିହାସ୍ ଅନ୍ସାରେଁ କୋଶଲ୍ ହଉଛେ ଗଂଗାନଦୀର୍ ଉପର୍ ବାହିର୍ ଗୁଟେ ରାଜ୍ୟ ବଲି ଜନା ପଡ଼୍ଲା ଉତାରୁଁ, ଇ ଅଂଚଲ୍କେ ଦକ୍ଷିଣ୍ କୋଶଲ୍ ବଲି ଦାବୀ କରାଯାଉଛେ। ଇତାର୍ ଅର୍ଥ ହେଲା, ଯେ ଇ ଅଂଚଲ୍ କେଭେଁ ଦିନ୍ଏ କୋଶଲ୍ ରାଜ୍ୟର୍ ପରାଧୀନ୍ ହେଇ ଥିଲା। କୋଶଲ୍ଦ୍ୱାରା ବିଜିତ ହେବାର୍ ତଥ୍ୟ ଅଛେ, ଲେକିନ୍ ଇନର୍ ଉନ୍ନତି ଲାଗି କୋଶଲ୍ ରଜାର୍ କେହେନି ଉନ୍ନତିକର କାର୍ଯ୍ୟ ହଇଥିବାର୍ ପ୍ରମାଣ୍ ନାଇଁ। ୧୭ଶ ଶତାବ୍ଦୀନେ ପଂଡିତ୍ ଗଂଗାଧର ମିଶ୍ର ବଲି ଝନ୍ଏ ରାଜକବି 'କୋଶଲାନଂଦ' ବଲି ସଂସ୍କୃତ୍ ଭାଷାଥିଁ ଗୁଟେ କାବ୍ୟ ଲେଖିଥିବାର୍ କଥା କହାଯାଏସି। ଲେକିନ୍ ସେଥିଁ ଚଉହାନ୍ ରଜାର୍ ବଂଶାବଲୀ ଆଉ ତାଁକର୍ ପ୍ରଶଂସା ଛଡ଼ା ଉଂଜା କଥା କିଛି ନାଇଁନ। କୋଶଲ୍ ରଜାର୍ ରାଜ୍ଧାନୀ ପୁରୀ, ଆଉ ଇ ନଗରୀ ହଉଛେ ଅମୃତମୟୀ ନଗରୀ, ପୃଥିବୀର ଅଲଂକାର୍ ବଲି ଉଲ୍ଲେଖ୍ କରାଯାଇଛେ। ଇ କାରଣ୍ ଲାଗି ନିଜ୍କେ କୋଶଲୀ ବଲି ପରିଚୟ ଦେଲେଁ ପରାଧୀନତାର୍ ସ୍ମୃତିକେ ଜୀବିତ୍ କରି ରଖ୍ବାର୍ ସାର୍ ହଉଛେ। ଯଦି ତା'ର୍ ପ୍ରାଚୀନ୍ ପରିଚୟ୍ ସମଲ୍ପୁରୀକେ ବଜାୟ ରଖାଯାଏ, ତାହେଲେଁ ଇ ବାହିର୍ ଅଧିବାସୀମାନ୍କର୍ ଛିରେଁ ଛିରେଁ ବୁହିଯାଉଥିଲା ସ୍ୱାଭିମାନ୍, ବୀରତ୍ୱ, ତ୍ୟାଗ୍ ଆଉ ବଲିଦାନ୍ର୍ ଏତିହ୍ୟ ଘୋଷଣା ହଉଛେ ବଲି ସାଂସ୍କୃତିକ୍ କର୍ମୀମାନ୍କର୍ ମତ।

ସମଲ୍ପୁରୀର୍ ସାଂପ୍ରତିକ୍ ସ୍ଥିତି : ବିପନ୍ନ ସ୍ୱାଭିମାନ୍ ଆଉର୍ ବିପନ୍ନ ଅସ୍ମିତା

ସ୍ୱାଭିମାନ୍ଟା ଝନ୍କର୍ ଚାରିତ୍ରିକ୍ ସ୍ୱଭାବ୍ ଆଏ। ଆମେ ଏନ୍ତା ଆଉଁ, ଇ ଥୁଁ ଅଲ୍ଗା ନୋହୁଁ କି ନାଇଁ ହଇପାରୁଁ ବଲ୍ବାର୍ଟାକେ ଗୁଟେ ଶବ୍ଦଥିଁ ସ୍ୱାଭିମାନ୍ କହାଯାଏସି।

ଅସ୍ମିତାଟା ତା'ର୍ ଝନ୍କର୍ ଅର୍ଜିତ୍ ଆଚରଣ୍ ଆଏ। ଝନ୍କର୍ ଆତ୍ମସଚେତନତାକେ —ନିଜ୍କେ ଚିନ୍ହ୍ବାର୍ଟାକେ—ମୁଇଁ ତ ଅଛେଁ, ମୋର୍ ଅଧିକାର୍ କାଇଛେ ବଲ୍ବାର୍ ଭାବ୍କେ —ଗୁଟେ ଶବ୍ଦଥିଁ ଅସ୍ମିତା କହାଯାଏସି।

ଯେତେବେଳେଁ ସ୍ୱାଭିମାନ୍ ବିପନ୍ନ ହଇଯାଏସି, ସେତେବେଳେଁ ଆତ୍ମସଚେତନତା ଗୁଟେ ଆବଶ୍ୟକ୍ ତତ୍ୱ ହଇଯାଏସି। ସେଇଟା ଆବଶ୍ୟକ୍ ପ୍ରସଂଗ ହଇଯାଏସି। ହେଇଥିର୍ ଲାଗି ଆଜିର୍ ଇ ସମାବେଶ୍, ଆଜିର୍ ଇ ସଭା, ଆଜିର୍ ଇ ଘୋଷଣା।

ବିପନ୍ନତାର୍ ସ୍ୱରୂପ୍ ଆଉର୍ ପରିଣାମ୍:

୧୯୩୬ ସାଲେଁ ଓଡ଼ିଶା ରାଜ୍ୟ ଗଠନ୍ ହେଲା ଦିନୁଁ ଇ ଅଂଚଲ୍ ଓଡ଼ିଶାଥିଁ ମିଶିକରି ରହିଆସିଛେ। ସେହି ସୂତ୍ରଥିଁ ଇ ଇଲାକାକେ ଓଡ଼ିଶା ବଲି ଦାବୀ କରାଯାଉଛେ। ଲେକିନ୍ ଆଏଜ୍ ତକ୍ ଇ ଅଂଚଲର୍ ସଂସ୍କୃତିକେ ଓଡ଼ିଶାର୍ ସଂସ୍କୃତି ବଲି ଓଡ଼ିଶାଥିଁ ପରିଚୟ ନାଇଁ ମିଲି। ଇନର୍ ନୂଆଁଖାଇ କି ପୁଷ୍ପୁନି ପର୍ବକେ ଓଡ଼ିଶାର୍ ପର୍ବ ବଲି ନାଇଁ କହାଯାଇ, କି ଉଂଜା କେହେନି ସାଂସ୍କୃତିକ୍ ଗତିବିଧିକେ ଓଡ଼ିଶାର୍ ବିଭବ ବଲି ଗଣନା ନାଇଁ କରାଯାଇ। କିଅବା ଇ ଅଂଚଲର୍ ଯେନ୍ ଐତିହାସିକ୍ ସ୍ଥାପତ୍ୟ, ଶିଲାଲେଖ, କି ଗୁଂଫାମାନ୍ ଅଛେ ସେସବୁକେ ଯେନ୍ ଭାବେଁ ରକ୍ଷଣାବେକ୍ଷଣ କରାଯିବାର୍ କଥା ନାଇଁ କରାଯାଇ। ଓଡ଼ିଶାଥିଁ ଥାଇକରି ଭି ସମଲ୍ପୁରୀ ଜନଗୋଷ୍ଠୀ ତରାପଟିଆ ଅଜେଇ ହଇ ରହିଛନ୍, ତୃତୀୟ ଶ୍ରେଣୀର୍ ନାଗରିକ ହେଇକରି ରହିଛନ୍।

ଈ ଅଂଚଳର୍ ଜନତା ଅବ୍‌ଗା ଭୋଟ୍ ଦେଇ ଆସିଛନ୍, ରାଜନୈତିକ୍ ନିଷ୍ପତ୍ତି ନେବାର୍ ଅଧିକାର୍ ନାଇଁ ପାଇ। (ଉଦାହରଣ ତ କେତ୍‌ନି କେତେ ଅଛେ। ଓଡ଼ିଶାର୍ ସ୍ୱାସ୍ଥ୍ୟ ମଂତ୍ରାଲୟର୍ ଦାୟିତ୍ୱ ବହୁତ୍ ଥର୍ ଈ ଅଂଚଳର୍ ନେତୃତ୍ୱର୍ ହାତେଁ ରହିଥିଲେଁ ଭି ବୀରସୁରେଂଦ୍ର ସାଏ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍‌ର ମୂଳଭୂତ୍ ଦାବୀ ପୂରଣ୍ ନାଇଁ ହେଇପାର୍‌ବାର୍।

ଈ ଅଂଚଳର୍ ଜମି-ଜଳ-ଜଂଗଲ ସଂପଦ ଉପ୍‌ରେଁ ଓଡ଼ିଶାର ଶାସନ୍ ଅଛେ, ଲେକିନ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କି ଆଉ କେହେନି ବିକାଶ୍ ଯୋଜନା କାର୍ଯ୍ୟକାରୀ କରାଗଲା ବେଲ୍‌କେ ଈ ଅଂଚଲ୍ ପ୍ରତି କେଭେଁ ଭି ନ୍ୟାୟ ନାଇଁ କରାଯିବାର୍। ଈ ଅଂଚଲ୍ ପ୍ରତି କେତେ ଅବହେଳା କରାଯାଇଛେ ଯେ ୨୦୦୧ ମସିହାକେ ଖୋଦ୍ ଓଡ଼ିଶା ସର୍‌କାର୍ ଈ ଅଂଚଲ୍‌କେ ଗୁଟେ ଅବିକଶିତ ଅଂଚଲ୍ ବଲି ସୀଉକାର୍ କରିଛନ୍ ଆଉ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ୍ ଗଠନ୍ କରିଛନ୍। ଆଉ ପରିଷଦ୍ ଗଠନ୍ କରାଗଲା ଉତାରୁ ଭିଁ କୌଣସି ଅଧ୍ୟୟନର୍ ଆଧାର୍‌ରେ କୌଣସି ବିକାଶ୍ କାର୍ଯ୍ୟକ୍ରମ ହାତ୍‌କେ ନିଆ ନାଇଁ ଯାଇ।

ଇନେ ଡେଭେଲପ୍‌ମେଂଟ୍ ଇଂଡେକ୍‌ସ୍ ଅନ୍‌ସାରେଁ ପରିସଂଖ୍ୟାନ ଉପସ୍ଥାପନା କର୍‌ବାର୍ ଅବକାଶ୍ ନାଇଁନ। ତଥାପି ଖାଲି ଆଁଖିନେ ଦେଖିକରି ଭି ଅନେକ୍ କଥା କହାଯାଇପାର୍‌ବା। ଯୋଜନା ଉତାରୁଁ ଯୋଜନା ଆଉର୍ ସେ ଯୋଜନା ଅନ୍‌ସାରେଁ କୋଟି କୋଟି ଟଂକା ବ୍ୟୟ କରାଯାଇଛେ, ରୋଡ୍ ଆଉ ବିଲ୍‌ଡିଂର ବିକାଶ୍ ଘଟିଛେ ସତ୍, ଲେକିନ୍ ସେହି ରୋଡ୍ ଥିଁ ଚାଲୁଥିଲା କି ସେ ମହଲ୍‌ଥିଁ ରହୁଥିଲା ମୁନ୍‌ଷର୍ ବିକାଶ୍ ହ୍ୟୁମାନ୍ ଡେଭେଲପ୍‌ମେଂଟ୍ ପାରାମିଟର୍ ଥିଁ, ବଏଲେଁ ଇନ୍‌କମ୍, ହେଲ୍‌ଥ ଆରୁ ଏଜୁକେସନ୍ ଥିଁ, ଦେଖ୍‌ଲେଁ ରଁଚେ ଭି ଉତ୍ସାହଜନକ୍ ନୁହେ। ଅଧିକାଂଶ ଯୋଜନା ଘୋଷଣା କରାଗଲା ବେଲ୍‌କେ ଜନାଭିମୁଖୀ ବଲି ଘୋଷଣା ହଉଛେ, ଲେକିନ୍ ପ୍ରକୃତ୍ ପକ୍ଷେଁ ଜନତା ଉପକୃତ୍ ହେବାର୍ କୌଣସି ଲକ୍ଷଣ୍ ନାଇଁ ଦେଖାଯିବାର୍। ପାଂଚ୍ ବର୍‌ଷେଁ ଥରେ ସର୍‌କାର୍ ବଦ୍‌ଲୁଛେ, ଲେକିନ୍ ବିକାଶ୍‌ର କାର୍ଯ୍ୟକାରିତାନୁଁ ସାଧାରଣ୍ ଜନତା ବଂଚିତ୍ ହଇକରି ରହିଛନ୍। ବିକାଶ୍‌ର ସଂଜ୍ଞାକେ ନେଇକରି କେହି ଗଭୀର୍ ଭାବେଁ ବିଚାର୍ ନାଇଁ କରୁଥିବାର୍ ଦେଖାଯାଉଛେ। ପଶ୍ଚିମ୍ ଓଡ଼ିଶାର୍ ବିକାଶ୍ ର ସ୍ୱରୂପ୍ ଅବୈଜ୍ଞାନିକ୍ ହଇକରି ରହିଯାଉଛେ।

ସଖାଲ୍ ଧର୍‌ମୁଁ ବେଲ୍ ଉଦ୍‌ଲା କି ହରେକ୍ ମୁନ୍‌ଷର୍ ଦିନ୍‌କର୍ ଜୀବନ୍ ମୂଲ୍ ହେଇଯାଏସି। ବେଲ୍ ବୁଡ଼୍‌ସି, ରାଏତ୍ ହେସି, ଦିନ୍‌କର୍ ଜୀବନ୍ ସରିଯାଏସି। ଈ ରୋଜ୍ ଜୀଇଁ ରୋଜ୍ ମରି ଜୀବନ୍‌ର ଯେନ୍ ସ୍ୱରୂପ୍ ସେଇଟା ଓଡ଼ିଶାର୍ ସବୁ ଇଲାକାନୁଁ ଈ ଇଲାକାଥିଁ ଅଲ୍‌ଗା ଆଏ। ହଁ, ଆଧୁନିକ୍ ଆଉ ତଥାକଥିତ୍ ବିକାଶ୍ ନାଆଁଥିଁ ଯେନ୍ ପରିବର୍ତନ୍ ଆସିଛେ, ସେ ଅନ୍‌ସାରେଁ ଈ ଇଲାକାର୍ ମୁନୁଷ୍ ଆଉ ଉଂଜା ଇଲାକାର୍ ମୁନୁଷ୍ ଭିତ୍‌ରେଁ ଥିଲା 'ରକ୍ ଉପ୍‌ରେଁ ଦେଖ୍‌ଲେଁ ସିନେ ବାରି ନାଇଁ ହେବାର୍, ଲେକିନ୍ ଯାହାର୍ ଆଏଁଖି ଥିବା, ସେ ଦେଖିପାର୍‌ବା, ଯେ ଓଡ଼ିଶାର୍ ଭାଗ୍ୟଥିଁ ଯେନ୍ ପରିବର୍ତନ୍ ଆସିଛେ, ଈ ଅଂଚଳର୍ ଭାଗ୍ୟଥିଁ ସେ ପରିବର୍ତନ୍ ଆଏଜ୍ ଭି ନାଇଁ ଆସି। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଆଉ ଆୟ ଆଦିଥିଁ ଓଡ଼ିଶାର୍ ଯେନ୍ ଉନ୍ନତି ହଇଛେ, ତା'ର୍ ଅନୁରୂପ୍ ଉନ୍ନତି ଈ ଅଂଚଲ୍‌ଥିଁ ନାଇଁ ହଇ। ଈ କଥାର୍ ପ୍ରମାଣ୍ ଦେବାର୍ ଲାଗି ପରିସଂଖ୍ୟାନ ତଥ୍ୟ ଦେବାର୍ ଅବକାଶ ଇନେ ନାଇଁନ। ଯଦି ଗୁଟେ ବାକ୍ୟଥିଁ କହେବାର୍‌କେ କହାଯିବା, ତ ଏତ୍‌କି କହାଯାଇ ପାର୍‌ବା ଯେ ଈ ଅଂଚଲ୍ ଓଡ଼ିଶାର୍ ଶୋଷଣଭୂମି ହେଇକରି ରହିଆସିଛେ।

ଈ ପରିସ୍ଥିତି ଥିଁ ନିଜର୍ ଅସ୍ତିତ୍ୱକେ ଜାହିର୍ କର୍‌ବାର୍ ଲାଗି ଈ ଅଂଚଲର୍ ଜନତା ୧୯୫୦ ସାଲୁଁ ସଂଘର୍ଷ କରିଆସିଛନ୍। ଆଏଜ୍ ତକ୍ କେତେ କେତେ ତ୍ୟାଗ ଆରୁ ତପସ୍ୟା କରିଆସିଛନ୍। ଦିନ୍ ପ୍ରତିଦିନ୍ ଗୁଟେ ନୀରବ୍ ସଂଘର୍ଷ କରୁଛନ୍।

ଈ ସଂଘର୍ଷ୍‌ର ଦୁଇଟା ସ୍ୱରୂପ୍ ଅଛେ। ଗୁଟେ ହଉଛେ ବ୍ୟବସ୍ଥା ସାଂଗେଁ ନିଜ୍‌କେ ଖାପ୍ ଖୁଆବାର୍ ଚେଷ୍ଟା। ସେ ଚେଷ୍ଟାଥିଁ ଯେ ସ'ଲ୍ ହଇଗଲା, ଶିକ୍ଷା ହାସଲ୍ କଲା, ନିଯୁକ୍ତି ହାସଲ୍ କଲା, ସେ କମେଇ ଖାଏଲା, ତିଷ୍ଠିଗଲା। ଯେ ଖାପ୍ ଖୁଏଇ ନାଇଁ ପାର୍‌ଲା, ସେ ଗାଆଁଭୂଇଁ ଛାଡ଼ି ଦେଶାଂତରୀ ହେଲା, ଦାଦନ୍ ଖଟିଗଲା। ବଛ୍‌ରେଁ ଲାଖ୍ ଲାଖ୍ ଲୋକ୍ ଦାଦନ୍ ଖଟି ଯାଉଥିବାର୍ ଖବର୍ ମିଡିଆରେ ନିୟମିତ୍ ଆସୁଛେ। ଖବର୍ ବାହାରେଁ ଭି ଲାଖ୍ ଲାଖ୍ ଲୋକ୍ ନିଯୁକ୍ତି ଖୁଜି ବାହାରୁଛନ୍ ବାହାର୍ ରାଜ୍ୟମାନ୍‌କୁଁ ସାରା ପଶ୍ଚିମ୍ ଓଡ଼ିଶାଥୁଁ। ଈ ଅସ୍ତିତ୍ୱର୍ ସଂକଟ୍ ନୁଁ ପରିଚୟର୍ ସଂକଟ୍ ସୃଷ୍ଟି ହଉଛେ। ଯେ ସ'ଲ୍ ହଉଛେ, ସେ ଈ ସଂସ୍କୃତି ଜାନି ଜାନି ଛାଡ଼ି ଦଉଛେ। ଆଉ ଯେ ସ'ଲ୍ ନାଇଁ ହେବାର୍ ତା'ର୍ ନୁଁ ସଂସ୍କୃତି ଛାଡ଼ି ଯାଉଛେ।

ଈ ପୃଷ୍ଠଭୂମିଥିଁ ଆମର୍ ଅଂଚଲର୍ ସଂସ୍କୃତିକେ ଯେନ୍ ଅବସ୍ଥାକେ ଠେଲି ଦିଆଯାଇଛେ, ଆଉ ସେ ଅବସ୍ଥାଥୁଁ ମୁକ୍ତି ପାଏବାର୍ ଲାଗି ଯେନ୍ ସଂଘର୍ଷ କର୍‌ବାକେ ସେମାନେ ବାଧ୍ୟ ହଉଛନ୍ ସେଇଟା ହଉଛେ ତାଁକର୍ ଅସଲ୍ ପରିଚୟ। ଅଧିକାଂଶ୍ ଦିନ୍ ଦେଖାଯାଉଛେ ଯେ ସେମାନେ ଅସ୍ମିତା ଶୂଇନ୍ ହଇକରି କିଏ ଦୟା କର୍‌ତା କାଏଁ ବଲି ଆଂଠୁ ଭାଂଗି ଠିଆ ହଉଛନ୍। କିଏ ଘର୍ ମାଗୁଛେ, କିଏ ଛତାଛିପ୍‌ଲି ମାଗୁଛେ, କିଏ ଭତ୍ତା ମାଗୁଛେ, କିଏ ଆଉ କାଣା ମାଗୁଛେ। ଗୁଟେ ସୁସ୍ଥ ଆରୁ ସ୍ୱାବଲଂବୀ ସମାଜ୍ ହେବାର୍ ଲକ୍ଷଣ୍ ଲୋପ୍ ପାଇଯାଉଛେ। ଖାଦ୍ୟ ଉତ୍ପାଦନ୍ ଲାଗି ଭୂମି, ଆୟ ଉପାର୍ଜନ୍ ଲାଗି ନିଯୁକ୍ତି, ରାଷ୍ଟ୍ର ଦ୍ୱାରା ନିୟଂତ୍ରିତ ଉଚ୍ଚା ଗୁଣମାନର୍ ନିଃଶୁଳ୍କ ଶିକ୍ଷାବ୍ୟବସ୍ଥା, କି ସ୍ୱାସ୍ଥ୍ୟସେବା ମାଗ୍‌ବାର୍‌ଟା ଦେଖା ନାଇଁଯିବାର୍। ଯେତେବେଳେଁ ସେମାନେ ନିଜର୍ ଅଧିକାର୍ ମାଗୁଛନ୍, ସେତେବେଳେଁ ତାହାକୁଁ ବିଚ୍ଛିନ୍ନତାବାଦୀ ଆଖ୍ୟା ଦେଇକରି ଡିମୋରାଲାଇଜ୍ କରାଯାଉଛେ।

ଈ ସମଲ୍‌ପୁରୀ ଜନଗୋଷ୍ଠୀ ଆଉ ତା'ର୍ ସଂସ୍କୃତି ଆଏଜ୍ ଅସ୍ତିତ୍ୱର୍ ସଂକଟ୍ ଭିତ୍‌ରେଁ ଗତି କରୁଛେ। ଈ କଥାଟା ସମସ୍ତଂକୁଁ ଦେଖାଯିବାର୍ କଥା। ସମସ୍ତେ ମର୍ମେ ଅନୁଭବ୍ କର୍‌ବାକେ ହେବା ଯେ ସମଲ୍‌ପୁରୀ ବଲି ଗୁଟେ ସ୍ୱତଂତ୍ର ସଭ୍ୟତା, ଗୁଟେ ସ୍ୱତଂତ୍ର ସଂସ୍କୃତି ଈ ମାଟିନେ ଥିଲା। ଆଉ ସେଇଟା ଧୀରେ ଧୀରେ ଲୋପ୍ ହଇବସୁଛେ। ଆଉ ଈ ଲୋପ୍ ହଇଯିବାର୍‌ଟା ଓଡ଼ିଶା ଲାଗି, ଭାରତ୍ ଲାଗି ଆଉର୍ ମାନବ୍ ସଭ୍ୟତା ଲାଗି ବନ୍‌ଏ କଥା ନୁହେ।

ଗୁଟେ ଦିଗେଁ ଯାହାକେ ଆଘୋ ପାଶ୍ଚାତ୍ୟ ସଭ୍ୟତା କହାଯାଉଥିଲା, ଯେନ୍‌ଟା ଆଏଜ୍ ବଜାର୍ ସଭ୍ୟତା ଥିଁ ପରିବର୍ତିତ୍ ହଇଯାଇଛେ, ସେହି ବସ୍ତୁବାଦୀ ସଭ୍ୟତା ଲାଗି ସମଲ୍‌ପୁରୀ ସଂସ୍କୃତି ତା'ର୍ ମୌଳିକତା ହରେଇ ହରେଇ ଚାଲିଛେ। ଯେ ଚାଷ୍ କରୁଥିଲା, ସେ ଆଏଜ୍ ଘିନିଖାଉଛେ, ତ ତା'ର୍ ନୂଆଁଖାଇ ବଜାର୍ ଉପ୍‌ରେଁ ନିର୍ଭର୍ ହଇଯାଉଛେ। ଯେ ନାମ୍ ସଂକୀର୍ତନ୍ କରୁଥିଲା ଭଗବାନଂକର୍ ପ୍ରୀତି ଲାଗି, ସେ ଆଏଜ୍ ଅର୍ଥ ଉପାର୍ଜନ୍ କର୍‌ବାର୍ ଲାଗି ପ୍ରଦର୍ଶନ୍-ସର୍ବସ୍ୱ ସଂକୀର୍ତନ୍ କରୁଛେ। ଯେ ନିଜେଁ ଉଷତ୍ ଆନଂଦ୍ ଉତ୍ସବ୍ କର୍‌ବାର୍ ଲାଗି ସମଲ୍‌ପୁରୀ ବଜା ବଜଉଥିଲା, ସମଲ୍‌ପୁରୀ ଗୀତ୍ ଗାଉଥିଲା, ସମଲ୍‌ପୁରୀ ନାଚ୍ ନାଚୁଥିଲା, ସେ ସାଂସ୍କୃତିକ୍ କର୍ମୀ ବଜାରର୍ ବରାଦ୍ ଅନ୍‌ସାରେଁ ଈ କଳାକେ ବଜାରୀକରଣ୍ କର୍‌ବାର୍ ଲାଗି ବାଧ୍ୟ ହଉଛେ।

ରାଜକୀୟ ପ୍ରୋତ୍ସାହନ୍‌ର ଅଭାବ୍ ଥିବାର୍ ଲାଗି ବଜାରର୍ ମୁହୁଁକେ ତାକୁଛେ ସବୁ ସାଂସ୍କୃତିକ୍ ଗତିବିଧି। ବଜାରର୍ ଆଶୀର୍ବାଦ୍‌ଥୁଁ ସାଂସ୍କୃତିକ୍ ଗତିବିଧିଥିଁ ଯାହାକେ କହେସନ୍ **'ଧନର୍ ଖେଲ୍'** ସେଇଟା ଜହ ଜହ ଦେଖାଯାଉଛେ, ଆରୁ ଯେନ୍‌ଟାକେ କହେସନ୍ **'ଆତ୍ମିକ୍ ବୈଭବ୍',** ସେଇଟାଲୁକି ଲୁକି ଯାଉଛେ।

ଈ ରକମ୍ ଯେନ୍ ସଂକଟ୍ ଇଟା ତାଁକର୍ ଅସ୍ମିତାର୍ ଅଭାବ୍, ଅସ୍ମିତା ବାବ୍‌ଦେଁ ବିଚାର୍‌ଗତ ସ୍ପଷ୍ଟତାର୍ ଅଭାବ୍ ଲାଗି ଘଟିଚାଲିଛେ, ଇଥିଁ କିଛି ସଂଦେହ ନାଇଁନ। ସେ ରକମର୍ ସ୍ଖଳନ୍ ଯେତେ ହେଇଛେ, ହଉଛେ ସେସବୁର୍ ଲାଗି ଯଦି ସମଲ୍‌ପୁରୀ ଜନଗୋଷ୍ଠୀ ସଂସ୍କୃତି ସଚେତନ୍ ନାଇଁ ହେବା, ଦିନ୍ ଆଏବା, ଯେତେବେଳେଁ କେନ୍ ବିଭବଟା ସମଲ୍‌ପୁରୀ ଆଏ ଚିନ୍‌ହ୍‌ବାର୍ କି ଚିନ୍‌ହାବାର୍ ମୁସ୍‌କିଲ୍ ହଇଯିବା।

ଅସ୍ମିତାର୍ ସଂକଟ୍‌ଥିଁ ଭାଷାର୍ ଭୂମିକା

ଈ ସଂକଟମୟ ପରିସ୍ଥିତିର୍ ବଡ଼୍ ଗୁଟେ କାରକ ହଇକରି ଅଛେ, ଈ ଭାଷାର୍ ସ୍ୱୀକୃତିର୍ ଅଭାବ୍।

ଭାଷା କାଣା ଆଏ? ଭାଷା ହଉଛେ ସଂସ୍କୃତିର୍ ବଡ଼୍ ସଂପଦ୍। ଭାଷା ହଉଛେ ସଂସ୍କୃତିର୍ ବାହକ୍। ଗୁଟେ ପୀଢ଼ିର୍ ଲୋକ୍ ତା'ର୍ ସଂସ୍କୃତିକେ ଭାଷାର୍ ମାଧ୍ୟମ୍‌ଥିଁ ହିଁ ଜାନିପାର୍‌ସି, ଚିନ୍‌ହିପାର୍‌ସି। ଆମର୍ ପୂର୍ବପୁରୁଷ କେନ୍‌ତା ନୂଆଁଖାଇ ପାଳନ୍ କରୁଥିଲେ, ଆମେ ସେକଥା ଭାଷାର୍ ମାଧ୍ୟମ୍‌ଥିଁ ଜାନିପାର୍‌ସୁଁ। କିଂବଦଂତୀ, ଲୋକକଥା, ଲୋକଗୀତ୍ ଆମ୍‌କୁଁ ଆମର୍ ଆସ୍ଥା, ବିଶ୍ୱାସ୍ ଆଉର୍ ଧାରଣା କାଣା ଥିଲା, ଅମର୍ ଇତିହାସ୍ କାଣା ଆରୁ ଐତିହ୍ୟ କାଣା, ସେକଥା ବତାସନ୍। ନିଜର୍ ଜନଗୋଷ୍ଠୀକେ ଚିନ୍‌ହ୍‌ବାର୍ ଲାଗି ଭାଷା ହିଁ ସହାୟକ୍ ହେସି।

ନୂଆଁ ପଲିଟିକାଲ୍ ଇକନମି ଅନ୍‌ସାରେଁ ରାଷ୍ଟ୍ରମାନ୍ ନିଜର୍ ନିଜର୍ ଭିତ୍‌ରେଁ ବଜାର-କ୍ଷମତା ଲାଗିଁ ହିଂସା ଅହଂକାର୍ କରି ଲଢ଼େଇ କରି ମର୍‌ବେ। ବଜାର୍ ସଭ୍ୟତା ଲାଗି ମାନବ୍ ସଂସ୍କୃତିମାନ୍ ଲୋପ୍ ପାଏବା ଆଉ ଖାଲି ଉପଭୋକ୍ତା ସମାଜ୍‌ଟେ ରହେବା। ଯଦି ଆମେ ଚାହେଁମା ଯେ ମାନବ ସଭ୍ୟତା ବଞ୍ଚିକରି ରହୁ, ତା'ର୍ ସଂସ୍କୃତି ବଞ୍ଚିକରି ରହୁ, ତ ଭାଷାମନ୍‌କୁଁ ବଞ୍ଚେଇ କରି ରଖ୍‌ବାକେ ହେବା। ଭାଷା ହିଁ ମାନବ ସଭ୍ୟତାକେ ବଞ୍ଚେଇ କରି ରଖ୍‌ବା।

ମିଳିତ ଜାତିସଂଘର୍ ଶିକ୍ଷା ଆରୁ ସଂସ୍କୃତିର୍ ଲାଗି ଯେନ୍ ବିଶ୍ୱସ୍ତରୀୟ ସଂସ୍ଥା ଅଛେ ୟୁନେସ୍କୋ କହୁଛନ୍ ଯେ କେହେନି ସଭ୍ୟତାର୍ ଆଧାର୍ ହଉଛେ, ତା'ର୍ ନେ ଥିଲା ସାଂସ୍କୃତିକ୍ ବିବିଧତା, ସେ ବିବିଧତା ଭିତ୍‌ରେଁ ଶାଂତିପୂର୍ଣ୍ଣ ସହାବସ୍ଥାନ୍। ହରେକ୍ ସଂସ୍କୃତି ତା'ର୍ ଭାଷାକେ ନେଇକରି ବଞ୍ଚିଥିସି। ତ ସଭ୍ୟତାର୍ ସ୍ଥାୟୀତ୍ୱ ଭାଷାମାନ୍‌କର୍ ସ୍ଥାୟୀତ୍ୱ ଉପ୍‌ରେଁ ନିର୍ଭର୍ ହେବାର୍‌ଟା ସ୍ୱାଭାବିକ୍ ଆଏ। ଇତାର୍ ଅର୍ଥ ହେଲା, ଭାରତୀୟ ସଭ୍ୟତା ଯଦି ସ୍ଥାୟୀ ହଉ ବଲି ଆମେ ଚାହେଁମା ତ, ଭାରତ୍ ଭିତ୍‌ରେଁ ଥିଲା ସବୁ ସଂସ୍କୃତି, ସବୁ ଭାଷାକେ ସମାନ୍ ଗୁରୁତ୍ୱ ଦେଇକରି ବିକଶିତ୍ କରି ରଖିବାକେ ହେବା।

ଲେକିନ୍, ଭାଷାମାନ୍ ମରିମରି ଯାଉଛେ। ଦୁନିଆଁ ଭର୍। ଭାଷାବିତ୍‌ମାନେ ଗୁଟେ ହିସାବ୍ କରି ଦେଖିଛନ୍ ଯେ ଏହେଦେର୍ ପୃଥିବୀର୍ ଭାଷାମାନ୍ ଧୂଳିଁ ମିଶିଯାଉଛନ୍। ଆଏଜ୍ ଯେନ୍ ଭାଷା ଅଛେ ବଲି ଦେଖୁଛନ୍, କିଛି ହପ୍ତା ଉତାରୁଁ ଦେଖାଯାଉଛେ ଯେ ସେ ଭାଷା ଆଉର୍ ନାଇଁନ। ଗୁଟେ ଗୁଟେ କରି ଏନ୍‌ତା ଭାଷାମାନ୍ ଅଲପ୍ ହଇ ବସୁଛନ୍ ଆଉର୍ ଯଦି ଈ ରକମ୍ ଲାଗିରହେ, ତ ଈ ଶତାବ୍ଦୀର୍ ଛେଦ୍‌ମୁଡ଼୍‌କେ ୯୦ ଭାଗ୍ ଭାଷା ନିଜର୍ ଅସ୍ତିତ୍ୱ ହରେଇ ସାରି ଥିବେନ।

ଭାଷାମାନ୍‌କର୍ ମରଣର୍ କାରଣ୍

୧. ପଶ୍ଚିମ୍ ଓଡ଼ିଶାର୍ ଝନ୍‌ଏ ଖଟିଖିଆ ମୁନୁଷ୍ ଯଦି ନିଜର୍ ଜୀବିକା ଅର୍ଜନ୍ କର୍‌ବାର୍ ଲାଗି ଆଂଧ୍ରକେ ଯିବା, ତାହାକେ ତେଲୁଗୁ ଶିଖିବାକେ ହଉଛେ, ଗୁଜ୍‌ରାଟ୍‌କେ ଯିବା, ତ ତାହାକେ ଗୁଜରାଟୀ ଶିଖିବାକେ ହଉଛେ। ନିଜର୍ ଭାଷା ତାହାକେ ଛାନ୍‌ବାକେ ହଉଛେ। ଏହେଦେ ପୁର୍‌ଥିସାରା ବଡ଼୍‌ଭାଗ ଲୁକେ ନିଜର୍ ମାତୃଭାଷା ଛାଡ଼ିକରି ଇଂଲିଶ୍, ସ୍ପେନିଶ୍ କି ମାଂଡାରିନ୍ ଲେଖେଁ ଭାଷା ଶିଖୁଛନ୍, କହୁଛନ୍, ଲେଖାପଢ଼ା କରୁଛନ୍। କାଁଯେ ବଏଲେଁ, ଈ ଭାଷାମାନ୍‌କେ ବିଜ୍‌ନେସ୍ ହଉଛେ, ଈ ଭାଷାମାନ୍‌କେଁ ନଉକିରୀ ସୁବିଧା ମିଳୁଛେ। ଭାରତ୍ ବାଗିର୍ ଦେଶେଁ ଯେନ୍‌ନେ ୨୦୦ ଭାଷା ଅଛେ, ହିଂଦୀ ଆଉର୍ ଇଂଲିଶ୍ ହେନ୍‌ତା ପ୍ରତିପତ୍ତି ବଢ଼େଇଛନ୍। ସେଥିର୍ ଲାଗି ସ୍ଥାନୀୟ ଭାଷାମାନ୍ ଲୋପ୍ ହଇବସୁଛେ।

୨. ଦ୍ୱିତୀୟ କାରଣ୍ ହଉଛେ, ସରକାରୀ ସ୍ୱୀକୃତି। (କ) କେନ୍‌ସି ଦେଶର୍ ସର୍ବୋଚ୍ଚ ସରକାର ଯଦି ସ୍ଥାନୀୟ ଭାଷାକେ ଶିକ୍ଷାର୍ ମାଧ୍ୟମ୍ ହେବାର୍ ଲାଗି ନାଇଁଦେବେ, ସର୍ବସାଧାରଣ ଜୀବନ୍‌ଥିଁ ଯଦି ସେ ଭାଷା ବ୍ୟବହାର୍ ହେବାର୍ ସୁଯୋଗ୍ ସଂକୁଚିତ୍ ହଇଯିବା। ଲୁକେ ନିଜର୍ ଗାଆଁଭୂଇଁରେ ଥାଇକରି, ରାଜ୍ୟ ବାହାର୍‌କେ କି ଦେଶ୍ ବାହାର୍‌କେ ନାଇଁ ଯାଇକରି ଭି ନିଜର୍ ଭାଷା ଛାଡ଼ି ଦେଇକରି ନିଜର୍ ଭାଷା ହରଉଛନ୍। ଆଉ (ଖ), ଯଦି ଶାସନ୍‌ପ୍ରଶାସନର୍ ଭାଷା ଅଲ୍‌ଗା ହେବା, ବେଲେଁ ସ୍ଥାନୀୟ ଭାଷା ମରିଯିବା। ମରିଯାଉଛେ। ପଶ୍ଚିମ୍ ଓଡ଼ିଶାଥିଁ ହେଇକଥା ଘଟିଛେ।

୩. ଭାଷା ମରିଯିବାର୍ ତୃତୀୟ କାରଣ ହଉଛେ, ସମାଜିକ୍ ଉପେକ୍ଷା। ସର୍‌କାର୍ କି କେହି କହିନାଇଁ, ବାପାକେ ଡେଡ୍ ଆଉ ମାଆଁକେ ମମ୍ କହ ବଲି, ଲେକିନ୍ ଲୋକ୍‌ଦେଖିନିଆ ବଡ଼୍‌ଲୁକି ଲାଗି, ମିଥ୍ୟା ସାମାଜିକ୍ ପ୍ରତିଷ୍ଠା ଲାଗି ଲୁକେ ନିଜର୍ ନିଜର୍ ମାତୃଭାଷାକେ ଭୁଲିକରି ଅନ୍ୟ ଭାଷାକେ କଥିତ ଭାଷା ଆକାରେଁ ବ୍ୟବହାର୍ କରୁଛନ୍।

ସର୍‌କାର୍ କି କେହି କହିନାଇଁ ନିଜର୍ ଭାଷାଥିଁ ଲେଖାପଢ଼ା ନାଇଁକର୍‌ବ ବଲି, କବିତାଟେ, ଗଳ୍ପଟେ, କି ପ୍ରବଂଧଟେ ନାଇଁ ଲେଖିବ ବଲି, ଲେକିନ୍ ବହୁତ୍ ଲୋକ୍ ନିଜର୍ ଭାଷାଥିଁ ଲେଖିବାର୍‌ଟାକେ ନିଜର୍ ଅସମ୍ମାନ୍ ବଲି ବିଚାର୍ କର୍‌ସନ୍। କେହି କେହି ନିଜର୍ ଭାଷାଥିଁ ଲେଖାଟେ ପାଏଲେଁ ଭି ପଢ଼୍‌ବାର୍ ଲାଗି ଲଜ୍ଜାବୋଧ୍ କର୍‌ସନ୍।

ନିଜର୍ ଭାଷାକେ ଛୋଟ୍ ଦେଖିବାର୍‌ଟା, ନିଜର୍ ଭାଷାକେ ନେଇକରି ଗୌରବ୍ ଅନୁଭବ୍ ନାଇଁ କର୍‌ବାର୍‌ଟା ଗୁଟେ ସାମାଜିକ୍ ହୀନମନ୍ୟତା ଆଏ। ଆଉର୍ ଈଟା ଭାଷାର୍ ମୃତ୍ୟୁର୍ ବଡ଼୍ କାରଣ୍ ଆଏ। ଆଉ କହେଲେଁ କହେଲା ବଲ୍‌ବ, ଭାଷାର୍ ଅପମୃତ୍ୟୁ ହେଲେଁ ସଂସ୍କୃତିର୍ ମୃତ୍ୟୁ ହେବାର୍‌ଟା ଧାରିଜ୍ ଆଏ।

ପ୍ରତିକାର୍ ଲାଗି ଉଦ୍ୟମ୍: ମାନ୍ୟତା

ଆଏଜ୍ ତକ୍ ସମଲ୍‌ପୁରୀ ଭାଷାକେ ନିଜର୍ ରାଜ୍ୟଥିଁ, ମାନ୍ୟତା ନାଇଁ ଦିଆଯାଇ। ଇତାର୍ ପହିଲ୍ କାରଣ୍ ଆଏ, ସମଲ୍‌ପୁରୀ ଭାଷାଭାଷୀ ଲୁକେ ଈ ଟା ଗୁଟେ ଜରୁରୀ ଆଉର୍ ନ୍ୟାୟସଂଗତ୍ ଦାବୀ ଆଏ ବଲି ଜାନି ନାଇଁ ପାର୍‌ବାର୍। ଈ ଟା ତାଁକର୍ ଅଜ୍ଞାନତା। ଲେକିନ୍, ଇତାର୍ ସବୁନୁଁ ବଡ଼୍ କାରଣ୍ ଆଏ, ସେମାନ୍‌କର୍ ଛୁଟ୍‌କୁନିଆଁ ଭାବ୍, ସେମାନ୍‌କର୍ ହୀନମନ୍ୟତା। ରାଜ୍ୟର୍ ଦ୍ୱିତୀୟ ସରକାରୀ ଭାଷାର୍ ମାନ୍ୟତା ଦିଆଯାଉ ବଲି ଯେତେବେଲେଁ ଦାବୀ କରାଯାଉଛେ, ସେତେବେଲେଁ ଯେନ୍‌ମାନେ ସମାଜ୍‌ର୍ ନେତୃସ୍ଥାନୀୟ ଲୋକ୍, ଯେନ୍‌ମାନେ ବୁଦ୍ଧୀଜୀବୀ, ଯେନ୍‌ମାନକର୍ କଥାର୍ ମୂଲ୍ୟ ଅଛେ

ବଲି ସେମାନେ ଜାନିଛନ୍, ସେ ସଭେ ଗୋଠ୍ ଛାଡ଼ିକରି ଅଲ୍‌ଗେଁ ଠିଆ ହଉଛନ୍। କିଏ କହୁଛେ ସମଲ୍‌ପୁରୀ ତ ଶୁଦ୍ଧ ନୁହେ, ଶୂଦ୍ରର୍ ଭାଷା ଆଏ, କିଏ କହୁଛେ ଆମେ ସମଲ୍‌ପୁରୀ ଲେଖିପଢ଼ି ନାଇଁ ଜାନୁଁ, ଓଡ଼ିଆ ଆମର୍ ଭାଷା ଆଏ, ଆଉ କିଏ କହୁଛେ, ସମଲ୍‌ପୁରୀଥିଁ ଲେଖାପଢ଼ା କର୍‌ଲେଁ କି କଥାବର୍ତା କର୍‌ଲେଁ ଆମର୍ ଇଜ୍ଜତ୍ ନାଇଁ ରହେ। ସେଥିର୍ ଲାଗି, ଭାଷାର୍ ମାନ୍ୟତା ଦାବୀ ହେଲେଁ ଭି ସେଥିର୍ ପ୍ରତି କେହେନି କର୍ଣପାତ୍ ନାଇଁ କରାଯିବାର୍। ଇ ପରିସ୍ଥିତିକେ ଅସ୍ମିତାର୍ ଜାଗରଣ୍ ଦ୍ୱାରା ବଦ୍‌ଲାବାର୍‌କେ ହେବା। ଦାୟିତ୍ୱ ? ସମଲ୍‌ପୁରୀ ମାଆମାଟିନେ ଜନମ୍ ହଇଥିଲା ବଚ୍ଚା-ବଚ୍ଚାର୍ ଆଏ।

୧୯୫୦ ସାଲେଁ ଭାରତ୍ ଯେତେବେଲେଁ ନୂଆଁକରି ସାର୍ବଭୌମ ଗଣତଂତ୍ର ରାଷ୍ଟ୍ର ହେଲା, ତା'ର୍ ଆଘୋନୁଁ ଇ ସମଲ୍‌ପୁରୀ ଭାଷା ଥିଲା। ଯେତେବେଲେଁ ସଂବିଧାନ୍ ଲାଗୁହେଲା ସେ ସଂବିଧାନ୍ ଥିଁ ଅଷ୍ଟମ ଅନୁସୂଚୀଥିଁ ସମଲ୍‌ପୁରୀ ଭାଷାର୍ ନାଁ ନାଇଁ। ହେଥିର୍ ଲାଗି ବଲି ସମଲ୍‌ପୁରୀ ଭାଷାଭାଷୀ ଲୁକ୍‌କୁଁ ତ ଦୋଷ୍ ନାଇଁ ଦିଆଯାଇପାରେ। ସଂବିଧାନ୍‌କେ ସଂଶୋଧନ୍ କରାଯିବାର୍ ଚାହି, ଭାଷାର୍ ତାଲିକାକେ ସଂଶୋଧନ୍ କରାଯିବାର୍ ଚାହି। ପହେଲେଁ ଇଂଲିଶ୍‌କେ ମିଶେଇକରି ୧୪ଟା ଭାରତୀୟ ଭାଷା ସେ ତାଲିକାଥିଁ ଠାନ୍ ପାଇଥିଲେ। ଏବ୍‌ତକ୍ କେତେ ସଂଶୋଧନ୍ କରା ହେଲାନ ଆଉର୍ ଏହେଦେ ୨୨ଟା ଭାଷା ସେଥିଁ ଶୋଭା ପାଏଲେନ। ଦାବୀଦାର୍ ଆହୁରି ଅଛନ୍। ସମଲ୍‌ପୁରୀ ସେ ଭିତ୍‌ରୁଁ ଗୁଟେ। ଭାଷାକେ ମାନ୍ୟତା ଦେବାର୍ ମୂଲ୍ ସର୍ତ ହଉଛେ, ସେ ଭାଷା କହୁଥିବାର୍ ଲୋକ୍ ବନ୍‌ଏ ଥୁଡ଼େ ଥିବାର୍ ଚାହି। ଆଏଜ୍‌କେ ୧୫ ବଛର୍ ତଳେଁ ୨୦୧୧ ସାଲେଁ ଯେନ୍ ଜନଗଣନା ହଇଥିଲା, ସେ ଅନ୍‌ସାରେଁ ପଶ୍ଚିମ୍ ଓଡ଼ିଶାର୍ ଅଧିବାସୀମାନ୍‌କର୍ ସଂଖ୍ୟା ୧କୋଟି ୦୨ ଲକ୍ଷ ୬୯ ହଜାର ୯୯୮ଥିଲା। ସେନୁଁ ଆଏଜ୍‌କେ ହିସାବ୍ କଲେଁ ଜନସଂଖ୍ୟା ତ କାହୁଁ କାଣା ହଇଯାଇଥିବାନ। ପରଦେଶିଆକୁଁ ଛାଡ଼ି ଦେଲେଁ ଭି, ହାରାହାରି ୧ କୋଟି ଜନତାର୍ ସ୍ଥାନୀୟ ଭାଷା ତ ହଉଛେ ସମଲ୍‌ପୁରୀ। ତ ଇ ଭାଷାକେ ଭାରତ୍ ତା'ର୍ ସଂବିଧାନ୍‌ର ଭାଷାତାଲିକା ଭିତ୍‌ରେଁ ଠାନ୍ ନାଇଁଦେବାର୍ କେହେନି କାରଣ୍ ନାଇଁନ।

ସେଥିର୍ ଲାଗି ୨୦୧୪ ସାଲେଁ ସେତେବେଲର୍ ରାଜ୍ୟ ସର୍‌କାର୍ ସମଲ୍‌ପୁରୀ ଭାଷାକେ ଅଷ୍ଟମ ଅନୁସୂଚୀଥିଁ ରଖାଯାଉ ବଲି କେଂଦ୍ର ସରକାରଂକର୍ ନିକେ ଲିଖିତ ପ୍ରସ୍ତାବ୍ କରିଥିଲେ, ହେଲେଁ, ଲୁକ୍‌କର୍ ଦୁର୍ବଲତା ଆଏ କି ନେତୃତ୍ୱର୍ ଦୁର୍ବଲତା ଆଏ ଯେ, ୧୧ ବର୍ଷ ଉତାରୁଁ ଭି କେଂଦ୍ର ନୀରବ୍। ଆଉର୍ ବର୍ତମାନ୍‌ର ରାଜ୍ୟ ସର୍‌କାରକୁଁ ସେକଥା ମନେ ପକେଇ ଦେଲା ବେଲ୍‌କେ, ସେନ୍‌ତା କେହେନି ପ୍ରସ୍ତାବ୍ ନାଇଁନ ବଲି ମଂତ୍ରୀ ରୋକ୍‌ଠୋକ୍ ମନା କରିଦେଉଛନ୍ ବଲି ସଂବାଦ୍ ପ୍ରକାଶ୍ ପାଇଛେ। ଇ ପରିସ୍ଥିତିକେ ବଦ୍‌ଲାବାର୍‌କେ ହେବା। ରାଜ୍ୟ ଆଉ କେଂଦ୍ର ସର୍‌କାର୍ ଯଦି ଗଣତଂତ୍ରଥିଁ ବିଶ୍ୱାସ୍ କରୁଛନ୍ ତ ଇ ଟା ସେମାନ୍‌କର୍ କର୍ତବ୍ୟ ଆଏ।

ସୁରୁଟେ ପଦକ୍ଷେପ୍:

ଇ ଦିଗେଁ ସୁରୁଟେ ପଦକ୍ଷେପ୍ ଆଏ ସମଲ୍‌ପୁରୀ ଭାଷାଭାଷୀ ଅଂଚଲ୍‌ଥିଁ ସମଲ୍‌ପୁରୀ ଭାଷାଥିଁ ପ୍ରାଥମିକ୍ ଶିକ୍ଷା ପ୍ରଚଳନ୍ କର୍‌ବାର୍‌ଟା। ୟୁନେସ୍କୋ ଖବର୍ ନେଇଛନ୍ ଯେ ସାରା ପୁର୍‌ଥଥିଁ ୪୦ ଭାଗ୍ ଲୋକ୍ ଏନ୍‌ତା ଭି ଅଛନ୍ ଯେନ୍‌ମାନେ ନିଜର୍ ଭାଷାଥିଁ ଶିକ୍ଷା ପାଏବାର୍‌ଥୁଁ ବଂଚିତ୍ ହଇକରି ରହିଛନ୍। ମୁନୁଷ୍ ଛୁଆ ନିଜର୍ ମାତୃଭାଷାଥିଁ ଶିକ୍ଷା ନାଇଁ ପାଇପାର୍‌ଲେଁ ନିଜର୍ ଲାଗି ଭି ଆଉ ଦୁନିଆଁ ଲାଗି ଭି ଅକର୍ମଣ୍ୟ ହଇଯାଏସି। କମ୍-ସେ-କମ୍ ପ୍ରାଥମିକ୍ ଶିକ୍ଷା ତ ନିଜର୍ ନିଜର୍ ମାତୃଭାଷାଥିଁ ସଭେ ପାଏବାର୍ କଥା। ଇଥିଁ ଛୁଆକର୍ ପଢ଼ିବାର୍ ଜାନ୍‌ବାର୍ ଶିଖ୍‌ବାର୍ ପ୍ରକ୍ରିୟାଟା ଅନର୍ଗଲା ହଇପାର୍‌ସି ଆର୍ ସେମାନେ ଆଗ୍‌କେ ଉଂଜା ଭାଷା ଶିଖିକରି ମଜାସେଁ ଦୁନିଆଁ ଜ୍ଞାନ୍ ସଂଗ୍ରହ କରିପାର୍‌ସନ୍। ଇଥିର୍ ଲାଗି ସବୁ ସଦସ୍ୟ ରାଷ୍ଟ୍ରମାନ୍‌କୁଁ ନିବେଦନ୍ କରିଛନ୍ ଯେ ଯେତ୍‌କି ପାର୍‌ବ, ହେତ୍‌କି ଜହ ଲୁକ୍‌କୁଁ ତାଁକର୍ ନିଜର୍ ମାତୃଭାଷାଥିଁ ପ୍ରାଥମିକ୍ ଶିକ୍ଷାଦିଆଯିବାର୍ ବ୍ୟବସ୍ଥା କର। ଭାରତର୍ ନୂଆଁ ଶିକ୍ଷାନୀତି ହେଇକଥାର୍ ସମର୍ଥନ୍ କରି ତିଆର୍ ହଇଛେ। ମଲ୍‌ଟି ଲିଂଗୁଆଲ୍ ଏଜୁକେଶନ୍ ହେବା ବଲିଁ ଉଦ୍ୟମ୍ ହଉଛେ। ପ୍ରାଥମିକ୍ ଶିକ୍ଷାର୍ ଲାଗି ମାତୃଭାଷାକେ ଅଗ୍ରାଧିକାର୍ ମିଲ୍‌ବା ବଲି ଶୁନାଜନା ହଉଛେ।

ପଶ୍ଚିମ୍ ଓଡ଼ିଶାର୍ ସମଲ୍‌ପୁରୀ ସଂସ୍କୃତିର୍ ଉତ୍ତରାଧିକାରୀ ଜନଗୋଷ୍ଠୀ ଇ ସମିୟାର୍ ହୂଚୁରନା ଶୁନିକରି ନିଜର୍ ଭାଷାକେ, ଶିକ୍ଷାକେ, ସଂସ୍କୃତିକେ ସୁରକ୍ଷା ଦେବାର୍ ମହତ୍ କାମେ ଏକ୍ ହଇକରି ଲାଗ୍‌ବେ ବଲି ଆଶା। ■■

ଆନଂଦ୍ ଆଶ୍ରମ, ସମଲ୍‌ପୁର
ମୋ: ୯୪୩୭୦୫୬୮୮୪

ଲୋକବିଦ୍ୟା କ୍ରମରେ ତନ୍ତ୍ର-ମନ୍ତ୍ର

ଡ. ସୁବାସ ମେହେର

ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିରେ ଦିନେ ତନ୍ତ୍ରମନ୍ତ୍ର ଲୋକ ପ୍ରସିଦ୍ଧ ଥିଲା। ଏହି ଅଞ୍ଚଳରେ ପତ୍ରବନ୍ଧା ସଉରୁଣୀ, ନିତେଇ ଧୋବଣୀ, ସୁକୁଟୀ ଚମାରୁଣୀ ପ୍ରଭୃତି ମନ୍ତ୍ରସିଦ୍ଧା ନାରୀମାନେ ଜନ୍ମ ହୋଇଥିଲେ। ସେମାନେ ମନ୍ତ୍ରବଳରେ ଅନେକ ଅଦ୍ଭୁତ କାର୍ଯ୍ୟ କରିପାରୁଥିଲେ। ସାମ୍ପ୍ରତିକ କାଳରେ ମଧ୍ୟ କେତେକ ଲୋକଙ୍କ ଭିତରେ ସେହି ତନ୍ତ୍ରମନ୍ତ୍ର ପ୍ରତି ବିଶ୍ୱାସ ରହିଛି। ଲୋକେ ରୋଗାକ୍ରାନ୍ତ ହେଲେ ତାହା କୌଣସି ଦେବଦେବୀ, ଭୂତପ୍ରେତ ବା ଟଁଢେଇର ପ୍ରଭାବ ମନେକରି ପ୍ରଥମେ ତନ୍ତ୍ରମନ୍ତ୍ର ଚିକିତ୍ସାର ଆଶ୍ରୟ ନେଇଥାନ୍ତି। ତନ୍ତ୍ରମନ୍ତ୍ର ଚିକିତ୍ସକଙ୍କୁ ଗୁଣିଆ କୁହାଯାଏ। ଗୁଣିଆ ମନ୍ତ୍ର ଫୁଙ୍କି ଲୋକଙ୍କୁ ରୋଗମୁକ୍ତ କରିବାର ଦେଖାଯାଏ। ଗୁଣିଆ ବ୍ୟତୀତ ସମାଜରେ କେତେକ ବ୍ୟକ୍ତି ସାଧାରଣ ମନ୍ତ୍ରବିଦ୍ୟା ଅଭ୍ୟାସ କରି ଲୋକଙ୍କ ଉପକାର ସାଧନ କରିଥାନ୍ତି। ସେମାନେ ଏହି କାମ ପାଇଁ ରୋଗୀଠାରୁ କୌଣସି ପାରିଶ୍ରମିକ ଗ୍ରହଣ କରନ୍ତି ନାହିଁ। ଦକ୍ଷିଣା ନେଲେ ମନ୍ତ୍ରକାଟେ ନାହିଁ ବୋଲି ସେମାନେ ବିଶ୍ୱାସ କରନ୍ତି। କିନ୍ତୁ ପେଶାଦାର ଗୁଣିଆମାନେ ବିଭିନ୍ନ ଆଳରେ ରୋଗୀଠାରୁ ତାଙ୍କ ପାରିଶ୍ରମିକ ସଂଗ୍ରହ କରିଥାନ୍ତି।

କୌଣସି ବ୍ୟକ୍ତି ମୁଣ୍ଡ ସ୍ଥିର କରି ରଖିନ ପାରିଲେ, କଟମଟ କରି ଚାହିଁଲେ ବା ପ୍ରଳାପ କରି ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କଲେ ତାକୁ ଭୂତପ୍ରେତ ଧରିଛି ବା ଟଁଢେଇ ମନ୍ତ୍ର ଦ୍ୱାରା ଆକ୍ରାନ୍ତ ହୋଇଛି ବୋଲି ବିଶ୍ୱାସ କରାଯାଏ ଓ ପେଶାଦାର ଗୁଣିଆକୁ ଡାକି ତାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ। ଏହି ସ୍ଥଳରେ ଗୁଣିଆ ଯନ୍ତ୍ର କାଟି କଷ୍ଟୀକୁ ଉକ୍ତ ଯନ୍ତ୍ରରେ ବସାଏ ଓ ମନ୍ତ୍ର ପଢ଼ି ଭୂତକୁ କଷ୍ଟୀ ଶରୀରରୁ ଚାଲିଯିବାକୁ ନିର୍ଦ୍ଦେଶ ଦିଏ। ଶେଷରେ ମନ୍ଦାର ଫୁଲରେ ଭୂତକୁ ସବାର କରି ଉତାରି ଆଣେ ଓ ଅଧ ରାତିରେ ଏକ ଦୁଇ ବଟିଆ ସ୍ଥାନରେ ଯଥାରୀତିରେ ପୂଜାକରି ଭୂତକୁ ବିଦାୟ ଦିଏ। ଏଠାରେ ନାରୀ ଦେହରୁ ନହଣା ଉତାରିବା ପ୍ରଥା ଉଦ୍ଧାର କରାଗଲା।

'ନହଣା' ଲୋକ ବିଶ୍ୱାସ ଦେବୀ। ଏହା ମୁଖ୍ୟତଃ ଚଉଷଠି ପ୍ରକାରର। ନହଣାର ପ୍ରକାର ଅନୁସାରେ ନାରୀ 'ସନ୍ତାନକଷ୍ଟ' ପାଏ। ନହଣା ଆକ୍ରାନ୍ତ ନାରୀର ଗର୍ଭସ୍ଥ ସନ୍ତାନ ଗର୍ଭାବସ୍ଥାରେ ବା ଜନ୍ମକାଳରେ ଅକାଳ ମୃତ୍ୟୁ ମୁଖରେ ପଡ଼େ। ଏହାର ନାରୀର ଗର୍ଭାଶୟରେ ସନ୍ତାନ ଧାରଣ କ୍ଷମତା ଉପରେ ମୁଖ୍ୟତଃ ନିର୍ଭର କରୁଥିଲେ ମଧ୍ୟ ଲୋକେ ନହଣା ଦେବୀର ପ୍ରାଦୁର୍ଭାବ ମନେକରି ଗୁଣିଆର ଆଶ୍ରୟ ନେଇଥାନ୍ତି। ଗୁଣିଆ ଏକ ଅମାବାସ୍ୟା ରାତ୍ରରେ ଦୁଇ ବଟିଆ ସ୍ଥାନରେ ଏକମଞ୍ଚ ପ୍ରସ୍ତୁତ କରି କଷ୍ଟୀକୁ ବସାଏ ଓ ନହଣା ଦେବୀଙ୍କ ଉଦ୍ଦେଶ୍ୟରେ ପୂଜା କରି ମନ୍ତ୍ର ପଢ଼େ, ବଏଲଭରେ। ଏହି ସମୟରେ ନାରୀର ସ୍ୱାମୀ ଓ ଗୁଣିଆର ସହଯୋଗୀ ବ୍ୟତୀତ ଅନ୍ୟ କେହି (ସେଠାରେ) ଉପସ୍ଥିତ ରହି ନଥାନ୍ତି। ଶେଷରେ ନାରୀ ଦେହରୁ ନହଣା ଦେବୀଙ୍କୁ ଝାଡ଼ି ଓହ୍ଲାଇ ଆଣି ବିଦାୟ ଦିଏ ଓ ନାରୀକୁ ଚାରୋଟି ସ୍ଥାନରୁ ଆନୀତ ମାଟି, ପାଣି ଓ ନଅ ପ୍ରକାର ଔଷଧରେ ସ୍ନାନ କରାଏ। ତାପରେ ଉକ୍ତ ନାରୀକୁ ଏକାକୀ ରଖି ସମସ୍ତେ ଦୂରକୁ ଚାଲିଆସନ୍ତି। ନାରୀ ତା ଦେହର ସମସ୍ତ ପଦାର୍ଥକୁ କାଢ଼ି ଦେଇ ସେଠାରେ ରଖିଦିଏ ଓ ନବବସ୍ତ୍ର ଧାରଣ କରି ସ୍ୱାମୀସହ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରେ। ଗୁଣିଆ ତାର ସହଯୋଗୀ ସହ ବଳି ପଦାର୍ଥ ନେଇ ଭୋଜି ଉତ୍ସବ ପାଳନ କରେ। ଏହି ଚିକିତ୍ସା ପରେ ଉକ୍ତ ନାରୀର ଗର୍ଭସ୍ଥ ସନ୍ତାନ ସୁଖ ପ୍ରସବ ଲାଭକରି ବଞ୍ଚି ରହୁଥିବା କଥା ଲୋକ ବିଶ୍ୱାସରେ ଶୁଣାଯାଏ।

ଲୋକେ ଭୟଙ୍କର ବସନ୍ତ ଓ ହଇଜା ରୋଗକୁ ମଧ୍ୟ ଦେବୀ ରୂପରେ ସମ୍ମାନ ଦେଇଥାନ୍ତି। ଗ୍ରାମରେ ଉକ୍ତ ରୋଗ

ଦେଖା ଦେଲେ ଗାଁର ଝାଁକର ଗ୍ରାମର ଦେବଦେବୀଙ୍କୁ ଗୁହାରି କରେ ଓ ରୋଗଦେବୀ ତଥା ଗ୍ରାମର ଶାନ୍ତି ପାଇଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରେ। କେତେକ ଲୋକ ବସନ୍ତ ହଇଜାର ପ୍ରତିକାର ପାଇଁ ଗୁଣିଆର ଆଶ୍ରୟ ମଧ୍ୟ ନେଇଥାନ୍ତି।

ଗ୍ରାମରେ ଗାଈଗୋରୁଙ୍କୁ 'ଖୁରାରୋଗ' ହେଲେ ରୋଗ ଲାଗିବା ଦଶ ପନ୍ଦର ଦିନ ପରେ ଅର୍ଥାତ୍ ରୋଗ ପ୍ରାୟ ଗାଁର ସବୁ ଦିଗକୁ ବ୍ୟାପିଗଲା ପରେ ରୋଗଦେବୀଙ୍କୁ ସସମ୍ମାନରେ ବିଦାୟ ଦେବା ପାଇଁ ଲୋକେ ବ୍ୟବସ୍ଥା କରିଥାନ୍ତି। ଗାଈରଖୁଆଳ ଲୋକେ ଗାଁର ପ୍ରତି ଘରୁ ଏହି ପୂଜା ପାଇଁ ଚାନ୍ଦା ସଂଗ୍ରହ କରନ୍ତି ଓ ନିର୍ଦ୍ଦିଷ୍ଟ ଦିନରେ ଫଟା ଭୁଗା, କୁଲା, ଠୁଟି, ଝାଡୁ, ଛିଣ୍ଡା ପଘା ଆଦି ପ୍ରତିଘରୁ ସଂଗ୍ରହ କରି ଗୋରୁଗାଈକୁ ଦୂରବର୍ତ୍ତୀ ଏକ ଦୁଇବଟିଆ ସ୍ଥାନକୁ ନିଅନ୍ତି। ସେଠାରେ ଖୁରା ଦେବୀଙ୍କ ଉଦ୍ଦେଶ୍ୟରେ ପୂଜାକରି ବିଦାୟ ଦିଅନ୍ତି। କୌଣସି ଗଛରେ ଫଟା ଭୁଗା, କୁଲା, ଛିଣ୍ଡା ପଘା ଆଦି ଝୁଲା ହୋଇଥିଲେ ତାକୁ ଖୁରାଦେବୀଙ୍କ ବିଦାୟ ସ୍ଥଳ ରୂପରେ ଲୋକେ ଗ୍ରହଣକରି ରୋଗମୁକ୍ତ ଗାଈଗୋରୁଙ୍କୁ ସେପଟକୁ ଯିବାକୁ ଦିଅନ୍ତି ନାହିଁ। ବିଭିନ୍ନ ରୋଗର ଆରୋଗ୍ୟ ପାଇଁ ଘେଁସ ଜମିଦାରୀ ଅଞ୍ଚଳରୁ ସଂଗୃହୀତ କେତୋଟି ମନ୍ତ୍ରରୁ ଏଠାରେ ଉଦ୍ଧାର କରାଗଲା -

ଦୃଷ୍ଟି ଦୋଷ ପାଇଁ ମନ୍ତ୍ର -

ଓଁ ଦୃଷ୍ଟିତ ଦୃଷ୍ଟି, ଆପଦୃଷ୍ଟି, ରପଦୃଷ୍ଟି, ଘର ଦୃଷ୍ଟି, ମାତାଦୃଷ୍ଟି, ଟଁଣେଇ ଦୃଷ୍ଟି, ଟାଙ୍ଗେଣ ଦୃଷ୍ଟି, ଝର ଦୃଷ୍ଟି
ଝର ଝର ବୋଲି କାହାର ଆଜ୍ଞା
ଈଶ୍ୱର ପାର୍ବତୀଙ୍କର କୋଟି କୋଟି ଆଜ୍ଞା।।
(ଏହି ମନ୍ତ୍ର ପଢ଼ି ମୁଣ୍ଡରୁ ତଳ ଯାଏ ସାତଥର ଫୁଙ୍କିବ)

ପିଲା ଦୃଷ୍ଟିକୁ ଲୁଣମନ୍ତ୍ର -

ଓଁ ଲୁଣ ଲୁଣ, ମହାସାଗରରଲୁଣ,
ଲୁଣ ଦେଲେ କି କି କାଟଇ, ଛେଦ କାଟଇ
ଭେଦକାଟଇ, ମୋ ଦୃଷ୍ଟିକାଟେ, ପର ଦୃଷ୍ଟିକାଟେ,
ହାଟେବାଟେ ଯାହା ଦୃଷ୍ଟି ପଡ଼ିଥିବ କାଟେ।
କାଟ କାଟ ବୋଲି କାହାର ଆଜ୍ଞା,
ପତ୍ର ସଉରୁଣୀ, ଜ୍ଞାନ ଦେଇ ମାଲ୍ୟାଣୀର
କୋଟି କୋଟି ଆଜ୍ଞା।।
(ଏହି ମନ୍ତ୍ରରେ ଲୁଣ ମନ୍ତୁରୀ ଖୁଆଯାଏ)

ପିଲାଙ୍କ ବାଛୋରା ରୋଗ -

ଓଁ ଯାଡ଼ି ଯାଡ଼ି ଥିଲୁ କାହିଁ, ସାତ ସମୁଦ୍ର ଲଙ୍କା ଯାଇ ମୋହର ଡାକରେ ତୁ ଅଇଲୁ ଧାଇଁ। ଅମୁକାଇ (ପିଲାର ନାମ ଧରି) ମୁଣ୍ଡେ ବାଛେରା। ଯାଆରେ ବାଛେରା ଜଳି ପୋଡ଼ି ହୋଇ ଯାଆ। ନ ଯାଉ ବୋଲି କାହାର ଆଗ୍ୟାଁ। କାଉଁରୀ କାମଚଣ୍ଡୀ ପତ୍ର ସଉରୁଣୀର କୋଟି କୋଟି ଆଗ୍ୟାଁ।

(ଜନ୍ମ ସମୟରେ ଭଲ ଭାବରେ ଧୁଆଧୋଇ ହୋଇ ନଥିଲେ, ପିଲାଂକ ଦେହରେ, ବିଶେଷତଃ ମୁଣ୍ଡରେ ଘା' ହୋଇଥାଏ। ଏହା ଧୀରେ ଧୀରେ ବଢ଼େ। ଏପରି ବାଛେରା ହୋଇଥିବା ପିଲାର ନାମଧରି ମନ୍ତ୍ର ପଢ଼ି ତେଲ ଟିକିଏ ମନ୍ତ୍ରି ନିଜର ବାମ ହାତ ପାପୁଲିରେ ଡାହାଣ ପଟରେ ପାଞ୍ଚ ଅଙ୍ଗୁଳିରେ ଲଗାଇବ। ଏ ରୂପେ ତିନିଓଳି ମାଇଲେ ବାଛେରା ମରଇ। ବାଛେରା ମାରି ସାରିବ, ଆଉ ଥରେ ହାତ ଓଦା କରିବ ନାହିଁ।)

କଟା ଘା'ରେ ରକ୍ତସ୍ରାବ ବନ୍ଦ ପାଇଁ - ଓଁ ଦୁର୍ଗା ମୋହର ମାଆ। ମୁଁ ଫୁକଇ ଖଣ୍ଡାର ଘାଆ, ରହୁ ରକତ ଶୁଖା ଘାଆ। ନରହୁ ବୋଲି କାହାର ଆଜ୍ଞା, ଶ୍ରୀ ଦୁର୍ଗାଙ୍କର କୋଟି କୋଟି ଆଜ୍ଞା।

ବିଛାକାମୁଡ଼ା ମନ୍ତ୍ର - ଓଁ ମାଲ୍ୟଗିରି ପର୍ବତରେ କାଳି ଗାଈ ଥିଲା। କାଳି ଗାଈ ରକତରୁ ବେଛୁ ଜନମିଲା। ଆଜ୍ଞା ବେଛୁ, କଏଁରୁ ବେଛୁ, କଁକଁରା ବେଛୁ, ଉତର ବିଷ, ମାଟି ମିଶ; କାହାର ଆଜ୍ଞା ଈଶ୍ୱର ପାର୍ବତୀଙ୍କ କୋଟି କୋଟି ଆଜ୍ଞା (୭ଥର ଫୁଙ୍କିବ)

ସାପ ବାନ୍ଧିବା ମନ୍ତ୍ର -

ଓଁ ଆକାଶରେ ବାଲି ପାତଳର ଧୂଳି
କେନ ଯାଉ ସର୍ପ ଅଣ ଅକ୍ଷର ପେଲି
ମୋ ଧୂଳି ପଡ଼ନ୍ତେ ନି ଚଲେ ଥାକଥାକ
ଥାକ ଥାକ ବୋଲି କାହାର ଆଜ୍ଞା
ଈଶ୍ୱର ପାର୍ବତୀଙ୍କ କୋଟି କୋଟି ଆଜ୍ଞା।।

(ନିଜ ବାମ ହାତରେ ଧୂଳି ନେଇ ଏହି ମନ୍ତ୍ର ପଢ଼ି ଧୂଳିରେ ଫୁଙ୍କିବ ଓ ସାପ ଉପରେ ମାରିବ, ସାପ ଥିବା ସ୍ଥାନରୁ ଆଗକୁ ବଢ଼ି ପାରିବ ନାହିଁ।)

ଚକ୍ଷୁରୋଗ ମନ୍ତ୍ର -

ଓଁ ଚିତ୍ରକୁଟ ପର୍ବତେ ଥିଲେ ଜାନକୀ
ଆଲୁଅ ଉଠନ୍ତେ କିଛି ନ ପାରିଲେ ଦେଖି
ଯନ୍ତ୍ରଣା ନ ସହି ଦେବୀ କରନ୍ତି ରୋଦନ
ଫୁଙ୍କିଲେ ଶ୍ରୀରାମ ଭଲ ହୋଇଲେ ତତ୍‌କ୍ଷଣ

ଚନ୍ଦ୍ର ସୂର୍ଯ୍ୟ ତେଜଲାଗି ଚକ୍ଷୁ ତେଜ ବତୁ
ଜ୍ୱାଲା ପୋଡ଼ା ଆଦି ଯେତେ ରୋଗ ଅଛି
ଛାଡୁ ଛାଡୁ ଛାଡୁ
ନ ଛାଡୁ ବୋଲି କାହାର ଆଜ୍ଞା
ଶ୍ରୀରାମ ଠାକୁରଂକ କୋଟି କୋଟି ଆଗ୍ୟାଁ

ଏହି ମନ୍ତ୍ରକୁ ତିନି ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ତିନିଥର ପଢ଼ି ଫୁଙ୍କୁଲେ ଚକ୍ଷୁବ୍ୟାଧି ଭଲ ହୁଏ।

ମୁଣ୍ଡବ୍ୟଥା -

ଓଁ ବନବାସେ ବୁଲି ବୁଲି ରାନ୍ଧୁଥିଲେ ସୀତା
କଁଚା କାଠେ ଧୂଆଁ ଉଠି କଲା ମୁଣ୍ଡ ବ୍ୟଥା
ଶ୍ରୀରାମ କହିଲେ ବ୍ୟଥା ଛାଡ଼ିଯାଅ
ଦୂରେ ନଯିବୁ ବୋଇଲେ ତୋତେ କାଟିବି ଏ ଶରେ
ଛାଡ଼ି ଯାଅରେ ମୁଣ୍ଡବ୍ୟଥା
ଛାଡ଼ ଛାଡ଼, ନ ଛାଡ଼ ବୋଲି କାହାର ରାଣ
ଶ୍ରୀରାମ ଚନ୍ଦ୍ରଙ୍କ କୋଟି କୋଟି ରାଣ।।

ଅଧକପାଲି -

ଓଁ ଈଶ୍ୱର ନେଲେ ହଳ
ପାର୍ବତୀ ନେଲେ ଭାତ
ଈଶ୍ୱରଂକ ମୁଣ୍ଡବ୍ୟଥା
ରହ ରହ ବୋଲି କାହାର ଆଜ୍ଞା
ଈଶ୍ୱର ପାର୍ବତୀଂକ କୋଟି କୋଟି ଆଗ୍ୟାଁ।

ପେଟପାଟଣା -

ଓଁ କୂଆ ପଥର ଫୁଟା ଫୁଟୁକା ଆକାଶରୁ ପଡ଼ିଲା ମାଡ଼ି
ବାୟୁଟଣା ଶୂଳରୋଗ ଯାଉ
(ଅମକର) ହୃଦରେ ନଥାଉ
ଯାଉ ଶୀଘ୍ର
ଯାଉ ଯାଉ ବୋଲି କାହାର ଆଗ୍ୟାଁ

କୀଟାଇମା ପତର ସଉରୁଣୀ, ନିତେଇ ଧୋବଣୀର କୋଟି କୋଟି ଆଗ୍ୟାଁ। (କେତେ ଗୁଡ଼ିଏ ଗୋଳମରିଚ ଆଣି ଉକ୍ତ ମନ୍ତ୍ରରେ ଏକୋଇଶ ଥର ଅଭିମନ୍ତ୍ରିତ କରି ସେହି ମରିଚ ମଧ୍ୟରେ କେତୋଟି ରୁକୁଣା ହାତ ପୋଛା ପତ୍ର ମିଶାଇ ବାଟି ସେବନ କଲେ ପେଟଟଣା ଭଲ ହୁଏ।)

ରଚ୍‌କା-

ଓଁ ସାତ ପର୍ବତ ନଉ ଖୋଳ
ତହିଁରେ ଫୁଟିଛି ସେବତୀ ଫୁଲ
ଫୁଲ ତୋଳୁ ତୋଳୁ ପଡ଼ିଲେ ଡେଇଁ
ରଚକା ଧରି ଗୋଡ଼ ରଲିଲା ନାଇଁ।
ଯୋ ରଚକା ଯା,
କନ୍ଦି ବିକନ୍ଦିରୁ ଛାଡ଼ି ଯା
ଯାଉ ଯାଉ, ନ ଯାଉ ବୋଲି କାହାର ଆଗ୍ୟାଁ
ଶ୍ରୀରାମ ଠାକୁରଙ୍କ କୋଟି କୋଟି ଆଗ୍ୟାଁ।

ଶଲ୍ ନିବାରଣ-

ଓଁ ଶଲଶଲ ମା' ମାହେଶରୀ ଶଲ
ଦେବା ଦେବୀଙ୍କର ଶଲ,
ସେମିଲି ଶଲ, ଉତୁର ହେ ଶଲ
ଉତୁର ବୋଲି କାହାର ଆଗ୍ୟାଁ
ଶ୍ରୀ ଈଶ୍ୱର ପାର୍ବତୀଙ୍କ କୋଟି କୋଟି ଆଗ୍ୟାଁ।

ସ୍ତ୍ରୀଙ୍କର ଫୁଲ ପଡ଼ିବା -

ଓଁ ହରି ପଚାରନ୍ତି ସହଦେବ ଭାଇ
(ଅମକାର) ଫୁଲ ନ ପଡ଼ିଲା କାହିଁ।
ଫୁଲ ଫୁଲ ହୋଇ ଉଜୁଲାଇ ଆସୁ
ଆସିବୁ ବୋଲି କାହାର ଆଜ୍ଞା
ହରି ସହଦେବଙ୍କ କୋଟି କୋଟି ଆଗ୍ୟାଁ।

ଭୂତପ୍ରେତ ଖେଦାମନ୍ତ୍ର-

ଓଁ ହୁଁକରି ହନୁମାନ ହୁଁକାର ଦେଲା
ତାହା ଶୁଣି ମେଦିନୀ ଥରହର ହୋଇ କମ୍ପିଲା
କାହିଁକି ହୋ ନିଶାଚୁଣି କାହିଁକି ମତେ
କାର୍ଯ୍ୟଥିବା ନିମନ୍ତେ ହୋଇ ଗୁରୁ ଡାକିଲି ତତେ
ଖେଦରେ ଖେଦ ମୁହଁ ଫୂଲିକୁ ଖେଦ
ଖେଦି ନେଇ, ଛେଦି ମାର
ସାତ ସମୁଦ୍ର ଷୋଳଧାର ଲଙ୍କାରୁ ପାରକର
ପାର କର ବୋଲି କାହାର ଆଗ୍ୟାଁ
ଶ୍ରୀରାମ ଲକ୍ଷ୍ମଣ ସୀତାଂକର ଆଗ୍ୟାଁ
ଏତେ ଦେବତାଂକ କୋଟି କୋଟି ଆଗ୍ୟାଁ।।

ଭୂତପ୍ରେତ ବନ୍ଧନ ମନ୍ତ୍ର -

ଓଁ ବାନ୍ଧୁ ବାନ୍ଧୁ, ସର୍ଗମଞ୍ଚ ପାତାଳ ବାନ୍ଧୁ
ଭୂତପ୍ରେତ ମଶାଣି ବାନ୍ଧୁ, ତଣ୍ଟାଇ ବାନ୍ଧୁ
ଚାରି ଦିଗକୁ ବାନ୍ଧୁ, ବାନ୍ଧୁ ବାନ୍ଧୁ ବୋଲି

କାହାର ଆଗ୍ୟାଁ, ଅଭୟ ନରସିଂହଙ୍କର
କୋଟି କୋଟି ଆଗ୍ୟାଁ।

ସର୍ପ ବିଷ ଝଡ଼ା ମନ୍ତ୍ର -

ଓଁ ଧଣ୍ଡି ଧଣ୍ଡି ଧନ ଫୁଲୁକା ଧଣ୍ଡି
ବାନ୍ଧି ଗଲି ଲଙ୍କା
ମୋର ଧଣ୍ଡି ଥାଉ ବର୍ଷେ ଛଅ ମାସ
ମୁଁ ଯାଉଛି ସିଦ୍ଧଗୁରୁ ନିକେ
ସିଦ୍ଧ ଗୁରୁନୁ ଫେରିବି ଯେବେ,
ଧଣ୍ଡି କାଟି ବିଷ ଝାଡ଼ିବି ତେବେ।
ଝଡ଼ ଝଡ଼ ବୋଲି କାହାର ଆଗ୍ୟାଁ,
ଈଶ୍ୱର ପାର୍ବତୀଂକ କୋଟି କୋଟି ଆଗ୍ୟାଁ।।

ପୋକଝଡ଼ା ମନ୍ତ୍ର -

ଓମ୍ ହରି ସହଦେବ ଗଲେ ଗୋଷ୍ଠ
ତହିଁ ଦେଖିଲେ ଅଂଶେଇ ପୋକ୍
ଅଂଶେଇ ମରୁ, ପୋକ ଝଡୁ
ପୋକ ଝଡୁ ଝଡୁ,
ନ ଝଡୁ ବୋଲି କାହାର ଆଗ୍ୟାଁ
ହରି ସହଦେବଙ୍କ କୋଟି କୋଟି ଆଗ୍ୟାଁ।

ରୋଗ ନିବାରଣ ମନ୍ତ୍ର -

ଓମ୍, ମନ୍ଦର ଗିରି ପର୍ବତେ ନକୁଳ ଚରାନ୍ତି ବାଛୁରି
ବିଲଙ୍କା ଉଡ଼ି ଘେନି ଖିର ସମୁଦ୍ରେ ଦିଅନ୍ତି ପାଣି
ଗାଁର ପୁଅକୁ ରୋଗ ପଡ଼ିଲା,
ମୁଁ ଜାଣଇ, କହୁ ଅଛଇ ରୋଗର ନାମ
ହାବୁଡ଼ା ବସନ୍ତ, ଜୟ କାଣ୍ଡ, ତ୍ରିକୁଟିଆ,ସାପ, କାତିଆ
ଲହସା, ଫାଟୁଆ, ଘୁମୁଘୁମିଆ, ହାବୁଡ଼ା, କାଳୀ ବସନ୍ତ
କାଳୀ କୁପଟ, ସାତ ଗୋଟି ଛେରା, ଅଷ୍ଟ ଗୋଟି ବାଡ଼ି
ପଳାରେ ରୋଗ ଅନ୍ତର୍ଗତ ଛାଡ଼ି।
ଅନ୍ତର୍ଗତ ନ ଛାଡୁ ବୋଲି କାହାର ଆଗ୍ୟାଁ ?
ଶ୍ରୀ ନକୁଳ ସହଦେବଙ୍କର କୋଟି କୋଟି ଆଗ୍ୟାଁ।

ଜ୍ୱର ତୁଟୁକା ମନ୍ତ୍ର -

ଓମ୍, ପାରବତୀ ବୋଲନ୍ତି ଶୁଣହେ ଈଶ୍ୱର
ବୃଷଭ ଗୋଟାକୁ ତୁମର କରିଅଛି ଜ୍ୱର ନ ଖାଏ ଆହାର।
ଦେହରେ ସୁସ୍ଥ ନାହିଁ,
ବୃଷଭ ଅଙ୍ଗରେ ରୋଗ ବେଢ଼ିଲେକ ଯାଇ
ଶିରି ଶିଙ୍ଗୁଲି ଚର୍ମରୁଧିରେ ରହିଲେକ ଯାଇ
ତହୁଁ ଈଶ୍ୱର ବେଗେ ଚଲିଗଲେ....
ସମସ୍ତ ରୋଗୀମାନଂକୁ ଶିବ ଆଳରେ ପୁରାଇଲେ
ଲଂକା ସମୁଦ୍ରେ ନେଇ ଛାଡ଼ି ଆସିଲେ
ରେ ରେ ରୋଗ ଅନ୍ତରିକ୍ଷେ ଯା,
ନଗଲେ ଭସ୍ମ ଖାଇଣ ଅନ୍ତରୀକ୍ଷେ ଯା
ଏ ସୀମାନ୍ତରେ ଦଣ୍ଡେ ନଥା
ନଯାଉ ବୋଲି କାହାର ଆଗ୍ୟାଁ
ଶ୍ରୀ ଈଶ୍ୱର ପାର୍ବତୀଂକ କୋଟି କୋଟି ଆଗ୍ୟାଁ।।

(ଖ) ଓଁ ପଏରକେ ବିଷେ ଗୁରୁ
ପଏର ମେ ରହି ମରେ
ଆମର ଗୁରେନ୍ ମା
ଫଁକି ଉତାରେ ଗୁରୁ, ଝାରି ଉତାରେ।
ଆଁଠୁକେ ବିଷେ ଗୁରୁ
ଆଁଠୁକେ ରହି ମରେ
ଆମର ଗୁରେନ୍ ମା
ଫୁଁକି ଉତାରେ ଗୁରୁ, ଝାରି ଉତାରେ।
ଅଁଟାକେ ବିଷେ ଗୁରୁ
ଅଁଟାନେ ରହି ମରେ
ଆମର ଗୁରେନ୍ ମା
ଫୁକି ଉତାରେ ଗୁରୁ, ଝାରି ଉତାରେ।।

ଏପରି ପେଟ, ଛାତି, କଲଜା କଥା ଉଚ୍ଚାରନ କରି ମନ୍ତ୍ର ପଢ଼ି ସର୍ପଦଂଶନ ବିଷ ଝଡ଼ାଯାଏ।

(ଗ) ଓଁ ଆ' ବିଛି, ଯା ବିଛି, ରଦନ ବିଛି, ଗରୁଡ଼ ଚିଛି, ଛିଲପା ବିଛି, ଚାଁଟି ବିଛି, ଫଏରକା ବିଛି, କାହାର ବଲି, ଈଶଶ୍ୱର ପାରବତୀଂକ କୁଟି କୁଟି ଆଗ୍ୟାଁ। (ବିଛା ବିଷ ଉତ୍‌ରା ମନ୍ତ୍ର)

(ଛତିଶଗଡ଼ି ଭାଷାର ଏହି ମନ୍ତ୍ର - ଶୀରାମ ପ୍ରସାଦ ଭୋଇ ଦୁବାଲାବାହାଲ, ଥାନା ମେଲଛାମୁଣ୍ଡା, ବରଗଡରୁ ସଂଗୃହୀତ)

ଉପଯୁକ୍ତ ନିଷ୍ଠା ଓ ସାଧନା ଅଭାବରୁ ଏବେ ତନ୍ତ୍ରମନ୍ତ୍ର କାଟୁ ନକରୁଥିବା କଥା ଲୋକେ କହନ୍ତି। ଅନ୍ୟ କେହି ଏହାକୁ ଅନ୍ଧବିଶ୍ୱାସ ବୋଲି ବିଚାର କରିଥାନ୍ତି। ■ ■

ଘେଁସ, ବରଗଡ଼

ଶଗଡ଼ ଗାଡ଼ିର ହୁରି - ନାଇଁଆସେ ଆରୁ ଫିରି

 କ୍ଷେତ୍ରମଣି ବିଭାର

'ବେଉଁତ୍ କରି ଗୁଡ଼ା ବାନ୍ଧ୍, ତାଉତ୍ କରି ଗାଡ଼ି ଫାନ୍ଦ୍, ଇ ଗାଆଁର ଝି' ଆର ଗାଁକେ ଯିବା ହେଇ ବହରେ, ବାପର ମୁହେଁ ପାଏନ୍ ନାଇଁ, ମାଆଁର ଆଁଖି ଲହରେ' - ଇ ପଦଟା ବରଗଡ଼ ଜିଲ୍ଲାର ଗର୍ଭଣା ଗାଁଆର ଜାନେଗୁନେ ସମ୍ବଲପୁରୀ କବି ହେମଚନ୍ଦ୍ର ଆଚାର୍ଯ୍ୟଙ୍କର ବନିହାନ୍ କବିତା ଭିତରୁ ଗୁଟେ କବିତାର ପଦେ ଆଏ। ଇନ କବି ଯେନ କଥାକେ ଉବାଗର କରିଛନ୍, ସେ ଭିତରେ ଦୁଇଟା ଗଅଁଲି ଗାଁର କଥା ରହିଛେ, ଝି ସାମରଥ ହେଲା ଉତାରୁ ଗୁଟେ ଗାଁ'ନୁ ଆଉଗୁଟେ ଗାଁ'କେ ଖଟି ଯାଉଛେ ଆଉ ତାର ବଟାନି ବେଲର କଁଦନା କଥାର ସାଂଗେ ଯତନ୍ କରି ଝଟ୍‌ଝଟ୍ ଗାଡ଼ି ଫାନ୍ଦବାର କଥା ଆର ସେଥି ଗୁଡ଼ା ବାନ୍ଧବାର କଥା କୁହାଯାଇଛେ। ଇ କଥା ହେତେଇ ଦେଉଛେ ଆଘର କଥାକେ ଯେତେବେଳେ ଚାଷ କାମର ଲାଗି ହଲ ନଂଗଲ୍ ବେଭାର ହେଉଥିଲା, ଶଗଡ଼ ଗାଡ଼ିର ବେଭାର ହେଉଥିଲା । ଲୁକକର ଜୀବନ ଜିଉଁନି ସାଂଗେ ଜୁରି ହେଇକରି ରହିଥିଲା ଶଗଡ଼। ଆଏଜ କାଲିର ଗାଡ଼ି ମଟର ଲେଖେଁ ନା ଇଟା କୁହୁଲା ଛାଡୁଥିଲା ନା ପରକୁତିକେ ବିକୃତ କରୁଥିଲା। ସଂସ୍କୃତିକେ ଆଗକେ ନେବାରକେ ସାହେଜ ହେଉଥିଲା। ହେଲେ ଆଏଜ ଆର ଦେଖବାରକେ ନାଇଁ ମିଲବାର ଶଗଡ଼ କି ରୁଗଡ଼ିଆ ଧରସା ନ ତାର ହୁରି। ସୁରତାର ଫରୁଆ ଭିତରେ ରହିଛେ ଖାଲି ଧୁଂଗିଆ ହେଇ। ସେଟା ଭିଲ ଆର କେତେଟା ପିଢ଼ି ଉତାରୁ ହଜିଯିବା ସମିଆର ଚାଲତି ବାଟେଁ। ଖାଲି ରହିଯିବା ବହି ଭିତରେଁ ଫଟୁଟେ ହେଇ ଆର ଛୁଏ ପଚରାବେ ଇଟା କାଣା ଆଏ ବଲି ମାଁ ବୁଆକୁଁ।

ବଲଦ ଗାଡ଼ି ବଏଲେ ଶଗଡ଼କେ କୁହାଯାଏସି। ଯହକରି ଗାଁ ଗଅଁଲି ମାନକେ ଇଟା ପୂରବାପାତି ଦିନୁ ଯା ଆସ କରବାର ଲାଗି ଆର ଜିନିଷ ପତର ଲଦିକରି ନେବା ଆନବା କରବାର ଲାଗି ଗୁଟେ ମୁଖିଆ ସାଧନ ଥିଲା। ଇଟା କାଠଥି ବନା ଯାଏସି ଆର ଇଟାକେ ବଢ଼େଇମାନେ ବନଉ ଥିଲେ। ଭାରତୀୟ ସଂସ୍କୃତିର ଗୁଟେ ବଡ଼ଭାରୀ ଅଂଗ୍ ଥିଲା ଶଗଡ଼ ହେଲେ ବିଜ୍ଞାନର ବଢ଼ତି ସାଂଗେ ଇଟା ସମିଧାର ଧାରେ ଆଏଜକାଏଲ ଲୁକି ଗଲାନ। ହେଲେ ଦିନ୍ ଥିଲା ଯେତେବେଳେ ଆମର ଦେଶେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଥାପନା କରାଗଲା ଇ ଶଗଡ଼ ଗାଡ଼ିଥି ରକେଟ ଭିଲ ନିଆଅନା କରାଯାଉଥିଲା। ଏଛେନ ଖାଲି ରହିଯାଇଛେ ସିନେମା ମାନକେ ଆର ଲୋକକଥାମାନକେ। ହିନ୍ଦୀ ସିନେମାଥି ଶଗଡ଼ ଗାଡ଼ିକେ ନେଇକରି କେତନିକେତେ ଲୋକପ୍ରିୟ ଗୀତ ବନା ହେଇଛେ। ଆମର ଓଡ଼ିଆ ସିନେମା ଜଗା ହାତରେ ପଘାଥି ଗୁଟେ ବହୁତ ଲୋକପ୍ରିୟ ଗୀତ ଅଛେ - ରୂପା ଶଗଡ଼ିରେ ସୁନା କନିଆଁ ଯେନ୍ ଗୀତକେ ଗାଇଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ମହମ୍ମଦ ଅଜିଜ। ଇ ଗୀତ ମନର କରପନେ ଏନ୍ତା ବସିଯାଇଛେ ଯେ ସେଟା ଯାଏଯୁଗ ତକ ଆମର ମନ ଭିତରେ ରହିଥିବା।

ଆମର ଦେଶ ଭାରତ ହେଉଛେ ଚାଷ ପ୍ରଧାନ ଦେଶ। ଚାଷ ଆମର ଦେଶର ଅର୍ଥନୀତିର ମେରୁଖୁଁଟ୍। ଚଷାମାନେ ଆଘ ଝନାଥି ଖତ୍ ଦୁହୁରାବାର ଲାଗି, ଖେତୁଁ ଧାନଭରା ବୁହିକରି ଖଲାକେ ଆନବାର ଲାଗି ହେଉ କି ହୁଁଡ଼ଲଥି ଧାନ ବୁହି ଘରକେ ଆନବାର ଲାଗି ଶଗଡ଼ ବେଭାର କରୁଥିଲେ। ଗାଁ ଗହଲି ନ ଫି ଘରେ ବଲଦ୍, ପୋଢ଼, ଗାଏ ଛେଲ ମେଢ଼ା ରଖୁଥିଲେ। ସଖାଲ ପାଏଲେ ଗୋବରକେ ସାଉଁଟି କରି ଠାନ୍

ଠାନ ଖତଗଦା ନ ଗଦେଇ ଦେଉଥିଲେ। ସେଟା କୁହିକରି ଖତ ହେଉଥିଲା। ସେ ଖତକେ ଶଗଡ଼ଥି ବାଉଁଶର ତିଆର କରାହେଲା ଝନାଥି ଲଦି ଖେତକେ ନେଉଥିଲେ। ସେଟାକେ ଜମିନଥି ଝିଁଟିକରି ଧାନ ଚାଷ କରୁଥିଲେ ଯେ କେଁଡ଼ା କେଁଡ଼ା ଧାନ ଲଦି ହେଉଥିଲା। ସେଟା ଖାଏବାରକେ ସୁରୁତ ଲାଗୁଥିଲା। କିରା ପଟଂଗା ଲାଗୁଥିଲେ ଲିମ୍ ପିରୁଆ, ଲିମ୍ କରଞ୍ଜ ତେଲ୍ ଝିଟୁଥିଲେ। ଆଜକାଏଲ ବାଗିର ରାସାୟନିକ ସାର ଆର କୀଟନାଶକ ବେଭାର କରା ନାଇଁହେଉଥାଇ। ହେତିର ଲାଗି ସେ ଧାନର ଚାଉଲ ଯେତକି ସୁଆଦ ଲାଗୁଥିଲା ହେତକି ଦିହିଁକେ ହିତ ଲାଗୁଥିଲା। ତାର ବାହାରେ ଆଁଟମାନକେ ଖତ ମୁଠେ ମୁଠେ ଦେଇ ମୁଗ, ବିରହି, କୁଲୁଥି, ରାଏଶ୍, ମୁଗଫୁଲି ଜଗଉ ଥିଲେ। ସେସବୁ ଡାଲି ଜାତିଆ ଫସଲ ଘରେ ରାଁଧଲା ବେଳକେ ପରାଘରା ମଗମଗେଇ ଯାଉଥିଲା। ତାର ସୁଆଦ ଆଝିର ଦିନେ କାହିଁ ପାଏଲ।

ଧାନ କଟା ବେଳକେ ପେଟା ପଡୁଥିଲା। ପେଟା ଧାନ ଖରାଥି ଦିନେ ଦୁଇଦିନ ଶୁଖଲା ଉତାରୁ ସେଟାକେ ଭରା ବାନ୍ଧୁଥିଲେ। ସେ ଭରାକେ ଶୁଏଲଥି ଇଫାଲେ ଭରେ ଆର ସେଫାଲେ ଭରେ କରି ଖଁଦେ ବୁହି ଖଲାକେ ଆନୁଥିଲେ। ଶଗଡ଼ ବେଭାର କଲା ଦିନୁ ଭରାମାନକେ ଶଗଡ଼ଥି ଲଦିକରି ଖରି ବନଉଥିଲେ। ଯେନଟା ଅଛରେ ଦୁଇ ଅଛରା ବରଷାନୁ ଧାନକେ ବଁଚେଇ ରଖୁଥିଲା। ଉସାର ପିସାର ଗୋଲ ଖଲାର ମଝାମଝି ମେରଖୁଁଟା ଗାଡୁଥିଲେ। ସେନ ଦାଇଁଥି ଖଲାଜାନି ଦଶ ପଟ୍ ବାର ପଟ୍ ବଲଦ ଫାନ୍ଦି ମାଡ଼େନ ପକଉଥିଲେ। ପୁଆଲ ଅଁଛୁ ଥିଲେ। ବେଁଟ ମାରୁଥିଲେ। ମାଡ଼େନ ସରି ଆସବାର ଆଘୋନୁ ଗୁଟେ ମନ୍ତର ପଢୁଥିଲେ - 'ଝର ଝର ଝର, ଯିଏ ଝର୍ବ ଝର, ଯିଏ ନାଇଁ ଝର୍ବ କୁମ୍ଭାର ଘରର ଉଆ ଶାଲେଁ ପୁଡ଼ି ମର୍ବ'। ଧାନ ମଡ଼େଇ ସାରଲେ କୁଟା ପୁଆଲ ଆର ପୋଲକେ ଅଲଗା କରବାର ଲାଗି ମଡ଼ାଲା ଧାନକେ କୁଲାଥି ଧାନ କୁଲେ ଧାନକେ ମୁଡ଼୍ ଉପରୁ ତଳକେ ପକେଇ ଧୁକିକରି ଅଧା ଜନ୍‌ଲେଖେଁ ଲମେଲମ୍ ବେନି ପକଉଥିଲେ। ଅବଗା ପୁରୁଟ୍ ଧାନକେ ଲୁଦର ମାନକେ ଲଦିକରି ଘରକେ ଆନି ବେଁଟ୍ ଗୁରହେଇ କରି ପୁରା ବାନ୍ଧି ବେଉଁତ୍ କରି ରଖୁଥିଲେ। ଧାନ ଯେତକି ଜୁନହାଁ ହେଉଥିଲା ସେ ଚାଉଲ ସେତକି ସୁଆଦ୍ ଆର ଉଶାସ ଲାଗୁଥିଲା। ସେତେବେଳର ବାସି ପଖାଳର ଆମ୍‌ଚୁରଚୁର କହଁର ସୋର କଲେ ମନଗହନେ ମଲୀଫୁଲ ବଗବଗାନୁ ଫୁଟି ଯାଏସି, ମଲୀ ଫୁଲର କହଁର ମଗମଗେଇ ଯାଏସି ନୁନ ମିରଚା ଗୁଲିକରି ଉଏଲ ସାଂଗେ ସରପୋ ସରପୋ ଖାଇ ଚଷା ମଏଧାନ ତକ ଚାଷ କାମେ ଲାଗିଯାଉଥିଲା। ଏଛେନ ସେ ସୁଆଦ ସାତ୍ ସପନ ହେଇଗଲା ନ। କହେସନ ନାଇଁ କାଏଁ - ସେକାଳ ପଖାଳ ଆଉ କାହିଁ ?

ଝି ଜନମ୍ ପର ଘରକେ ବଲି କଥାଟେ ଅଛେ। ମା ଘରେ ଝି ଜନମ ଜାତ ହେସି। ହଁସିଖେଲି ବଢ଼ସି, କେତେ କଥା ଶିଖସି, ଜାନସି, ସାମରଥ ହେସି। ଘରକରନା ଶିଖସି। ରନ୍ଧାବଢ଼ା, ପିଠପନା ବନା ଶିଖସି, ଝୁଟି ଅଲପିନା ଦେବାର ଶିଖସି। ଲେତାଗୁତାକୁଁ ମାଏନ ବେଭାର ଦେବାରନୁ ନେଇକରି ସବୁ ମେତରି ସଂସ୍କାର ଭିଲ ଶିଖସି। ହାତେ ଗୁଡ଼େ ଗୁଦନି କୁଟେଇ ହେସି। ରାମାୟଣର ସୀତା ମାତା ଲେଖେଁ ଦୁଖ ସହେବାର ସବୁ ଗୁନକେ ବାଟିକରି ପିଇ ଯାଏସି। ମା' ଘରୁ ଶାଶ ଘରକେ ବହ ହେଇ ଯାଏସି। ମା ଘରର ଶିକ୍ଷା ଶାଶ ଘରେ ପରୀକ୍ଷା ଦେସି। ଗୁଟେ ଅଜନା ଅଶୁନା ପିଲାର ହାତ ଧରି ସାରା ଜୀବନ କାଟିନେସି। ଶାଶ ଶଶୁର ତାର ମା ବାପ ବନି ଯାଏସନ୍। ହେଲେ ଜନମ କଲା ମା ବାପକେ, ରକତର ଲେତାଗୁତା ଭାଇ ବହେନକେ ସେ କେଭେ ପାସରି ନାଇଁ ପାରେ। ଦୁହି କୁଲକେ ଉଦ୍ଧାର କରସି। ହେତିର ଲାଗି ଝି କେ ଦୁହିତା - ଦୁହି କୁଲର ହିତା କୁହାଯାଏସି। ଯେତେବେଳେ ବରପିଲା କନିଆଁ ଟୁକେଲ ଘରକେ ବରାତି ଯାଏସି ସେଇ ଶଗଡ଼ ଗାଡ଼ିଥି ଯାଉଥିଲା। ବିହାଘର ସରଲା ଉତାରୁ ଗୁଡ଼ା ବନ୍ଧା ଶଗଡ଼ ଗାଡ଼ିଥି କିଆଫୁଲିଆ ଜନକଉକିଆ ରାତି ବୁହାସେନ ଟୁକେଲ ତାର ବର ଘରକେ ବସିକରି ଆସୁଥିଲା ଶଗଡ଼ ଗାଡ଼ିଥି ମନେ ମୁଠେ ସପନ ନେଇ। ବଲଦ ମାନକର ବେଁକେ ଘୁଲଘୁଲା ବାନ୍ଧିକରି ଘୁଲୁର ଘୁଲୁର ଶବଦ କରି ଗାଡ଼ି ଯାଉଥିବା ଆର ସେଥି ହଲିଆ କୁଠିଆ ଆଗାଡ଼େ ବସି 'ରାମ ଯେ ଲଇଖନ ଗଲେ ମୁର୍‌ଗ ମାରି...' ହଲିଆ ଗୀତ ଛୁଟାବାର କଥା ଏଛେନ ଭିଲ ସୋର ପଡ଼ିଯାଉଛେ। ହେଲେ ସେ କଥା ଆର ଏଛେନ କାହିଁ ?

ସେତେବେଳେଁ ଝାର ଜଂଗଲ ଗଛଖୁଁଟଥି କଡ଼କଡ଼ଉ ଥିଲା। ବାଘ, ଭାଲୁ, ହାତୀ, ସମ୍ବର, ମିରିଗ୍, ଚିଥଲ, କୁରରା,

ବରହା, ଖରା, କୁଲହିଆ, କୋକବଲୁଆ, ଲେଞ୍ଚା ଖେଳ ଖେଳୁଥିଲେ। ଜଜବଜ କାଠ ମିଳୁଥିଲା। ଘର ବନାବାର ଲାଗି ପାଟି, ଚନଖା, ଦଲମ, ଉରା, କଏଁଚି ବନାବାର ଲାଗି ଝାରୁଁ ଗଖା ଗଖା କାଠ ଖଁଡ଼ ଶଗଡ଼ ମାନକେ ଲଦିକରି ଆନୁଥିଲେ। ଚୁଏଲ ଜାଳି ରନ୍ଧା କାମ କରବାର ଲାଗି ହଉ କି ଭୁଜିଭାତି ଲାଗି ହଉ, ଶଗଡ଼ଥି ଶୁଖା କାଠ୍ ଲଦି ଆନି ବଛରକର କାଠ ଠୁଲେଇ ରଖୁଥିଲେ। ଇତାର ବାହାରେ ଯେନମାନେ ବନିଜ ବେଉସା କରୁଥିଲେ, ସେମାନେ ଭିନ୍ ଭିନ୍ ଦରବ ଲଦିକରି ଶଗଡ଼ଥି ହାଟକେ ହାଟ ନେଇ ଯାଉଥିଲେ।

ଇନ ଯେନ ଶଗଡ଼ର କଥା କୁହାଯାଉଛେ ସେ ଶଗଡ଼କେ ବନାବାର ଲାଗି ବଢ଼େଇମାନେ ହଉନ୍ କି ଯେନମାନେ ଟିକେରଁଚେ କାଠ କାମ ଜାନିଥିସନ ସେମାନେ ଛାଟ୍‌ପାଟ୍ ଆର ଲମ୍ ସେନ୍‌ହାଁ ନାହେଁ ତ ରେଂଗାଲ୍ ଗଛକେ କାଟି ବାରେସଥି ଛାଁଚି ରନ୍ଦା ମାରିକରି ଚାଏରଖୁଟିଆ ଡଁଡ଼ା ବନାସନ୍। ଇ ଡଁଡ଼ାହଲ ଯହକରି ସାଢ଼େ ନ ହାତର ଲମ୍ ହେଇଥିସି ଆର ସେନହାଁ ଆର ରେଂଗାଲ ଗଛର ଲାଗି ବଏତର ଯାଏସି। ଆଗଆଡ଼ର ଜୁଡ଼େନକେ ଚନ୍ଦାମୁଡ଼ି ନାହେଁତ ଧୁରାମୁଡ଼ି କୁହାଯାଏସି। ଆଗ ଫାଲଟା ସାଁକୁର ହେଇ ପଛ ଫାଲଟା ଉସାର ହେତେଲ ଯାଇଥିସି। ଇମୁଡ୍ଡୁ ସେମୁଡ଼ ତକ ଦେଖମା ବଏଲେ ସେଟା ଇଂରାଜୀ ଅଏଖର 'ଏ' ଲେଖେଁ ଦିଶସି। ଡଁଡ଼ା ତଲେ ଠିକ ମଝଗତିଆ ଗୁହୁରିଆ, ଧାତୁକ୍ ନାହେଁ ତ ବରଂଗା ଗଛର ସିଟି ଲଗାସନ୍। ଘୁରେନଥି ବତା ବାନ୍ଧଲା ଲେଖେଁ ସିଟି ଡଁଡ଼ାକେ ବରକସ କରସି ଆର ଆଧୁନିକ ମଟରଗାଡ଼ି ମାନକେ ଲାଗୁଥିବାର ସକ୍‌ଅବ୍‌ଜର୍ ଲେଖେଁ କାମ କରସି। ସିଟିର ମଝଗତିଆ ଅଛାଁଡ଼୍ ବନ୍ଧା ଯାଏସି। ଅଛାଁଡ଼୍‌ର ଦୁହି ତରା ଚକା ଲଗାଯାଏସି ଆର ଲୁହା ନାଇଁ ହେଲେ କାଠର କାନଖିଲା ଦେଇକରି ଚକାମାନକେ ଛେକା ଯାଏସି। ଚକାର ଆରା, ପୁଟି, ତୁମ୍ବି ରେଂଗାଲ, ସେରସୁଆଁ, ବମୁର ଗଛର ମଂଜଥି ବନାହେସି। ତୁମ୍ବିଥି ସମା ଆର ଲୁହାର ଲାଳି ଲଗାଯାଏସି। ଆରା, ପୁଟି, ତୁମ୍ବି ବନାବାର ଲାଗି ଯହକରି ବମୁର କି ରେଂଗାଲ ଗଛ ବେଭାର କରାଯାଏସି। ପୁଟିମାନକେ ଜୁଡ଼ବାର ଲାଗି ଲାଗି ଅଁଧାରି ଖୁଁଟି ଲଗାଯାଏସି। ତୁମିର ଦୁହି ତରା ଭାଉଁରେ ଲୁହାର ରିଂଗ୍ ଲଗାଯାଏସି ଯେନଟାକେ କାଟୁ କୁହାଯାଏସି। ପୁଟିର ଉପରେ ଲୁହାର ତାର ଚଘା ଯାଏସି। ସିଲି ଚକାର ଆଘ ଫାଲେ ଢକର ଲାଗସି। ଇଟା ବଲଦର ଖୋର ଆର ଧର୍‌କେ ବଁଚାସି । ଡଁଡ଼ାଥି ଦୁଇ ତିନ୍ ଫୁଟ ଛାଡ଼ି ଛାଡ଼ି ଫୁଲେନ ବେଧ୍ ଆର ପଛରଲା/ପରଛେଲ ଲଗା ଯାଏସି। ମଝି ପାଟଖି ଆର ଆଡ଼ଖି ଲଗାଯାଏସି। ଚନ୍ଦାମୁଡ଼ିନୁ ପରଛେଲ ତକ୍ ମଝି ଦୁଇ ଫାଲ ଲେଖା ଚିରା ହେଇଥିବାର ବାଉଁଶ ନାହେଁ ତ ଧଉଁରା ବାଡ଼ି ଗୁଁଥା ଯାଏସି । ଡଁଡ଼ା ଉପରେ ବେଧିକରି ଛଡ଼ା ଛଡ଼ା କେରଂଗେଲା ମାନ ଲଗାଯାଏସି, ଦୁହିଫାଲେ ତିନ ତିନଟା। ଧୁରାମୁଡ଼ି ଉପରେ ଜୁଏଡ଼୍ ବାନ୍ଧିକରି ବଲଦ ନାହେଁ ତ ପୋଢ଼ ଫନ୍ଦା ଯାଏସି। ଜୁଏଡ଼ର ଭିତରି ଫାଲେ ପରଚେଲ ଆର ବାହାରି ଫାଲେ ସେମଲିଆ ଖୁଁଟି ଲଗାଯାଏସି ଯେନତା ବଲଦ କି ପୋଢ଼ ବୁଚଡ଼ି ନାଇଁଯିବେ। ଜୁଏଡ଼କେ ମଝି ରଖବାର ଲାଗି ମଝଗତିଆ ଲୁହାର ଗୁଟେ ଖୁଁଟି ଲଗା ହେଇଥିସି ଯେନଟାକେ ତଏର ଖୁଁଟି ବଲି କୁହାଯାଏସି। କଦେଲ ପତର ନାହେଁତ ନଡ଼ିଆକତାକେ ପୁଡ଼େଇ କରି ସେଥି ତୁରିତେଲ ମିଶେଇ ଅଂଗେନ ତିଆର କରାଯାଏସି ଯେନଟାକେ ଚକାର ସମାଥି ଦିଆଯାଏସି। ଅଂଗେନ ଦେଲେ ଚକା ସରଲି କରି ଘିଡ଼ଘିଡ଼ାତେଲ ଚାଲସି।

ସବୁନୁ ବଡ଼ କଥା ହେଲା ଇ ଶଗଡ଼ ଗାଡ଼ିଟେ ହେଲେ ଭିଲ କୁହୁଲା ନାଇଁ ଛାଡୁଥାଇ କି ପରିବେଶକେ ଖିନଭିନ ନାଇଁ କରୁଥାଇ। ହେଲେ କେତନିକେତେ କାମେ ଆସୁଥିଲା। ଏଛେନକା ଯେତକି ଭିଲ ଗାଡ଼ି ମଟର ବନା ହେଇଛେ ଆର ମୁନୁଷ ସବୁ କାମ ସୁପଟେ ସୁପଟେ କରବାର ଲାଗି ଇ ସବୁର ବେଭାର କରୁଛେ ସେଟା ପାଏନକେ, ପବନକେ, ପରିବେଶକେ ନସେଇ ବିଗଡ଼େଇ ଦେଉଛେ। ଯେନଥିର ଲାଗି ଦିନୁ ଦିନକେ ଜଳବାୟୁ ବଦଲି ଯାଉଛେ, ପୁରଥିର ତପତ ବଢ଼ତେଲ ଯାଉଛେ। ଗରଡି, ମରଡି ହେଇ ଅକାଲ ପଡୁଛେ। ହେଲେ ଆମେ ତ ନରଦିବାରଥି ପହଦି ଗଲୁଁ ନ, ଚାଲି ଚାଲି ଯା ବଏଲେ ଆମେ ପଛେ ପଡ଼ିଯିବାର ଡରଟେ ଘାରୁଛେ। ଭଲେ ପଛେ ଆମକୁ ନିରମଲ ଧୁକା ଟିକେ ଲାଗି କି ପରଛଲ ପାଏନ ଟିକେ ଲାଗି ଧାଏଡ଼୍ ହେଇ କମ୍ପାନୀ ବନାଲା ମିସିନ ଘିନବାରକେ ପଡୁ ସେଥିର ଲାଗି ପରବାଏ ନାଇଁ। ହେଲେ ଆମେ କେଭେ ଆର ଚିଁତା ନାଇଁକରୁଁ ଯେ

ଫେରଘାଏ ଫିରିଆସୁ ଶଗଡ଼ ଗାଡ଼ି ଆର ରୁଗଡ଼ିଆ ଧରସେଁ ଦିଶୁ ତାର ହୁରି ।

ଛୁଆବେଳେ ଇସକୁଲେ ବିଖ୍ୟାତ ଓଡ଼ିଆ କଥେନକାର ଗୋଦାବରୀଶ ମହାପାତ୍ରକଁର 'ମାଗୁଣିର ଶଗଡ଼' ପଢ଼ିଛୁଁ। ସେଥିର କେତେଟା କଥା ଯେନଟା ତନମନକେ ହଦମଦେଇ ପକାସି ସେ ଭିତରୁ ଗୁଟେ ଜୁଡ଼େ ଉତରେଇ କରି ସୁରତା ପକେଇ ପାରମା - 'ମାଗୁଣିର୍ ଶଗଡ଼୍ ଆର୍ ବଲଦ୍ ହଲ୍ ଖଲିକୋଟର୍ କେଡ଼୍ନି କେଡ଼େ ଇତିହାସ୍ ନାଇଁହେଲେଁ ଘଲେ ସେ ଇତିହାସର୍ କେତେଟା ଫରଦ୍ ବଲିଁ କହିପାର୍ମା । ସେ ଇତିହାସ୍ନୁ ଜନା ପଡ଼୍ସି, ମାଗୁଣିର୍ ଇ ଶଗଡ଼୍ ରାଏଜର୍ ସମ୍କୁ ଚିହ୍ନିଛେ । କେତେ ବାଲୁତ୍ ରାଆଁଡ଼ି ଇଥିଁ ବସିକରି ଶାଶ୍ଘରୁଁ ବାପ୍ ଘର୍କେ ଫିରିଛନ୍ । କେତେ ଅଏତି ନୂଆ ଭୁଆସେନ୍ ବାପ୍ଘରୁ ଶାଶ୍ଘର୍କେ ଯାଇଛନ୍ । ମାଲ୍ଗୁଜାରି ନାଇଁ ଦେଇ ପାର୍ଲା ବଲିଁ ମଂଡଲ୍ ଗାଁ'ର୍ ଗଦା ରାଉଲ ଯେନ୍ଦିନ ଜହଲ୍ ଗଲା, ସେହି ଦିନ ତା'ର୍ ଘରର୍ ଆଲିଜାଲି ସାଜୋ ସାମାନ୍ ଇ ଶଗଡ଼୍ଥି ଲଦା ହେଇକରି ରଜାଘରର୍ କଚ୍ରି ଦୁଆରେଁ ଠୋଲ୍ କରାହେଇଥିଲା । ଯେନ୍ ଦିନ ବେନ୍ଦାଲିଆ ଗାଆଁର୍ ମଧ୍ୟୁ ରଥ ମୁନୁଷ୍ମାରୁ ବଲିଁ ପକ୍ଡ଼ା ପଡ଼୍ଲେ, ସେଦିନ ସେ ଇ ଗାଡ଼ିଥି ବସିକରି ଯାଇଥିଲେ । ଇ ଗାଡ଼ିଥି ବଘିକରି ଉକିଲ୍ ଆସ୍ଲେ ଆର୍ ରଜାଘରର୍ ସାହାପଖ୍ ହେଲେ । ଇ ଗାଡ଼ିଥି ଘଲେ ରଇତ୍ ନେତାମାନେ ହାତ୍କଡ଼ି ପିନ୍ଧିକରି କଚ୍ରିକେ ଯାଇଛନ୍ । ଇ ଗାଡ଼ି ସୁଖ୍ ଦେଖିଛେ, ଦୁଖ୍ ଭିଲ୍ ଦେଖିଛେ । କେତେ ଲୁକର୍ ଆଁଖଲ୍ଥି ଇ ଗାଡ଼ିର୍ ଶୁଖା ପୁଆଲର୍ ଗଦି ଓଲ୍ ହେଇ ଯାଇଛେ । ହଁସା ଗିଜ୍ରାଥି ଇ ଗାଡ଼ି କେତେ ଦୁଲ୍କିଛେ' ।

ତାର ଉତାରୁ ଯେନ ହିଆଫଟା ଘଟନା ଘଟିଛେ ସେଟାକେ ସୁରତାଲେ ଆଁଖଲ ତାରସୁକେ ଝରି ଆଏସି - 'ଟେସନ୍ନୁ ଗଡ଼୍ ତକ୍ ସିଂହ୍ ଘରର୍ ବସ୍ ଚାଲ୍ଲା । ମାଗୁଣିର୍ ଶଗଡ଼୍ ଭିଲ୍ ଚାଲ୍ଲା । ହେଲେଁ ବସ୍ଥି ଲୋକ୍ ଭର୍ତି ବଏଲେଁ ଶଗଡ଼୍ ପଏର୍ଛା ମେଲା । ମାଗୁଣି ଅଧ୍ରାଏତ୍ନୁଁ ଉଠିକରି ଆଗ୍ତୁରା ଟେସନ୍କେ ଅମ୍ରିଲେଁ ଘଲେ ସଭେ ବସ୍ ଆଡ଼୍କେ ମୁହୁଁଟାଲେ । ନୂଆ ବସ୍ତାର୍ ଗଦି ପକାଲେ ଘଲେ ଲୋକ୍ ନର୍ଦିଲେ ବସ୍ ଆଡ଼୍କେ । ହାତ୍ ଧରିକରି ଯେତେ ବିନ୍ତି କଲେଁ ଭିଲ୍ ଲୋକ୍ ମୁହୁଁଟାଲେ ବସ୍ ଆଡ଼୍କେ । ଦିନେ ଗଲା, ଦୁଇଦିନ୍ ଗଲା । ସେ ଆଘ ଦୁହିବେଳା ଖାଇକରି ଆସୁଥିଲା । ବେଳେ ଖାଇକରି ଆସ୍ଲା । ସେ ଭାତ୍ ଖାଇକରି ଆସୁଥିଲା, ଥିର୍ ପିଇକରି ଆସ୍ଲା । ସେ ଦୁଇ ବେଲ୍କେ ଥରେ ପିଇକରି ଆସୁଥିଲା – ଘୁଁ ଘାଁକେ ତିନ୍ ବେଲ୍ ଅଁଧାନ୍ ନାଇଁ ବସ୍ଲା । କଲିଆ ମଲିଆ ବଲଦ୍ ହଲ୍କର୍ ପଁଜ୍ରା ହାଡ଼୍ ଗନି ହେଇ ବସ୍ଲା । ସେମାନ୍କେ ଧରିକରି ଯେତେବେଳେଁ କାନ୍ଦ୍ଲା – କିଏ ଜଖା ବଏଲା ତ କିଏ ବୟ୍ହା'।

'ଯେନ୍ ଦିନ ମାଗୁଣିର୍ କୁରିଆର୍ ଟାଏଟ୍ ଭାଂଗିକରି ଗାଁ'ର୍ ଲୋକ୍ ତା'ର୍ ମୁର୍ଦାର୍ ବାହାର୍ କଲେ, ଦେଖ୍ଲେ ଯେ ଚିର୍ହା ଫଟା ଦୁସ୍ନା ତଳେଁ ପାଚେନ୍ ବାଡ଼ିଟାକେ ଶୁଏଇ ଦେଇକରି ମାଗୁଣି ଆଏଁଖ୍ ଲୁମି ଦେଇଛେ । ମସାନ୍ ପଦା ନ ଜୁଏ ଜଲ୍ଲା । ସେଥୁଁ ଉପର୍କେ ଉଠ୍ଲା କୁହୁଲାକେ ଡେହେଁକି କରି ଚେରେମାନେ ଆକାଶେଁ ଉଡ଼ିଗଲେ । ସଁସାରର୍ ଦୁଇଲାଖ୍ ଲୋକ୍ ସେ ଖବେର୍ ପାଇକରି ବଏଲେ – 'ଆହା, ମାଗୁଣି ମରିଗଲା' !'

ହେଲେ ଆଏଜ ମାଗୁଣି ନାଇଁ ନ କି ତାର ଶଗଡ଼୍ ଭି ନାଇଁ ନ। ନା ମାଗୁଣି ଲାଗି ଆମେ ବିସମାଦ ଆଉଁ ନା ଶଗଡ଼ ଲାଗି । ■ ■

ସୁମିକ୍ଷେତ୍ର, ପ୍ରଗତି ବିହାର
ସମ୍ବଲପୁର, ମୋ-୯୧୭୮୭୨୦୫୦୬

संबलपुर लोक-महोत्सव : दशा और दिशा

✍ शिव प्रसाद मेहेर

समृद्ध लोककला और संस्कृति को लेकर समग्र भारत में प्रत्येक राज्य का अपना स्वतंत्र परिचय है और इस संदर्भ में अपने राज्य ओडिशा की अपनी एक अलग पहचान रही है। इस संदर्भ में ओडिशा का कोणार्क महोत्सव और पुरी वेलाभूमि महोत्सव की भूमिका उल्लेखनीय, जो कि न केवल समग्र राष्ट्रीय बल्कि अंतरराष्ट्रीय स्तर पर परिचित हैं। लेकिन इस श्रृंखला में हमारी स्थानीय जनजातीय कला और लोककलाओं का किसी प्रतिष्ठित मंच पर तब तक कोई उल्लेखनीय प्रदर्शन कहीं पर हो नहीं पाया था। ऐसा एक दौर था और इस संपूर्ण विषय पर एक गहन अध्ययन और शोध कार्य उपरांत एक दीर्घ संकलित रिपोर्ट तत्कालीन संबलपुर जिलाधीश (जिलापाल) श्री नरेन्द्र मिश्र के समक्ष प्रस्तुत की गई। और साथ में प्रस्ताव दिया गया कि क्यों न अपने संबलपुर जिला में ऐसा एक लोक-महोत्सव का आयोजन किया जाए? इस प्रस्ताव पर गहन विचार उपरांत श्री मिश्र ने इसपर अपनी सहमति जताई और कहा कि इस शोधकार्य के दायरे में स्थानीय लोककला और विशेष कर जनजातीय कला और संस्कृति को भी सामिल किया जाए। मेरा दृढ़ विश्वास है कि करीब तीन दशकों पूर्व संपन्न इस शोध कार्य पर संकलित रिपोर्ट आज भी संबलपुर जिला मुख्यालय में सुरक्षित है और इस स्थानीय लोककलाओं पर हुए समृद्ध शोधकार्य को एक पुस्तक के रूप में प्रकाशित किए जाने की भरपूर गुंजाइश है। इस समृद्ध रिपोर्ट के आधार पर तत्कालीन जिलाधीश श्री मिश्र ने तत्काल जिला संस्कृति परिषद नामक एक उच्चस्तरीय समिति गठन की घोषणा की, जिसके अध्यक्ष पदमें जिलाधीश निर्धारित है। उस वर्ष गठित इस जिला संस्कृति परिषद के दो नागरिक सदस्यों में से प्रथम चयनित नागरिक सदस्य रहे श्री मुरारी मिश्र, जिनका कि संबलपुर परिक्षेत्र में कला और संस्कृति के क्षेत्र में संगठन कार्य को लेकर एक अद्वितीय परिचय रहा। यह हमारा दुर्भाग्य है कि इस जिला संस्कृति परिषद के गठन के दो वर्ष उपरांत इस कलाप्रेमी श्री मिश्र का आकस्मिक निधन हो गया। तब तक इस तीन सदस्यीय परिषद में तृतीय सदस्य के रूप में और किसी का चयन न तब हुआ और न अबतक हो पाया। अब तो उनके निधन उपरांत आजतक इसके एकमात्र सदस्य और अध्यक्ष जिलाधीश रह गये हैं। इस महत्वपूर्ण जिला संस्कृति परिषद का पुनर्गठन हेतु निरंतर हुई मांग के वाबजूद इस बारे में कुछ नहीं हो पाया, जबकि न केवल संबलपुर जिला बल्कि राज्य के इस संपूर्ण पश्चिमांचल में लोककला संस्कृति के क्षेत्र में इसके बल बहुत कुछ करने का सपना देखा गया और यह संपूर्ण परिकल्पना मात्र एक सपने में सिमट कर रह गया।

उस दौरान उक्त नवगठित जिला संस्कृति परिषद ने समग्र पश्चिमांचल के लोककला प्रेमी उत्साहीजनों को समेटने की कोशिश में आमंत्रित कर प्रथम संबलपुर लोक-महोत्सव का सफलतापूर्वक मंचन किया और इसने लोककला क्षेत्र में एक हलचल मचा दी। इसका फायदा यह हुआ कि संबलपुर लोक-महोत्सव की अपार सफलता को ध्यान में रखते हुए ओडिशा के प्रत्येक जिले में इन दिनों अपनी स्थानीय लोककला के प्रचार प्रसार हेतु महोत्सव आयोजित करने को निर्देशित किया गया।

संबलपुर लोक-महोत्सव के लिए इस अभूतपूर्व योगदान के बाद ओडिशा सरकार ने एक सुयोग्य प्रशासक के रूप में श्री नरेन्द्र मिश्र की एक पहचान बन गई। उनकी योग्यता को समझ लिया और पदोन्नति सहित उनका तबादला राज्य संस्कृति निर्देशालय में उन्हें निर्देशक नियुक्त किया गया। इसके बाद उन्हें ओडिशा के संस्कृति विश्वविद्यालय में कुलपति के पद पर नियुक्त किया गया और लोककला संस्कृति पर उनके अध्ययन, ज्ञान और परख को लेकर उनकी विशेष पहचान बन गई।

इस लोक-महोत्सव का दायरा इतना विशाल रहा कि इसके जरिए न केवल संबलपुर जिला बल्कि समग्र राज्य सहित कुछ राष्ट्रीय और अंतरराष्ट्रीय स्तर की लोककलाओं को आमंत्रित कर यहांपर सफलता सहित उनका मंचन किया गया और इसकी व्यापक पैमाने पर सराहना भी की गई। तभी उस जिला संस्कृति परिषद की विभिन्न बैठकों में यह भी तय किया गया था कि इस दौरान चिह्नित की गई विलुप्त होने की कगार पर पहुंच गए लोककलाओं का संरक्षण की दिशा में ठोस प्रयास किया जाएगा। इसके अलावा यह भी तय किया गया था कि इन विलुप्तप्राय लोककलाओं को शोकेशिंग के लिए विभिन्न प्रतिष्ठित मंच पर प्रदर्शन के जरिए उनके प्रति दर्शक के रूप में जनसाधारण के समक्ष प्रस्तुत किया जाएगा। ऐसे विलुप्त लोककलाओं के पारंपरिक कलाकार उपलब्ध न होने पर कुछ शिक्षित युवाओं को इसके लिए प्रशिक्षण दिया जाएगा। इसे ही कहते हैं प्राचीन लोककलाओं विकसित (इंप्रोवाइजड) प्रदर्शन। आज यह विकसित प्रदर्शन इतना लोकप्रिय है कि इसका चारों ओर बोलबाला है। यहां तक कि आज स्थानीय संबलपुर विश्वविद्यालय में इसके लिए एक विभाग स्थापित की गई है और इसने अनेक कलाप्रेमियों को इस दिशा में शोधकार्य सहित इसपर डॉक्टरेट करने के लिए प्रेरित किया है। इन शोधकर्ताओं की गहन प्रयास के बल पर उन विलुप्तप्राय लोककलाओं पर नीत नयी जानकारी सामने आ रही है। ऐसे तो संबलपुर लोक-महोत्सव की और अनेक उपलब्धियां गिनाई जा सकती है, लेकिन इसकी स्थापना के पीछे तय की गई मुल लक्ष्यों में से एक इन विलुप्तप्राय लोककलाओं पर गहन शोध अब अपने रंग दिखाने लगी है।

इन दिनों इस संबलपुर लोक-महोत्सव में शामिल होने और इसकी किसी उपसमिति में जगह पाने की गहन प्रतियोगिता देखने को मिल रहा है, जोकि निःसंदेह सराहनीय है। लेकिन मुझे यह लिखते हुए अफसोस है कि फिलहाल यह उन उत्साही युवाओं में से कुछ का एक मात्र लक्ष्य है कि इस बहती गंगा में हाथ धोते हुए वे कुछ रुपए बटोर ले सकें। ■ ■

पत्रकार सम्वलपुर

RELIGIOUS CONTEXT OF BARGARH DHANU YATRA

✍ Sushama Dash

